ଚିକିତ୍ସା ଶାସ୍ତ୍ରରେ ନୂତନ ବିଚାରଧାରା

ପ୍ରଥମ ଭାଗ

ଚିକିତ୍ସା ବିଜ୍ଞାନ ବର୍ତ୍ତମାନ ଗୋଟାଏ ନୂଆ ଓଲଟ ପାଲଟ ଭିତର ଦେଇ ଗତି କରୁଅଛି । ଆମର ଚିକିତ୍ସକମାନେ ବର୍ତ୍ତମାନ ଚିକିତ୍ସାର ବିଭିନ୍ନ ମତବାଦ ଭିତରେ ଏପରି ଛନ୍ନ ହୋଇ ପଡ଼ିଛନ୍ତି ଯେ, ତହିଁରୁ ବାହାରି ପ୍ରକୃତ ବାଟ ଧରିବା ସେମାନଙ୍କ ପକ୍ଷରେ ଅତୀବ କଷ୍ଟକର ହୋଇଅଛି । ଏହାର ପ୍ରଧାନ କାରଣ ହେଉଛି ଏହି ଯେ, ସେମାନେ ନିଜର ବିବେକବୁଦ୍ଧିରେ ଜଳାଞ୍ଜଳି ଦେଇ ସବୁବେଳେ ଅନ୍ଧଭଳି ପାଶ୍ଚାତ୍ୟ ପଣ୍ଡିତମାନଙ୍କର ପଦାଙ୍କ ଅନୁସରଣ କରିବାରେ ଅଭ୍ୟସ୍ତ ହୋଇ ପଡ଼ିଛନ୍ତି । ଏହା ଫଳରେ ନିଜ ଦେଶର ଚିକିତ୍ସା ପଦ୍ଧତିରେ ଯେଉଁ ସବୁ ଭଲ ଜିନିଷ ଅଛି, ତାହା ସେମାନେ ଆଦୌ ଜାଣି ପାରୁନାହାନ୍ତି । ନିଜ ଦେଶର ଲୋକେ ରୋଗଯନ୍ତ୍ରଣାରେ ପଡ଼ି ଦୁଃଖକଷ୍ଟ ଭୋଗୁଥିଲାବେଳେ ତାହାର ପ୍ରତିକାର ପାଇଁ ଆଖି ନ ବୁଲାଇ ସେମାନେ ସବୁବେଳେ ସେହି ପାଶ୍ଚାତ୍ୟ ପଣ୍ଡିତମାନଙ୍କ ବାଟ ଚାହିଁବା ପାଇଁ ଅନାଇ ବସିଅଛନ୍ତି । ସେମାନେ ଯାହା ଜାଣନ୍ତି ନାହିଁ, ତାହା ଜାଣିବା ସେମାନଙ୍କ ପକ୍ଷରେ ସତେ [illegible] ଅନୁଚିତ । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ସେମାନେ କାମ କରୁଅଛନ୍ତି । ଏହାର ଫଳ ମଧ୍ୟ ସେମାନେ ଭୋଗୁଛନ୍ତି । ନିଜର ସ୍ୱାଧୀନ ବିଚାରବୁଦ୍ଧିକୁ ପାଶ୍ଚାତ୍ୟ ପଣ୍ଡିତମାନଙ୍କ ହାତରେ ବିକି ଦେଇଥିବାରୁ ତାହା ବିନିମୟରେ ସେହି ପାଶ୍ଚାତ୍ୟ ପଣ୍ଡିତମାନେ ସେମାନଙ୍କୁ ଦୋଧାଇରେ ପକାଇଅଛନ୍ତି ।

ପ୍ରଥମେ ରୋଗର କାରଣ ନିର୍ଣ୍ଣୟ କରି ତାର ଚିକିତ୍ସା କରିବାକୁ ହେବ । ଏ ପର୍ଯ୍ୟନ୍ତ ଏହି ଶିକ୍ଷା ହିଁ ଡାକ୍ତରମାନଙ୍କୁ ଦିଆ ଯାଉଥିଲା; କିନ୍ତୁ ଏବେ ସେମାନଙ୍କୁ କୁହାଯାଉଛି ଯେ, ରୋଗର ଚିକିତ୍ସା ନ କରି ରୋଗୀର ଚିକିତ୍ସା କର, ଅର୍ଥାତ୍ ରୋଗ ସମ୍ବନ୍ଧରେ ମୁଣ୍ଡ ଖେଳାଇବା ପରିବର୍ତ୍ତେ ରୋଗୀର ପ୍ରକୃତିଗତ ଖୁଣ୍ଟିନାଟି ଆଲୋଚନା କରି ତାର ଚିକିତ୍ସା ଆରମ୍ଭ କର । ପ୍ରତ୍ୟେକ ରୋଗର ଅବଶ୍ୟ ଗୋଟାଏ କାରଣ ଅଛି; କିନ୍ତୁ ଗୋଟାଏ ପ୍ରକାର ରୋଗର କାରଣ ସବୁ କ୍ଷେତ୍ରରେ ସମାନ ନୁହେଁ । ଗୋଟାଏ ରୋଗ ଭିନ୍ନ ଭିନ୍ନ କାରଣରୁ ଭିନ୍ନ ଭିନ୍ନ ଲୋକଙ୍କଠାରେ ଜାତ ହୋଇପାରେ । ତେଣୁ ଗୋଟାଏ କାରଣରୁ ଭିନ୍ନ ଭିନ୍ନ ଲୋକଙ୍କଠାରେ ଗୋଟାଏ ପ୍ରକାର ରୋଗ ଜାତ ହୁଏ ନା । ଆମର ଡାକ୍ତରମାନେ ଏହିଠାରେହିଁ ଦୋଧାଇରେ ପଡ଼ନ୍ତି । ମାନସିକ ଅଶାନ୍ତି, ସ୍ନାୟବିକ ଦୁର୍ବଳତା ଆଦିରେ କାହାର କାହାର ପାକାଶୟରେ କ୍ଷତ (Gastric Ulcer)

Digitized by srujanika@gmail.com

ବା ଘା ହୋଇପାରେ ଓ ପାରିବାରିକ କଳହରୁ ତାହାର ଯକ୍ଷ୍ମା ରୋଗ (Pulmonary tuberculosis) ମଧ୍ୟ ହୋଇପାରେ । ପୁଣି ସେହି ମାନସିକ ଅଶାନ୍ତି ଓ ସ୍ନାୟବିକ ଦୁର୍ବଳତାରୁ ତାହାର ତାହାଠାରେ କାନସର ବା କର୍କଟ ରୋଗ (Cancer) ଭଳି ଭୟଙ୍କର ରୋଗ ମଧ୍ୟ ଉପୁଜିପାରେ । ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ ମାନସିକ ଅଶାନ୍ତି ଓ ସ୍ନାୟବିକ ଦୁର୍ବଳତା—ଏହି ଏକ କାରଣରୁ ଭିନ୍ନ ଭିନ୍ନ ପ୍ରକୃତିର ଭିନ୍ନ ଭିନ୍ନ ଲୋକଙ୍କଠାରେ ଭିନ୍ନ ଭିନ୍ନ ରୋଗ ଜାତ ହୁଏ । ଏଣିକରେ ଯେ ଶେଷ ହେଲା ତା ନୁହେଁ; ଅପ ଡାକ୍ତରମାନେ ମେଡିକାଲ କଲେଜମାନଙ୍କରେ ପଢ଼ିବାର ଅନ୍ୟ ଏ କାରଣ ଅଛି । ଏ ପର୍ଯ୍ୟନ୍ତ ସେମାନଙ୍କୁ ଶିକ୍ଷା ଦିଆ ଯାଉଥିଲା ଯେ, ସବୁ ରୋଗର ମୂଳକାରଣ ହେଉଛି ଏକ ପ୍ରକାର ଅଦୃଶ୍ୟ ଜୀବାଣୁ (Germ) । ଏବେ ସେହି ଜୀବାଣୁ ମତବାଦ ମଧ୍ୟ ବଦଳି ଯିବାକୁ ବସିଲାଣି । ସୂକ୍ଷ୍ମ ବିଚାରବନ୍ତ ଡାକ୍ତରମାନେ ଏବେ କହୁଲେଣି ଯେ, ଜୀବାଣୁମାନେ ରୋଗର ମୂଳ କାରଣ ନୁହନ୍ତି । ସେମାନଙ୍କ ମତରେ ରୋଗର ବିଶେଷ ବିଶେଷ ଅବସ୍ଥାରେ ରୋଗୀର ଦେହରେ ବିଶେଷ ବିଶେଷ ପ୍ରକୃତିର ଜୀବାଣୁ ଉତ୍ପନ୍ନ ହୁଅନ୍ତି । ତେଣୁ କୌଣସି ଏକ ବିଶେଷ ପ୍ରକାରର ଜୀବାଣୁଙ୍କ ଯୋଗେ ଯେ ରୋଗୀଠାରେ କୌଣସି ବିଶେଷ ଅବସ୍ଥା ବା ଲକ୍ଷଣ ଦେଖାଯାଏ, ତାହା ଠିକ୍ ନୁହେଁ । ଏହି ଦୃଷ୍ଟିରୁ ରୋଗର ଉତ୍ପତ୍ତି ପାଇଁ ଜୀବାଣୁଙ୍କୁ ଦାୟୀ ନ କରି ରୋଗୀର ବିଶେଷ ଅବସ୍ଥା ବା ରକ୍ତବିକାର ଉପରେ ନଜର ରଖିବା ଉଚିତ ।

ଏଥିରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ, କୌଣସି ରୋଗର ଚିକିତ୍ସା କରିବାକୁ ଗଲାବେଳେ ଗୋଟିଏ ପ୍ରକାର ନିର୍ଦ୍ଦିଷ୍ଟ ପଦ୍ଧତି ଅବଲମ୍ବନ କଲେ ଚଳିବ ନାହିଁ । ବରଂ ରୋଗର ନିର୍ଦ୍ଦିଷ୍ଟ ଲକ୍ଷଣ ବା ଅବସ୍ଥା ଉପସ୍ଥିତ ହେଲେ ତାର ଚିକିତ୍ସା ପାଇଁ ତଦନୁରୂପ ନିର୍ଦ୍ଦିଷ୍ଟ ଗୁଣଯୁକ୍ତ ଔଷଧ ବ୍ୟବହାର କରାଯିବା ଉଚିତ । ପୃଥିବୀର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଲୋକେ ବିଭିନ୍ନ ଦୃଷ୍ଟି-କୋଣରୁ ଚିକିତ୍ସା-ବିଜ୍ଞାନର ଆଲୋଚନା ଓ ଗବେଷଣା କରି ଯେଉଁ ନୂଆ ଜ୍ଞାନ ଓ ଅଭିଜ୍ଞତା ହାସଲ କରିଅଛନ୍ତି, ସେଗୁଡ଼ିକୁ ଗ୍ରହଣକରି ନେଇ ତାହାର ଲାଭ ଉଠାଇବାର ବେଳ ଏବେ ଆସି ପହଞ୍ଚିଛି । ସେହିସବୁ ନୂଆ ବିଚାର ଓ ସିଦ୍ଧାନ୍ତକୁ ଏକାଠି କରି ଅବସ୍ଥାକୁ ଚାହିଁ ବ୍ୟବସ୍ଥା ନ କଲେ ଏଣିକି ଚଳିବ ନାହିଁ । ବ୍ୟକ୍ତିଗତ ବିଚାର ଓ ଦୃଷ୍ଟିକୋଣରୁ ଚିକିତ୍ସା-ବିଜ୍ଞାନର ସବୁ ପ୍ରକାର ମତବାଦ ହୁଏ ତ ନିର୍ଭୁଲ, କିନ୍ତୁ ସମୂହ ଭାବରେ ଯେଉଁଠି ନାହିଁ, ସେଠି ସେଗୁଡ଼ିକୁ ପ୍ରୟୋଗ କଲେ ଭୁଲ ହେବାର ସମ୍ଭାବନା ବରାବର ରହୁଛି; କାରଣ ମନୁଷ୍ୟ ଗୋଟିଏ ଜଟିଳ ଜୀବ । ତେଣୁ ସବୁ ମଣିଷର ଦେହ ମନ ସମାନ ନୁହେଁ । କୌଣସି ଏକ ଔଷଧରେ ହୁଏତ ନିର୍ଦ୍ଦିଷ୍ଟ କୌଣସି ରୋଗକୁ ଆରୋଗ୍ୟ କରିବାର ଶକ୍ତି ଅଛି; କିନ୍ତୁ ସବୁ ମଣିଷ ସମାନ ହୋଇ ନ ଥିବାରୁ ସମସ୍ତଙ୍କଠାରେ ତାହା ସମାନ ଫଳ ଦେଉନାହିଁ, କି ସମସ୍ତଙ୍କର ସମାନ ରୋଗକୁ ଦୂର କରିପାରୁ ନାହିଁ । ଏଥି

କାରଣରୁ ବିଭିନ୍ନ ଔଷଧର ମିଶ୍ରଣରେ ଯୌଗିକ ଔଷଧ ଯେମିତି ଆବଶ୍ୟକ ହେଉଛି, ଚିକିତ୍ସା ପଦ୍ଧତିରେ ଯୌଗିକ ସିଦ୍ଧାନ୍ତ ବା ମତବାଦ ମଧ୍ୟ ସେମିତି ଆବଶ୍ୟକ ହେଉଛି । ଏହି ଉଦ୍ଦେଶ୍ୟ ପୂରଣ ପାଇଁ ଆମେ ଆମର ମନ ଓ ସମୟ ଖଟାଇ କାମରେ ଲାଗିଛୁ । ମନପ୍ରାଣ ଦେଇ ଅତି ବିଶ୍ୱସ୍ତ ଭାବରେ ଆମେ ସ୍ୱଳ୍ପ ଦରରେ ଜନତାର ସେବା କରୁଛୁ, ତାର ସାକ୍ଷୀ ସେହିମାନେ, ଯେଉଁମାନେ ଆମର ଦୃଢ଼ପୋଷକ ଏବଂ ଆମଦ୍ୱାରା ଉପକୃତ ।

ଚିକିତ୍ସା କ୍ଷେତ୍ରରେ କେତେମାନ ଯେଉଁ ଦ୍ୱନ୍ଦ୍ୱ ବା ବିଭ୍ରାଟ ଉପସ୍ଥିତ ହୋଇଅଛି, ତହିଁରୁ ଗୋଟିଏ ବଡ଼କଥା ଜଣାପଡୁଛି, ତାହା ହେଉଛି ଏହି ଯେ, ନିମ୍ନରେ କୁହାଯାଇଥିବା ଏକ ବା ଏକାଧିକ କାରଣରୁ ସବୁ ରୋଗର ଉତ୍ପତ୍ତି ।

(୧) ପୁଷ୍ଟିକାରକ ଖାଦ୍ୟର ଅଭାବ । ତା ଫଳରେ ଆମେ ଯାହା ଖାଉଛୁ, ତାହା ଠିକ୍ ଭାବରେ ହଜମ ହେଉନାହିଁ (ବଦହଜମ, ଅଜୀର୍ଣ୍ଣ ଓ କୋଷ୍ଠକାଠିନ୍ୟ ହେଉଅଛି) ଦେହରେ ଲାଗୁନାହିଁ ଓ ଅଦରକାରୀ ଜିନିଷ ଦେହରୁ ବାହାରି ଯାଉନାହିଁ । ବୈଜ୍ଞାନିକ ଭାଷାରେ ଏହାକୁ ପିତ୍ତଦୋଷ ବୋଲି କୁହାଯାଏ ଏବଂ ପିତ୍ତ କୁପିତ ହେଲେ ରୋଗପାଇଁ କ୍ଷେତ୍ର ପ୍ରସ୍ତୁତ ହୁଏ;

(୨) ମାନସିକ ତଥା ସ୍ନାୟବିକ ଦୁର୍ବଳତା । ବୈଜ୍ଞାନିକ ଭାଷାରେ ଏହାକୁ ବାୟୁଦୋଷ କୁହାଯାଏ ଏବଂ ଏହା ଫଳରେ ବାୟୁ କୁପିତ ହୋଇ ରୋଗ ଆକ୍ରମଣ ପାଇଁ ପଥ ପରିଷ୍କାର କରେ ।

(୩) ରକ୍ତର ଅଳତା ବା ଅଶୁଦ୍ଧି । ବୈଜ୍ଞାନିକ ଭାଷାରେ ଏହାକୁ କଫ ଦୋଷ କୁହାଯାଏ ଏବଂ ଏହା ଫଳରେ କଫ କୁପିତ ହୁଏ ।

ଖାଦ୍ୟରେ ଥିବା ପୁଷ୍ଟିକାରକ ଅଂଶ ପରିପାକ ନ ପାଇଲେ ନେତ୍ରରୋଗ ଉତ୍ପନ୍ନ ହୁଏ । ସ୍ନାୟବିକ ଦୁର୍ବଳତାରୁ ମଧ୍ୟ ନେତ୍ରରୋଗ ହୋଇଥାଏ । ଦେହରୁ ରକ୍ତ କମିଗଲେ କିମ୍ବା କୌଣସି କାରଣରୁ ଦୂଷିତ ହୋଇଗଲେ ବି ନେତ୍ରରୋଗ ହୁଏ । ଏଥିପରି ମଣିଷ ଦେହର ଓ ସବୁ ଅଙ୍ଗପ୍ରତ୍ୟଙ୍ଗ ଇନ୍ଦ୍ରିୟ ଉପରେ କୁହାଯାଇ ଥିବା କୌଣସି ଏକ ବା ଏକାଧିକ କାରଣରୁ ରୋଗଗ୍ରସ୍ତ ହୋଇଥାଏ । ନେତ୍ରରୋଗ, ଯକୃତ ଦୋଷ, କୋଷ୍ଠବଦ୍ଧତା, ଫୁସଫୁସ ହୃଦରୋଗ, କାନ, ଦାନ୍ତମୂଳର ବେଦନା, ବାତ ଯାହାକିଛି ହେଉ ନା କାହିଁକି, ସବୁ ରୋଗରେ ଖାଇବା ଓ ଲଗାଇବା ପାଇଁ କିଛି ନା କିଛି ଧରାବନ୍ଧା ଔଷଧ ଆବଶ୍ୟକ ଅଛି । କିନ୍ତୁ ରୋଗୀର ପ୍ରକୃତିଗତ ବୈଶିଷ୍ଟ୍ୟ ଆଲୋଚନା କରି ଠିକଣା ଔଷଧ ପ୍ରୟୋଗ ନ କଲେ ଚିକିତ୍ସା କେବେହେଲେ ସଫଳ ହୁଏନାହିଁ । ଖାଦ୍ୟଦ୍ରବ୍ୟ ଠିକ୍ ଭାବରେ ହଜମ ନ ହେଲେ, ଦାନ୍ତମୂଳର ରୋଗ ସାଧାରଣତଃ ହୋଇଥାଏ । ତେଣୁ ଦନ୍ତଶୋଧନ ଚୂର୍ଣ୍ଣ ପ୍ରଭୃତିର ପ୍ରୟୋଗରେ ମୋଟାମୋଟି ଭାବରେ ଦାନ୍ତମୂଳର ଉପକାର ହେଉଥିଲେହେଁ ପାକାଶୟ ଉପରେ ଅଗ୍ନି ରଖି ପରିପାକ ଶକ୍ତିକୁ ନ ବଢ଼ାଇଲେ କୌଣସିମତେ ଭଲ ହୋଇ ନ ପାରେ । ସ୍ନାୟବିକ ଦୁର୍ବଳତା କିମ୍ବା ଦୂଷିତ ରକ୍ତ ଯୋଗୁଁ ମଧ୍ୟ ଦନ୍ତରୋଗ ହୋଇ ପାରେ;

Digitized by srujanika@gmail.com

ତେଣୁ ସଫଳ ଓ ସନ୍ତୋଷଜନକ ଚିକିତ୍ସା ପାଇଁ ଉପରେ କୁହାଯାଇଥିବା ସିଦୋଷନାଶକ ଔଷଧ ପ୍ରୟୋଗ କରାଯିବା ଏକାନ୍ତ ଆବଶ୍ୟକ । ଆମ ଔଷଧ ଓ ଚିକିତ୍ସା ଏପରି ସଫଳ ଓ ସନ୍ତୋଷଜନକ ହେବାର ପ୍ରକୃତ ରହସ୍ୟ ହେଉଛି ଏହି ଯେ, ତାହା ସିଦୋଷନାଶକ । ଆମର ଯେତେ ଔଷଧ ଅଛି, ସବୁଥିରେ ରୋଗ ନିବାରଣ ହେବା ସଙ୍ଗେ ସଙ୍ଗେ ରୋଗୀର ବଳାଧାନ ମଧ୍ୟ ହୁଏ । ରୋଗକୁ ଦୂର କରିବା ସଙ୍ଗେ ସଙ୍ଗେ ଦେହର ପୁଷ୍ଟିବିଧାନ ପାଇଁ ଯେଉଁ ଯେଉଁ ଦ୍ରବ୍ୟ ଆବଶ୍ୟକ, ସେ ଦୁହିଙ୍କର ମିଶ୍ରଣରେ ଆମ ଔଷଧ ପ୍ରସ୍ତୁତ । ଏତେ ଅଳ୍ପ ସମୟ ଭିତରେ ଆମ ଔଷଧଗୁଡ଼ିକ ଦ୍ୱାରା ଆମେ ଯେ ଏତେ ସଫଳତା ଅର୍ଜନ କରିପାରିଛୁ ତାହା ଦେଖାଇ ଦେବା ଏଠାରେ ଆମର ଉଦ୍ଦେଶ୍ୟ ନୁହେଁ; କିନ୍ତୁ ଆମେ ଏତିକି କହିବାକୁ ଚାହୁଁ ଯେ, ଯେଉଁ ସରକାରୀ ଡାକ୍ତରମାନଙ୍କ ହାତରେ ଆମ ଦେଶର ଦରିଦ୍ର ରୋଗୀମାନଙ୍କର ଚିକିତ୍ସାଭାର ନ୍ୟସ୍ତ ହୋଇଅଛି, ସେମାନେ ସେ ଦାୟିତ୍ୱ ତୁଲାଇବା ପାଇଁ କଣ କରୁଅଛନ୍ତି ? ଆମେ ଆମର ଶକ୍ତି ଅନୁସାରେ ଏ ଦିଗରେ ଯାହା କିଛି କରିଅଛୁ, ତାହା କିଛି ନୁହେଁ କହିଲେ ଚଳେ । ଯେ ପର୍ଯ୍ୟନ୍ତ ସରକାରୀ ବଡ଼ବଡ଼ିଆଙ୍କ ମନ ଏ ଦିଗରେ ନ ଖେଳିଛି ଏବଂ ବଡ଼ ଧରଣର କାମ ଆରମ୍ଭ ନ ହୋଇଛି, ସେ ପର୍ଯ୍ୟନ୍ତ ଦେଶବାସୀ ପ୍ରୟୋଜନୀୟ ପ୍ରକୃତ ଚିକିତ୍ସା ପାଇ ଉପକୃତ ହେବେ ବୋଲି ଆଶା କରା ଯାଇ ନ ପାରେ ।

ଆଜିକି ପଚିଶ ବର୍ଷ ହେଲା ସବୁ କଥାରେ କେବଳ ବିଜ୍ଞାନ ଓ ବୈଜ୍ଞାନିକ ଦୁହାଇ ଶୁଣି ଶୁଣି ଆମର କାନ ବଧିରା ହୋଇ ଗଲାଣି । ଏହା ଫଳରେ ପ୍ରକୃତ ସତ୍ୟର ସମ୍ମୁଖୀନ ନ ହୋଇ ଆମେ କେବଳ ବିଜ୍ଞାନ ଦୁହାଇ ସୁଅରେ ଇତସ୍ତତଃ ଭାସି ବୁଲୁଛୁ । କିନ୍ତୁ ପ୍ରକୃତ ସତକଥା ହେଉଛି ଏହି ଯେ, ଆମ ଦେଶ ଅତି ଗରିବ ହୋଇଥିବାରୁ ଆଧୁନିକ ଚିକିତ୍ସାବିଧାନର ଖର୍ଚ୍ଚ ତୁଲାଇବା ଆମ ଶକ୍ତିର ଅତୀତ । ଆମ ଦେଶର ଲୋକଙ୍କ ଚାଲିଚଳନ ଓ ଅବସ୍ଥାରୁ ପାଶ୍ଚାତ୍ୟ ଦେଶର ଲୋକମାନଙ୍କ ଚାଲିଚଳନ ଓ ଅବସ୍ଥା ପରି ଉଚ୍ଚକୋଟୀକୁ ଆମେ କେବେହେଲେ ଉଠାଇ ପାରିବା ନାହିଁ । ତଥାପି ସେମାନଙ୍କ ଚାଲିଚଳନ ଓ ଶକ୍ତିସାମର୍ଥ୍ୟର ଆଦର୍ଶକୁ ଆମ ଲୋକଙ୍କ ଅବସ୍ଥା ଓ ଶକ୍ତିସାମର୍ଥ୍ୟ ସଙ୍ଗେ ଖାପ ଖୁଆଇ ଗଢ଼ିବାକୁ ହେବ । ଆମ ଷ୍ଟେଟର ଭୂତପୂର୍ବ ପ୍ରଧାନମନ୍ତ୍ରୀ "ଷ୍ଟେଟ ମେଡ଼ିକାଲ କାଉନ୍‌ସିଲ" ରେ ଭାଷଣ ଦେବାକୁ ଯାଇ କହିଥିଲେ—"କୌଣସିମତେ ଗୋଟିଏ ଆଦର୍ଶର ଅର୍ଗଳ ଭିତରେ ପ୍ରକୃତ ସତ୍ୟର ଦେହକୁ ପୂରାଇ ଆମେ ବଳିଦେଇ ନ ପାରୁ ।" ପ୍ରକୃତ ସତକଥା ହେଉଛି ଏହି ଯେ, ଆମ ଦେଶର ଲୋକେ ଭାରି ଗରିବ । ଯଦି ସାମାନ୍ୟ ପିଆଜ ଟିକକରେ ସର୍ଦ୍ଦିରୋଗ ଭଲ ହୋଇ ପାରେ ତେବେ ଆମର ଡାକ୍ତରମାନେ ପିଆଜର ଗୁଣ ସମ୍ବନ୍ଧରେ କାହିଁକି ବା ଆଲୋଚନା ନ କରିବେ ଏବଂ କାହିଁକି ବା ତାକୁ ବ୍ୟବହାରରେ ନ ଲଗାଇବେ ? ଏ ବିଷୟରେ କ'ଣ ସାହେବ ଡାକ୍ତରମାନେ ଆମ ଡାକ୍ତରଙ୍କ ବାଟ ଓଗାଳିଛନ୍ତି । ସୁଖର କଥା, ଅବସ୍ଥା କ୍ରମେ ବଦଳି ଯାଉଛି । ଆମର ଡାକ୍ତରମାନେ ଯେତେବେଳେ ସେମାନଙ୍କର ଦାସ ମନୋଭାବ ଛାଡ଼ିଦେଇ ସବୁ କଥାରେ ପର ମୁହଁକୁ

Digitized by srujanika@gmail.com

ଅନାଇ ବସିବା ପ୍ରକୃତି ପରିତ୍ୟାଗ କରିବେ ଏବଂ ନିଜକଥା ପାଇଁ ନିଜେ ମୁଣ୍ଡ ଖେଳାଇବେ, ସେତେବେଳେ ଅବସ୍ଥାଟା ଅନ୍ୟ ଦ୍ରୁତ ଗତିରେ ବଦଳିଯିବ । ଲୋକଙ୍କ ପାଇଁ ପାଞ୍ଚ ସାତ ଟଙ୍କିଆ ଟନିକ ଓ ଦଶ ଟଙ୍କିଆ ଇଞ୍ଜେକ୍‌ସନ ଯେମିତି ବାହାରୁଛି, ଗରିବ ଲୋକଙ୍କ ପାଇଁ ପଇସିକିଆ ଓ ଅଣିକିଆ ଔଷଧ ମଧ୍ୟ ସେମିତି ବାହାରୁଛି । ଫଳାଫଳ ଏକା, ତଫାତ୍ କେବଳ ଏତିକି ଯେ ଧନୀଙ୍କ ପାଇଁ ଦାମିକା ଔଷଧ ଆଉ ଗରିବଙ୍କ ପାଇଁ ଶସ୍ତା ଔଷଧ !

ଆଉ କିଛି କହିବା ଆଗରୁ ଏଠାରେ ଗୋଟାଏ ପ୍ରଶ୍ନର ଉତ୍ତର ଦେବାକୁ ଚାହେଁ । ଅନେକେ ଆମକୁ ପଚାରୁଛନ୍ତି, ଶାରୀରିକ ଚିକିତ୍ସା ବ୍ୟାପାରରେ ଆଧ୍ୟାତ୍ମିକ କଥାଟାକୁ ଏତେ ଜୋରସୋରରେ ଉଠାଇ ଲାଭ କଣ ? ଏ ପ୍ରଶ୍ନର ଉତ୍ତରରେ ଆମର ଜବାବ ହେଉଚି ଏହି ଯେ, ଡାକ୍ତର କେବଳ ମଣିଷ ଦେହର ରୋଗକୁ ଘେନି କାରବାର କରେ ନା, ତା' ମନ ଉପରେ ମଧ୍ୟ ଆଖି ରଖି ଚିକିତ୍ସାରେ ଅଗ୍ରସର ହୁଏ । କାହିଁକି ନା, ଶରୀର ଉପରେ ମନର ପ୍ରଭାବ ଖୁବ ବେଶି, ତେଣୁ କୌଣସି ରୋଗର ଚିକିତ୍ସା କଲାବେଳେ ଦେହ ଅପେକ୍ଷା ମନ ଉପରେ ଅଧିକ ନଜର ଦେବା ଦରକାର ପଡ଼େ । ପୁଣି ଏହି ମନର ଅବସ୍ଥାଟା ଆତ୍ମାର ଭଲମନ୍ଦ ଉପରେ ନିର୍ଭର କରେ । ଏହି ଦୃଷ୍ଟିରୁ ଦେଖିଲେ ଦେହ, ମନ ଓ ଆତ୍ମା—ଏହି ତିନୋଟି ପରସ୍ପର ସହିତ ଘନିଷ୍ଠ ଭାବରେ ସଂପୃକ୍ତ ଏବଂ ପରସ୍ପରର କଲ୍ୟାଣ ପାଇଁ ଗୋଟିଏ ଅନ୍ୟଟି ଉପରେ ନିର୍ଭର କରେ । ପୃଥିବୀର ବଡ଼ ବଡ଼ ଗବେଷକ ପଣ୍ଡିତମାନେ ଯେଉଁସବୁ ନୂଆ ସିଦ୍ଧାନ୍ତ ବାହାର କରିଅଛନ୍ତି, ତଦନୁସାରେ ମଣିଷର ସୁଖଦୁଃଖ, ଲାଭକ୍ଷତି, ଭଲମନ୍ଦ ଓ ରୋଗବ୍ୟାଧି—ଏ ସମସ୍ତ ଉପରେ ତାର ମନ ଓ ଆତ୍ମାର ପ୍ରଭାବ ଖୁବ୍ ଅଧିକ ପରିମାଣରେ ପଡ଼େ । ଚିକିତ୍ସା କ୍ଷେତ୍ରରେ ଆଜିକାଲି ଯେଉଁ ଦୁଆ ଉଠିଛି ଯେ, ରୋଗକୁ ଚିକିତ୍ସା ନ କରି ଡାକ୍ତରମାନଙ୍କର ରୋଗୀକୁ ଚିକିତ୍ସା କରିବା ଉଚିତ, ଏ କଥାଟାର ତାତ୍ପର୍ଯ୍ୟ ମଧ୍ୟ ସେଇଆ । ଏଥିରୁ ବେଶ ଜଣା ପଡ଼ୁଛି ଯେ, ରୋଗକୁ ପଛକୁ ପକାଇ ରୋଗୀକୁ ଆଗକୁ ଆଣିବା ଅର୍ଥ ହେଉଛି, ତାର ଖାଦ୍ୟ ପାନୀୟର ବିଶେଷତ୍ୱ । ଚାଲିଚଳନର ବିଶେଷତ୍ୱ । ତାର ଚିନ୍ତା କରିବା ଓ କାର୍ଯ୍ୟ କରିବାର ପ୍ରଣାଳୀ ଉପରେ ଡାକ୍ତରଙ୍କୁ ଦୃଷ୍ଟି ଦେଇ ଚିକିତ୍ସାରେ ଅଗ୍ରସର ହେବାକୁ ହେବ । କାରଣ ଏହିସବୁର ପ୍ରଭାବରେ ରୋଗୀର ଜୀବନ ପ୍ରଭାବିତ ହୁଏ ଏବଂ ତଦନୁସାରେ ତାର ଚିନ୍ତା ଓ କାର୍ଯ୍ୟ ମଧ୍ୟ ପରିଚାଳିତ ହୁଏ । ତେଣୁ ସେଗୁଡ଼ିକର ପ୍ରଭାବ ଯଦି ଅସ୍ୱାସ୍ଥ୍ୟକର ହୁଏ, ତେବେ ମଣିଷର ଜୀବନ ଅସୁସ୍ଥ ହେବ । ସଙ୍ଗେ ସଙ୍ଗେ ତାର ଚିନ୍ତା ଓ କାର୍ଯ୍ୟରେ ମଧ୍ୟ ନାନା ଅସଙ୍ଗତି ଆତ୍ମପ୍ରକାଶ କରେ । ଏହି କାରଣରୁ ରୋଗୀର ଚିକିତ୍ସା କରିବାକୁ ଗଲାବେଳେ ଆମେ ତାର ମାନସିକ ଓ ଆଧ୍ୟାତ୍ମିକ ଅବସ୍ଥା ଉପରେ ଏତେ ଜୋର ଦେଉଁ । ଜ୍ଞାନର ସାଗର ଅନନ୍ତ । ତା ତୁଳନାରେ ମଣିଷର ଗର୍ବ ଦମ୍ଭ ଅତି ତୁଚ୍ଛ—ଏଇ କଥା ବୁଝିରଖି ଆମର ଅଗ୍ରସର ହେବା ଉଚିତ ।

Digitized by srujanika@gmail.com

ଭିନ୍ନ ଭିନ୍ନ ପ୍ରକାର ଚିକିତ୍ସା ପ୍ରଣାଳୀରେ ଯେଉଁମାନେ ଧୂରନ୍ଧର ଏବଂ ଯେଉଁମାନେ ଚିକିତ୍ସା କ୍ଷେତ୍ରରେ ବରାବର ଗବେଷଣା ଚଳାଇଛନ୍ତି, ସେମାନଙ୍କର ପ୍ରତି ଆମର ଶ୍ରଦ୍ଧା ଓ ସମ୍ମାନ ଅଛି । ସେମାନଙ୍କ ଚିକିତ୍ସା ପ୍ରଣାଳୀର ମୂଳନୀତି ଯାହା, ସେ ସବୁ ଅଧ୍ୟୟନ କରୁଛୁ ଏବଂ ସେଗୁଡ଼ିକ ଭିତରେ ପରସ୍ପର ସଙ୍ଗେ ଯାହାର କେତେ ସାମଞ୍ଜସ୍ୟ ଅଛି, ତାହା ମଧ୍ୟ ବୁଝିବାକୁ ଚେଷ୍ଟା କରୁଛୁ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ପ୍ରକାର ଚିକିତ୍ସାପ୍ରଣାଳୀ ଭିତରେ ଯୋଗ ଏ ସାମଞ୍ଜସ୍ୟ ଆଣି ସେ ଦୁହିଙ୍କୁ ଏକ କରିବା ଆମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ । ସେ ଦୁଇ ପଦ୍ଧତିର ସମ୍ମିଶ୍ରଣରେ ଆମେ ଯେଉଁ ନୂଆ ପଦ୍ଧତି ଫ୍ଟର୍ଡୋମିଜରାଲ୍ ଚିକିତ୍ସା ବାହାର କରିଛୁ, ତାହା ଏକାବେଳେକେ ପୂର୍ଣ୍ଣ ଏବଂ ସର୍ବାଙ୍ଗସୁନ୍ଦର ବୋଲି ମଧ୍ୟ ଆମେ କହିବାକୁ ଯାଉ ନାହୁଁ । ତେବେ ଆମର ବିଶ୍ୱାସ ଯେ, ଏହି ନୂଆ ଚିକିତ୍ସା (ଫ୍ଟର୍ଡୋମିଜରାଲ୍ ପଦ୍ଧତି) ପ୍ରଣାଳୀରେ ଅନ୍ୟାନ୍ୟ ସମସ୍ତ ଚିକିତ୍ସା ପ୍ରଣାଳୀର ଗୁଣତକ ରହିଛି; କିନ୍ତୁ ସେ ସବୁର ଦୋଷ ସେଥିରେ ପ୍ରବେଶ କରିପାରି ନାହିଁ ।

ପ୍ରଥମ ସିଦ୍ଧାନ୍ତ (ଆୟୁର୍ବେଦୀୟ)—"ଯେତେ ଅଧିକ ପେଷଣ କରାଯିବ, ଔଷଧର ଶକ୍ତି ସେତେ ବଢ଼ିବ ।" ଆୟୁର୍ବେଦ ଶାସ୍ତ୍ରରେ ଅନେକ ପ୍ରାଚୀନ ମୁନିଋଷିମାନେ ହଜାର ହଜାର ବର୍ଷ ପୂର୍ବେ ପରୀକ୍ଷା କରି ଏହି ସତ୍ୟରେ ଉପନୀତ ହୋଇ ଅଛନ୍ତି ଯେ, ଯଦି ପ୍ରତ୍ୟେକ ଔଷଧର ମୂଳ ସାମଗ୍ରୀକୁ ପେଷଣ କରି ସୂକ୍ଷ୍ମାତିସୂକ୍ଷ୍ମ କରାଯାଏ ଏବଂ ତାହାକୁ ଭିତରେ ସୂକ୍ଷ୍ମାତିସୂକ୍ଷ୍ମ ହୋଇଥିବା ଔଷଧର ଯୋଗାଏ ନାନା ପ୍ରକାର ରୋଗ ଓ ରୋଗୀ ଉପରେ ତୁରନ୍ତ ଗଭୀର ପ୍ରଭାବ ପକାଏ ।

ଦ୍ୱିତୀୟ ସିଦ୍ଧାନ୍ତ (ଆୟୁର୍ବେଦୀୟ)—ଔଷଧୀୟ ଦ୍ରବ୍ୟର ଯେଉଁ ଗୁଣ ତାର ସ୍ଥୂଳ ଅବସ୍ଥାରେ ମିଳେ, ତାକୁ ସୂକ୍ଷ୍ମାତିସୂକ୍ଷ୍ମ କରିଦେଲେ ତାର ଅନୁପ ମଣ୍ଡୁରୁ ତାର ବିପରୀତ ଗୁଣ ମିଳେ । ହୋମିଓପାଥିରେ ମଧ୍ୟ ଏହି ସିଦ୍ଧାନ୍ତ—'ସମଂ ସାମ୍ୟେନ ସମଯୁତି' (Similia Similibus Curantur), କେବଳ ନାମରେ ଯାହା କିଛି ତଫାତ । ଏଲୋପାଥିକ ଡାକ୍ତରମାନେ ମଧ୍ୟ ଏବେ ଏଇ ସିଦ୍ଧାନ୍ତକୁ ମାନି ନେଲେଣି ।

ତୃତୀୟ ସିଦ୍ଧାନ୍ତ (ଏଲୋପ୍ୟାଥିକ)—ଡାକ୍ତର ଋଟେର୍ଫୋର୍ଡ, ଫୋର୍ଡ଼, ରଜରସ୍ ଓ ଡେଭେଣ୍ଟ୍ ଆଦି ବଡ଼ ବଡ଼ ନାମଜାଦା ଡାକ୍ତରମାନଙ୍କର ମତ ହେଉଛି ଏହି ଯେ, ବେଶୀ ମାତ୍ରାରେ ଔଷଧ ଦେଲେ ରୋଗୀର ପ୍ରତିରୋଧ ଶକ୍ତି ହ୍ରାସ ପାଏ; କିନ୍ତୁ ଅଳ୍ପ ମାତ୍ରାରେ ଦେଲେ ଏହି ଶକ୍ତି ବୃଦ୍ଧିଲାଭ କରେ । ଔଷଧର ଅଳ୍ପମାତ୍ରା ରୋଗୀର ଦେହ ଭିତରେ ପୋଷକ ଏବଂ ରୋଗନିବାରକ କୀଟାଣୁ ଉତ୍ପାଦନ କରାଏ, କିନ୍ତୁ ଅଧିକ ମାତ୍ରାରେ ତାହା ହୁଏ ନାହିଁ । ନାମଜାଦା ଏଲୋପ୍ୟାଥିକ ଡାକ୍ତରମାନେ କହନ୍ତି ଯେ, ଅଧିକ ମାତ୍ରାରେ ଔଷଧ ଖାଇଲେ ବିଶେଷ କିଛି ଲାଭ

Digitized by srujanika@gmail.com

ହୁଏ ନା, ଔଷଧର ପରମାଣୁ ଯେତେ ଶରୀର ଭିତରେ ରହେ, ସେତେ ଅଧିକ ଉପକାର ମିଳେ ।

ଏହି କେତୋଟି ମୂଳ ସିଦ୍ଧାନ୍ତକୁ ଆମେ ଯଦି ଠିକ୍ ଭାବରେ ବୁଝିପାରୁ ତେବେ ଔଷଧ ତିଆରି କରିବା ସହଜ ହୋଇପଡିବ । କେବଳ ଏତିକି ମନେ ରଖିବାକୁ ହେବ ଯେ, କେଉଁ କେଉଁ ଗୁଣ ଦେଖାଇବା ପାଇଁ କେଉଁ ଔଷଧ ତିଆରି କରିବାକୁ ହେବ । ଯେ କୌଣସି ଔଷଧ ତିଆରି କରିବାକୁ ଗଲେ ଅଭିଜ୍ଞ ଗୁଣସମ୍ପନ୍ନ ଦ୍ରବ୍ୟକୁ ଉଚିତ ମାତ୍ରା ଓ ଅନୁପାତ ଅନୁସାରେ ମିଳାଇ ସୂକ୍ଷ୍ମ କରିବା ଦରକାର । ବିଷ କିମ୍ବା ମାଦକ ଦ୍ରବ୍ୟ ଦେବାର ଥିଲେ ଏପରି ଅଳ୍ପମାତ୍ରାରେ ଦେବାକୁ ହେବ, ଯେପରି ତାର କ୍ଷତିକାରକ ପ୍ରକୃତି ଔଷଧର ଗୁଣକୁ ଭଙ୍ଗ କରି ନ ଦିଏ । ଏହି ସିଦ୍ଧାନ୍ତ ଅନୁସାରେ ଯେଉଁ ଔଷଧ ତିଆରି ହେବ, ତାହା ସେବନମାତ୍ରେ ସଙ୍ଗେ ସଙ୍ଗେ ଗୁଣ ଦେଖାଇବ ଏବଂ କୌଣସି କ୍ଷତି ନ କରିବା ସଙ୍ଗେ ସଙ୍ଗେ ଅତି ଶସ୍ତା ଦାମରେ ମଧ୍ୟ ମିଳିବ ।

ଯୌଗିକ ଔଷଧ ତିଆରି—(Engrafting) ଆୟୁର୍ବେଦୀୟ ଓ ୟୁନାନୀ ଔଷଧଗୁଡ଼ିକ ପ୍ରାୟଶଃ ଏହି ଯୌଗିକ ବିଧିରେ ପ୍ରସ୍ତୁତ ହୁଏ । ଏହି ବିଧି ଅନୁସାରେ ଧାତୁ ଓ ଉପଧାତୁକୁ ଚେରମୂଳିକାର ରସରେ ଖଲରେ ପକାଇ ଚୂର୍ଣ୍ଣ କରିବାକୁ ହୁଏ, କିମ୍ବା ସେ ସବୁ କ୍ରମରେ ଦ୍ରବକୁ ଚେରମୂଳିକାର ରସରେ ମିଶାଇ ଦେବାକୁ ହୁଏ । ଏହିଭଳି ଭାବରେ ପ୍ରସ୍ତୁତ ହେଉଥିବା ଔଷଧରେ ରାସାୟନିକ ପରିବର୍ତ୍ତନ ଘଟିଥାଏ; କିନ୍ତୁ ଚୂର୍ଣ୍ଣ ଔଷଧରେ ମୂଳଦ୍ରବ୍ୟ ଗୁଡ଼ିକର ସର୍ବାଂଶ ପୂରାପୂରି ମୂଳସ୍ଥିତ ଅବସ୍ଥାରେ ରହେ । ସୂକ୍ଷ୍ମୀକୃତ ହେବା ଫଳରେ ଔଷଧର କାର୍ଯ୍ୟକାରିତା ଶକ୍ତି ଅଧିକରୁ ଅଧିକ ବଢ଼ିଯାଏ ଏବଂ ତାହା ଯେପରି ସ୍ଥାୟୀ, ସେହିପରି ଗଭୀର ହୁଏ ।

ଏହି ଯୌଗିକ ବିଧିରେ ଆମେ ଅନେକ ଔଷଧ ତିଆରି କରୁ । ପୁଣି ଏହି ବିଧିରେ ତିଆରି କେତେକ ଯୌଗିକ ଔଷଧକୁ ମିଶାଇ ନୂଆ ଯୌଗିକ ଔଷଧ ତିଆରି କରୁ । ଏହା ଫଳରେ ଔଷଧ ଏତେ ସୂକ୍ଷ୍ମ ହୋଇଯାଏ ଯେ, ତାର ପ୍ରତ୍ୟେକ କଣିକାରେ ସେହି ଔଷଧର ସମସ୍ତ ଗୁଣ ଆସିଯାଏ । ଏଭଳି ଯୌଗିକ ଔଷଧରେ କେବଳ ଯେ ରୋଗନିବାରକ ଶକ୍ତି ଥାଏ, ତା ନୁହେଁ, ତା ସଙ୍ଗେ ସଙ୍ଗେ ଶରୀରର ପୁଷ୍ଟିବିଧାନ କରିବା ଶକ୍ତି ମଧ୍ୟ ତହିଁରେ ଅଧିକ ମାତ୍ରାରେ ଥାଏ । ଏଭଳି ଯୌଗିକ ଔଷଧକୁ ଭୁଲକ୍ରମେ ଯଦି ବା ସେବନ କରାଯାଏ, ତେବେ ସୁଦ୍ଧା ତାହା ଶରୀରର କୌଣସି କ୍ଷତି କରିବା ତ ଦୂରର କଥା, ବରଂ ଉପକାର କରେ ଏବଂ ରୋଗକୁ ବଢ଼ାଇ ନ ଦେଇ ରୋକି ଦିଏ ।

ବିଭିନ୍ନ ଔଷଧ ଦ୍ରବ୍ୟର ଅନୁପାତ ନିର୍ଦ୍ଧାରଣ ବଡ଼ ସାବଧାନତାର ସହିତ ଆମେ କରିଥାଉ; ଏହା ଫଳରେ ସେଗୁଡ଼ିକର କ୍ଷତିକାରକ ପ୍ରଭାବ ଲୋପ ପାଇଯାଇ ହିତକାରକ ଗୁଣଗୁଡ଼ିକ ଅଧିକରୁ ଅଧିକ ଆତ୍ମପ୍ରକାଶ କରେ ।

Digitized by srujanika@gmail.com

ସୂକ୍ଷ୍ମୀକୃତ ଔଷଧର ତୁରନ୍ତ ପ୍ରଭାବ—(Rapidity of effects)

ସେବନ ମାତ୍ରେ ଏହି ଔଷଧଗୁଡ଼ିକ ତୁରନ୍ତ ଫଳ ଦେଖାଏ। ଗ୍ରିଫ୍‌ସ୍‌ୱାଲଡ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡାକ୍ତର ଶୁଲଜ, ମର୍କ୍ୟୁରି-କ୍ଲୋରାଇଡ୍‌ର ଭିନ୍ନ ଭିନ୍ନ ଶକ୍ତି-ସମ୍ପନ୍ନ ଦ୍ରବ ପ୍ରସ୍ତୁତ କରି ତହିଁରେ ସୁରାବୀଜର (yeast) ଜୀବନ୍ତ କୀଟାଣୁ ଛାଡ଼ି ଦଅନ୍ତି। ଖୁବ୍ ଅଧିକ ଶକ୍ତିସମ୍ପନ୍ନ ଦ୍ରବରେ ଏହି ଜୀବନ୍ତ କୀଟାଣୁଗୁଡ଼ିକ ସଙ୍ଗେ ସଙ୍ଗେ ଅବଶ୍ୟ ମରି ଯାଆନ୍ତି; କିନ୍ତୁ ଅଳ୍ପ ଶକ୍ତିସମ୍ପନ୍ନ ଦ୍ରବରେ ମରିବାକୁ ଅଧିକ ସମୟ ଲାଗିଲେ ସୁଦ୍ଧା ସେମାନଙ୍କ ଜୀବନୀଶକ୍ତି କ୍ଷୀଣ ହୋଇଯାଏ ଓ ସେମାନଙ୍କ ସଂଖ୍ୟା ବୃଦ୍ଧି ବୃଦ୍ଧି ବଢ଼ିଯାଏ। ଏଥିରୁ ବେଶ୍ ଜଣାଯାଉଛି ଯେ, ଅଳ୍ପ ମାତ୍ରାରେ ସୂକ୍ଷ୍ମୀକୃତ ଔଷଧ ସେବନ କଲେ, ରୋଗୀର ଶରୀରରେ ଥିବା କୋଷଗୁଡ଼ିକ ଜୀବନୀଶକ୍ତି ଲାଭ କରେ ଆଉ ଅଧିକ ମାତ୍ରାରେ ସେବନ କଲେ ସେହି କୋଷଗୁଡ଼ିକର ଜୀବନୀଶକ୍ତି ନଷ୍ଟ ହୋଇଯାଏ ଓ ଅନ୍ୟ ପ୍ରକାରର ନୂଆ ରୋଗ ଆତ୍ମପ୍ରକାଶ କରେ।

ଏହିପରି ଯଦି ଆମର ସୂକ୍ଷ୍ମୀକୃତ ଔଷଧଗୁଡ଼ିକ ସୂକ୍ଷ୍ମମାତ୍ରାରେ ରୋଗୀକୁ ଖାଇବାକୁ ଦିଆଯାଏ, ତେବେ ଏତେ ତୁରନ୍ତ ତାର ଫଳ ମିଳେ ଯେ, ଡାକ୍ତରମାନେ ବି ତାକୁ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ।

ସୂକ୍ଷ୍ମୀକୃତ ଔଷଧର ଗୁଣାବଳୀ ସମ୍ବନ୍ଧରେ ଉପରେ ଆମେ ଯେଉଁ ଯାହାର କଥା କହିଲୁ, ତାହା ସମ୍ପୂର୍ଣ୍ଣ ବିଜ୍ଞାନସମ୍ମତ; କିନ୍ତୁ ଆମ ଔଷଧ ତିଆରି ପ୍ରଣାଳୀ ଏହାଠାରୁ ବଳି ଅଧିକ ଏକ ବଡ଼ କଥା ଉପରେ ପ୍ରତିଷ୍ଠିତ। ତାହା ହେଉଛି ଏହି—

ପରମ କାରୁଣିକ ପରମେଶ୍ୱରଙ୍କ ଦୟା ଅସୀମ। ନିଜ ସୃଷ୍ଟିର ପ୍ରତ୍ୟେକ ପଦାର୍ଥରେ ତାଙ୍କର ସମାନ ସତ୍ତା ବିଦ୍ୟମାନ। ସବୁ ପ୍ରକାର ଅବସ୍ଥାର ଲୋକଙ୍କ ପାଇଁ ଔଷଧ ଭିତରେ ମଧ୍ୟ ତାଙ୍କର ସେହି ଦୟା ସମାନ ଭାବରେ ଅଛି। ତେଣୁ ତାଙ୍କ ସୃଷ୍ଟିରେ ଧନହୀନ ଦରିଦ୍ର ଲୋକମାନଙ୍କ ପାଇଁ ଅଳ୍ପ ମୂଲ୍ୟରେ ଶସ୍ତା ଓ ଉତ୍ତମ ଔଷଧ ମଧ୍ୟ ବିଦ୍ୟମାନ ଅଛି।

ତେଣୁ 'ହବେ।ମିନବଲ୍' ଔଷଧ ପ୍ରସ୍ତୁତ କରି ରୋଗଗ୍ରସ୍ତ ଜନତାର ସେବାରେ ଆମେ ଯେଉଁ ସଫଳତା ଅର୍ଜନ କରିଅଛୁ, ତହିଁରେ ଆମର କିଛି କୃତିତ୍ୱ ବା ବାହାଦୁରୀ ନାହିଁ, ପରନ୍ତୁ ଜନତା ପ୍ରତି ତାହା ସେହି ପରମ କାରୁଣିକ ପରମାତ୍ମାଙ୍କ ଅସୀମ ଦୟାର ନିଦର୍ଶନ ବୋଲି ବୁଝିବାକୁ ହେବ।

କି କଥା, କି କାମ, ଦୁଇଅଡ଼ୁ ଆମ 'ହବେ।ମିନବଲ୍' ଚିକିତ୍ସା ପଦ୍ଧତି ସଂପୂର୍ଣ୍ଣ ଆଧୁନିକ। ଆମେ ଯେଉଁସବୁ ନୀତି ଓ ସିଦ୍ଧାନ୍ତକୁ ଭିତ୍ତି କରି ଏହି ନୂଆ ପ୍ରକାରର ଔଷଧ ଓ ଚିକିତ୍ସାପଦ୍ଧତି ପ୍ରଚଳନ କରିଛୁ, ତାହାକୁ ଚିକିତ୍ସା ଶାସ୍ତ୍ରରେ ଧୂରନ୍ଧର ବଡ଼ ବଡ଼ ଡାକ୍ତରମାନେ ପ୍ରଶଂସା କରିଅଛନ୍ତି ଏବଂ ମୁକ୍ତକଣ୍ଠରେ ସ୍ୱୀକାର କରିଅଛନ୍ତି ଯେ, ଆମେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିକିତ୍ସାପ୍ରଣାଳୀର ଯେଉଁ ମଧୁର ସମନ୍ୱୟ କରିଅଛୁ, ତାର ତୁଳନା ନାହିଁ। ଆମର ସିଦ୍ଧାନ୍ତ ଯେପରି ଅକାଟ୍ୟ, ଆମ ଔଷଧ ତିଆରି ପ୍ରଣାଳୀ ମଧ୍ୟ ସେହିପରି ଦୋଷଶୂନ୍ୟ ହୋଇଅଛି। ସମସ୍ତ ସବୁ କଥା

Digitized by srujanika@gmail.com

ଚଳାଇ ଦେବ । ଆମର ଏହି ସାମାନ୍ୟ ପ୍ରଚେଷ୍ଟା ଦ୍ୱାରା ରୋଗଗ୍ରସ୍ତ ଦରିଦ୍ର ଜନତା'ର ଉପରି ମହୋପକାର ସାଧିତ ହେଉଅଛି, ତାହାର ପ୍ରମାଣ ସେହି ସମସ୍ତହି ଦେବ । ସେ ହାଏ କିଛି ନୂଆ କଥା ବା ଅଦ୍ଭୁତ ଅବସ୍ଥା'ର କରୁଛୁ ବୋଲି ଆମେ ଜନସାଧାରଣଙ୍କ ଆଗରେ ନାଗରା ପିଟିବାକୁ ଚାହୁଁ ନା । ଆମ ଦେଶର ଜଳବାୟୁକୁ ଅନାଇ ଓ ଆମ ଦେଶର ଲୋକଙ୍କ ଅବସ୍ଥା ଓ ଶାରୀରିକ ଗଠନ ଉପରେ ଆଖି ରଖି ସବୁରି ଉପକାରରେ ଆସିଲା ଭଳି ଆମେ ପ୍ରାଚ୍ୟ, ପାଶ୍ଚାତ୍ୟ ଉଭୟ ଚିକିତ୍ସା ପ୍ରଣାଳୀର ଗୋଟାଏ ସୁନ୍ଦର ସମ୍ମିଶ୍ରଣ କରିପାରୁଛୁ, ଏହାହିଁ ଆମ ପକ୍ଷରେ ଆଶା ଓ ଆଶ୍ୱାସନାର ବିଷୟ ।

ଆମର ଡାକ୍ତରମାନେ ଇଂରେଜ ଓ ଆମେରିକାର ଔଷଧ ବିଅରିବାଲାଙ୍କ ଜାଲରେ ଛନ୍ଦି ହୋଇ ବାହି ହୁଉଛନ୍ତି । ଆଉ ଆମର ରୋଗୀମାନେ ମଧ୍ୟ ସେହି ଡାକ୍ତରମାନଙ୍କ ପାଲରେ ପଡ଼ି ଦଣ୍ଡ ହୋଇଛନ୍ତି । ଅଧିକନ୍ତୁ ଦୁଃଖର କଥା ଏହି ଯେ, ଦାମିକା ଔଷଧ ନ ହେଲେ ରୋଗ ଭଲ ହେବ ନାହିଁ । ଶସ୍ତାରେ ନାନା ଅବସ୍ଥା ଭୋଗ କରିବାକୁ ହେବ । ଏହିପରି ଗୋଟାଏ ଧାରଣା ମଧ୍ୟ ଆମ ଦେଶର ଦରିଦ୍ର ରୋଗୀମାନଙ୍କ ମୁଣ୍ଡରେ ପଶିଛି । ଏହି ବିଶ୍ୱାସ ଗୋଟାଏ ଗୋଲକ ଧନ୍ଦା ଭଳି ଆମ ଲୋକଙ୍କୁ ଏମିତି ଛନ୍ଦି ପକାଇଛି ଯେ, ତହିଁରୁ ଉଦ୍ଧାର ଅସିବାର ବାଟ ଆଉ ନାହିଁ । ଆମ ଡାକ୍ତରମାନେ ଯଦି ସେମାନଙ୍କ ଅନ୍ଧ ଚିକିତ୍ସା ପ୍ରଣାଳୀକୁ ବଦଳାନ୍ତି ଏବଂ ଦରିଦ୍ର ରୋଗୀମାନଙ୍କ ଅବସ୍ଥାକୁ ଅନାଇ ନୂଆ ପ୍ରକାରର ଚିକିତ୍ସାପ୍ରଣାଳୀ ଅବଲମ୍ବନ କରି ସେହି ଅନୁସାରେ ରୋଗୀମାନଙ୍କୁ ଚିକିତ୍ସିତ ହେବା ପାଇଁ ନିର୍ଦ୍ଦେଶ ଦିଅନ୍ତି, ତେବେଯାଇ ଅବସ୍ଥା ସୁଧୁରିପାରେ ।

ବର୍ତ୍ତମାନ ଯୁଗରେ ଚିକିତ୍ସା ବିଜ୍ଞାନର ଯେଉଁ ଉନ୍ନତି ଘଟିଛି, ତାକୁ କେହି ଅସ୍ୱୀକାର କରି ନ ପାରେ । କିନ୍ତୁ ପ୍ରଶ୍ନ ହେଉଛି, ସେହି ଉନ୍ନତି ଫଳରେ ଆମ ଦେଶର ଦରିଦ୍ର ଜନସାଧାରଣଙ୍କର ଲାଭ କ'ଣ ହୋଇଛି ? ସତ କଥା ହେଉଛି, ଚିକିତ୍ସା ବିଜ୍ଞାନର ଉନ୍ନତି ସଙ୍ଗେ ସଙ୍ଗେ ଚିକିତ୍ସା କରିବାର ଖର୍ଚ୍ଚ ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି । କେବଳ ସେତିକି ନୁହେଁ, ଚିକିତ୍ସା ପ୍ରଣାଳୀ ମଧ୍ୟ ଦିନକୁ ଦିନ ଅଧିକରୁ ଅଧିକ କଠିନ ଓ ଜଟିଳ ହେଉଅଛି । କୌଣସି ଗୋଟିଏ ରୋଗୀର ରୋଗ କ'ଣ ତାହା ଚିହ୍ନା ନ ସାରିଲେ ଏବଂ ସେ ଚିହ୍ନା, ପୁଣି ଅନ୍ୟ ବିଶେଷଜ୍ଞ ଡାକ୍ତରମାନଙ୍କ-ଦ୍ୱାରା ରକ୍ତ, ମଳମୂତ୍ର ଓ ଛେପ ଆଦି ପରୀକ୍ଷାଦ୍ୱାରା ସମର୍ଥିତ ନ ହୋଇ ସାରିଲେ, ଜଣେ ଡାକ୍ତର ପକ୍ଷରେ ସେ ରୋଗୀର ଚିକିତ୍ସା ଆରମ୍ଭ କରିବା ସମ୍ଭବପର ନୁହେଁ । ଏହି ବିଶେଷଜ୍ଞ ଡାକ୍ତରମାନଙ୍କ ଫିସ ବା ଦର୍ଶନୀ, ଚିକିତ୍ସା କରୁଥିବା ଡାକ୍ତରଙ୍କ ଔଷଧର ଦାମ, ଇଞ୍ଜେକସନ ଓ ଅନ୍ୟାନ୍ୟ ଟନିକ ଔଷଧର ଦାମ ଓ ଏସବୁ ଛଡ଼ା ପଥ୍ୟପାଇଁ ନିର୍ଦ୍ଧାରିତ ଫଳ, ଦୁଧ ଆଦିର ଦାମ ମିଶି ଏତେ ହୋଇଯାଏ ଯେ, ବେଳେବେଳେ ରୋଗୀର ଚିକିତ୍ସା ବ୍ୟୟ ତାର ଆୟଠାରୁ ଅଧିକ ହୋଇଯାଏ । କେଡ଼େ ଶୋଚନୀୟ କଥା ସତ ! ଉ.ବ ଦେଖନ୍ତୁ; ୧୯୩୮ ମସିହାରେ ଯେତେବେଳେ ନାଗପୁର ଜିଲ୍ଲାରେ

Digitized by srujanika@gmail.com

ଓ ହାଇଦ୍ରାବାଦ ଷ୍ଟେଟର କେତୋଟି ଜିଲ୍ଲାରେ ହଇଜା ସଂକ୍ରାମକ ହୋଇ ଉଠିଥିଲା; ସେତେବେଳେ ଆମର ୩ନମ୍ବର (ଡାୟୁରିସିନ) ଔଷଧରେ ଶତ ଶତ ରୋଗୀଙ୍କର ଜୀବନ ରକ୍ଷା ହୋଇଥିଲା । ପ୍ରତି ରୋଗୀ ପିଛା ଆମ ଔଷଧ ଚାରିଅଣାରୁ ବି କମ ଖର୍ଚ୍ଚ ହେଲା, କିନ୍ତୁ ସରକାରୀ ଚିକିତ୍ସା ବିଭାଗରୁ ପ୍ରତି ରୋଗୀପିଛା ଦୁଇ ତିନ ଟଙ୍କାରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ୁଛି । ଏଭଳି ଅବସ୍ଥାରେ ଆମ ଔଷଧକୁ ପରୀକ୍ଷା କରି କାମରେ ଲଗାଇବା କଣ ସରକାରୀ କର୍ତ୍ତୃପକ୍ଷର ଉଚିତ ନୁହେଁ ? ଆମ ଔଷଧ ହଇଜା ରୋଗୀର ଜୀବନକୁ କିପରି ବଞ୍ଚାଉଛି ତାହା ହୁଏ ତ ସେମାନେ ସମଝି ପାରୁ ନ ଥିବେ; କିନ୍ତୁ ତାକୁ ସେବନ କଲାମାତ୍ରେ ହଇଜା ମଲା ଯେ ଆରୋଗ୍ୟଲାଭ କରୁଛି, ଏହା ସେମାନେ ଆଖି ଆଗରେ ଦେଖି ଦେଖି କେମିତି ଅସ୍ୱୀକାର କରିବେ ?

ଗତ ପଚିଶ ଛବିଶ ବର୍ଷ ହେଲା ଆମ ହବୋମିନରାଲ ଔଷଧ ଦେଶରେ ଯେଉଁ ସଫଳତା ଓ ସୁନାମ ଅର୍ଜନ କରିଛି, ତାହା କେବଳ ଆମ ଉଦ୍ୟମର ଫଳ ନୁହେଁ । ବିଶେଷ କରି ଡାକ୍ତରମାନଙ୍କଠାରୁ ଏବଂ ବୁଝିବା ସୁଝିବା ସାଧାରଣ ଲୋକ-ଙ୍କଠାରୁ ଆମେ ଏ ଦିଗରେ ଯେଉଁ ସହଯୋଗ ଓ ଉତ୍ସାହ ପାଇଛୁ, ତାହାହିଁ ଅନେ-କାଂଶରେ ଆମ ସଫଳତା ପାଇଁ ଦାୟୀ । ହାଇଦ୍ରାବାଦର ଷ୍ଟେଟ ସରକାରଙ୍କଠାରେ ମଧ୍ୟ ଆମେ ଏଥିପାଇଁ କୃତଜ୍ଞ । କାରଣ ସେ ତାଙ୍କ ରାଜ୍ୟର ସବୁ ଜିଲ୍ଲାରେ, ତହସି-ଲରେ ଓ ଗାଁରେ ଆମର ଚିକିତ୍ସା ପ୍ରଣାଳୀ ଓ ଔଷଧକୁ ଚାଲୁ କରିବା ପାଇଁ ମଞ୍ଜୁର ଦେଇଥିଲେ । ନାଗପୁରର ଜିଲ୍ଲା କାଉନସିଲ ଏବଂ ଥାନା (ବମ୍ବେରେ) ଜିଲ୍ଲା ବୋର୍ଡ଼ର କର୍ତ୍ତୃପକ୍ଷମାନଙ୍କଠାରେ ମଧ୍ୟ ଆମେ କୃତଜ୍ଞ; କାରଣ ସେମାନେ ଆମ ଗାଉଁଲି ଚିକିତ୍ସା ଯୋଜନାକୁ ଗ୍ରହଣ କରି ସେମାନଙ୍କ ଇଲାକାଧୀନ ଜନସାଧାରଣଙ୍କର ସେବା କରିବା ସଙ୍ଗେ ସଙ୍ଗେ ଆମକୁ ମଧ୍ୟ ଆମ କାମରେ ସାହାଯ୍ୟ କରିଥିଲେ । ଏମାନଙ୍କ ଛଡ଼ା ଆଉ କେତୋଟି ଦେଶୀୟ ରାଜ୍ୟର କର୍ତ୍ତୃପକ୍ଷ, ଜିଲ୍ଲାବୋର୍ଡ଼ ଓ ପ୍ରାଦେଶିକ ସରକାର-ମାନେ ମଧ୍ୟ ଆମର ଏହି ଯୋଜନାରେ ଆଗ୍ରହୀ ହୋଇ ସହାନୁଭୂତି ଦେଖାଇଥିଲେ । ଭିନ୍ନ ଭିନ୍ନ ଚିକିତ୍ସାଳୟ ଓ ହସପିଟାଲର ଚାଳକମାନେ ମଧ୍ୟ ଆମ ଔଷଧ ପ୍ରତି ଆଗ୍ରହ ଦେଖାଇ ସେ ସବୁର ଗୁଣାଗୁଣ ପରୀକ୍ଷା କରି ଆମକୁ ସାହାଯ୍ୟ କରି ଅଛନ୍ତି । ତେଣୁ ସେମାନଙ୍କ ନିକଟରେ ଆମେ ଚିରକୃତଜ୍ଞ ।

ସ୍ୱାସ୍ଥ୍ୟରକ୍ଷାର ସାଧାରଣ ନିୟମ (Fundamentals:—କିପରି ଚଳିଲେ ବା କେମିତି ଚଳିଲେ ଅଦୌ ରୋଗ ହେବ ନାହିଁ ଏବଂ ଯଦି ରୋଗହୁଏ, ତେବେ କିପରି ତହିଁରୁ ଆରୋଗ୍ୟ ଲାଭ କରିବାକୁ ହେବ, ଏହା ସମସ୍ତଙ୍କର ଜାଣିବା ଦରକାର । ଏହି ଅଧ୍ୟାୟରେ ଏବଂ ଏହାର ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ସାଧାରଣ ଲୋକଙ୍କ ପାଇଁ ସେହି କଥା ବୁଝାଯାଉଛି । କିପରି ଚଳିଲେ ସାଧାରଣ ସ୍ୱାସ୍ଥ୍ୟ ଭଲ ରହିବ, ଏହା ଜାଣିଲେ ରୋଗ ଯେଉଁ ବାଟଦେଇ ଆସି ମଣିଷକୁ ଆକ୍ରାନ୍ତ କରେ, ଆଗରୁ ସେ ବାଟକୁ ରୋକି ଦେଇ ପାରିଲେ ଅଦୌ ରୋଗ ଭୋଗ କରିବାକୁ ହେବ ନାହିଁ । ଅତି ସାଧାରଣ କେତୋଟି ରୋଗ ଅଛି, ଯହିଁରୁ ଅନ୍ୟାନ୍ୟ ବହୁ ରୋଗ କାଳକ୍ରମେ

Digitized by srujanika@gmail.com

ତାହାରେ । ତେଣୁ ସବୁ ରୋଗ କଥା ନ କହି ସେହି ସାଧାରଣ କେତୋଟି ରୋଗର କଥା ଏଠାରେ ଆମେ କହିବୁ ।

ପ୍ରତ୍ୟେକ ଶିକ୍ଷିତ ଲୋକର ଦୁଇଟି କଥା ଜାଣିରଖିବା ନିହାତି ଉଚିତ । ପ୍ରଥମଟି ହେଉଛି, ନିଜ ଜୀବନର ଉଦ୍ଦେଶ୍ୟ କଣ ଏବଂ ଦ୍ୱିତୀୟଟି ହେଉଛି, ନିଜର ସ୍ୱାସ୍ଥ୍ୟ ଏବଂ ନିଜର ଆଶ୍ରିତ ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ତୁମର କର୍ତ୍ତବ୍ୟ କଅଣ । ଜୀବନର ଉଦ୍ଦେଶ୍ୟ କଣ, ଏକଥା ବୁଝିବାକୁ ହେଲେ ଆମର ଜାଣିରଖିବା ଉଚିତ ଯେ, ଆମେ ଏ ଦୁନିଆକୁ ନିଜ ଇଚ୍ଛାରେ ଛୁଏଁ ଛୁଏଁ ଆସି ନାହୁଁ । ଭଗବାନଙ୍କ ଇଚ୍ଛାକ୍ରମେ ଆମେ ଏଠାକୁ ଆସିଛୁ । ଆଉ ସେ ଯେ ବିନା ଉଦ୍ଦେଶ୍ୟରେ ଆମକୁ ଏଠାକୁ ପଠାଇଛନ୍ତି, ତାହା ମଧ୍ୟ ନୁହେଁ । କିଛି ନା କିଛି ମତଲବ ତାଙ୍କର ଅଛି । ତାଙ୍କର ସେହି ମତଲବ କଣ, ବୁଝି ତାକୁ ପୂରଣ କଲେ ଆମର ଜୀବନ ସାର୍ଥକ ହେବ । ଆମ ଜୀବନର ସୁଖ କହ ବା ଦୁଃଖ କହ; ଭଗବାନଙ୍କର ସେହି ଉଦ୍ଦେଶ୍ୟ ପୂରଣ ଉପରେ ସବୁ ନିର୍ଭର କରେ । ଏଭଳି ଅବସ୍ଥାରେ ଜୀବନର ସେହି ଉଦ୍ଦେଶ୍ୟକୁ ଯଦି ଆମେ ଆଖି ଆଗରେ ନ ରଖୁ ଏବଂ ଆମର କଣ କରିବା ଉଚିତ ଓ କଅଣ ନ କରିବା ଉଚିତ, ତାହା ଯଦି ନ ବୁଝୁ, ତେବେ ଜୀବନ ନାନା ଦୁଃଖ-ଦୁର୍ଦ୍ଦଶାରେ ପୂର୍ଣ୍ଣ ହୋଇ ଶୁଷ୍କ ଓ ନୀରସ ହୋଇଯିବ । ସେଭଳି ଅବସ୍ଥାରେ ଆମେ ଯେତେବେଳେ ଯାହା କରିବୁ ତହିଁରେ ଆମର ସନ୍ତୋଷ ଓ ତୃପ୍ତି ଆସିବ ନାହିଁ । ଆମେ ଯାହା କରିବୁ ବା ଯାହା ହାସଲ କରିବୁ, ତହିଁରେ ଆମର କି ଅବା କାହାର ଟିକେ ହେଲେ କୌଣସି ଲାଭ ହେବ ନାହିଁ । ଶେଷରେ ଆମର ସମସ୍ତ ଜୀବନଟା ଅକାମୀ ହୋଇ ନଷ୍ଟ ହୋଇଯିବ । ପାଠ ପଢ଼ି ଆମେ ଶିକ୍ଷିତ ହୋଇଥିବା ଯୋଗୁ ଆମ ଉପରେ ଅଧିକ ଏକ ଦାୟିତ୍ୱ ଆସି ପଡ଼ୁଛି । ସ୍ୱାସ୍ଥ୍ୟ ଭଲ ରଖିବାକୁ ହେଲେ ଅନ୍ତତଃପକ୍ଷେ ସାଧାରଣ ଯେ କେତୋଟି କଥା ଆମର ଜାଣିବା ଉଚିତ, ସେତକ ଜାଣି ଯଦି ସେହି ଅନୁସାରେ ଆମ ଜୀବନକୁ ନ ଚଳାଉ, ତେବେ ଆମ ଶିକ୍ଷାଦୀକ୍ଷାର ମୂଲ୍ୟ ଆଉ ରହିଲା କେଉଁଠି ? ଆମେ ଯେ ଶିକ୍ଷିତ, ଏ କଥାର ପରିଚୟ ଦେବାକୁ ହେଲେ, ସ୍ୱାସ୍ଥ୍ୟରକ୍ଷାର ସାଧାରଣ ନିୟମମାନ ପାଳି ନିଜର ସ୍ୱାସ୍ଥ୍ୟ ଭଲ ରଖିବା ସଙ୍ଗେ ସଙ୍ଗେ ଅନ୍ୟ ଆଶ୍ରିତ ପାଞ୍ଚଜଣଙ୍କର ସ୍ୱାସ୍ଥ୍ୟକୁ ମଧ୍ୟ ଭଲ ରଖାଇବା ଆମର ଏକ ପବିତ୍ର କର୍ତ୍ତବ୍ୟ । କିନ୍ତୁ ଶିକ୍ଷିତ ଲୋକଙ୍କ ଭିତରେ ଆଜି ଅନେକ ଲୋକ ବାହାରିବେ, ଯେଉଁମାନେ ନିଜର ଖରାପ ସ୍ୱାସ୍ଥ୍ୟପାଇଁ ନିଜେ ଦାୟୀ । ଏଭଳି ଅବସ୍ଥାରେ ଆମେ ଏଠାରେ ସାଧାରଣ ସ୍ୱାସ୍ଥ୍ୟରକ୍ଷାର କେତୋଟି ବିଧିବିଧାନ ଆଲୋଚନା କରିବାକୁ ଯାଉଛୁ ।

ରୋଗ ହାତରୁ ରକ୍ଷା ପାଇବାର ଉପାୟ—[Prevention of the disease]

ସ୍ୱାସ୍ଥ୍ୟ କିପରି ଅମୂଲ୍ୟ ପଦାର୍ଥ, ଥରେ ତାହା ନଷ୍ଟ ହୋଇଗଲେ ଆମେ ଯାଇ ବୁଝୁ । ରୋଗ ଯନ୍ତ୍ରଣାରେ ଛଟପଟ ନ ହେଲେ ସୁସ୍ଥ ଶରୀରର ଗୌରବ ପ୍ରକୃତରେ

Digitized by srujanika@gmail.com

ସହଜରେ ବୁଝି ହୁଏ ନାହିଁ । ପ୍ରାୟ ସମସ୍ତେ ଯୌବନ ବେଳର ଭୁଲଭ୍ରାନ୍ତି ପାଇଁ ପର-ଜୀବନରେ ଅନୁତାପ କରନ୍ତି । ଯଦି ସେହି ଭୁଲଭ୍ରାନ୍ତି ଫଳରେ ବର୍ତ୍ତମାନ ତୁମର ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଥାଏ ଏବଂ ତୁମେ ରୋଗବ୍ୟାଧି ଭୋଗୁଥାଅ, ତେବେ ପଛ କଥାକୁ ଭାଳି ଭାଳି ନିରାଶ ହେବା ଉଚିତ ନୁହେଁ । କାରଣ ସେଥିରେ ନିଜର ଅଧିକ କ୍ଷତି ହେବାଛଡ଼ା କୌଣସି ଲାଭ ନାହିଁ । ରୋଗବ୍ୟାଧି ହେଲେ ତାର ଚିକିତ୍ସା କର । ତା' ହେଲେ ଉତ୍ତମ ସ୍ୱାସ୍ଥ୍ୟ ତୁମେ ପୁଣି ଫେରି ପାଇବ । ପ୍ରଥମେ ରୋଗର ପ୍ରତିଷେଧକ ବ୍ୟବସ୍ଥା ଅର୍ଥାତ୍ ରୋଗ କିପରି ଆକ୍ରମଣ ନ କରିବ, ତାର ଉପାୟ ଜାଣି ରଖ । ଏଥିରେ ନିଜର କିଛି ଲାଭ ନ ହେଲେ ବି ନିଜ ଅଞ୍ଚଳ ଲୋକଙ୍କର ଉପକାର ତୁମେ କରି ପାରିବ । ଯେଉଁ ଧରଣର ଭୁଲ କରି ତୁମେ ନିଜର ସ୍ୱାସ୍ଥ୍ୟ ହରାଇଛ, ସେ ଧରଣର ଭୁଲ ହାତରୁ ତୁମେ ସେମାନଙ୍କୁ ଅନ୍ତତଃ ରକ୍ଷା କରି ପାରିବ । ନିଜର ଅଞ୍ଚଳ ଏବଂ ପ୍ରତିବେଶୀମାନଙ୍କୁ ସେବା କରିବାର ଏହା ହେଉଛି ଏକ ଉତ୍କୃଷ୍ଟ ପନ୍ଥା ।

ଅସଂଯମ ମଣିଷର ଏକ ଅତି ସାଧାରଣ ଦୁର୍ବଳତା । ବହୁଥର ଆମେ ଆମ ଇନ୍ଦ୍ରିୟମାନଙ୍କର ଗୋଲାମ ହୋଇ ପଡୁ । ସେମାନେ ଯେତେବେଳେ ଯେଉଁ ହୁକୁମ ଆମ ଉପରେ ଜାରି କରୁଛନ୍ତି, ତାକୁ ପାଳି ଦେବାର ଜ୍ଞାନ ଆମର ନାହିଁ । ଇନ୍ଦ୍ରିୟଗୁଡ଼ିକ ଆମ ପ୍ରତି ଈଶ୍ୱରଙ୍କର ଦାନ ଓ ଅନୁଗ୍ରହ । ଆମର କଲ୍ୟାଣ ଓ ମଙ୍ଗଳ-ପାଇଁ ଈଶ୍ୱର ସେଗୁଡ଼ିକୁ ଆମକୁ ଦେଇଛନ୍ତି; କିନ୍ତୁ ଆମେ ଯଦି ସେଗୁଡ଼ିକୁ ସବୁବେଳେ ନିଜ ହାତ ମୁଠାରେ ନ ରଖୁ, ତେବେ ସେଗୁଡ଼ିକ ଆମର ବଡ଼ ଶତ୍ରୁ ଭଳି କାମ କରନ୍ତି । ଏମାନଙ୍କର ବଶୀଭୂତ ହେବା ଫଳରେ ଆମର ସ୍ୱାସ୍ଥ୍ୟ ନଷ୍ଟ ହୁଏ । ଆମକୁ ରୋଗବ୍ୟାଧି ଆକ୍ରମଣ କରେ ଏବଂ ଆମେ ଦୁର୍ବଳ ହୋଇପଡ଼ୁ । କାରଣ ଏମାନଙ୍କୁ ଲମ୍ବା ଲଗାମ ଦେଇ ଛାଡ଼ିଦେଲେ ଠିକ୍ ଘୋଡ଼ାଙ୍କ ଭଳି ଏମାନେ ପ୍ରବଳ ହୋଇ ଉଠନ୍ତି ଓ ମନଇଚ୍ଛା ଆମକୁ ଏଣେ ତେଣେ ଟାଣିନେଇ ଖାଲ ଖମାରେ ପକାନ୍ତି । ତେଣୁ ସବୁବେଳେ ଭଲ ହେବାକୁ ଜ୍ଞାନ ଅର୍ଜନ କର । ତା' ଫଳରେ ତୁମେ ସେମାନଙ୍କର ବଶୀଭୂତ ନ ହୋଇ ସେମାନଙ୍କୁ ନିଜ ବଶରେ ରଖିବାକୁ ସମର୍ଥ ହେବ । ନିଜର ଖାଇବା ପିଇବା ଜଗି ଚଳ । କଠିନ ପରିଶ୍ରମ ଏବଂ ସ୍ୱାସ୍ଥ୍ୟକର ଖେଳ କୌତୁକରେ ଯୋଗ ଦିଅ । ଦରକାର ମୁତାବକ କୁସ୍ତି କସରତ୍ କର । ନିୟମିତ ଭାବରେ ଶୁଅ । ଅନିଦ୍ରାରେ ରହି ରାତିକୁ ଦିନରେ ପରିଣତ କର ନା । ସ୍ୱାର୍ଥପର ନ ହୋଇ ଅନ୍ୟର ସେବା କରିବାକୁ ଓ ପାଖ ପଡ଼ୋଶୀଙ୍କର ଉପକାର କରିବାକୁ ଶିକ୍ଷା କର । ଭଲ କାମ କରିବାର ସୁବିଧା ଓ ସୁଯୋଗ ଖୋଜି ବୁଲ । ତୁମର ଚିନ୍ତାରେ ଯେପରି କୌଣସି ପ୍ରକାର ପାପକଥା ବା ଅବଳତା ନ ପଶେ, ସେଥିପାଇଁ ସର୍ବଦା ଜାଗ୍ରତ ଥାଇ ରୁହ । ପ୍ରକୃତରେ ଏସବୁ ହେଉଛି ଉତ୍ତମ ସ୍ୱାସ୍ଥ୍ୟ ରଖିବାର ପ୍ରକୃତ ପନ୍ଥା ।

ରୋଗବ୍ୟାଧି ହାତରୁ ରକ୍ଷା ପାଇବାର ଆଉ ଗୋଟିଏ ଉପାୟ ହେଉଛି— ନିଜର ଆୟକୁ ଅନାଇ ବ୍ୟୟ କରିବା । ଆମର ଏ କଥା ଶୁଣି ଅନେକେ ହୁଏତ

Digitized by srujanika@gmail.com

ହସି ଉଠିବେ । ଆମେ ନିଜେ ଯାହା, ତାହାଁରୁ ବଡ଼ବୋଲି ଦେଖାଇ ହେବା ଫଳରେ ଆମର ଯେଉଁ ନୈତିକ ଅଧୋଗତି ଆରମ୍ଭ ହୁଏ, ତାହା ଅତି ଭୟଙ୍କର । ଏହାଦ୍ୱାରା ଛଳନା ଆମକୁ ଗ୍ରାସ କରେ । ଭିତରେ ଆମେ ଯେତେ ଛୋଟ ହୋଇଥାଉ ପଛକେ, ବାହାରେ ଲୋକ ଦେଖାଣିଆ ଭାବରେ ଆମେ ବହୁତ ବଡ଼ ବଡ଼ କଥା କହୁ ଏବଂ ଏହି ବଡ଼ କଥାରୁ କ୍ରମେ ବଡ଼ ବଡ଼ କାମରେ ବି ଆମେ ହାତ ଦେଉ । ଫଳରେ ବଡ଼ଲୋକୀ ଦେଖାଇ ଆମେ ବଡ଼ ଲୋକଙ୍କ ଭଳି ଭୋଗବିଳାସ ଆଡ଼କୁ ଟଳିପଡ଼ୁ । ସେହି ଅନୁସାରେ ଆମ ଜୀବନ ମଧ୍ୟ ଗଢ଼ି ହୋଇଯାଏ । କିନ୍ତୁ ମନେରଖିବାକୁ ହେବ, ଏଭଳି ବିଳାସୀ ଜୀବନ ତଳେ ନାନା ଛୋଟ ବିଚୁର ଲୁଚିଥାଏ ଏବଂ ପଦାକୁ ବାହାରି ଆମକୁ ଖରାପ ଆଡ଼କୁ ନେଇଯାଏ; କିନ୍ତୁ ସରଳ ସୁନ୍ଦର ସାଧାରଣ ଜୀବନରେ ସରଳ ସୁନ୍ଦର ଚିନ୍ତା ଓ ସାଧୁ କାର୍ଯ୍ୟମାନ ସମ୍ଭବପର ହୁଏ ।

ଅନେକେ ହୁଏତ ବିଗୁଡ଼ିବେ, ରୋଗବ୍ୟାଧି ହାତରୁ ରକ୍ଷା ପାଇବା ପାଇଁ ଆମେ ଉପରେ ଯେଉଁ ସବୁ କଥା କହିଲୁ, ସେଗୁଡ଼ିକ ଯେମିତି ଅସଙ୍ଗତ, ସେମିତି ଦାମ୍ଭିକତାପୂର୍ଣ୍ଣ; କିନ୍ତୁ ଏ ଦୁନିଆକୁ ଆମେ ବହୁତ ଦିନ ହେଲା ଦେଖି ଆସିଲୁଣି—ରୋଗବ୍ୟାଧିର ଅସଲ ମୂଳ କାରଣ କଅଣ, ତାହା ଆମେ ବହୁ କ୍ଷେତ୍ରରେ ଦେଖି ଆସିଛୁ । ସେଥିପାଇଁ କଥାଟା ଆମର ଯେତେ କଡ଼ା ବୋଧ ହେଉ ପଛକେ ମୁକ୍ତ ଭାବରେ ସମସ୍ତଙ୍କୁ ଶୁଣାଇଦେବା ଉଚିତ ମନେ କରୁ ।

ରୋଗକୁ ଦୂର କରିବାର ଉପାୟ:—କୌଣସି ରୋଗର ଚିକିତ୍ସା କଲାବେଳେ ଅସଲ ପ୍ରୟୋଜନୀୟ କଥା ହେଉଛି, ବିଶ୍ୱାସ ଅଛି କାହାଠାରେ ନୁହେଁ, ଈଶ୍ୱରଙ୍କ ଉପରେ, ଔଷଧ ଉପରେ ଏବଂ ନିଜ ଉପରେ । ରୋଗୀ ନିଜ ଉପରେ ବିଶ୍ୱାସ ରଖିବାକୁ କହିବାର କାରଣ ହେଉଛି ଏହି ଯେ, ଏହା ନ ଥିଲେ ରୋଗୀର ମନ ସବୁବେଳେ ଅସ୍ଥିର ଏବଂ ଚଞ୍ଚଳ ରହେ । ଏହା ଫଳରେ ମୁହୂର୍ତ୍ତିକୁ ମୁହୂର୍ତ୍ତି ସେ ଚିକିତ୍ସକ ବଦଳାଇବାକୁ ଇଚ୍ଛା କରେ; ଗୋଟିଏ ଔଷଧ ପଛେ ଛାଡ଼ି ଆଉ ଗୋଟିଏ ଔଷଧ ଖାଇବାକୁ ବ୍ୟଗ୍ର ହୁଏ । ଏଥିରେ ରୋଗ ବଢ଼େ ସିନା, କମେ ନାହିଁ । ଧୀର ସ୍ଥିର ବୁଦ୍ଧି । ମନକୁ ଶାନ୍ତ ଏବଂ ନିର୍ମଳ କର । ନିଜକୁ ତୁମେ ଯେତେବେଳେ ଗୋଟିଏ ଭଲ ଡାକ୍ତର ହାତରେ ସମର୍ପି ଦେଲ, ସେତେବେଳେ ତାଙ୍କ ଉପରେ ବିଶ୍ୱାସ ରଖ । ବିଶେଷତଃ ତୁମର ରୋଗ ଯଦି ପୁରୁଣା ହୋଇଥାଏ; ତେବେ ଚିକିତ୍ସକଠାରେ ଏଭଳି ବିଶ୍ୱାସ ନିହାତି ଅବଶ୍ୟକ । ଚିକିତ୍ସା କରିବା ପାଇଁ ଡାକ୍ତରଙ୍କୁ ତୁମର ସବୁ ରକମର ସୁବିଧା ଓ ସୁଯୋଗ ଦେବା ଉଚିତ ଏବଂ ସେହିଭଳି ଯୁକ୍ତିଯୁକ୍ତ ଉତ୍ତମ କାରଣ ନ ଥିଲେ ଡାକ୍ତର ବଦଳାଇବା ଏକାବେଳକେ ଅନୁଚିତ । ପୁରୁଣା ରୋଗର ଚିକିତ୍ସାରେ ଆରୋଗ୍ୟ ଲାଭ କରିବାକୁ ବହୁତ ସମୟ ଲାଗେ ଏବଂ ଯେତିକି ସମୟ ଲାଗେ, ଫଳ ସେତିକି ଭଲ ମିଳେ । ପୁରୁଣା ରୋଗ ଯଦି ଶୀଘ୍ର ହଟିଯାଏ, ତେବେ ବେଳକାଳ ଦେଖି ପୁଣି ଓଲଟିବାର ସମ୍ଭାବନା ବରାବର ଥାଏ ।

Digitized by srujanika@gmail.com

ଆମ ଔଷଧଦ୍ୱାରା ଆପଣ ଯଦି ନିଜର ଚିକିତ୍ସା ନିଜେ କରନ୍ତି; ତେବେ ନିଜର ସ୍ୱଭାବ ଓ ପ୍ରକୃତି ଏବଂ ରୋଗର ସବୁ ଲକ୍ଷଣ ଠିକ୍‌ଠାକ୍ କରି ଭଲଭାବରେ ପ୍ରଥମେ ବୁଝିବାକୁ ଚେଷ୍ଟା କରନ୍ତୁ ଏବଂ ପରେ ତଦନୁସାରେ ଠିକଣା ଔଷଧ ବାଛି ନିଅନ୍ତୁ । କେବଳ ସେତିକି ନୁହେଁ, ଔଷଧରୁ ଠିକଣା ଫଳ ପାଇବାକୁ ହେଲେ, ଯେଉଁ ଜିନିଷ, ଯେଉଁ ଚିନ୍ତା ଓ ଯେଉଁ କାର୍ଯ୍ୟ ପରିହାର କରିବାର କଥା, ସେଗୁଡ଼ିକୁ ମଧ୍ୟ ଭଲ ଭାବରେ ବୁଝନ୍ତୁ ଏବଂ ତଦନୁସାରେ ଅଗ୍ରସର ହୁଅନ୍ତୁ । ମନେ ରଖନ୍ତୁ, ପ୍ରତ୍ୟେକ ଜିନିଷର ସୀମା ଅଛି । ଔଷଧର ମଧ୍ୟ ସେମିତି—ତାର ଶକ୍ତି ଅସୀମ ନୁହେଁ । ତୁମର ପ୍ରକୃତିକୁ ଠିକଣା ବାଟରେ ପକାଇବାକୁ ଔଷଧ କେବଳ ସାହାଯ୍ୟ କରିବ—ରୋଗକୁ ପ୍ରକୃତରେ ଭଲ କରିବ ନାହିଁ । ତୁମ ଦେହ, ମନ ଓ ପ୍ରକୃତିର ବିଶୃଙ୍ଖଳତା ଠିକ୍ ବାଟରେ ପଡ଼ିଗଲେ ରୋଗ ଛୁଏଁ ଛୁଏଁ ହଟିଯିବ—ଔଷଧର କୌଣସି ଦରକାର ହେବ ନାହିଁ । ତେଣୁ ତୁମ ପ୍ରକୃତି ଅନୁଯାୟୀ ଜୀବନ ନିୟମମାନ ନ ଭାଙ୍ଗି ନିଜ ଅବସ୍ଥାକୁ ଅନାଇ ଯେତେ ସାଧ୍ୟ ଭାବରେ ତାକୁ ମାନି ଚଳିପାର, ଚଳିବ ।

ଆଜିକାଲି ଆମ୍ଭେମାନେ ଏକ ବୈଜ୍ଞାନିକ ଯୁଗରେ ବାସ କରୁଛୁ; ଏ କଥା ସତ । କିନ୍ତୁ ବିଜ୍ଞାନର ଗୁଣଗାନ କରିବାକୁ ଯାଇ ଆମେ ଆଜି ସେହି ବିଜ୍ଞାନର ଜନନୀ ସ୍ୱରୂପା ପ୍ରକୃତି ପ୍ରତି କୌଣସିମତେ ଅସମ୍ମାନ ଦେଖାଇ ନ ପାରୁ । କିନ୍ତୁ ଦୁଃଖର କଥା—ଡାଳକୁ ପୂଜି ମୂଳକୁ ଗୋଇଠା ମାରିଲାଭଳି ଆମେ ପ୍ରକୃତି ପ୍ରତି ଅବହେଳା ଦେଖାଉଛୁ । ଲୋକଙ୍କର ବର୍ତ୍ତମାନ ଗୋଟାଏ ବିଶ୍ୱାସ ହୋଇଯାଇଛି ଯେ, ଔଷଧ, ଇଞ୍ଜେକସନ ସୂଚିକାଭେଦ ଟନିକ—ଅନ୍ୟାନ୍ୟ ବୈଦ୍ୟୁତିକ ଚିକିତ୍ସା ବଳରେ ରୋଗ ନିବାରଣ କରାଯାଇ ପାରିବ । ତେଣୁ ସେମାନଙ୍କର ନିଜ ପାଇଁ କିଛି କରିବାର ନାହିଁ । ଏହାଠାରୁ ବଳି ଭୁଲକଥା ଆଉ କିଛି ନାହିଁ । ହିସାବରୁ ଦେଖାଯାଇଛି ଯେ, କେବଳ ଗୁଡ଼ାଏ ଔଷଧ ଖାଇ ବେମାର ହୋଇଯିବା ଲୋକଙ୍କ ସଂଖ୍ୟା ଏ ଦୁନିଆରେ ଖୁବ୍ ଅଧିକ । ନ ବୁଝି ନ ବିଚାରି ଗୁଡ଼ାଏ ଔଷଧ ଖାଇଲେ ନାନା ପ୍ରକାର ରୋଗ ଜାତ ହୁଏ ଏବଂ ତାହା ପ୍ରକୃତ ରୋଗଠାରୁ ଅଧିକ ଭୟଙ୍କର ହୋଇ ଅଧିକ ଯନ୍ତ୍ରଣା ଦିଏ । ଯେଉଁ ରୋଗ ଦୂର କରିବା ପାଇଁ ସେ ଔଷଧ ଖିଆଯାଇଥାଏ, ଏ ରୋଗ ତାକୁ ବି ବଳିଯାଏ । ତେଣୁ ଉଗ୍ରବୀର୍ଯ୍ୟ ଔଷଧ ନ ଖାଇବା ଉଚିତ । ଆମ ଔଷଧ ଭୁଲରେ ପ୍ରୟୋଗ କଲେ ମଧ୍ୟ କୌଣସି ପ୍ରକାର ଅନିଷ୍ଟ ଅବଶ୍ୟ ହୁଏ ନାହିଁ; ତଥାପି ଅସ୍ଥାନରେ ତା'ର ମଧ୍ୟ ଅପବ୍ୟବହାର କରିବା ଉଚିତ ନୁହେଁ ।

ଜୀବନୀ ଶକ୍ତି—(Vitality) ମନୁଷ୍ୟ ଭିତରେ ଏକ ପ୍ରକାର ଶକ୍ତି ଅଛି, ଯାହା ତାକୁ ରୋଗ ଆକ୍ରମଣରୁ ରକ୍ଷା କରେ । ତାହାର ସାହାଯ୍ୟରେ ମଣିଷ ରୋଗ ଉପରେ ବିଜୟ ହାସଲ କରେ; କିନ୍ତୁ ଅନେକ କ୍ଷେତ୍ରରେ ଏହି ଶକ୍ତିର ଅପବ୍ୟବହାର କରାଯାଉଛି । ତେଣୁ ଏହି ଶକ୍ତି କଅଣ, ବିଭିନ୍ନ ଦିଗରୁ ତାର ବିଚାର ଏଠାରେ କରାଯାଉ ।

Digitized by srujanika@gmail.com

ଚିକିତ୍ସା ବିଜ୍ଞାନ ଦୃଷ୍ଟିରୁ ମଣିଷ ଦେହରେ ଥିବା ଅସଂଖ୍ୟ କୋଷ cell ସୁଚାରୁରୂପେ କାର୍ଯ୍ୟକ୍ଷମ ହୋଇ ରହିବାର ନାମ ହେଉଛି ଶକ୍ତି ! ଯେପର୍ଯ୍ୟନ୍ତ ମଣିଷ ଶରୀରର କୋଷ ଠିକ ଭାବରେ କାମ କରୁଥାଏ, ସେ ପର୍ଯ୍ୟନ୍ତ ଏହି ଶକ୍ତି ଅଟୁଟ ଥାଏ ଏବଂ ଯେତେବେଳେ ଏହା ତାର ନିଜର କାମ କରି ନ ପାରେ, ସେତେବେଳେ ଏହି ଶକ୍ତି କ୍ଷୀଣ ଓ ଦୁର୍ବଳ ହୋଇଯାଏ; କିନ୍ତୁ ଦୁଃଖର କଥା, ଚିକିତ୍ସା କ୍ଷେତ୍ରରେ କାମ କରୁଥିବା ସମସ୍ତେ ଏ କଥା ବୁଝନ୍ତି ନାହିଁ। ସୁଶିକ୍ଷିତ ଚିକିତ୍ସକମାନେ ମଧ୍ୟ ଏହାର ଭିନ୍ନ ଭିନ୍ନ ଦିଗ ସମ୍ବନ୍ଧରେ ବା ଏହାର ପ୍ରକାରଭେଦ ସମ୍ବନ୍ଧରେ ମୁଣ୍ଡ ଖେଳାନ୍ତି ନାହିଁ। ଶକ୍ତି କହିଲେ ସାଧାରଣ ଲୋକେ ଯାହା ବୁଝନ୍ତି, ତାହା ଯେ ଠିକ ନୁହେଁ, ଏହା ସୁଶିକ୍ଷିତ ଚିକିତ୍ସକମାନେ ସମସ୍ତେ ସ୍ୱୀକାର କରିବେ। ଶକ୍ତି କହିଲେ ଲୋକେ ସାଧାରଣତଃ ବଳ ପରାକ୍ରମକୁ ବୁଝିଥାନ୍ତି ଏବଂ ତାହା କିପରି ଲାଭ ହେବ, ସେଥିପାଇଁ ସମସ୍ତେ ମନପ୍ରାଣ ଦେଇ ଯତ୍ନ କରନ୍ତି। କିନ୍ତୁ ପ୍ରକୃତରେ ଶକ୍ତି ହେଉଛି, ଚାରିପ୍ରକାର ଯଥା—[୧] ଶାରୀରିକ [୨] ମାନସିକ, (୩) ସ୍ନାୟୁବିକ ଏବଂ (୪) ଆଧ୍ୟାତ୍ମିକ।

ଏହା ବୋଲି ଏହି ଚାରୋଟି ଶକ୍ତିକୁ ପରସ୍ପରଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ବୋଲି ଯଦି ବିଚାର କରାଯାଏ, ତାହା ହେଲେ ଭୁଲ ହେବ। ଅଲଗା ଅଲଗା ନାମରେ ସେଗୁଡ଼ିକ ନାମିତ କରାଗଲେ ସୁଦ୍ଧା ପ୍ରତ୍ୟେକର ପ୍ରତ୍ୟେକ ସଙ୍ଗେ ଏପରି ନିବିଡ଼ ସମ୍ପର୍କ ଅଛି ଯେ, ଗୋଟିକୁ ଅନ୍ୟ ଗୋଟିକଠାରୁ ଏକାବେଳକେ ଅଲଗା କରି ହେବ ନାହିଁ। ତେବେ ଏଠାରେ ଗୋଟି ଗୋଟି କରି ତାର ଚାରୋଟି ଶ୍ରେଣୀଭେଦ ଦେଖାଇବାର ଉଦ୍ଦେଶ୍ୟ ହେଉଛି ଏହି ଯେ, ଗୋଟିଏ ଜିନିସର ତିନୋଟି ଦିଗ ବାଦ ଦେଇ କେବଳ ଗୋଟାଏ ଦିଗରେ ଏକମୁହାଁ ହୋଇ ଆମେ ବିଚାର କରିବାକୁ ଚାହୁଁ ନା, ଏହା ସମସ୍ତେ ବୁଝନ୍ତୁ।

ଉପରେ ଯେଉଁ ଚାରିଶ୍ରେଣୀର ଶକ୍ତି କଥା କୁହାଗଲା ସେମାନଙ୍କ ମଧ୍ୟରେ ଶେଷ ଅର୍ଥାତ୍ ଆଧ୍ୟାତ୍ମିକ ଶକ୍ତି ସମ୍ବନ୍ଧରେ ଏଠାରେ ଦି ପଦ ନ କହି ରହି ହେଉନାହିଁ। ଆମ ଚାରିଆଡ଼କୁ ଥରେ ଦୃଷ୍ଟି ନିକ୍ଷେପ କର। କାହାପ୍ରତି ଆମର ଶ୍ରଦ୍ଧା ସମ୍ମାନ ସ୍ୱତଃ ଧାଇଁଯାଏ ? ଯେ ଦେଖିବାକୁ ଖୁବ ମୋଟାସୋଟା ଓ ହୃଷ୍ଟପୁଷ୍ଟ ? ଯେ ଖୁବ ବିଦ୍ୱାନ୍ ଓ ପଣ୍ଡିତ କିମ୍ବା ଯେ ଖୁବ ଧନଶାଳୀ ? ପ୍ରକୃତରେ ତା ନୁହେଁ। ଯେଉଁ ଲୋକ ଯେତେ ଦରିଦ୍ର ହୋଇ ପଛକେ, ବିବେକୀ ଓ ବୁଦ୍ଧିମାନ ଏବଂ ଯେ ସବୁବେଳେ ଅନ୍ୟାୟ ଓ ଅଧର୍ମର ଅସତ୍ୟ ପଥକୁ ଛାଡ଼ି ନ୍ୟାୟ ଓ ସତ୍ୟର ପଥରେ ଗତି କରେ ଏବଂ ଭୁଲ ନ କରି ଠିକ କାମ କରେ, ସେହି ଆମ ଶ୍ରଦ୍ଧା ସମ୍ମାନର ପାତ୍ର ହୁଏ। ତାହାଠାରେ ଏହି ଆଧ୍ୟାତ୍ମିକ ଶକ୍ତିର ବିକାଶ ଘଟିଥାଏ। ଏହି ଶକ୍ତିର ଅଧିକାରୀ ହେବାକୁ ହେଲେ କଣକୁ ସାଧୁ ବା ସନ୍ନ୍ୟାସୀ ପାଲଟିବାକୁ ହେବ, ତା ନୁହେଁ। ମନକୁ ସବୁବେଳେ ଈଶ୍ୱରାଭିମୁଖୀ କରିବା ଏବଂ ଜଗତରେ ସୁଖ ବା ଦୁଃଖ ଯାହା ଯାହା ଯେତେବେଳେ ଘଟୁଛି, ତାହାସବୁ ତାଙ୍କରି ଇଚ୍ଛାରେ ଘଟୁଛି ବୋଲି

Digitized by srujanika@gmail.com

ଅନୁଭବ କଲେ ଏହି ଶକ୍ତି ମିଳିବାର ପଥ ସୁଗମ ହୁଏ । ସୃଷ୍ଟିକର୍ତ୍ତାଙ୍କ ପ୍ରତି ତାଙ୍କ ସୃଷ୍ଟ ଜୀବର ମନୋଗତି ଯେତେବେଳେ ଏହି ଧରଣର ହୁଏ, ସେତେବେଳେ ତାର ଶରୀର ଓ ଆତ୍ମାକୁ ସେ ବିପଦ ଓ ରୋଗ-ଶୋକରୁ ରକ୍ଷା କରନ୍ତି । ଦୁନିଆର ସବୁ ଜିନିଷ ଈଶ୍ୱର ମଣିଷ ପାଇଁ ସୃଷ୍ଟି କରିଅଛନ୍ତି ସତ; କିନ୍ତୁ ତାଙ୍କ ନିଜପାଇଁ ସେ ସେ ମଣିଷକୁ ସୃଷ୍ଟି କରିଛନ୍ତି, ଏ କଥା ଭୁଲିଗଲେ ଚଳିବ ନାହିଁ । ମଣିଷ ଯେମିତି ସୃଷ୍ଟିର ସବୁ ଜିନିଷ ଉପରେ କର୍ତ୍ତୃତ୍ୱ ଲାଭ କରୁଛି, ଈଶ୍ୱର ସେମିତି ମଣିଷ ଉପରେ କର୍ତ୍ତୃତ୍ୱ ଲାଭ କରିବା ସ୍ୱାଭାବିକ । ଏଭଳି ଅବସ୍ଥାରେ ମଣିଷ ଯେତେବେଳଯାଏ ଈଶ୍ୱରଙ୍କ ଆଦେଶର ଅନୁବର୍ତ୍ତୀ ହୋଇ ଜୀବନପଥରେ ଚାଲୁଥାଏ, ସେ ପର୍ଯ୍ୟନ୍ତ ତାଙ୍କ ସୃଷ୍ଟିର ସବୁ ଜିନିଷ ମଣିଷ ଆଜ୍ଞାର ଅନୁବର୍ତ୍ତୀ ହୋଇ ରହିଥାନ୍ତି; କିନ୍ତୁ ଯେଉଁ ମୁହୂର୍ତ୍ତରେ ମଣିଷ ଈଶ୍ୱରଙ୍କ ନିକଟରେ ଦ୍ରୋହ ଆଚରଣ କରେ ଏବଂ ଆଦେଶକୁ ଅବଜ୍ଞା କରି ନୀତିଙ୍କ କାର୍ଯ୍ୟରେ ହାତ ଦିଏ, ସେହି ମୁହୂର୍ତ୍ତରେ ତା ଆଜ୍ଞାନୁବର୍ତ୍ତୀ ସୃଷ୍ଟିର ଅନ୍ୟସବୁ ଜିନିଷ ତାର ଦ୍ରୋହ ଆଚରଣ କରନ୍ତି ଏବଂ ତା ଆଜ୍ଞାକୁ ଅବଜ୍ଞା କରନ୍ତି—ଏପରି କି ଔଷଧ ବୁଟା ମଣିଷର କଥା ମାନି ଉପଯୁକ୍ତ ଫଳ ପର୍ଯ୍ୟନ୍ତ ଦିଏ ନାହିଁ ।

କାୟାକଳ୍ପ ବା ପୁନର୍ଜୀବନ ଲାଭ (Revitalization)—କଅଣ କଲେ ଆମେ ଦୀର୍ଘାୟୁ ହେବା ? ଓ ଆମେ ଯଦି ଜୀବନର ଆୟୁ ଘଟାଇ ପାରୁ, ତେବେ ଚେଷ୍ଟା କଲେ, ଆମେ ଜୀବନର ବୃଦ୍ଧି ମଧ୍ୟ ଘଟାଇ ପାରିବୁ । ପ୍ରକୃତିର ନିୟମକୁ ମାନି ନ ଚଳିଲେ ଆମେ ଅଳ୍ପାୟୁ ହୋଇଯାଉ, କିନ୍ତୁ ପ୍ରକୃତିର ନିୟମକୁ ଅକ୍ଷରେ ଅକ୍ଷରେ ମାନି ଚଳିଲେ ଆମେ ଦୀର୍ଘାୟୁ ହେଉ । ପ୍ରକୃତିର ନିୟମ କହିଲେ ସାଧାରଣତଃ ସମସ୍ତେ ଯାହା ବୁଝନ୍ତି, ଏଠାରେ ସେଇ କଥା କୁହାଯାଉଛି । ପାଠୁଆ ଲୋକେ, ଯେଉଁମାନେ ଉଚ୍ଚଶିକ୍ଷା ଫଳରେ ବିଜ୍ଞାନ ଶାସ୍ତ୍ର ଅଧ୍ୟୟନ କରି-ଅଛନ୍ତି, ସେମାନେ ଏଥିପାଇଁ ଯେଉଁସବୁ ନିୟମ ଓ ବିଧିବିଧାନର କଥା କହନ୍ତି, ପ୍ରକୃତିର ନିୟମ ଓ ବିଧିବିଧାନ ତାଠାରୁ ଅଲଗା ନୁହେଁ ।

ଦୀର୍ଘକାଳ ବଞ୍ଚି ରହିବାକୁ ହେଲେ ପୁଷ୍ଟିକାରକ ଖାଦ୍ୟ ଖାଇବା ପରେ ତାକୁ ଉତ୍ତମରୂପେ ପରିପାକ କରିବା ଏବଂ ପରିପାକ ପରେ ଶରୀରର ଅନାବଶ୍ୟକ ଅଂଶଗୁଡିକ ଭିତରୁ ପଦାକୁ ବାହାର କରିଦେବା—ଏହି ତିନୋଟି କଥା ଉପରେ ଯଥେଷ୍ଟ ଦୃଷ୍ଟିଦେବା ଆମର ଉଚିତ । ଏହାହିଁ ପ୍ରକୃତିର ପ୍ରଧାନ ନିୟମ ଏବଂ ଆମ ପ୍ରକୃତିରେ ଯେଉଁଠି ଯେଉଁ କ୍ରମ ଅଛି, ଏହା ତାହାକୁ ପ୍ରଭାବିତ କରେ । ଏହି କାରଣରୁ ଆମ ଜୀବନର ଗତିବିଧି ଓ ଚାଲିଚଳନ ଉପରେ ଆମ ଦେହର ଭଲ ମନ୍ଦ ଓ ଆମର ସ୍ୱାସ୍ଥ୍ୟ ବହୁପରିମାଣରେ ନିର୍ଭର କରେ । ଭୋଗ ବିଳାସ ପାଇଁ ଆମର ଜୀବନ ଉଦ୍ଦିଷ୍ଟ ନୁହେଁ । ଆମର କେତେଗୁଡ଼ିଏ କର୍ତ୍ତବ୍ୟ ଅଛି । ସେଗୁଡିକ ସାଧନ କରିବା ପାଇଁ ଆମେ ଜୀବନ ନେଇ ଏ ଦୁନିଆକୁ ଆସିଛୁ । ରୋଗୀ-ମାନଙ୍କଠାରୁ ଆମ ଆଖିକୁ ଲମ୍ବାଚୌଡ଼ା ଯେଉଁସବୁ ଛଟା ଆସୁଛି ତହିଁରେ ସେମାନଙ୍କ

Digitized by srujanika@gmail.com

ରୋଗର ବିସ୍ତୃତ ବିବରଣ ଦେଇ ସେମାନେ ଆମର ପରାମର୍ଶ ଓ ଚିକିତ୍ସା ଲୋଡ଼ୁଛନ୍ତି । ନଷ୍ଟଶକ୍ତି ପୁଣି କିପରି ସେମାନେ ଫେରିପାଇବେ, ଏଥିପାଇଁ ପ୍ରାୟ ସବୁ ଚିଠିରେ ସେମାନେ ଆମକୁ ଉପାୟ ପଚାରୁଛନ୍ତି । ସେ ପତ୍ରଗୁଡ଼ିକ ପାଠକଲେ ଜଣାଯାଏ ମଉଜ ମଜଲିସରେ ଜୀବନଟାକୁ କିପରି ଉପଭୋଗ କରିବେ, ଏଥିପାଇଁ ସେମାନେ ନଷ୍ଟଶକ୍ତି ଫେରି ପାଇବାକୁ ଚାହାନ୍ତି । ଏହାଛଡ଼ା ସେମାନଙ୍କ ଜୀବନର ଅନ୍ୟକିଛି ଆଦର୍ଶ ଅଛି ବୋଲି ମନେ ହୁଏନାହିଁ । ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିବା ଏବଂ ରକ୍ଷା କରିବା ପ୍ରତି ସେମାନଙ୍କର ଆଦୌ ଲକ୍ଷ୍ୟ ଥିଲା ପରି ମନେହୁଏ ନାହିଁ; କିନ୍ତୁ ଏହାଠାରୁ ବଳି ବଡ଼ ଭୁଲ ସେମାନଙ୍କର ଆଉ କିଛି ନାହିଁ । ଏକଥା ବୁଝିରଖିବା ଉଚିତ ଯେ, ଯେଉଁ ଶକ୍ତି ଫେରିପାଇବା ପାଇଁ ସେମାନେ ବ୍ୟାକୁଳ, ଉତ୍ତମ ସ୍ୱାସ୍ଥ୍ୟରୁ ହିଁ ତାହା ମିଳିଥାଏ । ତେଣୁ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିବା ବାଟରୁ ସବୁ କଣ୍ଟା ଦୂର ନ କଲେ ନଷ୍ଟଶକ୍ତି ଲାଭ କରିହେବ ନାହିଁ, କିମ୍ବା କ୍ଷତିଶକ୍ତିକୁ ବଢ଼ାଇ ହେବ ନାହିଁ । ସ୍ୱାସ୍ଥ୍ୟ ଯଦି ଭାଙ୍ଗି ପଡ଼ିଥାଏ ବା ନଷ୍ଟ ହୋଇଯାଇଥାଏ, ତେବେ ପୁଣି ଥରେ ତାକୁ ଉତ୍ତମ କରି ଗଢ଼ିବା ହେଉଛି କାୟାକଳ୍ପ ବା ପୁନର୍ଜୀବନ ଲାଭର ପ୍ରକୃତ ଅର୍ଥ । ଏହି ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୂଳନୀତି କଣ, ତାକୁ ରକ୍ଷା କରିବା ପାଇଁ ଓ ନଷ୍ଟ ହୋଇ ଯାଇଥିଲେ ପୁଣି ଥରେ ଲାଭ କରିବାପାଇଁ ଆମର କର୍ତ୍ତବ୍ୟ କଅଣ, ସେଇ କଥା ବର୍ତ୍ତମାନ ଆମେ ଠିକେ ଠିକେ କହିବା । ରୋଗର ଚିକିତ୍ସା କଥା ଯେଉଁ ଅଧ୍ୟାୟରେ କୁହାଯାଇଛି, ସେହି ଅଧ୍ୟାୟରେ ରୋଗୀର ଶାରୀରିକ ବିଶେଷତ୍ୱକୁ ଘେନି ଚିକିତ୍ସାରେ ଅଗ୍ରସର ହେଲାବେଳେ, ବିଜ୍ଞାନ ମଣିଷ ପାଇଁ କଣ କରେ, ତାହା ଆମେ ବୁଝାଇଛୁ । ଏହାଠି ସେ ଦୁଇଟି ଜିନିଷକୁ ଠିକ ଭାବରେ ଆଲୋଚନା କରି ବୁଝି ପାରିଲେ ଆମର, ଆମ ପ୍ରିୟ ପରିଜନମାନଙ୍କର ଏବଂ ଆମ ଗୃହପଟେ ଥିବା ଅନ୍ୟ ସମସ୍ତଙ୍କର ଲାଭ ହେବ ।

ପୁଷ୍ଟିକାରକ ଖାଦ୍ୟ (Nutrition)—ଶରୀରର ପୁଷ୍ଟିବିଧାନ ପାଇଁ ଉପଯୁକ୍ତ ଖାଦ୍ୟ ଖାଇବା ଉଚିତ । ଉପଯୁକ୍ତ ଖାଦ୍ୟ କହିଲେ, ମୂଲ୍ୟବାନ ଖାଦ୍ୟ ନୁହେଁ । ଈଶ୍ୱର ଆମ ଖାଇବା ପାଇଁ ଯେଉଁ ଜିନିଷ ତିଆରି କରିଛନ୍ତି, ସେହି ଗୁଡ଼ିକହିଁ ଆମର ଉପଯୁକ୍ତ ପ୍ରାକୃତିକ ଖାଦ୍ୟ । ତେଣୁ ସେହି ଖାଦ୍ୟ ଗ୍ରହଣ କରିବାହିଁ ଆମ ପକ୍ଷରେ ଉଚିତ । ବୈଜ୍ଞାନିକମାନେ ଯେଉଁ ସବୁ ଖାଦ୍ୟକୁ ଭଲ ବୋଲି କହିଥାନ୍ତି, ତହିଁରେ ଆମର ମୁଣ୍ଡ ଗଳାଇବା ଦରକାର ନାହିଁ । କାରଣ ଜ୍ଞାନଲାଭ କରିବା ଦୃଷ୍ଟିରୁ ସେମାନେ ବିଜ୍ଞାନର ଆଲୋଚନା କରିଥାନ୍ତି; ତେଣୁ ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ସେ ସବୁର ଉପଯୋଗିତା କେତେ ଦୂର, ତାହା ଉପରେ ସେମାନଙ୍କର ସେଭଳି ଦୃଷ୍ଟି ନ ଥାଏ । ପଶୁପକ୍ଷୀମାନଙ୍କୁ ମାରି ଯେଉଁମାନେ ସେମାନଙ୍କର ମାଂସ ଖାଉଅଛନ୍ତି, ସେମାନଙ୍କ ତୁଳନାରେ ଶାଗ ପଖାଳ ବା ଚପାତି ଚଟଣି ଖାଉଥିବା ଲୋକ ଅନେକ ସମୟରେ ଅଧିକତର ହୃଷ୍ଟପୁଷ୍ଟ ହୋଇଥିବାର ଦେଖାଯାଆନ୍ତି । ବିଜ୍ଞାନ ଦୃଷ୍ଟିରୁ ଯାହା ପୁଷ୍ଟିକାରକ; ତାହା ହେଉଛି ସାତ୍ତ୍ୱିକ ଖାଦ୍ୟ । ମିଲମାନଙ୍କରୁ ଯେଉଁ ସଫା ଚାଉଳ ଦୋକାନ ବଜାରମାନଙ୍କରେ ମିଳୁଛି, ତହିଁରେ ଖାଦ୍ୟ ହିସାବରେ ଆମର ଶରୀର

Digitized by srujanika@gmail.com

ପକ୍ଷରେ ଗ୍ରହଣୀୟ ସାର ନ ଥାଏ । କଳଫେସା ମଇଦାରେ ତିଆରି ରୁଟିରେ ଆମର ଶରୀରର ପୁଷ୍ଟିବିଧାନ କରିଭଳି କୌଣସି ସାର ନ ଥାଏ । ଧନୀ ଲୋକେ ଯେଉଁ ଖାଦ୍ୟ ଖାଆନ୍ତି, ତହିଁରେ ଅତ୍ୟଧିକ ଖାଦ୍ୟସାର ଥିବାରୁ ସାଧାରଣତଃ ତାହା ଗୁରୁପାକ ହୋଇଥାଏ; କିନ୍ତୁ ସେମାନଙ୍କର ପାକଶକ୍ତି କ୍ଷୀଣ ଓ ଦୁର୍ବଳ ହୋଇଥିବାରୁ ତାହା ସହଜେ ଜୀର୍ଣ୍ଣ ହୁଏ ନା । ଦରିଦ୍ର ଶ୍ରମିକ ଶ୍ରେଣୀର ଲୋକେ ଯେଉଁ ଖାଦ୍ୟ ଖାଆନ୍ତି, ତହିଁରେ ଶରୀରର ପୁଷ୍ଟି ଓ ବଳାଧାନ ପାଇଁ ଆବଶ୍ୟକୀୟ ଉପାଦାନ ପର୍ଯ୍ୟାପ୍ତ ପରିମାଣରେ ନ ଥାଏ । ବଡଲୋକଙ୍କ ଖାନା ଖାଇବା ପାଇଁ ସେମାନଙ୍କ ଅଣ୍ଟାରେ ପଇସା ମଧ୍ୟ ନ ଥାଏ । ଏଭଳି ଅବସ୍ଥାରେ କର୍ତ୍ତବ୍ୟ କଅଣ, ତାହା ଭାବିବାର କଥା । ଏ ଗୋଲକଧନ୍ଦା ଭିତରେ ବିଜ୍ଞାନ ଆମର ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି । ଖାଇବା ବେଳେ ପ୍ରତ୍ୟହ ଯଦି ଗ୍ରାମଟେ କି ଅଧ ଗ୍ରାମଟେ ଅଲ୍‌ବୋସାଙ୍ଗ [Albosang] ଥରେ କିମ୍ବା ଦୁଇଥର ଖାଦ୍ୟସହ ଖିଆଯାଏ, ତେବେ ଶରୀରଧାରଣ ପାଇଁ ଆବଶ୍ୟକୀୟ ଉପାଦାନମାନ ଆମ ଖାଦ୍ୟରେ ଅନୁପାତ ମୁତାବକ ଆମକୁ ମିଳେ । ଆମ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଯେଉଁସବୁ ଲବଣ ଓ ଖାଦ୍ୟସାର ପ୍ରୟୋଜନ; 'ଅଲବୋସାଙ୍ଗ' ସେବନରୁ ସେ ସମସ୍ତ ସହଜେ ଆମେ ପାଉ । ପ୍ରାକୃତିକ ଭୋଜନ ହେଉଛି ସର୍ବଶ୍ରେଷ୍ଠ ଭୋଜନ ଏବଂ ତାହା ସହିତ 'ଅଲବୋସାଙ୍ଗ' ମିଶିଲେ ତାର ସାତ୍ତ୍ୱିକତା ଓ ପୁଷ୍ଟିକାରିତା ଆହୁରି ଅଧିକ ବଢ଼ିଯାଏ । ଏହାର ଉଦାହରଣସ୍ୱରୂପ ତଳେ ଗୋଟିଏ ଘଟଣା ବର୍ଣ୍ଣନା କରାଯାଉଛି:—

ଖାଦ୍ୟ ପରିପାକ—ଆମେ ଯାହା ଖାଉ, ତାହା ଉତ୍ତମରୂପେ ପରିପାକ ହେଲେ ଆମର ସ୍ୱାସ୍ଥ୍ୟ ଭଲ ହୁଏ । ପୁଣି ଆମେ ଯାହା ଖାଉ ଏବଂ ଯେପରି ଭାବରେ ଖାଉ, ତାହାରି ଉପରେ ହଜମ ହେବା, ନ ହେବା ନିର୍ଭର କରେ । ଆମେ ଶରୀରଧାରଣ ପାଇଁ ପ୍ରୟୋଜନୀୟ ଖାଦ୍ୟ ଖାଉଁ ସତ, କିନ୍ତୁ ଯେପରି ଭାବରେ ଖାଇବାର କଥା, ସେପରି ନ ଖାଇ ତାକୁ ଅଖାଦ୍ୟରେ ପରିଣତ କରି ଖାଉ । ଖାଦ୍ୟ ଜୀର୍ଣ୍ଣ ହେବା ଦୁଇଟି କଥା ଉପରେ ନିର୍ଭର କରେ । ପ୍ରଥମଟି ହେଉଛି, ଆମେ କଣ ଖାଉଛୁ ଏବଂ ଦ୍ୱିତୀୟଟି ହେଉଛି କିପରି ଖାଉଛୁ । ଯେ କୌଣସି ଖାଦ୍ୟ ହେଉନା କାହିଁକି, ପେଟକୁ ଯିବା ଆଗରୁ ତାକୁ ଆଚ୍ଛା କରି ଚୋବାଇବା ଉଚିତ । ଖାଦ୍ୟ ପଦାର୍ଥକୁ ଚୋବେଇ ଚୋବେଇ ଖାଇଲେ ଅଜଗିଳାଙ୍କ ପରି ଅଧିକ ଗୁଣ୍ଡାଏ ଖାଇ ଯିବା ବିପଦରୁ ରକ୍ଷା ମିଳେ । ଦାନ୍ତ ଯାହାର ଖରାପ, ଖାଦ୍ୟ ତାର ଭଲରୂପେ ଜୀର୍ଣ୍ଣ ନ ହେବା ସ୍ୱାଭାବିକ । ଖାଦ୍ୟ ଯଦି ଭଲ ଜୀର୍ଣ୍ଣ ନ ହୁଏ, ତେବେ ଦାନ୍ତ ଭଲ ଥିଲେ ମଧ୍ୟ ଅଳ୍ପକାଳ ମଧ୍ୟରେ ରୋଗଗ୍ରସ୍ତ ହେବା ବିଚିତ୍ର ନୁହେଁ । ତେଣୁ ଭଲ ଦାନ୍ତ ଦୁଇ ବେଢ଼ ପାଇବାକୁ ହେଲେ ଖାଦ୍ୟ ହଜମ ହେବା ଉପରେ ନଜର ରଖ ଏବଂ ହଜମ ଶକ୍ତିକୁ ଅତୁଟ ରଖିବାକୁ ହେଲେ ଭଲ ଦାନ୍ତ ଉପରେ ନଜର ରଖ ।

ଖାଦ୍ୟ ପଦାର୍ଥ ଠିକ୍ ଭାବରେ ହଜମ ହେଉଛି କି ନାହିଁ; ତାହା ଜାଣିପାରିବା ସହଜ ନୁହେଁ । ଅନେକ ସମୟରେ ଦେଖାଯାଏ, ଯେଭଳି ଖାଇବାର କଥା ସେଭଳି

Digitized by srujanika@gmail.com

ଣି ଉଠିଲେ ଭୁଖ ଏବଂ ହଜମ ଶକ୍ତି ଭଲ ଥିବାର ମନେ ହେଉଥିଲେ ଭୁଖ ଅନ୍ୟମାନଙ୍କ ତୁଳନାରେ ଲବଣ ଅଜୀର୍ଣ୍ଣରୁ ଜାତ ନାନା ପ୍ରକାର ଦୁଃଖ ହେଉଛି । ଅଧିକ ଗୁଡ଼ାଏ ଗୁଡ଼ା କମ୍ବା କାଙ୍କ ଖାଇଲେ କମ୍ବା ଧୂଆଁ ପିଇଲେ ହଜମ ଶକ୍ତି ଉପରେ ମଧ୍ୟ ଆଞ୍ଚ ଆସିଥାଏ ।

ସମୀକରଣ—(Assimilation) ଯେଉଁମାନେ ଯେଉଁଭଳି ଖାଇବାର କଥା ସେଭଳି ଖାଆନ୍ତି ଏବଂ ଖାଦ୍ୟ ପଦାର୍ଥ ଭଲ ହଜମ କରି ପାରନ୍ତି; ଅଥଚ ଦୁର୍ବଳ ଓ ଜୀର୍ଣ୍ଣଶୀର୍ଣ୍ଣ ଦେଖାଯାନ୍ତି, ସେମାନଙ୍କ ଅବସ୍ଥାରୁ ବୁଝାଯାଏ ଯେ; ସେମାନେ ଯାହା ଖାଉଛନ୍ତି ତାହା ବା ତାର ସାରକୁ ସେମାନଙ୍କ ଶରୀର ଠିକ୍ ଭାବରେ ଗ୍ରହଣ କରିପାରୁ ନାହିଁ । ଫଳରେ ସେମାନେ ଯେତେ ଖାଇଲେହେଁ ତାହା ସେମାନଙ୍କ ଦେହରେ ଲାଗୁ ନାହିଁ । ଜଣା ଓ ଅଜଣା ଅନେକ କାରଣରୁ ଏପରି ଘଟିଥାଏ । ପରବର୍ତ୍ତୀ ଚିକିତ୍ସା ପ୍ରକରଣରେ ଏ ସମ୍ବନ୍ଧରେ ବୁଝାଇ ଦିଆଯିବ

କୋଷ୍ଠବଦ୍ଧତା—Elimiuation (evacuation)କୋଷ୍ଠଶୁଦ୍ଧି ଉପରେ ଖାଦ୍ୟ ହଜମ ହେବା ଓ ଦେହର ବଳାଧାନ ହେବା ନିର୍ଭର କରେ । ପୁଷ୍ଟିକର ଖାଦ୍ୟ ଖାଇଲେ ଏବଂ ତାହା ଭଲ ରୂପେ ଜୀର୍ଣ୍ଣ ହେଲେ ଝାଡ଼ା ସଫା ନ ହେବାର କୌଣସି କାରଣ ନାହିଁ । ଉପଯୁକ୍ତ ବ୍ୟାୟାମ ବା ଅଙ୍ଗ ଚାଳନା ନ କଲେ କୋଷ୍ଠଶୁଦ୍ଧି ନ ହେବାର କଥା ! ପେଟ ଭିତରେ ଯେଉଁସବୁ ଅନ୍ତ୍ର, ଭିତରର ଅପରିଷ୍କୃତ ପଦାର୍ଥକୁ ଝାଡ଼ାରୂପେ ପଦାକୁ କାଢ଼ିଦିଏ, ତାର ସେହି କାଢ଼ିଦେବାର ଶକ୍ତି କ୍ଷୀଣ ବା ଦୁର୍ବଳ ହେଲେ ଏବଂ ସ୍ନାୟୁମଣ୍ଡଳୀ ହୀନବଳ ଓ ଦୁର୍ବଳ ହୋଇ ପଡ଼ିଲେ ମଧ୍ୟ କୋଷ୍ଠବଦ୍ଧତା ହୁଏ । ଆଜିକାଲି ସ୍ନାୟବିକ ଦୁର୍ବଳତା ଭଳି ଏହି କୋଷ୍ଠବଦ୍ଧତା ସମସ୍ତଙ୍କଠାରେ ଏକ ସାଧାରଣ ରୋଗରୂପେ ଦେଖା ଗଲାଣି । କୋଷ୍ଠଶୁଦ୍ଧି ପାଇଁ କୌଣସି ପ୍ରକାର ବିରେଚକ ଔଷଧ ଖାଇଲେ ଏହା କମିବା ତ ଦୂରର କଥା, ବରଂ ଦିନକୁ ଦିନ ବଢ଼ି ଉଠେ । ଏଥିପାଇଁ ଲୋକର ପ୍ରକୃତିଭେଦରେ ତାର ସ୍ୱଭାବ ଓ ଚାଲିଚଳଣିକୁ ଅନାଇ ସ୍ୱତନ୍ତ୍ର ଚିକିତ୍ସା ଦରକାର ।

ସ୍ନାୟବିକ ବିକାର ବା ବାତଦୋଷ—(Nervous disturbances·
ଆମ ସ୍ୱାସ୍ଥ୍ୟର ଭଲମନ୍ଦ ଅନେକାଂଶରେ ଆମର ସ୍ନାୟୁମଣ୍ଡଳୀର ଭଲମନ୍ଦ ଉପରେ ନିର୍ଭର କରେ; କିନ୍ତୁ ବର୍ତ୍ତମାନ ଯୁଗର ସଭ୍ୟତା ଏପରି ହୋଇଛି ଯେ ପ୍ରତି ମୁହୂର୍ତ୍ତରେ ତାର କୁପ୍ରଭାବ ଆମର ସ୍ନାୟୁମଣ୍ଡଳୀ ଓ ମସ୍ତିଷ୍କକୁ ଆକ୍ରାନ୍ତ କରୁଛି । ଏହା ଫଳରେ ଛୋଟପିଲା-ମାନେ ବି ଜନ୍ମରୁ ସ୍ନାୟବିକ ଦୁର୍ବଳତା ବା ବାତପ୍ରକୋପକୁ ସଙ୍ଗରେ ନେଇ ଜନ୍ମ ହେଉଛନ୍ତି । ଏହାର ସର୍ବୋତ୍କୃଷ୍ଟ ପ୍ରତିକାର ହେଉଛି, ପ୍ରାକୃତିକ ବିଧିବିଧାନ ମାନି ଚଳିବା । ସବୁ କାମରେ ଆମେ ଯଦି ନିୟମିତ ହେଉ, ଶୋଇଲାବେଳେ ଗାଢ଼ ନିଦରେ ଶୋଉ, ଏବଂ ସବୁବେଳେ ମନକୁ ଧୀର ସ୍ଥିର ରଖି ଶାନ୍ତିରେ ରହୁ ତେବେ ସେହିଗୁଡ଼ିକ ବାତ ରୋଗର ପ୍ରାକୃତିକ ଔଷଧ ଭଳି କାମ କରିବ । କିନ୍ତୁ ଜୀବନର ଉଦ୍ଦେଶ୍ୟ କଣ, ତାହା ନ ବୁଝିଲେ ମନ ଧୀରସ୍ଥିର ହେବ ନାହିଁ କି

Digitized by srujanika@gmail.com

ଜୀବନରେ ଶାନ୍ତି ଆସିବ ନାହିଁ । ଜୀବନରେ ସବୁବେଳେ ଯଦି ଆମେ ସାଂସାରିକ ଭୋଗବିଳାସର ସ୍ୱପ୍ନ ଦେଖୁ, ସର୍ବଦା ଖ୍ୟାତି ଏବଂ ଧନ ସମ୍ପଦର ମୋହରେ ବାଉଳା ହେଉ, ତେବେ ସେହି କାମନାଗୁଡ଼ିକ ଶତ୍ରୁ ପରି ଆମ ଚିତ୍ତଶାନ୍ତିରେ ବାଧା ଦେବେ; କିନ୍ତୁ କେତେଗୁଡ଼ିଏ କର୍ତ୍ତବ୍ୟ ପାଳନ କରିବା ଆମ ଜୀବନର ଉଦ୍ଦେଶ୍ୟ ବୋଲି ଆମେ ଯଦି ବୁଝୁଁ, ତେବେ ଆମର ଦାୟିତ୍ୱଗୁଡ଼ିକୁ ବୁଝିବାରେ ଈଶ୍ୱର ଆମର ସହାୟ ହେବେ ଏବଂ ସେଗୁଡ଼ିକୁ ତୁଲାଇବାରେ ଆମକୁ ଶକ୍ତି ଓ ସାହସ ମଧ୍ୟ ଦେବେ । ତେବେ ଯାଇ ଆମର ଜୀବନ ସରସ, ସୁନ୍ଦର ଓ ଶାନ୍ତିପୂର୍ଣ୍ଣ ହେବ ଏବଂ ଆମେ ପ୍ରକୃତ ମନୁଷ୍ୟ ପରି ବଞ୍ଚି ହେବୁ ।

ବାତ ରୋଗ ହେବାର କେତେଗୁଡ଼ିଏ ପ୍ରାକୃତିକ କାରଣ ଏବଂ ଆଉ କେତେ-ଗୁଡ଼ିଏ ଅପ୍ରାକୃତିକ କାରଣ ମଧ୍ୟ ଅଛି । ପ୍ରାକୃତିକ କାରଣମାନଙ୍କ ମଧ୍ୟରେ ନାନାବିଧ ରୋଗ, ଶକ୍ତିବହିର୍ଭୂତ କାର୍ଯ୍ୟ, ଦୁଶ୍ଚିନ୍ତା, ଦୁଃଖଶୋକ, ଭୟ, ମୋହ, ଅପମାନ ଏବଂ ଜୀବନର ଉତ୍ଥାନପତନ ଆଦି ପ୍ରଧାନ । ଅପ୍ରାକୃତିକ କାରଣମାନଙ୍କ ମଧ୍ୟରେ ପ୍ରକୃତିର ବିରୁଦ୍ଧାଚରଣ କରିବା, ଅପ୍ରାକୃତିକ ମୈଥୁନ ଓ ହସ୍ତମୈଥୁନରେ ଲିପ୍ତ ହେବା, ଅତ୍ୟଧିକ ସ୍ତ୍ରୀ ପ୍ରସଙ୍ଗରେ ଏବଂ ବିଳାସ ଆଦିରେ ଆକୃଷ୍ଟ ହୋଇ ଜୀବନ କଟାଇବା ଆଦି ପ୍ରଧାନ । ପ୍ରକୃତି ବିରୁଦ୍ଧରେ ଯାଇ ତାର ଆଇନକାନୁନ ଭଙ୍ଗିଲେ କେହି ଦଣ୍ଡରୁ ନିସ୍ତାର ପାଇବେ ନାହିଁ ।

ଅପୁଷ୍ଟିକର ଖାଦ୍ୟ ଖାଇଲେ, ଭଲ ହଜମ ନ ହେଲେ ଓ ଝାଡ଼ା ପରିଷ୍କାର ନ ହେଲେ—ଗୋଟିଏ କଥାରେ ଯାହାକୁ ପିତ୍ତଦୋଷ ବୋଲି କୁହାଯାଏ, ତାହିଁରୁ ମଧ୍ୟ ବାତ ରୋଗ ଉତ୍ପନ୍ନ ହୋଇଥାଏ । ତେଣୁ ପୁଷ୍ଟିକର ଖାଦ୍ୟ ଖାଇ, ହଜମ ଶକ୍ତିକୁ ଠିକ୍ ରଖି, କୋଷ୍ଠଶୁଦ୍ଧିର ପଥ ପରିଷ୍କାର କଲେ ଏହା ସହଜେ ଉପଶମ ହୋଇଯାଏ । ପକ୍ଷାନ୍ତରରେ ବାତ ରୋଗକୁ ମଧ୍ୟ ଜୀର୍ଣ୍ଣଶକ୍ତିରେ ଗୋଳମାଳ ଆରମ୍ଭ ହୁଏ—ଯେତେ ଖାଇଲେ ବି ଦେହରେ ଲାଗେ ନାହିଁ, କୋଷ୍ଠବଦ୍ଧତା ହୁଏ ଏବଂ ଏପରିକି ରକ୍ତ ପର୍ଯ୍ୟନ୍ତ ଦୂଷିତ ହୋଇଯାଏ । ଏଥିରୁ ବେଶ ବୁଝାଯାଏ ଯେ, ପିତ୍ତଦୋଷରୁ ବାତରୋଗ ଉତ୍ପନ୍ନ ହେଉଥିଲେହେଁ ବାତରୋଗରୁ ମଧ୍ୟ ପିତ୍ତଦୋଷ ଉତ୍ପନ୍ନ ହୁଏ—ଦୁଇଟି-ଯାକ ପରସ୍ପର ସଙ୍ଗେ ଅଙ୍ଗାଙ୍ଗୀଭାବରେ ଜଡ଼ିତ ଏବଂ ଚିକିତ୍ସା କ୍ଷେତ୍ରରେ ଏହା ଏକ ବିଷମ ଗୋଲକଧନ୍ଦା ସୃଷ୍ଟି କରିଛି ।

ଗୋଟିଏ ରୋଗର ଚିକିତ୍ସା କରିବାକୁ ଗଲାବେଳେ ସ୍ନାୟୁମଣ୍ଡଳ ଉପରେ ଦୃଷ୍ଟି ରଖି ଅଗ୍ରସର ହେବା ଯୁକ୍ତିସଙ୍ଗତ ଓ ଆବଶ୍ୟକ ।

ରକ୍ତର ଅଳ୍ପତା ବା ଅଶୁଦ୍ଧି କଫଦୋଷ :— (Blood changes) ପୂର୍ବରୁ କୁହାଯାଇଛି ଯେ, ପିତ୍ତଦୋଷ ଓ ବାତ ଦୋଷରୁ ରକ୍ତଦୋଷଜନିତ ରୋଗ ଉତ୍ପନ୍ନ ହୁଏ । ରକ୍ତରେ କଫର ପ୍ରଭାବ ପୂର୍ଣ୍ଣମାତ୍ରାରେ ପ୍ରକାଶ ପାଏ । ତୃତୀୟ ଭାଗର ଚିକିତ୍ସା ପ୍ରକରଣରେ ଏହି ରକ୍ତର ବିଭିନ୍ନ ଅବସ୍ଥା ଓ ରକ୍ତଶୁଦ୍ଧିର ଉପାୟମାନ ଭଲ ରୂପେ ବୁଝାଇ ଦିଆଯାଇଛି । ତନ୍ମଧ୍ୟରୁ ନିମ୍ନରେ ପ୍ରଧାନ ଦୁଇଟି କଥା

Digitized by srujanika@gmail.com

ବୁଝାଯାଉଛି:—

ପୁରୁଣା ମାଲେରିଆ ବିଷ:— [Chronic Malaria] ଏହି ମ୍ୟାଲେରିଆଜ୍ୱର ସମସ୍ତ ଭାରତରେ ଗୋଟାଏ ଆତଙ୍କ ସୃଷ୍ଟି କରିଅଛି । ମଣିଷ ଦେହରେ ଏହି ଜ୍ୱର ବହୁ ବର୍ଷାବଧି ଲୁଚି ରହେ, ଏ କଥା ସାଧାରଣଲୋକେ ପ୍ରାୟ ଜାଣନ୍ତି ନାହିଁ । ୨୫ଦିନ ତଳେ କି ୨୫ମାସ ପୂର୍ବେ ଜଣେ ଲୋକ ଏହି ଜ୍ୱରରେ ଆକ୍ରାନ୍ତ ହୋଇଅଛି, ତହିଁରେ ବିଶେଷ କିଛି ଯାଏ ଆସେ ନାହିଁ । ଏ ଜ୍ୱର ଥରେ ଆକ୍ରମଣ କଲେ ତାର ବିଷ ଦେହ ଭିତରେ ଲୁଚି ରହେ ଏବଂ ଶରୀରର ବହୁ କ୍ଷତି ଅଜାଣତରେ ସାଧନ କରେ । ଏହି ଜ୍ୱର ବେଶି ଦିନର ପୁରୁଣା ହୋଇଗଲେ ଖିଆପିଅର ସାମାନ୍ୟ ଗୋଳମାଳରେ ପାକସ୍ଥଳୀରେ ଓ ଜାଣ୍ଡିଶରେ ବିଶୃଙ୍ଖଳା ଉପସ୍ଥିତ ହେବା ଫଳରେ ହଜମ କରିବା ଶକ୍ତି କମିଆସେ । ରୋଗୀଠାରେ କେତକ ସ୍ଥଳରେ ଜ୍ୱରର ସାମାନ୍ୟ ଲକ୍ଷଣ ପ୍ରକାଶ ପାଏ; ଆଉ କେତେକ କ୍ଷେତ୍ରରେ ଜ୍ୱର ଅଛି ବୋଲି ଆଦୌ ଜଣାପଡ଼େ ନାହିଁ । ଭିତରେ ଭିତରେ ଜ୍ୱର ଏତେ ସାମାନ୍ୟ ପରିମାଣରେ ଥାଏ ଯେ, ଥର୍ମୋମିଟର ବା ଜ୍ୱର ଦେଖିବା ଯନ୍ତ୍ରରେ ମଧ୍ୟ ତାହା ଧରାପଡ଼େ ନା ।

ଗରମି ରୋଗର ବିଷ:—[Venereal Poison] ମେହ ଓ ଉପଦଂଶ ଆଦି ଗରମି ରୋଗ ଯେଉଁମାନେ ଭୋଗ କରି ଅଛନ୍ତି ଏବଂ ସେମାନେ ନିଜର ରକ୍ତଶୁଦ୍ଧି ପାଇଁ ବିଶେଷ କୌଣସି ଚିକିତ୍ସା କରି ନାହାନ୍ତି ସେମାନଙ୍କ ସ୍ୱାସ୍ଥ୍ୟ କୌଣସି-ମତେ ଭଲ ରହି ନ ପାରେ । କେବଳ ସେତିକି ନୁହେଁ, ସେମାନଙ୍କୁ ଯଦି ଅନ୍ୟ କୌଣସି ପ୍ରକାର ରୋଗ ଦୁର୍ଭାଗ୍ୟକ୍ରମେ ଧରେ, ତେବେ ତାର ଚିକିତ୍ସା ଅତ୍ୟନ୍ତ କଷ୍ଟକର ହୋଇ-ଉଠେ । କାରଣ, ଗରମି ବିଷ ମଣିଷ ଦେହରେ ବହୁବର୍ଷ ଯାଏ ରହିଥାଏ ଏବଂ ଯେତେ ବଢ଼ିଆ ଔଷଧ ଖାଇଲେ ମଧ୍ୟ ତାହା କୌଣସି କାମ ଦେଖାଇ ପାରେ ନାହିଁ । ଡାକ୍ତରମାନେ କହନ୍ତି, ଗରମି ବିଷ ଦେହରେ ବହୁ ବର୍ଷଯାଏ ରହେ । ତେଣୁ ରୋଗର ଚିକିତ୍ସା ଶେଷ ହେଲେ ମଧ୍ୟ ରକ୍ତଶୁଦ୍ଧି ପାଇଁ ବର୍ଷେ ଛଅମାସ ଔଷଧ ଖାଇବା ଦରକାର । ରୋଗର ବାହାର ଲକ୍ଷଣ ସବୁ ଲୁଚିଗଲେ ରୋଗ ଭଲ ହୋଇଗଲା ବୋଲି ବିଚାରି ଔଷଧ ବ୍ୟବହାର ବନ୍ଦ କରିବା ଉଚିତ ନୁହେଁ । ଏସବୁ କଥା କହି ରୋଗୀ-ମାନଙ୍କୁ ଭୟଭୀତ କରାଇବା ଆମର ମତଲବ ନୁହେଁ । କେବଳ ଆମେ ଯାହା ଜାଣୁ ଏବଂ ବିଜ୍ଞାନ ଯାହାକୁ ଅନୁମୋଦନ କରେ; ନଷ୍ଟ ସ୍ୱାସ୍ଥ୍ୟ ଫେରି ପାଇବାପାଇଁ ସେହିଭଳି କେତେ ଗୁଡ଼ିଏ ସରଳ ସହଜ ଓ ସୁଖଶାନ୍ତିପ୍ରଦ ଉପାୟ ସମସ୍ତଙ୍କ ହିତ ଓ କଲ୍ୟାଣ ପାଇଁ କହୁଅଛୁ ।

Digitized by srujanika@gmail.com

ଭେଷଜ ଲକ୍ଷଣ

(ଦ୍ୱିତୀୟ ଭାଗ)

ସାଧାରଣ ସୂଚନା:— [General Directions] ଯେଉଁଠାରେ ଔଷଧର ମାତ୍ରା କେତେ, ଉଲ୍ଲେଖ କରାଯାଇଥିବ, ତାକୁ ଛାଡ଼ି ଅନ୍ୟାନ୍ୟ ସବୁ କ୍ଷେତ୍ରରେ ଔଷଧର ସାଧାରଣ ମାତ୍ରା ଶିଶୁମାନଙ୍କ ପାଇଁ ଏକ ଗ୍ରେନର ଛଅ ଭାଗରୁ ଭାଗେ ଏବଂ ପ୍ରାପ୍ତବୟସ୍କମାନଙ୍କ ପାଇଁ ଦୁଇଗ୍ରେନ୍ ବୋଲି ବୁଝିବାକୁ ହେବ । ସ୍ଫୋଟକାରକ ଔଷଧର ମାତ୍ରା [ଅଗରେ ଦେଖ] ପରିମାଣ କିଛି ବଢ଼ାଇ ଦିଆଯାଇ ପାରେ ଏବଂ ଆହାର ପରେ ସେବନ କରାଯାଏ । ଔଷଧ ମାପିବା ପାଇଁ ଆମର ଯେଉଁ ଷ୍ଟେଣ୍ଟ ଚାମଚ ଅଛି, ଔଷଧ ସେବନ କଲାବେଳେ ତାକୁ ବ୍ୟବହାର କର । ଭୋଜନ କରି ଔଷଧ ଖାଇବ ନାହିଁ । ତିନି ଗ୍ରେନ୍‌ର ବଟିକା ଆକାରରେ ଯେଉଁ ସବୁ ଔଷଧ ମିଳେ, ଶିଶୁମାନଙ୍କ ପାଇଁ ତାର ଆଠ ଭାଗରୁ ଭାଗେ ଏବଂ ପ୍ରାପ୍ତବୟସ୍କମାନଙ୍କ ପାଇଁ ଅଧା କିମ୍ବା ପୂରା ବଟିକା ଥରକେ ସେବନ କରାଯାଇ ପାରେ । ରୋଗର ସାଧାରଣ ଅବସ୍ଥାରେ ଥରକେ ଔଷଧମାତ୍ରା ଟିକିଏ ଊଣା କରିଦିଅ; କିନ୍ତୁ ରୋଗଟା ଯଦି ଉତ୍କଟ ରୂପ ଧାରଣ କରିଥାଏ ଏବଂ ରୋଗୀ ପକ୍ଷରେ ରୋଗର ତୁରନ୍ତ ଉପଶମ ଆବଶ୍ୟକ ହୋଇଥାଏ, ଯେପରି ଉଗ୍ର ଜ୍ୱର, ବିଛା କାମୁଡ଼ା, କିମ୍ବା ପ୍ଲେଗ ଆଦି ରୋଗ ହୁଏ ତେବେ ଥରକେ ପୂରା ମାତ୍ରାରେ କିମ୍ବା ତାଠାରୁ ଅଧିକ ମାତ୍ରାରେ ଔଷଧ ସେବନ କରାଯାଇ ପାରେ । ରୋଗର ଉଗ୍ରତା ଓ ଜରୁରୀ ଅବସ୍ଥା ତଥା ବିଗୁର ଅବସ୍ଥା ଭେଦରେ ଘଣ୍ଟାକଠାରୁ ତିନି ଘଣ୍ଟା ଅନ୍ତରରେ ଏବଂ ରୋଗ ପୁରୁଣା ହୋଇଥିଲେ ଚାରି ଘଣ୍ଟାଠାରୁ ବାରଘଣ୍ଟା ଅନ୍ତରରେ ଔଷଧ ସେବନ କରିବିକା ବିଧି । ରୋଗର ପ୍ରଥମ ଅବସ୍ଥାରେ ଅଳ୍ପ ବ୍ୟବଧାନରେ ଅଳ୍ପ ମାତ୍ରାର ଔଷଧ ସେବନ କଲେ ଭଲ ଫଳ ମିଳେ ଏବଂ ରୋଗୀ ଶୀଘ୍ର ଆରୋଗ୍ୟ ଲାଭ କରେ । ଏପରି କ୍ଷେତ୍ରରେ ରୋଗୀର ଅବସ୍ଥା ଭଲ ଆଡ଼କୁ ଆସିବା ସଙ୍ଗେ ସଙ୍ଗେ ଔଷଧର ମାତ୍ରା କମାଇବାକୁ ହୁଏ ଓ ଔଷଧ ସେବନର ବ୍ୟବଧାନ ବଢ଼ାଇବାକୁ ହୁଏ । ଏପରି କରିବାର କାରଣ ହେଉଛି ଏହି ଯେ, ଏହା ଫଳରେ ପ୍ରକୃତିକୁ ସାହାଯ୍ୟ କରିବା ପାଇଁ ଔଷଧକୁ ଫୁରୁସତ ମିଳେ ଏବଂ ପ୍ରକୃତି ତାର କାମ ଦେଖାଏ ।

ଔଷଧ ମାପିବା ପାଇଁ ଆମର ଯେଉଁ ଚାମଚ ଅଛି, ତହିଁରେ ଥରକେ ବଡ଼ ଅଂଶରେ ଏକ ଗ୍ରେନ୍ ପରିମିତ ଔଷଧ ଧରେ ଏବଂ ତାର ଶେଷାଂଶ ଆଡ଼କୁ ଯେଉଁ ଛୋଟ ସ୍ଥାନଟି ଅଛି, ତହିଁରେ ଅଧ ଗ୍ରେନ୍ ଧରେ । ଔଷଧ ମାପିଲାବେଳେ ଏହି

ଗୃମଚରେ ସମାନ ଭର ପୂର୍ଣ୍ଣ କରିବାକୁ ହୁଏ । ଉଚ୍ଚକର ନୁହେଁ । ଔଷଧ ଟିକିଏ ଉଣା କି ଅଧିକ ହୋଇଗଲେ ବିଶେଷ କିଛି ଯାଏ ଆସେ ନାହିଁ । ଖାଇଲାବେଳେ ଔଷଧକୁ ଜିଭ ଉପରେ ରଖି ପରେ ଟିକିଏ ପାଣି ସହ ଢୋକ ଦେବାକୁ ହୁଏ । ନତୁବା ଟିକିଏ ପାଣି କିମ୍ବା ଦୁଧରେ ଗୋଳେଇ ଖିଆଯାଇ ପାରେ; ନ ହେଲେ ମହୁରେ ମିଶାଇ ଗୁଣ୍ଡି ଖିଆଯାଇ ପାରେ ।

ପୁଷ୍ଟିକାରକ ଓ ରୋଗ ନିବାରକ ଔଷଧମାନ —(Constructives & Curatives) ପ୍ରକୃତ ସତ କଥା କହିଲେ ପ୍ରତ୍ୟେକ ଔଷଧର ଦୁଇଟି ଗୁଣ ଅଛି ପ୍ରଥମଟି ହେଉଛି, ତାହା ଶରୀରର ପୁଷ୍ଟିବିଧାନ କରେ ଏବଂ ଦ୍ୱିତୀୟଟି ହେଉଛି, ତାହା ରୋଗ ନିବାରଣ କରେ । ଯେଉଁ ଔଷଧ ରୋଗ ନିବାରଣ କରିବ, ତାହା ନିଶ୍ଚୟ ପୁଷ୍ଟିକାରକ ହେବ । କାରଣ ଦେହ ଭିତରେ ଯେଉଁସବୁ ରୋଗ ବା ଜୀବାଣୁ ଶରୀରର ବୃଦ୍ଧି ଓ ବିକାଶରେ ବାଧା ଦେଉଛନ୍ତି, ଏହା ସେଗୁଡ଼ିକୁ ନଷ୍ଟ କରିବା ସଙ୍ଗେ ସଙ୍ଗେ ଖାଦ୍ୟସାର ଯୋଗାଇ ଦେହର କୋଷଗୁଡ଼ିକୁ ସୁସ୍ଥ ଓ ସବଳ କରେ । ଏପରି ହେଲେ ସୁଦ୍ଧା ସବୁ ଔଷଧ ଏକା ରକମର ନୁହେଁ । କେତେକ ଔଷଧ କେବଳ ପୁଷ୍ଟିକାରକ ଏବଂ ଆଉ କେତେକ ଔଷଧ କେବଳ ରୋଗନିବାରକ । ତଳେ ପ୍ରକୃତ ପୁଷ୍ଟିକାରକ କେତେଗୁଡ଼ିଏ ଔଷଧର ନାମ ଦିଆଯାଉଅଛି:—

ଅଲବୋସାଙ୍ଗ, ବେଷ୍ଟିନ, ପେପଟୋସିଡ, ଫ୍ରକ୍‌ଟୋଜାଇମ, ସେପ୍‌ଟୋଜାର୍ମ, ଓପୋ କୁଇନାଇନ, ଅୟୋବିନ, ମେଡକେଟେଡ କାଲସିଅମ, ଡ଼ିଂବିଂ ସାଲଫେଟ, ଭିଟୋଫୁଡ୍‌ ଏସବୁ ଯୌଗିକ ଔଷଧରେ ଲବଣ ଓ ହରମୋନ୍‌ ଆଦି ତତ୍ତ୍ୱର ସନ୍ନିବେଶ କରାଯାଇଛି । ତେଣୁ ଏଗୁଡ଼ିକ ପୁଷ୍ଟିକାରକ ହେବା ସଙ୍ଗେ ସଙ୍ଗେ ରୋଗ-ନିବାରକ ମଧ୍ୟ । ରୋଗ ନିବାରଣ ପାଇଁ ଏହି ସବୁ ଔଷଧର ମାତ୍ରା ପରିମାଣ ହେଉଛି

$\frac{1}{8}$ ଗ୍ରେନ ଠାରୁ ୨ ଗ୍ରେନ୍‌ ପର୍ଯ୍ୟନ୍ତ; ଆଉ ଶରୀରର ପୁଷ୍ଟିବିଧାନ ପାଇଁ ମାତ୍ରା ପରିମାଣ ହେଉଛି ଅଧ ଗ୍ରେନଠାରୁ ପାଞ୍ଚ ଗ୍ରେନ୍‌ ପର୍ଯ୍ୟନ୍ତ । ଏକ କପ୍‌ ପରିମିତ ଦୁଧ କିମ୍ବା ଟିକିଏ ଲହୁଣି କି ମୁରବ୍ବା ନ ହେଲେ ଫଳରସ ସହ ମିଶାଇ ଖାଇବାକୁ ହୁଏ । କିଛି ନ ମିଳିଲାବେଳକୁ ଖାଲି ପାଣି ସଙ୍ଗେ ମିଶାଇ ମଧ୍ୟ ଏହିସବୁ ଔଷଧ ଭୋଜନ ଆଗରୁ କିମ୍ବା ପରେ ଖିଆଯାଇ ପାରେ ।

ଅନୁପାନ -- (Vehicles) ଔଷଧ କିପରି ଶୀଘ୍ର ଗୁଣ ଦେଖାଇବ, ସେଥିପାଇଁ କେତେଗୁଡ଼ିଏ ଅନୁପାନ ଅଛି । ଗରମ ପାଣିରେ ଔଷଧକୁ ମିଶାଇ ଖାଇଲେ କିମ୍ବା ଔଷଧ ଖାଇ ସାରିବା ପରେ କିଛି ଗରମ ପାଣି ପିଇଦେଲେ ଅତି ଶୀଘ୍ର ଔଷଧର ଗୁଣ ପ୍ରକାଶ ପାଏ । ଗରମ ପାଣିରେ ଔଷଧ ଗୋଳା ହେବା ପରେ ଖାଇବାବେଳକୁ ତାହା ଯଦି ଥଣ୍ଡା ହୋଇ ଯାଇଥାଏ, ତଥାପି ଶୀଘ୍ର ଖୁବ୍‌ ଭଲ ଫଳ ଦେଖାଏ । ଔଷଧର ଉଗ୍ରକ୍ରିୟାକୁ ଭାଙ୍ଗିଦେବାକୁ ହେଲେ ତାକୁ ଦୁଧ ସହିତ

Digitized by srujanika@gmail.com

ମିଶାଇ ଖାଇବ; କାରଣ ଏହା ତାର ଉଗ୍ର ଗୁଣକୁ ସମଶୀତଳ ଅବସ୍ଥାକୁ ନେଇଆସେ । ରୋଗୀ ଯଦି ଦୁର୍ବଳ ହୋଇଥାଏ ଏବଂ ଔଷଧ ଖାଇଲା ପରେ ଯଦି ତା ଦେହ ଗୁଳୁ-କରେ ବା ସେ ଯଦି ଅସ୍ଥିରତା ଅନୁଭବ କରେ, ତେବେ ଔଷଧକୁ ଦୁଇ ଚାରି ଚାମଚ ଦୁଧ ସଙ୍ଗେ ଗୋଳାଇ ଖାଇବାକୁ ଦେବ । ବିଶେଷତଃ ଆୟୋଡିନ ଓ ମେଡ଼କେଟେଡ଼୍ କାଲସିଅମ୍ ଔଷଧକୁ ଦୁଧ ସଙ୍ଗେ ଏହିପରି ମିଶାଇ ଖାଇବାକୁ ଦେବା ଉଚିତ । ବେଳେ ବେଳେ ଔଷଧର ମାତ୍ରା ଅଧିକ ହୋଇଗଲେ ମଧ୍ୟ ରୋଗୀ ଅତ୍ୟଧିକ ଉତ୍ତାପ ଅନୁଭବ କରେ । ସେପରି ଅବସ୍ଥାରେ ଔଷଧର ମାତ୍ରା ପରିମାଣ କମାଇ ଦେବାକୁ ହେବ । ଶ୍ୱାସ ଏବଂ ଫୁସ୍‌ଫୁସ୍ ରୋଗରେ ଔଷଧକୁ ଅଳ୍ପ ଟିକିଏ ମହୁ ସଙ୍ଗରେ ମିଶାଇ ଖାଇବାକୁ ଦେଲେ ଶୀଘ୍ର ଭଲ ଫଳ ମିଳେ । ଅଳ୍ପ କେତେକ ବିନ୍ଦୁରୁ ଆରମ୍ଭ କରି ପାଏ କିମ୍ବା ଅଧା ଚାମଚ ପର୍ଯ୍ୟନ୍ତ ମହୁ ବ୍ୟବହାର କରିବା ଉଚିତ ।

ମିଶ୍ରଣ—(Dilution) ଛୋଟ ଛୁଆ, ପିଲା, ଦୁର୍ବଳ ସ୍ତ୍ରୀ ଓ ପୁରୁଷ ଏବଂ ଯେଉଁ ରୋଗୀମାନେ ଶଯ୍ୟାଗତ ସେମାନେ କିପରି ଶୀଘ୍ର ଭଲ ହେବେ, ସେଥିପାଇଁ ନିମ୍ନଲିଖିତ ମତେ ଔଷଧ ଦେବ—ଗରମ ପାଣି ୮ ଚାମଚରୁ ୧୬ ଚାମଚ କିମ୍ବା ତହିଁରୁ ଅଧିକ ହେଲେ ଚଳେ । ତହିଁରେ ରୋଗ ଅନୁସାରେ ୪।୬ରଛଯାଏ ଔଷଧ ମିଶାଇ ରୋଗୀକୁ ଅଳ୍ପ ଅଳ୍ପ ବ୍ୟବଧାନରେ, ଅର୍ଥାତ୍ ପାଞ୍ଚ ପାଞ୍ଚ ମିନିଟ ବା ଦଶ ଦଶ ମିନିଟରୁ ଆରମ୍ଭ କରି ଘଣ୍ଟାଏ ଘଣ୍ଟାଏ କିମ୍ବା ଦୁଇ ଦୁଇ ଘଣ୍ଟା ଅନ୍ତରରେ ଚାମଚେ ଲେଖାଏଁ ଖାଇବାକୁ ଦେଲେ ଶୀଘ୍ର ଭଲ ଫଳ ମିଳେ । ଜ୍ୱର, ଝାଡ଼ା, ମୂତ୍ରରୋଗ ମୁଣ୍ଡବଥା, କାନବିନ୍ଧା ଗଳାରୋଗ ଏବଂ ସ୍ନାୟୁବିକ ଯନ୍ତ୍ରଣାରେ ଏହି ପ୍ରଣାଳୀରେ ଔଷଧ ସେବନ କଲେ ଖୁବ୍ ଭଲ ଫଳ ମିଳିଥାଏ ।

ଔଷଧର ପରିବର୍ତ୍ତନ—(Alternations) ବେଳେ ବେଳେ ଗୋଟିଏ ପରେ ଗୋଟିଏ ବଦଳା ବଦଳି କରି ଔଷଧ ଦେଲେ ବିଶେଷ ଭଲ ଫଳ ମିଳେ । ଧର. କୌଣସି ଏକ ରୋଗରେ ଭିନ୍ନ ଭିନ୍ନ ତିନିପ୍ରକାର ଔଷଧ ସେବନ କରିବାକୁ ହେବ । ସେପରି କ୍ଷେତ୍ରରେ ତୁମେ ପହିଲେ ପ୍ରଥମ ପ୍ରକାର ଔଷଧ ଦେଲ, କେତେକ ସମୟ ପରେ ଦ୍ୱିତୀୟ ପ୍ରକାର ଔଷଧ ଦେଲ ଏବଂ ଆଉ କେତେକ ସମୟ ପରେ ତୃତୀୟ ପ୍ରକାର ଔଷଧ ଦେଲ । ଏହାପରେ ପୁଣି ପ୍ରଥମ ପ୍ରକାର ଔଷଧ ପାଖକୁ ଫେରି ଆସିଲ ଏବଂ ପୂର୍ବପରି କ୍ରମ ଅନୁସାରେ ଗୋଟିଏ ପ୍ରକାର ପରେ ଆଉ ଗୋଟିଏ ପ୍ରକାର ଔଷଧ ଦେଲ । ଏହିପରି ଭାବରେ ଗୋଟିକ ପରେ ଗୋଟିଏ ବଦଳାଇ ଔଷଧ ଦେଲେ ଭଲ ଫଳ ମିଳେ । ଆହୁରି ମଧ୍ୟ ଭଲ ଫଳ ପାଇବା ପାଇଁ ପ୍ରଥମ ପ୍ରକାର ଔଷଧକୁ ଅଳ୍ପ ଅଳ୍ପ ମାତ୍ରାରେ ସାମାନ୍ୟ ବ୍ୟବଧାନ ରଖି କେତେ ପାନ; ଏକାଧିକ୍ରମେ ଦେଇ ତା ପରେ ଦ୍ୱିତୀୟ ଓ ତୃତୀୟ ପ୍ରକାର ଔଷଧକୁ ସେହିପରି ଯଥାକ୍ରମେ ଅଳ୍ପ ଅଳ୍ପ ମାତ୍ରାରେ ଦିଆଯାଇ ପାରେ ।

Digitized by srujanika@gmail.com

ସମୟ ଓ ପଥ୍ୟାପଥ୍ୟ (Time Diet etc) ଯେଉଁ ସବୁ ଔଷଧ ରୋଗ ନିବାରଣ ପାଇଁ ଅଭିପ୍ରେତ, ସେଗୁଡ଼ିକୁ ଖାଲିପେଟରେ ଅର୍ଥାତ୍ ଭୋଜନ କରିବାର ଘଣ୍ଟାଏ କି ଅଧଘଣ୍ଟା ଆଗରୁ କିମ୍ବା ଭୋଜନ କରିବାର ଦୁଇ ତିନି ଘଣ୍ଟା ପରେ ଖାଇଲେ ଭଲ ଫଳ ମିଳେ । କିନ୍ତୁ ଯେଉଁ ସବୁ ଔଷଧ କେବଳ ଶରୀରର ପୁଷ୍ଟି ବିଧାନ ପାଇଁ ଅଭିପ୍ରେତ, ସେଗୁଡିକ ଭୋଜନର ଠିକ୍ ପରେ କିମ୍ବା କୌଣସି ପ୍ରକାର ତରଳ ଖାଦ୍ୟ ପଦାର୍ଥରେ ମିଶାଇ ଖାଇବା ବିଧି । ପଥ୍ୟାପଥ୍ୟ ଯେନିସେପରି କୌଣସି ବିଶେଷ ଧରାବନ୍ଧା ପ୍ରକାର ନିୟମ ନାହିଁ । ତେବେ ଯେଉଁ ଜିନିଷ ଖାଇଲେ କଷ୍ଟ ଘଟିବ, ସେଭଳି ଜିନିଷ ଖାଅ ନାହିଁ । ଆଉ ଯେଉଁ ଜିନିଷ ଖାଇଲେ ତୁମ ଧାତୁରେ ଚଳିବ, ସେସବୁ ଜିନିଷ ଖାଅ । ରୋଗଟା ଯେତେବେଳେ ଖୁବ୍ ଉଗ୍ର ଅବସ୍ଥାରେ ଥିବ; ସେତେବେଳେ ଲଘୁପାକ ଖାଦ୍ୟ କିମ୍ବା ତରଳ ଖାଦ୍ୟ ଖାଇବା ଉଚିତ । ଗୁରୁପାକ ଭୋଜନ ଅପଥ୍ୟ । ଜ୍ୱର କିମ୍ବା ଅନ୍ୟ ରୋଗରେ ଏହି ପଥ୍ୟାପଥ୍ୟ ଉପରେ ବିଶେଷ ନଜର ରଖିବା ଦରକାର । କାରଣ ଚିକିତ୍ସାର ଫଳାଫଳ ଏହାରି ଉପରେ ପୂରାପୂରି ନିର୍ଭର କରେ ।

ବିଭିନ୍ନ ଔଷଧ ମିଶ୍ରଣ (Combinations) ଆମର ଯେତେ ଔଷଧ ଅଛି, ସେସବୁ ଗୋଟିକୁ ଆଉ ଗୋଟିକ ସଙ୍ଗେ ମିଶାଇ ସେବନ କରାଯାଇ ପାରେ । ଟିକିଏ ବୁଦ୍ଧି ଖଟାଇ ଠିକ୍ ଅନୁପାତ ଅନୁସାରେ ଭିନ୍ନ ଭିନ୍ନ ଔଷଧକୁ ଏକାଠି ମିଶାଇ ଖାଇଲେ ଔଷଧର ଭଲ ଫଳ ମିଳିଥାଏ । ଏ କାମ ସେଭଳି କଠିନ ନୁହେଁ, ତେବେ ଟିକିଏ ଚତୁରତା ଓ ବୁଦ୍ଧି ଦରକାର । ଆମ ଔଷଧ ଗୁଡ଼ିକ ତିନି ଶ୍ରେଣୀରେ ବିଭକ୍ତ । (୧) ପାଣିରେ ଗୋଳାଇ ଖାଇବା ଔଷଧ, (୨) ପାଣିରେ ନ ଗୋଳାଇ ଖାଇବା ଔଷଧ, (୩) କୀଟାଣୁନାଶକ ଔଷଧ । ଚିକିତ୍ସା କଲାବେଳେ ଖୁବ୍ ବେଶି ହେଲେ ଦୁଇଟି କିମ୍ବା ତିନୋଟି ଔଷଧକୁ ମିଶାଇ ମିଶ୍ରିତ ଔଷଧ ତିଆରି କରିବାକୁ ପଡ଼େ । ଏହି ମିଶ୍ରିତ ଔଷଧ ତିଆରି କଲାବେଳେ ଅନୁପାତ ଅନୁସାରେ କେଉଁ ଔଷଧରୁ ଅଧିକ ଭାଗ ଏବଂ କେଉଁ ଔଷଧରୁ ଅଳ୍ପ ଭାଗ ନେବାକୁ ହେବ । ଇଞ୍ଜେକ୍ସନ ତିଆରି କରିବାପାଇଁ ମଧ୍ୟ ଅନୁପାତ ଅନୁସାରେ ଭିନ୍ନ ଭିନ୍ନ ଔଷଧ ମିଶାଯାଇପାରେ ।

ପାଣିରେ ଗୋଳାଇ ଖାଇବା ଔଷଧମାନଙ୍କ (Soluble Compounds) ମଧ୍ୟରେ ଅଗରକୋ, ଆମଗ୍ଲିଆ, ଅରଭ୍ରିଟିନମ୍, ବ୍ରାଟା, ଡ୍ରାହ୍ମମଡାଇନ୍, କ୍ରୋମା-ଇନ୍, ଘାନି-ନାଇଟ୍ରେଟ୍, ଜି ଏମ., ଆଇଡୋଫସ୍, ଗ୍ଲସେଣ୍ଟ୍, ଟି. ଏମ. ଜାହର କୋ ପ୍ରଧାନ । ଏହିସବୁ ଔଷଧ, ପାଣିରେ ନ ଗୋଳାଇ ଖିଆଯାଉଥିବା-ଔଷଧ ସଙ୍ଗେ ଯଦି ଅଳ୍ପ ମାତ୍ରାରେ ମିଶାଇ ଦିଆଯାଏ; ତେବେ ସେଗୁଡ଼ିକର ଶକ୍ତି କମିଯାଏ ; କାରଣ ସେଗୁଡ଼ିକର କାର୍ଯ୍ୟକାରିତାକୁ ପାଣିରେ ନ ଗୋଳାଇ ଖିଆଯାଉଥିବା ଔଷଧର ଗୁଣ ଦବାଇ ଦିଏ । କେବଳ ଆଇଡୋଫସ୍ ଓ ଅରଭ୍ରିଟିନମ ଔଷଧରେ ଏ

Digitized by srujanika@gmail.com

କଥା କେଉଁ ନାହିଁ । କାରଣ ଏ ବର୍ତ୍ତିକ ବଡ଼ ଔଷଧ, ତେଣୁ ପାଣିରେ ନ ଗୋଳାଇ ଖିଆଯାଉଥିବା ଔଷଧ ସଙ୍ଗେ ଅଳ୍ପ ପରିମାଣରେ ମିଶିଲେ ସୁଦ୍ଧା ଏ ବର୍ତ୍ତିକ ଗୁଣ ନ କମାଇ ବରଂ ବଢ଼ାଏ ।

(Insoluble Compounds) ଉପରେ ଯେଉଁ ଔଷଧ ଗୁଡ଼ିକର ନାମ ଲେଖାଗଲା, ସେ ସବୁକୁ ଛାଡ଼ିଦେଲେ ଆଉ ଆମର ଯେତେ ଔଷଧ ରହିଲା ସେସବୁ ପାଣିରେ ନ ଗୋଳାଇ ଖିଆଯାଏ ଏବଂ ଗୋଟିକୁ ଆଉ ଗୋଟିକ ସଙ୍ଗେ ମିଶାଯାଇ ପାରେ ।

(Micro-organic) ଜୀବାଣୁନାଶକ ଔଷଧମାନଙ୍କ ଭିତରେ ଟି. ଏମ୍. ଜି. ଏମ୍. ଏବଂ ଜ୍ୱର-ଢୋର ନାମ ଉଲ୍ଲେଖଯୋଗ୍ୟ । ଏ ତିନୋଟି ଔଷଧକୁ ଅନ୍ୟ ଔଷଧ ସଙ୍ଗେ ମିଶାଇବା ନିଷେଧ । ଇଞ୍ଜେକ୍‌ସନରେ ଏହାକୁ ପ୍ରୟୋଗ କଲେ ଭଲ ଫଳ ମିଳେ । ଉଗ୍ର ଗନ୍ଧବିଶିଷ୍ଟ ପଦାର୍ଥଠାରୁ ଔଷଧକୁ ଦୂରରେ ରଖିବାକୁ ହୁଏ । ସେବନ କରିବା ପୂର୍ବରୁ ମୁହଁକୁ ଭଲରୂପେ ସଫା କରିବାକୁ ହେବ । ଖାଇବାର ଅଧଘଣ୍ଟା ଆଗରୁ ଏବଂ ଖାଇବାର ଅଧଘଣ୍ଟା ପରେ ପାନ, ବିଡ଼ି, ସିଗାରେଟ ବ୍ୟବହାର କରିବ ନାହିଁ ।

ଔଷଧର ଶକ୍ତି—(Trituration) ହୋମିଓପ୍ୟାଥିକ ଔଷଧ ଭଳି ଏହି ଔଷଧ ଗୁଡ଼ିକର ଶକ୍ତି ମଧ୍ୟ ଇଚ୍ଛା ଅନୁସାରେ ବଢ଼ାଇ ଦେଇହୁଏ । ହୋମିଓପାଥିରେ ଏମ୍. ଡ଼ି. ପାସ କରିଥିବା ଜଣେ ଏଲୋପାଥିକ ଡ଼ାକ୍ତର ଥରେ ଲେଖିଥିଲେ, ଆମ ମେଡ଼ିକେଟେଡ୍ କାଲସିଅମ ଓ ଅଲ୍‌ବୋସାଙ୍ଗ୍ ୩୦ ପୋଟେନ୍‌ସି (ଶକ୍ତି)କୁ ସେ ଆଶାତୀତ ଫଳଲାଭ କରିଅଛନ୍ତି । ସାଧାରଣ ରୋଗୀ ପକ୍ଷରେ ଯେତିକି ଆବଶ୍ୟକ, ସେହି ପରିମାଣରେ ଶକ୍ତି ଆମର ପ୍ରତ୍ୟେକ ଔଷଧରେ ଅଛି ।

ଔଷଧ ବାକସ୍—(Medicine Chests) ଆମର ଔଷଧ ବାକ୍‌ସରେ ୧ ନମ୍ବରଠାରୁ ୮ ନମ୍ବର ଯାଏ ଆଠଟି ମାତ୍ର ଔଷଧ ଅଛି । ଏହାର ବ୍ୟବହାର ବିଧି ଓ ଅନ୍ୟାନ୍ୟ ବ୍ୟାଖ୍ୟା ତାଲିକା ବିବରଣରେ ଦିଆ ଯାଇଛି (୧୪)ପୃଷ୍ଠାରେ । ସେବନ ବିଧି ପୁସ୍ତକ ଚଉଦଟି ଭିନ୍ନ ଭିନ୍ନ ଭାଷାରେ ମିଳେ । ଦୁଇ ପ୍ରକାର ଭିନ୍ନ ଭିନ୍ନ ସାଇଜର କାର୍ଡବୋର୍ଡ ବାକସ୍‌ରେ ଏହି ଔଷଧ ଗୁଡ଼ିକ ଥାଏ । ଏହି ଔଷଧକୁ ଗାଁ ଗହଳର ଲୋକମାନଙ୍କ ଚିକିତ୍ସା ପାଇଁ ସରକାରୀ କର୍ତ୍ତୃପକ୍ଷ, ବିଭିନ୍ନ ଅଞ୍ଚଳର ଦାତବ୍ୟ ଅନୁଷ୍ଠାନମାନ, ଜିଲ୍ଲାବୋର୍ଡ ଓ ମ୍ୟୁନିସିପାଲିଟିର କର୍ତ୍ତୃପକ୍ଷମାନେ କାମରେ ଲଗାଇ ସାଧାରଣ ଜନତାକୁ ବହୁ ରୋଗଶୋକରୁ ରକ୍ଷା କରୁଅଛନ୍ତି । ଯେଉଁ ସାଧାରଣ ଲୋକେ ଡ଼ାକ୍ତରୀ କିମ୍ବା କବିରାଜି ଜାଣନ୍ତି ନାହିଁ, ସେମାନେ ମଧ୍ୟ ନିଜ ନିଜର ପରିବାରରେ ଆମ ବ୍ୟବହାର ବିଧି ଅନୁସାରେ ଏହି ଔଷଧମାନ ବ୍ୟବହାର କରି ଖୁବ୍ ଭଲ ଫଳ ପାଇ ଅଛନ୍ତି ।

Digitized by srujanika@gmail.com

ଟୀକା (Notes) ଔଷଧକୁ ସାଇତି ରଖିବା—ଶିଶି ମୁହଁରେ ଭଲ ଟିପି ଦେଇ ରଖିଲେ ଔଷଧ ଗୁଡ଼ିକ ଚିରକାଳ ହେଲେ ଖରାପ ନ ହୋଇ ବହୁ ବର୍ଷଯାଏ ରହିଥିବ। ବାୟୁ ଓ ଆଲୋକର ପ୍ରଭାବ ବିଶେଷ କରି ଆଲକୋହଲ୍ ଓ ଅପର ଅନ୍ୟାନ୍ୟ କେତୋଟି ଔଷଧ ଉପରେ ପଡ଼ିଥାଏ। ବିଶେଷତଃ ଯେତେବେଳେ ସେହି ଔଷଧଗୁଡ଼ିକ କାଗଜ ପାକେଟ୍ କମ୍ବା ଟିଣ ପାକେଟରେ ଦୂର ଜାଗାକୁ ପଠାଯାଏ; ସେତେବେଳେ ଆର୍ଦ୍ରତାର ପ୍ରଭାବରେ ତାହା ଖରାପ ହେବାର ଆଶଙ୍କା ଥାଏ। କୌଣସି ଔଷଧ ଖରାପ ହୋଇ ଆସୁଥିବାର ଚିହ୍ନ ସନ୍ଦେହ ପାଇଲାକ୍ଷଣି ଖରାରେ ତାକୁ ଖୋଲି ରଖିଦିଅ ଏବଂ ଭଲକରି ଶୁଖାଇ ନିଅ। ତା ପରେ ତାକୁ ସଫା ଓ ଶୁଖିଲା ଶିଶିରେ ରଖ। ଆଲକୋହଲରେ ବାହାରର ବାୟୁପାଣି ପ୍ରଭାବ ପଡ଼ିଲେ ତହିଁରୁ ଏକ ପ୍ରକାର ଗନ୍ଧ ବାହାରେ; କିନ୍ତୁ ଖରାରେ ଅଳ୍ପ କରି ଶୁଖାଇ ନେଲେ ସେ ଗନ୍ଧ ଉଡ଼ିଯାଏ ଓ ଔଷଧର ଶକ୍ତି ବହୁଗୁଣ ବଢ଼ିଯାଏ। ଖରାରେ ଶୁଖାଇ ନେଲେ ଔଷଧୀୟ ଦ୍ରବ୍ୟ ମାତ୍ରେ ପ୍ରତ୍ୟେକର ଶକ୍ତି ବହୁଗୁଣ ବଢ଼ିଯାଏ। ଭିନ୍ନ ଭିନ୍ନ ପ୍ରକାର ଔଷଧ ପାଇଁ ଭିନ୍ନ ଭିନ୍ନ ଗୁଟିକା ବ୍ୟବହାର କରିବା ଉଚିତ। ଯେଉଁସବୁ ଔଷଧ ପାଣିରେ ନ ଗୋଳାଇ ସେବନ କରାଯାଏ ତା ପାଇଁ ଗୋଟିଏ ଗୁଟିକା ବ୍ୟବହାର କଲେ, କୀଟାଣୁନାଶକ ଔଷଧମାନଙ୍କ ପାଇଁ ଅନ୍ୟ ଗୋଟିଏ ଗୁଟିକା ବ୍ୟବହାର କରିବ। କୁଇନିନ୍ ଔଷଧକୁ ପାଣିରେ ଗୋଳାଇ ରଖିଲେ ତାହା ୩୬ ଘଣ୍ଟାରୁ ୪୬ ଘଣ୍ଟାଯାଏ ଭଲ ଅବସ୍ଥାରେ ରହେ। ଯେଉଁସବୁ ଔଷଧ ପାଣିରେ ଗୋଳି ଦ୍ରବ ତିଆରି କରାଯାଏ ଏବଂ ଯେଉଁସବୁ ଔଷଧ କୀଟାଣୁନାଶକ, ସେ ଗୁଡ଼ିକ ବହୁଦିନ ଭଲ ଅବସ୍ଥାରେ ରହେ। ଉଷ୍ଣିକୃତ ପାଣିରେ ଔଷଧ ମିଶାଇବା ଉଚିତ। ସୂକ୍ଷ୍ମୀକୃତ ହୋମିଓପାଥିକ ଔଷଧମାନ ଅତିଶୀଘ୍ର କାମ ଦେଖାଏ। ରୋଗ ନୂଆ ହୋଇଥିଲେ ବେଳେ ବେଳେ ସାମାନ୍ୟ କେତେକ ମିନିଟରେ ଏବଂ ରୋଗ ପୁରୁଣା ହୋଇଥିଲେ ଖାଇବାର ଅଳ୍ପ କେତେକ ଘଣ୍ଟା ଭିତରେ ଔଷଧର ଗୁଣ ଜଣାପଡ଼େ। ଥରେ ଔଷଧର ଭଲ ଫଳ ଜଣାପଡ଼ିଲେ ତାପରେ ମାତ୍ରା ପରିମାଣ କମାଇ ଦେଲେ ଚଳେ। ଏଗରିକି ସେତେବେଳେ ଛୁଆଙ୍କ ପାଇଁ ଯେଉଁ ପରିମାଣର ମାତ୍ରା ନିର୍ଦ୍ଦିଷ୍ଟ ଥାଏ, ସେ ପରିମାଣର ମାତ୍ରା ପ୍ରାପ୍ତବୟସ୍କମାନଙ୍କୁ ଦେଲେ ମଧ୍ୟ ଯଥେଷ୍ଟ ହୁଏ ଓ ତାହା ପ୍ରକୃତିକୁ ସାହାଯ୍ୟ କରି ଭଲଫଳ ଦେଖାଏ। ହୋମିଓପାଥିକ ଔଷଧଗୁଡ଼ିକରୁ କୌଣସି ପ୍ରକାର ଅନିଷ୍ଟର ଆଶଙ୍କା ନଥାଏ। ଶିଶୁ ଏବଂ ଗର୍ଭବତୀ ସ୍ତ୍ରୀଲୋକମାନଙ୍କୁ ଅଧିକମାତ୍ରାରେ ଦେଲେ ସୁଦ୍ଧା କୌଣସି କ୍ଷତି ବା ଅନିଷ୍ଟ ହୁଏନାହିଁ। କିନ୍ତୁ ଏହା ବୋଲି ଔଷଧକୁ ଭୁଲଭାବରେ ବ୍ୟବହାର କରିବା କୌଣସିମତେ ଉଚିତ ନୁହେଁ। ଏହି ଔଷଧର ଗୋଟିଏ ବିଶେଷ ଗୁଣ ହେଉଛି ଏହି ଯେ ଏହା ସବୁ ଶେଲମାନଙ୍କୁ ସମତୁଳିତ ଅବସ୍ଥାକୁ ଘେନିଆସେ, ଅର୍ଥାତ୍ ଅଙ୍ଗ ପ୍ରତ୍ୟଙ୍ଗର କାର୍ଯ୍ୟରେ ଯେଉଁଠି ଯେତେ ବିଶୃଙ୍ଖଳା ରହିଥିଲେ ସୁଦ୍ଧା ଏହାକୁ ସେବନ କଲାମାତ୍ରେ ସବୁ ନିୟମିତ ଅବସ୍ଥାକୁ

Digitized by srujanika@gmail.com

ଗୃହଣୀ ଅସେ। ରୋଗୀ ଯଦି ବାରବାର ପରସ୍ରା କରୁଥାଏ ଏବଂ ବହୁ ପରିମାଣରେ ପରସ୍ରା ହେଉଥାଏ ତେବେ ଏ ଔଷଧ ସେବନ କଲେ ତାହା କମିଯାଇ ଉଚିତ ମାତ୍ରାରେ ପରସ୍ରା ହୁଏ। ସେହିପରି ଯଦି ପରିସ୍ରା କହାଟ ଅଳ୍ପ ହେଉଥାଏ ତେବେ ଏହାର ସେବନରେ ଯେତିକି ହେବାର କଥା ସେତିକି ହୁଏ।

ଥଣ୍ଡା ଓ ଗରମ ଔଷଧମାନ—(Hot and Cold Medicines)

ଆୟୁର୍ବେଦ ଓ ୟୁନାନୀ ମତଅନୁସାରେ କେତେକ ଔଷଧ ଥଣ୍ଡା ଓ ଆଉ କେତେକ ଔଷଧ ଗରମ, ଅର୍ଥାତ୍ ଯେଉଁ ଔଷଧ ସେବନ କଲେ ଦେହ ଗରମ ହୁଏ, ତାହା ଗରମ ଔଷଧ ଏବଂ ଯେଉଁ ଔଷଧ ସେବନ କଲେ ଥଣ୍ଡା ହୁଏ, ତାହା ଥଣ୍ଡା ଔଷଧ। କିନ୍ତୁ ଆମ ହୋମିଓପାଥିକ ଔଷଧରେ ଏହି ଥଣ୍ଡା ଗରମ ଭେଦ ନାହିଁ। ତେବେ ଏ କଥା ସ୍ୱୀକାର କରିବାକୁ ହେବ ଯେ, ସୁଙ୍କିକାରକ ଔଷଧମାନେ ପ୍ରାୟ ସବୁ ଗରମ। ଏହା ଛଡ଼ା ଆଉ କେତେକ ଏଭଳି ଔଷଧ ଅଛି ଯାହାକୁ ଅଧିକ ମାତ୍ରାରେ ସେବନ କଲେ ଦେହ ଗରମ ହୋଇଯାଏ। ତେଣୁ ଯଦି ଗରମ ବୋଧହୁଏ, ତେବେ ଔଷଧର ମାତ୍ରା କମାଇଦେବା ଉଚିତ। ଏହା ପରେ ପୁଣି ଯଦି ପୂର୍ବପରି ଗରମ ବୋଧହୁଏ, ତେବେ ଦୁଧ, ଦହି, ଘିଅ, ଲହୁଣୀ କିମ୍ବା ଫଳରସରେ ଔଷଧକୁ ମିଶାଇ ସେବନ କର ଏବଂ ମୁଣ୍ଡରେ ଥଣ୍ଡା ତେଲ ମାଲିସ କର। ସବୁ ତେଲ ଭିତରେ କାଷ୍ଟର (ଜଡ଼ା) ତେଲ ଉତ୍କୃଷ୍ଟ। ଯଦି ଅଜୀର୍ଣ୍ଣ ହୁଏ ଓ ଝାଡ଼ା ସଫା ନ ହୁଏ, ତେବେ ଗ୍ଲୋବିଉଲସ୍ ବ୍ୟବହାର କର। ଆମ ଔଷଧ ଭିତରେ ଏହି ଗ୍ଲୋବିଉଲସ୍ ହେଉଛି ଥଣ୍ଡା ଔଷଧ ଏବଂ ଏ କ୍ଷେତ୍ରରେ ଭଲ କାମ ଦେଖାଯାଏ।

ଆଭ୍ୟନ୍ତରୀଣ ଚିକିତ୍ସାରେ ସାହାଯ୍ୟ—(Helps to internal Treatment)

ଫେନୋବେଲସାଇନ୍, ଥର୍ମୋଫିରିନ୍, ଭଇଟାଲ ଏସେନ୍ସ ଆଦି କେତେ ଔଷଧ ପୀଡ଼ା, ଦରଜ ଓ ଫୁଲା ଆଦିକୁ ଆରୋଗ୍ୟ କରିବାକୁ ଖିଆଯାଏ ଏବଂ ବାହାରେ ଶରୀରର ଉପରେ ମଧ୍ୟ ଲଗାଯାଇପାରେ। ଏଭଳି ଲଗାଇଲେ ଅତି ଚମତ୍କାର ଫଳ ମଧ୍ୟ ମିଳେ। ଏଗୁଡ଼ିକୁ ପରୀକ୍ଷା କର। ଏହାଛଡ଼ା ଆଉ ଫଳଦାୟକ ଉପାୟ କଥା ନିମ୍ନରେ କୁହାଯାଉଛି।

୧। ମାଟିର ପଟି—(Mud Poultices)

ବହୁ ପ୍ରାଚୀନ କାଳରୁ ଭାରତରେ 'ମାଟି' ଔଷଧରୂପେ ବ୍ୟବହୃତ ହୋଇ ଆସୁଛି। ଆମେରିକାର ବୈଜ୍ଞାନିକମାନେ ପ୍ରମାଣ କରି ଦେଖାଇ ଅଛନ୍ତି ଯେ, ରେଡିଅମ୍ ଭଳି ମାଟିରେ ବି ରେଡିଓ-କ୍ରିୟାଶକ୍ତି (Radio Activity) ବିଦ୍ୟମାନ ଅଛି। ନିମ୍ନଲିଖିତ ଭାବରେ ମାଟିକୁ ବ୍ୟବହାର କରାଯାଇ ପାରେ—କୁମ୍ଭାର ପାତ୍ର ତିଆରି କରିବାକୁ ଯାଇ ମାଟିକୁ ଯେପରି ପାଣି ଦେଇ ଚକଟି ଚିକ୍କଣ କରେ, ସେହିପରି ମାଟିକୁ ପାଣି ଦେଇ ଚକଟି ଚିକ୍କଣ କର। ଖଣ୍ଡେ କନା ଉପରେ ସେହି

Digitized by srujanika@gmail.com

ପାଣି ଦିଅ ଓ ଚକଣ ଭାବରେ ଚକଟା ମାଟିକୁ ବହଳିଆ କରି ବାନ୍ଧି ଦିଅ ଏବଂ କାଉଡଲେ ଫ୍ଲାନେଲ ଉପରେ ସେହି ପଟିକୁ ଲଗାଇଦିଅ । ଏଭଳି ମାଟିପଟି ଜ୍ୱରରେ ଏବଂ ପେଟ ଓ ଅନ୍ତ୍ର ରୋଗରେ ତଳ ପେଟରେ ଲଗାଇଲେ ଏବଂ ଅଣ୍ଟ ଗଣ୍ଠି ପୀଡ଼ା ଓ ଦରଜ ଆଦିରେ ପୀଡ଼ାଥିବା ସ୍ଥାନରେ ଲଗାଇଲେ ଖୁବ ଭଲ ଫଳ ମିଳେ । ଏହି ପଟି ଗରମ ଓ ଥଣ୍ଡା ଉଭୟ ପ୍ରକାର ପାଣିରେ ପ୍ରସ୍ତୁତ କରାଯାଇପାରେ । କିନ୍ତୁ ରୋଗୀକୁ ଯଦି ଥଣ୍ଡା ଭଲ ଲାଗୁଥାଏ, ତେବେ ଥଣ୍ଡାପାଣିରେ ତିଆରି କରିବା ଭଲ । ଏହି ମାଟିପଟି ଘଣ୍ଟାଏ-ଠାରୁ ଦଶ ଘଣ୍ଟାଯାଏ—ରୋଗୀକୁ ଆରାମ ଦେଉଥିବାଯାଏ ପୀଡ଼ା ସ୍ଥାନରେ ଲଗାଇ ରଖା ଯାଇପାରେ । ବେଳେ ବେଳେ ପୀଡ଼ା ସ୍ଥାନରେ ଚିକଣ କାଦୁଅରୁ କିଛି କେବଳ ବୋଳି ଦେଲେହିଁ ବାଞ୍ଛିତ ଫଳ ମିଳିଥାଏ । ଦେହର ଚର୍ମ ସାଙ୍ଗରେ ଏହି ମାଟି କୌଣସି ମତେ ଲାଗିରହିଲେ ହେଲା । ଗରମ କମ୍ବା ଥଣ୍ଡା ପାଣିରେ ତିଆରି କଳା କମ୍ବା ନାଲିଆମାଟିର କାଦୁଅରେ ମଧ୍ୟ ଖୁବ୍ ଭଲ ଫଳ ମିଳିବାର ଆମେ ଦେଖିଛୁ ।

୨ । ଫୋମେଣ୍ଟ ବା ସେକ— (Fomentation)

ବାମ୍ପସେକ, ଶୁଖିଲା କମ୍ବା ଓଦାଳିଆ ସେକ ଅପେକ୍ଷା ସନ୍ତୋଷଜନକ ଫଳ ଦିଏ ବୋଲି ବୁଝାଯାଇଥାଏ । ଏହି ବାମ୍ପସେକ ଦେବାକୁ ହେଲେ ପହିଲେ ଗୋଟିଏ ଇଟାକୁ ନିଆଁରେ ତତେଇ ନେବାକୁ ହୁଏ । ଇଟାଟିକୁ ପାଣିରେ ବୁଡ଼ାଇ ଚମୁଡ଼ି ନିଅ ଏବଂ ଓଦା ଅବସ୍ଥାରେ ସେହି ତତଲା ଇଟାର ଚାରିପଟେ ଦୁଇତିନି ପରସ୍ତ ଗୁଡ଼ାଅ । ତା ପରେ ତା ଚାରିପଟେ ଖଣ୍ଡେ ଶୁଖିଲା ଲୁଗା କେତେ ପରସ୍ତ ଗୁଡ଼ାଅ । ତାପ କ୍ରମେ କମି ଆସୁଥିବା ସଙ୍ଗେ ସଙ୍ଗେ ଗୋଟିଏ ଗୋଟିଏ ପରସ୍ତ କମ୍ବା ଦିଓଟି ପରସ୍ତ କନା କାଢ଼ି ପୀଡ଼ା ଥିବା ସ୍ଥାନରେ ସେକ ଦିଅ । ଏଭଳି ସେକ ପେଟ ଦରଜରେ, କଲିକ ଓ ବ୍ରୋଙ୍କାଇଟିସ୍ ଆଦିରେ ଭାରି ଭଲ ଫଳ ଦିଏ । ଅଣ୍ଟଗଣ୍ଠି ଦରଜରେ [Rheumatism] ସେକ ଦେବାକୁ ହେଲେ ତତଲା ଇଟା ଚାରିପଟେ ଯେଉଁ ଓଦା କପଡ଼ା ଗୁଡ଼ାଇବ, ତାହାକୁ ଲୁଣ ପାଣିରେ ଓଦା କରିନେବ କମ୍ବା ଖାଲି ପାଣିରେ କନାକୁ ଓଦା କରିଥିଲେ, ତାକୁ ଇଟା ଚାରିପଟେ ଗୁଡ଼ାଇ, ତା ଉପରେ ପେଷା ହୋଇଥିବା ଚୂନା ଲୁଣ କିଛି ଛିଞ୍ଚି ଦେବ ।

ମଲମ— (ବାହ୍ୟ ପ୍ରୟୋଗ)

ବାହାର ଚିକିତ୍ସା ଭିତରେ ଚିକିତ୍ସାକୁ ସାହାଯ୍ୟ କରିବାର କଥା । ସେଥିପାଇଁ ପେଟକୁ ଆମେ ଯେଉଁ ଔଷଧ ଖାଉ; ବାହାରେ ଲଗାଇବା ଔଷଧ ତାକୁ ଯେପରି ସାହାଯ୍ୟ କରେ, ତାହା ଦେଖିବାକୁ ହେବ । କାରଣ ଆରୋଗ୍ୟ ବାହାରୁ ହୁଏ ନା, ଭିତରୁ ହୁଏ । ତେବେ ବେଳେ ବେଳେ ଔଷଧ କେବଳ ବାହାରେ ପ୍ରୟୋଗ କରି ଭଲ ଫଳ ପାଇବାର ଦୃଷ୍ଟାନ୍ତ ଦେଖାଯାଏ । ଅନ୍ତତଃ ବେକ ଓ କାନରେ ଦରଜ, ଫୁଲା ଓ ବାଘଛିଙ୍କିକା ଆଦି, ଯହିଁରେ ରୋଗୀ ଖୁବ୍ କଷ୍ଟ ପାଇ ଛଟପଟ ହେଉଥାଏ, ସେସବୁ ରୋଗରେ ବାହାରେ ଔଷଧ ଲଗାଇ ଦେଲେ ତୁରନ୍ତ ରୋଗୀ ଆରାମ ବୋଧ-

Digitized by srujanika@gmail.com

ପଡ଼େ । ଭିତରକୁ ଖାଉଥିବା ଔଷଧ ସଙ୍ଗେ ସମ୍ପର୍କ ରଖି ତାର ସାହାଯ୍ୟକାରୀରୂପେ ବାହାରେ ଔଷଧ ପ୍ରୟୋଗ କରିବା ହେଉଛି ସାଧାରଣ ନିୟମ । ଆମର ଆଠ ନମ୍ବରର ଔଷଧରେ କମ୍ବା ଗ୍ଲିସରିନ-ଡ୍ରିଙ୍କ୍ ଓ ମେଥିଲ୍ଅଲ୍ ଆଦିରେ ମଲମ ତିଆରିକରିବାକୁ ହେଲେ ଭାଗେ ଔଷଧରେ ପାଞ୍ଚ ଭାଗରୁ କୋଡ଼ିଏ ଭାଗଯାଏ ଯେ କୌଣସି ଚର୍ବିଆ ତେଲ, ଲହୁଣୀ କମ୍ବା ଘିଅ ଭଲ ଭାବରେ ମିଶାଇ ତିଆରି କରିବା ନିୟମ । ରୋଗ କ୍ରମେ କମି ଆସୁଥିବାର ଦେଖାଗଲେ ତଦନୁସାରେ ମଲମକୁ ମଧ୍ୟ କ୍ରମେ ମୃଦୁବୀର୍ଯ୍ୟ କରିବାକୁ ହେବ । ବେଦନାନାଶକ ଆମର ଯେଉଁ ବାମ [Balm] ଓ ଚେଷ୍ଟ ଅଏଲ (Chest Oil) ଅଛି, ତାହା ପୀଡ଼ା ଓ ବାତାକ୍ରାନ୍ତ ସ୍ଥାନରେ ଅତି ଚମତ୍କାର କାମ ଦେଖାଏ । ଏହା ଛଡ଼ା ଛାତି ଓ ଫୁସ୍ ଫୁସ୍ ଆକ୍ରାନ୍ତ ହୋଇଥିଲେ, ଗଳାରେ ବେଦନା, ଟନସିଲ ବଢ଼ି ଗଲେ, ଓ ଅଣ୍ଟୁଗଣ୍ଠି ପୀଡ଼ା ଇତ୍ୟାଦିରେ ଏ ଦୁଇଟି ମଧ୍ୟ ଖୁବ୍ କାମରେ ଆସେ ।

ଇଞ୍ଜେକ୍‌ସନ୍ :—

ଆମର ସୁପ୍ରସ୍ତୁତ ଔଷଧ ଗୁଡ଼ିକ ଅତି ଅଳ୍ପ ଅଳ୍ପ ମାତ୍ରାରେ ଖାଇଲେ ଯେତେବେଳେ ଏପରି ଆଶ୍ଚର୍ଯ୍ୟଜନକ ଫଳ ମିଳୁଛି, ସେତେବେଳେ ସେ ଗୁଡ଼ିକୁ ଯଦି ଇନ୍‌ଜେକ୍‌ସନ ରୂପେ ସିଧା ଆମ ଦେହର ରକ୍ତ ପାଖରେ ପହଞ୍ଚାଇ ଦିଆଯାଏ, ତେବେ ତାର କାର୍ଯ୍ୟଶକ୍ତି କିପରି ହେବ ମାଲୁମ ହେବା ସୁନିଶ୍ଚିତ । ଆମ ଔଷଧର ଶତକଡ଼ା ଭାଗେ କମ୍ବା ତାଠୁଁ ଅଧିକୁ ବାହ୍ୟଏ ଯଦି ଆମ ରକ୍ତ ସଙ୍ଗରେ ମିଶେ, ତେବେ ରୋଗୀକୁ ଆରୋଗ୍ୟ କରିବାରେ ତାହା ଯଥେଷ୍ଟ ହୁଏ । ଅନ୍ୟମାନେ ତାର ଫଳାଫଳ ଦେଖି କାବା ହୋଇ ଯାଇଛନ୍ତି । ଏହି ଇନ୍‌ଜେକ୍‌ସନ ଗୁଡ଼ିକରେ କୌଣସି ପ୍ରକାର ବିଷଦୋଷ ନାହିଁ ଏବଂ ଏ ଗୁଡ଼ିକ ଏକାବେଳକେ ହାନିରହିତ । ପ୍ରୟୋଗ ବେଳେ ଶରୀରରେ କୌଣସି ପୀଡ଼ା ବା ପ୍ରତିକ୍ରିୟା ମଧ୍ୟ ଦେଖାଯାଏ ନାହିଁ ।

ଇଞ୍ଜେକ୍‌ସନ ତିଆରି କରିବା ବିଧି —

ଶିଶୁଙ୍କ ପାଇଁ ନିରୂପିତ ଔଷଧରୁ ଗ୍ରେନକର ଚାରି ଭାଗରୁ ଏକ ଭାଗ, ପ୍ରାପ୍ତବୟସ୍କମାନଙ୍କ ପାଇଁ ତିନିଗ୍ରେନ୍‌ରୁ ପାଞ୍ଚ ଗ୍ରେନଯାଏ ଏକ ଆଉନ୍‌ସ ପରିମିତ ଗରମ ପାଣିରେ ଗୋଳି କେତେକ ସମୟ ଅଚ୍ଛା କରି ହଲେଇହଲେଇ କରିନିଅ । ଏହାପରେ କେତେକ ସମୟ ସ୍ଥିର ଭାବରେ ରଖ, ଯେପରି ଖଦଡ଼ିଆ ଅଂଶ ତଳେ ବସିଯିବ , ନଚେତ୍ ଛାଣିନିଅ । ସେଥିରୁ ଏଇ ସଫା ତରଳ ପଦାର୍ଥକୁ ଅବସ୍ଥାନୁଯାୟୀ * ଏକ ସି:ସି:ରୁ ଅଧା ସି:ସି: କମ୍ବା ଚଉଠ ସି:ସି: ପିଚକାରୀରେ ଭରତି କରି ନିଅ ଏବଂ ସେହି ପିଚକାରୀ ଦ୍ୱାରା ରୋଗୀ ଦେହର ଚମଡ଼ା ତଳେ ଥିବା ମାଂସରେ ଧୀରେ ଧୀରେ ଛାଡ଼ିଦିଅ । ମୌଳିକ ଉପାଦାନରୂପେ ଔଷଧଟିରେ ଯେଉଁ ଚେରମୂଳ ଥାଏ, ଗରମ ପାଣିରେ ତାକୁ ମିଶାଇବା ଫଳରେ ତାର ଅସଲ ସାର ପଦାର୍ଥ ବାହାର ଆସେ

---

* ୧ ସି:ସି:—ପ୍ରାୟ ୧୬ ବୁନ୍ଦା ପାଣି ସହିତ ସମାନ ଅଟେ ।

Digitized by srujanika@gmail.com

ଏବଂ ଇଞ୍ଜେକସନ ଦ୍ୱାରା ସାଧାରଣତଃ ରକ୍ତରେ ମିଶିଯାଏ । କେତେକ ଡାକ୍ତର ଅଧିକ ଔଷଧ କାଳେ ନଷ୍ଟ ହୋଇଯିବ, ସେଥିପାଇଁ ଖୁବ ଅଳ୍ପ ମାତ୍ରାରେ ଔଷଧ ନେଇ ଗୃମଚେ ଚମ୍ଚା ଦୁଇ ଗୃମଚ ଗରମପାଣିରେ ମିଶାଇ ଇଞ୍ଜେକସନ ତିଆରି କରନ୍ତି ।

(୧) ଜରୁରୀ ଅବସ୍ଥାରେ ଗୃହ ଘଣ୍ଟାଠାରୁ ଛଅଘଣ୍ଟା ଅନ୍ତରରେ ଇଞ୍ଜେକ୍‌ସନ୍ ଦିଆଯାଇ ପାରେ । ସାଧାରଣ ଅବସ୍ଥାରେ ୪ ଘଣ୍ଟାରୁ ୩୦ ଦିନ ଅନ୍ତରରେ ବି ଇଞ୍ଜେକସନ ଦିଆଯାଇ ପାରେ । ଥରେ ରୋଗ ହଟିବାକୁ ଆରମ୍ଭ କଲେ ରୋଗୀକୁ ପ୍ରକୃତି ହାତରେ ଛାଡ଼ିଦେବା ବିଧି । ବୁଦ୍ଧିହୀନଙ୍କ ଭଳି ଇଞ୍ଜେକ୍‌ସନ୍ ଉପରେ ଇଞ୍ଜେକ୍‌ସନ୍ ଫୋଡିଲେ ଅନେକ ସମୟରେ ଭଲ ହୋଇ ଆସୁଥିବା ରୋଗ ଭଲ ହୁଏ ନାହିଁ ।

(୨) ରୋଗର ଲକ୍ଷଣ ଯେତେବେଳେ ସଫା ଜଣା ପଡୁଥିବ, ସେତେବେଳେ ଆମର ଗୋଟିଏ ଔଷଧରୁ ତୁରନ୍ତ ସୁଫଳ ମିଳିବ । ଆମର ଯେତେ ଔଷଧ ଅଛି, ସେ ସବୁ ଇଞ୍ଜେକ୍‌ସନ ରୂପେ ଦିଆଯାଇ ପାରେ । ଏହି ପୁସ୍ତିକାରେ ଏବଂ ଆମର ଅନ୍ୟାନ୍ୟ ପତ୍ରିକାରେ ସେ ସବୁର ପ୍ରସ୍ତୁତି ଓ ପ୍ରୟୋଗ ପାଇଁ ଯେଉଁ ନିର୍ଦ୍ଦେଶମାନ ଦିଆଯାଇଅଛି, ତଦନୁସାରେ ଇଞ୍ଜେକସନ ଦେବାକୁ ହେବ । ସବୁ କ୍ଷେତ୍ରରେ ମାତ୍ରା ପରିମାଣ ସମାନ । କିନ୍ତୁ ରୋଗ ଜଟିଳ ହୋଇଥିଲେ ଅବସ୍ଥା ବୁଝି ଅନାଇ ଦୁଇ ତିନି ପ୍ରକାର ଭିନ୍ନ ଭିନ୍ନ ଔଷଧର ମିଶ୍ରଣ ଦରକାର ।

(୩) ଯେଉଁ ଔଷଧକୁ ଖୁଆଇବାରେ କିଛି ଫଳ ମିଳେ ନା, ତାକୁ ଇଞ୍ଜେକ୍‌ସନ ରୂପେ ଦେଲେ ତୁରନ୍ତ ତାର ଫଳ ମିଳେ ।

(୪) ରୋଗ ଖୁବ୍ ଉଗ୍ର ଅବସ୍ଥାରେ ଯେତେବେଳେ ଥାଏ, ସେତେବେଳେ ସାମାନ୍ୟ କେତେକ ମିନିଟରେ ଏବଂ ରୋଗ ପୁରୁଣା ହୋଇଥିଲେ, କେତେକ ଘଣ୍ଟା ବା କେତେକ ଦିନରେ ଆମ ଇଞ୍ଜେକସନ୍ ଗୁଡ଼ିକ ଫଳ ଦିଏ । ରୋଗ ହଟିବା ବନ୍ଦ ହୋଇଗଲେ ପୁଣି ଇଞ୍ଜେକସନ ଦେବା ଆବଶ୍ୟକ । ବମ୍ବେଇର ଜଣେ ନାମଜାଦା ଡାକ୍ତର ଗୋଟିଏ ଯକ୍ଷ୍ମା ରୋଗୀକୁ ଥରେ ଟି. ଏମ୍. ଇଞ୍ଜେକସନ ଦେଇଥିଲେ । ସେ ରୋଗୀଟି ଦୁଇମାସ ପରେ ଫେରିଆସି କହିଲା, ଏତେ ଦିନଯାଏ ତାର ନ ଫେରିବାର କାରଣ ହେଉଛି, ତାର ଦେହ ଖୁବ୍ ଭଲ ଥିଲା ଏବଂ ସେ କୌଣସି ପ୍ରକାରେ ଅସୁଖ ବୋଧ କରୁ ନ ଥିଲା । ଏଇ ଦୁଇମାସ ଭିତରେ ସେ ରୋଗୀଟି ଓଜନରେ ବଢ଼ି ନ ଥିଲା କିମ୍ବା କମି ନ ଥିଲା । ସାମାନ୍ୟ ଗୋଟିଏ ଇଞ୍ଜେକସନର କରାମତି କେତେ, ଏଥିରୁ ତାହା ସହଜେ ଜଣାପଡ଼େ । ଡାଇବେଟିସ ବା ବହୁମୂତ୍ର ରୋଗରେ ଇନ୍‌ସୁଲିନ ସାଗାରେ ଆମର ଡ: ବି: ଇଞ୍ଜେକ୍‌ସନ ଚମତ୍କାର କାମ ଦେଖାଏ । ଏଥିରୁ ଗୋଟିଏ ଇଞ୍ଜେକ୍‌ସନ ନେଲେ ତାର ଫଳ ଦଶଦିନ ଯାଏ ରହେ । ଆମ ଅଇର୍ଓବିନ ଓ ଆକ୍‌ଟିଅମ୍‌ରୁ ସିଫିଲିସ ଓ କେତେକ ଚର୍ମରୋଗରେ ପ୍ରୟୋଗ କରି ଦେଖାଯାଇଛି, ତାର ଫଳ ଅତି ସନ୍ତୋଷଜନକ ।

Digitized by srujanika@gmail.com

(୫) ଟି. ଏମ୍, କ.ଏମ୍, ଏବଂ ଇଦ୍ରର -କୋଲୁ ଅନ୍ୟ କାହା ସଙ୍ଗେ ନ ମିଶାଇ ପ୍ରୟୋଗ କଲେ ଭଲ ଫଳ ମିଳେ । ତେଣୁ ସେ ଗୁଡ଼ିକୁ ଅନ୍ୟ କାହାସଙ୍ଗେ ମିଶାଇବା ମନା ।

(୬) କେତେକ ଡ଼ାକ୍ତର ଇଞ୍ଜେକ୍ସନର ଦ୍ରବକୁ ବଶୁଦ୍ଧ କରି ନେବାଲାଗି ଫୁଟାଇ ନିଅନ୍ତି ଏବଂ ତାହାଁକୁ ମଧ୍ୟ ସମାନ ପ୍ରକାର ଭଲ ଫଳ ମିଳେ ବୋଲି କହନ୍ତି । କିନ୍ତୁ ଉପରେ ୫ ନମ୍ବର ଦଫାରେ ଯେଉଁ ଔଷଧ ଗୁଡ଼ିକର ନାମୋଲ୍ଲେଖ କରା ଯାଇଛି, ସେ ଗୁଡ଼ିକୁ ସିଦ୍ଧ କରିବା ଏକାବେଳେକେ ଅନୁଚିତ । କାରଣ ସେପରି ହେଲେ ସେ ଗୁଡ଼ିକର କାର୍ଯ୍ୟକାରିତା ନଷ୍ଟ ହୋଇଯାଏ ।

(୭) କ ଶିଶୁ, କ ପ୍ରାପ୍ତବୟସ୍କ ସମସ୍ତଙ୍କ ପାଇଁ ଗରମ ପାଣିର ପରିମାଣ ※ ଏକ ଆଉନ୍ସରୁ ଅଧିକ ହେବ ନାହିଁ । ରୋଗୀର ବୟସ ଏବଂ ଅବସ୍ଥା ଆଦି ବିଚାରକରି ଏବଂ ରୋଗର ପ୍ରକୋପ ଉପରେ ଆଖି ରଖି ଔଷଧର ପରିମାଣ ନିରୂପିତ କରିବାକୁ ହେବ ସାଧାରଣଅବସ୍ଥାରେ ଶିଶୁମାନଙ୍କ ପାଇଁ ଏକ ଗ୍ରେନ୍‌ର ଆଠଭାଗରୁ ଭାଗେ ଏବଂ ପ୍ରାପ୍ତବୟସ୍କ ପାଇଁ ୨,୩ ଗ୍ରେନ୍ ଯାଏ ଔଷଧ ଯଥେଷ୍ଟ; କିନ୍ତୁ ଜରୁରୀ ଅବସ୍ଥାରେ ୪ ଗ୍ରେନରୁ ୫ ଗ୍ରେନ ଯାଏ ଔଷଧ ମଧ୍ୟ ବେଳେ ବେଳେ ଦିଆଯାଇ ପାରେ । ରୋଗୀ ଭଲ ଆଡ଼କୁ ଆସିବା ସଙ୍ଗେ ସଙ୍ଗେ ଔଷଧର ମାତ୍ରା ଧୀରେ ଧୀରେ ପୁଣି କମାଇ ଆଣିବାକୁ ହେବ ।

ନୋଟ— ବିଶେଷ ଉପକାରୀ କେତେ ଗୁଡ଼ିଏ ଔଷଧର ଏମ୍ପୁଲ (ଇଞ୍ଜେକ୍ସନ୍) ମଧ୍ୟ ଆମେ ତିଆରି କରି ରଖିଛୁ । ଗୋଟିଏ ସ୍ୱତନ୍ତ୍ର ପୁସ୍ତିକାରେ ଏ ସବୁର ବିବରଣୀ ଅଛି । ତାହା ପାଠକଲେ ସବୁ କଥା ଜଣା ପଡ଼ିବ ।

ଅବ୍‌ସଲ୍‌ଟ୍ (Absalt) —

ପ୍ଲେଗ୍ ରୋଗପାଇଁ । ମାତ୍ରା—ଶିଶୁମାନଙ୍କ ପାଇଁ ଗ୍ରେନ୍‌ର ଆଠଭାଗରୁ ଭାଗେ ଏବଂ ପ୍ରାପ୍ତବୟସ୍କମାନଙ୍କ ପାଇଁ ୩ ଗ୍ରେନ୍ । ରୋଗୀର ଆବଶ୍ୟକତା ଅନୁସାରେ ଏକ ଏକ ଘଣ୍ଟାରୁ ଆରମ୍ଭ କରି ତିନ ତିନ ଘଣ୍ଟା ଅନ୍ତରରେ ଦିଅ । ରୋଗୀର ଅବସ୍ଥା ସୁଧୁରିବା ସଙ୍ଗେ ସଙ୍ଗେ ଔଷଧର ମାତ୍ରା ଅଳ୍ପେ ଅଳ୍ପେ କମାଇ ଆଣ ଏବଂ ମାତ୍ରା ଭିତରେ ଥିବା ବ୍ୟବଧାନ କାଳ ବଢ଼ାଅ । ଆର୍ସେନିକ୍ ବାଇସର୍ଫେଟ ଭେଜିଟେବଲ୍ ସଲ୍‌ଟର ସମ୍ମିଶ୍ରଣରେ ଏହି ଅବ୍‌ସଲ୍‌ଟ ଔଷଧ ତିଆରି କରାଯାଇଛି । ଏଥିରେ ଅଳ୍ପ ପରିମାଣର ସେପଟୋଜର୍ମ ମଧ୍ୟ ମିଶ୍ରିତ ଅଛି । ପ୍ଲେଗ୍ ପାଇଁ ଏହି ଯୌଗିକ ଔଷଧଟି ତିଆରି । ରୋଗର ଗୁରୁତର ଅବସ୍ଥାରେ ଏଥିରେ ସଲଫାସେନ୍ ମିଶାଇ ପ୍ରୟୋଗ କରିବା ଉଚିତ ।

ଆକ୍‌ଟିଅମ୍ (Actiam)

ସାଧାରଣ ଚର୍ମରୋଗରେ ଏବଂ ବିଶେଷକରି ସିଫିଲସ୍ ବା ଉପଦଂଶ (ଗରମୀ) ରୋଗରେ ଏହା ଉପକାରୀ ।

※ ଆଉନସ ପ୍ରାୟ ଅଧଛଟାଙ୍କି ପାଣି ସହିତ ସମାନ ।

Digitized by srujanika@gmail.com

(କ) ଅଧିକାଂଶ କ୍ଷେତ୍ରରେ ଏହା ସିଫିଲିସ୍ ବା ଉପଦଂଶର ବାହାର ଉପସର୍ଗମାନ ତୁରନ୍ତ ଦୂର କରେ ।

(ଖ) ପ୍ରାୟ ୧୨ଟି ଇଞ୍ଜେକ୍‌ସନ୍ ନେଲେ ଦେହରୁ ଏହି ରୋଗର ଜଡ଼ ମରିଯାଏ ।

(ଗ) ଇଞ୍ଜେକ୍‌ସନ୍ ରୂପେ ପ୍ରୟୋଗ କଲେ ଏହି ଔଷଧ କାଛୁ, କୁଣ୍ଡିଆ, ଏକ୍‌ଜିମା ଏବଂ ଅନ୍ୟାନ୍ୟ ଚର୍ମରୋଗ ଉପରେ ତୁରନ୍ତ ଫଳ ଦେଖାଏ ।

(ଘ) ୬ଟା ଠାରୁ ୧୨ଟା ଯାଏ ଇଞ୍ଜେକ୍‌ସନ ନେଲେ ସିଫିଲିସ ରୋଗର ବାହାର ଉପସର୍ଗମାନ ଅବଶ୍ୟ ଲୁଚିଯାଏ, କିନ୍ତୁ ରୋଗୀର ରକ୍ତକୁ ଅଣ୍ୱି ପରୀକ୍ଷା କଲେ ତହିଁରେ ରୋଗ ବୀଜାଣୁର ଅବଶେଷ ଥିବାର ଦେଖାଯାଏ । ତେଣୁ ଏ ପ୍ରସଙ୍ଗରେ ମନେ ରଖିବାକୁ ହେବ ଯେ ଚିକିତ୍ସା ବନ୍ଦ କରି ନ ଦେଇ କିଛି ଦିନ ଯାଏ ଚଳାଇବାକୁ ହେବ ।

ମାତ୍ରା:—

ପ୍ରାପ୍ତବୟସ୍କମାନଙ୍କ ପାଇଁ ଅଧାଠାରୁ ଏକ ସି. ସି. ଯାଏ ଏବଂ ଶିଶୁମାନଙ୍କ ପାଇଁ ସେହି ଅନୁପାତରେ ପ୍ରୟୋଗ କରିବାକୁ ହୁଏ । ପ୍ରତି ୨୪ ଘଣ୍ଟା ଅନ୍ତର ଠାରୁ ଆରମ୍ଭ କରି ଅବସ୍ଥା ଭେଦରେ ପନ୍ଦର ଦିନ ଅନ୍ତର ଯାଏ ଦିଆଯିବ । ରୋଗର ଉଗ୍ରତାକୁ ଅନାଇ ମାତ୍ରାର ପରିମାଣ ନିରୂପିତ କରିବାକୁ ହେବ । ତା ସଙ୍ଗେ ସଙ୍ଗେ ରୋଗୀର ସାଧାରଣ ଅବସ୍ଥା ଉପରେ ମଧ୍ୟ ଆଖି ରଖି ଆଗେଇବା ଉଚିତ । ଉତ୍କଟ ଅବସ୍ଥାରେ ପ୍ରଥମେ କଡ଼ା ମାତ୍ରାରେ ଦିଆଯିବ, କିନ୍ତୁ ରୋଗୀ ଉନ୍ନତ କରିବା ସଙ୍ଗେ ସଙ୍ଗେ ମାତ୍ରାର ପରିମାଣ କ୍ରମେ କମାଇ ଦିଆଯିବ ।

ଖିଆଇଲେ ଶିଶୁମାନଙ୍କ ପାଇଁ ଏହି ଔଷଧର ମାତ୍ରା ପରିମାଣ ଏକ ଗ୍ରେନ୍‌ର ଆଠଭାଗରୁ ଭାଗେ ଏବଂ ପ୍ରାପ୍ତବୟସ୍କମାନଙ୍କ ପାଇଁ ତିନି ଗ୍ରେନ୍ । ଦୁଇ ଚାମଚଯାଏ ଦୁଧ କିମ୍ବା ପାଣିରେ ଗୋଳାଇ ତିନିଘଣ୍ଟା ଠାରୁ ବାର ଘଣ୍ଟାଯାଏ ଅନ୍ତରରେ ଏବଂ ଖାଇବାର ଅଧଘଣ୍ଟା ଠାରୁ ଘଣ୍ଟାଏ ଯାଏ ଆଗରୁ କିମ୍ବା ଖାଇବାର ଦୁଇଘଣ୍ଟା ଠାରୁ ତିନିଘଣ୍ଟା ପରେ ସେବନ କରିବାକୁ ହେବ ।

ମଲମ ରୂପେ ବାହାରେ ମଧ୍ୟ ଏହି ଔଷଧକୁ ମାଲିସ କରିଯାଇ ପାରେ । ଔଷଧରୁ ଏକ ଭାଗ ନେଇ ଦଶଭାଗ ଠାରୁ କୋଡ଼ିଏ ଭାଗଯାଏ ଯେ କୌଣସି ଚିକଣିଆ ତେଲ କିମ୍ବା ଲହୁଣୀ, ନ ହେଲେ ଭେସେଲିନ୍ ସଙ୍ଗେ ଫେଣ୍ଟି ମିଶାଇ ମଲମ ତିଆରି କରାଯିବ । ରୋଗ ହୋଇଥିବା ଅଙ୍ଗକୁ ଗରମ ପାଣିରେ ପ୍ରଥମେ ଅଳ୍ପ କରି ଧୋଇ ନେବାକୁ ହେବ ଏବଂ ପରେ ଖଣ୍ଡେ ନରମ କପଡ଼ାରେ ତାକୁ ପୋଛି ଶୁଖିଲା କରି ନେବ । ଏହା ପରେ ସକାଳେ ଏବଂ ସନ୍ଧ୍ୟାବେଳେ ଏହି ମଲମକୁ ତା ଉପରେ ମାଲିସ କରିବ ।

ଟୀକା (Note)—ଏକାବେଳକେ ଏହି ତିନୋଟିଯାକ ଉପାୟରେ ମୂଳରୁ ଏ ଔଷଧ ବ୍ୟବହାର କରାଯାଇ ପାରେ । ତେବେ ଇଞ୍ଜେକ୍‌ସନ ଦିଆଗଲେ ଦିନକୁ ଦୁଇଥରରୁ ଅଧିକ ଔଷଧ ପେଟକୁ ଖାଇବା ନାହିଁ ।

Digitized by srujanika@gmail.com

ଅଗର-କୋ (Agar-Co)—

ଏପିଲେପ୍‌ସି, ପିଲାଙ୍କ ମୂର୍ଚ୍ଛା ରୋଗରେ, ପୁରୁଷ, ସ୍ତ୍ରୀ ସମସ୍ତଙ୍କର ମୃଗୀ ବା ହିଷ୍ଟିରିଆ [ଗୁଲ୍ମ ବାୟୁ] ରୋଗରେ ଏହି ଔଷଧ ପ୍ରୟୋଗ କରାଯାଏ । ଏପିଲେପ୍‌-ସିର ରୋଗୀକୁ ଭଲ ସାରବାନ ଖାଦ୍ୟ ଖାଇବାକୁ ଦେଇ ଦିନବେଳେ ଭ୍ରଇଟାଲ ଏସେନ୍‌ସ୍‌ କିମ୍ବା ଫ୍ରକ୍‌ଟୋଜାଇନ୍‌ (କିମ୍ବା ଜୀବନ୍ତୁ) ଏବଂ ରାତିରେ ଶୋଇଲାବେଳେ ଅଗର-କୋ ଦିଅ । ଏହି ଚିକିତ୍ସା ବର୍ଷେ କିମ୍ବା ତହିଁରୁ ଅଧିକ କାଳ ଚାଲୁ ରଖ । ମୃଗୀ ରୋଗକୁ ମଧ୍ୟ ଏହିଭଳି ଚିକିତ୍ସା କରିବ । ଶିଶୁ ଏବଂ ବାଳକ-ବାଳିକାମାନେ ମୂର୍ଚ୍ଛାରେ (Convulsion) ଆକ୍ରାନ୍ତ ହୋଇ ଛିଣ୍ଡା ଛିଣ୍ଡା ହେଲେ ଭଳି 'ବାନ୍ତି କଲେ ଅଗର-କୋ ସେମାନଙ୍କ ପକ୍ଷରେ ଅତ୍ୟନ୍ତ ଉପକାରୀ । ସ୍ନାୟୁମଣ୍ଡଳଗତ ରୋଗର ସନ୍ଦେହ ହେଲା ମାତ୍ରେ କିମ୍ବା ମୃଗୀ ବା ହିଷ୍ଟିରିଆର ସଙ୍କେତ ମିଳିଲା ମାତ୍ରେ ଅଗର-କୋ ଦିଅ । ରୋଗଟା ଯେ କୌଣସି ଶ୍ରେଣୀର ହୋଇ ଥାଉକେ, ତା ପାଇଁ ନିର୍ଦ୍ଦିଷ୍ଟ ଔଷଧ କାମ ନ ଦେଖାଇଲେ, ଆଖି ବୁଜି ଅଗର-କୋ ପ୍ରୟୋଗ କର । ଫଳ ଅତି ଚମତ୍କାର ମିଳିବ ।

ଆଲ୍‌ବୋସାଙ୍ଗ (Albosang)—

ଆମ ଦେହରେ ପ୍ରକୃତ ଯେଉଁ ପରିମାଣରେ କାଲ୍‌ସିଅମ୍; ହରମୋନସ, ଭିଟାମିନ ଓ କୋଲେବଣ ଦେଇଛନ୍ତି, ଏହା ଠିକ୍‌ ସେହି ପରିମାଣରେ ସେହି ସେହି ଜିନିଷ ଗୁଡ଼ିକ ଆବଶ୍ୟକତା ଅନୁସାରେ ଆମ ଦେହକୁ ଯୋଗାଏ । କ୍ଷୟରୋଗୀଙ୍କର ଅନେକ ସରକାରୀ କେନ୍ଦ୍ରରେ, ଦଶଟି ବଡ ବଡ ସରକାରୀ ହସପିଟାଲରେ ଏବଂ ସେନିଟୋରିଅମ୍‌ରେ ଏହି ଅଲ୍‌ବୋସାଙ୍ଗର ଗୁଣ ପରୀକ୍ଷିତ ହୋଇଅଛି । ରୋଗ ଶେଷ୍‌ ଅବସ୍ଥାକୁ ଯାଇଥିବା ଅବସ୍ଥାରେ ରୋଗୀମାନଙ୍କୁ ଏହା ସେବନ କରାଇ ଦେଖା ଯାଇଛି, ୧୫ ଦିନ ଭିତରେ ଏହା ସେମାନଙ୍କର ଓଜନ ଅଢ଼େଇ ପାଉଣ୍ଡରୁ ସାଢ଼େ ତିନି ପାଉଣ୍ଡ ଯାଏ ବଢ଼ାଇ ଦେଇଛି । ଏହିସବୁ ଚିକିତ୍ସା କେନ୍ଦ୍ରର ଭାରପ୍ରାପ୍ତ ଡାକ୍ତରମାନେ ଏହାର ଚମତ୍କାର ଗୁଣର ଭୂରି ତାରିଫ କରିଛନ୍ତି । ପର ମୁହଁରୁ ଆମ ଔଷଧର ଏଭଳି ଅଯାଚିତ ପ୍ରଶଂସା ଛଡ଼ା ଆମେ ଆଉ କଣ କହିବୁ ?

ଅଲବୋସାଙ୍ଗ ଭଳି ଏତେ ଶସ୍ତା ଓ ଏତେ ବୈଜ୍ଞାନିକ ପୁଷ୍ଟିକାରକ ଜିନିଷ ଆଉ ନାହିଁ । ଆମେ ପ୍ରତିଦିନ ଯେଉଁ ସାଧାରଣ ଖାଦ୍ୟ ଖାଉ, ତା ସଙ୍ଗେ ଏହାକୁ ସେବନ କଲେ, ଏହା ସେ ଖାଦ୍ୟର ପୁଷ୍ଟିକାରିତା ଦଶଗୁଣ ଅଧିକ ବଢ଼ାଇ ଦିଏ । ଏକ ପିଆଲା ଦୁଧ ସଙ୍ଗେ ଏଥିରୁ ଏକ ଗ୍ରାମ ମିଶାଇ ଯଦି ଖିଆଯାଏ, ତେବେ ସେହି ଦୁଧର ଗୁଣ ଦଶ ପିଆଲା ଦୁଧର ଗୁଣକୁ ବଳିଯାଏ । ଖାଇବା ଆଗରୁ କିମ୍ବା ଖାଇବା ପରେ ଏହାକୁ ଚା, କଫି, ଦୁଧ, ଦହି, ଲହୁଣୀ, ଫଳରସ, ପାଣି କିମ୍ବା ଯେ କୌଣସି ତରଳ ଖାଦ୍ୟରେ ମିଶାଇ ସେବନ କରାଯାଇପାରେ ।

Digitized by srujanika@gmail.com

ଯେଉଁମାନେ ନିର୍ଦ୍ଧନ, ସେମାନଙ୍କୁ ପୁଷ୍ଟିକାରକ ସାତ୍ତ୍ୱିକ ଖାଦ୍ୟ ମିଳେ ନା । ଆଉ ଯେଉଁମାନେ ଧନୀ, ସେମାନେ ପୁଷ୍ଟିକାରକ ସାତ୍ତ୍ୱିକ ଖାଦ୍ୟ ପାଉଥିଲେହେଁ ହଜମ ଶକ୍ତି ହରାଇ ଥିବାରୁ ସହଜେ ତାକୁ ଜୀର୍ଣ୍ଣ କରି ପାରନ୍ତି ନାହିଁ । ବୈଜ୍ଞାନିକ ଭାଷାରେ ଏହାର ତାତ୍ପର୍ଯ୍ୟ ହେଉଛି ଏହି ଯେ, ଅଭାବ ଦାରିଦ୍ରତା ହେତୁ ହେଉ ବା ହଜମ ଶକ୍ତିର ଦୁର୍ବଳତା ହେତୁ ହେଉ, ଦେହରେ ଥିବା ଅସଂଖ୍ୟ କୋଷରୁ ଉପଯୁକ୍ତ ଖାଦ୍ୟପାନୀୟ ଯୋଗେ ଆମେ ଜୀବନୀଶକ୍ତି ଯୋଗାଇ ପାରୁ ନା, କିନ୍ତୁ ଏହି ଶକ୍ତି ଶରୀରର ପୋଷଣ ଓ ବୃଦ୍ଧି ପାଇଁ ଏକାନ୍ତ ଆବଶ୍ୟକ । ତେଣୁ ନିତ୍ୟପ୍ରତି ଯାହା ଖାଉଛୁ ତାକୁ ବୈଜ୍ଞାନିକ ଉପାୟରେ ସାତ୍ତ୍ୱିକ ଓ ପୁଷ୍ଟିକାରକ କରାଇବା ଏକାନ୍ତ କର୍ତ୍ତବ୍ୟ । ଦୈନିକ ଯେଉଁ ଖାଦ୍ୟ ଖାଉଛୁ ତହିଁରେ କେବଳ ଖାଦ୍ୟର ପରିମାଣ ଠିକ୍ ରହୁଛି, କିନ୍ତୁ ଗୁଣ ରହୁନାହିଁ । ସେଥିପାଇଁ ଏହି ପରିମିତ ଖାଦ୍ୟ ସଙ୍ଗେ ଅଲ୍ଲବୋ-ସାଙ୍ଗ ସେବନ କଲେ ଅଭାବ ରହିଯାଉଥିବା ହେତୁ ଗୁଣତକ ମିଳେ ।

ଅଲବୋ-ସାଙ୍ଗରେ କ, ଖ, ଗ ଘ ଜୀବନିକା (ଭିଟାମିନ) ଅଛି । ଏଥିରେ ଭିନ୍ନ ଭିନ୍ନ ଶାଗ, ଫଳ, ବନସ୍ପତି ଓ ଚେରମୂଳର ସାର ଏବଂ ନାନା ଜାତିର ପ୍ରାଣିଜ ସାର ଖୁବ୍ ତାଜା ଓ ଟାଟକା ଅବସ୍ଥାରେ ମିଶା ଯାଇଛି । ତେଣୁ ସେହିସବୁ ଉଦ୍ଭିଜ୍ଜ ଓ ପ୍ରାଣିଜ ପଦାର୍ଥମାନଙ୍କରେ ଭିନ୍ନ ଭିନ୍ନ ଜୀବନିକା(ଭିଟାମିନ)ମାନ ଯେଉଁଭଳି ପ୍ରାକୃତିକ ପରିମାଣ ଓ ଅନୁପାତରେ ନିହିତ ଥାଏ, ଅଲବୋ-ସାଙ୍ଗରେ ମଧ୍ୟ ସେହି ପରିମାଣ ଓ ଅନୁପାତରେ ବିଦ୍ୟମାନ ରହେ । ଏହା ଫଳରେ ଅଲବୋ-ସାଙ୍ଗର ଗୁଣ ଓ କ୍ଷିପ୍ର କାର୍ଯ୍ୟକାରିତା ଅଦ୍ଭୁତ ବଢ଼ିଯାଏ ।

ମୂଳ ଉପାଦାନରୂପେ ଏଥିରେ ଯେଉଁ ଉଦ୍ଭିଜ୍ଜ ଓ ପ୍ରାଣିଜ ସାର ଦିଆଯାଏ ତାହା ରସାୟନିକ ପ୍ରକ୍ରିୟାରେ ତିଆରି ହୁଏନା । ସେଗୁଡ଼ିକ କେବଳ ଅତିସୂକ୍ଷ୍ମ କରି ସୂର୍ଯ୍ୟ କିରଣରେ ଶୁଖାଯାଏ । ଏହା ଫଳରେ ଅଲବୋ-ସାଙ୍ଗରେ ରୋଗନିବାରକ ଶକ୍ତି ଓ ପୁଷ୍ଟିକାରକ ଗୁଣ ଅଦ୍ଭୁତ ଅଧିକ ବଢ଼ିଯାଏ । ସୂର୍ଯ୍ୟ କିରଣର ଏହି ଶକ୍ତି ଯେ କେତେ ବଡ଼, ବିଜ୍ଞାନ ତାହା ଏବେ ସ୍ୱୀକାର କଲେଣି ; କିନ୍ତୁ ହଜାର ହଜାର ବର୍ଷ ତଳେ ଏ ଦେଶର ଆୟୁର୍ବେଦବିତ୍ ମୁନିଋଷିମାନେ ତାହା ଜାଣିଥିଲେ ।

ଅଲବୋ-ସାଙ୍ଗର ଉପଯୋଗ—

[୧] ସାଧାରଣତଃ ଟାଇଫଏଡ଼ (ଅନ୍ତ୍ରିକ ଜ୍ୱର), ନିଉମୋନିଆ, ତଥା ଅନ୍ୟାନ୍ୟ ଯେଉଁସବୁ ରୋଗରେ ରୋଗୀ ଦିନୁଁ ଦିନୁଁ ଦୁର୍ବଳ ହୋଇଯାଏ ଏବଂ ତାର ଶକ୍ତି କ୍ଷୀଣ ହୋଇଆସେ, ସେହି ସବୁ ରୋଗରେ ଅଲବୋ-ସାଙ୍ଗ ରୋଗ ବିରୁଦ୍ଧରେ ଲଢ଼ି ଆତ୍ମରକ୍ଷା କରିବାକୁ ଶରୀରକୁ ଶକ୍ତି ଯୋଗାଏ, ରୋଗୀକୁ ବଳ ଦିଏ ଏବଂ ଶୀଘ୍ର ଆରୋଗ୍ୟ ହେବାରେ ସାହାଯ୍ୟ କରେ । ଏକ ଦିଗରେ ଏହା ରୋଗୀର ଶରୀରକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଅନ୍ୟ ଦିଗରେ ରୋଗ-ନିବାରଣ ଶକ୍ତିକୁ ବଢ଼ାଏ ।

(୨) ରକ୍ତହୀନତା—ଅନେକଦିନ ଜ୍ୱର ପରେ ରୋଗୀର ଦୁର୍ବଳତା ଓ ରକ୍ତାଳ୍ପତା

Digitized by srujanika@gmail.com

ଅଙ୍କ ପାଇଁ ଏହା ଅତୀବ ଉପଯୋଗୀ । ରୋଗ ଛାଡିଯିବା ପରେ ଏହାକୁ ସେବନ କଲେ ଅଳ୍ପ କେତେକ ଦିନ ଭିତରେ ଦେହରେ ନୂଆ ରକ୍ତ ବଢ଼ିଯାଏ । ସାଧାରଣ ଦୁର୍ବଳତାରେ ଏହାକୁ ସେବନ କଲେ ଶରୀରର ଅସ୍ଥି ବଳାଧାନ ହୁଏ ଏବଂ କ୍ଷୟପ୍ରାପ୍ତ ଶକ୍ତି ପୂର୍ଣ୍ଣ ଫେରି ଆସେ । ରୋଗ ଥିବା ଅବସ୍ଥାରେ ଏବଂ ଆରୋଗ୍ୟ ହେବା ପରେ ଡାକ୍ତରମାନେ ଅଲବୋ-ସାଙ୍ଗର ଗୁଣ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି ।

[୩] ଶିଶୁମାନଙ୍କ ପାଇଁ ବାହାରୁ ଦୁଧ କିଣି ଖୁଆଇବାରେ ବାପ ମାଆଙ୍କୁ ମାସକୁ ଅନ୍ତତଃପକ୍ଷେ ୫୧୦୯ରୁ ୫୩୦୯ ଯାଏ ଖର୍ଚ୍ଚ କରିବାକୁ ପଡ଼େ । ଅଲବୋ-ସାଙ୍ଗରେ କେବଳ ୫୦।୬ରୁ ଷୋଳଅଣା ଖର୍ଚ୍ଚ ଭିତରେ ଏ କାମଟି ତୁଲିଇ ହେବ । ଅଲବୋ-ସାଙ୍ଗ ସେବନ କଲେ ଛୋଟ ଛୁଆମାନେ ଶୀଘ୍ର ବଢ଼ନ୍ତି ; ଯାହା ଖାଆନ୍ତି ତାହା ସହଜେ ହଜମ ହୋଇଯାଏ, ଭୋକ ଦେଖାଏ, ଝାଡ଼ା ସଫା ହୁଏ, ଦାନ୍ତ ଶୀଘ୍ର ଉଠେ ଏବଂ ହୃଷ୍ଟପୁଷ୍ଟ ହୋଇ ସେମାନେ ସୁନ୍ଦର ଦେଖାଯାନ୍ତି । ଦୁଇ ଚାରି ଘଣ୍ଟା ହେଲା ଯେଉଁ ଛୁଆ ମାଆ ପେଟରୁ ଭୂଇଁରେ ପଡ଼ିଥାଏ, ସେମାନଙ୍କୁ ମଧ୍ୟ ଏକାଧିକ ଶିଶୁ-ମଙ୍ଗଳ-କେନ୍ଦ୍ରରେ ଅଲବୋ-ସାଙ୍ଗ ଖୁଆଇ ପରୀକ୍ଷା କରାଯାଇଛି ।

[୪] ବଡ଼ ପିଲାମାନେ ଅଲବୋ-ସାଙ୍ଗ ଖାଇଲେ ସେମାନଙ୍କର ଭୋକ ବଢ଼େ ଏବଂ ଯାହା ଖାଆନ୍ତି ତାହା ଭଲରୂପେ ହଜମ ହୁଏ । ନାଚକୁଦ, ଖେଳ କସରତ ଓ ପଢ଼ାପଢ଼ିରେ ସେମାନେ ଖୁବ୍ ମାତନ୍ତି । ସେମାନଙ୍କର ସ୍ୱାସ୍ଥ୍ୟ ଖୁବ୍ ଭଲ ରହେ ଏବଂ ସେମାନେ ମୋଟାସୋଟା ହୁଅନ୍ତି । କେତେକ ପିଲା ଯେତେ ଖାଇଲେ ପିଇଲେ ମଧ୍ୟ ସେମାନଙ୍କର ଦେହରେ ଲାଗେ ନାହିଁ ଏବଂ ଦିନକୁ ଦିନ ସେମାନେ ଶୁଖି ଯାଆନ୍ତି । ଅଲବୋ-ସାଙ୍ଗ ସେମାନଙ୍କ ପକ୍ଷରେ ଅତ୍ୟନ୍ତ ଉପକାରୀ ।

[୫] ଧାଈ ଓ ମାଆମାନଙ୍କ ଦୁଧ ବଢ଼ାଏ । ଛୋଟ ଛୁଆଙ୍କୁ ଦୁଧ ଖୁଆଇବାରେ ଧାଈ ଓ ମାଆମାନଙ୍କର ଯଥେଷ୍ଟ ଶକ୍ତି ବ୍ୟୟିତ ହୁଏ । ଅଲବୋ-ସାଙ୍ଗ ସେବନ କଲେ ସେମାନଙ୍କର ଦୁଧ ବଦ୍ଧିତ ହୁଏ ଏବଂ ସେହି ଦୁଧର ପୁଷ୍ଟିକାରକ ଗୁଣ ବାହାକୁ ପିଉଥିବା ଛୁଆ ଦେହକୁ ସଂକ୍ରାମିତ ହୁଏ ।

[୬] ଯେଉଁମାନେ ମାନସିକ ପରିଶ୍ରମ କରନ୍ତି, ଅଲବୋ-ସାଙ୍ଗ ସେମାନଙ୍କ ପକ୍ଷରେ ଅତୀବ ଉପକାରୀ । ଏହା ସେମାନଙ୍କର ଦେହ, ମନ ଓ ସ୍ନାୟୁମଣ୍ଡଳୀ ଭିତରେ ପ୍ରାକୃତିକ ସାମଞ୍ଜସ୍ୟ ରକ୍ଷା କରି କ୍ଲାନ୍ତି ଓ ଅବସାଦ ଦୂର କରେ ।

[୭] ପ୍ରୌଢ଼ ଓ ଅଧିକବୟସ୍କ ଲୋକେ ଅଲବୋ-ସାଙ୍ଗ ସେବନ କଲେ ବୃଦ୍ଧତ୍ୱ ସେମାନଙ୍କୁ ଗ୍ରାସ କରି ପାରେ ନାହିଁ ; ବରଂ ସେମାନେ ନିଜକୁ ଯୁବକ ପରି ମନେ କରନ୍ତି ଏବଂ ଦେଖଣାହାରୀମାନଙ୍କ ଆଖିକୁ ସେମାନଙ୍କ ଚେହେରା ମଧ୍ୟ ସେହିପରି ଦେଖାଯାଏ ।

[୮] କ୍ଷୟ ରୋଗରେ ଏହା ଉପଯୋଗୀ । କ୍ଷୟ ରୋଗରେ ପ୍ରାଥମିକ ଅବସ୍ଥାରେ ଅଲବୋ-ସାଙ୍ଗ ଛଡ଼ା ଅନ୍ୟ ଔଷଧର କୌଣସି ଆବଶ୍ୟକତା ନ ଥାଏ । ବହୁମୂତ୍ର ବା ମଧୁମେହ ରୋଗରେ ମଧ୍ୟ ଏହା ଅତି ଉପକାରୀ ।

Digitized by srujanika@gmail.com

[୯] ପାକସ୍ଥଳୀର ରୋଗରେ ମଧ୍ୟ ଏହା ଉପକାରୀ । ଶକ୍ତି କମି ଆସିଲେ ପାକସ୍ଥଳୀରେ ନାନା ରୋଗ ଜାତ ହୁଏ । ଏଭଳି ଅବସ୍ଥାରେ ଅଲଫୋ-ସାଙ୍ଗ ସେବନ କଲେ, ପାଚନ ଶକ୍ତି ବଢ଼େ ଓ ଦେହରେ ବଳ, ବୀର୍ଯ୍ୟ, ତେଜ ଓ ଓଜ ଉତ୍ପନ୍ନ ହୁଏ । ଏହି ଶକ୍ତିବୃଦ୍ଧି ଓ ତେଜ, ଓଜ ପ୍ରଭୃତିଙ୍କ ରୋଗକୁ ଦୂର କରିବା ବିଷୟରେ ପ୍ରାକୃତିକ ଅସ୍ତ୍ରରୂପେ କାର୍ଯ୍ୟ କରେ ।

ଅଲଫୋ-ସାଙ୍ଗ ଖାଇବାକୁ ମିଠା । ମାତ୍ର ମାସିକିଆ ଶିଶୁମାନଙ୍କ ପାଇଁ ଚାହାଣୀଆ ଚାମଚରେ ଏକ ଚାମଚର ଆଠଭାଗରୁ ଭାଗେ (କିମ୍ବା ଅମ ମାପ ଚାମଚରେ ୧ଗ୍ରେନରୁ ୩ଗ୍ରେନ ଯାଏ), ପ୍ରାପ୍ତବୟସ୍କ ମାନଙ୍କ ପାଇଁ ଚାହାଣୀଆ ଚାମଚରେ ଅଧ ଚାମଚରୁ (ଦେଉଳିଆ କରି ନୁହେଁ — ସମାନ କରି) ଏକ ଚାମଚ ଯାଏ ।

ଯାତ୍ରାରେ ଏବଂ ସୁବିଧାରେ ନେଇ ଯାଇବା ପାଇଁ ବଟିକା ଆକାରରେ ମଧ୍ୟ ଅଲଫୋ-ସାଙ୍ଗ ମିଳେ । ଦୁଇଟି ବଟିକା ଦେଲେ ପ୍ରାପ୍ତବୟସ୍କମାନଙ୍କ ପାଇଁ ଏକ ମାତ୍ରା ହୁଏ । ଏହା ଅଧ ଚାମଚ ଗୁଣ୍ଡ ଔଷଧ ସଙ୍ଗେ ସମାନ । ଏହି ବଟିକା ଗୁଡ଼ିକରେ ଚିନିର ଭାଗ ନ ଥିବାରୁ Diabetes ବା ମଧୁମେହ ରୋଗରେ ମଧ୍ୟ ନିର୍ଭୟରେ ବ୍ୟବହାର କରାଯାଇ ପାରେ ।

ଆମିଗ୍ଲିଆ [Amyglia]

ଉଗ୍ର ଶିରଃପୀଡ଼ା, ରକ୍ତସ୍ରାବ ଏବଂ ଦାନ୍ତ ଶୂଳ ରୋଗରେ ଏହା ଫଳପ୍ରଦ । ତୁରନ୍ତ ଫଳ ପାଇବା ପାଇଁ ଏପରି ଔଷଧ ଆଉ ନାହିଁ । ସେବନ ମାତ୍ରେ ଏହା ରକ୍ତ କୋଷଗୁଡ଼ିକୁ ସଂକୁଚିତ କରେ ଏବଂ ରକ୍ତସ୍ରାବ କମାଇ ଦିଏ । ପ୍ରଚଣ୍ଡ ମୁଣ୍ଡ-ବ୍ୟଥାରେ ଯେତେବେଳେ ଫେନୋବଲ୍ ସଇନ ଓ ଭିଟାମିନ ଏସେନ୍ସ ଦେଇ ସୁଦ୍ଧା କିଛି ଫଳ ମିଳେ ନା, ସେତେବେଳେ ଏହି ଆମିଗ୍ଲିଆ ପ୍ରୟୋଗ କଲେ ଅତି ଶୀଘ୍ର ଫଳ ମିଳେ । ଏପିଲେପ୍ସି ବା ମୃଗୀ ରୋଗରେ କିଛି ଦେଲେ ଏହି ଔଷଧରୁ ଟାଣେ ତାଳଦେଇଲ ରୋଗର ଆକ୍ରମଣ ହଟିଯାଏ । ଅଧକପାଳୀ ବଥାରେ ମଧ୍ୟ ଏହାକୁ ପ୍ରୟୋଗ କରାଯାଏ । ହୁପିଂ କଫ୍ (ଏକପ୍ରକାର କାଶ), ଶ୍ୱାସ, ପିଲାଙ୍କ ମୂର୍ଚ୍ଛା ଏବଂ ସ୍ତ୍ରୀ ଲୋକମାନଙ୍କର କଷ୍ଟକର ଋତୁସ୍ରାବ ଆଦିରେ ମଧ୍ୟ ଏହି ଔଷଧ ଅତ୍ୟନ୍ତ ଉପଯୋଗୀ ।

ଆର୍ସେନ-ବିଟାର୍ସ (Arsen Bitters)

ପ୍ଲେଗ ଏବଂ ରକ୍ତ ଜାତୀୟ ରୋଗମାନଙ୍କରେ ଯହିଁରେ କି ଜୀବନୀ ଶକ୍ତି ଦ୍ରୁତ କ୍ଷୟ ପାଏ ତହିଁରେ ପ୍ରଯୁଜ୍ୟ । ୧୯୪୩-୪୪ ସାଲରେ ଏହି ଔଷଧ ଏବଂ ଭେଜିଟେବଲ୍ ସଲ୍ଟ ବହୁ ଲୋକର ପ୍ରାଣରକ୍ଷା କରିଅଛି ଏବଂ ଏପରି ରିପୋର୍ଟ ଆମ୍ଭମାନଙ୍କ ନିକଟରେ ଅଛି । ଉପର ଉକ୍ତ ଔଷଧ ଦୁଇଟି ଅତିରିକ୍ତ ମାତ୍ରାରେ ବ୍ୟବହାର କଲେ ସମୟ ସମୟରେ ଏକପ୍ରକାର ଚର୍ମରୋଗ ପ୍ରକାଶ ପାଏ । ସେଥିରେ ଭୟ କରିବାର କିଛି ନାହିଁ । ଔଷଧର ମାତ୍ରା କମାଇ ଆଣିବା ସଙ୍ଗେ ସଙ୍ଗେ ଏହି ଚର୍ମରୋଗ ଆପେ ଆପେ ଚାଲିଯିବ ଏବଂ ରୋଗୀ ଶୀଘ୍ର ଶୀଘ୍ର ଆରୋଗ୍ୟ ପଥରେ ଅଗ୍ରସର ହେଉଥିବ ।

Digitized by srujanika@gmail.com

ଆର୍ଜେଲହ୍ୱଓସ (Argelhyos)

ଏହା ଏକ ଚମତ୍କାର ଔଷଧ । ଟାଇଫଏଡ଼ [ଆନ୍ତ୍ରିକ ଜ୍ୱର] ଜ୍ୱରରେ ମେଥିଲଅନ୍ତ ସହିତ ଏହାକୁ ପ୍ରୟୋଗ କର । ଅଲ୍ପ ଜ୍ୱର ଏବଂ ପୁରୁଣା ଜ୍ୱରରେ ଓ ପ୍ରଳାପରେ ଏହାକୁ ପ୍ରୟୋଗ କଲେ ଖୁବ୍ ଭଲ ଫଳ ମିଳେ । ଗନୋରିଆ ବା ମେହ ରୋଗରେ ଯେତେବେଳେ ଯୋଡ଼ାଜଙ୍ଘା ଫୁଲି ପରସ୍ରା ସଙ୍ଗରେ ପୂଜ ପଡ଼ୁଥାଏ, (ଯୋଡ଼ାଜଙ୍ଘା ଖୁବ୍ ବେଶି ଫୁଲିଥିଲେ ବୁରାଇ-କୋ ଦିଅ, ସାଧାରଣ ଯୋଡ଼ାଜଙ୍ଘାରେ ସ୍ପୋଙ୍ଗିଆ ଦେଲେ ମଧ୍ୟ ଆରୋଗ୍ୟ ମିଳେ), ନାକ ବେଗରେ ଛିଙ୍କ ଅଧିକ ହେଉଥିଲେ, ଗଳାରେ ସଲସଲ ହୋଇ କାଶ ହେଉଥିଲେ, ଫୁସ୍ଫୁସରେ ଛୁଟିର ଫୋଁ । ଅବା ତାହାଠାରେ ପୀଡ଼ା ହେଉଥିଲେ, ଏହି ଆର୍ଜେଲହ୍ୱଓସ ପ୍ରୟୋଗ କର । ପାରାଲିସିସ୍ ବା ପକ୍ଷାଘାତ ରୋଗରେ ଅମ୍ମୋବନ୍ ସହିତ ଏହାକୁ ଦିଅ । ଜଣେ ଅଭିଜ୍ଞ ଡାକ୍ତର କହିଛନ୍ତି—"ପ୍ରଥମେ ଟାଇଫଏଡ଼୍ ରୋଗୀର ଚିକିତ୍ସା ଭାର ହାତରେ ନେବାକୁ ମୋତେ ଡର ମାଡୁଥିଲା । ଏବେ କିନ୍ତୁ ମୁଁ ଆର୍ଜେଲହ୍ୱଓସ୍ ମେଥିଲଅନ୍ତ ଓ ଅଲ୍ବୋ-ସାଙ୍ଗର ସହାୟତାରେ ନିର୍ଭୟରେ ରୋଗର ଚିକିତ୍ସା କରୁଛି । ପହିଲେ ପ୍ରତିଦିନ ରୋଗୀକୁ ଦେଖି ଆସିବାକୁ ପଡୁଥିଲା, ଏବେ କିନ୍ତୁ ତାହା କରିବାକୁ ପଡୁନାହିଁ ।"

ଆଜମା କମ୍ପାଉଣ୍ଡ (Asthma Compound)—

ଅଜମା ବା ଶ୍ୱାସରୋଗରେ ଏହା ଏକ ଅତି ଜଣାଶୁଣା ସାଧାରଣ ଔଷଧ ରୂପେ ବ୍ୟବହୃତ ହୁଏ । ମାତ୍ରା ପ୍ରାପ୍ତବୟସ୍କମାନଙ୍କ ପାଇଁ ୫ ଗ୍ରେନ୍—ଦିନକେ ତିନିଥର ସେବନ କରିବାକୁ ହୁଏ ।

ଆଉରାଟିନମ୍ (Auratinum)— ←

ଗର୍ଭାଶୟର ରୋଗପାଇଁ ଏହା ଅଭିପ୍ରେତ ।

(୧) ଋତୁସ୍ରାବ ବନ୍ଦ ହୋଇଗଲେ, ଅଲ୍ପ ସ୍ରାବ ହେଲେ, ଠିକ୍ ସମୟରେ ନିୟମିତ ସ୍ରାବ ନହେଲେ ବା କଷ୍ଟରେ ସ୍ରାବ ହେଲେ ଏହି ଔଷଧ ସେବନରେ ଭଲ ଫଳ ମିଳେ । ଗର୍ଭାଶୟରେ ରୋଗର ସାଧାରଣ ଔଷଧ ଦ୍ରାହାମଲାଇନ୍ ପ୍ରୟୋଗ କରି ସୁଦ୍ଧା ଯେତେବେଳେ କୌଣସି ଫଳ ହୁଏନା, ସେତେବେଳେ ଏହି ଆଉରାଟିନମ୍ ପ୍ରୟୋଗ କଲେ ସଙ୍ଗେ ସଙ୍ଗେ ଫଳ ମିଳେ । ଶିଶୁ ଓ ବାଳକମାନଙ୍କର ସାଧାରଣ ଔଷଧ ସେବନରେ କୌଣସି ଉନ୍ନତି ଦେଖା ନଗଲେ ଶେଷରେ ସାଣ୍ଟୋନାଇନ-କୋ ସେବନରେ ଯେପରି ଆଶୁ ଫଳ ମିଳେ, ସ୍ତ୍ରୀଲୋକମାନଙ୍କ ପକ୍ଷରେ ଏ ଔଷଧଟି ଠିକ୍ ସେମିତି ସେବନମାତ୍ରେ ତୁରନ୍ତ ଫଳ ଦିଏ । ସନ୍ତାନ ପ୍ରସବ ସମୟରେ ପ୍ରସବ ବେଦନା (Labour Pain) ଉତ୍ପାଦନ କରି ଶୀଘ୍ର ଓ ସହଜ ପ୍ରସବ କରାଇବା ପାଇଁ ଏହି ଔଷଧ ପରମ ଉପକାରୀ । ସକାଳ ଓ ସନ୍ଧ୍ୟାରେ ଦିନକୁ ଦୁଇପାନ ହିସାବରେ ଛଅ ମାସରୁ ବର୍ଷକ ଯାଏ ଯଦି ଏହି ଔଷଧ ସେବନ କରାଯାଏ, ତେବେ ବନ୍ଧ୍ୟା ନାରୀର ମଧ୍ୟ ଗର୍ଭସଞ୍ଚାର ହୁଏ ।

Digitized by srujanika@gmail.com

(୨) ଅଧିକ ରକ୍ତସ୍ରାବରେ ମୁଣ୍ଡ ବୁଲାଇଲେ ତଥା ଶିରଃପୀଡ଼ାରେ ଓ ମୂର୍ଚ୍ଛା ଅବସ୍ଥାରେ ଆମ୍ରିଗ୍ଲିଆ ସହିତ ମଧ୍ୟ ଏହି ଔଷଧ ସେବନ କଲେ ଭଲ ଫଳ ମିଳେ । ବୃଦ୍ଧ ଲୋକମାନଙ୍କ ପକ୍ଷରେ ଆଇଡ଼ୋଫସ ସଙ୍ଗେ ଏହାକୁ ସେବନ କରିବା ବିଧି ।

(୩) ଅଣ୍ଡକୋଷରେ ପୀଡ଼ା ହେଉଥିଲେ, ଅଣ୍ଡକୋଷ ଫୁଲି ଯାଇଥିଲେ ଏହା ମଧ୍ୟ ଉପକାରୀ । ଏହା ସଙ୍ଗେ ବାମ ଅଣ୍ଡକୋଷରେ ମାଲିସ କଲେ ତୁରନ୍ତ ପୀଡ଼ା ଓ ଫୁଲା କମିଯାଏ ।

(୪) ପୁରୁଣା ସିଫିଲିସ ବା ଉପଦଂଶ ଆଦି ରୋଗରେ ମଧ୍ୟ ଏହି ଔଷଧ ଅତ୍ୟନ୍ତ ଉପକାରୀ । ଅକ୍ରିଟିନମ୍‌ର ଇଞ୍ଜେକ୍‌ସନ୍ ମଧ୍ୟ ତିଆରି କରାଯାଇଛି । ଏହି ଇଞ୍ଜେକ୍‌ସନକୁ ପ୍ରୟୋଗ କଲେ କ୍ଷୟ ରୋଗ ଓ ପୁରୁଣା ବାତ ରୋଗରେ ଭଲ ଫଳ ମିଳେ, କାରଣ ଏଥିରେ ଧୁନାଭାଗ ଅଛି ।

ବାମ୍ (Balm)—ସମସ୍ତ ପ୍ରକାର ବାଆଁଛଟିବା, ଦରଜ ଓ ପୀଡ଼ାପାଇଁ ଏହା ମହୋପକାରୀ । ପୀଡ଼ା ହେଉଥିବା ସ୍ଥାନରେ ଚର୍ମ ଉପରେ ଏହି ବାମକୁ ଭଲରୂପେ ମାଲିସ କଲେ ଚର୍ମ ଛିଦ୍ରବାଟେ ଏହା ଶୀଘ୍ର ଭିତରକୁ ଯାଏ ବୋଲି ଫଳ ଶୀଘ୍ର ମିଳେ ଏବଂ ସ୍ଥାୟୀ ହୁଏ । ଅଣ୍ଟ୍‌ଟଣି ଓ ଅନ୍ୟାନ୍ୟ ବାତରୋଗରେ [ସାଇଟିକା, ଲମ୍ବାଗୋ] ଓ ଅର୍ଶରୋଗରେ ଏହା ଖୁବ୍ ଭଲ ଫଳ ଦିଏ । ଅର୍ଶ ଯେତେବେଳେ ଫୁଲିଯାଏ ଓ ଖୁବ୍ ଜଳାପୋଡ଼ା କରେ ସେତେବେଳେ ଏହି ବାମ୍ ଅତି ଶୀଘ୍ର ଆରାମ ଦିଏ । କଟା, ଛେଚା କିମ୍ବା ଭଙ୍ଗା ଯାଗାରେ ବାମ୍ ପ୍ରୟୋଗ କଲେ ଟିକିଏ ପୋଡ଼େ । ତେଣୁ ସେପରି ଯାଗାରେ ଋପେଟଣ୍ଟା ଲଗାଅ ।

ବେଞ୍ଜୋ-ହରମୋନସ୍ [Benzo-Hormones] ବା ବେଞ୍ଜୋମୋନସ୍ [Benzomones]

ଗନୋରିଆ ବା ମେହ ଏବଂ ଶ୍ୱାସ—ଏହି ଦୁଇ ରୋଗପାଇଁ ଏହା ପ୍ରୟୋଗ କରାଯାଏ ।

ବାଙ୍ଗାଲୋର ହସପିଟାଲ ଓ ଅନ୍ୟାନ୍ୟ ଚିକିତ୍ସା କେନ୍ଦ୍ରମାନଙ୍କରେ ଏହି ଔଷଧର ଗୁଣାବଳୀ ପରୀକ୍ଷିତ ହୋଇ ଆମ ପାଖକୁ ଯେଉଁ ବିବରଣୀମାନ ଆସିଛି, କ୍ରମରେ ତାର ସାରାଂଶ ଦିଆଯାଉଅଛି:—

(୧) ଗନୋରିଆ ବା ମେହରୋଗରେ ଯେତେବେଳେ ଅତି କଷ୍ଟରେ ପରିସ୍ରା ଓ ଜଳାପୋଡ଼ା ହେଉଥାଏ ସେତେବେଳେ ବେଞ୍ଜୋ ହରମୋନସ୍‌ର ଗୋଟିଏ ଇଞ୍ଜେକସନ୍ ପରେ ଜଳ ପୋଡ଼ା କମିଯାଏ ଏବଂ ସହଜରେ ପରିସ୍ରା ହୁଏ ।

(୨) ପରି ଦୁଇ ଘଣ୍ଟା ଠାରୁ ଚବିଶଘଣ୍ଟା ଅନ୍ତରରେ ଏ ଔଷଧ ଯଦି ଦିଆଯାଏ, ତେବେ ୭ ଘଣ୍ଟା ଠାରୁ ୨୪ ଘଣ୍ଟା ଭିତରେ ମଧ୍ୟ ଏହି ଫଳ ମିଳେ ।

(୩) ଅଜମା ବା ଶ୍ୱାସରୋଗ ଧରିଥିବା ଅବସ୍ଥାରେ ଇଞ୍ଜେକ୍‌ସନ ରୂପେ ବେଞ୍ଜୋ-ହରମୋନ୍‌ସ ପ୍ରୟୋଗରେ ଅତି ଶୀଘ୍ର ଆରାମ ମିଳେ । ପ୍ରତି ଦୁଇ ଦିନରୁ ୭ ଦିନ ଅନ୍ତର ଭିତରେ ଯଦି କିଛିଦିନ ଦିଆଯାଏ, ତେବେ ଶ୍ୱାସରୋଗରୁ ଆରୋଗ୍ୟ କରି

Digitized by srujanika@gmail.com

ଅଣେ । ବାଙ୍ଗାଲୋରର ଡାକ୍ତର ଭି.ଟି. ଲେଖିଛନ୍ତି—"ଦଶଟି ରୋଗୀ ଶ୍ୱାସରୋଗରେ ଆକ୍ରାନ୍ତ ହୋଇଥିଲେ । ସେମାନଙ୍କ ଭିତରୁ ଜଣକର ରୋଗ ଦଶବର୍ଷର ପୁରୁଣା । ଛଅ ସପ୍ତାହରୁ ଦଶ ସପ୍ତାହ ପର୍ଯ୍ୟନ୍ତ ସେମାନଙ୍କୁ ଏହି ଇଞ୍ଜେକସନ୍ ଦେଇ ଦେଖାଗଲା ଯେ, ସେମାନେ ପୂରାପୂରି ଭଲ ହୋଇ ଯାଇଛନ୍ତି । ଶ୍ୱାସରୋଗର ଆକ୍ରମଣ ବେଳେ ବେଞ୍ଜୋ-ହରମୋନସ୍ ଠିକ୍ ଆଡ୍ରେନେଲିନ ଭଳି କାମ ଦେଖାଏ ।"

ଏହି ଔଷଧ ଶ୍ୱାସ, ମେହ ଓ ହୃସ୍ରାବ ରୋଗମାନଙ୍କରେ ଅବ୍ୟର୍ଥ କାର୍ଯ୍ୟକରେ । ଏହାର ପ୍ରୟୋଗରେ ଶ୍ୱାସରୋଗର ଜଡ଼ ସମୂଳେ ନଷ୍ଟ ହୋଇଯାଏ । ଇଞ୍ଜେକ୍‌ସନ ନେଲେ ଶୀଘ୍ର ଫଳ ମିଳେ । ଶ୍ୱାସରୋଗ ଓ ଜଳ-ଉଦରୀ ରୋଗରେ ବେଞ୍ଜୋ-ହରମୋନ୍‌ସ୍ ପାନକେ ଦୁଇଗ୍ରେନ ହିସାବରେ ଦିନକୁ ଦୁଇଥର ଖାଇ ପ୍ରତି ଦୁଇ ଦିନରୁ ଆଠଦିନ ଅନ୍ତରରେ ସେହି ଇଞ୍ଜେକ୍‌ସନ ନେଲେ ଅତି ସନ୍ତୋଷଜନକ ଫଳ ମିଳେ । କେବଳ ଖାଇଲେ ବି ପଚ୍ୟା ଖେଳସା ହୋଇ ରୋଗୀକୁ ଆରାମ ଲାଗେ ।

ବାଇଓ-ସାଲ [Bio-Sal]—ଶିଶୁମାନଙ୍କ ପେଟ ଗୋଳମାଳ, ପେଟଫମ୍ପା, ଅମ୍ଳିଆ ହାକୁଟି, ମୂର୍ଚ୍ଛା ଓ ଦାନ୍ତ ଉଠିବା ବେଳର ରୋଗରେ ଏହା ପ୍ରୟୋଗ କରାଯାଏ । ପେଟ ମରିରେ ଏହା ତୁରନ୍ତ ଫଳ ଦେଖାଏ, ତରଳ ଝାଡ଼ା ବନ୍ଦ କରେ ଓ ପାକସ୍ଥଳୀର ଗୋଳମାଳକୁ ସଜାଡ଼ି ଦିଏ । ମୋଟ ଉପରେ ପାକସ୍ଥଳୀ ଗୋଳମାଳକୁ ଦବାଇବା ସଙ୍ଗେ ସଙ୍ଗେ ତହିଁରୁ ଉପୁଜିଥିବା ରୋଗ ଗୁଡ଼ିକୁ ମଧ୍ୟ ଦବାଏ । ଛୋଟ ଶେଯ ଛୁଆଙ୍କର ଏବଂ ଶିଶୁମାନଙ୍କର ଭୋକ ହେଉ ନ ଥିଲେ ଏ ଔଷଧ ଭୋକ କରାଏ । ସକାଳ ସନ୍ଧ୍ୟାରେ ନିୟମିତ ଭାବରେ ଯଦି ଏହାକୁ ସେବନ କରାଯାଏ, ତେବେ ପେଟ ଭିତରେ ଅମ୍ଳ ହୋଇ ଅମ୍ଳିଆ ହାକୁଟି ଉଠିବା ବନ୍ଦ ହୁଏ । ଭୋକ ହେଉ ନ ଥିଲେ ଭୋକ ହୁଏ ଏବଂ ଖାଇବା ସହଜେ ଭଲ ହଜମ ହୁଏ । ରୋଗରେ ପଡ଼ିଥିଲା ବେଳେ ଏବଂ ଭଲ ହୋଇଗଲା ପରେ ବଳାଧାନ ପାଇଁ ମଧ୍ୟ ଏହାକୁ ଟନିକ ରୂପେ ବ୍ୟବହାର କରାଯାଇ ପାରେ ।

ନୂଆ ଦାନ୍ତ ଉଠିଲା ବେଳେ ଛୋଟ ଛୁଆମାନଙ୍କର ସାଧାରଣତଃ ଯେଉଁ ସବୁ ରୋଗ ଦେଖାଯାଏ, ସେ ସବୁ ଏହି ବାଇଓ-ସାଲ ସେବନରେ ଶୀଘ୍ର ଆରୋଗ୍ୟ ହୁଏ । ଜୀର୍ଣ୍ଣଶକ୍ତିକୁ ଠିକ୍ ବାଟକୁ ଆଣି ଏହା ତରଳ ଝାଡ଼ା ବନ୍ଦ କରାଏ । ଏହା ଫଳରେ ଶେଯ-ଛୁଆମାନେ ନାନା ରୋଗରୁ ରକ୍ଷା ପାଆନ୍ତି । ବାଇଓ-ସାଲରେ କୌଣସି ପ୍ରକାର ବିଷାକ୍ତ ଜିନିଷ କିମ୍ବା ଅନିଷ୍ଟକାରକ ପଦାର୍ଥ ନାହିଁ । ପେଟଫମ୍ପା ମୂର୍ଚ୍ଛା ଓ ବଦହଜମି ଆଦିରେ ଏହାକୁ ଆଖି ବୁଜି ପ୍ରୟୋଗ କରାଯାଇ ପାରେ । ଛୋଟ ଛୁଆଙ୍କର ପେଟରେ ଅମ୍ଳ ହୋଇ ଏବଂ ଖାଦ୍ୟ ହଜମ ନ ହୋଇ ସେମାନଙ୍କୁ ଅସ୍ଥିର କଲାବେଳେ ବାଇଓ ସାଲ ଖୁବ୍ ଭଲ ଫଳ ଦିଏ ।

ଭୋକ ବଢ଼ାଇବା ପାଇଁ ପିଲାକୁ ଖୁଆଇବାର କେତେକ ମିନିଟ ପୂର୍ବରୁ ଏହାକୁ ସେବନ କରାନ୍ତୁ । ଖାଇବାକୁ ଏହା ଅବଶ୍ୟ ସୁଆଦିଆ, କିନ୍ତୁ ବେଶୀ ମିଠା । ଆବଶ୍ୟକ ହେଲେ ଏହା ସହିତ ଆଉ କିଛି ଚିନି ମିଶାଇ ଖୁଆଇଲେ କିଛି କ୍ଷତି ନାହିଁ । ପିଲାକୁ ଯଦି କୃତ୍ରିମ ଉପାୟରେ ବୋତଲ ଦୁଧ ଖୁଆଯାଉଥାଏ, ତେବେ ତହିଁରେ ବାଇଓ-ସାଲ ମିଶାଇ ଦିଆଯାଇ ପାରେ ।

Digitized by srujanika@gmail.com

ମାତ୍ରା—ନୂଆ ଭୂମିଷ୍ଠ ହୋଇଥିବା ପିଲାଙ୍କ ପାଇଁ ଗୃହାଣିଆ ଗ୍ରାମଚରେ ଔଷଧର ଶହେଭାଗରୁ ଭାଗେ, ମାସକଠାରୁ ଛଅମାସଯାଏ ପିଲାଙ୍କ ପାଇଁ ଅଧଗ୍ରାମଚ, ଛଅମାସରୁ ବର୍ଷକିଆ ପିଲାଙ୍କ ପାଇଁ ଗ୍ରାମଚେ, ଦୁଇ ବର୍ଷକିଆ ପିଲାଙ୍କ ପାଇଁ ଏକ ଗ୍ରାମଚରୁ ଦୁଇ ଗ୍ରାମଚ ଯାଏ ।

ବ୍ଲାଟା (Blatta)—

ଶ୍ୱାସ ରୋଗ ପାଇଁ । ୨୦ ମାସରୁ ବାରମାସ ଯାଏ ଦିନକୁ ପାନେ କିମ୍ବା ଦୁଇପାନ ହିସାବରେ ଯଦି ନିୟମିତ ଭାବରେ [ରୋଗର ଆକ୍ରମଣ ବନ୍ଦ ହେଲା ପରେ ମଧ୍ୟ] ସେବନ କରାଯାଏ, ତେବେ ଶ୍ୱାସ ରୋଗର ସ୍ଥାୟୀ ଚିକିତ୍ସା ହୋଇ-ଯାଏ । ରୋଗର ଆକ୍ରମଣ ଚାଲିଥିବା ବେଳେ ଅଧଘଣ୍ଟାଠାରୁ ଦୁଇଘଣ୍ଟା ଯାଏ ବ୍ୟବଧାନରେ ଅଳ୍ପ ଅଳ୍ପ ମାତ୍ରାରେ ଔଷଧ ପ୍ରୟୋଗ କର; କିନ୍ତୁ ତୁରନ୍ତ ଆରାମ ପାଇବା ପାଇଁ ସେହି ଅଧଘଣ୍ଟାଠାରୁ ଦୁଇଘଣ୍ଟା ବ୍ୟବଧାନରେ ଏବଂ ସେହିପରି ଅଳ୍ପ ଅଳ୍ପ ମାତ୍ରାରେ ସାମାନ୍ୟ ଗରମ ପାଣିରେ ଫେନୋବାର୍ବିଟୋନ ଓ କ୍ୟାଫେଇନ ଏସେନ୍‌ସ ଦେଲେ ଭଲ ଫଳ ମିଳେ । ହୁପିଂ କଫ୍ ଭଳି ଶ୍ୱାସରେ ରୋଗୀ ଉପରେ ରୋଗର ଆକ୍ରମଣ ଚାଲୁ ରହିଥିବା ଅବସ୍ଥାରେ ଗରମ ପାଣିରେ ଅଳ୍ପ ଟିକିଏ ଗ୍ଲୋ-ମାର୍ ମିଶାଇ ଖୁଆଇ ଦେଲେ ଖୁବ୍ ଉପକାର ହୁଏ । ଶ୍ୱାସ ରୋଗର ଚିକିତ୍ସାରେ ସାତ୍ତ୍ୱିକ ଓ ପୁଷ୍ଟିକାରକ ଖାଦ୍ୟ, ଉତ୍ତମ ପରିପାକ ଓ କୋଷ୍ଠ ପରିଷ୍କାର ଉପରେ ବିଶେଷ ଦୃଷ୍ଟି ଦେବା ଦରକାର ।]

ବ୍ରାହାମ୍‌ଡାଇନ୍ (Brahamdine)—

ଗର୍ଭାଶୟର ସବୁପ୍ରକାର ରୋଗରେ ଏହା ଏକ ସାଧାରଣ ଔଷଧ; କିନ୍ତୁ ସ୍ତ୍ରୀଲୋକମାନଙ୍କ ପ୍ରଦର ରୋଗରେ ଏହା ବିଶେଷ ଉପକାରୀ । ଏହାକୁ ସେବନ କଲେ ସ୍ତ୍ରୀଲୋକମାନଙ୍କର ମାସିକ ଋତୁ ନିୟମିତ ହୁଏ, ଅଧିକ କିମ୍ବା ଅଳ୍ପ ସ୍ରାବ ହେଉଥିଲେ ତାକୁ ଉଚିତ ପରିମାଣରୁ କମାଇ ଆଣେ କିମ୍ବା ବଢ଼ାଇ ଦିଏ । ଯଦି ସ୍ରାବ ଅତ୍ୟନ୍ତ ଅଧିକ ହେଉଥାଏ, ତେବେ ଟନିୟୁମ-କୋ ଖାଇବାକୁ ଦିଅ । ଋତୁର ସହିତ ରକ୍ତସ୍ରାବ ହେଉଥିଲେ ନିମ୍ନଲିଖିତମତେ ଚିକିତ୍ସା କର :—ଅରଖ (Caltropis) ଗଛର କଅଁଳିଆ ପତ୍ରରେ ବ୍ରାହାମ୍‌ଡାଇନ୍ ଦୁଇଗ୍ରେନ୍, ଆଇଓବିନ୍ ଚାରିଠା ଗ୍ରେନ୍ ଓ କ୍ୟାଫେଇନ ଏସେନ୍‌ସ ୧ ଗ୍ରେନ୍ ରଖି ଋତୁସ୍ରାବର ପ୍ରଥମ ତିନିଦିନରେ ଦିନକୁ ଏକପାନ ହିସାବରେ ସକାଳୁଆ ଖୁଆଅ । ଦ୍ୱିତୀୟ ମାସର ଋତୁସ୍ରାବ ବେଳେ ପୁଣି ଏହିଭଳି ତିନିଦିନ ଖୁଆଅ ।

ତୃତୀୟ ମାସର ଋତୁସ୍ରାବ ବେଳେ ଯେତେଦୂର ସମ୍ଭବ ଆଉ ଏଭଳି ଖୁଆଇବା ଦରକାର ପଡ଼ିବ ନାହିଁ; କିନ୍ତୁ ଗୋଟିଏ ଋତୁକାଳ ପରେ ତା' ପରବର୍ତ୍ତୀ ଅନ୍ୟ ଋତୁକାଳ ଆରମ୍ଭ ହେବାଯାଏ ଉପରୋକ୍ତ ବ୍ରାହାମଡାଇନ ମିଶ୍ରିତ ଔଷଧ ବିନା ଅରଖ ପତ୍ରରେ ଦିନକୁ ତିନିପାନ ହିସାବରେ ରୋଗିଣୀକୁ ବରାବର ଦୁଇ ତିନିମାସ ପର୍ଯ୍ୟନ୍ତ

Digitized by srujanika@gmail.com

ଖୁଆଇବାକୁ ହେବ । ଏଭଳି କଲେ ଋତୁକାଳୀନ କଷ୍ଟ ଓ ପୀଡ଼ା ଦୂର ହୋଇଯିବ । ତା ଛଡ଼ା ଯେଉଁ ସ୍ତ୍ରୀଲୋକମାନଙ୍କର ବର୍ଷ ବର୍ଷ ଧରି ଗର୍ଭସଞ୍ଚାର ବନ୍ଦ ହୋଇ ଯାଇଥିବ, ଏହି ଚିକିତ୍ସା ଫଳରେ ସେମାନଙ୍କର ଗର୍ଭୋଦୟ ମଧ୍ୟ ହେବ । ଦରକାର ହେଲେ ଅଶୋକ ପତ୍ର ସଙ୍ଗେ ଟିକିଏ ଚିନି ଦେଇ ମଧ୍ୟ ଖିଆଯାଇ ପାରେ ।

ପୁରୁଣା ମେହ (ଗନୋରିଆ) ରୋଗ ଯହିଁରେ ପୂଜ ବରାବର ପଡୁଥାଏ, ସେଥିରେ ମଧ୍ୟ ବ୍ରାହ୍ମିଡାଇନ୍ ବେଶ ଉପକାର କରେ । କ୍ରୋମାଇନ୍ ମଧ୍ୟ ଏ ଅବସ୍ଥାରେ ଭଲ ଫଳ ଦିଏ । ଜୀର୍ଣ୍ଣଶକ୍ତି ଉପରେ ଏହା ମଧ୍ୟ ଖୁବ୍ ଭଲ ପ୍ରଭାବ ପକାଏ ।

ବ୍ରାନୋ-ପ୍ଲେକ୍ସ [Brano-Plex]

ପାଚନ ଶକ୍ତି ଅର୍ଥାତ୍ ଖାଦ୍ୟ ଜୀର୍ଣ୍ଣ କରିବା ବିଷୟରେ ଏହା ଏକ ସୁନ୍ଦର ଅବଲେହ । ପେଟ ଓ ଅନ୍ତ୍ରରୋଗ, ଯକୃତ ଓ ପ୍ଲୀହା ଏବଂ ମଧୁମେହ (ଡାଇବିଟିସ୍) ଆଦି ପାକସ୍ଥଳୀ ସମ୍ବନ୍ଧୀୟ ରୋଗର ଚିକିତ୍ସାରେ ଡାଲି, ଗୁଆଳ ଓ ଗହମର ଚୋପା ବା ଭୁସି ସହିତ ଏହାକୁ ମିଶାଇ ଖୁଆଇଲେ ଅଦ୍ଭୁତ ଫଳ ମିଳେ । ଆଧୁନିକ ବୈଜ୍ଞାନିକ ଉପାୟରେ ଏ ଔଷଧ ସମ୍ପର୍କରେ ଗବେଷଣା କରି ଆମେ ନିମ୍ନ ସିଦ୍ଧାନ୍ତରେ ପହଞ୍ଚିଅଛୁଁ :—

(୧) ପ୍ରକୃତ ଡାଲି, ଘୁଆଳ, ଗହମର ଚୋପା ଓ ଭୁସି ବା ଚୋକଡ଼ାରେ ଭିଟାମିନ୍ [ଜୀବନଦା] ଗୁଣ ସାଇତି ରହିଛି । ବୈଜ୍ଞାନିକ ଭାଷାରେ ଏହାକୁ ଭିଟାମିନ— 'ଖ' [B] କୁହାଯାଏ । ଶ୍ୱେତସାର [Starchy Food] ଜାତୀୟ ଖାଦ୍ୟକୁ ଏହି ଭିଟାମିନ ଜୀର୍ଣ୍ଣ କରାଏ । ତେଣୁ ଏହି ଭିଟାମିନ କମ୍ ହେଲେ ଖାଦ୍ୟ ପରିପାକ ପାଏ ନାହିଁ ଓ ପାକଯନ୍ତ୍ରର ଅନ୍ୟାନ୍ୟ ଅଙ୍ଗଗୁଡ଼ିକ ନିଜ ନିଜର ପାକରସ ଉଚିତ ପରିମାଣରେ ଉତ୍ପାଦନ କରିବାକୁ ଅସମର୍ଥ ହୁଅନ୍ତି । ଏହା ଫଳରେ ଯେଉଁ ପାଚକ ରସ ଖାଦ୍ୟକୁ ହଜମ କରନ୍ତା ତହିଁରେ ବିଭିନ୍ନ ପ୍ରକାର ଖାଦ୍ୟର ପରିପାକ ପାଇଁ ଉଚିତ ଅନୁପାତ ରହିପାରେ ନା । ତେଣୁ ଘିଅ, ତେଲ ଆଦି ସ୍ନେହଯୁକ୍ତ ଚର୍ବୀଜାତୀୟ ଖାଦ୍ୟ ଓ ପ୍ରୋଟିନ୍ ଖାଦ୍ୟ ହଜମ ହୋଇପାରେନା । ପେଟ ଓ ଅନ୍ତ୍ରରୋଗ ହେବାର ଏହା ପ୍ରଥମ କାରଣ ।

(୨) ଚୋପା, ଭୁସି ଓ ଚୋକଡ ଭିଟାମିନ୍ ବି (B) ପ୍ରଭୃତିକୁ ଉଚିତ ଅନୁପାତରେ ମିଶାଇ ଯଥାବିଧି ସୁସ୍ଥିକୃତ କରିନେଲେ ତହିଁରେ ରୋଗନିବାରଣ ପାଇଁ ଏକ ଅଦ୍ଭୁତ ଶକ୍ତି ଜାତ ହୁଏ । ଏକ ଗୁମଚ ପରିମିତ ବ୍ରାନୋ-ପ୍ଲେକ୍ସ ଅବଲେହ ସେବନ କଲେ ତାହା ଅଧଛଟାଙ୍କ ଅଟା [ଏକ ଆଉନ୍ସ] ଓ ତା ସାଙ୍ଗକୁ ଉଚିତ ପରିମାଣରେ ଡାଲି, ପ୍ରୋଟିନ୍ ଓ ସ୍ନେହଯୁକ୍ତ ପଦାର୍ଥ ହଜମ କରାଇଦେବ ।

(୩) ବ୍ରାନୋ-ପ୍ଲେକ୍ସ ଅବଲେହ ସେବନ କଲେ ପାକଯନ୍ତ୍ର ଗୁଡ଼ିକ ସବଳ ଓ ତାଜା ରହନ୍ତି । ତା' ଫଳରେ ଖାଦ୍ୟ ଶୀଘ୍ର ହଜମ ହୁଏ ଏବଂ ଦେହରେ ଲୋଗ ଓ ଉଦ୍ଭିଦ ଭୋକ୍ଷୁଭି ହୁଏ ।

Digitized by srujanika@gmail.com

ନୀ ଶକ୍ତି ଦୁର୍ବଳ ହୋଇ ଆସିଲେ, ଖାଦ୍ୟ-ପଦାର୍ଥ ହଜମ ନ ହେଲେ, ଭୋକ ନ ଦେଖାଇଲେ; କୋଷ୍ଠ ପରିଷ୍କାର ନହେଲେ, ଯକୃତ୍ ଓ ପ୍ଲୀହାର କାର୍ଯ୍ୟକାରିତା ଶିଥିଳ ହୋଇ ଆସିଲେ ଏହି ଡ୍ରାନୋ-ଫେରୁସ ଅବଲେହ ଭୋଜନ ପରେ ସେବନ କରିବାକୁ ହେବ ।

ପ୍ରୟୋଗ ବିଧି-

ପ୍ରାପ୍ତବୟସ୍କମାନଙ୍କ ପାଇଁ ସାଧାରଣ ଅବସ୍ଥାରେ ଗୃହାଗିଅ ଗୃମଚରେ ଏକ ଗୃମଚ ହେଲେ ଏକ ପାନ ହୁଏ । ପ୍ରତ୍ୟେକଥର ଭୋଜନ ପରେ ଏହା ସେବନୀୟ । କିନ୍ତୁ ଅସାଧାରଣ ଅବସ୍ଥାରେ ଅର୍ଥାତ୍ ପାଚନ ଶକ୍ତି କମ ଯାଇଥିଲେ ଓ କୋଷ୍ଠବଦ୍ଧତା ଆଦି ଥିଲେ ପାନକେ ଏହି ପରିମାଣର ଦୁଇଗୁଣ ଖିଆ ଯାଇପାରେ । ପରେ ଯେତିକି ଯେତିକି ସେସବୁ ଲକ୍ଷଣ ଘୁଞ୍ଚି ଯାଉଥିବ, ସେତିକି ସେତିକି ମାତ୍ରାର ପରିମାଣ କମାଇବାକୁ ହେଉଥିବ ।

ଚେଷ୍ଟ ଅଏଲ [Chest Oil]—

ବାହାରେ ମାଲିସ କରିବା ପାଇଁ । ଅଣ୍ଟୁଗଣ୍ଠି ଆଦି ସମସ୍ତ ବାତରୋଗରେ ପୀଡ଼ା ସ୍ଥାନରେ, କାଶ ଇତ୍ୟାଦିରେ ଗଳା ଓ ଛାତିରେ, ମୁଣ୍ଡବ୍ୟଥା ଓ ମୁଣ୍ଡବନ୍ଧା ଆଦିରେ ମୁଣ୍ଡରେ ଏହି ତେଲ ମାଲିସ କର । ପୀଡ଼ା କମି ଆସିବା ସଙ୍ଗେ ସଙ୍ଗେ ଏହି ତେଲରେ ଅନ୍ୟ ତେଲ ମିଶାଇ ଏହାକୁ ମୃଦୁ କରି ଆଣିବ । କୋମଳ ଚମ ଉପରେ, ବିଶେଷତଃ ଛୋଟ ପିଲାଙ୍କ ଦେହରେ ମାଲିସ କଲାବେଳେ ଥରେ କିମ୍ବା ଦୁଇ ଥର ପରେ ଏହିପରି ଅନ୍ୟ ତେଲ ମିଶାଇ ତାକୁ ହାଲୁକା କରିନେବା ଉଚିତ । ଏହାଦ୍ୱାରା ତାର କ୍ରିୟାଶକ୍ତି ବଢ଼ିଯାଏ । ପୁରୁଷ ଜନନେନ୍ଦ୍ରିୟର ଶିଥିଳତା ଆଦି ଦୂର କରିବାକୁ ହେଲେ ଏହି ତେଲକୁ ସକାଳେ ଓ ଶୋଇବା ଆଗରୁ ରାତିରେ ଉତ୍ତମରୂପେ ଏପରି ମାଲିସ କର, ଯେପରିକି ଇନ୍ଦ୍ରିୟ ଲାଲ ହୋଇଯିବ । ଏହା ଉଦ୍ଦୀପକ ହୋଇଥିବାରୁ ଜନନେନ୍ଦ୍ରିୟର ଦୁର୍ବଳ ସ୍ନାୟୁମଣ୍ଡଳକୁ ଶକ୍ତ ଓ ସତେଜ କରେ ।

ଚିନିଅମ-କୋ (Chinium-Co)—

ଅତି ଉପଯୋଗୀ ଗୋଟିଏ ଔଷଧ । ସାଧାରଣତଃ ସ୍ତ୍ରୀ କିମ୍ବା ସେମାନଙ୍କ ପରି କୋମଳାଙ୍ଗ ବ୍ୟକ୍ତିଙ୍କ ପକ୍ଷରେ ଏବଂ ବିଶେଷ କରି ଶିଶୁମାନଙ୍କ ପକ୍ଷରେ ଏହା ଏକ ମହୋପକାରୀ ଔଷଧ ।

[୧] ଯେ କୌଣସି ରୋଗ ହେଉ, ଯେତେବେଳେ ଅନ୍ୟ ସବୁ ଔଷଧ ଖାଇ କିଛି ଫଳ ମିଳିଲା ନାହିଁ, ସେତେବେଳେ ଏହି ଚିନିଅମ-କୋ ଔଷଧ ସେବନ କଲେ ସନ୍ତୋଷଜନକ ଫଳ ମିଳିବ ।

[୨] ରକ୍ତ ବନ୍ଦ କରିବାରେ ଏହା ଏକ ଅମୋଘ ଔଷଧ । ଗର୍ଭାଶୟର କୌଣସି ରୋଗ ହେତୁ ହେଉ, ଅର୍ଶରୋଗ ହେତୁ ହେଉ, ନାକ ବା ପାଟିରୁ ହେଉ କିମ୍ବା ଆମାଶୟ ଆଦି ରୋଗରେ ହେଉ, ରକ୍ତସ୍ରାବ ହେଉଥିଲେ ବା ରକ୍ତ ପଡ଼ୁଥିଲେ, ଏହି ଔଷଧ ସେବନରେ ତାହା ବନ୍ଦ ହୁଏ ।

Digitized by srujanika@gmail.com

[୩] ପୀଡ଼ା ନିବାରଣ କରିବାରେ ଏହି ଔଷଧର ଶକ୍ତି ଅସୀମ । ସାଧାରଣ ପୀଡ଼ା ବିଶେଷ କରି ସ୍ତ୍ରୀଲୋକମାନଙ୍କ ଗର୍ଭାଶୟ ଓ ଶୁକ୍ରବାହୀ ନାଳୀ [Fallopian tube]ର ପୀଡ଼ାରେ ଓ ତଳପେଟ ଦରଜରେ ଏହା ସେବନ କଲେ ତୁରନ୍ତ ଫଳ ମିଳେ ।

(୪) ଅକସ୍ମିକ ଯେ କୌଣସି ବ୍ୟାଧି ପାଇଁ ମଧ୍ୟ ଏହା ଉପଯୋଗୀ । ମନେକର ଗୋଟିଏ ପିଲ୍ଲ ଖୁବ୍ ଭଲ ଥିଲ୍ଲ; ହଠାତ୍ ଅସୁସ୍ଥ ହୋଇପଡ଼ିଲ୍ଲ । ଜଣେ ଯୁବକ ଏ ପର୍ଯ୍ୟନ୍ତ ଭଲ ଥିଲ୍ଲ, ହଠାତ୍ ତାର ପେଟ, ଦାନ୍ତ, କାନ, ନାକ କିମ୍ବା ଆଖିରେ ବେଦନା ଜାତ ହେଲ୍ଲ । ଏଭଳ ଅବସ୍ଥାରେ ଏ ଔଷଧ ପ୍ରୟୋଗ କଲେ ଚମତ୍କାର ଫଳ ମିଳେ ।

[୫] ଅପେଣ୍ଡିସାଇଟିସ୍ ରୋଗରେ ଭେଜିଟେବଲ ସଲ୍ଟ ସହିତ ଦେଲେ ରୋଗୀ ଅସ୍ତ୍ରୋପଚାର କବଳରୁ ମଧ୍ୟ ରକ୍ଷା ପାଇଯାଏ ।

କ୍ରୋମାଇନ [Chromine]—

ନାକ ଓ ଗଳାରୋଗରେ ଏକୁଟିଆ କିମ୍ବା ଅର୍ଜେଲ-ହର୍ଓସ ସଙ୍ଗେ ମିଶାଇ ଔଷଧ ଦିଅ । ୨ ଓ ୩ ଔଷଧରୁ କେତେକ ବିନ୍ଦୁ ପ୍ରୟୋଗ କଲେ ରୋଗୀ ଅସ୍ତ୍ର ଉପଚାରରୁ ରକ୍ଷା ପାଇଯାଏ । ପେଟ ଭିତରେ ଘା ହେଲେ [Gastric Ulcer] ରାସ୍-ଜେଣ୍ଟ ସହିତ ଏହାକୁ ପ୍ରୟୋଗ କର । ପୁରୁଣା ମେହ (ଗନୋରିଆ) ଓ ଗରମିରୋଗରେ ପୂଜ ପଡ଼ିବା ବନ୍ଦ ହେଉ ନଥିଲେ ଓ ଗର୍ମୀ ରୋଗରେ ଏହି ଔଷଧ କାମ ଦେଖାଏ । ଏଥିପାଇଁ ଅନ୍ୟାନ୍ୟ ଔଷଧ ହେଉଛି—ରାସ୍‌ଜେଣ୍ଟ, ବ୍ରୋମାଇଡ଼ାଇନ ଓ ମେଥିଲଓଡ଼ ।

ସିକାଟ୍ରିନ୍ [Coicatryn]—

ବାହ୍ୟ ଚିକିତ୍ସା ପାଇଁ । ଶୁଖୁ ନ ଥିବା ଘା, କ୍ଷତ ଏବଂ କାରବାଙ୍କଲ [ପୁଷ୍ଟ ବ୍ରଣ] ପାଇଁ ଏହା ଅଦ୍ୱିତୀୟ । ୨୪ଘଣ୍ଟାରୁ ୪୮ ଘଣ୍ଟା ଭିତରେ ପଚୁସଢ଼ା ଘା ଏହି ଔଷଧ ପ୍ରୟୋଗରେ ଭଲବାଟକୁ ଆସିବାର ଦେଖାଯାଏ । ଉପଦଂଶ ବା ସେପିଲିସ ଘାଆମାନ ଶୀଘ୍ର ପୂରି ଆସେ । ୧ ଭାଗ ସିକାଟ୍ରିନ୍ ସହିତ ୪ରୁ ୮ଭାଗ ଯାଏ ତେଲ କିମ୍ବା ଭେସିଲିନ ମିଶାଇ ଏହି ଔଷଧର ମଲମ ମଧ୍ୟ ତିଆରି କରାଯାଇ ପାରେ । କ୍ଷତ ହୋଇଥିବା ସ୍ଥାନକୁ ପହିଲେ ଗରମ ପାଣିରେ ଧୋଇ ସଫାକରି ପରେ ତୁଳା କିମ୍ବା ସଫା ନରମ କନାରେ ପୋଛି ଶୁଖାଇ ତା’ ଉପରେ ଏହି ମଲମ ଲଗାଅ । ଘା ଶୁଖିବାରେ ପାଣି ବାଧା ଆଣେ । ତେଣୁ ଅଚ୍ଛା କରି ପୋଛି କ୍ଷତସ୍ଥାନକୁ ଶୁଖାଇ ମଲମ ଦେବାକୁ ହେବ । ଦିନକେ ଥରେ କିମ୍ବା ଦୁଇ ଥରରୁ ଅଧିକ ମଲମ ଦେବ ନାହିଁ । ଘା କ୍ରମେ ଶୁଖି ଆସୁଥିବାର ଦେଖାଗଲେ ମଲମରୁ ଔଷଧ ଭାଗ କମାଇ ଟିକିଏ ହାଲୁକା କରିଦେବ । ଯଦି ଘା ପୂରି ଆସୁଥାଏ, ଅଥଚ ଶୁଖୁ ନ ଥାଏ, ତେବେ ସକାଳେ ଓ ସନ୍ଧ୍ୟାରେ ତା ଉପରେ ହାଲ୍‌କା ତଷ୍ଟ କିଛିଦିନ ଛୁଇଁଲେ ଫଲକେ ମାଂସ ଲାଗିଯିବ, ଘା ପୂରିଯିବ ।

ଡେଙ୍ଗାଇନ (Dangine]—

ହୁପିଂ କଫ୍ [ହୁହାଇ ହୁହାଇ ଯେଉଁ କାଶ ହୁଏ] ପାଇଁ ବିଶେଷ ଭାବରେ ଉଦ୍ଦିଷ୍ଟ । ପ୍ରତି ଦୁଇଠାରୁ ଚାରି ଘଣ୍ଟା

Digitized by srujanika@gmail.com

ଅନ୍ତରରେ କିମ୍ବା ଯେତେବେଳେ କାଶ ତରଳ ହେବ ତା' ପରେଠୁ ଏହି ଟେନ୍‌ଜାଇନ ବେଶୀ ବେଶୀ ମାତ୍ରାରେ ଖାଇବାକୁ ଦିଅ । ଏହା ଛଡ଼ା ଠିକ୍ ଏ ଗରମ ପାଣିରେ ୨ ଗ୍ରେନରୁ ୫ ଗ୍ରେନ୍ ଯାଏ ଷ୍ଟ୍ରୋମାଗ୍ ସକାଳ ସନ୍ଧ୍ୟାରେ ଦିଅ ଏବଂ ଖାଇଲାବେଳେ ଆଲବୋ-ସାଙ୍ଗ୍ ଦିଅ ; ଏହିପରି ଭାବରେ ଚିକିତ୍ସା କଲେ ରୋଗୀ ଶୀଘ୍ର କଷ୍ଟରୁ ମୁକ୍ତି-ଲାଭ କରେ ଏବଂ ଅଳ୍ପଦିନେ କାଶ ଭଲ ହୋଇଯାଏ । ଯଦି ଦିନେ କି ଦୁଇ ଦିନ ଭିତରେ ରୋଗୀ ଯଥେଷ୍ଟ ଉନ୍ନତି ନ କରେ, ତା' ହେଲେ ପାନେ କି ଦି'ପାନ ସାଣ୍ଟୋନାଇନ୍-କୋ ଡେନଜାଇନ ଘିଅ ମଣ୍ଡିରେ ଦିଅ । ହୁପିଂ କଫ୍ ଛଡ଼ା ଅନ୍ୟ-ପ୍ରକାର କଷ୍ଟଦାୟକ କାଶ ରୋଗରେ ମଧ୍ୟ ଏହା ଅତ୍ୟନ୍ତ ଉପକାରୀ ।

ଡି: ବି: [D. B]

ଡାଇବେଟିଶ ବା ମଧୁମେହ (ପ୍ରସ୍ରାବରେ ଚିନି ପଡ଼ିବା) ରୋଗୀଙ୍କ ଉଦ୍ଦିଷ୍ଟ । ମଧୁମେହର ଏହି ଏକ ପ୍ରଧାନ ଔଷଧ । ଏହାକୁ ସେବନ କଲେ ପ୍ରସ୍ରାବରେ ଚିନି ପଡ଼ିବା ଶୀଘ୍ର ବନ୍ଦ ହୁଏ । ସମୟ ସମୟରେ ସପ୍ତାହେ କି ଦୁଇ ସପ୍ତାହରୁ ଅଧିକ ସମୟ ଲାଗେ ନା । ଏହା ବୋଲି ସେ ରୋଗଟା ଭଲ ହୋଇଯାଏ, ତା ନୁହେଁ । ଖାଦ୍ୟ ପଦାର୍ଥ ଠିକ ଭାବରେ ହଜମ ନହେଲେ ଏହି ରୋଗ ଜାତ ହୁଏ ଏବଂ ସାଧାରଣତଃ ବଡ଼ଲୋକମାନଙ୍କଠାରେ ଦେଖାଯାଏ । ଡି ବି ଖାଦ୍ୟ ପଦାର୍ଥକୁ ଠିକ ଭାବରେ ହଜମ କରାଇଦେବା ଫଳରେ ପରିସ୍ରାବର ଚିନି ପଡ଼ିବା ବନ୍ଦ ହୋଇଯାଏ ଏବଂ ରକ୍ତକୁ ତାହା ଯେପରି ନ ବ୍ୟାପେ, ତାର ବାଟ ବନ୍ଦ କରିଦିଏ । ଏହା ମଧ୍ୟ ଦେଖାଯାଇଛି ଯେ ଖାଇବା ପିଇବାରେ ସାବଧାନ ନ ହେଲେ ଏବଂ ଖାଦ୍ୟପଦାର୍ଥ ଠିକ ଭାବରେ ହଜମ ହେଉଛି କି ନା, ତା ଉପରେ ଆଖି ନ ରଖିଲେ ଡି ବି ସେବନରେ ସନ୍ତୋଷଜନକ ଫଳ ମିଳେ ନାହିଁ । ପରିସ୍ରାରେ ଚିନି ପଡ଼ିବା ବନ୍ଦ ହୋଇଗଲେ ଦୁଇ ତିନି ଦିନେ ଥରେ ଲେଖାଏଁ ଡି ବି ସେବନ କଲେ ଚଳିପାରେ । କେତେଦିନ ଯାଏ ସେବନ କରିବାକୁ ହେବ ? ଜୀବନ ସାରା—ଯେତେଦିନ ଯାଏ ଜୀବିତ ଅଛ । ଅନ୍ୟାନ୍ୟ ରୋଗ ଭଲ ହୋଇଯିବା କହିଲେ ଆମେ ଯାହା ବୁଝୁ, ଡାଇବିଟିସ୍ ବା ମଧୁମେହ ରୋଗ ଭଲ ହେବା କହିଲେ ତାହା ବୁଝିବାକୁ ହେବ ନାହିଁ । ବାହାରକୁ ଭଲ ହେଲାଭଳି ଜଣା ଯାଉଥିଲେ ସୁଦ୍ଧା ଏହା ସୁପ୍ତ ଭାବରେ ଭିତରେ ଥାଏ । ତେଣୁ ଏହା ଏକ ଅସାଧ୍ୟ ରୋଗ । ଖିଅପିଅରେ ଜଗିରହି ଚଳିବା ଦ୍ୱାରା ଏବଂ ଡି ବି ସେବନ କରିବା ଦ୍ୱାରା ମଧୁମେହ ରୋଗୀ ଦୀର୍ଘଜୀବୀ ହୋଇ ବଞ୍ଚି ରହେ । ମାତ୍ରା ଥରକେ ଦୁଇଗ୍ରେନରୁ ତିନି ଗ୍ରେନ୍ ଯାଏ ଡି ବି ଦିନକୁ ତିନିଥର ହିସାବରେ ଦୁଧ, ଘିଅ, ଲହୁଣୀ କିମ୍ବା ପାଣି ସଙ୍ଗେ ମିଶାଇ ଭୋଜନର ଅଧଘଣ୍ଟା ପୂର୍ବରୁ ଖାଅ । ଚିନି ପଡ଼ିବା ବନ୍ଦ ନ ହେବାଯାଏ ଚାଉଳ, ଆଳୁ ଆଦି ଷ୍ଟାର୍ଚ୍ଚଯୁକ୍ତ ବା ଶ୍ୱେତସାର ଜାତୀୟ ଖାଦ୍ୟ ଖାଇବା ବନ୍ଦ କର । ଡି.ବି.ସେବନରେ ଯଦି ତୁରନ୍ତ ଫଳ ଦେଖା ନ ଯାଏ, ତେବେ ପ୍ରତିଥର ଖାଇବାର ଏକ ଘଣ୍ଟା ଆଗରୁ କିମ୍ବା ଏକ ଘଣ୍ଟା ପରେ ତିନିଗ୍ରେନ ପରିମିତ ଜି.ଆଇ. ହରମୋନ୍ସ୍

Digitized by srujanika@gmail.com

ସଙ୍ଗେ ଏକ ଗ୍ରେନ ସେପ୍‌ଟୋ-ଜର୍ମ ମିଶାଇ ଖାଇବା ଉଚିତ ଏବଂ ପ୍ରତି ଶୁକ୍ରବାରକୁ ପନ୍ଦର ଦିନ ଅନ୍ତରରେ ଡ଼: ବ: ଇଞ୍ଜେକ୍‌ସନ୍ ମଧ୍ୟ ନେବା ଆବଶ୍ୟକ । ଡ଼: ବ: ଇଞ୍ଜେକ୍‌ସନ୍ ଇନ୍‌ସୁଲିନ୍ ଠାରୁ ଅଧିକ ଫଳପ୍ରଦ ବୋଲି ଜଣାପଡ଼ୁଛି ।

ଡ଼. ବ. ସେବନ କରିବାର ସାମାନ୍ୟକେତୋଟି ଦିନ ବା ସପ୍ତାହ ଭିତରେ ପରିସ୍ରାରେ ଚିନି ପଡ଼ିବା ବନ୍ଦ ହୋଇଯାଏ । ଏହା ପରେ ଔଷଧର ମାତ୍ରା ପରିମାଣ କମାଇ ଦେବାକୁ ହୁଏ । ସବୁଦିନେ ଔଷଧ ନ ଖାଇ ଦୁଇ ଦୁଇଦିନ ଠାରୁ ପାଞ୍ଚ ପାଞ୍ଚଦିନ ଅନ୍ତରରେ ମଧ୍ୟ ଖାଇଲେ ଚଳେ । ପ୍ରଧାନତଃ ପଥ୍ୟାପଥ୍ୟକୁ ଜଗିବା ଉଚିତ । ଯାହା ଯାହା ଖାଇବ, ତାହା ଯେପରି ହଜମ ହୁଏ ଏବଂ କୋଷ୍ଠ ପରିଷ୍କାର ରହେ, ତାହା ମଧ୍ୟ ଦେଖିବାର କଥା । ଅନେକ ଚିକିତ୍ସକମାନେ କହନ୍ତି ଯେ, ନ ବୁଝି ନ ଶୁଝି ଏଣୁ ତେଣୁ ଖାଇବା ଫଳରେ ଯେତେ ଲୋକ ମରନ୍ତି, ମଧୁମେହ ରୋଗରେ ପ୍ରକୃତରେ ସେତେ ଲୋକ ମରନ୍ତି ନାହିଁ । ନିୟମିତ ଆହାର ବିହାର ଏବଂ ସଂଯତ ଜୀବନଯାପନ ଅତ୍ୟନ୍ତ ଆବଶ୍ୟକ । ଏହି ପୁସ୍ତକର ତୃତୀୟ ଭାଗରେ ଖାଦ୍ୟ ନିର୍ଦ୍ଧାରଣରେ ୧ ନମ୍ବର ପଥ୍ୟ ଶିରୋନାମାରେ ଯେଉଁସବୁ ଖାଦ୍ୟ କଥା କୁହାଯାଇଛି; ତାହାହିଁ ମଧୁମେହ ରୋଗୀର ପଥ୍ୟ ।

ଡାୟାସିନ (Diasyn)—ତରଳ ଝାଡ଼ା, ଆମାଶୟ ଝାଡ଼ା, ବାନ୍ତି ଓ ହଇଜା ପାଇଁ । ଝାଡ଼ା ଆରମ୍ଭ ହେବା ସଙ୍ଗେ ସଙ୍ଗେ ଡାୟାସିନ୍‌କୁ ଏକ ଥର ସେବନ କଲେ ହଇଜାର ସମସ୍ତ ଲକ୍ଷଣ ତୁରନ୍ତ ବନ୍ଦ ହୋଇଯାଏ । ପ୍ରତିଥର ଝାଡ଼ା କିମ୍ବା ବାନ୍ତି ପରେ ଘଣ୍ଟାକଠାରୁ ଚାରି ଘଣ୍ଟା ଅନ୍ତରରେ ଏଥିରୁ ପାନେ ପାନେ ଦିଅ । ଖାଦ୍ୟ ହଜମ ନ ହେବା ଫଳରେ ଯଦି ତରଳ ଝାଡ଼ା ହେଉଥାଏ, ତେବେ ସାଲଫୋର୍ ସହିତ ମିଶାଇ ଡାୟାସିନ୍ ଦିଆଯାଇ ପାରେ । କେତେକ ରୋଗୀଙ୍କୁ ବିଶେଷତଃ ବାତପ୍ରକୃତିର ଲୋକଙ୍କୁ ଡାୟାସିନ ସହିତ ହୁଇସ୍କି ଏସେନ୍‌ସ ମିଶାଇ ଦେଲେ ଭଲ ଫଳ ମିଳେ । ଚିକିତ୍ସା ପାଇଁ ଆମର ଯେଉଁ ଔଷଧ-ବାକ୍‌ସ (Medicine Chest) ଅଛି, ତହିଁରେ ଏହି ଡାୟାସିନ୍ ହେଉଛି ୩ ନମ୍ବର ଔଷଧ । ଜରୁରି ଅବସ୍ଥାରେ କାମରେ ଲାଗିବାପାଇଁ ଡାୟାସିନ୍‌ର ଇଞ୍ଜେକ୍‌ସନ ମଧ୍ୟ ଅଛି ।

ଡି ଓ ଟୁ [D. O. 2]—ପାଇଓରିଆରେ, ଦାନ୍ତମୂଳ ଫୁଲି ଏବଂ ଛଡି ଆସୁଥିବା ଦାନ୍ତ ପ୍ରକୃତରେ ଏହା ଉପକାରୀ । ରୋଗଟା ଯଦି ପୁରୁଣା ଏବଂ ଜଟିଳ ଖରାପ ଅବସ୍ଥାରେ ହୋଇ ନ ଥାଏ ତେବେ ଏକ ସପ୍ତାହ ବ୍ୟବହାର କଲେ ଦାନ୍ତ-ମୂଳରେ ପୂଜ ହେବା ବନ୍ଦ ହୋଇଯାଏ, ପାଟିକୁ ସଫା ରଖେ, ପେଟକୁ ଖାଇଲେ ମଧ୍ୟ କୌଣସି ଅନିଷ୍ଟ ହୁଏ ନା । ପାଇଓରିଆ ରୋଗର ଚିକିତ୍ସା କରିବାକୁ ହେଲେ ଦାନ୍ତକାଠି କିମ୍ବା ବ୍ରୁସରେ ଦାନ୍ତକୁ ଭଲକରି ସଫା କରି ବୋତଲକୁ ହଲାଇ ଏହି ଔଷଧକୁ ଗରମ ଜଳ କିମ୍ବା ତହିଁରୁ କିଛିବେଶି ପାଟି ଭିତରେ ଢାଳି ଦିଅ ଏବଂ ପାଞ୍ଚମିନିଟ ଯାଏ ପାଟି ଭିତରେ ରଖି ଏକେ ତେଣେ ବୁଲାଅ ଯେପରି ଦାନ୍ତ ଓ ଦାନ୍ତମୂଳ ମାଡ଼ିରେ ତାହା

Digitized by srujanika@gmail.com

ଭେଦବ । ତା ପରେ ବାହାରକୁ ଥୁକ ଦେଇ ଦାନ୍ତ-ମୂଳ ମାଢ଼ିରେ ଦୁଇମିନିଟ ମାଲସ କର । ପାଇଓରିଆ ରୋଗ ହାତରୁ ରକ୍ଷା ପାଇବାକୁ ହେଲେ ତାର ପ୍ରତିଷେଧକ ରୂପେ ପ୍ରତିଦିନ କିମ୍ବା ପ୍ରତି ଦୁଇଦିନ ବା ତିନିଦିନ ଅନ୍ତରରେ ଶୋଇବା ଆଗରୁ ଏହି ଔଷଧରେ ମୁହଁ ସଫା କରି ଶୁଅ । ସକାଳୁ ଉଠି କୁଳ କରି ମୁହଁ ଧୋଇ ବା ଔଷଧର ଗୁଣ ଓ ପ୍ରଭାବ ଟିକିଏ ଡେରିରେ ଆରମ୍ଭ ହୁଏ । ତେଣୁ ଦାନ୍ତମୂଳେ ଡ଼ ଓ ଟି ଲଗାଇ କିଛି ବିଳମ୍ବରେ କୁଳ କରିବ । ଉପର ପାଟି ଦାନ୍ତରେ ଖୁବ୍ ବେଶି ସମୟ ଔଷଧକୁ ଲଗାଇ ରଖ, କାରଣ ସେଠାରେ ଔଷଧ ଭେଦିବାକୁ ଅଧିକ ସମୟ ଲାଗେ । ବୋତଲ ମୁହଁରେ ଭଲ କରି ଚିପି ଦେଇ ରଖିବ ।

ଫୁଲା କିମ୍ବା ବଥରେ ମୋଟା କନାରେ ଡ଼ ଓ ଟି ଔଷଧ ଲଗାଇ ଫୁଲିଥିବା କିମ୍ବା ଉଠିଥିବା ଯାଗାରେ ଚପେଇ ଦିଅ ଏବଂ କନାକୁ ପ୍ରତି ଅଧଘଣ୍ଟା କିମ୍ବା ଘଣ୍ଟାକ ଅନ୍ତରରେ ମଝିରେ ମଝିରେ ତଇଳର ଓଦା ରଖୁଥାଅ । ଥରେ ଗୋଟିଏ ପିଲା, କାନ ଓ ମୁହଁକୁ ଫାଳେ ଫୁଲି ଯାଇଥିବା ଅବସ୍ଥାରେ ଆମ ପାଖକୁ ଆସିଥିଲା । ଡ଼, ଓ, ଟିରେ ମୋଟା କନା ଖଣ୍ଡେ ଭିଜାଇ ତା ଉପରେ ଚପେଇ ରଖିବା ଫଳରେ ସକାଳକୁ ତା'ର କାନ ଓ ମୁହଁର ଫୁଲା କୁଆଡ଼େ ଉଭେଇ ଗଲା । ଆଉ ଥରେ ପ୍ରସବ ପରେ ଗୋଟିଏ ସ୍ତ୍ରୀଲୋକର ସ୍ତନରେ ସ୍ତନ ଉପରେ ବଥଟିଏ ଉଠିଥିବାର ଦେଖାଗଲା । କନା ଉପରେ ଡ଼ ଓ ଟି ଲଗାଇ ତା ଉପରେ ଚପେଇ ଦେବା ଫଳରେ ୨୪ଘଣ୍ଟା ଭିତରେ ସେ ବଥଟି ଆଉ କଉଠି କୁଆଡ଼େ ଉଭେଇଗଲା । ଆରମ୍ଭ ଅବସ୍ଥାରେ ବା ଉଠୁଥିବା ଅବସ୍ଥାରେ ଫୁଲା ଏବଂ ବଥ ଆଦିରେ ଡ଼ ଓ ଟି ଯେପରି ଶୀଘ୍ର ଫଳ ଦିଏ ପାଚିଗଲେ ସେପରି ଫଳ ଦେଇପାରେ ନା ।

ନାକ ଓ ଗଳାରେ କୌଣସି ରୋଗ ହେଲେ ମଧ୍ୟ ଡ଼ ଓ ଟି କାମ ଦେଖାଏ । ଏଡିନଏଡ୍ କିମ୍ବା ସେହିପରି ନାକର ଅନ୍ୟ କୌଣସି ପ୍ରକାର ରୋଗ ହୋଇ ଛିଙ୍କ ହେଲେ କିମ୍ବା ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଉପୁଜିଲେ, ସକାଳେ ଓ ସନ୍ଧ୍ୟାରେ ଏହି ଔଷଧକୁ ୨।୩ବୁନ୍ଦା ନାକ ପୁଡ଼ାରେ ପକାଇ ଦେଲାମାତ୍ରେ କିଛିକ ପରି ସବୁ କଷ୍ଟ ଦୂର ହୋଇଯାଏ । ଟନସିଲ ବଢ଼ିଗଲେ କିମ୍ବା ଗଳାରେ ଅନ୍ୟ କୌଣସି ପ୍ରକାର ରୋଗ ଦେଖାଦେଲେ ଡ଼ ଓ ଟିରେ କୁଳ କଲେ ଚମତ୍କାର ଫଳ ମିଳେ ।

ଫ୍ରକଟୋ-ଜାଇମ (Fructo-Zyme)—

କ୍ଷୀଣ ଓ ଦୁର୍ବଳ ଲୋକ [ପୁରୁଷ] କୁମାରୀ, ସ୍ତ୍ରୀଲୋକ ଅଳ୍ପବୟସ୍କା ବାଳବିଧବା ମାନଙ୍କର ମାନସିକ ଓ ସ୍ନାୟବିକ ଦୁର୍ବଳତାରେ ଓ ଅବସାଦର ବିଶେଷ ଉପଯୋଗୀ ଦୁର୍ବଳ ଲୋକଙ୍କ ପକ୍ଷରେ ଏହା ଗୋଟିଏ ଉତ୍ତମ ଟନିକ । ଏହା ଦିନକୁ ଦୁଇଥର ଭୋଜନ ପରେ ୩ରୁ ୫ଗ୍ରେନ୍ ମାତ୍ରାରେ ସେବନୀୟ । ଏହା ଅବସନ୍ନ ଦେହ ଓ ମନରେ ସଜୀବତା ଆଣିଦିଏ । ବିଶେଷତଃ ଏହା ଉନ୍ମାଦ ଓ ହିଷ୍ଟିରିଆ ଏବଂ ଏପିଲେପସି ମୃଗୀରୋଗରେ ବିଶେଷ ଉପଯୋଗୀ ।

Digitized by srujanika@gmail.com

ଘାନ-ନାଇଟ୍ରେଟ୍ (Ghanue Nitrate)—

(୧) ରକ୍ତସ୍ରାବ ବନ୍ଦ କରିବା ପାଇଁ ଏହା ପ୍ରୟୋଗ କରାଯାଏ । ଗର୍ଭାଶୟରୁ ରକ୍ତସ୍ରାବରେ ଯେତେବେଳେ ଚାଇନାଅମ-କୋ ସେବନ ପରେ ସୁଦ୍ଧା ବନ୍ଦ ହୁଏ ନାହିଁ କିମ୍ବା ଭଲ ଫଳ ମିଳେ ନାହିଁ, ସେତେବେଳେ ଘାନ-ନାଇଟ୍ରେଟ୍ ପ୍ରୟୋଗ କଲେ ତାହା ବନ୍ଦ ହୋଇଯାଏ । ମେହ (ଗନୋରିଆ) ରୋଗରେ ମୂତ୍ରନଳୀରୁ ରକ୍ତସ୍ରାବ ହେଉଥିଲେ କିମ୍ବା କିଡ଼ନିର କୌଣସି ରୋଗରେ ରକ୍ତ ପଡୁଥିଲେ, ନ୍ୟୁବାଇ-କୋ ପ୍ରୟୋଗ କଲେ ରକ୍ତ ବନ୍ଦ ହୋଇଯାଏ । ଅର୍ଶରୋଗରେ ପତଳା ଝାଡ଼ା ହେଉଥିଲେ ସୁଦ୍ଧା ଯଦି ରକ୍ତ ପଡୁଥାଏ, ତେବେ ଘାନ-ନାଇଟ୍ରେଟ୍ ପ୍ରୟୋଗରେ ବନ୍ଦ ହୋଇଯାଏ । ଝାଡ଼ା ହୋଇସାରିଲା ପରେ ଅନେକ ସମୟ ଯାଏ ଯଦି ପୋଡ଼ାଜଳା ହୁଏ ଏବଂ ରକ୍ତ-ପଡ଼ା ବନ୍ଦ ନହୁଏ, ତେବେ ଆମର ୮ନମ୍ବର ଔଷଧ ସେ ଅବସ୍ଥାରେ ଅତ୍ୟନ୍ତ ଉପକାରୀ ।

(୨) ଶଙ୍ଖିଆ ଓ ପାରାବିଷ ମାରିବା ପାଇଁ ଏହା ପ୍ରୟୋଗ କରାଯାଏ । ଶଙ୍ଖିଆ ବା ପାରା ଅଧିକ ମାତ୍ରାରେ ଖାଇ କିମ୍ବା ଅଧିକ ମାତ୍ରାରେ ସେ ସବୁର ଇଞ୍ଜେକ୍ସନ ନେଇ ରୋଗୀ ଯେତେବେଳେ ତାର କୁପ୍ରଭାବରେ ଘାଣ୍ଟି ହେଉଥାଏ, ସେତେବେଳେ ତାର ବିଷଦୋଷ ନାଶ କରିବା ପାଇଁ ଘାନ-ନାଇଟ୍ରେଟ ଅତ୍ୟନ୍ତ ଉପଯୋଗୀ । ଇଞ୍ଜେକ୍ସନ ଫଳରେ ଚମ ଉପରେ ଫୁଲା କିମ୍ବା କ୍ଷତ ଆଦି ଯଦି ହୋଇଥାଏ, ତେବେ ଅୟୋଡିନ ପ୍ରୟୋଗ କଲେ ସେ ସବୁ ଶୀଘ୍ର ନଷ୍ଟ ହୋଇଯାଏ ।

ଜି ଆଇ ହରମୋନସ ବା ଗେଷ୍ଟ୍ରୋମୋନ [G. I. Hormones or Gastromone)

ପାଚନ ସମ୍ବନ୍ଧୀୟ ପୁରୁଣା ରୋଗ ପାଇଁ ଏହା ଉଦ୍ଦିଷ୍ଟ; ପେଟ କିମ୍ବା ଅନ୍ତ ଭିତରେ ଘା [Gastric and Peptic ulcers] ହେଲେ, ପେଟ ଭିତର ଦରଜ ହେଲେ, ଖାଇସାରିଲା ପରେ ପାକସ୍ଥଳୀରେ ପୀଡ଼ା ହେଲେ, ପେଟ ଫାମ୍ପିଲେ ବା ପେଟକୁ କୁହୁଡ଼ି ପରି ମାରିଲେ, ହଜମଶକ୍ତି ବନ୍ଦ ହୋଇ ଆସିଲେ, ଜି: ଆଇ: ହରମୋନ୍ସ ତୁରନ୍ତ ଆରାମ ଦିଏ । ନୂଆ ନୂଆ ଆଲୋଚନା ଓ ଗବେଷଣା ବଳରେ ଆମେ ଏହି ଔଷଧଟିକୁ ଖୁବ୍ ଉନ୍ନତ ଧରଣରେ ପ୍ରସ୍ତୁତ କରିବାକୁ ସମର୍ଥ ହୋଇଅଛୁ । ଅତି ଆନନ୍ଦର କଥା ଆମର ଏହି ଔଷଧ ବ୍ୟବହାର କରି ଅନେକ ଲୋକ ଯନ୍ତ୍ରଣାରୁ ଏପରିକି ଡାକ୍ତରଙ୍କ ଛୁରୀମୁହଁରୁ ରକ୍ଷା ପାଉଛନ୍ତି । ଛୋଟ ପିଲାମାନଙ୍କର [Green Diarrhoea] ନେଳିଆ ତରଳ ଝାଡ଼ାରେ ଏହା ମଧ୍ୟ ଅତ୍ୟନ୍ତ ଉପକାରୀ । ପେଟ ଓ ଅନ୍ତ ଭିତରର ରୋଗ ଯେତେବେଳେ ଅତି ଉତ୍କଟ ଅବସ୍ଥାକୁ ଚାଲିଯାଇଥାଏ, ସେତେବେଳେ ଏବଂ ଯକୃତ ଦୁର୍ବଳ ହୋଇ ଆସିଥିଲେ ଏବଂ ପାକାଶୟର ଭିନ୍ନ ଅଙ୍ଗମାନ ଶିଥିଳ ହୋଇ ଆସିଥିଲେ ଏହା ସାଧାରଣତଃ ସେ ସବୁ ଦୂର କରିଦିଏ । ପାଚନ ସମ୍ବନ୍ଧୀୟ ବହୁ ଦୁଃସାଧ୍ୟ ରୋଗର ଏହା ଏକ ମହୌଷଧ ।

Digitized by srujanika@gmail.com

ମାତ୍ରା—ଶିଶୁମାନଙ୍କ ପାଇଁ ଏକ ଗ୍ରେନର ଷୋଳ ଭାଗରୁ ଭାଗେ ଅଥବା ଦୃଶ ଭାଗରୁ ଭାଗେ ପର୍ଯ୍ୟନ୍ତ, ବାଳକ ବାଳିକାମାନଙ୍କ ପାଇଁ ଏକ ଗ୍ରେନର ଦୃଶ ଭାଗରୁ ଭାଗେ-ଠାରୁ ଏକ ଗ୍ରେନ୍ ପର୍ଯ୍ୟନ୍ତ । ପ୍ରାପ୍ତବୟସ୍କମାନଙ୍କ ପାଇଁ ଏକ ଗ୍ରେନରୁ ତିନି ଗ୍ରେନ୍ ପର୍ଯ୍ୟନ୍ତ ।

ଭୋଜନର ୧୦।୨୦ମିନିଟ ପୂର୍ବରୁ କିମ୍ବା ଠିକ୍ ଭୋଜନ ପରେ ସେବନୀୟ । ଶିଶୁ ରୋଗୀ ଓ ଦୁର୍ବଳ ବୃଦ୍ଧମାନେ ସେମାନଙ୍କ ତରଳ ଖାଦ୍ୟ ସଙ୍ଗେ ଏହାକୁ ମିଶାଇ ଖାଇପାରନ୍ତି ।

ଜି ଏମ୍: [G. M.]—

ରକ୍ତର ରୋଗର ବଂଶ ନାଶ କରେ । ପ୍ରୟୋଗ ବିଧି ଓ ମାତ୍ରା ପରିମାଣ ଜାଣିବା ପାଇଁ ଟି ଏମ୍ ଔଷଧର ବିବରଣୀ ଦେଖ । ଖାଇବା ଅପେକ୍ଷା ଇଞ୍ଜେକ୍‌ସନ ରୂପେ ବ୍ୟବହାର କଲେ ଜି: ଏମ୍: ଶୀଘ୍ର ଫଳ ଦିଏ । କ୍ଷୟରୋଗର ଟି: ଏମ୍: ପ୍ରୟୋଗ କରି ପୁଣ୍ଡା ଯେତେବେଳେ ସନ୍ତୋଷଜନକ ଫଳ ମିଳେ ନାହିଁ, ସେତେ-ବେଳେ ଜି: ଏମ୍: ବ୍ୟବହାରର ଅଶାନୁରୂପ ଫଳ ମିଳେ ।

ଗ୍ରାଣ୍ଡି-କୋ (Grandi-Co)—

ହୃଦ୍‌ରୋଗ ପାଇଁ ଏହା ଅଭ୍ରାନ୍ତ । ନାଡ଼ିର ଗତି ଓ ଫୁସ୍‌ଫୁସ୍ ବା ହୃଦ-ଯନ୍ତ୍ରର ବେଗ ଯେତେବେଳେ ମନ୍ଦ କିମ୍ବା ଚଞ୍ଚଳ ଓ ଅନିୟମିତ ହୋଇଆସେ, ଅଥବା ରହି ରହି ଚାଲେ, ସେତେବେଳେ ଶୀଘ୍ର ଗ୍ରାଣ୍ଡି-କୋ ଖାଇବାକୁ ଦିଅ । ହୃଦଯନ୍ତ୍ରର ବଳାଧାନ ପାଇଁ ଏହା ଏକ ମୁଖ୍ୟ ଟନିକ୍ । ଏହା ସେବନ କଲେ ଛାତିର ମାଂସପେଶୀ ପୁଷ୍ଟ ଓ ସବଳ ହୁଏ, ଫୁସ୍‌ଫୁସ୍‌ର ସ୍ପନ୍ଦନ ନିୟମିତ ହୋଇ ଆସେ । ପାନେ କି ଦି ପାନ ଏଥିରୁ ଖାଇଲା ପରେ ଛାତି ଧଡ଼ ଧଡ଼ ହେବା ଏବଂ ନିଃଶ୍ୱାସ ବେଳେ ବେଳେ ବନ୍ଦ ହୋଇ ଆସିବା ଦୂର ହୋଇଯାଏ ।

ଗ୍ରାଣ୍ଡି-କୋ ସେବନ କଲେ ପାକସ୍ଥଳୀରେ ତାର କୌଣସି ପ୍ରକାର ପ୍ରତିକ୍ରିୟା ବା ଗୋଳମାଳ ଦେଖାଯାଏ ନାହିଁ ; ମାଂସପେଶୀ ଗୁଡ଼ିକର ଚଳନ ଶକ୍ତି ଏହାଦ୍ୱାରା ବୃଦ୍ଧି ପାଏ, ନାଡ଼ିର ବଳାଧାନ ଓ ଧମନୀର ଗତିକୁ ଦୃଢ଼ ଓ ନିୟମିତ କରେ ।

ମାତ୍ରା—ପ୍ରାପ୍ତବୟସ୍କମାନଙ୍କ ପକ୍ଷରେ ୧ ଗ୍ରେନରୁ ୨ ଗ୍ରେନ୍ ଯାଏ, ଦିନକୁ ତିନିବାର ସେବନୀୟ । ରୋଗ ବିକଟ ଅବସ୍ଥାରେ ଥିଲେ ଅଧିକ ଥର ଦିଆଯାଇପାରେ ।

ହିଲିଂ ଡଷ୍ଟ (Healing-Dust)

ବାହ୍ୟ ଚିକିତ୍ସା ପାଇଁ । କାନରୁ ପୂଜ ପଡ଼ୁଥିଲେ ତୁଳାକାଠି ଦ୍ୱାରା ସବୁ ପୂଜ ସଫା କରିଆଣି ଏହି ହିଲିଂ ଡଷ୍ଟରୁ କିଛି କାନରେ ଭର୍ତ୍ତି କର ଏବଂ ତୁଳା ଦେଇ କାନ ମୁହଁକୁ ବନ୍ଦ କରିଦିଅ । କାନ ସଫା କଲାବେଳେ ପାଣି ଯେପରି ସେ କାନରେ ନ ଲାଗେ, ତା ପ୍ରତି ସାବଧାନ ରହିବ । କାନ ଭିତରେ ଏହି ଡଷ୍ଟ କିଛିଦିନ

Digitized by srujanika@gmail.com

ଟିକିଏ ପରେ କାନରୁ ପୂଜ ପଡ଼ିବା ଆପେ ଆପେ ବନ୍ଦ ହୋଇଯିବ । ପନ୍ଦରଦିନ କିମ୍ବା ତହିଁରୁ କିଛି ଅଧିକ ଦିନ ପରେ କାନରୁ ଏହି ଔଷଧକୁ ବାହାର କରିଦେବ , ସେତେବେଳକୁ ଏହା ଯଦି କାନ ଭିତରେ ଶୁଖି ଟାଣୁଆ ହୋଇଯାଇଥାଏ, ତେବେ ତାକୁ ନରମ କରିବା ପାଇଁ ତେଲ ବ୍ୟବହାର କରାଯାଇ ପାରେ । ପୂଜ ଯଦି ବେଶୀ ପଡ଼ୁଥାଏ, ଏବଂ ଏହି ଔଷଧ ଭର୍ତ୍ତି କରିବାର ପ୍ରଥମ ତିନି ଚାରିଦିନ ପରେ ଯଦି ପୂଜ ବଢ଼ୁଥିବାର ଜଣାପଡ଼େ , ତେବେ ପୁଣି ଥରେ ପୂର୍ବପରି ତୁଳାଯୋଗେ କାନକୁ ସଫାକରି ଏହି ଔଷଧକୁ ଆଉ କିଛି କାଳ ଭିତରେ ପୂର୍ବପରି ତୁଳାଯୋଗେ କାନମୁହଁକୁ ବନ୍ଦ କରିଦିଅ । ତା ହେଲେ ପୂଜ ଏକାବେଳକେ ବନ୍ଦ ହୋଇଯିବ ଏବଂ ଆଉ ଦ୍ଵିତୀୟ ବାର ଔଷଧ ବ୍ୟବହାର କରିବା ଆବଶ୍ୟକ ହେବ ନାହିଁ ।

ହ୍ୟଲଂ ଔଷଧର ଆଉ ଏକ ବିଶେଷ ଗୁଣ ହେଉଛି ଏହି ଯେ, ଘାଆ ଓ କ୍ଷତସ୍ଥାନ ଗୁଡ଼ିକୁ ଏହା ଶୀଘ୍ର ଶୁଖାଇ ଦିଏ । ଅନ୍ୟାନ୍ୟ ଔଷଧ ପ୍ରୟୋଗରେ ଯେଉଁସବୁ ଘାଆ ପଚି ଆସେ , ଅଥଚ ଏକାବେଳକେ ଶୁଖି ଭଲ ହୋଇ ଯାଏ ନା, ସେହିସବୁ ଘାଆରେ ଏହି ଔଷଧ ଦିନକୁ ଥରେ କି ଦୁଇଥର ଛୁଆଁଇଦେଲେ ତୁରନ୍ତ ଘା ଶୁଖିଯାଏ । ଭେସିଲିନ ଲହୁଣୀ କିମ୍ବା ତେଲ ମିଶାଇ ହ୍ୟଲଂ-ଔଷଧ ଓ ମେଥିଲ୍‌ଓଲିଓଟ୍‌ର ମଲମ ତିଆରି କରାଯାଏ ଏବଂ ଏହି ମଲମ ଏକ୍‌ଜିମା ରୋଗରେ ବିଶେଷ ଉପକାର କରେ । ଏକ୍‌ଜିମାରେ ଫୁଲିଯାଇ ପୂଜ ହୋଇଥିଲେ ଏବଂ ଭାରି ପୀଡ଼ା ହେଉଥିଲେ, ଏହି ମଲମରେ ଶୀଘ୍ର ଭଲ ହୋଇଯାଏ ।

ହେମୋପ୍ଲେକସ (Hemo-Plex)

କୀଟାଣୁର କ୍ରିୟାଶକ୍ତିକୁ ନଷ୍ଟ କରିବାରେ, ସେମାନଙ୍କ ବିଷକୁ ମାରିବା ବିଷୟରେ, ରକ୍ତ ରୋଗରେ ଓ ରକ୍ତକୁ ବିଶୁଦ୍ଧ ରଖିବାରେ ଏହା ଅତ୍ୟନ୍ତ ଉପଯୋଗୀ । ଶରୀରରେ ଯେଉଁ ଅନ୍ତର୍ନିହିତ ଶକ୍ତି ଥାଏ, ତାହା ହେଉଛି ରୋଗକୁ ନଷ୍ଟ କରିବା ଦିଗରେ ପ୍ରକୃତିର ନିଜ ଅସ୍ତ୍ର । ଏହି ଶକ୍ତି ପୁଣି ମନୁଷ୍ୟର ପୁଷ୍ଟିକର ଭୋଜନ, ପାଚନ ଶକ୍ତି, ମନ ଏବଂ ସ୍ନାୟୁମଣ୍ଡଳୀ ଉପରେ ନିର୍ଭର କରେ । ତେଣୁ ରକ୍ତ ଖରାପ ହୋଇ ରକ୍ତଗତ ରୋଗ ଦେଖାଗଲେ ଅପୁଷ୍ଟିକର ବା ଅନୁଚିତ ଖାଦ୍ୟ ଓ କ୍ଷୀଣ ପାଚନ ଶକ୍ତି ତାର ମୁଖ୍ୟ କାରଣ ବୋଲି ବୁଝିବାକୁ ହେବ ଏବଂ ମାନସିକ ବେଗ ଓ ସ୍ନାୟୁବିକାର ତା'ର ଗୌଣ କାରଣ । ଏହି କାରଣ ଦୁଇଟିକୁ ଦୂର କରି ପାରିଲେ ରକ୍ତବିକାର ଆପେ ଆପେ ନଷ୍ଟ ହୋଇଯାଏ ଏବଂ ସାଧାରଣତଃ କୌଣସି ଔଷଧ ଖାଇ ଚିକିତ୍ସା କରିବା ଆବଶ୍ୟକ ପଡ଼େ ନାହିଁ । ନିମ୍ନରେ ତାର ଗୁଣ ଲେଖାଯାଉଛି—

[୧] କୀଟାଣୁମାନଙ୍କର କ୍ରିୟା ଶକ୍ତି ନଷ୍ଟ କରିବା ପାଇଁ—ଯେଉଁସବୁ ରୋଗରେ ସଲଫୋନାମାଇଡ୍ ଅଥବା ସେହି ଜାତୀୟ ଅନ୍ୟାନ୍ୟ ଔଷଧମାନ ଉପଯୋଗୀ ବୋଲି ପ୍ରମାଣିତ ହୋଇଅଛି, ସେହିସବୁ ରୋଗରେ ହେମୋପ୍ଲେକ୍‌ସ ତୁରନ୍ତ ଫଳ ଦିଏ । ଅନ୍ୟ ଔଷଧ ସେବନ କଲେ ଯେଉଁ ଫଳ କେତେ ଘଣ୍ଟାରେ, କେତେ ଦିନରେ

Digitized by srujanika@gmail.com

କମ୍ପା ଜେଉଁ ସତ୍ତ୍ୱାଦରେ ମିଳେ, ହେମୋପ୍ଲେକ୍ସ ସେବନରେ ସେହି ଫଳ ସାମାନ୍ୟ କେତୋଟି ମିନିଟରେ କମ୍ବା କେତୋଟି ଘଣ୍ଟା ବା ଦିନରେ ମିଳେ । ହେମୋପ୍ଲେକ୍ସର ତୁରନ୍ତ ଫଳ ଦେଖି ଡାକ୍ତରମାନେ ମଧ୍ୟ ବିସ୍ମିତ ହୋଇଅଛନ୍ତି ।

(୨) ଜୀବାଣୁମାନଙ୍କ ଦୋଷରୁ ଜାତ ହୋଇଥିବା ସମସ୍ତ ପ୍ରକାର କଠିନ ଜ୍ୱରରେ ହେମୋପ୍ଲେକ୍ସ ସେବନ କଲେ ଅତିଶୀଘ୍ର ଉତ୍ତାପ କମିଯାଏ । ଅଣ୍ଟୁଗଣ୍ଠି ଅବା ବାତ-ରୋଗର ଜ୍ୱରରେ, ଆନ୍ତ୍ରିକ ଜ୍ୱରରେ (ଟାଇଫଏଡ୍) ଏବଂ ମାଲେରିଆ ଜ୍ୱରରେ ହେମୋପ୍ଲେକ୍ସ ଅତ୍ୟନ୍ତ ଉପକାରୀ ବୋଲି ପ୍ରମାଣିତ ହୋଇଅଛି । ଯେଉଁସବୁ ରୋଗରେ ପୂଜ ପଡ଼େ ବା ପୂଜ ହୋଇଯିବାର ସମ୍ଭାବନା ଥାଏ, ଯେପରି ବଥ, ଫୁଲା କାଛୁ, କୁଣ୍ଡିଆ, ଏକ୍‌ଜିମା, ଘାଆ, କ୍ଷତ, ଗନୋରିଆ, ବେକମୂଳ ଫୁଲା ଓ ଦାଉଦ (ବ୍ରୋଙ୍କାଇଟିସ) ଏବଂ ଟନସଲ ଇତ୍ୟାଦି — ଏସବୁ ରୋଗରେ ହେମୋପ୍ଲେକ୍ସ ଅତ୍ୟନ୍ତ ଉପଯୋଗୀ ଔଷଧ ଅଟେ । ଏହା ରୋଗକୁ ନିବାରଣ କରିବା ସଙ୍ଗେ ସଙ୍ଗେ ରୋଗକୁ ନିରୋଧ ମଧ୍ୟ କରେ ।

ବାହ୍ୟ ଚିକିତ୍ସାରେ ଏହାକୁ ପ୍ରୟୋଗ କଲେ ଅର୍ଥାତ୍ ପେଟକୁ ନ ଖାଇ ବାହାରେ ପ୍ରୟୋଗ କଲେ ଏହାଦ୍ୱାରା ଫୁଲା କମିଯାଏ, ଏବଂ ବଥ ଉଠିଥିଲେ ବସିଯାଏ । ଘା, କାଛୁ କୁଣ୍ଡିଆ ଏବଂ ଏକ୍‌ଜିମା ଅବା ମଧ୍ୟ ଶୁଖିଯାଏ । ଘାଆ ଓ କ୍ଷତ ସ୍ଥାନକୁ ଧୁଆଧୋଇ କରିବେଳେ ଏହାକୁ ପ୍ରୟୋଗ କଲେ ଘାଆ ବିଷାକ୍ତ ହୁଏ ନା । ମୁହଁ ଓ ଗଳାରୋଗରେ କୁଳି କଲେ ମଧ୍ୟ ଉପକାର ହୁଏ । ଏହି ବାହାର ଚିକିତ୍ସା ସଙ୍ଗେ ହେମୋପ୍ଲେକ୍ସ ଖାଇଲେ ରୋଗୀ ଶୀଘ୍ର ଆରୋଗ୍ୟ ଲାଭ କରେ ।

ନୋଟ — ନିଜର ବିଶେଷ ଗୁଣଛଡ଼ା ହେମୋପ୍ଲେକ୍ସରେ ସୁଲଫାସେନ, ଅୟୋଡିନ ଓ ସେପ୍‌ଟୋଜର୍ମିର ଗୁଣ ମଧ୍ୟ ନିହିତ ଅଛି ।

ପ୍ରୟୋଗ ବିଧି—

ରୋଗ ଉତ୍କଟ ଅବସ୍ଥାରେ ପ୍ରାପ୍ତବୟସ୍କମାନଙ୍କ ପକ୍ଷରେ ଏକ ଗ୍ରେନରୁ ତିନଗ୍ରେନ୍ ଯାଏ ଏକଠାକୁ ତିନି ତିନି ଘଣ୍ଟା ଅନ୍ତରରେ ସେବନୀୟ । ସାଧାରଣ ଅବସ୍ଥାରେ ତିନିଘଣ୍ଟାଠାରୁ ଚାରି ଚାରି ଘଣ୍ଟା ଅନ୍ତରରେ ଖାଇବା ବିଧି । ରୋଗୀ ଭଲ ଆଡ଼କୁ ଆସୁଥିବା ସଙ୍ଗେ ସଙ୍ଗେ ଔଷଧ ଖାଇବା ଭିତରେ ସମୟର ବ୍ୟବଧାନ ବଢ଼ାଇବାକୁ ହେବ ଏବଂ ଔଷଧର ମାତ୍ରା ପରିମାଣ କମାଇବାକୁ ହେବ । ପିଲାଙ୍କ ପାଇଁ ପ୍ରାପ୍ତ-ବୟସ୍କମାନଙ୍କର ଅଧା ଏବଂ ଶିଶୁମାନଙ୍କ ପାଇଁ ପିଲାମାନଙ୍କର ଅଧା ମାତ୍ରାରେ ଔଷଧ ଦେବାକୁ ହେବ । ରୋଗର ଉତ୍କଟ ଅବସ୍ଥାରେ ଏହି ମାତ୍ରାର ଡବଲ ମାତ୍ରା ଦିଅ ଏବଂ ରୋଗୀ ନିରୋଗ ହୋଇଆସୁଥିବା ସଙ୍ଗେ ମାତ୍ରା କମାଇ ଆଣ । ଇଞ୍ଜେକ୍‌ସନ ରୂପେ ଏହାକୁ ପ୍ରୟୋଗ କରିବା ଆବଶ୍ୟକ ହେଲେ ୧୨ ଘଣ୍ଟାଠାରୁ ୨୪ଘଣ୍ଟା ଅନ୍ତରରେ ଥରେ ଲେଖାଏଁ ଇଞ୍ଜେକ୍‌ସନ ଦିଅ । ଶତକଡ଼ା ୨ ଭାଗ ସଲ୍ୟୁସନକୁ ପ୍ରାପ୍ତବୟସ୍କ-ମାନଙ୍କୁ ଅଧ ସି: ସି: ରୁ ଏକ ସି. ସି: ପର୍ଯ୍ୟନ୍ତ ଇଞ୍ଜେକସନ୍ ରୂପେ ଦିଆଯାଇପାରେ । ପିଲା ଓ ଶିଶୁମାନଙ୍କୁ ଅନୁପାତ ଅନୁସାରେ କମାଇ ଦେବାକୁ ହେବ ।

Digitized by srujanika@gmail.com

ବାହ୍ୟ ଚିକିତ୍ସା—

ଫୁଲା ଓ ଜଖମ ଆଦିରେ ହେମୋପ୍ଲେକ୍ସ ବାହାରେ ବ୍ୟବହାର କରିବାକୁ ହେଲେ ଆବଶ୍ୟକ ପରିମାଣର ଗରମ ପାଣିରେ ଏହାକୁ ଗୋଳି ଫୁଲାଯାଗା ଉପରେ ଲେପ ଭଳି ଲଗାଅ । ପ୍ରତି ତିନି ତିନି ଘଣ୍ଟାରୁ ଛଅ ଛଅ ଘଣ୍ଟା ଅନ୍ତରରେ ଥରେ ଥରେ ଲଗାଉଥାଅ । ଘାଆ ଭଲ କରିବାକୁ ହେଲେ ଏକ ଭାଗ ହେମୋପ୍ଲେକ୍ସ ସଙ୍ଗେ ଗୃହଭାଗରୁ ଦଶଭାଗ ଯାଏ, ତେଲ, ଘିଅ ବା ଭେସିଲିନ୍ ମିଶାଇ ଅଳ୍ପ କଡ଼ଫେଣ୍ଟି ମଲମ ତିଆରି କର ଏବଂ ଦୁଇ ବେଳା ଘା ଉପରେ ଲଗାଅ । ଯଦି ଘା ପୂରି ଆସୁଥିବ, ଅଥଚ ଶୁଖି ନ ଥିବ ଓ ପାଣି ବୋହୁଥିବ ତେବେ ଏହି ଔଷଧ ଗୁଣ୍ଡାକୁ କିଛି ଘା ଉପରେ କେବଳ ଛିଞ୍ଚି ଦିଅ, ତୁରନ୍ତ ଘା ଶୁଖିଯିବ । ଘାଆ ଇତ୍ୟାଦି ଧୂଆଧୋଇ କରିବାକୁ ହେଲେ ବା ଡୁସ୍ ଦେବାକୁ ହେଲେ ଏକ ଆଉନ୍ସ [ଅଧଛଟାଙ୍କ] ଗରମ ପାଣିରେ ୨ଗ୍ରେନରୁ ୩ ଗ୍ରେନ ଯାଏ ଗୁଣ୍ଡା ମିଶାଅ । ଏହି ପାଣି ଖୁବ୍ ଥଣ୍ଡା ହୋଇ ଆସିଲେ ପ୍ରୟୋଗ କର । ମୁହଁ ଓ ଗଳା ରୋଗରେ ମଧ୍ୟ ଏହି ପାଣିରେ କୁଳି କର ।

ହର୍ବାଲ୍ ବିଟର୍ସ—[Herbal Bitters]

ଯକୃତ୍‌ର କ୍ରିୟାଶକ୍ତି ଶିଥିଳ ହୋଇ ଆସିଥିଲେ, ଭୋକ ହେଉ ନ ଥିଲେ, ବରାବର ପିତ୍ତାଧିକ୍ୟ ହେଉଥିଲେ, କୋଷ୍ଠଶୁଦ୍ଧି ହେଉ ନ ଥିଲେ ଏହି ହର୍ବାଲ-ବିଟର୍ସ ପ୍ରୟୋଗରେ ଚମତ୍କାର ଫଳ ମିଳେ । କ ପିଲା, କ ପ୍ରାପ୍ତବୟସ୍କ, ବିଶେଷ କରି ଯେଉଁମାନେ ଯକୃତ୍‌ର ଶିଥିଳତା ହେତୁ ପୀଡ଼ିତ ହେଉଥାନ୍ତି ଏବଂ ଯେଉଁମାନେ ଉଦର ଓ ଅନ୍ତ୍ରର ଶକ୍ତି କ୍ଷୀଣ ହୋଇ ଆସିବା ଫଳରେ ନାନା ଯନ୍ତ୍ରଣା ଭୋଗୁଥାଆନ୍ତି, ଯେଉଁମାନେ କ୍ରମାଗତ ମେଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇ ହଜମ ଶକ୍ତି ହରାଇଥାନ୍ତି ଏବଂ କୋଷ୍ଠବଦ୍ଧତାରେ ସଢ଼ୁଥାନ୍ତି, ସେମାନଙ୍କ ପକ୍ଷରେ ଏହି ହର୍ବାଲ-ବିଟର୍ସ ମହୋପକାରୀ ।

ଦୃମତେ ହର୍ବାଲବିଟର୍ସରେ ଏକ ନବମାଂଶ ଟାକସାଇନ ଓ କିଛି ଭାଇଟାଲ ଏସେନସ ଥାଏ । ଅବଶିଷ୍ଟ ଆଠଭାଗ ହେଉଛି ଚିରେଇତା, ସୁନାମୁଖୀ ଓ ଅନ୍ୟ କେତେଗୁଡ଼ିଏ ଦେଶୀ ଚେରମୂଳ । ତଥାପି ଏସବୁ ଅଳ୍ପମାତ୍ରାରେ ସେବନ କଲେ, ଉପରେ ଯେଉଁସବୁ ଲକ୍ଷଣ କଥା କୁହାଗଲା, ସେହି ଲକ୍ଷଣାକ୍ରାନ୍ତ ଲୋକର ଝାଡ଼ା ପ୍ରାକୃତିକ ଭାବରେ ବେଶ ସଫା ହୁଏ, ଭୋକ ହୁଏ ଏବଂ ପେଟ ଓ ଅନ୍ତ୍ରର କ୍ରିୟାଶକ୍ତି ସତେଜ ହୁଏ ଯକୃତ ପକ୍ଷରେ ଏହା ଖୁବ୍ ଭଲ । ପାକସ୍ଥଳୀ ଓ ଅନ୍ତ୍ର ଉପରେ ଏହାର ସୁପ୍ରଭାବ ପଡ଼ିବା ଫଳରୁ ତହିଁରୁ ପାଚକ ରସ ଭଲଭାବେ ବାହାରେ ଏବଂ ଖାଦ୍ୟକୁ ସହଜେ ଜୀର୍ଣ୍ଣ କରିବାରେ ସାହାଯ୍ୟ କରେ । ଯକୃତର କ୍ରିୟାଶକ୍ତିକୁ ଉତ୍ତେଜିତ କରେ ଏବଂ ପ୍ରକୃତିଗତ ହୋଇ ପଡ଼ିଥିବା ପିତ୍ତ ପ୍ରକୋପକୁ ଶାନ୍ତ କରିବା ସଙ୍ଗେ ସଙ୍ଗେ କୋଷ୍ଠବଦ୍ଧତା ଦୂର କରେ । ଏହିସବୁ କାରଣରୁ ହର୍ବାଲ-ବିଟର୍ସ ସୁରୁଣା ଅଗ୍ନିମାନ୍ଦ୍ୟ, Jundice (କାମଳ) ଏବଂ ପିଲାଙ୍କ ଯକୃତ ଗୋଳମାଳରେ ଅତ୍ୟନ୍ତ-ଉପଯୋଗୀ ଔଷଧ ।

Digitized by srujanika@gmail.com

ପ୍ରୟୋଗ ବିଧି—ଅଧ ଚାମଚେ କିମ୍ବା ଗୋଟିଏ ଚାମଚ ହର୍ବାଲ ବାଟର୍ ଏକ ପାଇଣ୍ଟ ଫୁଟନ୍ତା ପାଣିରେ ଅଚ୍ଛାକରି ମିଶାଅ ଏବଂ ହଲାଅ । ତା ପରେ ପିଆଲା ମୁହଁରେ ଗୋଟିଏ ଢାଙ୍କୁଣୀ ଦେଇ ବନ୍ଦ କରି ରଖ । ଅଧଘଣ୍ଟା ପରେ ତାକୁ ଛାଣି ଚାରି ଭାଗ କରି ନିଅ । ଭାଗେ ରାତିରେ ଶୋଇବାକୁ ଯିବା ଆଗରୁ ପିଅ ଏବଂ ବାକି ତିନି ଭାଗ ଦିନକୁ ତିନି ଥର ଖାଇବାର ଅଧଘଣ୍ଟା କିମ୍ବା ଏକଘଣ୍ଟା ଆଗରୁ ପିଅ । ଦିନକୁ ଅଟଗ୍ରାମଟ ଔଷଧ ସାଧାରଣତଃ ଯଥେଷ୍ଟ ହୁଏ । ବ୍ୟକ୍ତିଗତ ଭାବରେ ରୋଗୀର ଅବସ୍ଥାକୁ ଅନାଇ ଏହି ଔଷଧର ପରିମାଣ ବଢ଼ା ଯାଇପାରେ କିମ୍ବା କମ୍ କରାଯାଇ ପାରେ । ଭଲ ଭାବରେ ଥରେ ଔଷଧ ତିଆରି କଲେ, ଦୁଇ ତିନି ଦିନ ଯାଏ ତାହା ଖରାପ ହୁଏ ନା । ଫୁଟନ୍ତା ପାଣିରେ ନ ଖାଇବାର ଘଣ୍ଟାଏ କିମ୍ବା ଅଧଘଣ୍ଟା ଆଗରୁ ଚୂନା ଆକାରରେ ପାନକେ ୧୫ ଗ୍ରେନ ଲେଖାଏଁ ମଧ୍ୟ ଖିଆଯାଇ ପାରେ । କିନ୍ତୁ ଫୁଟନ୍ତା ପାଣିରେ ମିଶାଇ ଖାଇଲେ ଭଲ ଫଳ ମିଳେ ।

ହର୍ମୋପିରିନ [Hormopirin]

କାଶ, ସର୍ଦ୍ଦି, ସନ୍ନିପାତ ଆଦି ଶ୍ୱାସନଳୀଗତ ରୋଗ, ପୀଡ଼ା, ଫୁଲା ମୂତ୍ରବନ୍ଧା, ଦରଜ ଏବଂ ଅଷ୍ଟି-ଗଣ୍ଠି ଆଦିର ରୋଗପାଇଁ ଏହା ଏକ ଉତ୍କୃଷ୍ଟ ଔଷଧ । ରୋଗଟା ନୂଆ ହୋଇଥିଲେ, ହର୍ମୋ-ପିରିନ୍ ଘଣ୍ଟାକ ଭିତରେ ଆରାମ ଦିଏ, ପୁରୁଣା ହୋଇଥିଲେ ଏହା ୨୪ଘଣ୍ଟା ଭିତରେ ନିଜର ଗୁଣ ଦେଖାଏ ।

୧ । ପୀଡ଼ା ଓ ଫୁଲା ସହିତରେ ଯଦି ଜ୍ୱର ଥାଏ, ତେବେ ଏହାକୁ ପ୍ରୟୋଗ କଲେ, ପୀଡ଼ା ଓ ଫୁଲା ଆଦି ତୁରନ୍ତ ଭଲ ହୋଇଯାଏ । ବିଶେଷତଃ ଶ୍ୱାସନଳୀ, ଫୁସଫୁସ୍ ଓ ଖାଦ୍ୟବାହି ନଳୀ ଆକ୍ରାନ୍ତ ହୋଇଥିଲାବେଳେ ଏହାକୁ ସେବନ କଲେ, ଚମତ୍କାର ଫଳ ମିଳେ ।

୨ । କାଶ ଓ ଶର୍ଦ୍ଦି ଇତ୍ୟାଦିରେ ଯଦି ଜ୍ୱର ଥାଏ, ତେବେ ଅଳ୍ପ କେତୋଟି ବୁନ୍ଦାରେ ସର୍ଦ୍ଦି କମିଯାଏ । ଇନ୍‌ଫ୍ଲୁଏଞ୍ଜା ବା ଘୋଳା ବିକା ଜ୍ୱରରେ ଏହା ବିଶେଷ ଉପଯୋଗୀ ।

୩ । ଅଷ୍ଟିଗଣ୍ଠି ଆଦି ବାତପୀଡ଼ାରେ ଏହାକୁ ସେବନ କଲେ ହୃଦଯନ୍ତ୍ର ଜ୍ୱରର ପ୍ରଭାବରୁ ରକ୍ଷା କରେ । ଗରମି ରୋଗହେତୁ ଦେହରେ ଯେଉଁ ପୀଡ଼ା ଓ ଫୁଲାଆଦି ହୁଏ, ସେସବୁ ମଧ୍ୟ ଏହାର ସେବନରେ ଉପଶମ ହୁଏ ।

୪ । ସ୍ୱଭାବଗତ ମୂତ୍ରବନ୍ଧା ଓ ମୂତ୍ରବଥାରେ ମଧ୍ୟ ଏହା ଫଳପ୍ରଦ । ପ୍ରଷ୍ଟଥିର ବ୍ୟଥା ଆରମ୍ଭ ହେଲାବେଳକୁ ଏଥିରୁ ପାକେ ମାତ୍ର ସେବନ କଲେ ଗୃହ୍ଣ ଗୃହ୍ଣ କଷ୍ଟ କୁଆଡ଼େ ଉଭେଇଯାଏ ।

୫ । ଟାଇଫଏଡ୍ ଜ୍ୱରରେ ଏବଂ ରାଜଯକ୍ଷ୍ମା ରୋଗରେ ଯେତେବେଳେ ଜ୍ୱର ଖୁବ୍ ଉଗ୍ର ଅବସ୍ଥାରେ ଥାଏ, ସେତେବେଳେ ଏହାକୁ ସେବନ କଲାମାତ୍ରେ ଶୀଘ୍ର ଜ୍ୱର ଓହ୍ଲାଇ ଯାଏ ।

Digitized by srujanika@gmail.com

[୯] 'ଥ୍ରମ୍ବୋସିସ୍' ରୋଗ ଶରୀରରେ ଲକ୍ଷ ଅସୁବିଧା କରିବା ପାଇଁ ଅନ୍ୟ ଦେହରୁ ରକ୍ତ ଯୋଗାଏ । ଏହା ଫଳରେ ରୋଗୀ ସଫଳତାର ସହିତ ରୋଗ ସଙ୍ଗେ ଲଢ଼ୁଥାଏ । [୨] ରୋଗୀର ପୋଷାକ ରକ୍ତ ବଢ଼ିବା ଯୋଗୁଁ ଶୀଘ୍ର ସେ ରୋଗ ଉପରେ ବିଜୟ ହାସଲ କରେ । କାହାଣୁ କ୍ରିୟାକୁ ଥ୍ରମ୍ବୋସିସ୍ ନଷ୍ଟ କରେ । ଏହାର ପ୍ରଭାବ ସିଧା ସଳଖ ରୋଗୀମାନଙ୍କ ଜୀବନ ଉପରେ ଅବଶ୍ୟ ପଡ଼େ ନାହିଁ; କିନ୍ତୁ ରକ୍ତର ଯେଉଁ ଅବସ୍ଥା ସେମାନଙ୍କର ବୃଦ୍ଧି ଓ ବିକାଶର ସହାୟକ ତାହାକୁ ଏହା ବେଳେବେଳେ ବଦଳାଇ ଦିଏ ।

ପ୍ରୟୋଜନୀୟ :—ଖାଲି ଥ୍ରମ୍ବୋସିସ୍ ଖାଇଲେ ଯେଉଁ ଫଳ ମିଳେ, ତାହା ଅପେକ୍ଷା ମେଣ୍ଡେକେଟେଡ୍. କାଲସିଅମ, ବି ୧୨, ଫିନୋବାର୍ବିଟାଇନ୍, ଏବଂ ସେମ୍ବେଟୋଜର୍ମ ସଙ୍ଗେ ଏକ ଗ୍ରେନ୍‌ର ମାତ୍ରାଗୁଡ଼ିକୁ ଏକତ୍ର ମିଶାଇ ଖାଇଲେ ଭଲ ଫଳ ମିଳେ । ଚେଷ୍ଟ-ଅଏଲ ଏବଂ ବାମ୍ ପୀଡ଼ା ଓ ବାତ ଦୂର କରିବାରେ ନିର୍ଭରଯୋଗ୍ୟ ଔଷଧ; କିନ୍ତୁ ବ୍ରୋଙ୍କାଇଟିସ୍ ନିଉମୋନିଆ ଓ ଅଷ୍ଟ୍ରୁଗଣ୍ଡି ଆଦି ଦୂରକରିବାରେ ଅନ୍ୟ ଔଷଧକୁ ଏହା ସାହାଯ୍ୟ କରେ ।

ଆୟୋବିନ (Iobine)–

(୧) ଦେହରୁ ରକ୍ତ (ଗରମି) ଦୋଷ ମାରିଦିଏ । ମେହ (Gonorrhoea) ଓ ଉପଦଂଶ (Syphilis) ରେ ରୋଗର ଉଗ୍ର ଅବସ୍ଥା ଅପସରି ଗଲା ପରେ, ସାଧାରଣତଃ ଏହି ଔଷଧ ବ୍ୟବହାର କରିବାକୁ ହୁଏ । ଉପଦଂଶ ରୋଗର ଉଗ୍ର ଅବସ୍ଥାରେ ଯେତେବେଳେ ଘା କିମ୍ବା ଅନ୍ୟାନ୍ୟ ଚର୍ମଗତ ଲକ୍ଷଣମାନ ପ୍ରକାଶ ପାଇଥାଏ, ସେତେବେଳେ ଆର୍ଗନିୟମ୍ ବ୍ୟବହାର କଲେ ଅପେକ୍ଷାକୃତ ଭଲ ଫଳ ମିଳେ ।

(୨) ଦେହରୁ ରକ୍ତ ବିଷ ଥିବାହେତୁ କିମ୍ବା ପାରଦ (Mercurry) ଓ ଶଙ୍ଖିଆ (Arsenic) ଇତ୍ୟାଦିର ବିଷରୁ ଯେଉଁସବୁ ନୂଆ ରୋଗ ଦେଖାଯାଏ, ଅୟୋବିନ୍ ସେ ସବୁ ରୋଗର ଅଟକ ଉପକାରୀ । ଏହାକୁ ଇଞ୍ଜେକ୍‌ସନ ରୂପେ ପ୍ରୟୋଗ କଲେ ପାରଦ ଓ ଶଙ୍ଖିଆର ବିଷଦୋଷ ଦୂର ହୋଇଯାଏ ।

(୩) ଗ୍ରନ୍ଥି ଗୁଡ଼ିକ ବଢ଼ିଯାଇ ପ୍ରଦାହ ହେଲେ (Scrofula) ଏବଂ କଣ୍ଠମାଳା ଓ ଟନ୍‌ସିଲ ବଢ଼ିଗଲେ ତିନିମାସ ଠାରୁ ଛଅମାସ ଯାଏ କିମ୍ବା ଆବଶ୍ୟକ ହେଲେ ତହିଁରୁ ଅଧିକ କାଳ ଅୟୋବିନ୍ ସେବନ କର । ଯଦି ଅଲ୍‌ବୋ-ସାଇନ୍ ଏହା ସହିତ ସେବନ କରାଯାଉଥାଏ, ତେବେ ଦିନ ଭିତରେ ଅୟୋବିନ୍ ପାନେ କି ଦୁଇପାନ ଖାଇଲେ ଯଥେଷ୍ଟ ହୁଏ ।

(୪) ପକ୍ଷାଘାତ ରୋଗରେ [Paralysis] ଅର୍ଜେଲ-ହ୍ୱିଓସ୍ ସଙ୍ଗେ ଅୟୋବିନ୍ ସେବନ କର କିମ୍ବା ରୋଗୀର ସ୍ନାୟୁବିକ ଦୁର୍ବଳତା ଥିଲେ ତେବେ ହିଇଟାଲ ଏସେନ୍‌ସ ବି ଦିଅ ।

(୫) ଅୟୋବିନ୍ ସେବନ କଲେ ସର୍ଦ୍ଦି ଅପକାରରେ ନାହିଁ । ଥରକୁ ଥର ଯଦି ସର୍ଦ୍ଦି ଧରୁଥାଏ, ତେବେ ଅଲ୍‌ବୋ-ସାଇନ୍ ବ୍ୟବହାର କଲେ ଭଲ ଫଳ ମିଳେ ।

Digitized by srujanika@gmail.com

ଅୟୋଡିନ୍ ଦେହ ଉପରେ ବଡ଼ ଗଭୀର ପ୍ରଭାବ ପକାଏ । ତେଣୁ ଗୃହରେ କିମ୍ବା ଯୁବ ଗୃହର ବୃଦ୍ଧଙ୍କର ଏହାକୁ ଖୁବ୍ ଅଳ୍ପ ମାତ୍ରାରେ ବ୍ୟବହାର କରିବା ଉଚିତ ।

(୬) ଦେହରୁ ରକ୍ତ କମିଗଲେ, ଦେହ କୃଶ ହୋଇ ଓଜନ କମିଗଲେ ଅୟୋଡିନ୍ ସେବନରୁ ଖୁବ୍ ଭଲ ଫଳ ମିଳେ ।

(୭) ଶ୍ୱେତକୁଷ୍ଠରେ [Leucoderma] ଅୟୋଡିନ୍‌ର ଇଞ୍ଜେକ୍ସନ ନେଲେ ବିଶେଷ ଭଲ ଫଳ ମିଳେ ।

(୮) ଗଳଗଣ୍ଡ [Goitre] ଏକଜିମା ଏବଂ ଅଣ୍ଡ ଗଣ୍ଠି ଆଦିର ଦରଜ ତଥା ବାତପୀଡ଼ାରେ ବି ଅୟୋଡିନ୍ ବିଶେଷ ଉପକାରୀ ବୋଲି ପ୍ରମାଣିତ ହୋଇଅଛି ।

ଅୟୋଡିନ୍ ଇଞ୍ଜେକ୍ସନ ତିଆରି ହୋଇ ବିକ୍ରୀ କରାଯାଉଛି, କିନ୍ତୁ ପହିଲେ ଏହାକୁ ପେଟକୁ ଖାଇବାକୁ ହୁଏ । ଏଥିରେ ଯଦି ଫଳ ମିଳେ, ତେବେ ଯାଇ ଇଞ୍ଜେକ୍ସନ ବ୍ୟବହାର କରିବାକୁ ହୁଏ ।

ଆଇଡୋଫସ୍ (Iodophos)

ଏହା ଏକ ସର୍ବୋତ୍କୃଷ୍ଟ ଔଷଧ ବୋଲି ପ୍ରମାଣିତ ହୋଇଅଛି । ସ୍ୱାସ୍ଥ୍ୟ-ପାଇଁ ଫସ୍‌ଫରସ୍ ଓ ଅୟୋଡିନ୍ ଉଭୟେ ଅତ୍ୟନ୍ତ ଉପଯୋଗୀ କିନ୍ତୁ ଅଧିକ ମାତ୍ରାରେ ଯଦି ବ୍ୟବହାର କରାଯାଏ, ତେବେ ଏ ଦୁଇଟିଯାକ ଶରୀରର ଭୟଙ୍କର କ୍ଷତି ସାଧନ କରନ୍ତି । ନବୁଝି ନ ବିଚାରି ସେବନ କଲେ ତାର ଫଳ ସ୍ୱରୂପ ନାନା ଗୁରୁତର ଅବସ୍ଥା ଘଟୁଛି । ମାତ୍ର ସୁସ୍ଥୀକୃତ ଅବସ୍ଥାରେ ଏହାକୁ ଅଳ୍ପ ମାତ୍ରାରେ ଯଦି ସେବନ କରାଯାଏ, ତେବେ ଖୁବ୍ ଭଲ ଫଳ ମିଳେ । ଅନ୍ୟାନ୍ୟ ଔଷଧ ପରି ଏହି ଆଇଡୋଫସ୍‌ର ମାତ୍ରା ଶିଶୁମାନଙ୍କ ପାଇଁ ଏକ ଗ୍ରେନ୍‌ର ଆଠଭାଗରୁ ଭାଗେ ଏବଂ ପ୍ରାପ୍ତବୟସ୍କମାନଙ୍କ ପାଇଁ ୨ ଗ୍ରେନ୍ । ଏକୁଟିଆ ଏ ଔଷଧ ପ୍ରୟୋଗ କଲେ ଭଲ ଫଳ ମିଳେ; କିନ୍ତୁ ଅନ୍ୟ ଔଷଧ ସହିତ ମିଶାଇ ଖାଇଲେ ଏହାର କ୍ରିୟାଶକ୍ତି ଅଧିକ ବଢ଼ିଯାଏ ।

ବ୍ରୋଙ୍କାଇଟିସ୍ ଅର୍ଥାତ୍ ଶ୍ୱାସନଳୀର ପ୍ରଦାହରେ ଯେତେବେଳେ ବୋଝ ଲଦା ହେଲପରି ଛାତି ଭାରି ବୋଧହୁଏ, ସେତେବେଳେ ଆଇଡୋଫସ୍ ସେବନରେ ତାହା ଆରୋଗ୍ୟ ହୋଇଯାଏ । ଏହାକୁ ଅମର * ନମ୍ବର ଔଷଧ କିମ୍ବା ମେଡ଼କେଟେଡ୍ କାଲ୍‌ସିଅମ୍ ଓ ହର୍ମୋପିଥିନ୍ ସଙ୍ଗେ ମିଶାଇ ଖାଇବାକୁ ଦେବ । ନିଉମୋନିଆରେ ଆଇଡୋଫସ୍ ସଙ୍ଗେ ମେଡିକେଟେଡ୍ କାଲ୍‌ସିଅମ୍ ଏବଂ ହର୍ମୋପିଥିନ୍ ମିଶାଇ ଗୋଟିକ ପରେ ଗୋଟିଏ ଦେଲେ ରୋଗୀର ଜୀବନ ରକ୍ଷା ହୋଇଯାଏ । ପ୍ରତି ୩।୪ ଦିନ ଅନ୍ତରରେ ରାତିରେ ଶୋଇଲାବେଳେ ଆଇଡୋଫସ୍ ଏକମାତ୍ରା ଲେଖାଏ ପ୍ରୟୋଗ କଲେ ଅସ୍ଥିର ଅନେକ ରୋଗ ଭଲ ହୋଇଯାଏ । ରକ୍ତଚାପ ବୃଦ୍ଧି ହେବା [High Blood Pressure] ଫଳରେ ମୁଣ୍ଡ ଯଦି ବୁଲୁଥାଏ, ତେବେ ଆଇଡୋଫସ୍ ବ୍ୟବହାର କଲେ ଭଲ ଫଳ ମିଳେ ।

ପିଲା ଶୁଖି ଯାଉଥିଲେ ଅଲ୍‌ବୋ-ସାଙ୍ଗ୍ ସେବନ କରି ସୁଦ୍ଧା ଯଦି ତୁରନ୍ତ ଉନ୍ନତି ଦେଖା ନ ଯାଏ ତେବେ ପ୍ରତି ୩।୪ ଦିନ ଅନ୍ତରରେ ହାଲୁକା ମାତ୍ରାରେ

Digitized by srujanika@gmail.com

ଆଇଡ୍ରୋଫସ୍ ଦିଅ । ସେହିପରି ରକ୍ତହୀନତା ବା ପାଣ୍ଡୁ ରୋଗରେ [Anaemia] ଗ୍ରନ୍ଥିଗତ ରୋଗରେ (Glandular affections) ଏବଂ ଅନ୍ୟ ଛୁଆଁଙ୍କ ଦେଖାଯିବା ରୋଗରେ ଏହିପରି ପ୍ରତି ୩।୪ ଦିନ ଅନ୍ତରରେ ଆଇଡ୍ରୋଫସ୍ ଦେଲେ ଦେହ ଭାଙ୍ଗା ରହେ ଏବଂ ଅନ୍ୟ ଔଷଧମାନ ମଧ୍ୟ ତୁରନ୍ତ ଫଳଦାୟକ ହୁଏ ।

ରକ୍ତାଳ୍ପତା ବା ପାଣ୍ଡୁ ରୋଗରେ ଦିନରେ ଥରେ କି ଦୁଇଥର ଅଲ୍‌କୋହଲ ବ୍ୟବହାର କର ଏବଂ ମଧ୍ୟାହ୍ନ ଭୋଜନର ଘଣ୍ଟାକ ଆଗରୁ ଓ ରାତିରେ ଶୋଇଲା ବେଳେ ଚଉଠ ଗ୍ରେନ୍ ଆଇଡ୍ରୋଫସ ସଙ୍ଗେ ଏକଗ୍ରେନ ଆୟୋନିକ ମିଶାଇ ଦିଅ । ଗ୍ରୀଷ୍ମ ଦୁଧରେ ଗୋଳେଇ ଦେଲେ ଔଷଧ ଅଧିକ ଫଳ ଦେଖାଏ । ଏହିପରି ଯେତେବେଳେ କ୍ଷୟରୋଗର ଆଶଙ୍କା ଥାଏ ବା କ୍ଷୟର ଲକ୍ଷଣମାନ ଇତ୍ୟାଦି ଓ ବିନା କାରଣରେ ଦେହ ଶୁଖି ଶୁଖି ଆସେ, ସେତେବେଳେ ଆଇଡ୍ରୋଫସ୍‌ରେ ମେଡ୍ରୋଫେଟ କାଲସିଅମ ମିଶାଇ ଦିଅ । ଉଭୟ କ୍ଷେତ୍ରରେ ଦିନକୁ ତିନିବାର ଦର ଏହି ମିଶ୍ରିତ ଔଷଧ ଖାଇବ ଏବଂ ରୋଗର ଅବସ୍ଥା ଭଲଆଡ଼କୁ ଆସିବା ସଙ୍ଗେ ସଙ୍ଗେ ଔଷଧର ମାତ୍ରା କମ୍ କରି ଆଣିବ ।

ଭିଟାଲ ଏସେନ୍‌ସ ଓ ଫ୍ଲକ୍‌ଟୋ-ଗ୍ଲାଇମ ସଙ୍ଗେ ଆଇଡୋଫସ୍‌ର ଚମତ୍କାର ମିଶ୍ରଣ ତିଆରି ହୁଏ । ସେଥିନିରେ ଏହାର ମିଶ୍ରଣ ଦରକାର ହୁଏ ନା । କାରଣ ମୂଳରୁ ତହିଁରେ ଆଇଡ୍ରୋଫସ୍ ମିଶିକରି ଅଛି । ମସ୍ତିଷ୍କ ଓ ସ୍ନାୟୁବିକ ଶକ୍ତିର ବୃଦ୍ଧିପାଇଁ ଏକଡ୍ରେନ୍ ଭାଇଟାଲ ଏସେନ୍‌ସ ସଙ୍ଗେ ଅଧଗ୍ରେନ୍ ଆଇଡ୍ରୋଫସ୍ ମିଶାଇ ଦିନରେ ଦୁଇଥର ଖାଇଲେ ଖୁବ୍ ଭଲ ଫଳ ମିଳେ ।

ଆୟୋନାଇଜଡ କୁଇନାଇନ (Ionized Quinine)

ସାଧାରଣ ଭାବରେ ସବୁ ପ୍ରକାର ଜ୍ୱର, ଏବଂ ମେଲେରିଆକୁ ଏହା ଅତି ଉତ୍ତମ ଔଷଧ । ସାଧାରଣ କୁଇନାଇନ୍ ବଦଳରେ ସରକାରୀ ଡାକ୍ତରଖାନା ଓ ଡାକ୍ତରମାନେ ଏହାକୁ ବ୍ୟବହାର କରୁଛନ୍ତି । କୁଇନାଇନ ବଦଳରେ ଆମର ଏହି ଶୋଧିତ ଆୟୋନାଇଜଡ଼ କୁଇନାଇନ ଯେମିତି ଶସ୍ତା, କାମ ଦେଖାଇବାରେ ମଧ୍ୟ ସେମିତି ଚମତ୍କାର । ଏହାକୁ ସେବନ କଲା ପରେ ପରେ ଜ୍ୱର ଓହ୍ଲାଇଯାଏ, ଯୁଣ୍ଡ ଲେଉଟି ଆସେ ନା । ଯକୃତ ପ୍ଳୀହା ଆଦି ଉପରେ ଭଲ କାମ କରିବା ଫଳରେ ରୋଗୀର ହଜମଶକ୍ତି ଉପରେ କୌଣସି ଅସୁ ଆସେ ନା ଏବଂ କୋଷ୍ଠ ପରିଷ୍କାର ରହେ । ଇନଫ୍ଲୁଏଞ୍ଜା ବା ଗୋଳାବନ୍ଧା ଜ୍ୱରରେ ଏହାକୁ ସେବନ କଲେ ରୋଗର ବେଗ କମିଯାଏ ଏବଂ ଜ୍ୱରର ସମୟ ହ୍ରାସ ପାଏ । ଯଦି ଗୋଡ଼ହାତ ଗୋଳାବନ୍ଧା ବେଶି ହେଉଥାଏ, ତେବେ ଫେନୋ-କାଲସାଇନ ପ୍ରୟୋଗ କର । ତହିଁରେ ତୁରନ୍ତ ଫଳ ମିଳିବ ।

ମାତ୍ରା :—ପ୍ରାପ୍ତବୟସ୍କମାନଙ୍କ ପାଇଁ ଏକ ଗ୍ରେନରୁ ୩ଗ୍ରେନ ଯାଏ । ବଟିକା ଆକାରରେ ଔଷଧ ଥିଲେ ଅଧା ବଟିକାର ପୂର୍ବ ବଟିକାଯାଏ ଖିଆଯାଇ ପାରେ । ପାଣିରେ ମିଶାଇ ମିକ୍ସଚର ରୂପେ ବ୍ୟବହାର କରିବାକୁ ହେଲେ ୫ ଗ୍ରେନଠାରୁ ୩୦ ଗ୍ରେନଯାଏ

Digitized by srujanika@gmail.com

ଅୟୋନାଇଜଡ଼ କୁଇନାଇନକୁ ୪ ଅଉନସ ପାଣିରେ ମିଶାଇ ପ୍ରତି ଏକ ଏକ ଘଣ୍ଟା ଠାରୁ ତିନ ଛଅ ଘଣ୍ଟା ଅନ୍ତରରେ ଅଧ ଅଉନ୍‌ସ ଲେଖାଏଁ ଖାଇବା ବିଧି । ଜ୍ୱର କମିଆସିବା ସଙ୍ଗେ ସଙ୍ଗେ ଏହି ମିକସଚର ସେବନର ବ୍ୟବଧାନ ବଢ଼ାଇ ଦେଉଥିବ । ପ୍ରତିଥର ଖାଇବା ଆଗରୁ ଏହି ମିକସଚରକୁ ଅଚ୍ଛା କରି ହଲାଇ ଦେବ; କାରଣ ଅଇଓନାଇଜଡ କୁଇନାଇନ ପାଣିରେ ପୂର୍ଣ୍ଣରୂପେ ମିଶି ନ ଯାଇ ଆଂଶିକ ଭାବରେ ମିଶେ । ପିଲାଙ୍କୁ ଦେଲାବେଳେ ସେମାନଙ୍କ ବୟସ ଓ ଅବସ୍ଥାକୁ ଅନାଇ ଔଷଧର ପରିମାଣକୁ ନିୟନ୍ତ୍ରିତ କରିବ । ଦେହରେ ଜ୍ୱର ଥିଲାବେଳେ ଅଳ୍ପ ଅଳ୍ପ ବ୍ୟବଧାନରେ ହାଲୁକା ମାତ୍ରାରେ ଖାଇବା ଉଚିତ । ଜ୍ୱର ନ ହେବା ପାଇଁ ସୁସ୍ଥ ଦେହରେ ଦିନକୁ ୪ ପାନ ଲେଖାଏଁ କିଛିଦିନ ଏହାକୁ ଖାଇ କ୍ରମେ ସକାଳେ କିମ୍ବା ରାତିରେ ଶୋଇଲା ବେଳେ ଦିନକୁ ଏକ ପାନ ପର୍ଯ୍ୟନ୍ତ ଆଣିଲେ ଭଲ ଫଳ ମିଳେ ।

ଏଇଚ କିଉ [H. Q] ନାମରେ ଜ୍ୱର ନିମନ୍ତେ ଯେଉଁ ଇନଜେକସନ ଅଛି ତାହାକୁ ଦିନକଠାରୁ ଚାରି ଚାରି ଦିନ ଅନ୍ତରରେ ଥରେ ଲେଖାଏଁ ଦିଆଯାଇ ପାରେ, କିନ୍ତୁ ରୋଗୀର ଅବସ୍ଥା ସୁଧୁରିବା ସଙ୍ଗେ ସଙ୍ଗେ ଦୁଇ ଇଞ୍ଜେକ୍‌ସନ ମଧ୍ୟରେ ବ୍ୟବଧାନ କ୍ରମେ ବଢ଼ାଇବାକୁ ହେବ ।

ବିଶେଷ ସୂଚନା—ଯେତେବେଳେ ଜ୍ୱର ଖୁବ୍ ପ୍ରବଳ ଥାଏ କିମ୍ବା ଅୟୋନାଇଜଡ଼ କୁଇନାଇନ ଖାଇଲେ ମଧ୍ୟ ଓହ୍ଲାଇ ନଥାଏ, ସେତେବେଳେ ଫେନୋକାଲସାଇନ୍ ବ୍ୟବହାର କଲେ ଜ୍ୱର ନିଶ୍ଚୟ ଓହ୍ଲାଇଯିବ । ଟାଇଫଏଡ କିମ୍ବା ସେପ୍‌ଟିକ୍ ଜ୍ୱରରେ ହର୍ମୋପିରନ୍ ବ୍ୟବହାର କଲେ ଭଲ ଫଳ ମିଳେ । ଫେନୋକାଲସାଇନ ସେବନରେ ଜ୍ୱର କମିଗଲେ ତେଣିକି ଜ୍ୱର ପୁଣି ଯେମିତି ନ ହେବ, ସେଥିପାଇଁ ଅଇଓନାଇଜଡ୍ କୁଇନାଇନ ପ୍ରତିଷେଧକ ରୂପେ ଖାଅ । ସ୍ନାୟବିକ ଦୁର୍ବଳତା ଥିଲେ ଭାଇଟାଲ୍ ଏସେନ୍‌ସ ବ୍ୟବହାର କର । ପୁରୁଣା ମେଲେରିଆରେ କିମ୍ବା ଯେଉଁ ମେଲେରିଆ ଅନ୍ତ ଭିତରେ ଲୁଚି ରହିଥାଏ, ତହିଁରେ ଓପୋକୁଇନାଇନ ବ୍ୟବହାର କର । ଏ ପ୍ରକାର ପୁରୁଣା ଜ୍ୱରପାଇଁ ଏ ଔଷଧ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଛି ।

କାଇନୋଟୋମାଇନ (Kynotomine)—

ଆକସ୍ମିକ ବ୍ୟାଧିରେ ହଠାତ୍ ପ୍ରୟୋଜନରେ ଲାଗିବା ପାଇଁ ଏହା ଅଦ୍ୱିତୀୟ ।

ଆମ ଆୟୁର୍ବେଦ ଶାସ୍ତ୍ରର ପ୍ରଣେତା ମୁନିଋଷିମାନଙ୍କ ଜ୍ଞାନ ଗରିମା କିପରି ଥିଲା, ତାହା ଏହି ଔଷଧରୁ ବେଶ୍ ଜଣାପଡ଼େ । ଏ ଯୁଗରେ ୟୁରୋପୀୟ ବୈଜ୍ଞାନିକମାନେ ମଧ୍ୟ ଏହାର ପ୍ରଶଂସା ମୁକ୍ତକଣ୍ଠରେ କରୁଅଛନ୍ତି ।

୧ । କାମଳରେ କାଇନୋଟୋମାଇନ ବିଶେଷ କରି ଫଳପ୍ରଦ ଔଷଧ ଅଟେ । ଏହାର ବ୍ୟବହାରରେ କାମଳ ରୋଗ ଅତି ଶୀଘ୍ର ଭଲ ହୋଇଯାଏ । ଯଦି କୋଷ୍ଠକାଠିନ୍ୟ ଥାଏ, ହରବାଲ ବିଟାର୍ସ ଦିଆଯାଇ ପାରେ ।

Digitized by srujanika@gmail.com

୨ । ଆକସ୍ମିକ ବ୍ୟାଧି [Emergency Cases] ରୋଗର ଜରୁରୀ ଅବସ୍ଥାରେ ଯେତେବେଳେ ରୋଗ ଠିକରୂପେ ଚିହ୍ନି ହେଉନାହିଁ, ଅବସ୍ଥା ଜଟିଳ, ରୋଗୀ ପୀଡ଼ାଗ୍ରସ୍ତ ହୋଇ ଛଟପଟ ହେଉଅଛି, ସେପରି ଅବସ୍ଥାରେ କାଇନୋଫୋମାଇନ ପ୍ରୟୋଗରେ ଭଲ ଫଳ ମିଳେ । ଅତି ଅଳ୍ପ ସମୟ ମଧ୍ୟରେ ରୋଗୀର ଅବସ୍ଥାର ପରିବର୍ତ୍ତନ ହୁଏ । ଏଣୁ ଚିକିତ୍ସକଙ୍କର ରୋଗ ନିର୍ଣ୍ଣୟରେ ଏବଂ ଔଷଧ ନିର୍ବାଚନରେ ସୁବିଧା ହୁଏ ।

ମାତ୍ରା—ଶିଶୁଙ୍କ ନିମନ୍ତେ ଚଉଠା ଗ୍ରେନରୁ ୨ ଗ୍ରେନ୍ ପର୍ଯ୍ୟନ୍ତ ଅଥବା ଅଧିକ ପ୍ରାପ୍ତବୟସ୍କ ବ୍ୟକ୍ତି ପାଇଁ ୧୦ ଗ୍ରେନଗୁଡ଼ା ପିଅଲ୍ଲରେ ଅଧ ପିଅଲ୍ଲ ଗରମ ପାଣି ସହିତ ଗୋଳି ପ୍ରତି ୧୦ ମିନିଟ ଅନ୍ତର ଅନ୍ତରରେ ଗୁଡ଼ାଏ ଚାମଚରେ ଏକ ଏକ ଚାମଚ ଦିଅ । ରୋଗୀର ଅବସ୍ଥା ଯେତେ ଭଲ ଆଡ଼କୁ ଯାଉଥିବ ଔଷଧ ଖୁଆଇବାରେ ବ୍ୟବଧାନ ସେତେ ବଢ଼ାଇ ଦେଉଥିବ ।

ଟାଙ୍କ—ମୁଣ୍ଡର ବାଳ ଉପୁଡ଼ି ଯାଉଥିଲେ (Alopecia) ନିମ୍ନଲିଖିତ ମତେ ଔଷଧଟି ପ୍ରସ୍ତୁତ କରି ଗାଧୋଇବା ପୂର୍ବରୁ ଆକ୍ରାନ୍ତ ସ୍ଥାନରେ ମାଲିସ କଲେ ଭଲ ଉପକାର ମିଳେ ।

କାଇନୋଫୋମାଇନ ୩୦ ଗ୍ରେନ ଭେସେଲିନ ୧ଆଉନ୍ସ ମିଶାଇ ଅଚ୍ଛା କରି ଫେଣ୍ଟି ସକାଳେ ସନ୍ଧ୍ୟାରେ ମୁଣ୍ଡରେ ମାଲିସ କର ।

ମାଗନାଇନ (Magnine)—

ଅଧିକ ଅମ୍ଳ ହେଲେ ପେଟ ଭିତରେ ଘା କିମ୍ବା ବଥ ଅଦି (Gastro and Duodenal ulcer) ହେଲେ, ବାତ ପ୍ରଧାନ ମନ୍ଦାଗ୍ନି ହେଲେ, କୋଷ୍ଠବଦ୍ଧତା ହେଲେ ଓ ପେଟ ଦରଜ ହେଲେ ଏହା ଖୁବ୍ ଉପଯୋଗରେ ଆସେ । ପେଟରେ ଅଧିକ ଅମ୍ଳ ହେଲେ ଏହାକୁ ସେବନ କଲାମାତ୍ରେ ଭଲ ଫଳ ମିଳେ । ଅନ୍ୟ କୌଣସି ପ୍ରକାର ପ୍ରତିକ୍ରିୟା ସୃଷ୍ଟି ନକରି ବା ଦ୍ୱିତୀୟ ବାର ଅଧିକ ଅମ୍ଳ ନ ଉପୁଜାଇ ପାକସ୍ଥଳୀରେ ଅମ୍ଳର କ୍ରିୟାଶକ୍ତିକୁ ଏହା ନଷ୍ଟ କରିଦିଏ । ବେଲ୍ଲଡୋନା ଓ ଅନ୍ୟାନ୍ୟ ଦେଶୀୟ ଚେରମୂଳ ଏଥିରେ ଥିବାରୁ ଅଧିକ ପାଚକରସ କ୍ଷରଣକୁ ଏହା ବନ୍ଦ କରିଦିଏ ।

ପେଟ ଓ ଅନ୍ତରେ ଫୁଲା କିମ୍ବା ଦରଜ ହୋଇଥିଲେ ମାଗନାଇନ ସେବନ କଲେ ସଙ୍ଗେ ସଙ୍ଗେ ଆରାମ ମିଳେ । ଅଧିକ ମାତ୍ରାରେ ଖାଇଦେଲେ କୋଷ୍ଠ ପରିଷ୍କାର ହୁଏ ।

ମାଗନାଇନ ସେବନରେ ଯକୃତ ସକ୍ରିୟ ହୋଇ ଉଠେ ଏବଂ ତାର କ୍ଷରଣ ବଢ଼ିଯାଏ । ଫଳରେ ପିତ୍ତରସ ଅଧିକ କ୍ଷରିତ ହୁଏ । ଏହି ପିତ୍ତରସ ଖାଦ୍ୟ ପରିପାକ କ୍ରିୟାରେ ଅତି ପ୍ରୟୋଜନୀୟ ଏବଂ ବାତ ପ୍ରକୋପ ବା ପେଟଫମ୍ପା ଆଦିରେ ଅତ୍ୟନ୍ତ ଉପକାରୀ ।

ମାତ୍ରା —ପ୍ରାପ୍ତବୟସ୍କମାନଙ୍କ ପାଇଁ ଗୁଡ଼ା ଚାମଚର ଚଉଠା ଚାମଚଠାରୁ ଅଧ ଚାମଚ ପର୍ଯ୍ୟନ୍ତ ଏବଂ ପିଲାମାନଙ୍କ ପାଇଁ ସେମାନଙ୍କ ବୟସ ଅନୁସାରେ,

Digitized by srujanika@gmail.com

ଖାଇବାର ଘଣ୍ଟାଏ କିମ୍ବା ଦୁଇଘଣ୍ଟା ଆଗରୁ କିମ୍ବା ପରେ ସେବନୀୟ । ନତୁବା ଯେତେବେଳେ ପେଟ କିମ୍ବା ଅନ୍ତ୍ରରେ ପୀଡ଼ା, ଦରଜ ବା ବ୍ୟଥା ଜଣାପଡ଼ିବ, ସେତେବେଳେ ଖିଆ ଯାଇପାରେ । ପେଟ ଭିତରେ ଘା ହୋଇଥିଲେ ପ୍ରତ୍ୟେକ ଥର ପଥ୍ୟ ଖାଇ ସାରିଲା ପରେ ସେବନ କରିବାକୁ ହେବ ।

କୋଷ୍ଠବଦ୍ଧତାରେ ଔଷଧର ମାତ୍ରା ପରିମାଣ ଟିକିଏ ବଢ଼ାଇ ଦେବାକୁ ହେବ ଏବଂ ରାତିରେ ଶୋଇଲାବେଳେ ଅଧିକ ଏକଥାନ ଖାଇବାକୁ ହେବ ।

ମେଡ଼ିକେଟେଡ କାଲସିଅମ୍ [Medicated Calcium]

ରକ୍ତ ଓ ଫୁସ୍ଫୁସ୍‌ଗତ ରୋଗପାଇଁ ଏହା ଅଭିପ୍ରେତ । ପୁରୁଣା କାଶ ରୋଗରେ ଏହା ବିଶେଷ ଉପକାରୀ । ରକ୍ତ ଓ ଶ୍ୱାସନଳୀରୁ ଦୂଷିତ କଫ ଓ କଫ ଇତ୍ୟାଦିକୁ ପଦାକୁ କାଢ଼ିବା ବିଷୟରେ ଏହା ତୁଲ୍ୟ ଔଷଧ ଆଉ ନାହିଁ । ନୂଆ କାଶ ରୋଗରେ ଆମ ୫ ନମ୍ବର ଔଷଧ ବ୍ୟବହାର କର । ପୁରୁଣା ବ୍ରୋଙ୍କାଇଟିସ୍ (ଶ୍ୱାସନଳୀର ପ୍ରଦାହ) ଓ କ୍ଷୟ କାଶରେ ଏହା ବିଶେଷ ଉପକାରୀ । କ୍ଷୟକାଶ ରୋଗରେ ଗରମ ଦୁଧ କିମ୍ବା ଅଳ୍ପ ଟିକିଏ ପାଣିରେ ଏ ଔଷଧର ହାଲୁକା ମାତ୍ରା ଗୋଳାଇ ସେବନ କର । ଲୋକେ ଏହି ସବୁ ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଲୋକେ ହଜାର ହଜାର ଟଙ୍କା ଖର୍ଚ୍ଚ କରନ୍ତି, କିନ୍ତୁ ମେଡ଼ିକେଟେଡ଼ କାଲସିଅମ ସେବନ କଲେ ଅଳ୍ପ ଖର୍ଚ୍ଚରେ ଓ ଅଳ୍ପ ସମୟରେ ଭଲ ଫଳ ମିଳେ । ଶ୍ୱାସ ରୋଗରେ କାଶ ହେଲେ ଏ ଔଷଧ ମଧ୍ୟ ଉପକାର କରେ । କାଶ ଯେତେବେଳେ ଅତ୍ୟନ୍ତ ଯନ୍ତ୍ରଣା ଦିଏ, ସେତେବେଳେ ଡେନଜାଇନ ବ୍ୟବହାର କର । ନିଉମୋନିଆରେ ମେଡ଼ିକେଟେଡ କାଲସିଅମ ସଙ୍ଗେ ଆଇଡ୍ରୋଫସ ଗୋଟିଏ ପରେ ଗୋଟିଏ ଖାଇଲେ ମରିଥିବା ଲୋକ ବି ବଞ୍ଚିଯାଏ । ମେଡ଼ିକେଟେଡ କାଲସିଅମ ସଙ୍ଗେ ଆଇଡ୍ରୋଫସ ଖାଇବା ମଝିରେ ମଝିରେ ଛାତି ଉପରେ କାମ କିମ୍ବା ଟେର୍ପିଆଏଲ ମାଲିସ କର ଓ ଭଲ ବୋଧକଲେ ଶୁଖିଲା କିମ୍ବା ଓଦା ସେକ ଦିଅ ।

ମାତ୍ରା—ପ୍ରାପ୍ତବୟସ୍କମାନଙ୍କ ପାଇଁ ୧ ଗ୍ରେନରୁ ୨ ବା ୩ ବାର ସେବ୍ୟ । ଦୁଗ୍ଧ କିମ୍ବା ମଧୁ ସହିତ ମିଶାଇ ଖାଇବା ସବୁଠାରୁ ଭଲ । କ୍ଷୟ ରୋଗରେ ଅଧିକ ମାତ୍ରାରେ ଔଷଧ ସେବନ କଲେ କାଶ ବଢ଼ିଯାଏ ମାତ୍ର ଅଳ୍ପ ମାତ୍ରାରେ ସେବନ କଲେ ରୋଗର ଉପଶମ ହୁଏ ।

ମେଡ଼ିକେଟେଡ ଟୁଥ ପାଉଡ଼ର [Medicated Tooth Powder]—

ଦନ୍ତ ରୋଗପାଇଁ । ନିୟମିତ ଭାବରେ ଏହାକୁ ବ୍ୟବହାର କଲେ ଦାନ୍ତ ସଫା ରହେ ଓ ମଜବୁତ ହୁଏ ଏବଂ ରୋଗର କୀଟାଣୁମାନ ନଷ୍ଟ ହୁଏ । ଏହା ଫଳରେ ପାଇଓରିଆ ରୋଗ ଧରେ ନାହିଁ । ଆଙ୍ଗୁଳିରେ ଏହି ପାଉଡ଼ରକୁ ଦାନ୍ତମୂଳରେ ଘଷ; କାରଣ ତଦ୍ୱାରା ଦାନ୍ତମୂଳ ମାଢ଼ିରେ ଏହି ଚୂନା ପଶି ହେବ ଓ ମାଢ଼ି ଭଲ ରହିବ । ଏହା ପରେ ବ୍ରସ୍ ଯୋଗେ ଦାନ୍ତର ଭିତର ପଟ ଓ ବାହାର ପଟ ସଫା କର । ୧୦।୧୫ ମିନିଟ ଯାଏ କୁଳି କରନା । ରାତିରେ ଶୋଇଲାବେଳେ ଏହି ପାଉଡ଼ରକୁ ଯଦି ବ୍ୟବହାର

Digitized by srujanika@gmail.com

କର, ତେବେ ସକାଳ ଯାଏ ମୁହଁ ଧୁଅ ନା। ଏହ ପାଉଡ଼ର କୌଣସି ପ୍ରକାର କ୍ଷତ କରେ ନା। ତେଣୁ ପେଟ ଭିତରକୁ ଗଲେ କୌଣସି ଅନିଷ୍ଟର ଆଶଙ୍କା ନ ଥାଏ।

ନୋଟ—ମେଡିକେଟେଡ଼୍ ଟୁଥ୍-ପାଉଡ଼ର ବ୍ୟବହାର କଲେ ଯଥା ସମୟରେ ପାଇଓରିଆ ଭଲ ହୋଇଯାଏ। ଦାନ୍ତମୂଳରୁ ଯଦି ବେଶି ପୂଜ ବାହାରୁଥାଏ, ତେବେ ଓ ଓ ଟି ଲଗାଇଲେ ଶୀଘ୍ର ପୂଯ ହେବା ବନ୍ଦ ହୋଇଯିବ। ଆମ ପାଖକୁ ଥରେ ଗୋଟିଏ ରୋଗୀ ଆସିଥିଲା। ତାର ସବୁ ଦାନ୍ତମୂଳରେ ପୂଯ ହୋଇଯାଉଥିଲା। କିନ୍ତୁ ସକାଳ ଓ ସନ୍ଧ୍ୟାରେ ୪।୫ ଦିନ ଓ ଓ ଟି ବ୍ୟବହାର କରିବା ଫଳରେ ପୂଯ ପଡ଼ିବା ବନ୍ଦ ଗଲା। କିନ୍ତୁ ଏହା ବୋଲି ଯେ ପାଇଓରିଆ ଭଲ ହୋଇଗଲା, ତାହା ନୁହେଁ। ଏତିକିରେ ପାଇଓରିଆ ଚିକିତ୍ସା ସଂପୂର୍ଣ୍ଣ ହେଲା ନାହିଁ। ଏହା ସଙ୍ଗେ ସଙ୍ଗେ ପାକସ୍ଥଳୀର ଚିକିତ୍ସା ମଧ୍ୟ ହେବା ଦରକାର। କାରଣ ଦନ୍ତରୋଗ ଅପୁଷ୍ଟିକର ଖାଦ୍ୟ ଓ ବଦହଜମି ଆଦି ପେଟ ରୋଗରୁ ଉତ୍ପନ୍ନ ହୋଇଥାଏ। ତେଣୁ ପେଟକୁ ଠିକ୍ ବାଟରେ ଆଣିବା ହେଉଛି ପାଇଓରିଆ ଚିକିତ୍ସାରେ ପ୍ରଥମ କାମ। ତା ସଙ୍ଗେ ସଙ୍ଗେ ଦାନ୍ତ ଓ ମାଡ଼ିକୁ ସଫା ଓ ସୁସ୍ଥ ରଖିବା ପାଇଁ ଯତ୍ନ ନେବାକୁ ହେବ। ନଚେତ୍ ପାକସ୍ଥଳୀର ଅବସ୍ଥା ଖରାପ ହୋଇ ପୁଣି ରୋଗ ଉପୁଜିବ। ପେଟ ରୋଗରୁ ଦନ୍ତରୋଗ ହୁଏ ଏବଂ ଦାନ୍ତରେ ଗଲୁ ପେଟରୋଗ ମଧ୍ୟ ହୁଏ। ଏହା ଏକ ଭୀଷଣ ଗୋଲକଧନ୍ଦା।

ମେଥିଲଓଡ଼ [Methiliod]—

ଟାଇଫଏଡ଼ ଜ୍ୱରପାଇଁ ଏହା ଏକ ଉତ୍କୃଷ୍ଟ ଔଷଧ। ଏହାକୁ ସେବନ କଲେ ଦେହରୁ ଉତ୍ତାପ କମି ଜ୍ୱର ଓହ୍ଲାଇ ଯାଏ, ପ୍ରଳାପ ବନ୍ଦ ହୋଇଯାଏ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଉପସର୍ଗମାନ ଦୂର କରେ। ଗନୋରିଆ ବା ମେହରୋଗରେ ମୂତ୍ରନଳୀକୁ ଏଥିରେ ଧୋଇଲେ ପୋଡ଼ାଜ୍ୱାଳା ବନ୍ଦ ହୁଏ। ମୂତ୍ରନଳୀକୁ ଧୋଇବାପାଇଁ ୫ ଗ୍ରେନରୁ ୧୦ ଗ୍ରେନ୍ ଯାଏ ମେଥିଲ୍‌ଓଡ଼ ଓ ୩ ଗ୍ରମଚ ଚିନି ୪ ଆଉନ୍ସ ପାଣିରେ ଏପରି ଗୋଳାଅ, ଯେପରି ଚିନି ପାଣିରେ ମିଶିଯିବ। ଏହାପରେ ଉକ୍ତ ଔଷଧକୁ ପିଚକାରୀରେ ଭର୍ତ୍ତି କରି ମୂତ୍ରନଳୀ ଭିତରକୁ ଛାଡ଼, ତରତର ହୋଇ ପିଚକାରୀରୁ ପାଣି ମୂତ୍ରନଳୀ ଭିତରକୁ ଛାଡ଼ନା—ଧୀରେ ଧୀରେ ଛାଡ଼, ମୂତ୍ରନଳୀର ମୁହଁକୁ ମିନିଟିଏ କି ଦୁଇ ମିନିଟ ପର୍ଯ୍ୟନ୍ତ ଉପରମୁହାଁ କରି ରଖ, ଯେପରି କି ଔଷଧ ପାଣି ପଦାକୁ ବାହାରି ନ ଆସେ। ପ୍ରତି ଥର ୨।୩ ପିଚକାରୀ ପାଣି, କେତେବେଳେ ପିଚକାରୀଏ ପାଣି ହେଲେ ଧୁଆକାମ ସରିଯିବ। ୩ ଘଣ୍ଟାଠାରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ଅନ୍ତରରେ ଦିନ ଭିତରେ ୨।୪ ଥର ମୂତ୍ରନଳୀକୁ ଏହିରୂପେ ଧୋଇନେଲେ ମେହରୋଗର ସବୁ ପୋଡ଼ାଜ୍ୱାଳା ବନ୍ଦ ହୋଇଯାଏ। ସ୍ତ୍ରୀଲୋକମାନଙ୍କ ଯୋନିକୁ ମଧ୍ୟ ଏହିପରି ଔଷଧମିଶା ପାଣିରେ ପିଚକାରୀ ଯୋଗେ ଧୋଇଲେ ଉପକାର ମିଳେ। କ୍ଷତସ୍ଥାନ ମଧ୍ୟ ଏହି ପାଣିରେ ଧୁଆଯାଏ। ପାଟିରେ ଘା ହେଲେ, ତଣ୍ଟିମୂଳ ଦରଜ ହୋଇ ଲାଲ ଲାଲ ହେଲେ ଓ ଟନସିଲ୍ ବଢ଼ିଗଲେ ଏହି ମେଥିଲ୍‌ଓଡ଼ମିଶା ପାଣିରେ କୁଳି କଲେ ତୁରନ୍ତ ଭଲ ଫଳ ମିଳେ। ୪।୫ ରତି ମେଥିଲ୍‌ଓଡ଼୍‌କୁ ରେ ୨।୪ ବୁନ୍ଦା ପାଣି ଦେଇ ଗୋଳାଅ, ପରେ ସେହି ଗୋଳାକୁ ତୁଳାକାଠିରେ

Digitized by srujanika@gmail.com

ଗୁଡ଼ାଇ ନେଇ ବନ୍ଧାଥିବା ଫ୍ଲାନେଲ କନା ଗଳାରେ ଲଗାଇଲେ ଖୁବ୍ ଉପକାର ହୁଏ । ଆୟୋଡିନ ଓ ହର୍ମୋପିରିନ ସଙ୍ଗେ ଏହାକୁ ଅଷ୍ଟୁଗଣ୍ଠି ଅବା ବାତ ରୋଗରେ ପ୍ରୟୋଗ କଲେ ମଧ୍ୟ ଭଲ ଫଳ ମିଳେ ।

ନର୍ଭୋଲ (Nervol)—

ମସ୍ତିଷ୍କ ଓ ସ୍ନାୟୁମଣ୍ଡଳ ପାଇଁ । ଏହି ତେଲ ମାଲିସ କଲେ ମସ୍ତିଷ୍କ ଓ ସ୍ନାୟୁମଣ୍ଡଳ ଉପରେ ଉଦାର ଗଭୀର ପ୍ରଭାବ ପଡ଼େ । ମୁଣ୍ଡରେ ଲଗାଇବା ତେଲ ରୂପେ ଯଦି ଏହାକୁ ବ୍ୟବହାର କରାଯାଏ, ତେବେ ଶୋଇବାର ୨।୩ ଘଣ୍ଟା ଆଗରୁ ଭଲ କରି ବାଳ ଓ ମୁଣ୍ଡ ଖପୁରିରେ ମାଲିସ କଲେ ଗାଢ଼ନିଦ୍ରା ହୁଏ । ସ୍ନାୟୁମଣ୍ଡଳର ଗୋଳମାଳ ଦୂର ହୋଇ ମସ୍ତିଷ୍କ ଓ ସ୍ନାୟୁର ଶକ୍ତି ତାଜା ହୋଇ ଉଠେ । ମୁଣ୍ଡରେ ମାଲିସ କରିବା ସଙ୍ଗେ ସଙ୍ଗେ ଯଦି କାନରେ ଏଥିରୁ ୨।୪ ବୁନ୍ଦା ପକାଯାଏ, ତେବେ ଚମତ୍କାର ଫଳ ମିଳେ । ମୃଗୀ ଓ ହିଷ୍ଟିରିଆ ଅବା [Epilepsy and Hysteria] ରୋଗର ଚିକିତ୍ସାରେ ଏବଂ ସ୍ନାୟୁ-ମଣ୍ଡଳର ଦୁର୍ବଳତାରେ ଏହି ତେଲକୁ ତଳପେଟରେ [abdomen] ଓ ମୁଣ୍ଡରେ ମାଲିସ କର ଏବଂ କାନରେ ପକାଅ । ଛୋଟ ଛୁଆ ଓ ପିଲାମାନଙ୍କୁ ଗାଧୋଇ ଦେବା ଆଗରୁ ଏହି ତେଲ ଏକଭାଗ ସଙ୍ଗେ ଯେ କୌଣସି ଲଗାଇବା ତେଲ ପାଞ୍ଚଭାଗରୁ ଦଶ ଭାଗଯାଏ ମିଶାଇ ସାରା ଦେହରେ ଦୈନିକ ମାଲିସ କଲେ ସେମାନେ ଶୀଘ୍ର ହୃଷ୍ଟପୁଷ୍ଟ ହୋଇ ଉଠନ୍ତି, ଗାଢ଼ ନିଦରେ ଶୁଅନ୍ତି ଏବଂ ଖେଳ କସରତରେ ବେଶ ଫୁର୍ତ୍ତିରେ ରହନ୍ତି । ପକ୍ଷାଘାତ ରୋଗରେ ଶରୀରର ଯେଉଁ ଅଂଶ ଆକ୍ରାନ୍ତ ହୋଇଥିବ, ସେହି ଅଂଶରେ କିମ୍ବା ସାରା ଦେହରେ ଏହି ତେଲକୁ ଦୈନିକ ମାଲିସ କଲେ ଆରୋଗ୍ୟ ହେବାରେ ରୋଗୀକୁ ଏହା ଆଶ୍ଚର୍ଯ୍ୟ ରକମର ସାହାଯ୍ୟ କରେ । ସ୍ୱାସ୍ଥ୍ୟ ଭଲ ରଖିବା ପାଇଁ ସପ୍ତାହକେ ଥରେ ସାରା ଶରୀର ଉପରେ ଏହି ତେଲ ମାଲିସ କଲେ ଚମତ୍କାର ଫଳ ମିଳେ ଏବଂ ନାନା ରୋଗର ଆକ୍ରମଣରୁ ରକ୍ଷା ମିଳେ । ମାଲ୍ଦାରର ନାମଜାଦା ଚିକିତ୍ସକମାନଙ୍କଠାରୁ ମୂଳସୂତ୍ର ପାଇ ଆମେ କେତେଗୁଡ଼ିଏ ଚେରମୂଳ ଯୋଗେ ଏ ତେଲ ତିଆରି କରିଛୁ । ମୁଣ୍ଡରୁ ବାଳ ଝଡ଼ି ଯାଉଥିଲେ ଏହାକୁ ବ୍ୟବହାର କଲେ ବାଳମୂଳ ମଜବୁତ ହୋଇ ବାଳ ଝଡ଼ିବା ବନ୍ଦ ହୋଇଯାଏ ।

ନର୍ଭୋପ୍ଲେକ୍ସ [Nervo-Plex]—

ଅତ୍ୟଧିକ ମାନସିକ ବେଗ ଅଥବା ଉଚିତ ଆହାରର ଅଭାବ କିମ୍ବା କ୍ଷୀଣ ପାଚନ ଶକ୍ତି ଫଳରେ ସ୍ନାୟୁମଣ୍ଡଳରେ ଯେଉଁସବୁ କଷ୍ଟସାଧ୍ୟ ରୋଗ ଜାତ ହୁଏ, ସେ ସବୁର ଚିକିତ୍ସା ପାଇଁ ଏହି ଔଷଧଟି ଅତ୍ୟନ୍ତ ଉପଯୋଗୀ । ସ୍ନାୟୁମଣ୍ଡଳ, ଉଦର ଓ ଅନ୍ତଗତ ରୋଗର ଚିକିତ୍ସା ଆଧୁନିକ ଯୁଗରେ ଚିକିତ୍ସା-ଜଗତରେ ଏକ ପ୍ରଧାନ ସମସ୍ୟାରୂପେ ଦେଖା ଦେଇଛି । ଏ ଦୁଇଟି ପରସ୍ପର ସଙ୍ଗେ ଏଭଳି ଘନିଷ୍ଠ ଭାବରେ ସଂଯୁକ୍ତ ଯେ, ଆମେ ସେ ଦୁଇଟିକୁ ସବୁ ରୋଗର ମୂଳକାରଣ ବୋଲି ମାନି ନେଇଛୁ । ବିଶେଷତଃ ଏ ଯୁଗର ଶିକ୍ଷିତ ଲୋକଙ୍କ ଉପରେ ଦୃଷ୍ଟି ରଖି ଆମେ ଏ ସିଦ୍ଧାନ୍ତରେ ପହଞ୍ଚିଛୁ । କାରଣ ଏ ରୋଗସବୁ ପ୍ରାୟଶଃ ମାନସିକ ବେଗରୁ ଉତ୍ପନ୍ନ ହୋଇଥାଏ । ଆଜିକାଲି ଆମ ଶିକ୍ଷିତ

Digitized by srujanika@gmail.com

ସଂପ୍ରଦାୟୁକ୍ତ ଶୀତନଯନ୍ତ୍ରା ଧାତୁବାହକ ଭିତରେ ଗୋଟାଏ ଗୋଟାଏ ମାନସିକ ବେଗ ଓ ଉତ୍ତେଜନାର ଶିକୁଳ ଭିତରେ ନିୟନ୍ତ୍ରିତ ହେଉଅଛି ।

ବିଶେଷ ସୂଚନା

ନିର୍ଦ୍ଦେଶ :—(୧) ଉଦର ଓ ଅନ୍ତ୍ର ରୋଗରେ ନର୍ଭୋପ୍ଲେକ୍ସ ଯାହା ସାହାଯ୍ୟ କରେ ଏବଂ ତାର ଯେଉଁ ଫଳ ମିଳି ନ ଥାଏ, ତାକୁ ତୁରନ୍ତ ଦେଖାଇ ଦିଏ । ଯେଉଁମାନଙ୍କର ସ୍ନାୟୁବିକ ଶକ୍ତି କ୍ଷୀଣ ଓ ଦୁର୍ବଳ, ଯେଉଁମାନେ ସ୍ୱଭାବତଃ ଚିଡ଼ଚିଡ଼ା ପ୍ରକୃତିବିଶିଷ୍ଟ, ସବୁବେଳେ ଚଞ୍ଚଳ ଓ ଅଳ୍ପ କଥାରେ ଉତ୍ତେଜିତ ହୋଇ ଉଠନ୍ତି, ସବୁବେଳେ ଚିନ୍ତିତ ହୋଇ ରହିଥାନ୍ତି ଏବଂ ହିଷ୍ଟିରିଆ ଓ ମୃଗୀ ଆଦି ରୋଗ ଭୋଗୁଥାନ୍ତି, ସେହି ରୋଗୀମାନଙ୍କ ପକ୍ଷରେ ନର୍ଭୋପ୍ଲେକ୍ସ ଅତ୍ୟନ୍ତ ଉପଯୋଗୀ । ଯେଉଁ ସ୍ତ୍ରୀଲୋକମାନେ ମାସିକ ଋତୁଗତ ରୋଗରେ କଷ୍ଟ ପାଉଥାନ୍ତି ଏବଂ ତା ସଙ୍ଗେ ସଙ୍ଗେ ସେମାନଙ୍କର ହଜମଶକ୍ତି ମଧ୍ୟ କ୍ଷୀଣ ଓ ଦୁର୍ବଳ ହୋଇ ଆସିଥାଏ, ସେମାନଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ ଅଟେ ।

(୨) ନର୍ଭୋପ୍ଲେକ୍ସ ଉଦର ଓ ଅନ୍ତ୍ରପୀଡ଼ା ଏବଂ ଶୂଳ ବେଦନା ଦୂର କରେ । ପେଟ ଭିତରେ ଅନ୍ତ୍ରରେ କ୍ଷତ ହୋଇଥିଲେ ପେଟ ଭିତରର ସମସ୍ତ ବେଦନା ବ୍ରେନୋପ୍ଲେକ୍ସ ସହିତ ଏହାକୁ ସେବନ କଲେ ଅପସରି ଯାଏ ।

(୩) ନର୍ଭୋପ୍ଲେକ୍ସ ଶ୍ୱାସ ଓ ଶ୍ୱାସନଳୀଗତ ରୋଗରେ ଏବଂ କଣ୍ଠଦାୟକ କାଶରେ ସେବନ କଲେ ସଙ୍ଗେ ସଙ୍ଗେ ଉପକାର ମିଳେ । ବିଶେଷତଃ ରୋଗୀର ପାଚନ ଶକ୍ତି ଯେତେବେଳେ କ୍ଷୀଣ ବା ଦୁର୍ବଳ ହୋଇ ଯାଇଥିବ, ସେତେବେଳେ ଏହା ତୁରନ୍ତ କାମ ଦେଖାଏ ।

(୪) ଏଥିରୁ ଅଳ୍ପ କେତୋଟି ପାନ ସେବନ କଲେ, ଏପରିକି କେତେକ ସ୍ଥଳରେ ପ୍ରଥମ ପାନକ ସେବନ କରି ସାରିଲା ପରେ ମଧ୍ୟ ରୋଗୀ ଆରାମ ଅନୁଭବ କରେ ଏବଂ ନୀରୋଗ ହୋଇ ଆସୁଥିବାର ବିଶ୍ୱାସ ତା'ର ଜନ୍ମେ । ଏହାର କାରଣ ହେଉଛି ଏହି ଯେ, ସ୍ନାୟୁବିକ ବେଗକୁ ଶାନ୍ତ କରିବା ବିଷୟରେ ନର୍ଭୋପ୍ଲେକ୍ସ ଶକ୍ତି ଅସୀମ । ତେଣୁ ସ୍ନାୟୁବିକ ରୋଗକୁ ଆରୋଗ୍ୟ କରିବାରେ ନର୍ଭୋପ୍ଲେକ୍ସ ହେଉଛି ପ୍ରଥମ ଅସ୍ତ୍ର ।

(୫) ପାଗଳାମୀ, ମୃଗୀ, ହିଷ୍ଟିରିଆ, ମୂର୍ଚ୍ଛା, ଅନିଦ୍ରା, କ୍ଳାନ୍ତି ଓ ଅବସାଦ ତଥା ମୁଣ୍ଡ ବୁଲାଇବା ଓ ପକ୍ଷାଘାତ ଆଦି ଯେଉଁ ସବୁ ରୋଗର ସ୍ନାୟୁମଣ୍ଡଳ ସଙ୍ଗେ ସମ୍ପର୍କ ଥାଏ, ସେ ସବୁ ରୋଗ ନର୍ଭୋପ୍ଲେକ୍ସ ସେବନରେ ଶୀଘ୍ର ନଷ୍ଟ ହୋଇଯାଏ ।

ଟୀକା (Note)—ନର୍ଭୋପ୍ଲେକ୍ସରେ ଭାଇଟାଲ ଏସେନ୍ସ (ସ୍ନାୟୁବିକ ବେଗନାଶକ), ଜି. ଆଇ. ହରମୋନ୍ସ (ପାଚନ ସମ୍ବନ୍ଧୀୟ ରୋଗ ନିବାରକ) ଏବଂ ଓ. ଏସ. ଏସ. (କୁଅଭ୍ୟାସ ଫଳରେ ଜାତ ରୋଗ-ବିନାଶକ) ର ମିଳିତ ଗୁଣ ମୂଳ କରାଯାଇଅଛି ।

Digitized by srujanika@gmail.com

ପ୍ରୟୋଗ ବିଧି—

ରୋଗର ଉଗ୍ରବେଗ ଥିଲାବେଳେ ପ୍ରାପ୍ତବୟସ୍କମାନଙ୍କ ପକ୍ଷରେ ପ୍ରତି ଏକ ଏକ ଘଣ୍ଟାଠାରୁ ତିନି ତିନି ଘଣ୍ଟା ଅନ୍ତରରେ ଥରକେ ଏକ ଗ୍ରେନ୍‌ଠାରୁ ତିନି ଗ୍ରେନ୍‌ଯାଏ ସେବନୀୟ । ରୋଗ କମିବା ସଙ୍ଗେ ସଙ୍ଗେ ଔଷଧର ମାତ୍ରା କମାଅ ଏବଂ ସେବନର ବ୍ୟବଧାନ ବଢ଼ାଅ । ତୁରନ୍ତ ଫଳ ପାଇବା ପାଇଁ ଗରମ ପାଣିରେ କିମ୍ବା ଦୁଧରେ ଗୋଳାଇ ନବୁନା ଜିଭ ଉପରେ ରଖି ଜ୍ୱରନର ଏକଘଣ୍ଟା ପୂର୍ବରୁ କିମ୍ବା ୨।୩ ଘଣ୍ଟା ପରେ ସେବନ କରିବ । ପିଲାମାନଙ୍କ ପାଇଁ—ପ୍ରାପ୍ତବୟସ୍କମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ମାତ୍ରାର ଅଧା ଏବଂ ଛୋଟ ଶିଶୁଙ୍କ ପକ୍ଷରେ ପିଲାଙ୍କର ଅଧା ମାତ୍ରାରେ ଔଷଧ ସେବନୀୟ । ରୋଗର ଉଗ୍ର ଅବସ୍ଥାରେ ଔଷଧର ଡବଲ ମାତ୍ରା ମଧ୍ୟ ଦିଆଯାଇପାରେ । କିନ୍ତୁ ରୋଗ କମି ଆସିବା ସଙ୍ଗେ ସଙ୍ଗେ ମାତ୍ରା ପରିମାଣ କମାଇ ଦେବାକୁ ହେବ । ଦୁଇ ପରସେଣ୍ଟ ସଲ୍ୟୁସନର ଅଧା ସି. ସି. ଠାରୁ ପୂରା ୧ ସି. ସି. ଯାଏ ପ୍ରାପ୍ତବୟସ୍କମାନଙ୍କୁ ଏ ଔଷଧର ଇଞ୍ଜେକ୍‌ସନ ୨ ଦିନରୁ ୪ ଦିନ ଅନ୍ତର ଅନ୍ତରରେ ଦିଆଯାଇ ପାରେ ।

ଓପୋ-କୁଇନାଇନ [Opo-Quinine]—

ପୁରୁଣା ମେଲେରିଆ ଓ ଯାପ୍ୟ ଜ୍ୱରରେ ଦେହ ଭିତରେ ଲୁଚି ରହିଥିବା ମେଲେରିଆର ବୀଜକୁ ନାଶ କରିବା ପାଇଁ ଏହା ଅଭିପ୍ରେତ । ଏଥିରେ ପୁଷ୍ଟିକାରକ ଓ ରୋଗନିବାରକ ଉଭୟ ଗୁଣର ସମାବେଶ ହୋଇଅଛି । ସ୍ନାୟୁ ବିକାରକୁ ନିରୋଧ କରିବାପାଇଁ ମଧ୍ୟ ଏ ଔଷଧରେ ବିଶେଷ ଯତ୍ନ କରାଯାଇଅଛି । ମେଲେରିଆ ପୁରୁଣା ଓ ଯାପ୍ୟ ହୋଇଗଲେ ଯେଉଁ ଧ୍ୱଂସଲୀଳା ଲଗାଏ, ତାହା ଡାକ୍ତରମାନେ ମଧ୍ୟ ଏ ପର୍ଯ୍ୟନ୍ତ ଠିକ୍ ଭାବରେ ଧରି ପାରି ନାହାନ୍ତି । ଯେ କୌଣସି ରୋଗ ସଙ୍ଗରେ ମେଲେରିଆ ବୀଜ ଦେହ ଭିତରେ ଲୁଚି ରହିପାରେ । ତେଣୁ ଯେ ପର୍ଯ୍ୟନ୍ତ ଦେହ ଭିତରୁ ଏହି ମେଲେରିଆ ବୀଜକୁ ନିର୍ମୂଳ କରା ନ ଯାଇଛି, ସେ ପର୍ଯ୍ୟନ୍ତ ଯେତେ ଭଲ ଔଷଧ ବ୍ୟବହାର କଲେ ସୁଦ୍ଧା ଅନ୍ୟାନ୍ୟ ରୋଗର ସନ୍ତୋଷଜନକ ଚିକିତ୍ସା କଦାପି କରାଯାଇ ନ ପାରେ । ଭାରତ ତଥା ଅନ୍ୟାନ୍ୟ ଗ୍ରୀଷ୍ମପ୍ରଧାନ ଦେଶମାନଙ୍କରେ ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଓ ଶ୍ରୀବୃଦ୍ଧି ପାଇଁ ଏହି ଶ୍ରେଣୀର ମେଲେରିଆ ଏକ ବିଷମ ପ୍ରତିବନ୍ଧକ । ତେଣୁ ଏ ପ୍ରତିବନ୍ଧକକୁ ଅତିକ୍ରମ କରିବାପାଇଁ ସବୁବେଳେ ଓପୋ-କୁଇନାଇନକୁ ମନେ ରଖିବାକୁ ହେବ । ଏହାର ଇଞ୍ଜେକ୍‌ସନ ମଧ୍ୟ ତିଆରି କରାଯାଇ ବିକା ହେଉଛି । ଅନ୍ୟ ଉପଯୋଗ—ଛୋଟ ଛୁଆ ଓ ପିଲାମାନଙ୍କ ଯକୃତ ପ୍ଲୀହା ପାଇଁ ଓପୋ-କୁଇନାଇନ ବିଶେଷ ଉପକାରୀ ।

ଓ ଏସ ଏସ [O. S.S.]—

ଅପ୍ରାକୃତିକ ଆଚରଣ ଏବଂ ଶକ୍ତିବହିର୍ଭୂତ କୁକର୍ମମାନ କରିବା ଫଳରେ ଯେତେବେଳେ ସ୍ନାୟୁମଣ୍ଡଳ ଓ ମାନସିକ ଶକ୍ତି ସବୁ ନଷ୍ଟ ହୋଇ ଯାଇଥାଏ, ସେତେବେଳେ ଏହି ଔଷଧ ଅତ୍ୟନ୍ତ ଉପକାରରେ ଆସେ ।

Digitized by srujanika@gmail.com

[୧] ଯୌବନର ଆରମ୍ଭରେ ଓ ପରେ ହସ୍ତମୈଥୁନ, ବ୍ୟଭିଚାର ତଥା ଦୁର୍ବଳତାରୁ ସ୍ୱପ୍ନଦୋଷ ଓ ପ୍ରମେହ ଆଦି ଯେଉଁସବୁ ରୋଗ ଜାତ ହୁଏ, ତହିଁରେ ଏହା ଅତୀବ ଉପଯୋଗୀ ।

[୨] ପିଲାବେଳେ ଓ ଯୁବକ ଅବସ୍ଥାରେ ଅପ୍ରାକୃତିକ ବ୍ୟଭିଚାର ଓ ଅତ୍ୟଧିକ ଭୋଗବିଳାସ ତଥା ସ୍ତ୍ରୀରୋଗ ଆଦି ଫଳରେ ଯେଉଁସବୁ ରୋଗ ଉପୁଜେ, ତହିଁରେ ଏହା ଅତି ଉପକାରୀ ।

[୩] ଇନ୍‌ଫ୍ଲୁଏଞ୍ଜା ଓ ଟାଇଫଏଡ୍ ଆଦି ଜ୍ୱରରେ ମସ୍ତିଷ୍କ ତଥା ସ୍ନାୟୁମଣ୍ଡଳର ବିକାର ଓ ଦୁର୍ବଳତାକୁ ଦୂର କରିବାପାଇଁ ଏହା ଉପକାରୀ ।

[୪] ଅତ୍ୟଧିକ ଶାରୀରିକ ବା ମାନସିକ ପରିଶ୍ରମ, ଅତ୍ୟଧିକ ଦୁଃଖ ବା ଆନନ୍ଦ, ଉତ୍ତେଜନା ଓ ମାଦକ ଦ୍ରବ୍ୟ ସେବନ ଫଳରେ ଜାତ ସ୍ନାୟବିକ ବିକାର ଓ ଦୁର୍ବଳତା ଏବଂ ମସ୍ତିଷ୍କ ଶକ୍ତିର ହ୍ରାସପାଇଁ ଏହା ଅତି ଉପଯୋଗୀ ।

[୫] ବହୁମୂତ୍ର ରୋଗରେ ଓ: ଏସ: ଏସ: ବିଶେଷ ଫଳପ୍ରଦ ।

[୬] ଅତ୍ୟଧିକ ମେଥୁନେଚ୍ଛାକୁ ନିୟନ୍ତ୍ରିତ କରିବାପାଇଁ ମଧ୍ୟ ଏହା ଉପଯୋଗୀ ।

ନିମ୍ନଲିଖିତ ବିବରଣୀରୁ ଏହା ସ୍ପଷ୍ଟ ଜଣାପଡ଼େ ଯେ, ଓ. ଏସ. ଏସ. ଓ ଅନ୍ୟାନ୍ୟ ହର୍ମୋନିକରାଲ ଔଷଧମାନଙ୍କର ଗୁଣ ସ୍ନାୟୁମଣ୍ଡଳକୁ ନିୟନ୍ତ୍ରିତ କରିବା ବିଷୟରେ ଅତୁଳନୀୟ ।

୩୫ ବର୍ଷ ବୟସ୍କ ଜଣେ ହିନ୍ଦୁ ବିବାହିତ ଯୁବକର ଅତ୍ୟଧିକ ମୈଥୁନ ଫଳରେ କେବଳ ସାମାନ୍ୟ ଉତ୍ତେଜନାରେ ନୁହେଁ; ପରନ୍ତୁ କଲାବେଳେ ମଧ୍ୟ ବୀର୍ଯ୍ୟ ସ୍ଖଳିତ ହେଉଥିଲା । ଦୁଇ ଗ୍ରେନ ଲେଖାଏଁ ଦିନକୁ ତିନି ଚାରିଥର ଓ. ଏସ. ଏ. ସେବନ କରି ସାତ ଦିନ ପରେ ସେ ଆସି କହିଲା, "ମୁଁ ନିଜକୁ ବଳଶାଳୀ ମନେ କରୁଛି—ନିଦ ଭଲ ହେଉଛି । ରାତିରେ ସ୍ୱପ୍ନଦୋଷ ଘଟୁ ନାହିଁ । ପରିସ୍ରା ସ୍ୱଚ୍ଛ ହେଉଛି । ଅଧିକ ଆଶ୍ଚର୍ଯ୍ୟର କଥା ଯେ, ଯୌନ ଚିନ୍ତାରେ ପ୍ରଥମାବସ୍ଥା ପରି ମୋ ମନ ଆଉ ଲିପ୍ତ ରହୁ ନାହିଁ କି ଅତି ଅଳ୍ପରେ ମୁଁ କାମୋଦ୍ଦୀପନା ଅନୁଭବ କରୁ ନାହିଁ ।" ଚିକିତ୍ସକମାନଙ୍କର ଏ କଥା ବି ମନେ ରଖିବା ଉଚିତ ଯେ, ଅତ୍ୟଧିକ ମୈଥୁନ ଇଚ୍ଛା ଓ ସ୍ତ୍ରୀସମ୍ଭୋଗ ବାସନା ମଧ୍ୟ ଗୋଟିଏ ରୋଗ ।

ମାତ୍ରା—ଚଉଠା ଗ୍ରେନ ଠାରୁ ଆରମ୍ଭ କରି ୨।୩ ଗ୍ରେନ୍ ଯାଏ ୩ଘଣ୍ଟାଠାରୁ ୪ଘଣ୍ଟା ଅନ୍ତରରେ ପ୍ରାପ୍ତବୟସ୍କମାନଙ୍କ ପକ୍ଷରେ ସେବନୀୟ । ଏହାକୁ ଜିଭ ଉପରେ ମିଳାଇ ଯିବା ପର୍ଯ୍ୟନ୍ତ ରଖି ଖାଇବା ହେଉଛି ସବୁଠାରୁ ଭଲ । ନ ହେଲେ ଗରମରେ କି ଦୁଇ ଗରମ ଦୁଧରେ ଗୋଳାଇ ଧୀରେ ଧୀରେ ପିଇବ । କାରଣ ଔଷଧଟା ପାକସ୍ଥଳୀରେ ପହଞ୍ଚିବା ଆଗରୁ ଦେହରେ ଓ ରକ୍ତରେ ଭେଦିବାକୁ ଅବସର ପାଏ ।

ପେପ୍‌ଟୋସିଡ (Peptocid)—

ଅଗ୍ନିମାନ୍ଦ୍ୟ, କ୍ଷୀଣ ଓ ଦୁର୍ବଳ ହଜମ ଶକ୍ତି, ଏବଂ ପାକସ୍ଥଳୀର ଅଲ୍ପ ପାଚକ ରସ କ୍ଷରୁ ଥିଲେ ତାକୁ ବଢ଼ାଇ ପ୍ରାକୃତିକ ଅବସ୍ଥାକୁ ଆଣିବା ପାଇଁ ଏହା

Digitized by srujanika@gmail.com

ଅତୀବ ଉପଯୋଗୀ । ପାକସନ୍ତ୍ରର ବିଭିନ୍ନ ଅଙ୍ଗର ଅନୁପାତ ଅନୁସାରେ ପାଚକରସ ଯଥେଷ୍ଟ ନ ହେଲେ ଆମେ ଯାହା ଖାଉ,ତାହା ହଜମ ନ ହେଲେ ଅଗ୍ନିମାନ୍ଦ୍ୟ ହୁଏ । ପାଚକ ରସର ଅନୁପାତରେ ଗୋଳମାଳ ଘଟିଲେ ଅମ୍ଳ ଜାତ ହୁଏ ଏବଂ ଅମ୍ଳିକା ବାହାରି ହୁଏ । ଏହାର ଉଚିତ ଚିକିତ୍ସା ହେଉଛି, ଭିନ୍ନ ଭିନ୍ନ ପାଚକ ଅଙ୍ଗ ଉଚିତ ପରିମାଣରେ ଯେପରି ପାକରସ ଦିଅନ୍ତି, ତା ଉପରେ ଆଖି ରଖି ଅଗ୍ରସର ହେବା । ଫେପ୍‌ଟୋସିଡ୍ ବିଭିନ୍ନ ପାଚକ ଅଙ୍ଗ ମାନଙ୍କୁ ଶକ୍ତି ଓ ସ୍ଫୂର୍ତ୍ତି ଯୋଗାଇ ଦିଏ ଏହି କାମ କରେ । ଏହା ଫଳରେ ଉଚିତ ପରିମାଣରେ ପାଚକରସ ତିଆରି ହୁଏ ଏବଂ ଅଗ୍ନିମାନ୍ଦ୍ୟ ଦୂର ହୁଏ । ଫେପ୍‌ଟୋସିଡ୍ ଏହି ଅଗ୍ନିମାନ୍ଦ୍ୟର ସର୍ବଶ୍ରେଷ୍ଠ ଔଷଧ ଅଟେ । ଏହାକୁ ସେବନ କଲେ ଜଠରାଗ୍ନି ଉଦ୍ଦୀପିତ ହୋଇ ପ୍ରବଳ ଭୋକ ଦେଖାଏ । ତା ଛଡ଼ା ସାଧାରଣ ଭାବରେ ପାକସ୍ଥଳୀ ଓ ଅନ୍ତ୍ରର ଅନ୍ୟାନ୍ୟ କେତେକ ପୀଡ଼ା ମଧ୍ୟ ଏହାର ବ୍ୟବହାରରେ ଦୂର ହୁଏ ବିଶେଷତଃ ଗ୍ରହଣୀ (Sprue) ମଧୁମେହ ଓ ବହୁମୂତ୍ର ଏବଂ ମୂତ୍ରବନ୍ଧ ଅଧାକପାଳୀ ଓ ଦରଜ ପ୍ରଭୃତିରେ ମଧ୍ୟ ସାହାଯ୍ୟକାରୀ ଔଷଧରୂପେ ଏହା ଅତ୍ୟନ୍ତ ଉପକାରୀ । ଏ ସବୁ ରୋଗ ହଜମ ଶକ୍ତିର ଗୋଳମାଳରୁ ଉପୁଜେ ।

ମାତ୍ରା—

ତିନି ଗ୍ରେନ୍‌ରୁ ପାଞ୍ଚ ଗ୍ରେନ୍ ଯାଏ ଭୋଜନ ପରେ ଜିଭ ଉପରେ ମିଳାଇ ଯିବା ପର୍ଯ୍ୟନ୍ତ ରଖି କମ୍ବା ଟିକିଏ ପାଣିରେ ଗୋଳାଇ ଖାଇବ । ପିଲାମାନଙ୍କୁ ସେମାନଙ୍କ ବୟସ ଅନୁପାତରେ ଦେବ । ଭୋଜନର ୧୦।୧୫ ମିନିଟ ପୂର୍ବରୁ ଖାଇଲେ କ୍ଷୁଧା ବୃଦ୍ଧି ହୁଏ ଏବଂ ଖାଦ୍ୟ ସାମଗ୍ରୀ ଗ୍ରହଣ ପାଇଁ ପାକସ୍ଥଳୀ ତିଆରି ହୋଇଯାଏ

ଫେନୋକାଲସାଇନ[Phenocalcine]—

ସବୁ ପ୍ରକାର ପୀଡ଼ା, ମୁଣ୍ଡ ଦରଜ ଓ ବାତ୍ଯା ଏବଂ ଉଗ୍ରପ୍ରକୃତିର ଜ୍ୱର ପାଇଁ ଏହା ଉପଯୋଗୀ । ମେଲେରିଆ ତଥା ଅନ୍ୟାନ୍ୟ ଜ୍ୱରରେ ଏହି ଫେନୋକାଲ-ସାଇନରୁ ୨।୩ ପାନ ପ୍ରତି ଅଧ ଘଣ୍ଟାଠାରୁ ଏକ ଘଣ୍ଟା ଅନ୍ତରରେ ଗରମ ପାଣିରେ ମିଶାଇ ସେବନ କଲେ ଦେହର ଉତ୍ତାପ ତାଡ଼ କମିଯାଇ ସାଧାରଣ ଅବସ୍ଥାକୁ ଫେରି ଆସେ । କୌଣସି ପ୍ରକାର କ୍ଳାନ୍ତି ବୋଧ ହୁଏନାହିଁ, କି ଦେହକୁ ଝାଳ ବୁହେ ନାହିଁ । ଦେହ ଏତେ ଉଷ୍ମାଷ ଲାଗେ ଯେ, ଜ୍ୱର ହୋଇଥିଲା ବୋଲି ରୋଗୀ ପାସୋରି ପକାଏ । ଅନ୍ୟ ପ୍ରକାର ଜ୍ୱରରେ ମଧ୍ୟ ଫେନୋକାଲସାଇନ ସେବନ କଲେ ଜ୍ୱର ଛାଡ଼ିଯାଏ, କିନ୍ତୁ କେତେକ ଘଣ୍ଟା ପରେ ପୁଣି ଜ୍ୱର ଆସେ । ଯୁବୁଣା ମେଲେ-ରିଆରେ ଫେନୋକାଲସାଇନ୍ ଅତି ଚମତ୍କାର କାମ ଦେଖାଏ ଏବଂ ପ୍ରଥମାବସ୍ଥାରେ ପାନେ କି ଦୁଇପାନ ଖାଇଦେଲେ ଆକ୍ରମଣ ରୋକି ହୋଇଯାଏ । ଡେଙ୍ଗୁ (Dengue) ଜ୍ୱରର ଏବଂ ଇନ୍‌ଫ୍ଲୁଏନ୍‌ଜା [ଗୋଳାବନ୍ଧା ବା ସର୍ଦ୍ଦିଜ୍ୱର] ଜ୍ୱରରେ ଯେତେବେଳେ ଅଙ୍ଗପ୍ରତ୍ୟଙ୍ଗରେ ଅସହ୍ୟ ଗୋଳାବନ୍ଧା ହେଉଥାଏ, ସେତେବେଳେ ଫେନୋକାଲ-ସାଇନ ଦେଲେ ଭାରି ଉପକାର ହୁଏ । ବସନ୍ତ ଓ ମିଳିମିଳା ଆଦି ରୋଗରେ ପଡ଼ିଲେ

Digitized by srujanika@gmail.com

ଜ୍ୱର ହୋଇ ପରେ ଦେହସାରା ବିସ୍ଫୋଟକ ବାହାରେ । ସେ ସବୁ ରୋଗରେ ଫେନୋକାଲସାଇନ ସେବନ କଲେ ଜରର ବେଗ କମିଯାଏ ଏବଂ ରୋଗର ପ୍ରକୋପ ଓ ସମୟ ମଧ୍ୟ ହ୍ରାସ ପାଏ । ପୁରୁଣା ମୁଣ୍ଡବିନ୍ଧା ରୋଗରେ ଏହାକୁ ସେବନ କଲେ ରୋଗୀକୁ ସଙ୍ଗେ ସଙ୍ଗେ ଆରାମ ମିଳେ ଓ ରୋଗ ମଧ୍ୟ ଦୂର ହୋଇଯାଏ । ସ୍ନାୟୁ-ମଣ୍ଡଳୀର ବିଶା ଛୁଟିଗଲେ ଓ ଗଣ୍ଠି ଆଦି ଦରଜରେ ମଧ୍ୟ ଏହା ବିଶେଷ ଫଳ ଦିଏ । ଦାନ୍ତମୂଳ ବିନ୍ଧୁଥିଲେ ଅଳ୍ପ ମାତ୍ରାରେ ଔଷଧ ପ୍ରତି ପନ୍ଦର ମିନିଟରୁ ତିରିଶ ମିନିଟ ଅନ୍ତରରେ ପାନେ ଲେଖାଏଁ ବ୍ୟବହାର କଲେ ଉପକାର ହୁଏ । କାନ ବିନ୍ଧାରେ ମଧ୍ୟ ଏହାର ଫଳ ଚମତ୍କାର ।

ମାତ୍ରା—ଶିଶୁମାନଙ୍କ ପାଇଁ ଅଧ ଗ୍ରେନ ଏବଂ ପ୍ରାପ୍ତ ବୟସ୍କମାନଙ୍କପାଇଁ ୫ ଗ୍ରେନ ଗରମ ପାଣିରେ ପ୍ରତି ଅଧଘଣ୍ଟାରୁ ତିନିଘଣ୍ଟା ଅନ୍ତରରେ ସେବନ କରିବା ବିଧି । ରୋଗୀ ଯେତିକି ଭଲ ହୋଇ ଆସୁଥିବ, ଔଷଧର ମାତ୍ରା ପରିମାଣ ସେତିକି କମାଉଥିବ ଏବଂ ସେବନର ବ୍ୟବଧାନ ସେତିକି ବଢ଼ାଉଥିବ । ଉଗ୍ର ଜରରେ ଏବଂ କାନ ଦାନ୍ତମୂଳ ବିନ୍ଧାରେ ଫେନୋକାଲସାଇନରୁ (୮ । ୧୦ ଗ୍ରେନ ଭଳି) କିଛି ନେଇ ଅଧପିଆଲା ଗରମ ପାଣିରେ ଗୋଳାଇ ପନ୍ଦର ବା କୋଡ଼ିଏ ମିନିଟ ଅନ୍ତରରେ ଦୁଇ ଏକ ଚୁମୁକ କରି ରୋଗୀକୁ ପିଇବାକୁ ଦେଲେ ଶୀଘ୍ର ଆରାମ ମିଳେ ।

ପ୍ରିପେୟାର୍ଡ ଆର୍ଥ (Prepared Earth)— ପୁରୁଣା ଉଦରାମୀ ଓ ଅନ୍ତର କଠିନ ରୋଗ ପାଇଁ ଏହା ଅଭିପ୍ରେତ । ଏହା ଚୂନା ହୋଇଥିବା ମାଟି । ସର୍ବୋଚ୍ଚ ସତ୍ୱତ ଏହାକୁ ମିଶାଇ ସଂସ୍କୃତ ଏବଂ ସୂକ୍ଷ୍ମ କରାଯାଇଛି । ମଣିଷର ବୁଦ୍ଧି ଯେତେ ସମଜି ପାରେ, ତା ଅପେକ୍ଷା ଅଧିକ ରହସ୍ୟ ପ୍ରକୃତିରେ ରହିଛି । ଆୟୁର୍ବେଦର ଆବିଷ୍କାରକ ପ୍ରାଚୀନ ମୁନିଋଷିମାନେ ହଜାର ହଜାର ବର୍ଷ ତଳେ ଏହି ମାଟିର ରହସ୍ୟ ଓ ବ୍ୟବହାର ଜାଣିଥିଲେ । ସେଥିପାଇଁ ସେମାନେ ଏହି ମାଟି ଦ୍ୱାରା ଅନେକ ରୋଗର ଚିକିତ୍ସା କରି ସଫଳତା ଅର୍ଜନ କରୁଥିଲେ, ମାତ୍ରା—ଏକ ଗ୍ରେନରୁ ୨ ଗ୍ରେନ୍ (କିମ୍ବା ତହିଁରୁ ଅଧିକ) ଦିନକୁ ୩।୪ ଥର । ପାଚନ ସମ୍ବନ୍ଧୀୟ ରୋଗରେ ଏହାକୁ ଅନ୍ୟ ଔଷଧ ସଙ୍ଗେ ମିଶାଇ ବ୍ୟବହାର କଲେ ରୋଗୀ ଶୀଘ୍ର ଆରୋଗ୍ୟଲାଭ କରେ ।

ପ୍ରୋଷ୍ଟେଟ୍-କୋ (Prostate-Co)—ମୂତ୍ରାଶୟର ଗ୍ରୀବା ଉପରେ ଗୋଟିଏ ଗ୍ରନ୍ଥି ଅଛି । ଇଂରେଜୀରେ ତାକୁ ପ୍ରୋଷ୍ଟେଟ କୁହାଯାଏ । ଏହି ଗ୍ରନ୍ଥିରେ ରୋଗ ହେଲେ ପ୍ରୋଷ୍ଟେଟ-କୋ ସେଥିପାଇଁ ଏକ ବିଶେଷ ଔଷଧ । ଅନ୍ୟାନ୍ୟ ଉପାଦାନ ସହ ଏଥିରେ ଅଶ୍ୱଗନ୍ଧା-ଅଛି । ପ୍ରୋଷ୍ଟେଟ ଗ୍ରନ୍ଥି ବଢ଼ିଯାଇ ବୃଦ୍ଧ ବୟସରେ ବାରମ୍ବାର ପରିସ୍ରା ହୁଏ ଏବଂ ପରିସ୍ରା ବେଳେ ମଧ୍ୟ ବଡ଼ କଷ୍ଟ ହୁଏ । ଏଭଳି ଲକ୍ଷଣ ପ୍ରକାଶ ପାଇଲେ ଏହି ଔଷଧ ବିଶେଷ ଉପଯୋଗୀ । ମାତ୍ରା—ଟିକିଏ ପାଣି କିମ୍ବା ଦୁଧରେ ୫ ଗ୍ରେନ୍ ଯାଏ ଏଥିରୁ ମିଶାଇ ଦିନକୁ ୩।୪ ଥର ସେବନ କରିବ ।

Digitized by srujanika@gmail.com

ରାସଜେଣ୍ଟ(Rasgent)— ସମସ୍ତ ପ୍ରକାର ଚକ୍ଷୁରୋଗ ପାଇଁ ଏହା ଏକ ଚମତ୍କାର ଔଷଧ । ମୋତିଆବିନ୍ଦୁ (Cataract) ପର୍ଯ୍ୟନ୍ତ ଏଥିରେ ଭଲ ହୋଇଯାଏ । ସଙ୍କୋଚ ବା ଚାନରେ ଏହା ତିଆରି ହୋଇଥିବାରୁ କେତେ ବେଳେ ଶିଶି ଭିତରେ ମୁଣ୍ଡା ବାନ୍ଧିଯାଏ ସତ, କିନ୍ତୁ ଏପରି ହେଲେ ସୁଦ୍ଧା ଏହାର ଗୁଣ କମିଯାଏ ନାହିଁ । ରାସଜେଣ୍ଟର ବିଶେଷତ୍ୱ ହେଉଛି ଏହି ଯେ, ଏହାକୁ ପ୍ରୟୋଗ କଲେ ଆଖି ସଫା ହୋଇ ଥଣ୍ଡା ମାଲୁମ ହୁଏ ଓ ଜ୍ୟୋତି ବଢ଼େ । ଆଖି ଫୁଲିଯାଇ ଲାଲ ପଡ଼ି ପୀଡ଼ା ହେଉଥିଲେ, ଏହାକୁ ବ୍ୟବହାର କଲେ ସମସ୍ତ ଉପସର୍ଗ ଦୂର ହୁଏ । ମୋତିଆବିନ୍ଦୁ ହୋଇଥିଲେ ବହୁ ଦିନ ଯାଏ ବ୍ୟବହାର କରିବାକୁ ହେବ । ୭୫ବର୍ଷ ବୟସରେ ଜଣେ ନର୍ସ ଆଖିରେ ମୋତିଆବିନ୍ଦୁ ହୋଇଥିଲା । ତାଙ୍କ ଡାକ୍ତର ତାଙ୍କୁ ଅପରେଶନ ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ସେ ୨୨ ମାସକାଳ କ୍ରମାଗତ ରାସଜେଣ୍ଟ ଆଖିରେ ପକାଇବା ଫଳରେ ତାଙ୍କ ରୋଗ ଭଲ ହୋଇଗଲା । ଡାକ୍ତର ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଅନେକ ଡାକ୍ତର ଏହି ରାସଜେଣ୍ଟକୁ ନେଇ ପରୀକ୍ଷା କରୁଅଛନ୍ତି । ଗୋଟିଏ ସରକାରୀ ହସପିଟାଲର 'ଆଖି ବିଭାଗ'ରେ ଏହାର ଗୁଣ ଯାଞ୍ଚ କରାଯାଉଛି ।

ପ୍ରୟୋଗ ବିଧି—

ଗରମରେ ସିଝା ପାଣିରେ ଏକ କମ୍ପା ୨ ଗ୍ରେନ୍ ରାସଜେଣ୍ଟ ଗୋଳାଇ ଦିନକୁ ୨।୩ଥର ୨ଆଖିରେ ଏଥିରୁ କେତେକ ବିନ୍ଦୁ ପକାଅ । ଯେଉଁ ଆଖିରେ ରୋଗ ହୋଇଥିବ, କେବଳ ସେହି ଆଖିରେ ନ ପକାଇ ଦୁଇଟି ଯାକ ଆଖିରେ ପକାଇବ । କାରଣ ସେ ଦୁଇଟିଯାକ ପରସ୍ପର ସଙ୍ଗେ ସମ୍ବନ୍ଧ ରଖି ଓ ସମତାଳ ପକାଇ ଭଲ ବା ମନ୍ଦ ଅଡ଼କୁ ଗତି କରନ୍ତି । ରାତିରେ ଶୋଇଲା ବେଳେ ପାନେ ଲେଖାଏଁ ପେଟକୁ ମଧ୍ୟ ଖିଆ ଯାଇପାରେ । ଅଲବୋ-ସାଗ ସେବନରେ ମଧ୍ୟ ଦୃଷ୍ଟିଶକ୍ତି ବଢ଼େ, ତେଣୁ ମୋତିଆବିନ୍ଦୁ ରୋଗର ଚିକିତ୍ସା କଲାବେଳେ ଅଲବୋ-ସାଗ ମଧ୍ୟ ସେବନ କର । **ଅନ୍ୟଉପଯୋଗ**—ବଥ, କାଛୁ, କୁଣ୍ଡିଆ, ଗଳା ଫୁଲା ଏବଂ ତରଳ ଝାଡ଼ାରେ ରାସଜେଣ୍ଟ ଭଲ କାମ ଦେଖାଏ । ବଥ ଯେମିତି ନ ପାଚି ବସିଯିବ, ସେଥିପାଇଁ ରାସଜେଣ୍ଟରୁ ଏକପାନ ଖାଇଦେଲେ ଯଥେଷ୍ଟ ହୁଏ । ପାନେ ଖାଇଲା ପରେ ଯଦି କୌଣସି ଉନ୍ନତି ଦେଖା ନଯାଏ, ତେବେ ଚାରି ଘଣ୍ଟାଠାରୁ ୬ଘଣ୍ଟା ଅନ୍ତରରେ ଆଉ ପାନେ ସେବନ କର, ନିଶ୍ଚୟ ଫଳ ଦେଖାଯିବ । ଫଳ ଦେଖା ଯାଉଥିବା ଅବସ୍ଥାରେ ଅଧିକ ତୁରନ୍ତ ଆରୋଗ୍ୟ ହେବା ପାଇଁ ପୁଣି ଔଷଧ ଖାଇବା ଅନୁଚିତ । ଅନାବଶ୍ୟକ ଭାବରେ ସେବନ କଲେ ବଥ ପାଚି ଯାଇପାରେ ।

ନମ୍ବରୀ ଔଷଧ (Remedy Numbers)—ଏକ ନମ୍ବର ଠାରୁ ଆଠ ନମ୍ବର ପର୍ଯ୍ୟନ୍ତ ।

ଏକ ନମ୍ବର ଔଷଧ ସାଲଫସ ସଙ୍ଗେ ସମାନ । ଦୁଇ ନମ୍ବର ଔଷଧ ଥାଇରୋନାଇଡଡ କୁଇନାଇନ, ତିନି ନମ୍ବର ଔଷଧର ଅପର ନାମ ଡାୟାସେନ, ଛଅ ନମ୍ବର

Digitized by srujanika@gmail.com

ଔଷଧ ଫେନୋକାଲସାଇନ ଏବଂ ସାତ ନମ୍ବର ଭଇଟାଲ ଏସେନ୍ସ ନାମରେ ଅଭିହିତ । ଶୃଷ ପାଞ୍ଚ ଓ ଆଠ ନମ୍ବର ଔଷଧମାନ ସ୍ୱତନ୍ତ୍ର ମିଶ୍ରଣରେ ତିଆରି, ତେଣୁ ଗୋଟିଏ ସ୍ୱତନ୍ତ୍ର ଯୋଗ । ଲୋକ-ଚିକିତ୍ସାସେବା ପାଇଁ ଏହି ଆଠଟିଯାକ ଔଷଧ ଦ୍ୱାରା ଆମେ ଗୋଟିଏ ଚିକିତ୍ସା ବାକ୍ସ ତିଆରି କରିଛୁ । ଏହି ବାକ୍ସଟି ଗହଳରେ ପୂର୍ବାପର ଗୋଟିଏ ଚିକିତ୍ସାଳୟ ପରି ଜନସାଧାରଣଙ୍କ ସେବାରେ ଲାଗିବ । ଏହି ଆଠଟି ଯାକ ଔଷଧର ବିଶଦ ବର୍ଣ୍ଣନା ଏବଂ ସେବନବିଧି ସ୍ୱତନ୍ତ୍ର ଏକ ପୁସ୍ତିକାରେ ଦିଆଯାଇଛି ।

୪ ନମ୍ବର ଔଷଧ—ଥଣ୍ଡା ସର୍ଦ୍ଦି ଓ ଇନଫ୍ଲୁଏଞ୍ଜା ପାଇଁ । ରୋଗର ପ୍ରାରମ୍ଭ ଅବସ୍ଥାରେ ଏହା ଅତୀବ ଉପକାରୀ । ଜ୍ୱର ରୋଗରେ ଏହାକୁ ଆଇଓଡାଇଜଡ୍ କୁଇନାଇନ (୨ନମ୍ବର ଔଷଧ) ସଙ୍ଗେ ମିଶାଇ ବ୍ୟବହାର କର । କାଶ ରୋଗରେ ଏହାକୁ ୫ନମ୍ବର ଔଷଧ ସଙ୍ଗେ ମିଶାଇ ବ୍ୟବହାର କର ।

୫ ନମ୍ବର ଔଷଧ—କାଶ ପାଇଁ ଏହା ଉପକାରୀ । ଗରମ କମ୍ବା ଦୁଇ ଗରମ ଦୁଧ କି ସିରପ ସଙ୍ଗେ ଗୋଳାଇ ଖାଇଲେ ତୁରନ୍ତ ଫଳ ହେବ । ଖୁଁ ଖୁଁଇଆ କାଶରେ ୨ନମ୍ବର ଔଷଧ ମିଶାଇ ସେବନ କର । ପୁରୁଣା କାଶରେ ମେଡିକେଟେଡ କାଲସିଅମ ଅଧିକ ଫଳ ହେବ ।

୮ନମ୍ବର ଔଷଧ—ରକ୍ତ ବିକାର ଓ ଚର୍ମ ରୋଗ ପାଇଁ । କାଛୁ, କୁଣ୍ଡିଆ, ଏକ୍‌ଜିମା ଓ ଘା ଆଦି ହୋଇ ରକ୍ତ ବିକାର ଘଟିଥିଲେ ଏକ ଗ୍ରେନ୍‌ରୁ ତିନି ଗ୍ରେନ ଯାଏ ଖାଇଲେ ତୁରନ୍ତ ଫଳ ମିଳେ । ଲହୁଣୀ ତେଲ କମ୍ବା ଭେସିଲିନ ସଙ୍ଗେ ଏହାକୁ ମିଶାଇ ଅଚ୍ଛା କରି ଫେଣ୍ଟି ମଲମ ତିଆରି କର ଏବଂ କାଛୁ କୁଣ୍ଡିଆ ବା ଏକ୍‌ଜିମା ଉପରେ ଉପରେ ଲଗାଅ । ମଲମ ଲଗାଇବା ଆଗରୁ ଗରମ ପାଣିରେ ଘାକୁ ଧୋଇ ପରିଷ୍କାର କରନ୍ତୁ । ତାପରେ ଅଚ୍ଛା କରି ପୋଛି ଘାଥିବା ସ୍ଥାନକୁ ଶୁଖିଲା କରିଦିଅ । କାରଣ ପାଣି ଯଦି ରହିଯାଏ, ତେବେ ଘାଅ ଶୀଘ୍ର ପୂରି ଆସିବ ନାହିଁ । ଘାଅ କ୍ରମେ ଶୁଖି ଆସୁଥିବା ସଙ୍ଗେ ସଙ୍ଗେ ମଲମକୁ ହାଲୁକା କରି ତିଆରି କର, ଅର୍ଥାତ୍ ସେଥିରେ ଔଷଧର ପରିମାଣ କମାଇ ଭେସିଲିନର ମାତ୍ରା ବଢ଼ାଅ । ମଲମ ତିଆରି କରିବାକୁ ହେଲେ ଏକଭାଗ ଔଷଧରେ ୧୦।୧୫ ଭାଗ ଭେସିଲିନ ମିଶାଇ ଅଚ୍ଛା କରି ଫେଣ୍ଟିବ । ରକ୍ତ ପଡୁଥିବା ଅର୍ଶରୋଗରେ, ବିଶେଷତଃ ଝାଡ଼ା ଫେରିଲା ପରେ ଭାରି ପୋଡ଼ା ଜ୍ୱାଳା ଭଳି ପୀଡ଼ା ହେଉଥିଲେ ଏହି ଆଠ ନମ୍ବର ଔଷଧ ଚମତ୍କାର ଫଳ ହେବ । ପ୍ରତି ୨ଘଣ୍ଟାରୁ ବାର ଘଣ୍ଟା ଅନ୍ତରରେ ପାନେ ପାନେ ଖାଇବାକୁ ହେବ ।

ରିଉମୋରିନ (Rheumorin)— ନୂଆ ଓ ପୁରୁଣା ବାତରୋଗ ପାଇଁ ଏହା ଉପଯୋଗୀ । ମୁଣ୍ଡବିନ୍ଧା, ବାତ ଯୋଗୁଁ ଅଣ୍ଟା, ଜଙ୍ଘ, ହାଡସନ୍ଧି ଆଦି ଦେହର ଭିନ୍ନ ଭିନ୍ନ ସ୍ଥାନରେ ଯେଉଁଠି ପୀଡ଼ା ହେଉଛି ତାହାଙ୍କ ରିଉମୋରିନ ସେବନରେ ଶୀଘ୍ର ଉପଶମ ହୁଏ । ହର୍ମୋପିରିନ ସେପଟୋଜର୍ମ, ଫେନୋକାଲସାଇନ୍ ଓ ଅନ୍ୟୋନ୍ୟ ଭିନ୍ନ ଭିନ୍ନ ଅନୁପାନରେ ମିଶାଇ ଏହାକୁ ପ୍ରସ୍ତୁତ କରି ଯାଇଅଛି । ଏବଂ ଅଧିକରୁ

Digitized by srujanika@gmail.com

ଅଧିକ ସୂକ୍ଷ୍ମ କରାଯାଇ ଗୁଣ ବଢ଼ାଇ ଦିଆ ଯାଇଅଛି ଭିନ୍ନ ଭିନ୍ନ ଔଷଧର ମିଶ୍ରଣରେ ବିଭିନ୍ନ ରୋଗରେ ଏକ ମହାଯୋଗ ପ୍ରସ୍ତୁତ ହୋଇଅଛି । ବାତ ଜ୍ୱର ନଷ୍ଟ କରିବାରେ ଏହାର ଶକ୍ତି ଅତି ଚମତ୍କାର ।

ମାତ୍ରା—

ପ୍ରାପ୍ତବୟସ୍କମାନଙ୍କ ପାଇଁ ଥରକେ ୫ ଗ୍ରେନ୍ ହିସାବରେ ଦିନକୁ ତିନିଥର । ଏହି ପରିମାଣ ୧୦ ଗ୍ରେନ୍ ଯାଏ ବଢ଼ାଇ ଦେଇ ଅଳ୍ପ ଅଳ୍ପ ବ୍ୟବଧାନରେ ପୁନଃ ପୁନଃ ଦିଆଯାଇ ପାରେ । ଏହାର ଇଞ୍ଜେକ୍‌ସନ ମଧ୍ୟ ଅଛି । ଆବଶ୍ୟକତାକୁ ଅନାଇ ଦିନକଠାରୁ ଆରମ୍ଭ କରି ଗୃହଦିନ ଅନ୍ତରରେ ୧ ସି: ସି: ପରିମାଣରେ ଇଞ୍ଜେକ୍‌ସନ ପ୍ରାପ୍ତବୟସ୍କମାନଙ୍କୁ ଦିଆଯାଇ ପାରେ । ଶିଶୁମାନଙ୍କ ପାଇଁ ଏହାର ଏକଚତୁର୍ଥାଂଶ ।

ରିପେଣ୍ଟୋ [Ripanto]

ଏହି ମଲମର ଗୁଣ ଅତୁଳନୀୟ । [୧] ପୋଡ଼ିଯାଇଥିବା ସ୍ଥାନରେ ଲଗାଇ ଦେଲେ ତୁରନ୍ତ ପୋଡ଼ାଜଳା ବନ୍ଦ ହୋଇଯାଏ ଓ ଫୋଟକା ଆଦି ହୁଏ ନାହିଁ । ସକାଳେ ଓ ରାତିରେ ଏହିପରି କ୍ରମାଗତ କିଛି ଦିନ ମାଲିସ କଲେ ପୋଡ଼ା କ୍ଷତ ଶୀଘ୍ର ଆରୋଗ୍ୟ ଲାଭ କରେ । [୨] କାଛୁ, କୁଣ୍ଡିଆ, ଏକଜିମା, ଘା ଓ ପିଠିଘା (Bed-sore) ଆଦିରେ ଗରମ ପାଣିରେ ଘାକୁ ଅଚ୍ଛା କରି ଧୋଇ ତୁଳା କିମ୍ବା ନରମ କନାରେ ପୋଛି ଶୁଖିଲା କରିଦେବ । ତାପରେ ସକାଳେ ଓ ରାତିରେ ଦିନକୁ ୨ବାର ଏହାକୁ ମାଲିସ କର । ଯେଉଁ ଘା ଦୁଷ୍ଟ ଘା ପରି ଜଣାପଡ଼େ, ତା ଉପରେ ମଧ୍ୟ ଏହାକୁ ମାଲିସ କଲେ ତୁରନ୍ତ ଭଲ ହୋଇଯାଏ । ପୁରୁଣା ରୋଗୀ ବହୁଦିନ ବିଛଣାରେ ପଡ଼ି ରହିବା ଫଳରେ ଅଣ୍ଟା ଓ ପିଠିରେ ଯେଉଁ ଘା [Bed sore] ହୁଏ, ତହିଁରେ ଏହାକୁ ପ୍ରୟୋଗ କଲେ ୨ଦିନ ଭିତରେ ତାହା ଶୁଖି ଭଲ ହୋଇଯାଏ । [୩] କଟାଘା ଓ କ୍ଷତ ସ୍ଥାନରେ ଏହାକୁ ମାଲିସ କରି କନା ବାଣ୍ଡେଜ ବାନ୍ଧି ଦିଅ । ରକ୍ତବୁହା ଶୀଘ୍ର ବନ୍ଦ ହୋଇଯିବ ଏବଂ ନୂଆ ଘା ଶୀଘ୍ର ଶୁଖି ଆସିବ । (୪) ଗୋଡ଼ ଆଦିରେ ଯେଉଁ କଣ୍ଟା (Corn) ହୁଏ, ତହିଁରେ ରିପେଣ୍ଟୋ ମାଲିସ କଲେ ତାହା ନରମ ହୋଇ ଆସି କୁଆଡ଼େ ମିଳେଇଯାଏ । ମୁହଁରେ ଦାଗ (Pimple) ଏବଂ ବ୍ରଣ ମଧ୍ୟ ଦୂର କରି ଉପରି ଚମକୁ ମୁଲାଏମ କରେ । ଦିନକୁ ୨ଥର ରିପେଣ୍ଟୋ ଚମ ଉପରେ ଅଚ୍ଛାକରି ମାଲିସ କର । [୫] ଅର୍ଶ (Piles) ରୋଗରେ ବ୍ୟବହାର କଲେ ରକ୍ତ ପଡ଼ିବା ଓ ପୋଡ଼ାଜ୍ୱାଳା ବନ୍ଦ ହୋଇଯାଏ । ଏହା ସଙ୍ଗେ ସଙ୍ଗେ ଅର୍ଶ ପାଇଁ ଚନ୍ଦ୍ରପ୍ରଭା-କ୍ୱୋ ମଧ୍ୟ ସେବନ କର ।

ସାଲ୍-ଫସ (Sal-Phos)

ପାଚନ ସମ୍ବନ୍ଧୀୟ ରୋଗରେ ଓ କ୍ୟାଲସିଅମର ଅଭାବ ଘଟିଲେ ସାଲ୍-ଫସ ଉପକାରରେ ଆସେ । ଯେଉଁମାନେ ସଂଯତ ଭାବରେ ନିୟମିତ ଜୀବନ ଯାପନ କରନ୍ତି, ଶକ୍ତି କମି ଆସିଲେ ସେମାନଙ୍କୁ ମଧ୍ୟ ପାଚନ ସମ୍ବନ୍ଧୀୟ ନାନା ରୋଗ ଘେରିଯାଏ ।

Digitized by srujanika@gmail.com

ପାଚନଶକ୍ତି ବଢ଼ାଇବା ପାଇଁ ଡେଜୀଷ୍ଟାନ ମଂଟ୍ଟସର ଅଢ ସେବନ କଲେ ଓ କୋଷ୍ଠ ପରିଷ୍କାର ପାଇଁ ଜୁଲାପ ଅଢ ନେଲେ ଜମି ଅସୁଥିବା ସେହ ଶକ୍ତି ଅନୁଭବ କରି ଥାଏ । ଯେଉଁସବୁ ଔଷଧ ସ୍ନାୟୁମଣ୍ଡଳକୁ ଦୃଢ଼କରିବା ସଙ୍ଗେ ସଙ୍ଗେ ରୋଗ ମଧ୍ୟ ନିବାରଣ କରେ, ସେହିଭଳି ଔଷଧ ଏଭଳି ରୋଗୀଙ୍କ ଚିକିତ୍ସା ପାଇ ଅବଶ୍ୟକ ହୁଏ । ସାଲ-ଫସ ସେହି-ଭଳି ଏକ ଔଷଧ ।

ସାଲ-ଫସ ରକ୍ତଚାପ ବୃଦ୍ଧି [High Blood Pressure] ଦୂରକରେ । କାରଣ ଏଥିରେ କୋଡ ଲକ୍ଷଣ ଅଛି । ଅଲକୋହାଇଁ ମଧ୍ୟ ଏହିପରି ରକ୍ତଚାପକୁ ନିୟମିତ କରେ । ୩ମାସରୁ ୬ମାସ ଯାଏ କ୍ରମାଗତ ବ୍ୟବହାର କଲେ ଅଭୁତ ଉନ୍ନମର ଫୁଲି ମୋଟା ହୋଇ ଯାଇଥିବା ମେଦବୃଦ୍ଧି ଲୋକର ଗଣ୍ଡି ଛୋଟ ହୁଏ । ଏବଂ ସେ ସାଧାରଣ ଅବସ୍ଥାକୁ ଫେରିଆସେ । ଶିଶୁମାନଙ୍କୁ ଦୁଇଦିନ କମ୍ବା ଆବଶ୍ୟକ ବେଳେ ଏକ ଗ୍ରେନର ଆଠଭାଗରୁ ଏକଭାଗ କମ୍ବା ଚାରିଭାଗରୁ ଏକଭାଗ ହିସାବରେ ସାଲ-ଫସ ଦେଲେ ସେମାନଙ୍କର ସ୍ୱାସ୍ଥ୍ୟ ଭଲ ରହେ ଓ କୌଣସି ପ୍ରକାର ରୋଗ ସେମାନଙ୍କୁ ଧରେନା । ଗ୍ରାଇପ ଓ୍ୱାଟର ଆଦିରେ ପିଲାଙ୍କ ପାଇଁ ମାସିକ ଖର୍ଚ୍ଚ ୨।୪ଟଙ୍କା ହେଉଥିବା ବେଳେ ସାଲ-ଫସ ଖୁଆଇଲେ ମାସରେ ଅଣାଏ ୨ଅଣା ଭିତରେ ଖର୍ଚ୍ଚ ହୁଏ ଏବଂ ତା ଅପେକ୍ଷା ଭଲ ଫଳ ମଧ୍ୟ ମିଳେ ।

ପ୍ରୟୋଗବିଧି--

ପ୍ରତିଥର ଖାଇବାର କିଛି ସମୟ ପୂର୍ବରୁ କମ୍ବା ପରେ ୩ଗ୍ରେନ ଠାରୁ ୫ଗ୍ରେନଯାଏ ସାଲଫସ ପାଣିରେ ଗୋଳାଇ ଖାଅ, ନହୁବା ଗୋଟିଏ ଠାରୁ ୨ଟି ଯାଏ ବଟିକା ଖାଅ । ପେଟରେ କିଏ କିଛି ଗୋଳମାଳ ହେଲେ କମ୍ବା ଦଉଜ ମଲମ ହେଲେ ଏହାକୁ ମଧ୍ୟ ସେବନ କରାଯାଇ ପାରେ । ଏଭଳି କ୍ଷେତ୍ରରେ ଗରମ ପାଣିରେ ଗୋଳାଇ ପିଇଲେ ତୁରନ୍ତ ଫଳ ମିଳେ । ପିଲାଙ୍କ ପାଇଁ ସେମାନଙ୍କ ବୟସ ଅନୁପାତରେ ଅଧଗ୍ରେନ ଠାରୁ ୩ଗ୍ରେନ ଯାଏ ଦୁଧ କମ୍ବା ପାଣିରେ ଗୋଳାଇ ଖାଇବା ବିଧି ।

ଟୀକା—(ନୋଟ) ପାଚନ ସମ୍ବନ୍ଧୀୟ ରୋଗପାଇଁ ସାଲଫସ ଅତି ଉତ୍କୃଷ୍ଟ ଔଷଧ । ଝାଡ଼ା ପରିଷ୍କାର ନ ହେଲେ କମ୍ବା ତରଳ ଝାଡ଼ା ହେଲେ ସେଭଳି ଅବସ୍ଥାରେ ଏହା ଅତି ଉପଯୋଗୀ ବୋଲି ପ୍ରମାଣିତ ହୋଇଛି । ଭୋଜନ ପରେ ପରେ ଯେଉଁ-ମାନଙ୍କର ଝାଡ଼ା ହୁଏ, ସେମାନଙ୍କ ପକ୍ଷରେ ସାଲଫସ ସେବନ କରିବା ଏକାନ୍ତ ଆବଶ୍ୟକ ।(ଔଷଧି ବାକ୍ସରେ ଏହା ୧ ନମ୍ବର ଔଷଧ ଅଟେ)

ସାଣ୍ଟୋନାଇନ-କୋ (Santonine-Co)—

ପିଲାମାନଙ୍କ ପେଟରେ କୃମି ହେଲେ କମ୍ବା ଅନ୍ୟ କୌଣସି ପ୍ରକାର ରୋଗ ହେଲେ ଏହା ଉପକାରରେ ଆସେ । ପିଲାମାନଙ୍କ ପକ୍ଷରେ କୃମିରୋଗ ଗୋଟାଏ ଅଦ୍ଭୁତ ରୋଗ । ଟାଇଫଏଡ଼ ଓ ଇନ୍‌ଫ୍ଲୁଏନ୍‌ଜା ଆଦି ଜ୍ୱରରେ ଏହି କୃମିରୋଗ ସଦା ଉପଦ୍ରବ ସୃଷ୍ଟିକରି ଅବସ୍ଥାକୁ ଜଟିଳକରି ପକାଏ । ବ୍ରଙ୍କୋ ନିଉମୋନିଆରେ ମଧ୍ୟ ଗୋଟିଏ ପଲଟାରେ ଆମେ ଏହି କୃମିରୋଗର ଉପଦ୍ରବ ଦେଖିଥିଲୁ କିନ୍ତୁ ସାଣ୍ଟୋନାଇନ-କୋ ପ୍ରୟୋଗ କଲାମାତ୍ରେ

Digitized by srujanika@gmail.com

ବିହ୍ବଳପର ନବଜମାନଅ ରୋଗ ବୃଅଡ଼େ ହରେଇ ଗଲ୍ଲ । ତେଣୁ କୌଣସି ଟଲ୍କର ଚିକିତ୍ସାରେ ଉପଯୁକ୍ତ ଔଷଧ ଦେଇ ସୁଦ୍ଧା ଯଦି ସନ୍ତୋଷଜନକ ଫଳ ନ ମିଳେ ତେବେ ସେଠାରେ ସାଣ୍ଟୋନାଇନ୍ କୋ ଦିଅ ।

ମାତ୍ରା—ଶିଶୁମାନଙ୍କ ପାଇଁ ଏକଗ୍ରେନ୍‌ର ଚତୁର୍ଥଭାଗରୁ ଅଧେ; ଦଶବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ୨ ଗ୍ରେନ୍ ପ୍ରତି ଦୁଇ ଘଣ୍ଟାରୁ ତିନି ଘଣ୍ଟା ଅନ୍ତରରେ କିମ୍ବା ଆହୁରି କମ ବ୍ୟବଧାନରେ ପାଣିରେ ଗୋଳାଇ ଖାଇବା ବିଧି । ସାଣ୍ଟୋନାଇନ୍-କୋ ଖାଇଲା ପରେ କେବେ କେବେ କୃମି ଅଟେ ବାହାରି ନ ପାରେ, ଅବା ବାହାରି ପାରେ । କିନ୍ତୁ ସାଣ୍ଟୋନାଇନ୍-କୋ ସେମାନଙ୍କ କ୍ରିୟାଶକ୍ତିକୁ ଏକାବେଳକେ ନଷ୍ଟ କରିଦିଏ । ଯଦି ଆବଶ୍ୟକ ହୁଏ, ସାଣ୍ଟୋନାଇନ୍-କୋ ଖାଇବା ପରେ କେସ୍କାରାଇନ୍ କିମ୍ବା ପ୍ଲୋଗିନ୍‌ସ ବି ଦିଆଯାଇ ପାରେ ।

ସେନଜିନ (Senzin)—

କ୍ଷୀଣ ପୁରୁଷତ୍ୱକୁ ଉଦ୍ଦୀପିତ କରିବା ପାଇଁ ଓ ନପୁଂସକତା ନାଶ କରି କାମ-ଶକ୍ତିକୁ ଜାଗ୍ରତ କରିବା ପାଇଁ ଏହା ଅତି ଉତ୍ତମ ବାଜୀକରଣ ଔଷଧ । ଏହା ଉତ୍ତେଜକ ନୁହେଁ; କିନ୍ତୁ ଅତ୍ୟଧିକ କିମ୍ବା ଅପ୍ରାକୃତିକ ମୈଥୁନରେ ନଷ୍ଟ ପୁରୁଷତ୍ୱକୁ ଫେରାଇ ଆଣିବାରେ ଏହା ଅତି ଚମତ୍କାର କାମ ଦିଏ ।

ପ୍ରୟୋଗ ବିଧି—ଦୁଇଗ୍ଲାସ ଗରମ ଦୁଧ କିମ୍ବା ପାଣିରେ ଖାଇବାର ଘଣ୍ଟାଏ କିମ୍ବା ଅଧଘଣ୍ଟା ଆଗରୁ ଏବଂ ରାତିରେ ଶୋଇଲା ଆଗରୁ ସେନ୍‌ଜିନ୍ ଖାଅ ।

ମାତ୍ରା—ନଷ୍ଟ ଶକ୍ତିକୁ ଫେରି ପାଇବା ପାଇଁ ୩ ଗ୍ରେନ୍‌ରୁ ୫ ଗ୍ରେନ୍ ଯାଏ । କାମୋଦ୍ଦୀପନା ବା ବାଜୀକରଣ ପାଇଁ ୫ ଗ୍ରେନ୍‌ରୁ ୮ ଗ୍ରେନ୍ ଯାଏ । ନପୁଂସକତା ନାଶ କରିବା ପାଇଁ କୌଣସି କୌଣସି ରୋଗୀ ପକ୍ଷରେ ସେନ୍‌ଜିନର ଇଞ୍ଜେକ୍‌ସନ ନେବା ଦରକାର ହୁଏ । ସେଭଳି କ୍ଷେତ୍ରରେ ପ୍ରତି ୪ ଦିନରୁ ଆଠ ଦିନ ଅନ୍ତରରେ ଅଧା ସି,ସି, ଠାରୁ ଦୁଇ ସି, ସି, ଯାଏ ଇଞ୍ଜେକ୍‌ସନ ଦିଆଯାଇ ପାରେ ।

ସେପଟୋ-ଜର୍ମ (Septo Germ)—

(୧) ଖାଦ୍ୟ ପଦାର୍ଥ ଉତ୍ତମ ରୂପେ ହଜମ ହୋଇ ତାର ସାର ଯେମିତି ଦେହରେ ଲାଗିବ, ତହିଁରେ ଏ ସେପ୍‌ଟୋ-ଜର୍ମ ଚମତ୍କାର କାମ ଦେଖାଏ । ଅନେକ ରୋଗୀ ଖୁବ୍ ଖାଆନ୍ତି ଏବଂ ହଜମ ମଧ୍ୟ କରନ୍ତି । କିନ୍ତୁ ସେମାନଙ୍କ ଦେହ ଲାଗିବାର ଦେଖାଯାଏ ନାହିଁ; ସବୁବେଳେ ପତଳା ତକ ତକ ଦିଶୁଥାନ୍ତି ଏବଂ ନାନା ରୋଗଯନ୍ତ୍ରଣା ଭୋଗୁଥିବାର ଅଭିଯୋଗ କରନ୍ତି । ସେହିଭଳି ଆଉ କେତେକ ରୋଗୀ ଚିକିତ୍ସା ପାଇଁ ଉପଯୁକ୍ତ ଔଷଧ ସେବନ କଲେ ସୁଦ୍ଧା ତହିଁରେ ସେମାନଙ୍କର କୌଣସି ଉପକାର ହେଉଥିବାର ଦେଖାଯାଏ ନାହିଁ । ଏଥିରୁ ଜଣାପଡ଼େ ଯେ, ସେମାନେ ଔଷଧିରୁ ହଜମ କରି ତାର ସାର ଗ୍ରହଣ କରିପାରୁ ନାହାନ୍ତି; ତା ଫଳରେ ରୋଗ ହଟୁ ନାହିଁ । ସେପ୍‌ଟୋ ଜର୍ମ ଏହିଭଳି କ୍ଷେତ୍ରରେ ଖାଦ୍ୟ ତଥା ଔଷଧକୁ ଆମ ଶରୀର ମଧ୍ୟରେ ପାଚ୍ୟ ଓ ଗ୍ରାହ୍ୟ କରିବାରେ ସାହାଯ୍ୟ କରେ ।

Digitized by srujanika@gmail.com

(୨) ଉପଯୁକ୍ତ ଔଷଧ ଦେଲେ ବି ତାହା ଯେତେବେଳେ ବୋଲ ନ କରେ, ସେତେବେଳେ ଚିକିତ୍ସା ବନ୍ଦ କରି ଦେଇ ଦିନେ କିମ୍ବା ଦୁଇଦିନ ପାଇଁ ସେପ୍‌ଟୋ ଇର୍ମି ଦିଅ; ନଚେତ୍ ଅନ୍ୟ ଔଷଧ ସହିତ ଏହାକୁ ମିଶାଇ ବ୍ୟବହାର କର । ତାହାହେଲେ ଦେଖିବ, ଯେ, ଅନ୍ୟ ଔଷଧ ବି ନିଜର ଗୁଣ ଦେଖାଇବ ଏବଂ ରୋଗୀ ମଧ୍ୟ ଶୀଘ୍ର ସୁସ୍ଥ ହୋଇ ଆସିବ । ଆଗେ ଯେଉଁସବୁ ଖାଦ୍ୟ ଖାଇଲେ ରୋଗୀ ହଜମ କରି ପାରୁ ନଥିଲା, ସେପ୍‌ଟୋ ଇର୍ମି କିଛିଦିନ ସେବନ କଲାପରେ ସେଭଳି ଖାଦ୍ୟ ହଜମ ହୋଇପାରେ ।

(୩) ରୋଗ ଆକ୍ରମଣରୁ ଆତ୍ମରକ୍ଷା କରିବା ପାଇଁ ସେପ୍‌ଟୋ ଇର୍ମି ଆମ ଶରୀରର ପୋଷକ ଶକ୍ତିକୁ ବଢ଼ାଏ । ତେଣୁ ଯେଉଁସବୁ ରୋଗରେ ଶରୀରର ପୋଷକ ଶକ୍ତି କ୍ଷୀଣ ହୋଇ ଆସିଥାଏ ଏବଂ ଯେଉଁସବୁ ରୋଗରେ କୀଟାଣୁର କ୍ରିୟାଶକ୍ତିକୁ ଦବାଇବା ଲୋଡ଼ା ହୁଏ ସେହି ସବୁ ରୋଗରେ ସେପ୍‌ଟୋ ଇର୍ମି ଅତ୍ୟନ୍ତ ଉପଯୋଗୀ ଔଷଧ । ଟାଇଫଏଡ୍, ନିଉମୋନିଆ ଓ ସୂତିକା ଜ୍ୱର ଆଦିରେ ଏହା ଅବଶ୍ୟ ସେବନୀୟ ।

(୪) ଯକୃତ୍ ବଢ଼ିଗଲେ କିମ୍ବା ଯକୃତ୍ ଓ ପ୍ଳୀହାର ଶକ୍ତି ଶିଥିଳ ହୋଇ ଆସିଲେ ସେପ୍‌ଟୋ ଇର୍ମି ମଧ୍ୟ ଖୁବ୍ ଉପକାରରେ ଆସେ, ଏହାର ଇଞ୍ଜେକ୍‌ସନ ମଧ୍ୟ ଅଛି । ତେଣୁ ଏହାକୁ ଖିଆଯାଇପାରେ ଏବଂ ଆବଶ୍ୟକ ହେଲେ ତୁରନ୍ତ ଫଳ ପାଇବା ପାଇଁ ଇଞ୍ଜେକ୍‌ସନ ରୂପେ ସିଧା ସଳଖ ରକ୍ତ ସଙ୍ଗେ ମିଶାଇ ଦିଆ ଯାଇପାରେ ।

ସ୍କିନମେଣ୍ଟ (Skinment)—

ଯାଦୁ, ପାଦକାଛୁ (Footich) ସୋରିଆସିସ୍ (Psoriasis) ଓ ଅନ୍ୟାନ୍ୟ କଷ୍ଟକର ଅସାଧ୍ୟ ଚର୍ମରୋଗ ପାଇଁ । ରାତିରେ ଆକ୍ରାନ୍ତ ସ୍ଥାନରେ ସ୍କିନମେଣ୍ଟ ଧୀରେ ଧୀରେ ମାଲିସ କର ଏବଂ ସକାଳେ ଧୋଇ ପକାଅ । ରୋଗ ଭଲ ହୋଇ ଚର୍ମ ତାର ସ୍ୱାଭାବିକ ଅବସ୍ଥାକୁ ନ ଫେରିବା ପର୍ଯ୍ୟନ୍ତ ଏହିଭଳି ଲଗାଇ ଥାଅ । ଯାଦୁ ଆଦି ରୋଗରେ ଦିନରେ ଦୁଇଥର ଲଗାଇବ; କିନ୍ତୁ ଲଗାଇବା ଆଗରୁ ଆକ୍ରାନ୍ତ ସ୍ଥାନକୁ ଗରମ ପାଣିରେ ଧୋଇ ଭଲା କିମ୍ବା ନରମ କନାରେ ପୋଛି ଶୁଖାଇ ନେବ ।

ସ୍ପୋଲାକସ (Spolax)—

ଅଭ୍ୟାସଗତ କୋଷ୍ଠକାଠିନ୍ୟ ପାଇଁ । ଯେଉଁମାନେ ଅଳ୍ପାହାରୀ, ଖାଦ୍ୟ ପରିମାଣ କମିଯିବା ଫଳରେ ଯେଉଁମାନଙ୍କର ପାକସ୍ଥଳୀ ଓ ଅନ୍ତ୍ର ଦୁର୍ବଳ, କ୍ଷୀଣଦେହ ଏବଂ ଶ୍ରମକାତର ସେମାନଙ୍କ ପକ୍ଷରେ ଏ ଔଷଧ ପ୍ରଯୁଜ୍ୟ । ଅର୍ଶରୋଗୀଙ୍କ ପକ୍ଷରେ ମଧ୍ୟ ବିଶେଷ ଫଳପ୍ରଦ । ଏହା ଅନ୍ତ୍ରକୁ ଢିଲା କରେ ସେଥିପାଇଁ ମଳ ନିଷ୍କାସନ ଭଲ ରୂପେ ହୁଏ । ଏହା ପେଟ ଭିତରର ଦୂଷିତ ମଳକୁ ରହିବାକୁ ଦିଏନାହିଁ । ତେଣୁ ବିଷାକ୍ତ ବାୟୁ (Gass) ପେଟ ଭିତରେ ହୁଏ ନାହିଁ । ଏହା ଶରୀରକୁ ଥଣ୍ଡା ରଖେ ଏବଂ ଯକୃତର କ୍ରିୟା ଶକ୍ତିକୁ ବର୍ଦ୍ଧିତ କରେ । ଆମାଶୟ (Dysentery) ଓ କାଶରେ ଅଳ୍ପ ଅଳ୍ପ ମାତ୍ରାରେ ସେବନ କଲେ ଭଲ ଉପକାର ମିଳେ । ଏହା ଅର୍ଶ ଆରୋଗ୍ୟକାରକ ଏକ ଅତି ଉତ୍ତମ ଔଷଧ ଅଟେ । ସ୍ପୋଲାକ୍‌ସ ପାଣି ଶୋଷିନିଏ ଏବଂ ପେଟ ଭିତରେ ପାଣି ଶୋଷଣ କରିବାଦ୍ୱାରା ଫୁଲି ଉଠେ । ତେଣୁ ମଳ-ନିଷ୍କାସନ ଭଲ ରୂପେ ହୋଇ ବେଗ ବଢ଼ାଏ ।

Digitized by srujanika@gmail.com

ପ୍ରୟୋଗ ବିଧି—ଏକ ଗ୍ଲାସ ପାଣିରେ ଗୁଁଣ୍ଡିଅ ୍ରାମଠାରେ ଏକ ଗ୍ରାମର୍ ଚାରି ଗ୍ରାମ ଯାଏ ସ୍ପୋଲାକ୍‌ସ ଗୋଳାଇ ଶୟନ ପୂର୍ବରୁ କିମ୍ବା ରାତି ଭୋଜନର ୨ଘଣ୍ଟା ଆଗରୁ ଖାଇବାଅ । ମଧ୍ୟାହ୍ନ ଓ ରାତି ଭୋଜନର ୨ ଘଣ୍ଟା ଆଗରୁ ଏକଗ୍ରାମ ସ୍ପୋଲାକ୍‌ସ ଟିକିଏ ପାଣିରେ ଗୋଳାଇ ଯଦି ଖିଆଯାଏ, ତେବେ ଉତ୍ତମ ଫଳ ମିଳେ ।

ସ୍ପୋ-ମାଗ (Spo-Mag)

ପେଟ ଓ ଅନ୍ତ୍ରର ଯେଉଁ ସବୁ ରୋଗରେ ଛାଳଣ ଓ ଲସଲସିଆ ଜାତୀୟ ଦ୍ରବ୍ୟ ତଥାର ଔଷଧ ବ୍ୟବହାର କରିବା ଆବଶ୍ୟକ ହୁଏ, ସେହି ସବୁ ରୋଗରେ ସ୍ପୋ-ମାଗ୍ ବେଶ୍ କାମରେ ଆସେ । ଅମ୍ଳ ବେଶୀ କିମ୍ବା କମ୍ ହୋଇଥିଲେ ସ୍ପୋ-ମାଗ୍ ତାହା ନିୟନ୍ତ୍ରିତ କରି ତାକୁ ସମଶୀତଳ ଅବସ୍ଥାକୁ ଆଣେ । ଲସାଥିବା ଔଷଧୀୟ ଦ୍ରବ୍ୟର ସମାବେଶରେ ସ୍ପୋ-ମାଗ୍ ତଥାର ହୋଇଥିବାରୁ ତା'ର ରୋଗନିବାରକ ଶକ୍ତି ମଧ୍ୟ ଅଧିକ । ଏହାକୁ ସେବନ କଲେ ଅନ୍ତ୍ର ଓ ମଳବାହୀ ନାଳି ସୁସ୍ଥ ଓ ସବଳ ହୁଏ ଏବଂ ତହିଁରେ ଘାଆ ଇତ୍ୟାଦି ହୋଇଥିଲେ ତାହା ମଧ୍ୟ ଶୀଘ୍ର ଶୁଖି ଆସେ । ଅନ୍ତ୍ର ଭିତରେ ହଜମ ହୋଇ ନଥିବା ଖାଦ୍ୟ ମଳ ଜମି ଯେଉଁ ସବୁ ବିଷାକ୍ତ ଗ୍ୟାସ ବା ବିଷାକ୍ତ ବାୟୁ ସୃଷ୍ଟି କରେ, ସ୍ପୋ-ମାଗ୍ ତାହା ଦୂର କରି ଅନ୍ତ୍ର ଭିତରକୁ ସଫା ରଖେ ଓ କୋଷ୍ଠ ପରିଷ୍କାର କରେ । ଜଳୀୟ ଦ୍ରବ୍ୟ ସ୍ପୋ-ମାଗ୍ ଶୋଷିନେବା ଫଳରେ ଝାଡ଼ା ପତଳା ନ ହୋଇ ବାନ୍ଧିହୋଇ ଯାଏ । ଲସାଥିବା ଔଷଧୀୟ ଦ୍ରବ୍ୟକୁ ଶରୀର ଗ୍ରହଣ କରିପାରେ ନା ସତ; କିନ୍ତୁ ଅନ୍ତ୍ରରେ ତାହା ପର୍ଯ୍ୟାପ୍ତ ପରିମାଣରେ ପହଞ୍ଚି ପ୍ରାକୃତିକ ଭାବରେ ଅନ୍ତ୍ରକୁ କାର୍ଯ୍ୟକାରୀ କରାଏ ।

ଯେଉଁମାନେ ପତଳା ଝାଡ଼ା, ଆମାଶୟ, ଓ କୋଷ୍ଠବଦ୍ଧତା ଆଦି ରୋଗରେ କଷ୍ଟ ପାଉଥାନ୍ତି, ସ୍ପୋ-ମାଗ ସେମାନଙ୍କ ପକ୍ଷରେ ପରମ ଉପକାରୀ । ପାକସ୍ଥଳୀ ଓ ଅନ୍ତ୍ର ଯେଉଁମାନଙ୍କର ଏକାବେଳକେ ବିଗିଡ଼ି ଯାଇ ଦୁର୍ବଳ ହୋଇ ପଡ଼ିଥାଏ, ସେମାନଙ୍କ ପାଇଁ ମଧ୍ୟ ଏହା ଅତି ଉତ୍ତମ ଔଷଧ । କୋଷ୍ଠବଦ୍ଧତାରେ ଏହା ସମଗ୍ର ଅନ୍ତ୍ରକୁ ସଫା କରି ମଳ ପରିଷ୍କାର କରିଦିଏ । ଝାଡ଼ା ସଫା କରିବା ଭିନ୍ନ ଏହା ସାରା ଅନ୍ତ୍ରକୁ ନିର୍ମଳ ଓ ସ୍ୱଚ୍ଛ ରଖେ । ସଙ୍ଗେ ସଙ୍ଗେ ଦୁର୍ବଳ ଅନ୍ତ୍ରକୁ ବଳଶାଳୀ କରେ ।

ମାତ୍ରା—

ପିଲାଙ୍କୁ ସେମାନଙ୍କ ବୟସ ଅନୁପାତରେ । ପ୍ରାପ୍ତବୟସ୍କମାନଙ୍କୁ ଏକ ଗ୍ରାମଠୁ ପର୍ଯ୍ୟନ୍ତ, ଭୋଜନର ଘଣ୍ଟାଏ କି ଦୁଇଘଣ୍ଟା ପୂର୍ବରୁ କିମ୍ବା ଦୁଇଘଣ୍ଟା କି ତିନିଘଣ୍ଟା ପରେ, ଟିକେ ପାଣିରେ ମିଶାଇ ଖାଇବାକୁ ହୁଏ । ପତଳା ଝାଡ଼ା [Diarrhoea] ଓ ଆମାଶୟ [Dysentery] ଆବଶ୍ୟକତା ଅନୁସାରେ ପ୍ରତି ତିନି ଘଣ୍ଟାରୁ ୬ଘଣ୍ଟା ଅନ୍ତରରେ ସେବନୀୟ ।

ସୁଲଫାସେନ [Sulfasen]

ଏହା ହେଉଛି ସୂକ୍ଷ୍ମୀକୃତ ସଲଫୋନାମାଇଡ୍ [ରାସାୟନିକ ଔଷଧ] ସୂକ୍ଷ୍ମୀକୃତ ହୋଇଥିବାରୁ ଏହାର ଶକ୍ତି ଅଧିକ ବଢ଼ି ଯାଇଥାଏ । ତେଣୁ ଏହାର କାର୍ଯ୍ୟକାରିତା

Digitized by srujanika@gmail.com

ଖୁବ୍ ଅଧିକ ଏବଂ ଅନ୍ୟାନ୍ୟ ଔଷଧ ସଙ୍ଗରେ ସେବନ କରାଗଲେ ଏହା ସେସବୁର କ୍ରିୟାଶକ୍ତିକୁ ମଧ୍ୟ ବଢ଼ାଇ ଦିଏ । ଘା ଅବା କ୍ଷତ ଅତି ବିଷାକ୍ତ (Septic) ହୋଇ ଯାଇଥିଲେ, ବିଷାକ୍ତ ପ୍ରଭାବରୁ ଜ୍ଵର ହୋଇଥିଲେ (Septic Fever) ଏହାକୁ ସେବନ କଲେ ପନ୍ଦର ଘଣ୍ଟାଠାରୁ ୩୬ ଘଣ୍ଟା ଭିତରେ ଜ୍ଵର ଓହ୍ଲାଇ ଯାଏ । ଫୋଟକ, ବ୍ରଣ୍ଡିଅ, ବଥ ଏବଂ ପୂଜ ହେଉଥିବା ଅନ୍ୟାନ୍ୟ ଯେ କୌଣସି ପ୍ରକାର କ୍ଷତରେ ଏହା ପୂଜ ଶୁଖାଇ ଦିଏ ଏବଂ ସେ ସବୁର ବିଷାକ୍ତ ପ୍ରଭାବରୁ ଶରୀରକୁ ରକ୍ଷା କରେ । ବ୍ରୋଙ୍କାଇଟିସ, ନିଇମୋନିଆ ଏବଂ ପ୍ରସବ ପରେ ପ୍ରସୂତିମାନଙ୍କ ଦେହରେ ବିଷାକ୍ତ ପ୍ରଭାବ ଅବକୁ ମଧ୍ୟ ଏହା ଦୂର କରେ ।

ରୋଗ ବିରୁଦ୍ଧରେ ଲଢ଼ି ଆତ୍ମରକ୍ଷା କରିବା ପାଇଁ ଶରୀର ପକ୍ଷରେ ଯେଉଁ ଶକ୍ତି ଲୋଡ଼ା, ସୁଲଫାସେନ ଶରୀରକୁ ସେହି ଶକ୍ତି ଯୋଗାଏ ଏବଂ ତାକୁ ବଢ଼ାଏ । ତେଣୁ ଅନ୍ୟ ଔଷଧ ସଙ୍ଗେ ଏହାକୁ ଖାଇଲେ ସେହି ଔଷଧର କ୍ରିୟା ଶକ୍ତି ବଢ଼ିଯାଏ । ଜ୍ଵରରୋଗ ଓ ଜଟିଳ ରୋଗମାନଙ୍କରେ ଏହାକୁ ସେବନ କଲେ କିମ୍ବା ଇଞ୍ଜେକ୍ସନ ରୂପେ ବ୍ୟବହାର କଲେ ଦେହ ଉପରେ ଏହାର କୌଣସି ଖରାପ ପ୍ରତିକ୍ରିୟା ଦେଖାଯାଏ ନାହିଁ । ରୋଗର କୌଣସି ବିଶେଷ ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ବା ରୋଗ ଅଜ୍ଞାତ ଅବସ୍ଥାରେ ଥିବାବେଳେ ମଧ୍ୟ ଏହାକୁ ପ୍ରୟୋଗ କଲେ ରୋଗ ଓ ରୋଗୀ ଉପରେ ତାର ସୁପ୍ରଭାବ ପଡ଼ିବାର ଦେଖାଯାଏ । ପକ୍ଷାଘାତରେ ଅଯୋଗ୍ୟିନ ସଙ୍ଗେ ଏହାକୁ ସେବନ କଲେ ଏହା ତାହାର କ୍ରିୟାଶକ୍ତିକୁ ବଢ଼ାଇ ଦିଏ ଓ ରୋଗୀକୁ ଶୀଘ୍ର ସୁସ୍ଥ କରିଦିଏ ।

ପ୍ରୟୋଗ ବିଧି—

ସୁଲଫାସେନ ଖିଆଯାଇପାରେ ଏବଂ ଇଞ୍ଜେକ୍ସନ ରୂପେ ମଧ୍ୟ ବ୍ୟବହାର କରାଯାଇ ପାରେ । ଖାଇବାକୁ ହେଲେ ଶିଶୁମାନଙ୍କ ପାଇଁ ମାତ୍ରା ଥରକେ ଏକଗ୍ରେନର ଅଠଭାଗରୁ ଭାଗେ । ପ୍ରାପ୍ତବୟସ୍କମାନଙ୍କ ପାଇଁ ୩ ଗ୍ରେନ୍ । ଜିଭ ଉପରେ ରଖି କିମ୍ବା ଟିକିଏ ପାଣି ସଙ୍ଗେ ଗୋଳାଇ ଖାଇବାକୁ ହୁଏ । ଗରମ ପାଣି ହେଲେ ଭଲ । ଅତି କମ ଘଣ୍ଟାଠାରୁ ବାରଘଣ୍ଟା ଅନ୍ତରରେ ସେବନୀୟ । ରୋଗୀର ଉନ୍ନତି ଦେଖାଗଲେ ଔଷଧର ମାତ୍ରା ପରିମାଣ କମାଇବାକୁ ହୁଏ ଏବଂ ସେବନର ବ୍ୟବଧାନ କାଳ ବଢ଼ାଇବାକୁ ହୁଏ ।

ଇଞ୍ଜେକ୍ସନ ପ୍ରୟୋଗ ବିଧି—

ଅର୍ଦ୍ଧ ସି:ସି:ରୁ ଏକ ସି:ସି: ସୁଲଫାସେନ ପ୍ରତି ଏକ ଦିନରୁ ତିନି ଦିନ ଅନ୍ତରରେ ରୋଗର ପ୍ରକୃତି ଓ ଅବସ୍ଥାକୁ ବିଚାର ମାତ୍ରା ନିର୍ଦ୍ଧାରଣ କରିବାକୁ ହେବ [୨%] ଶତକଡ଼ା ୨ଭାଗ ଔଷଧ ପାଣି ସହିତ ମିଶାଇ ଇଞ୍ଜେକ୍ସନ ନିମନ୍ତେ ଔଷଧ ପ୍ରସ୍ତୁତ କରିବାକୁ ହୁଏ ।

ସୁରାଙ୍ଗସଲଫାସ (Surong Sulphas)—

ଫୁଲ ଓ ଦରଜ ଅତ ପାଇଁ ଏହା ଅତି ଉତ୍ତମ ଔଷଧ । ଫୁଲ ଛୁଟରେ, ଆଖିରେ ଅବା ପାଦ ଅଙ୍ଗରେ ହେଲେ ସୁରାଙ୍ଗ ସଲଫାସ ପ୍ରୟୋଗରେ ତୁରନ୍ତ ଆରାମ

Digitized by srujanika@gmail.com

ମିଳେ । ଘଡ଼ଣୀରେ Surpe ମ୍ରିସେଦ୍ଧାନ୍ତ ଅର୍ଥ ଓ ସେପଟେ ଚର୍ମ ସଙ୍ଗ ମିଶାଇ ଦିଅ । ପ୍ରମେହ [Gleet]ରେ ମଧ୍ୟ ଏହା ଉପକାରରେ ଆସେ । ଯେବେ ସେମନ୍ତ ବୃଦ୍ଧି-ପାଉଥିବେ, ସେଥିପାଇଁ ଅନ୍ୟ ଔଷଧର ଚିକିତ୍ସା ବିଧି ଦେଖନ୍ତୁ । ଅକ୍ଷିଧରା ରୋଗରେ ବାଇକ୍ରୋମ୍ ଓ ଯୁରଙ୍ଗ ସଲଫାସ ଗୋଟିଏ ପରେ ଗୋଟିଏ ପ୍ରୟୋଗ କଲେ ଅତି ଉତ୍ତମ ଫଳ ମିଳେ । ଅକ୍ଷି ଯେତେବେଳେ ବେଶି ଫୁଲିଥାଏ ଓ ନାଲି ପଡ଼ିଯାଇଥାଏ, ସେତେବେଳେ କେବଳ ଯୁରଙ୍ଗ ସଲଫାସରେ ଉପକାର ମିଳେ । କିନ୍ତୁ ଅକ୍ଷିରୁ ଯଦି ଅଧିକା ପାଣି ଓ ନେଝଡ଼ ନିର୍ଗତ ହୁଥାଏ ଏବଂ ପତା ଖୋଲି ନ ହୋଇ ଲାଗିଯାଉଥାଏ, ତୁଳ ଏକ ମାତ୍ରା ବାଇକ୍ରୋମ୍ ସେତେବେଳେ ପ୍ରୟୋଗ କଲେ ତୁରନ୍ତ ଫଳ ମିଳେ । ଯୁରଙ୍ଗ ପାଣିରେ ଗୋଳାଇ ଲୋସନ ତିଆର କର ଏବଂ ପ୍ରତି ୩୪ ଘଣ୍ଟା ଅନ୍ତରରେ ଦୁଇ ଅକ୍ଷିରେ ୨।୪ ବିନ୍ଦୁ ପକାଅ । ଦେହର ଯେ କୌଣସି ସ୍ଥାନରେ, ବାହାରେ ହେଉ ବା ଚମ ଉପରେ ହେଉ, ଯଦି ଘେ ଜ୍ୱାଳା ହେଉଥାଏ, ତେବେ ଯୁରଙ୍ଗ ସଲଫାସ ପ୍ରୟୋଗରେ ତାହା ଭଲ ହୋଇଯାଏ ।

ଟେକ୍ସାଇନ୍ (Taxine)—

ଯକୃତର କ୍ରିୟାଶକ୍ତି ଶିଥିଳ ହୋଇ ଆସିଥିଲେ ଏବଂ କୋଷ୍ଠବଦ୍ଧ ହେଉ-ଥିଲେ ଏହା ଉପଯୋଗରେ ଆସେ । ଟେକ୍ସାଇନ ସେବନରେ ଯକୃତର ବଳ ଓ ପୁଷ୍ଟି ବଢ଼େ । ଖାଦ୍ୟ ହଜମ ପାଇଁ ଉହାକୁ ପାଚକରସ ଅନୁପାତ ଅନୁସାରେ କ୍ଷରିତ ହୁଏ । ଏହା ଫଳରେ ଖାଦ୍ୟ ଯଥାବିଧି ହଜମ ହୁଏ ଓ ଅନ୍ତର କ୍ରିୟା ପ୍ରଖର ହୋଇ କୋଷ୍ଠବଦ୍ଧତା ଦୂର ହୁଏ । ଥରେ ଅନ୍ତ୍ର ସଫା ହୋଇଗଲେ ଅନ୍ତ ଭିତରେ ମଳ ଜମା ହୋଇ ରହିପାରେ ନାହିଁ, କି ପ୍ରତିଦିନ ଟେକ୍ସାଇନ୍ ଖାଇବାକୁ ପଡ଼େ ନାହିଁ । ସୁସ୍ଥ ଲୋକର ଝାଡ଼ା ଯେପରି ବାନ୍ଧି ହୋଇଯାଏ, ଟେକ୍ସାଇନ ସେବନ ପରେ ଝାଡ଼ା ସେହିପରି ପ୍ରକୃତିକ ଅବସ୍ଥାକୁ ଫେରିଆସେ । କୋଷ୍ଠବଦ୍ଧତା ଯାହାର ପ୍ରକୃତିଗତ, ସେ ଏହାକୁ ସେବନ କଲେ ତାର ଝାଡ଼ା ସ୍ୱାଭାବିକ ହୋଇଆସେ ଏବଂ ନିୟମିତ ଭାବରେ ହୁଏ । ଖାଇବାକୁ ଟେକ୍ସାଇନର ସ୍ୱାଦ ମଧ୍ୟ ରୁଚିକର । ଶିଶୁମାନଙ୍କୁ ଏବଂ ଗର୍ଭାବସ୍ଥାରେ ସ୍ତ୍ରୀଲୋକମାନଙ୍କୁ ମଧ୍ୟ ଏହା ଦିଆଯାଇପାରେ । ଗର୍ଭବତୀମାନଙ୍କର କୋଷ୍ଠବଦ୍ଧତା ହେଉଥିଲେ ସେମାନଙ୍କ ପକ୍ଷରେ ଏହା ଗୋଟିଏ ଆଦର୍ଶ ଔଷଧ । ଅଧିକ ମାତ୍ରାରେ ଖାଇଲେ ମଧ୍ୟ କୌଣସି କ୍ଷତି ବା ଅନିଷ୍ଟର ଆଶଙ୍କା ନ ଥାଏ ।

ମାତ୍ରା—ଶିଶୁମାନଙ୍କ ପାଇଁ ଏକଗ୍ରେନ ଏବଂ ପ୍ରାପ୍ତବୟସ୍କମାନଙ୍କ ପାଇଁ ଅବସ୍ଥାକୁ ଅନାଇ ୩ ଗ୍ରେନରୁ ୮ ଗ୍ରେନ ଯାଏ ଦେବାକୁ ହେବ । ଝାଡ଼ା ସ୍ୱାଭାବିକ ଅବସ୍ଥାକୁ ଆସିଗଲେ ଏହି ମାତ୍ରା ପରିମାଣ କମାଇବାକୁ ହେବ । ରାତିରେ ଶୋଇଲାବେଳେ କିମ୍ବା ରାତି ଭୋଜନର ଦୁଇ ଘଣ୍ଟା ଆଗରୁ ସେବନ କରିବା ବିଧି । ବଟିକାକାରରେ ଟେକ୍ସାଇନ ଥିଲେ ପ୍ରାପ୍ତବୟସ୍କମାନେ ଗୋଟିଏଠାରୁ ଚାରୋଟି ଯାଏ ବଟିକା, ପିଲାମାନେ ଅଧାଠାରୁ ପୂର୍ବ ବଟିକା ଏବଂ ଶିଶୁମାନେ ଅଧା ବଟିକା ସେବନ କରିବେ ।

Digitized by srujanika@gmail.com

ଯକୃତ୍ ଶିଥିଳ ଓ ଦୁର୍ବଳ ହୋଇ ପଡ଼ିଥିଲେ ହାଲ୍‌କା ମାତ୍ରାରେ ଦିନକୁ ତିନିଥରଠାରୁ ଚାରିଥର ଯାଏ ଖାଇବ । ଭୋଜନର ଠିକ୍ ଆଗରୁ କିମ୍ବା ଠିକ୍ ପରେ ଟେକ୍‌ସାଇନ ସେବନ କଲେ ଖାଦ୍ୟ ପଦାର୍ଥ ଭଲ ହଜମ ହୁଏ ଏବଂ ପ୍ରାକୃତିକ ଭାବରେ କୋଷ୍ଠଶୁଦ୍ଧି ମଧ୍ୟ ହୁଏ ।

ପାଞ୍ଚ ଗ୍ରେନ ପରିମାଣର ବଟିକା ଆକାରରେ ମଧ୍ୟ ଟେକ୍‌ସାଇନ୍ ମିଳେ । ପଚାଶଟି ପ୍ୟାକେଟରେ କିମ୍ବା ୫୦ ବଟିକା ଥିବା ଶିଶିରେ ତାହା ବିକ୍ରୀ ହୁଏ । ବଟିକା ହଠାତ୍ କାମ ଦେଖାଏ; ତେଣୁ ଝାଡ଼ା ଖୁବ ଶକ୍ତ ହେଉଥିଲେ ଏହି ବଟିକା ଖାଇଲେ ଭଲ ଫଳ ମିଳେ । ଏହାକୁ ଟେକ୍‌ସାଇନ ଷ୍ଟ୍ରଙ୍ଗ (Taxine Strong) ବୋଲି କୁହାଯାଏ । ବଡ଼ଙ୍କ ପାଇଁ ରାତିରେ ଶୋଇଲାବେଳେ ଏଇ ବଟିକାରୁ ଗୋଟିକ ଠାରୁ ଦଶଟିଯାଏ ଖାଇବା ଦରକାର ।

ଟି: ଏମ: (T.M.)—

ଯକ୍ଷ୍ମା ଆଦି କ୍ଷୟ ରୋଗର ଏହା ଏକ ମହୌଷଧ । ଯେଉଁ ଲୋକର କ୍ଷୟରୋଗ ଆରମ୍ଭ ହୋଇଗଲାଣି କିମ୍ବା କ୍ଷୟର ପ୍ରବୃତ୍ତି ଦେଖାଗଲାଣି ଓ ଯେଉଁ ଲୋକର ବଂଶରେ କାହାକୁ ଏହି ରୋଗ ହୋଇ ଯାଇଛି, ସେମାନଙ୍କ ପାଇଁ ଟି: ଏମ. ଏକ ଅନିବାର୍ଯ୍ୟ ଔଷଧ । ଏହାକୁ ସେବନ କଲେ କ୍ଷୟ ରୋଗ ରୋଗୀ ଭଲ ହୋଇଯାଏ, ଆଉ ରୋଗ ଧରି ନ ଥିଲେ, ଧରିବା କାହିଁ ବନ୍ଦ ହୁଏ । ଇଞ୍ଜେକସନ ରୂପେ ପ୍ରୟୋଗ କଲେ ଶୀଘ୍ର ଫଳ ମିଳେ ।

ମାତ୍ରା—

ଟି: ଏମ: ର ସେବନ ବିଧି ଯେପରି, ଜି: ଏମ୍: ର ସେବନ ବିଧି ମଧ୍ୟ ସେହିପରି । ସୁତରାଂ ଏ ଉଭୟ ଔଷଧରେ ଏକାପରକମ ସାବଧାନତା ଅବଲମ୍ବନ କରିବା ଉଚିତ । ପ୍ରାପ୍ତବୟସ୍କମାନଙ୍କ ପାଇଁ ଏକ ଗ୍ରେନରୁ ୨ ଗ୍ରେନ ଯାଏ ଗ୍ଲିସରିନ କିମ୍ବା ଦୁଇ ଗ୍ଲିସରିନ ଦୁଧ କିମ୍ବା ପାଣିରେ ଗୋଳାଇ ସେବନ କରିବାକୁ ହୁଏ । ଯେଉଁ ପାତ୍ରରେ ଗୋଳାଇବ, ତାହା ଖୁବ୍ ପରିଷ୍କାର ଥିବା ଦରକାର । ଖାଇବା ଆଗରୁ ପାତ୍ରକୁ ଭଲ ଭାବରେ ଧୋଇ ସଫା କରିନେବା ଦରକାର । ଭୋଜନର ଏକଘଣ୍ଟା ଆଗରୁ କିମ୍ବା ୨ ଘଣ୍ଟା ପରେ ଏବଂ ଅବସ୍ଥାକୁ ଅନାଇ ଦଶ ଦିନଠାରୁ ଆରମ୍ଭ କରି ତିନ ମାସଯାଏ ଅନ୍ତରରେ ସେବନ କରିବାକୁ ହେବ । ଟି: ଏମ୍: ଏବଂ ଜି: ଏମ୍—ଏ ଦଉଟିଯାକ ଔଷଧର ପ୍ରଭାବ ବଡ଼ ଗମ୍ଭୀର ଏବଂ ରୋଗୀର ଦେହରେ ଭେଦ ଗୁଣ ଦେଖାଇବାକୁ ଠିକ୍ ସମୟ ଲାଗେ । ତେଣୁ ଔଷଧ ପୂର୍ଣ୍ଣ ଭାବରେ ତା କ୍ରିୟା ଦେଖାଇବାକୁ ଯଥେଷ୍ଟ ସମୟ ଦେବା ଆବଶ୍ୟକ । ଏ ଔଷଧ ଖାଇବାର ୧୨ ଘଣ୍ଟା ଠାରୁ ୨୪ ଘଣ୍ଟା ଆଗରୁ ଏବଂ ୨୪ ଘଣ୍ଟା ଠାରୁ ୪୮ ଘଣ୍ଟା ପୂର୍ବେ ଅନ୍ୟ କୌଣସି ଔଷଧ ଖାଇବା ଅନୁଚିତ । କାରଣ ଅନ୍ୟ ଔଷଧ ଦ୍ୱାରା ସହଜରେ ଏହା ଗୁଣ କମରେ ଅଞ୍ଚ ଆସେ । ଯଦି ଅନ୍ୟ ଔଷଧ ଦେବା ନିହାତି ଆବଶ୍ୟକ ହୁଏ, ତେବେ ବ୍ୟବଧାନ ସମୟ କମାଇ ଦେବା ଉଚିତ ।

Digitized by srujanika@gmail.com

ସୂଚନା—

ଡି: ଏମ୍: ଦେହର ଗଠନକୁ ଭେଦ ରୋଗ ଉପରେ ପ୍ରଭାବ ପକାଇବାକୁ ସମୟ ଲାଗୁଥିବାରୁ ଅତି ଆବଶ୍ୟକ ନ ହେବା ପର୍ଯ୍ୟନ୍ତ କ୍ରିୟାଗତ ଦାନ ଔଷଧ ଖାଇବା ଉଚିତ ନୁହେଁ । ପ୍ରଥମ ମାତ୍ରା ଔଷଧ ସେବନ କରି ଯଦି ତାର କୌଣସି ଫଳ ଦେଖା ନ ଯିବ, କିମ୍ବା ପ୍ରଥମେ ରୋଗୀର ସାମାନ୍ୟ ଉନ୍ନତି ଦେଖା ଯାଇ ପରେ ଆଉ କୌଣସି ଭଲ ଫଳ ଦେଖା ନ ଯିବ, ତାହେଲେ ସେତେବେଳେ ଯାଇଁ ଅବସ୍ଥାକୁ ଅନାଇ ପ୍ରତି ଛ ଛ ଘଣ୍ଟାରୁ ଆରମ୍ଭ କରି ବାର ବାର ଘଣ୍ଟା ଅନ୍ତରରେ ଔଷଧ ଦେବ । ଏହାର ଯେଉଁ ମାତ୍ରା ପରିମାଣ ଓ ସେବନ କରିବାର ବ୍ୟବଧାନ ସମୟ, ତହିଁରେ ଯଦି କିଛି ବ୍ୟତିକ୍ରମ ଘଟେ ବା ଭୁଲ ହୋଇଯାଏ, ତେବେ ସୁଦ୍ଧା କୌଣସି ପ୍ରକାର କ୍ଷତି ବା ଅନିଷ୍ଟ ଘଟେ ନାହିଁ । ହୋମିଓପ୍ୟାଥିକ ଔଷଧରେ ମଧ୍ୟ ଏପରି ଗୁଣ ଦେଖାଯାଏ ନାହିଁ । ଆମ ଔଷଧରେ ରୋଗୀ ସହିପାରିଲା ଭଳି ଶକ୍ତି ଦିଆଯାଇଛି । ତେଣୁ ଭୁଲ ବା ଅଧିକ ହୋଇଗଲେ କୌଣସି କ୍ଷତି ହୁଏ ନା । କିନ୍ତୁ ବିଚାରି ଠିକ ମାତ୍ରାରେ ଔଷଧ ଦେଲେ ଆଶ୍ଚର୍ଯ୍ୟ ରକମର ଫଳ ମିଳେ । ଆଲୋପ୍ୟାଥିକ ଡାକ୍ତରମାନଙ୍କୁ ଆମର ପରାମର୍ଶ ଏହି ଯେ, ସେମାନେ ଯେଉଁ ଯାଗାରେ ଟିଞ୍ଚରକୁଇନ ବ୍ୟବହାର କରନ୍ତି ସେହି ଯାଗାରେ ଡି: ଏମ୍: ବ୍ୟବହାର କରନ୍ତୁ ଏବଂ ତାର ଫଳାଫଳ ନିଜେ ପରୀକ୍ଷା କରି ଦେଖନ୍ତୁ ।

ଟୁରାଇ-କୋ (Turai-Co)—

ମୂତ୍ରାଶୟ ଓ ମୂତ୍ରଯନ୍ତ୍ରର ରୋଗରେ (Urinary Troubles) ଏହା ଏକ ଚମତ୍କାର ସାହାଯ୍ୟକାରୀ ଔଷଧ । ପରିସ୍ରା ଯେତେବେଳେ ବନ୍ଦ ହୋଇଯାଇ ଟୋପା ଟୋପା ହୋଇ ହୁଏ ଓ ଭାରି ପୋଡ଼ାଜ୍ୱାଳା ହୁଏ, ସେତେବେଳେ ପାଣିରେ ଏହି ଔଷଧକୁ ଗୋଳାଇ ପିଇଦେଲେ ସଙ୍ଗେ ସଙ୍ଗେ ଚମତ୍କାର ଫଳ ମିଳେ । ମୂତ୍ରକୋଷ (Kidney)ର ରୋଗରେ ଓ ପୁରୁଣା ପ୍ରମେହରେ ମଧ୍ୟ ଏହା ଉପକାରୀ ।

ୟୁମୋନ (Umone)—

ସ୍ତ୍ରୀଲୋକମାନଙ୍କ ପ୍ରଦର ଓ ସେମାନଙ୍କ ଜନନେନ୍ଦ୍ରିୟ ତଥା ଗର୍ଭାଶୟ ଅଦର ପୀଡ଼ା, ଫୁଲା ଓ ଘା ଆଦି ପାଇଁ ଏହା ପରମ ଉପକାରୀ ଔଷଧ । ସେବନକାରୀମାନେ ଶୀଘ୍ର ଏହା ଉକ୍ତ ଯନ୍ତ୍ରରେ ମିଶି ଏତେ ତୁରନ୍ତ ଫଳ ଦିଏ ଯେ, ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ।

ଏହାକୁ ପ୍ରୟୋଗ କରିବାର ବିଧି-ବିଧାନ ଖୁବ୍ ସହଜ ଓ ସୁବିଧାଜନକ ଏବଂ ଡୁସ ପ୍ରସ୍ତୁତ ଦେଇ ସ୍ତ୍ରୀଲୋକମାନଙ୍କ ଯୋନି ଧୋଇବା ଅସୁବିଧା ଏଥିରେ ନାହିଁ । ଜନନେନ୍ଦ୍ରିୟ ଢିଲା ଓ ଶିଥିଳ ହୋଇ ପଡ଼ିଥିବା ଅଙ୍ଗକୁ ଏହା ସଙ୍କୁଚିତ କରିଆଣି ପ୍ରଦର ରୋଗକୁ ନଷ୍ଟ କରେ ଏବଂ ସମସ୍ତ ଜନନେନ୍ଦ୍ରିୟ ଓ ତାର ବିଭିନ୍ନ ଅଂଶମାନଙ୍କୁ ପୁଷ୍ଟ ତଥା ବଳିଷ୍ଠ କରେ । ଏହା ଛଡ଼ା ଜନନେନ୍ଦ୍ରିୟର ସମସ୍ତ ଫୁଲା, ପୀଡ଼ା, କ୍ଷତ ଓ ଘା ଆଦିକୁ ମଧ୍ୟ ଦୂର କରେ ।

Digitized by srujanika@gmail.com

ପ୍ରୟୋଗବିଧି—ପାଞ୍ଚ ଗ୍ରେନରୁ ଆଠ ଗ୍ରେନ (ବୟସାନ୍ତଙ୍କୁ ଅଧିକ) ଷ୍ଟୁମୋନ ନେଇ ତହିଁରେ ସାମାନ୍ୟ ପାଣି ମିଶାଇ ଗୋଳାଇ ନିଅ । ନରମ ଓ ଧଳା ତୁଳାର ଗୋଟିଏ ପ୍ଲେଟ ତୁଳା ତିଆରି କରି ତହିଁରେ ଏହି ପାଣି ଗୋଳା ଷ୍ଟୁମୋନକୁ ଲଗାଇ ଦିଅ । ଏହି ଔଷଧବୋଳା ତୁଳାଗୁଡ଼ାକୁ ଯୋନି ଭିତରେ ଯେତେ ଦୂରକୁ ପାରି, ଧୀରେ ଧୀରେ ଠେଲି ଭର୍ତ୍ତି କର । ତୁଳା ଗୁଡ଼ାକୁ ବାହାର କରି ଆଣିବା ଲାଗି ତହିଁରେ ଗୋଟିଏ ପ୍ଲେଟ ନରମ ସୂତା ବାନ୍ଧିଥିବ । ବ୍ୟକ୍ତିଗତ ସୁବିଧା ଅସୁବିଧା ଅନୁସାରେ ୮ଘଣ୍ଟାରୁ ୨୪ ଘଣ୍ଟା ଅନ୍ତରରେ ଏହି ତୁଳା ଗୁଡ଼ାକୁ ତହିଁରେ ବନ୍ଧାହୋଇଥିବା ସୂତା ସାହାଯ୍ୟରେ ଟାଣି ବାହାର କରିବ । କ୍ଷତ ଓ ଘା ଅଧିକ ହୋଇଥିଲେ ବାହାରେ ମଧ୍ୟ ଷ୍ଟୁମୋନକୁ ଲଗାଯାଇପାରେ । ଦୁଇ ଠାରୁ ତିନି ସପ୍ତାହ ଯାଏ ଏହାକୁ ନିୟମିତ ଭାବରେ ବ୍ୟବହାର କରି ପାରେ ସାମୟିକ ଭାବରେ ବ୍ୟବହାର କଲେ ଚଳେ । ଷ୍ଟୁମୋନ ଋତୁସ୍ରାବକୁ ମଧ୍ୟ ନିୟମିତ କରେ । ଋତୁକାଳରେ ରକ୍ତସ୍ରାବ ଅଳ୍ପ ହେଉଥିଲେ, ଋତୁକାଳର ୧୦ ଦିନ ଆଗରୁ ଷ୍ଟୁମୋନ ବ୍ୟବହାର କର । ସେହିପରି ଅଧିକ ସ୍ରାବ ହେଉଥିଲେ ପ୍ରତି ତିନି ତିନି ଘଣ୍ଟା ଅନ୍ତରରେ ୨ ଠାରୁ ୩ ଗ୍ରେନ୍ ଯାଏ ଷ୍ଟୁମୋନ ପାଣିରେ ଗୋଳାଇ ପିଇଲେ ତାହା ବନ୍ଦ ହୋଇଯାଏ । ଯଦିଓ କୌଣସି କ୍ଷତ ବା ଅନିଷ୍ଟର ଆଶଙ୍କା ନ ଥାଏ, ତଥାପି ଋତୁକାଳ ଭିତରେ ଷ୍ଟୁମୋନ ବ୍ୟବହାର କରିବ ନାହିଁ ।

ଭେଜିଟେବଲ୍ ସଲ୍ଟ (Vegetable Salt)—

(୧) ପ୍ଲେଗରେ ଅର୍ସେନିକ୍ଟ୍ରସ୍ ସହିତ, (୨) ଅର୍ଶରୋଗରେ ଯେତେବେଳେ ରକ୍ତ ପଡ଼ୁଥାଏ ଏବଂ ଯକୃତ୍ କ୍ରିୟାଶକ୍ତି ଶିଥିଳ ହୋଇ ଆସିଥାଏ, ସେତେବେଳେ ଏହା ସେବନୀୟ । ଅର୍ଶରେ ରକ୍ତ ଖୁବ ଅଧିକ ପଡ଼ୁଥିଲେ, ଫେରମ୍-ଫୋ ବ୍ୟବହାର କର । ତରଳ ଓ ନରମ ଝାଡ଼ା ସଙ୍ଗେ ଯଦି ରକ୍ତ ପଡ଼ୁଥାଏ, ତେବେ ସାନି-ନାଇଟ୍ରେଟ୍ ଦିଅ । ୯ ଡ୍ରାଫେର୍ ଅସେଲ୍ଲ ପରେ ଯଦି କିଛି ସମୟ ଯାଏ ଜ୍ୱାଳାପୋଡ଼ା ଓ ପୀଡ଼ା ହୁଏ, ତେବେ ୩ ନମ୍ବର ଔଷଧ ପ୍ରୟୋଗ କର । ଶୋଇଲାବେଳେ ଭସେଲିନ୍ ମଲମ ପରି ଲଗାଇ ଦେଲେ ବେଶ ଆରାମ ମିଳେ । (୩) ଅପେଣ୍ଡି-ସାଇଟିସରେ ଗୋଟିକ ପରେ ଗୋଟିଏ କରି ଫେରମ-ଫୋ ସହିତ ଏହାକୁ ଦେବ । କୋଷ୍ଠବଦ୍ଧତା ଥିଲେ ତାକୁ ଦୂର କରିବାପାଇଁ ମ୍ୟାଗ୍ନେସିଆ ଦିଅ । (୪) ତରଳ ଝାଡ଼ା ଓ ଆମାଶୟ (Diarrhoea and Dysentery) ରୋଗରେ ଯେତେବେଳେ ଅନ୍ୟ ଔଷଧ ସେବନ କରି କୌଣସି ଫଳ ମିଳେ ନା, ସେତେବେଳେ ଏହାକୁ ଏକୁଟିଆ ଦିଅ; ନତୁବା ଫେରମ-ଫୋ ସଙ୍ଗେ ମିଶାଇକରି ଦିଅ । (୫) ଅନ୍ୟ ଔଷଧର ଖରାପ ଫଳକୁ ଦୂର କରିବାପାଇଁ ମଧ୍ୟ ଏହା ସେବନୀୟ । (୬) ନପୁଂସକତାରେ ଭୁବନ ଫଲପଣ୍ଟ ସେବୃଜନ ସଙ୍ଗେ ମଧ୍ୟ ଏହା ଖିଆଯାଇପାରେ ।

ଭାଇଟାଲ୍ ଏସେନସ୍ (Vital Essence)—

ମାନସିକ ଓ ସ୍ନାୟବିକ ରୋଗପାଇଁ ଏହା ଏକ ଭଲ ଔଷଧ । ନିମ୍ନଲିଖିତ

Digitized by srujanika@gmail.com

ଲକ୍ଷଣମାନ ଦେଖାଗଲେ ତୁରନ୍ତ ଗରମ ପାଣିରେ ପାନେ ଭାଇଟାଲ ଏସେନ୍‌ସ୍‌ ଗୋଳାଇ ଖୁଆଇ ଦିଅ । ପ୍ରଳାପ, ମୂର୍ଚ୍ଛା, ଏଣୁ ତେଣୁ ବକିବା, ଅନିଦ୍ରା, ବେହୋସ, ଉନ୍ମାଦ, ମୃଗୀ, ହିଷ୍ଟିରିଆ, ଥରଥର ଅସ୍ଥିର ହେବା, ବୁକି ଧଡ଼ଧଡ଼ ଗାତ୍ରଦାହ ହୋଇଯିବା, ମୁଣ୍ଡ ବୁଲେଇବା ଏବଂ ମାନସିକ ସ୍ନାୟୁବିକ ଓ ଦୁର୍ବଳତାରୁ ଉତ୍ପନ୍ନ ଅନ୍ୟାନ୍ୟ ପୀଡ଼ା ଇତ୍ୟାଦିରେ ସେବ୍ୟ ।

ଥରେ ଗୋଟିଏ ୨୦ ବର୍ଷ ବୟସର ଅବିବାହିତା ଯୁବତୀ ମେଲେରିଆ ଜ୍ୱରରେ ପୀଡ଼ିତ ହୋଇ ଆମ ପାଖକୁ ଚିକିତ୍ସା ପାଇଁ ଆସିଲେ । ଏ କ୍ଷେତ୍ରରେ ସାଧାରଣ ଔଷଧ ଯାହା, ତାହା ତାକୁ ଦିଆଗଲା ଏବଂ ତା ଫଳରେ ଜ୍ୱର ଓହ୍ଲେଇଗଲା; କିନ୍ତୁ ସନ୍ଧ୍ୟା ବେଳକୁ ପୁଣି ଜ୍ୱର ଆସିଲା । ଏଥର ଜ୍ୱରର ପ୍ରକୋପ ବେଶି ହେଲା । ଫଳରେ ରୋଗିଣୀଟି ବଡ଼ ଅସ୍ଥିର ହେଲେ, ଏଣୁ ତେଣୁ ବକାବକି କଲେ । ପେଟରେ ତାର କୌଣସି ପଥ୍ୟ ରହିଲା ନାହିଁ । ବିଛଣାରେ ଏପଟ ସେପଟ ହୋଇ ସେ ଗଡ଼ିଲେ । ଏ ଅବସ୍ଥାରେ ଏକ ଅଉନ୍‌ସ୍‌ ଗରମ ପାଣିରେ ୫ ଗ୍ରେନ ଭାଇଟାଲ ଏସେନ୍‌ସ୍‌ ଗୋଳାଇ ପ୍ରତି ଅଧ ଅଧ ଘଣ୍ଟାଠାରୁ ତିନି ତିନି ଘଣ୍ଟା ଅନ୍ତରରେ ଦୁଇ ଦୁଇ ଗ୍ରାମ ଲେଖାଏଁ ତାକୁ ଦିଆଗଲା । ପ୍ରଥମ ପାନଟି ଖାଇଲା ପରେ ଯୁବତୀଟିର ଅସ୍ଥିରତା କମିଗଲା ଏବଂ ଗାଢ଼ ନିଦରେ ସେ ଶୋଇ ପଡ଼ିଲେ । ଦ୍ୱିତୀୟ ପାନରେ ଜ୍ୱର କୁଆଡ଼େ ଓହ୍ଲେଇ ଗଲା ।

ମାତ୍ରା—ଶିଶୁମାନଙ୍କ ପାଇଁ ଏକ ଗ୍ରେନର ଚତୁର୍ଥଭାଗରୁ ଭାଗେ ଏବଂ ପ୍ରାପ୍ତ-ବୟସ୍କମାନଙ୍କ ପାଇଁ ୫ ଗ୍ରେନ ପ୍ରତି ୩।୪ ଘଣ୍ଟା ଅନ୍ତରରେ ଦୁଧ କିମ୍ବା ପାଣିରେ ଗୋଳାଇ ଖାଇବାକୁ ହୁଏ । ଦୁଧ କିମ୍ବା ପାଣିକୁ ଟିକିଏ ଗରମ କରିନେଇ ତହିଁରେ ଔଷଧ ମିଶାଇ ଖୁଆଇଲେ ଭଲ ଫଳ ମିଳେ । ପ୍ରଳାପ, ଅସ୍ଥିରତା ଏବଂ ଦାନ୍ତ ଓ କାନମୂଳ ଆଦିର ପୀଡ଼ାରେ ଅଳ୍ପ ଅଳ୍ପ ମାତ୍ରାରେ ଅଧଘଣ୍ଟାରୁ ଏକଘଣ୍ଟା ଅନ୍ତରରେ ଦିଅ ।

ଭିଟୋଫୁଡ୍‌ (Vito Food]–

ଏଥିରେ କୋଷ ଲବଣ (Cell-Salt) ଥାଏ । ଅଲବୋ-ସାଙ୍ଗରେ ଏହି ଲବଣ ଥିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ କେତୋଟି ଅସାଧାରଣ ଭେଷଜ ଦ୍ରବ୍ୟ ମଧ୍ୟ ଥାଏ । ଭିଟୋ-ଫୁଡ୍‌ ପରି ସାଲଫୋସ ଓ ଅଲବୋସାଙ୍ଗରେ ନିଜ ନିଜର ସ୍ୱତନ୍ତ୍ର ଗୁଣ ଛଡ଼ା ଏହି ଏକାରକମର କୋଷଲବଣ ସନ୍ନିବିଷ୍ଟ ଥାଏ । ଯେଉଁମାନେ ଶସ୍ତା ଦରରେ ପୁଷ୍ଟିକାରକ ଔଷଧ ଖୋଜନ୍ତି, ସେମାନେ ଏହି ଭିଟୋଫୁଡ୍‌କୁ ପସନ୍ଦ କରନ୍ତି । ସେହିପରି ବହୁ ଔଷଧ ଟିଣ ସଙ୍ଗରେ ଥାଏ ।

ଭିଟୋ.ଜେଲ୍‌ (Vito-Gel)—

ଏହା ରକ୍ତବର୍ଦ୍ଧକ ଓ ରକ୍ତ ପରିଷ୍କାରକ 'ଖ' 'ଗ' ନାମକ ଭାଇଟାମିନ୍‌ ସହଯୋଗରେ ଏହା ପ୍ରସ୍ତୁତ ହୋଇ ଥିବାରୁ ଭୋକ ବଢ଼ାଏ ଓ ଉତ୍ସାହ ବଢ଼ାଏ । ଯେଉଁମାନେ ନିତ୍ୟପ୍ରତି ଫଳ ଖାଇବାର ସୁବିଧା ପାଆନ୍ତି ନାହିଁ ଏହା ସେହିମାନଙ୍କ

Digitized by srujanika@gmail.com

ପକ୍ଷରେ ବିଶେଷ ଉପଯୋଗୀ । ଏହା ଯେପରି ଶ୍ରମାପହାରକ ସେହିପରି ଶୀତଳ । ଯେଉଁମାନେ, ଟାଇଫଏଡ୍‌, ଅନ୍ତ୍ରଗତ ରୋଗ, ଅମାଶୟ ଓ ପାକାଶୟରେ କ୍ଷତ ରୋଗ ଭୋଗୁଅଛନ୍ତି ସେମାନଙ୍କ ପକ୍ଷରେ ବିଶେଷ ଉପଯୋଗୀ । ରେକ୍ଟେଗ୍ଲିଉଡ୍‌ଏ ସ୍ନିଗ୍ଧକାରକ ଔଷଧ ସହଯୋଗରେ ପ୍ରସ୍ତୁତ ହୋଇଥିବାରୁ କୋଲାଇଟିସ [Coilitis] ରୋଗ ପକ୍ଷରେ ବିଶେଷ ଫଳ ଦେଖାଏ । ଏହାର ଗୁଣ ଅତିଶୀଘ୍ର ଜଣାପଡ଼େ ।

ମାତ୍ରା—ଶିଶୁମାନଙ୍କ ନିମନ୍ତେ ଅଳ୍ପ କେତେକ ଗ୍ରେନ । ଅଧା ଚାମଚରୁ ଏକ ଚାମଚ ଅବା ତଦୂର୍ଦ୍ଧ୍ୱ ପ୍ରାପ୍ତ ବୟସ୍କମାନଙ୍କ ପାଇଁ । ଦିନକୁ ଥରେ ବା ଦୁଇଥର ଅଧା ଚିଅଲ୍ସରେ ଏକ ଚିଅଲ୍ସ ପାଣି ସହିତ ଗୋଳାଇ ଆହାରର ୨ ଘଣ୍ଟା ପୂର୍ବରେ ସେବ୍ୟ । ଶିଶୁ ଓ ତରୁଣ ପାକାଶୟ ଜନିତ ରୋଗରେ ଇଟୋଜେଲକୁ ପାଣିରେ ଗୋଳାଇ କିଛି ସମୟ (୧୦-୧୫ ମିନିଟ) ଚିନ୍ତାଇ ରଖି ପରେ ଖଣ୍ଡିଏ ପତଳା କନାରେ ଛାଣିନେଇ ସେହି ଛଣା ପାଣିକି ରୋଗୀକୁ ଖାଇବାକୁ ଦିଅ ଏବଂ କନାରେ ଥିବା ଖଦଡ଼ିଆ ଅଂଶକୁ ପକାଇ ଦିଅ । ଇଟୋଜେଲ ଯେ କୌଣସି ରୋଗରେ ତଟକା ଫଳ ପରିବର୍ତ୍ତିରେ ବ୍ୟବହାର କରି ଯାଇପାରେ ।

ଓ୍ୱାସପାଇନ [Waspine]—

ସ୍ତ୍ରୀଲୋକମାନଙ୍କ ଡିମ୍ବକୋଷ (Ovaries)ରେ ପୀଡ଼ା, ଦରଜ, ଫୁଲା ଓ ବ୍ୟଥା ଆଦି ହେଲେ, ବିଶେଷତଃ ତଳିପେଟରେ ଫୋଡ଼ିଲା ପରି ବେଦନା ଜଣାଗଲେ ଓ୍ୱାସପାଇନ ପାନେ ମାତ୍ର ସେବନ କଲେ ତୁରନ୍ତ ଆରାମ ମିଳେ । ଗର୍ଭବତୀ ସ୍ତ୍ରୀକୁ ଏହି ଔଷଧ ଦେବା ମନା । ଜଳୋଦର (Ascites) ରୋଗରେ ମଧ୍ୟ ଏହା ଭଲ ଫଳ ଦିଏ । ଯେ କୌଣସି ରୋଗ ହୋଇଥାଉ ପଛକେ, ରୋଗୀ ଯଦି ଛୁଞ୍ଚି ଫୋଡ଼ା-ହୋଇଗଲା ପରି ବେଦନା ଅନୁଭବ କରେ, ତେବେ ଓ୍ୱାସପାଇନର ଏକମାତ୍ରାରେ ସେ ବେଦନା ଉପଶମ ହୁଏ । ବିନ୍ଦୁ କାମୁଡ଼ିଲେ ଜହରକୋ ଦେଇ ସୁଦ୍ଧା, ଯଦି ଫଳ ନ ମିଳେ ତେବେ ଓ୍ୱାସପାଇନ ଦିଅ । ଦଶ ମିନିଟଠାରୁ କୋଡ଼ିଏ ମିନିଟ ଭିତରେ ସବୁ ବେଦନା ଦୂର ହୋଇଯିବ ।

ଜହର୍‌-କୋ (Zaher-Co)— ଉପଦଂଶ ରୋଗରେ ଯଦି ଗରମି ବିଷ ଦେହରେ ସଂଯୁକ୍ତ ହୋଇ ରହେ, ସନ୍ନିପାତରେ ଯେତେବେଳେ ରୋଗୀର ଅବସ୍ଥା ସାଂଘାତିକ ହୋଇପଡ଼େ, ଟାଇଫଏଡ଼ (ଆନ୍ତ୍ରିକ ଜ୍ୱର) ଜ୍ୱରର ତୃତୀୟ ସପ୍ତାହରେ, ଯେଉଁ ସବୁ ରୋଗରେ ରକ୍ତ ଦୂଷିତ ହୋଇ ବିଷାକ୍ତ ପାଲଟିଯାଏ, ନିଶାଖୋର ଓ ମଦୁଆମାନଙ୍କୁ ଯେଉଁ ସବୁ ରୋଗ ଧରେ ପକ୍ଷାଘାତରେ, ଏପୋପ୍ଲେକ୍ସି (Apoplexy) ରେ, ମୂର୍ଚ୍ଛା ରୋଗରେ କାମଳ [Jaundice] ରୋଗରେ, ପୁରୁଣା ହୃଦ୍‌ରୋଗରେ ଗର୍ଭାଶୟର କଠିନ ରୋଗରେ ସ୍ତ୍ରୀ ମାନଙ୍କର ରଜୋନିବୃତ୍ତି [୪୫ ବର୍ଷ] ପରେ, ଅତ୍ୟଧିକ ସୂର୍ଯ୍ୟତାପରେ ନଡ଼ିଥିବା ରୋଗରେ ଏବଂ ବିନ୍ଦୁ କାମୁଡ଼ାରେ ଜହର-କୋ ଏକ ମହୌଷଧ । ଥରେ ଜଣେ ଲୋକ ପୁରୁଣା ମେହ [Chronic Gonorrhoea]

Digitized by srujanika@gmail.com

ରୋଗୀର ଚିକିତ୍ସା ପାଇଁ ଆଣିଥିଲେ । ପରୀକ୍ଷାରେ ତାର ମୂତ୍ର ପଡ଼ୁଥିଲା । ଖରାରେ ବସିଲେ କିମ୍ବା କାମ କଲେ ଏହି ମୂତ୍ର ପଡ଼ିବା ବଢ଼ି ଯାଉଥାଏ । ସେ ରୋଗୀକୁ ୨ ଗ୍ରେନ ପରିମିତ ଉଦ୍ଭର ଖୋ ଘୃତରେ ଖୋଇଲା କେବଳ ଗୃହରେ ଦୁଧ କିମ୍ବା ପାଣିରେ ଗୋଳାଇ ଖାଇବାକୁ ବ୍ୟବସ୍ଥା ଦିଆଗଲା ଏବଂ ତାର ଫଳ କଅଣ ହେବ, ତୃତୀୟ ଦିନ ଆସି ଜଣାଇବାକୁ କୁହାଗଲା । ତୃତୀୟ ଦିନ ଆସି ସେ କହିଲା—ତାର ମୂତ୍ର ପଡ଼ିବା କମି ଯାଇଛି ଏବଂ ଖରାରେ ଅଧିକ ସମୟ ତାକୁ ବୁଲିଚଲି କିମ୍ବା କାମ କରିବାକୁ ହୋଇଥିଲେ ମଧ୍ୟ ମୂତ୍ର ପଡ଼ିବା ଆଗପରି ବଢ଼ି ନାହିଁ ଏବଂ ସେ ଖୁବ୍ ଭଲ ବୋଧ କରୁଛି । ତାଙ୍କଠାରୁ ଏସବୁ କଥା ଶୁଣି ଆଉ ପାଞ୍ଚ ଉଦ୍ଭର-ଖୋ ତାକୁ ଦିଆଗଲା ଏବଂ ପ୍ରତି ଗ୍ରେନ ଔଷଧକୁ ଏକଟେନ୍ ହିସାବରେ ବ୍ରାହ୍ମୀ ଭାଜନ ଖାଇବାର ବ୍ୟବସ୍ଥା ଦେଇ ତାର ଚିକିତ୍ସା ଶେଷ କରାଗଲା । ସାଧାରଣ ଭାବରେ ଉଦ୍ଭର-ଖୋକୁ ଇନ୍‌ଜେକସନ୍ ରୂପେ ଦେଲେ ଭଲ ଫଳ ମିଳେ । କାରଣ ଏଥିରେ ଅନ୍ୟାନ୍ୟ ଉପାଦାନ ସହ ସାଗ୍ର ରକ୍ତକୁ କାବୁ କରିବା ପାଇଁ ବହୁତ ଶକ୍ତି ସନ୍ନିବିଷ୍ଟ ଅଛି । ମାତ୍ରା—ଏକ ଗ୍ରେନରୁ ଦୁଇ ଗ୍ରେନ ପର୍ଯ୍ୟନ୍ତ ବାରଘଣ୍ଟା ଅନ୍ତରରେ ଆରମ୍ଭ କରି ୧୦।୧୫ ଦିନ ଅନ୍ତରରେ ଥରେ ଲେଖାଏଁ ଦେବଣୀୟ । ରୋଗର ଉଗ୍ର ଅବସ୍ଥାରେ ପାଣିରେ ଗୋଳାଇ ଅଳ୍ପ ଅଳ୍ପ ବ୍ୟବଧାନରେ ଦିଅ ।

ଚିକିତ୍ସା ପ୍ରକରଣ

(ତୃତୀୟ ଭାଗ)

ଉପକ୍ରମ—

ଏଠାରେ ଅଳ୍ପ କେତୋଟି କଥା କହିଦେଇ ଆମେ ମଣିଷର ପ୍ରକୃତି ଅନୁସାରେ ନିର୍ଦ୍ଧାରିତ ହେବା ସର୍ବାଙ୍ଗୀନ ଚିକିତ୍ସା (Constitutional form of Treatment) ଏବଂ ଚିକିତ୍ସାର ଜଟିଳତା (Complexities and perplexities) ସମ୍ବନ୍ଧରେ ଆଲୋଚନା କରିବୁ । ଏ ଦୁଇଟି ବିଷୟକୁ ମନ ଦେଇ ଭଲ ଭାବରେ ପଢ଼ିନେଲେ କେଉଁ ମୂଳନୀତି ଓ ସିଦ୍ଧାନ୍ତ ଅନୁସାରେ ଭିନ୍ନ ଭିନ୍ନ ପ୍ରକାର ଔଷଧମାନ ଶରୀର ଉପରେ କିପରି କାମ ଦେଖାଉଛି, ସେ ସମ୍ପର୍କରେ ଆପଣମାନଙ୍କର ପୂରାପୂରି ଗୋଟାଏ ଧାରଣା ଆସିଯିବ । ତେବେ ଯାଇଁ ଆପଣମାନେ ବୁଝି ପାରିବେ, ଚିକିତ୍ସା କରିବା କେଡ଼େ ସହଜ । ସବୁଠାରୁ ବଡ଼ କଥା ଏହି ଯେ, ଚିକିତ୍ସାର ମୂଳସୂତ୍ର ଗୁଡ଼ିକୁ ଏଥିରେ ଏତେ ସରଳ ଓ ସହଜ କରି ଦିଆଯାଇଛି ଯେ, ଅଳ୍ପ କେତୋଟି ଔଷଧରେ ଏବଂ ଅଳ୍ପ ବ୍ୟୟରେ ବଡ଼ ବଡ଼ ରୋଗର ଚିକିତ୍ସା ମଧ୍ୟ ସମ୍ଭବପର ହୋଇ ପାରୁଛି । ତେଣୁ ଆପଣମାନେ ଏହା ସାହାଯ୍ୟରେ ଲୋକଙ୍କର ଗୋଟିଏ ବଡ଼ ସେବା ଓ ଉପକାର କରି ପାରିବେ । ବଡ଼ ବଡ଼ ରୋଗକୁ ଅଳ୍ପ ପଇସା ଖର୍ଚ୍ଚରେ ସମୂଳେ ଆରୋଗ୍ୟ କରିଦେବା ହେଉଛି ଏହି ଔଷଧ ଓ ଚିକିତ୍ସା ପ୍ରଣାଳୀର ପ୍ରକୃତ ବିଶେଷତ୍ୱ । କିନ୍ତୁ ଏ କଥା ସବୁବେଳେ ମନେରଖିବାକୁ ହେବ ଯେ, ତୁରନ୍ତ ଫଳ ପାଇବାକୁ ହେଲେ କଡ଼ା ମାତ୍ରା ପରିବର୍ତ୍ତେ ହାଲୁକା ମାତ୍ରାରେ ଔଷଧ ସେବନ କରିବାକୁ ହେବ । ଔଷଧ ଗୁଡ଼ିକର ପ୍ରୟୋଗ ବିଧି ଦ୍ୱିତୀୟ ଭାଗରେ ସାଧାରଣ ସୂଚନା ଶିରୋନାମାରେ ଦିଆଯାଇଅଛି ।

ଚିକିତ୍ସାକୁ ସରଳରୁ ସରଳତର କରିଦେବା ହେଉଛି ଆମର ଅନ୍ତିମ ଲକ୍ଷ୍ୟ । ନିଜର ବଡ଼େଇ ଦେଖାଇ ହୋଇ ଗୋଟାଏ ସନ୍ତୋଷ ଲାଭ କରିବା ଅପେକ୍ଷା ରୋଗରେ ଦୁଃଖକଷ୍ଟ ହେଉଥିବା ସାଧାରଣ ଲୋକଙ୍କୁ ସାହାଯ୍ୟ କରିବା ହେଉଛି ଆମର ପ୍ରଧାନ ଉଦ୍ଦେଶ୍ୟ । ଏଥିପାଇଁ ଯଥେଷ୍ଟ ପରିଶ୍ରମ ସହକାରେ ସମସ୍ତ ବୁଦ୍ଧି ବିବେକ ଲଗାଇ ସାଧୁ ଭାବରେ ପ୍ରତ୍ୟେକ ଜିନିଷର ଅଧ୍ୟୟନ ଓ ଗବେଷଣା କରିବା ଆମର ଉଚିତ ଓ ତା ସଙ୍ଗେ ସଙ୍ଗେ ହୃଦୟରେ ବିନୀତ ଭାବ ପୋଷଣ କରିବା ମଧ୍ୟ ଆମର ଆବଶ୍ୟକ । ନିମ୍ନଲିଖିତ ଗୋଟିଏ ଘଟଣାରୁ ଆମର ଏକଥା ପ୍ରମାଣିତ ହେବ ।

ଥରେ ଜଣେ ମିଶନାରୀଙ୍କ ପାଖକୁ ଗୋଟିଏ ପିଲା ଆସିଲା । ତାର ମୁହଁ ସାରା ଏମିତି ଫୁଲିଥାଏ ଯେ, ଦେଖିଲେ ଭୟ ମାଡ଼ୁଥାଏ । ପିଲାଟିର ଏଭଳି ଅବସ୍ଥା ଦେଖି

Digitized by srujanika@gmail.com

ସେଠାରୁ ୧୦ ମାଇଲ ଦୂରରେ ଥିବା ଗୋଟିଏ ସରକାରୀ ହସପିଟାଲକୁ ପଠାଇ ଦେବାକୁ ସେ ମନସ୍ଥ କଲେ । ସେତେବେଳକୁ ସନ୍ଧ୍ୟା ହୋଇ ଆସିଥିଲା, ତେଣୁ ପରଦିନ ସକାଳେ ତାକୁ ହସପିଟାଲକୁ ପଠାଇ ଦେବାପାଇଁ ସେ ଗୋଟିଏ ଗରୁଡ ଗାଡ଼ିର ବନ୍ଦୋବସ୍ତ କଲେ । ତା ପରେ ରାତିଟି ପାଇଁ ପିଲାଟିକୁ କିଛି ନା କିଛି ଗୋଟିଏ ଔଷଧ ଦେବାକୁ ବିଚାରି ସେ ଆର୍ସେନିକରୁ ଦୁଇ ଡୋଜ ଗୋଟା ପୁଡ଼ିଆ ତାକୁ ଦେଲେ । ପିଲାଟି ସେ ଔଷଧତକ ନେଇ ଘରକୁ ଗଲା ଏବଂ ପରଦିନ ସକାଳୁ ଆସିଲା । ମିଶନାରୀ ଭଦ୍ରଲୋକଟି ପରଦିନ ସକାଳେ ଦେଖି ଆଶ୍ଚର୍ଯ୍ୟ ହେଲେ ଯେ, ତା ମୁହଁର ଫୁଲା ପାୟ ନାହିଁ । ଏହାର କାରଣ ଅବଶ୍ୟ ସେ ବୁଝି ପାରିଲେ ନାହିଁ; କିନ୍ତୁ ଅତି ଆନନ୍ଦରେ ଆମକୁ ଏ କଥା ଜଣାଇ ଦେଲେ ।

ସର୍ବାଙ୍ଗୀନ ବା ଦୋଷନାଶକ ଚିକିତ୍ସା— [Constitutional Treatment]

ସର୍ବାଙ୍ଗୀନ ଚିକିତ୍ସାର ତାତ୍ପର୍ଯ୍ୟ ହେଉଛି, ରୋଗକୁ ଛାଡ଼ି ରୋଗୀର ଚିକିତ୍ସା କର, ଅର୍ଥାତ୍ ରୋଗୀର ପ୍ରକୃତି ଭଲ ଭାବରେ ବୁଝି ତଦନୁସାରେ ତାକୁ ଔଷଧ ଦିଅ । ଯେ କୌଣସି ପ୍ରକାରର ରୋଗ ହେଉ ନା କାହିଁକି, ତାର ଚିକିତ୍ସା କରିବାକୁ ଗଲାବେଳେ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ । ଏକଥା ଏହି ପୁସ୍ତକର ପ୍ରଥମ ଭାଗରେ ବିସ୍ତୃତ ରୂପେ ମଧ୍ୟ କୁହାଯାଇଅଛି ।

ଗୋଟିଏ ରୋଗର ଲକ୍ଷଣ ବା ଉପସର୍ଗମାନ ଦୂର କରିବା ପାଇଁ ଆପଣ ଯେ କୌଣସି ଔଷଧ ପ୍ରୟୋଗ କରି ଚିକିତ୍ସା କରନ୍ତୁ ନା କାହିଁକି, ତା ସଙ୍ଗେ ସଙ୍ଗେ ରୋଗୀର ବଳାଧାନ ଓ ପୁଷ୍ଟି ଉପରେ ଏବଂ ଦରକାର ହେଲେ ପାଚନ କ୍ରିୟା ଓ ସ୍ନାୟୁମଣ୍ଡଳ ଉପରେ ମଧ୍ୟ ବିଶେଷ ଦୃଷ୍ଟି ଦେବାକୁ ହେବ । କାରଣ ରୋଗର ଚିକିତ୍ସାରେ ରୋଗୀର ରକ୍ତଗତ ଯେଉଁ ପରିବର୍ତ୍ତନମାନ ଆସିଲେ ସେ ଆରୋଗ୍ୟଲାଭ କରିବ, ତାହା ଏହି ତିନୋଟି କଥା ଉପରେ ବିଶେଷ ଭାବରେ ନିର୍ଭର କରେ । ବମ୍ବେର ଜଣେ ଡାକ୍ତର ଆମ ପାଖକୁ ଲେଖିଥିଲେ—ରୋଗୀମାନଙ୍କ ଚିକିତ୍ସା କଲାବେଳେ ମୁଖ୍ୟ ଔଷଧ ସଙ୍ଗେ ସଙ୍ଗେ ସବୁ କ୍ଷେତ୍ରରେ ସେ ସାଲ୍ ଫୋସ୍ (ପାଚନ ଶକ୍ତିବୃଦ୍ଧି ପାଇଁ) କିମ୍ବା ଭିଟାମିନ ଏସେନ୍ସ (ସ୍ନାୟୁମଣ୍ଡଳର ବଳାଧାନ ପାଇଁ) କିମ୍ବା ଦୁଇଟିଯାକ ପ୍ରୟୋଗ କରି ଏତେ ଭଲ ଫଳ ପାଇଛନ୍ତି ଯେ, ତାଙ୍କ ନାମ ପୂର୍ବ ଅପେକ୍ଷା ଖୁବ୍ ବଢ଼ି ଯାଇଛି ।

ସାତ୍ତ୍ୱିକ ଆହାର ବା ପୁଷ୍ଟି (Nutrition)—

(୧) ଅଳ୍ପ ବୋଝାଇ ସେବନ କଲେ ଭୋଜନର ପ୍ରୀତିକାରକତା ତଥା ସାତ୍ତ୍ୱିକତା ବଢ଼ିଯାଏ । ଏହା ପ୍ରକୃତିର ନିଜ ଔଷଧ । ଆମେ ଭିନ୍ନ ଦ୍ରବ୍ୟର ପଥ୍ୟାପଥ୍ୟର କଥା ଏଠାରେ କହିବୁ, ଦରକାର ପଡ଼ିଲେ ସେଥିରେ କିଛି ଅଦଳ ବଦଳ କରାଯାଇପାରେ । ରୋଗର ଅବସ୍ଥା ଓ ଆବଶ୍ୟକତାକୁ ଜାଣି ଏଥିରୁ ଭୋଜନରେ ଅଦଳବଦଳ କରାଯାଏ ।

Digitized by srujanika@gmail.com

ପ୍ରଥମ ପ୍ରକାରର ଭୋଜନ—(୧ନଂ ପଥ୍ୟ)

ସକାଳେ ୩ ଭଗ ଦୁଧ ସହିତ ଏକ ଭଗ ଗୃ କମ୍ପା କଫି, ଅଲ୍‌ବୋସାଙ୍ଗ୍ ଏବଂ ରୁଚି ଓ ସ୍ୱାଦ ଅନୁସାରେ ଚିନି। ଏହା ସାଙ୍ଗକୁ ରୁଟି, ଚପାଟି ଏବଂ କିଛି ଫଳ ଦି'ପହରେ ଏବଂ ରାତିରେ ଲୋକର ଅଭ୍ୟାସ ଅନୁସାରେ ଯାହା ଯେ ଖାଏ, ତାହା ଖିଆଯାଇ ପାରେ। ଦୁଇପହର ଭୋଜନ ତୁଳନାରେ ରାତିଭୋଜନ ଟିକିଏ ଲଘୁ ଓ ହାଲୁକା ହେବା ଉଚିତ। ଯେଉଁମାନଙ୍କର ହଜମ ଶକ୍ତି ଦୁର୍ବଳ ବା ଯେଉଁମାନେ ଅଜୀର୍ଣ୍ଣ କିମ୍ବା ଅଗ୍ନିମାନ୍ଦ୍ୟ ଆଦି ଭୋଗୁଥିବେ, ସେମାନେ ଦୁଇପହର ଓ ରାତି ଭୋଜନ ଆଗରୁ ଓ ପରେ ପେପ୍‌ଟୋସିଡ୍ ଓ ସାଲଫୋସ୍ ସେବନ କରିବା ଉଚିତ। ଏହା ହେଉଛି ସାଧାରଣ ଭୋଜନ ଏବଂ ଏହି ସ୍ୱଭାବରେ ଖାଇଲେ ସ୍ୱାସ୍ଥ୍ୟ ଶୀଘ୍ର ଭଲ ହୋଇ ଆସିବ। ଯେଉଁମାନେ ମାନସିକ ପରିଶ୍ରମ କରନ୍ତି, ସେମାନେ ଦି'ପହରେ କପେ ଗୃ ପିଇଲେ ଭଲ ହୁଏ; କିନ୍ତୁ ଭୋକ ନ ଥିଲେ ଏହି ଗୃ ସଙ୍ଗେ ଅନ୍ୟ କିଛି ଖାଦ୍ୟ ଖାଇବା ଏକାବେଳକେ ଅନୁଚିତ। ସକାଳ ଏବଂ ଦ୍ୱିପହରିଆ ଭୋଜନ ମଝିରେ କିଛି ଫଳରସ ସହିତ ଅଲ୍‌ବୋସାଙ୍ଗ୍ ମିଶାଇ ଖିଆଯାଇ ପାରେ।

ଦ୍ୱିତୀୟ ପ୍ରକାରର ଭୋଜନ—(୨ ନଂ ପଥ୍ୟ)

ସକାଳ ଓ ବ୍ରେକଫାଷ୍ଟ—ତିନିଭଗ ଦୁଧରେ ଏକଭଗ ଗୃ କମ୍ପା କଫି ଏବଂ ତାହା ସହିତ ଅଲ୍‌ବୋସାଙ୍ଗ, ଚପାଟି ବା ରୁଟି ଇତ୍ୟାଦି ପ୍ରଥମ ପ୍ରକାରର ଭୋଜନ ପରି ଖିଆଯାଇ ପାରେ। ଦି'ପହର ବେଳେ ଲୋକର ରୁଚି ଓ ଅଭ୍ୟାସ ଅନୁସାରେ ପ୍ରତିଦିନ ସେ ଯାହା ଖାଏ, ତାହା ଖାଇବ, ଅର୍ଥାତ୍ ଦି'ପହରେ ପୂରା ଭୋଜନ ଏବଂ ସକାଳେ ଓ ରାତିରେ ହାଲୁକା ଭୋଜନ ଦରକାର। ୫୦।୬୦ ବର୍ଷ ବୟସର ଲୋକ ଏବଂ ଯେଉଁମାନେ ଉଦର ଓ ଅନ୍ତ୍ରଗତ ରୋଗରେ ଆକ୍ରାନ୍ତ ହୋଇଥାନ୍ତି, ସେମାନଙ୍କ ପକ୍ଷରେ ଏ ପ୍ରକାରର ଭୋଜନ ଅତି ଉପକାରୀ। ପାଚନ ଶକ୍ତି ସୁଧୁରିବା ସଙ୍ଗେ ସଙ୍ଗେ ରାତି ଖାଇବାର ପରିମାଣ ଅଳ୍ପେ ଅଳ୍ପେ ବଢ଼ାଇ ପୂର୍ବ ଅବସ୍ଥାକୁ ନିଆଯାଇ ପାରେ। ନଷ୍ଟ ସ୍ୱାସ୍ଥ୍ୟ ଏହି ଭୋଜନରେ ଶୀଘ୍ର ଫେରିଆସେ ଏବଂ ବୟସ୍କ ଲୋକମାନେ ଏହା ଦ୍ୱାରା ଉପରର ଲୋକପରି କେବଳ ଯେ ଦେଖାଯାନ୍ତି ତା ନୁହେଁ; ନିଜ ଭିତରେ ବି ନିଜକୁ ଯୁବାଭଳି ଅନୁଭବ କରନ୍ତି। ବୃଦ୍ଧମାନଙ୍କ ପକ୍ଷରେ ଦିନକୁ ବଖତେ ଖାଇବାର ନିୟମ କରିନେଲେ, ଖୁବ୍ ଭଲ ଫଳ ମିଳେ।

ତୃତୀୟ ପ୍ରକାରର ଭୋଜନ—(୩ ନଂ ପଥ୍ୟ)

ଲଘୁ ବା ହାଲୁକା ଖାଦ୍ୟ। ଦୁଧ, ଫଳରସ ଓ ପତଳା ବାର୍ଲି ବା ଓଟ୍ସ ଇତ୍ୟାଦି ସଙ୍ଗେ ଅଲ୍‌ବୋସାଙ୍ଗ ମିଶାଇ ପ୍ରତି ତିନି ତିନି ଘଣ୍ଟାକୁ ଦୁଇ ଦୁଇ ଘଣ୍ଟା ଅନ୍ତରରେ ଖାଇବାକୁ ହୁଏ। ରୁଗ୍ଣ ଅବସ୍ଥାରେ ଏହି ଭୋଜନ ହେଉଛି ପଥ୍ୟ। ଉଦର ଓ ଅନ୍ତ୍ର ରୋଗୀମାନଙ୍କ ଚିକିତ୍ସାକାଳ ଭିତରେ ମଧ୍ୟ ଏହା ପଥ୍ୟ। ପାଚନ ସମ୍ବନ୍ଧୀୟ ରୋଗ ଏହି ଭୋଜନରେ ଶୀଘ୍ର ଭଲ ହୋଇଆସେ ଏବଂ ତାର ଫଳ ସ୍ଥାୟୀ ହୋଇ ରହେ।

Digitized by srujanika@gmail.com

(୨) ପରିପାକ [Digestion]—

ପାଚନ ସମ୍ବନ୍ଧୀୟ ରୋଗରେ ଟ୍ରାଇଫେସ୍ ହେଉଛି ଏକ ସାଧାରଣ ଔଷଧ । ଯେଉଁମାନଙ୍କର ହଜମ ଶକ୍ତି ଦୁର୍ବଳ ଏବଂ ଅଗ୍ନିମାନ୍ଦ୍ୟ ଅଛି, ସେମାନଙ୍କ ପକ୍ଷରେ ପେପ୍‌ଟୋସିଡ୍ ଭଲ ଫଳ ଦିଏ । ଅଧିକ ଅମ୍ଳ ଅମ୍ବିଳା ହୁଛି, ପେଟଦରଜ, ପେଟ ଫମ୍ପା ଓ ଖାଲି ମଳ ହେଲେ—ଯେଉଁ ସବୁ ରୋଗୀମାନଙ୍କ ସାଧାରଣତଃ ଖାଇବାର ଦୁଇ ଏକଘଣ୍ଟା ପରେ ଏବଂ ରାତିରେ ଅଧିକ ହୁଏ, ସେମାନଙ୍କ ପାଇଁ ମରକାଇନ୍ ଖୁବ ଉପକାରୀ । ପେଟ ଭିତର ଘାଆ ପାଇଁ (Peptic ulcer) ଡା: ଅଇ: ହରମୋନସ ବା ଗୋଲ୍ଡନସନ ଅଧିକ ଉପଯୋଗୀ ଏବଂ ଏହାକୁ ଭୋଜନର ଏକ ଘଣ୍ଟା ଆଗରୁ ଓ ପୁଣି ଭୋଜନର ଦୁଇଘଣ୍ଟା ପରେ ସେବନ କରିଲ ଭଲ ଫଳ ମିଳେ ।

(୩) ଗ୍ରାହ୍ୟଶକ୍ତି [Assimilation]—

ଜଣେ ଲୋକ ଖୁବ ଖାଉଛି ଏବଂ ଭଲ ହଜମ କରୁଛି, କିନ୍ତୁ ତାହାର ଜୀର୍ଣ୍ଣ ଶୀର୍ଣ୍ଣ ଦେଖା ଯାଉଛି । ଏହାର କାରଣ ହେଉଛି ଏହି ଯେ, ସେ ଯେଉଁ ଖାଦ୍ୟ ଖାଉଛି, ତାର ସାରକୁ ଦେହ ସମ୍ପୂର୍ଣ୍ଣରୂପେ ଗ୍ରହଣ କରିପାରୁ ନାହିଁ; ତେଣୁ ଯେତେ ଖାଇଲେ ବି ଦେହ ତାର ଲାଗୁ ନାହିଁ । ଆଲ୍‌ଫୋସାଙ୍ଗ ଓ ଡା: ଅଇ: ହରମୋନସ ଏହି ଖାଦ୍ୟସାର ଗ୍ରହଣ କରିବାର ଶକ୍ତିକୁ ବଢ଼ାଏ । ସେଥିରେ ଯଦି ଭଲ ଫଳ ନ ହୁଏ, ତେବେ ସେପ୍‌ଟୋଜାର୍ମ ବ୍ୟବହାର କର ।

(୪) ଅଚଳ ଖାଦ୍ୟକୁ ଚଳାଇବା [Sensitization]—

ଏହାର ଅର୍ଥ ହେଉଛି—ରୋଗୀ ଉପରେ ଅତ୍ର କୃତିକ ଏବଂ ଅପଥ୍ୟ ହୋଇ ନ ଥିଲେ ବି ଯେଉଁ ସବୁ ଖାଦ୍ୟ ପେଟ ଭିତରୁ ଗଳ୍ପମ ନେ ରୋଗୀ ହଜମ କରିପାରୁ ନାହିଁ ଏବଂ ତା ଫଳରେ ପାକସ୍ଥଳୀରେ ଗୋଳମାଳ ଆରମ୍ଭ ହେଉଛି, ସେହିସବୁ ଖାଦ୍ୟକୁ ଅଳ୍ପେ ଅଳ୍ପେ ଦେହରେ ଚଳାଇବା । ଏଥିପାଇଁ ଡା: ଅଇ. ହରମୋନସ ହେଉଛି ପରମ ଉପକାରୀ । ଯେଉଁସବୁ ଜିନିଷ ତୁମ ଦେହରେ ଚଳୁ ନାହିଁ, ତାକୁ ଅଳ୍ପେ ଅଳ୍ପେ ଚଳାଅ । କେତେ ଦିନ ସେହି ଖାଦ୍ୟ ଖାଇ ପୁଣି କେତେ ଦିନ ପାଇଁ ବନ୍ଦ କରିଦିଅ । କିଛିଦିନ ଅପେକ୍ଷା କରି ପୁଣି ସେହି ଖାଦ୍ୟ ଖାଅ ଓ କିଛିଦିନ ପରେ ପୁଣି ବନ୍ଦ କର । ଏହିପରି କିଛିଦିନ କଲେ, ସେସବୁ ଖାଦ୍ୟ ପାକସ୍ଥଳୀର ଦେହସୁହା ହୋଇଯିବ ଏବଂ ଅଳ୍ପେ ଅଳ୍ପେ ହଜମ ଶକ୍ତି ଆସିବ । ସେପ୍‌ଟୋଜାର୍ମ ହେଉଛି ଏଥିପାଇଁ ଆଉ ଏକ ଔଷଧ ।

(୫) ମଳ ନିଷ୍କାସନ [Elimination]—

ଏହାର ଅର୍ଥ ହେଉଛି, ନିୟମିତ ଭାବରେ ଖାଦ୍ୟର ଅନାବଶ୍ୟକ ଅଂଶ ଶରୀରରୁ ବାହାରକୁ କାଢ଼ିଦେବା ବା କୋଷ୍ଠକାଠିନ୍ୟ ଦୂର କରିବା । ଆଲ୍‌ଫୋସାଙ୍ଗ ଏବଂ ଡା: ଅଇ. ହରମୋନସ ନିୟମିତ ଭାବରେ ଝାଡ଼ା ପରିଷ୍କାର କରାଇ କୋଷ୍ଠକାଠିନ୍ୟ ଦୂର କରେ । କିନ୍ତୁ ଭାରତୀୟଙ୍କ ସମ୍ବନ୍ଧରେ ଏହି କୋଷ୍ଠକାଠିନ୍ୟ ଏପରି ଏକ ସ୍ୱତନ୍ତ୍ର ରୋଗରେ ପରିଣତ ହୋଇଛି ଯେ, ଯେତେ ଝାଡ଼ା ଔଷଧ ଖାଇଲେ ଭଲ ହେବା ତ

Digitized by srujanika@gmail.com

ଦୂରର କଥା, ବରଂ ଖସ୍ରାପ ଅନ୍ତ୍ରକୁ ଗଡ଼ କରୁଛି । ସ୍ପୋଲ୍ଲକ୍ସ ଓ ସ୍ପୋମାଗ୍ କୋଷ୍ଠ-ବଦ୍ଧତା ଦୂର କରିବା ପାଇଁ ଅମର ବିଶେଷ ଔଷଧ । ଯେଉଁମାନଙ୍କର ବୟସ ବେଶି ଦୁର୍ବଳ ଓ କ୍ଷୀଣସ୍ୱାସ୍ଥ୍ୟ ଏବଂ ଆବଶ୍ୟକ ପରିମାଣର ଖାଦ୍ୟ ଖାଇ ହଜମ କରିବାକୁ ଅସମର୍ଥ ଓ ଯେଉଁମାନେ ଅର୍ଶରୋଗୀ, ସେମାନଙ୍କ ପାଇଁ ଏ ଦୁଇଟି ଔଷଧ ପରମ ହିତକାରୀ । ସ୍ପୋଲ୍ଲକ୍ସ ଯେଉଁ ଔଷଧୀୟ ଦ୍ରବ୍ୟରେ ପ୍ରସ୍ତୁତ ତହିଁରେ ଖାଦ୍ୟକୁ ହଜମ କରାଇବା ଏବଂ ମଳ ନିଷ୍କାସନ କରି ଦେବାର ଶକ୍ତି ଅଛି । ସ୍ପୋମାଗ୍‌ରେ କିନ୍ତୁ କେବଳ ପାଚକ ଔଷଧୀୟ ବସ୍ତୁ ଅଛି, ମଳ ନିଷ୍କାସନ ପାଇଁ ପ୍ରୟୋଜନୀୟ ଔଷଧୀୟ ଦ୍ରବ୍ୟ ନାହିଁ । ତେବେ ପାକସ୍ଥଳୀ ଓ ଅନ୍ତ୍ରକୁ ଶକ୍ତିସାମର୍ଥ୍ୟ ଯୋଗାଇ ଖାଦ୍ୟ ହଜମ କରାଇବା ପାଇଁ ଏଥିରେ ଉପାଦାନ ଅଛି ଏବଂ ଅନ୍ତ୍ରକୁ ଚଜ୍‌କଣ ରଖି ପ୍ରାକୃତିକ ଭାବରେ ମଳ ବାହାର କରିଦେବାର ଶକ୍ତି ଏହା ଦେଇଯାଏ । ଏ ଦୁଇଟି ଔଷଧ ପ୍ରାକୃତିକ ଭାବରେ କାର୍ଯ୍ୟ କରିବାକୁ ଅନ୍ତ୍ରକୁ ସାହାଯ୍ୟ କରେ ।

ପିଲା ଓ ଯୁବକମାନଙ୍କ ପାଇଁ ଟେଲ୍‌ସାଇନ୍ । ଦୁର୍ବଳ-ବିରେଚକ ମଧ୍ୟ କୋଷ୍ଠ-ବଦ୍ଧତା ପାଇଁ ଉତ୍ତମ ଔଷଧ । ସବୁବେଳେ ଏ କଥା ମନେ ରଖିବାକୁ ହେବ ଯେ, ଯେଉଁସବୁ ଔଷଧ ପାଚନ କ୍ରିୟାକୁ ଭଲ ଅବସ୍ଥାକୁ ଆଣେ, ସେହିସବୁ ଔଷଧ କୋଷ୍ଠ-ବଦ୍ଧତା ମଧ୍ୟ ଦୂର କରେ ।

୭ । ମାନସିକ ଓ ସ୍ନାୟୁମଣ୍ଡଳର ବିକାର ବା ବାତଦୋଷ—
(Mental and Nervous Disturbances)

ମାନସିକ ବିକାର ଜାତ ହେଲେ ବା ସ୍ନାୟୁମଣ୍ଡଳୀ ସମ୍ବନ୍ଧୀୟ କୌଣସି ରୋଗ ହେଲେ ବଳାଧାନ ପରିପାକ ଏବଂ ମଳ ନିଷ୍କାସନ ଆଦି, ଏପରିକି ରକ୍ତରେ ମଧ୍ୟ ବିକୃତି ଦେଖାଦିଏ, ଅର୍ଥାତ୍ ପାକସ୍ଥଳୀ ଓ ଅନ୍ତ୍ର ନିଜ ନିଜର କାମ କରନ୍ତି ନାହିଁ ଏବଂ ଅଜୀର୍ଣ୍ଣ ଓ କୋଷ୍ଠବଦ୍ଧତା ଜାତ ହୁଏ । କେବଳ ଏତିକି ନୁହେଁ, ରକ୍ତ ଉପରେ ମଧ୍ୟ ଏହି ମାନସିକ ତଥା ସ୍ନାୟବିକ ବିକାରର ପ୍ରଭାବ ପଡ଼େ ଓ ତାହା ମଧ୍ୟ କ୍ରମେ ଦୂଷିତ ହୋଇଯାଏ । ଅନୁପଯୁକ୍ତ ଆହାର, ପାଚନ ଶକ୍ତିର କ୍ଷୀଣତା ଏବଂ କୋଷ୍ଠବଦ୍ଧତା ଆଦିରୁ ମଧ୍ୟ ବେଳେ ବେଳେ ମାନସିକ ଓ ସ୍ନାୟବିକ ବିକାର ଜାତ ହୁଏ । ତେଣୁ ଯେଉଁସବୁ ଔଷଧ ଏହିସବୁ ଅଭାବ ଓ ତ୍ରୁଟିକୁ ଦୂର କରିବାକୁ ସମର୍ଥ, ସେହିସବୁ ଔଷଧ ସ୍ନାୟୁମଣ୍ଡଳଗତ ରୋଗକୁ ମଧ୍ୟ ଦୂର କରିପାରେ । ବର୍ତ୍ତମାନ ଯୁଗରେ ଏହି ମାନସିକ ଓ ସ୍ନାୟବିକ ବିକାର ଠିକ୍ କୋଷ୍ଠବଦ୍ଧତା ପରି ସ୍ୱତନ୍ତ୍ର ଏକ ରୋଗରେ ପରିଣତ ହୋଇଗଲାଣି । ତେଣୁ ଏହାର ସ୍ୱତନ୍ତ୍ର ଚିକିତ୍ସା ଆବଶ୍ୟକ । ଏଥିପାଇଁ ସାଧାରଣ ଔଷଧ ହେଉଛି—ଭାଇଟାଲ ଏସେନ୍ସ (ବ୍ଲେକ ସେବକ ଚିକିତ୍ସା ବାକ୍ସର ୭ ନମ୍ବର ଔଷଧ) ଅସାଧାରଣ ଅବସ୍ଥା ହୋଇଥିଲେ ସୁବର୍ଣ୍ଣ ମାନସିକ ଏବଂ ସ୍ନାୟବିକ ରୋଗ ପାଇଁ ଫ୍ରକଟୋ ଜିମ୍ ଏକ ବିଶେଷ ଔଷଧ । ରୋଗ ନିବାରଣ ପାଇଁ ଏ ଦୁଇଟିଯାକ ଔଷଧକୁ ମିଶାଇ ଦିନକୁ ଦୁଇ ଥର ଦୁଇଓଳି ଖାଇବା ମଟିରେ ଅର୍ଥାତ୍ ସକାଳ ଓ ସନ୍ଧ୍ୟା ଭୋଜନରେ ପାଣିରେ ଏବଂ ରାତିରେ ଶୋଇବା ବେଳେ ପାଣିରେ

Digitized by srujanika@gmail.com

ଖିଆଯାଇ ପାରେ । ଖୋଉଥିବାବେଳେ ଯେଉଁ ପାନକ ଖିଆଯାଏ, ତାର ଫଳ ଖୁବ ଭଲ ହୁଏ । ସାଧାରଣ ଅବସ୍ଥାରେ ଏବଂ ବିଶେଷ କରି ଯେତେବେଳେ ଏହା ସହିତ ଆଲବୋ-ସାଙ୍ଗ ସେବନ କରାଯାଉଥାଏ, ସେତେବେଳେ ତାକୁ ପାନେ କିମ୍ବା ଦୁଇପାନ ହାଲୁକା ମାତ୍ରାରେ ଖାଇଲେ ଚଳେ । ଟନିକ ହିସାବରେ ମାନସିକ ଓ ସ୍ନାୟୁମଣ୍ଡଳର ପୁଷ୍ଟି ପାଇଁ ଦୁଧ କିମ୍ବା ଫଳରସ ଆଦି ତରଳ ଖାଦ୍ୟରେ ଲଘୁମାତ୍ରା (ପାନକେ ¼ଗ୍ରେନ ପର୍ଯ୍ୟନ୍ତ) ଖିଆଯାଇ ପାରେ; କିନ୍ତୁ ଔଷଧ ହିସାବରେ ପ୍ରାପ୍ତବୟସ୍କମାନଙ୍କ ପାଇଁ ପାନକେ ଏକଗ୍ରେନଠାରୁ ୨ ଗ୍ରେନ ପର୍ଯ୍ୟନ୍ତ ଖାଇବାକୁ ହେବ ।

୭ ରକ୍ତ ବିକାର ବା ରକ୍ତ ଦୁଷ୍ଟି (Blood changes)—

ଘାଆ ବା ଖଚଆଦି ବିଷାକ୍ତ [Septic] ହୋଇଗଲେ ରକ୍ତ ଦୂଷିତ ହୋଇଯାଏ । ଏହି ରକ୍ତଦୋଷ ପାଇଁ ହର୍ମୋଫିଥିନ ଏବଂ ସଲଫାସେନ ହେଉଛି ବିଶେଷ ଔଷଧ । ମେହ ଓ ଉପଦଂଶର ଉଗ୍ର ଅବସ୍ଥାରେ ରକ୍ତ ମଧ୍ୟ ଦୂଷିତ ହୋଇଯାଏ । ତାର ଚିକିତ୍ସା ଆଗରୁ ଲେଖା ଯାଇଛି । କୋଷ୍ଠବଦ୍ଧତାରେ ମଧ୍ୟ ରକ୍ତ ଖରାପ ହୋଇଯାଏ । ଏ ସବୁ ଛଡ଼ା ଏଭଳି କେତେକ ରୋଗ ଅଛି, ଯାହା ଦେହ ଭିତରେ ଲୁଚି ରହି ରକ୍ତକୁ ବରାବର ଦୂଷିତ କରୁଥାଏ । ଏମାନଙ୍କ ଭିତରେ କାଛୁ, କୁଣ୍ଡିଆ, ଯାଦୁ, ଏକ୍‌ଜିମା ଆଦି ହେଉଛି ପ୍ରଧାନ । ଏହି ସମସ୍ତ ରୋଗକୁ ଇଂରେଜିରେ ମୋଟାମୋଟି ସୋରିଆସିସ (Psoriasis) ନାମରେ ଅଭିହିତ କରାଯାଏ । କେବଳ ବାହ୍ୟ ଚିକିତ୍ସାରେ ଏସବୁ ରୋଗ ଦୂର ହୁଏ ନା, ଏହା ମୂଳ ଅନ୍ତର୍ବର୍ତ୍ତୀ ଚିକିତ୍ସାଦ୍ୱାରା ଅର୍ଥାତ୍ ପେଟକୁ ଔଷଧ ଖାଇଲେ ନଷ୍ଟ ହୁଏ । ଏଥିପାଇଁ ଆଲ୍‌ବୋସାଙ୍ଗ ହେଉଛି ସର୍ବୋତ୍କୃଷ୍ଟ ଔଷଧ । ତେଣୁ ଅନ୍ୟ ବାଜେ ଚିକିତ୍ସାରେ ମାତି, ବାଜେ ଔଷଧ ଖାଇ ପଇସା ନଷ୍ଟ କରନା । ଏ ରୋଗସବୁ ହେଉଛି ତ୍ରିଦୋଷାତ୍ମକ ଏବଂ ତ୍ରିଦୋଷନାଶକ ଔଷଧ ଦ୍ୱାରାହିଁ ସେଗୁଡ଼ିକ ସମୂଳେ ନଷ୍ଟ ହେବ । ଗରମି ବିଷ (Venereal poison) ବହୁଦିନଯାଏ ଦେହ ଭିତରେ ଲୁଚି ଲୁଚି ରହେ । ଆଲବୋସାଙ୍ଗ ସେବନରେ କିଛିଦିନ ପରେ ଏ ବିଷ ମଧ୍ୟ ନଷ୍ଟ ହୋଇଯାଏ । କିନ୍ତୁ ରକ୍ତଶୁଦ୍ଧି ପାଇଁ ସ୍ୱତନ୍ତ୍ର ଔଷଧ ହେଉଛି ଅସ୍ୱୋବିନ । ଭୋଜନ ସହିତ ଯଦି ଆଲବୋସାଙ୍ଗ ଖିଆଯାଉଥାଏ, ତେବେ ତାକୁ ଅସ୍ୱୋବିନ ପାନେ ଲେଖାଏଁ ଯଥେଷ୍ଟ । ବର୍ଷେ କିମ୍ବା ଦୁଇବର୍ଷ ଯାଏ ଏହିଭଳି ଖାଇଲେ ରକ୍ତଦୋଷ ସମୂଳେ ନଷ୍ଟ ହୁଏ । କିନ୍ତୁ ଶରୀର ଭିତରେ ଲୁଚି ରହିଥିବା ମେଲେରିଆ ବିଷ ହେଉଛି ଅତି ଭୟଙ୍କର ଶତ୍ରୁ । ଅନେକ ପ୍ରକାରରେ ଏ ବିଷ ଦେହ ଭିତରେ ଲୁଚି ରହେ । ଯାହା ଦେହରେ ଏହି ବିଷ ଥିବ, ସେ ତାର ପ୍ଳୀହ, ପେଟ ରୋଗରେ, ଦାନ୍ତ ରୋଗରେ, ସର୍ଦ୍ଦିରେ, ଇନଫ୍ଲୁଏନଜାରେ ମଧ୍ୟ ଆଗେ ଭୋଗିବ । ଯେ ପର୍ଯ୍ୟନ୍ତ ଏହି ବିଷକୁ ନଷ୍ଟ କରା ନ ଯାଇଛି, ସେ ପର୍ଯ୍ୟନ୍ତ ଅନ୍ୟ ଛୋଟ ଛୋଟ ରୋଗପାଇଁ ଯେତେ ଭଲ ଔଷଧ ବ୍ୟବହାର କଲେ ମଧ୍ୟ ତାର କୌଣସି ଫଳ ମିଳିବ ନାହିଁ । ତେଣୁ ଏଭଳି ରୋଗୀଠାରେ ଯେତେବେଳେ ଠିକଣା ଔଷଧମାନ ଦିଆ ଦେଖାଯାଉ କି ଥିବାର ଜଣାପଡ଼ିବ, ସେତେବେଳେ ସବୁ ଔଷଧ ବନ୍ଦ କରିଦେଇ ଓଷୋ-

Digitized by srujanika@gmail.com

ତୁଇନାଇନ୍ ଦଅ । ମେଲେରିଆ ବୀଜକୁ ନଷ୍ଟ କରିବାରେ ଏହା ଏକ ଉତ୍କୃଷ୍ଟ ଔଷଧ । ସେ ବୀଜ ନଷ୍ଟ ହୋଇଗଲେ ପରେ ଅନ୍ୟାନ୍ୟ ଔଷଧ ଦେଲେ ତୁରନ୍ତ ଭଲ ଫଳ ଫଳିବାର ଦେଖାଯିବ । ପୁରୁଣା ମେଲେରିଆ ପାଇଁ ଥଲ୍‌ବୋସାଙ୍ଗ ମଧ୍ୟ ଗୋଟିଏ ପ୍ରାକୃତିକ ଔଷଧ ।

କେଉଁ ରୋଗରେ କେଉଁ ଔଷଧ (How to Prescribe)—

ନୂଆ ପୁରୁଣା ଭେଦରେ, ସବୁ ରୋଗକୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଏ । ନୂଆ ରୋଗରେ ଅର୍ଥାତ୍ ରୋଗର ପ୍ରାଥମିକ ଅବସ୍ଥାରେ ତାର ଯେଉଁସବୁ ଲକ୍ଷଣମାନ ପ୍ରକାଶ ପାଏ, ସେଗୁଡ଼ିକୁ ନଷ୍ଟ କରିଦେବା ପାଇଁ ବିଶେଷ ଔଷଧ ଦିଆଯାଏ । ଜ୍ୱରପାଇଁ ଜ୍ୱରନାଶକ ଔଷଧ ଏବଂ ତରଳ ଝାଡ଼ାପାଇଁ ଝାଡ଼ାନିବାରକ ଔଷଧ, ଶ୍ୱାସପାଇଁ ଶ୍ୱାସନିବାରକ ଔଷଧ—ଏହିପରି ବିଶେଷ ବିଶେଷ ରୋଗପାଇଁ ବିଶେଷ ବିଶେଷ ଔଷଧ ପ୍ରୟୋଗ କରିବାକୁ ହୁଏ । ଏଭଳି ଅବସ୍ଥାରେ ରୋଗର ଉତ୍ପାତଗୁଡ଼ିକୁ ଦୂର କରିଦେବାପାଇଁ ପାନେ ମାତ୍ର ଔଷଧ ହେଲେ ଯଥେଷ୍ଟ ହୁଏ, କେବେ କେବେ ବା ଦୁଇ ତିନିଦିନ ଲାଗିଯାଏ । ଏ ସବୁ ହେଲା ସାଧାରଣ ରୋଗର କଥା । କିନ୍ତୁ ଅନେକ ଏଭଳି କେତେକ ରୋଗ ଅଛି, ଯେଉଁଗୁଡ଼ିକ ନୂଆ ହେଲେହେଁ ଅଥବା ପ୍ରାଥମିକ ଅବସ୍ଥାରେ ଥିଲେହେଁ ନଷ୍ଟ ହେବାକୁ ସମୟ ଲାଗେ । ସେହିସବୁ ରୋଗ ଯେତେ ସମୟ ଭୋଗ ହେବାର କଥା, ତାହା ନହେଲେ ତାର ବେଗ କମେ ନାହିଁ କି ରୋଗୀ ସୁସ୍ଥ ହୁଏ ନାହିଁ । ସେହିସବୁ ରୋଗ ରୋଗୀକୁ ଦୁର୍ବଳ କରି ଦିଏ ଏବଂ ପ୍ରତିରୋଧ ଶକ୍ତିକୁ ଲୋପ କରିଦିଏ । ଟାଇଫଏଡ଼, ନିମୋନିଆ ଓ ବ୍ରୋଙ୍କାଇଟିସ୍ ଆଦି ସେହି ଶ୍ରେଣୀର ରୋଗ । ଏ ସବୁ ରୋଗ ତାର ଭୋଗ କରିବା କାଳ ପୂରା ହୋଇଗଲେ ଭଲ ହୋଇଯାଏ ସତ; କିନ୍ତୁ ରୋଗୀକୁ ଏକାବେଳକେ କ୍ଷୀଣ ଓ ଦୁର୍ବଳ କରି ପକାଏ । ସେଥିପାଇଁ ସେସବୁ ରୋଗର ଚିକିତ୍ସାରେ ରୋଗନିବାରକ ଓ ପୁଷ୍ଟିକାରକ ଦୁଇ ପ୍ରକାରର ଔଷଧ ରୋଗୀକୁ ଖୁଆଇବାକୁ ପଡ଼େ । ରୋଗର ପ୍ରତ୍ୟେକ ଲକ୍ଷଣଗୁଡ଼ିକୁ ନଷ୍ଟ କରିବ ପାଇଁ ରୋଗନିବାରକ ବିଶେଷ ଔଷଧ ସେବନ କରିବା ସଙ୍ଗେ ସଙ୍ଗେ ଶରୀରର ପୁଷ୍ଟି ଓ ବଳାଧାନ ପାଇଁ ବା ଅନ୍ୟ କଥାରେ ରୋଗର ପରୋକ୍ଷ ପ୍ରଭାବମାନ ଦୂର କରି ରୋଗୀର ସ୍ୱାସ୍ଥ୍ୟ ଓ ଜୀବନୀ ଶକ୍ତିକୁ ବଢ଼ାଇବା ପାଇଁ ଯଦି ପୁଷ୍ଟିକାରକ ଔଷଧ ସେବନ କରା ନ ଯାଏ, ତେବେ ରୋଗ ଧରିବାରେ ବିଳମ୍ବ ଘଟେ । ପୁରୁଣା ରୋଗରେ ଚିକିତ୍ସା ସର୍ବାଙ୍ଗୀନ ଅର୍ଥାତ୍ ତ୍ରିଦୋଷନାଶକ ହେବା ଉଚିତ ।

ଔଷଧ କିପରି ଦିଆଯିବ ବା ଔଷଧ-ମିଶ୍ରଣ (Dispensing)—

ଟିକିଆ ଅପେକ୍ଷା ଚୂନା ଔଷଧ ଶୀଘ୍ର କାମ ଦେଖାଏ ଏବଂ ସସ୍ତା ମଧ୍ୟ ପଡ଼େ । ଚୂନା ଔଷଧକୁ ପାଣିରେ ଗୋଳାଇ ମିକ୍ସଚର ତିଆରି କରିଦେଲେ ଅଧିକ ସୁବିଧା ହୁଏ । ତେବେ ଚୂନା ଓ ଟିକିଆ ଔଷଧ ମଞ୍ଜିରେ ମଞ୍ଜିରେ ଦିଆଯାଇ ପାରେ । ଚାରିଠ ଗ୍ରେନରୁ ଏକ ଗ୍ରେନ୍ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ, ଏକ ଗ୍ରେନ୍‌ରୁ ତିନି ଗ୍ରେନ ପର୍ଯ୍ୟନ୍ତ

Digitized by srujanika@gmail.com

ପିଲ୍ଲମାନଙ୍କ ପାଇଁ ଏବଂ ତିନି ଗ୍ରେନ୍‌ରୁ ପାଞ୍ଚ ଗ୍ରେନ୍ ପର୍ଯ୍ୟନ୍ତ ପ୍ରାପ୍ତବୟସ୍କମାନଙ୍କ ପାଇଁ, ଏକ ଅଉନ୍‌ସଠାରୁ ଦୁଇ ଅଉନ୍‌ସ ପର୍ଯ୍ୟନ୍ତ ପାଣିରେ ଗୋଳାଇ ଦୁଇ ପାନଠାରୁ ଅଠପାନ ଏବଂ ବଡ଼ ଖୋଲପାନ ପର୍ଯ୍ୟନ୍ତ ଔଷଧ ଦିନକ ପାଇଁ ତିଆରି କରାଯାଇ ପାରେ। ଏଠାରେ ଗୋଟିଏ ଉଦାହରଣ ଦେଇ କଥାଟାକୁ ଭଲ ଭାବରେ ବୁଝାଇ ଦିଆ ଯାଉଛି—ଉଦରବିକାରଗ୍ରସ୍ତ ଜଣେ ପ୍ରାପ୍ତବୟସ୍କ ରୋଗୀପାଇଁ ଦୁଇ ଅଉନ୍ସ ପାଣିରେ ½ ଗ୍ରେନ୍‌ଠାରୁ ୮ ଗ୍ରେନ୍ ଯାଏ ସାଲ୍‌ଫୋସ ଗୋଳାଇ ପ୍ରତି ତିନି ତିନି ଘଣ୍ଟା ଅନ୍ତରରେ ପାନକେ ଏକ ଅଉନ୍ସ ଲେଖାଏଁ ଦେବା ଉଚିତ। ଜ୍ୱରରୋଗଗ୍ରସ୍ତ ଆଉ ଜଣେ ରୋଗୀପାଇଁ ½ ଗ୍ରେନ ଆର୍ସେନାଇଜଡ୍ କୁଇନାଇନ ଦୁଇ ଅଉନସ ପାଣିରେ ଗୋଳାଇ ଏକ ଘଣ୍ଟା ଠାରୁ ଆରମ୍ଭ କରି ପ୍ରତି ତିନି ତିନି ଘଣ୍ଟା ଅନ୍ତରରେ ପାନକେ ଅଧ ଅଉନସ୍ ଲେଖାଏଁ ଦିଆଯିବ। ଏହାପରେ ରୋଗୀର ବୟସ ଓ ଅନ୍ୟାନ୍ୟ ଅବସ୍ଥାର କଥା ବିଚାରକରି ଆଣି ଔଷଧମାନ ପ୍ରୟୋଗ କରିବ। ମଝିରେ ମଝିରେ ଦରକାର ହେଲେ ଚୂନା ଔଷଧର ପୁଡ଼ିଆ କିମ୍ବା ବଟିକା ରୋଗୀକୁ ଖୁଆଯାଇ ପାରେ। ରୋଗୀକୁ ମିକଶ୍ଚର ତିଆରି କରି ଦେବା ପରିବର୍ତ୍ତେ ½ ଗ୍ରେନ ଲେଖାଏଁ ମାତ୍ରାରେ ଔଷଧ ଆଣି ପିଆଲାଏ ଗରମ କି ଅଧ ପିଆଲାଏ ଗରମ ପାଣିରେ ଗୋଳାଇ ଉପଯୁକ୍ତ ସମୟରେ କଣ୍ଟି ପରି ସେବନ କରାଯାଇପାରେ।

ଭିନ୍ନ ଭିନ୍ନ ଔଷଧକୁ ମିଶାଇବା ପାଇଁ ଟିକିଏ ଚତୁରତା ଓ ବୁଦ୍ଧି ଥିବା ଦରକାର। ଧରାଯାଉ, ରୋଗୀ ଜ୍ୱର ଭୋଗୁଛି, ତାର ପତଳା ଝାଡ଼ା ହେଉଛି ଏବଂ ସେ ବଡ଼ ଦୁର୍ବଳ ହୋଇ ପଡ଼ୁଛି। ଏ କ୍ଷେତ୍ରରେ ପତଳା ଝାଡ଼ାକୁ ରୋକିବା ପ୍ରଥମ କାମ, ତାପରେ ଦୁର୍ବଳତା ଯେମିତି ଯିବ ସେଥିପାଇଁ ଯୋଗାଡ଼ କରିବାକୁ ହେବ ଏବଂ ସର୍ବଶେଷରେ ଜ୍ୱରର ଚିକିତ୍ସା କରାଯିବ। ତେଣୁ ଏଭଳି ଏକ ରୋଗୀପାଇଁ ନିମ୍ନ-ଲିଖିତମତେ ଔଷଧର ବ୍ୟବସ୍ଥା କରିବାକୁ ହେବ—୩ ନମ୍ବର ଔଷଧରୁ ଅଢ଼େଇ ଗ୍ରେନ, ଭାଇଟାଲ ଏସେନ୍‌ସରୁ ଦେଢ଼ ଗ୍ରେନ ଏବଂ ଆର୍ସେନାଇଜଡ କୁଇନାଇନରୁ ୧ ଗ୍ରେନ—ଏ ରୂପେ ମୋଟ ½ ଗ୍ରେନ ଔଷଧକୁ ଦୁଇ ଅଉନସ ପାଣିରେ ଗୋଳାଇ ପାନକେ ଅଧ ଅଉନ୍‌ସଠାରୁ ଏକ ଅଉନ୍‌ସଯାଏ ପ୍ରତି ଏକ ଏକ ଘଣ୍ଟାରୁ ଦୁଇ ଦୁଇ ଘଣ୍ଟା ଅନ୍ତରରେ ସେବନ କରାଯିବ। ଧରାଯାଉ, ଜ୍ୱର ଖୁବ୍ ଉଗ୍ର ଅବସ୍ଥାରେ ଅଛି ଏବଂ ରୋଗୀର ପତଳା ଝାଡ଼ା ମଧ୍ୟ ହେଉଛି। ସେଭଳି ଅବସ୍ଥାରେ ମୁଖ୍ୟ ଔଷଧ ହେଉଛି, ଫେନୋକାଲ୍‌ସାଇନ କିମ୍ବା ହାଇମୋପିରିନ୍ ଏବଂ ତା ସଙ୍ଗେ ୩ ନମ୍ବର ଔଷଧ କିମ୍ବା ସାଲଫୋସ ମଧ୍ୟ ମିଳାଇ ଦିଅ। ଅନୁଭବ ଓ ଅଭିଜ୍ଞତା ଅନୁସାରେ ବିଭିନ୍ନ ଔଷଧର କ୍ଷୀଣିଲ୍ ମିକଶ୍ଚର ମଧ୍ୟ ତିଆରି କରି ସବୁବେଳେ ରଖାଯାଇପାରେ। ଅନୁପାତ ଅନୁସାରେ ଭିନ୍ନ ଭିନ୍ନ ଔଷଧକୁ ଖଲରେ ପକାଇ ପେଷି ଅଚ୍ଛା କରି ମିଶାଇ ଦିଅ କିମ୍ବା ତାରଜାଲିଦିଆ ଛଣାରେ ପନ୍ଦର କୋଡ଼ିଏ ବାର ଚଲେଇନିଅ। ତାପରେ ଏହି ମିଶ୍ରିତ ଔଷଧକୁ ସଫା ବୋତଲରେ ନାଁ ଲେଖି ରଖ। ଗାଁ ଗହଳରେ ଜଣେ ଖ୍ରୀଷ୍ଟିଆନ ଭଦ୍ରଲୋକ ଜନସାଧାରଣଙ୍କ ସେବାପାଇଁ ଗୋଟିଏ

Digitized by srujanika@gmail.com

ଔଷଧାଳୟ ଚଳାଉଥିଲେ ଏବଂ ସେଥିରେ ଆମ 'ଲୋକସେବକ' ଚିକିତ୍ସା ବାକ୍ସରେ ଥିବା ଆଠଟି ଔଷଧରେ ସବୁ ରୋଗର ଚିକିତ୍ସା କରୁଥିଲେ । ଥରେ ସେ ଅଞ୍ଚଳର ସରକାରୀ ଡାକ୍ତର ତାଙ୍କ ଡାକ୍ତରଖାନା ଦେଖିବାକୁ ଗଲେ । ଛୋଟ କୋଠରୀଟିରେ ଗୋଟିଏ ଛୋଟ ଆଲମାରିରେ ଏହି ଆଠଟି ଔଷଧରେ ଛପାର ମିକ୍ସ୍ଚର ଖୁବ ସଫା ସୁତୁରା ହୋଇ ରଖା ଯାଇଥିବାର ଦେଖି ସେ ଖୁବ୍ ଆଶ୍ଚର୍ଯ୍ୟ ହେଲେ ଏବଂ କହିଲେ— ଧନ୍ୟ ଆପଣଙ୍କୁ, ଏତେ ଛୋଟ ଔଷଧାଳୟଟି ରଖି ସାଧାରଣ ଲୋକଙ୍କର ବଡ଼ ସେବା ଅପଣ କରୁଛନ୍ତି ।

—:୦:—

ଓଡ଼ିଆ ବର୍ଣ୍ଣମାଳା ଅନୁସାରେ

ଅଡ଼ାଙ୍ଗୁଳି (Whitlow)—

ସଲ୍‌ଫାସିନ ଖାଇବାକୁ ଦିଅ ଏବଂ ଯେଉଁ ଅଙ୍ଗୁଳିରେ ରୋଗ ହୋଇଥିବ, ତହିଁରେ ସେକ ଦେଇ ଦିନକୁ ଦୁଇବାର ଓ ଓ ଚୂର ପଟି ବାନ୍ଧ । ଖାଲେ ରକ୍ତ ଜମିଯିବ ସେଥିପାଇଁ ଯେଉଁ ହାତର ଅଙ୍ଗୁଳି ଆକ୍ରାନ୍ତ ହୋଇଥିବ, ସେ ହାତକୁ ବେକରେ କନାପଟି ବାନ୍ଧି ତାହା ମଧ୍ୟରେ ହାତ ରଖି ଉପରକୁ ଟେକି ରଖିବ । ଏହା ହେଉଛି ସାଧାରଣ ଶ୍ରେଣୀର ଅଡ଼ାଙ୍ଗୁଳି ପାଇଁ ଯଥେଷ୍ଟ । ଅଡ଼ାଙ୍ଗୁଳି ଖୁବ ଗଭୀରକୁ ବାହାରି ଗୁରୁତର ହୋଇଥିଲେ ଅସ୍ତ୍ର-ଚିକିତ୍ସକଙ୍କ ସଙ୍ଗେ ପରାମର୍ଶ କର ।

ଆକସ୍ମିକ ବ୍ୟାଧି (Sudden and Emergency Diseases)—

କାରଣ ଓ ପୂର୍ବ ଲକ୍ଷଣମାନ ପ୍ରକାଶ ନ ପାଇ ଆକସ୍ମିକ ଭାବରେ ହଠାତ୍ କୌଣସି ବ୍ୟାଧି ଦେଖାଦେଲେ, ସେଭଳି ସ୍ଥଳେ ଯେଉଁ ରୋଗ ପାଇଁ ସେ ରୋଗ ହୋଇ ଥାଉ, କାଳ ବିଳମ୍ବ ନ କରି ଟିଙ୍କ୍ଚର-କୋ ଦିଅ । ଏଭଳି ଆକସ୍ମିକ ରୋଗରେ କାଇନୋଷ୍ଟୋମାଇନ ମଧ୍ୟ ବେଶ କାମରେ ଆସେ ଏବଂ ବେଳେ ବେଳେ ପ୍ରାଣ ବଞ୍ଚାଇ ଦିଏ । 'ଲୋକସେବକ ଚିକିତ୍ସା ବାକ୍ସ'ରେ ଯେଉଁ ସେବକ ବନ୍ଧୁ ପୁସ୍ତକ ଅଛି, ତହିଁରେ ଏଭଳି ଆକସ୍ମିକ ବ୍ୟାଧିମାନଙ୍କ ପାଇଁ ୭ ନମ୍ବର ଔଷଧ (ଭାଇଟାଲ-ଏସେନସ) ବ୍ୟବହାର କରିବାକୁ ଆମେ ଲେଖିଅଛୁ । ଅନେକ ମହାନୁଭବ ବ୍ୟକ୍ତି ତା ଦ୍ୱାରା ଚିକିତ୍ସା କରି ଚମତ୍କାର ଫଳ ପାଇଥିବାର ଆମକୁ ଜଣାଇ ଅଛନ୍ତି ।

ଆଣ୍ଠୁଗଣ୍ଠି ବାତ, ସ୍ନାୟୁ, ମେଣ୍ଢାମୁଣ୍ଡିଆ ବାତ ଓ କଟି ବାତ; (Rheumatism, Sciatica, Lumbago)—

ଏହିସବୁ ବାତରୋଗ ପାଇଁ ହର୍ମୋପିରିନ ହେଉଛି ସର୍ବୋତ୍କୃଷ୍ଟ ଔଷଧ । ସ୍ନାୟୁମଣ୍ଡଳ ସହିତ ଏହିସବୁ ବାତରୋଗ ଗୁଡ଼ିକର ସମ୍ପର୍କ ଥିବାରୁ ସ୍ନାୟୁବିକ ଶକ୍ତି

Digitized by srujanika@gmail.com

ବଢ଼ାଇବା ପାଇଁ ଔଷଧ ସେବନ କରିବା ଅବଶ୍ୟକ । ଫେନୋବାଲ୍‌ସାଇନ ଏସବୁ ରୋଗରେ ଗୋଟିଏ ଜଣାଶୁଣା ଔଷଧ । ତେବେ ଏହା ସଙ୍ଗେ ଅସ୍ପୋରିନ ଓ ମେଥି-ଲ୍‌ଓଡ଼ ମିଶାଇ ସେବନ କଲେ ତାର କ୍ରିୟାଶକ୍ତି ଓ ଉପକାରର ପରିମାଣ ବଢ଼ିଯାଏ । ଚେଷ୍ଟ ଅଏଲ କିମ୍ବା ବାମ ମାଲିସ କଲେ ଆରୋଗ୍ୟଲାଭ ତୁରନ୍ତ ହୁଏ ଏବଂ ଅଧିକାଂଶ ସ୍ଥଳରେ ବିଶେଷତଃ ଫ୍ଲୁ ଅବସ୍ଥାରେ ରୋଗୀ ସଙ୍ଗେ ସଙ୍ଗେ ଆରାମ ପାଏ । ଦିନକୁ ଥରେ ସେଫଟୋଜର୍ମ ବ୍ୟବହାର କରିବା ମଧ୍ୟ ଉପକାରୀ । ରୋଗୀ ଯାହା ଖାଏ, ତାହା ଯେପରି ଭଲ ଭାବରେ ହଜମ ହୁଏ ଏବଂ ତାର କୋଷ୍ଠଶୁଦ୍ଧି ଭଲ ରକମ ହୁଏ, ତା ଉପରେ ଆଖିରଖିବାକୁ ହେବ । ସାଧାରଣ ଅବସ୍ଥାରେ ପାନକେ ୫ ଗ୍ରେନ ଠାରୁ ୧୦ ଗ୍ରେନ ଯାଏ ଥିଓମେରିନ ରୋଗୀକୁ ଦିଅ ।

ଉଦର ଓ ଅନ୍ତ୍ରରୋଗ (Stomach Intestines)—

ଉଦର ଓ ଅନ୍ତ୍ରଗତ ରୋଗ ଆମ ପାକକ୍ରିୟା ସଙ୍ଗେ ସଂପୃକ୍ତ । ଆମେ ଖାଦ୍ୟ ପେଟକୁ ନେବା ଆଗରୁ ଯେତେବେଳେ ଚୋବାଉ, ସେତିକି ବେଳଠୁଁ ଖାଦ୍ୟର ପାଚନ କ୍ରିୟା ଆରମ୍ଭ ହୁଏ ଏବଂ ଉଦର ଓ ଅନ୍ତ୍ରରେ ତାହା ପହଞ୍ଚିବା ଯାଏ, ସେ କ୍ରିୟା ଚାଲିଥାଏ । ତେଣୁ ଖାଦ୍ୟର ପରିପାକ କ୍ରିୟା ହୁଏ । ସେ ସମ୍ପର୍କରେ ସବୁ କଥା ଜାଣିବାପାଇଁ ସର୍ବାଙ୍ଗୀନ (ତ୍ରିଦୋଷ-ନାଶକ) ଚିକିତ୍ସା ପ୍ରକରଣ ପଢ଼ । ଖାଦ୍ୟ କିପରି ଦେହରେ ଲାଗେ, ଅଚଳ ଖାଦ୍ୟ ଦେହରେ କିପରି ଚଳେ, ଖାଦ୍ୟର ଅନାବଶ୍ୟକ ଅଂଶ ମଳରୂପେ କିପରି ବାହାରିଯାଏ, ସେ ସବୁ ସମ୍ବନ୍ଧରେ ମଧ୍ୟ ସେହି ସେହି ଶିରୋନାମାରେ ଯାହା କୁହାଯାଇଛି, ତାହା ଭଲରୂପେ ବୁଝି ସମଜ ପଢ଼ । ବର୍ତ୍ତମାନ ଆସ, ସ୍ୱତନ୍ତ୍ର ଭାବରେ ଗୋଟିଏ ଗୋଟିଏ ରୋଗର କଥା ଆଲୋଚନା କରିବା ।

ପେଟ ଦରଜ (Stomach-ache)—

ସାଧାରଣ ଅବସ୍ଥାରେ ଗରମ ପାଣିରେ ସାଲଫୋସ୍ ଗୋଳାଇ ପିଇବାକୁ ଦିଅ । ଉଗ୍ର ଅବସ୍ଥାରେ ସାଲଫୋସ୍, ଫେନୋବାଲ୍‌ସାଇନ୍ ଓ କ୍ୱଇଠାଲ ଏସେନ୍‌ସ—ଏ ତିନି ଔଷଧକୁ ଏକାଠି ମିଶାଇ ଗରମ ପାଣିରେ ଗୋଳାଇ ପ୍ରତି ୪ଘଣ୍ଟା ଅନ୍ତରରେ କିମ୍ବା ଆବଶ୍ୟକତା ଅନୁସାରେ ଦିଅ । ଜଳାପୋଡ଼ା ହୋଇ ପେଟଭିତରେ ଯଦି ବ୍ୟଥା ହେଉଥାଏ, ତେବେ ମାଗ୍‌ନାଇନ ଦିଅ ।

ଭୋକ ନ ହେବା (Loss of Appetite)—

ଖାଇବାର ଅଧଘଣ୍ଟା ଆଗରୁ ସାଲଫୋସ୍ କିମ୍ବା ହର୍ବାଲ ବିଟାର୍ସ ସେବନ କର । କୋଷ୍ଠବଦ୍ଧତା ଯେପରି ନହୁଏ । ଦରକାର ହେଲେ ଅଲବୋସାଙ୍ଗ ସେବନ କର । ଆବଶ୍ୟକତାକୁ ଅନାଇ ନିୟମିତ ବ୍ୟାୟାମ କର । ଖୁବ୍ ଗୁଡାଏ ବିଡ଼ି, ପିକା, ସିଗାରେଟ ବା ହୁକା ଆଦି ପିଇବା ବନ୍ଦ କର । ସ୍ନାୟୁବିକାର ଯଦି ଘଟିଥାଏ, ତେବେ ତାର ବ୍ୟବସ୍ଥା କର ।

Digitized by srujanika@gmail.com

ମନ୍ଦାଗ୍ନି (Dyspepsia)

ଭୋଜନର ଅଧଘଣ୍ଟା ଆଗରୁ ସାଲଫୋସ୍ ଏବଂ ଠିକ ଭୋଜନ ପରେ ପରେ ପେପସୋସିଡ୍ ଦିଅ । ଭୋଜନକୁ ନିୟମିତ କର ଏବଂ କୋଷ୍ଠବଦ୍ଧତା ଯେପରି ନହୁଏ, ତା ଉପରେ ଦୃଷ୍ଟି ରଖ । ରୋଗୀ ଦୁର୍ବଳ ହୋଇଥିଲେ ତାକୁ ଅଲବୋସାଇଡ ଦିଅ ।

ସ୍ନାୟୁ ସମ୍ବନ୍ଧୀୟ ମନ୍ଦାଗ୍ନି (Nervous Dyspepsia)

ପେଟ ଭିତରେ ବେଦନା ହେଲେ, ଅନେକ ସମୟରେ ଯାହାକୁ ଆମେ ପେଟ ଭିତରେ ବଥ ଉଠିଥିବା ହେତୁ ହେଉଛି ବୋଲି ମନେକରୁ, କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଇଛି, ପ୍ରକୃତରେ ତାହା ଏହି ସ୍ନାୟୁସମ୍ବନ୍ଧୀୟ ମନ୍ଦାଗ୍ନି ହେତୁ ହୁଏ । ଏପରି ସ୍ଥଳରେ ଖାଇବା ଆଗରୁ ଡ୍ରାଇଟାଲ ଏସେନସ ଏବଂ ଖାଇବା ପରେ କି, ଅଇ, ହରମୋନସ ବା ସେଷ୍ଟ୍ରୋମୋନ ସେବନ କଲେ ଶୀଘ୍ର ଭଲ ଫଳ ଦେଖାଯାଏ । ମାଗ୍ନାଇନ୍ ସେବନରେ ମଧ୍ୟ ଉପକାର ହୁଏ । ରୋଗୀକୁ ଲଘୁପାକ ଖାଦ୍ୟ ଖାଇବାକୁ ଦେବ । ନର୍ଭିଟୋନସ ଏ ଅବସ୍ଥାରେ ଅନ୍ୟ ଏକ ଉପଯୋଗୀ ଔଷଧ ।

ପେଟ ଫମ୍ପା Flatulence)

ଖାଦ୍ୟ ହଜମ ନହେଲେ, କୋଷ୍ଠବଦ୍ଧତା ହେଲେ କିମ୍ବା ଅଧିକ ଘିଆଦି ଖାଇଲେ ପେଟ ଭିତରେ ବାୟୁ ହୁଏ ଏବଂ ହଜମ ହୋଇନଥିବା ଖାଦ୍ୟ ସଢ଼ି ତହିଁରୁ ଏକ ପ୍ରକାର ବିଷାକ୍ତ ଗ୍ୟାସ ବାହାରେ । ତେଣୁ ଏହିସବୁ କାରଣମାନ ଦୂର କଲେ ରୋଗ ଅପଣ ଏଁ ହଟିଯାଏ । ତେବେ ଭୋଜନର ଅଧଘଣ୍ଟା ଆଗରୁ ପାଞ୍ଚ ଗ୍ରେନ ସାଲଫୋସ ଏବଂ ଭୋଜନ ପରେ ୩ ଗ୍ରେନ ପେପସୋସିଡ୍ ଖାଇଲେ ପେଟ ଫମ୍ପା ଦୂର ହୁଏ । ଖାଇଲାବେଳେ ମଝିରେ ମଝିରେ ପାଣିପିଆ ବନ୍ଦ କର ।

ପାକସ୍ଥଳୀରେ ଘାଆ (Gastric and Duodenal Ulcers)

ଦୁଇ ତିନି ଘଣ୍ଟା ଅନ୍ତରରେ ଏବଂ ଯେତେବେଳେ ପୀଡ଼ା ଉଣ୍ଠାଉଡ଼ିବ, ସେତେବେଳେ ମାଗନାଇନ ଦିଅ । ଭୋଜନର ଏକଘଣ୍ଟା ଆଗରୁ ଏବଂ ଦୁଇଘଣ୍ଟା ପରେ କି, ଅଇ ହରମୋନସ ଦିଅ । ତୃତୀୟ ପ୍ରକାର ଭୋଜନରେ ଯେଉଁ ପଥ୍ୟ କଥା କୁହାଯାଇଛି, ତାହାହିଁ ରୋଗୀର ପଥ୍ୟ ଏବଂ ଯେତେଦିନ ଯାଏ ଦରକାର, ସେତେ-ଦିନ ଯାଏ ରୋଗୀକୁ ସେହି ପଥ୍ୟରେ ରଖ । ବ୍ରୋମାଇଡ ଓ କ୍ଲୋରାଇନ ମଧ୍ୟ ଦିଆଯାଇ ପାରେ । ରୋଗୀକୁ ପନ୍ଦର ଦିନ ଯାଏ ବିଛଣାରେ ଶୁଆଇ ରଖ । ତମାଖୁ ଧୂଆଁ ଓ ମଦ ସବୁବ ପିଇବା ବନ୍ଦ କର । ରୋଗୀ ଭଲ ହୋଇଗଲା ପରେ ମଧ୍ୟ କିଛିଦିନ ପର୍ଯ୍ୟନ୍ତ ଖିଆପିଆକୁ ଜଗ । ମସଲାଦିଆ ଗୁରୁପାକ ଖାଦ୍ୟ ଓ ମାଛ ମାଂସ ଏ ଅବସ୍ଥାରେ ଅହିତକାରକ ।

ପାକସ୍ଥଳୀ ଘାଆର ଲକ୍ଷଣ (Gastric Ulcer)

ଖାଇବାର ଘଣ୍ଟାଏ କି ଦୁଇଘଣ୍ଟା ପରେ ପେଟ ଭିତରେ ଖୁବ ଜୋରରେ ଦରଜ ହୁଏ ଏବଂ ବାନ୍ତି ହୋଇଗଲା ପରେ ସେ ଦରଜ କମେ । ଏହି ବାନ୍ତିରେ

Digitized by srujanika@gmail.com

ବେଳେବେଳେ ରକ୍ତ ମଧ୍ୟ ଦେଖାଯାଏ । ପେଟ ଉପରେ କୌଣସି ଏକ ଗଞ୍ଚେଇ ଗୋଟ ଯାଗାରେ ଏପରି ଦରଜ ହୁଏ ଯେ, ଛୁଇଁ ଦେଲେ ମାତ୍ରେ କଷ୍ଟ ହୁଏ ।

ଅନ୍ତ୍ର ଭିତରେ ହୋଇଥିବା ଘାଆର ଲକ୍ଷଣ (Duodenal Ulcer)

ପେଟ ଖାଲି ହେବାଲେ ଦରଜ ଖୁବ ଜୋରରେ ଜଣାପଡ଼େ, ଅର୍ଥାତ୍ ଭୋଜନର ୩।୪ ଘଣ୍ଟା ପରେ ଖାଲି ପେଟରେ ପୀଡ଼ା ଅନୁଭବ କରି ରୋଗୀ ଚେଇଁ ଉଠେ ଏବଂ କିଛି ଖାଇଲେ ତାହା କମିଯାଏ । ପ୍ରତିଦିନ କି ଦିନ କି ରାତି, ଗୋଟାଏ ନିୟମିତ ସମୟରେ ପୀଡ଼ା ଜଣାପଡ଼େ । ନାହିର ଡାହାଣ ପଟେ ଉପର ଅଡ଼କୁ ଭାରି ନରମ ଜଣାପଡ଼େ ।

ପାକସ୍ଥଳୀ ଫୁଲା (Gastritis)

ରୋଗୀକୁ ବିଛଣାରେ ଗରମ ଅବସ୍ଥାରେ ରଖ । ଗୁରୁପାକ ଅନୁପଯୁକ୍ତ ଖାଦ୍ୟ ଖାଇଦେବା ହେତୁ ରୋଗୀର ଅବସ୍ଥା ଏଭଳି ହୋଇଅଛି ବୋଲି ନିଶ୍ଚିତ ଭାବରେ ଯଦି ଜଣାପଡ଼େ, ତେବେ ତାର କୋଷ୍ଠ ପରିଷ୍କାର କରାଇବା ପାଇଁ ଔଷଧ ଦିଅ । ଅପେଣ୍ଡିସାଇଟିସ [ଉଣ୍ଡୁକ ପ୍ରଦାହ] ହୋଇଥିବାରୁ ସନ୍ଦେହ ହେଲେ ଜୋଲାପ ଦେବା ଏକାବେଳେକେ ନିଷିଦ୍ଧ । ଖାଇବା କିଛି ସମୟ ପାଇଁ ବନ୍ଦ କରିଦିଅ । କେବଳ ପାଣି କିମ୍ବା ପାଣିମିଶା ଦୁଧ ଅଳ୍ପ ଅଳ୍ପ ପରିମାଣରେ ଘନ ଘନ ପିଇବାକୁ ଦିଅ । ସେଥିରେ ଅଧଗ୍ରେନ ମାଗନାଇନ ମିଶାଇ ପିଆଇବ । ପେଟର ଦରଜ କମି ଆସିଲେ ତୃତୀୟ ପ୍ରକାର ଭୋଜନରେ ଯେଉଁ ପଥ୍ୟକଥା କୁହାଯାଇଛି, ରୋଗୀକୁ ସେହି ପଥ୍ୟରେ ରଖିବ ।

ଲକ୍ଷଣ—ପ୍ରାରମ୍ଭ ଅବସ୍ଥାରେ ସାଧାରଣତଃ ପେଟ ଭିତରେ ପୀଡ଼ା ହୁଏ, ବାନ୍ତି ହେଲାପରି ଲାଗେ ଉଠାଏ ଓ ବାନ୍ତି ହୁଏ ଏବଂ ପରେ ପତଳା ଝାଡ଼ା ମଧ୍ୟ ହୁଏ । ଦେହର ତାତ ବଢ଼ିଯାଏ ଏବଂ ରୋଗୀର ଅବସ୍ଥା କ୍ରମ କ୍ରମେ ଖରାପ ହୋଇ ଆସେ । ବାନ୍ତିରେ ବହୁତ ନାଳ ପଡ଼େ ଏବଂ ସେଥିରେ ସୂତା ଖିଅ ପରି ରକ୍ତ ଥିବାର ଦେଖାଯାଏ ।

ତରଳ ଝାଡ଼ା (Diarrhoea)

ଯେଉଁ କାରଣରୁ ତରଳଝାଡ଼ା ହେଉଥିବ, ତା ଉପରେ ଅଛି ରହି ଚିକିତ୍ସା କର । ଅଜୀର୍ଣ୍ଣ ହେତୁ ଯଦି ତରଳ ଝାଡ଼ା ହେଉଥାଏ, ତେବେ ୨୪ ଘଣ୍ଟା ପର୍ଯ୍ୟନ୍ତ ରୋଗୀକୁ କୌଣସି ଖାଦ୍ୟ ନଦେଇ କେବଳ ପାଣି ପିଆଇ ରଖ । ଅମ ଚିକିତ୍ସା ବାକ୍ସର ୩ ନମ୍ବର ଔଷଧ ଏବଂ ସାଲଫୋସ ଦୁଇ ଦୁଇ ଘଣ୍ଟା ଅନ୍ତରରେ ଦିଅ । ସଂକ୍ରାମକ ଝାଡ଼ାରେ ଗ୍ଲୁକୋଜ ଦିଅ । ଝାଡ଼ା ସଙ୍ଗେ ଯଦି ଜର ଥାଏ ତେବେ ସୁଲଫାସନ ଦିଅ । ବହୁତ ଦିନ ଧରି ଝାଡ଼ା ହୋଇ ରୋଗଟା ଯଦି ପୁରୁଣା ହୋଇଯାଇଥାଏ, ତେବେ ବ୍ରୋମାଇଡ ଓ ସେପଟୋଜମ ବାଲୁକା ମାତ୍ରାରେ ଦିଅ । ଶିଶୁମାନଙ୍କର ନେଳ ଝାଡ଼ା ହେଉଥିଲେ କି. ଅଇ. ହରମୋନସ ଏବଂ ଟନିଅମ ଦୋ ଦିଅ । ଅନ୍ତ୍ରରେ କ୍ଷୟ ରୋଗ (Intestinal Tuberculosis) ହୋଇଥିବା ହେତୁ ଝାଡ଼ା ହେଉଥିଲେ ଗ୍ଲୁକୋଜ ଓ କ୍ରୋମାଇନ ଦିଅ ।

Digitized by srujanika@gmail.com

ଆମାଶୟ ବା ନାଳରକ୍ତ ଝାଡ଼ା (Dysentery)

ପ୍ରତି ଚାରି ଚାରି ଘଣ୍ଟାରେ ଡାୟୋସିନ ଦିଅ । ବିଛଣାରେ ରୋଗୀକୁ ଗରମ ଅବସ୍ଥାରେ ରଖ । ଖାଇବାକୁ ଚାଉଳଧୂଆ ପାଣି, ଆରାରୁଟ, ବାର୍ଲି ବା ଶାଗୁପାଣି ଆଦି ତରଳ ଖାଦ୍ୟ ଦିଅ । ବେଗ ଅଧିକ ହେଉଥିଲେ ଡାୟୋସିନ ସଙ୍ଗେ ସୁଲଫାସେନ ମିଶାଇ ଦିଅ । ପୁରୁଣା ଆମାଶୟରେ ସେପଟୋଜର୍ମ ଓ ହାଲିବା ମାତ୍ରାରେ ସ୍ପ୍ରୋମାଟ ଦିଅ । ନୂଆ ଓ ପୁରୁଣା ଦୁଇ ଅବସ୍ଥାର ଆମାଶୟରେ ସାଲଫୋସ ଉପକାର କରେ ।

ଲକ୍ଷଣ—ସାଧାରଣ ଶ୍ରେଣୀର ନାଳରକ୍ତ ଝାଡ଼ାରେ ପେଟ କାଟି ହୁଏ । ଝାଡ଼ା ହେଲାବେଳେ ଖୁବ୍ କଷ୍ଟ ହୁଏ, ନାଳ ଏବଂ ତା ସଙ୍ଗରେ ରକ୍ତ ପଡ଼େ, ତଳ ପେଟରେ ପୀଡ଼ା ହୁଏ, ଜ୍ୱର ହୁଏ, ମୁଣ୍ଡବଥାଏ ଓ ଶୋଷ ଲାଗେ । ରୋଗୀ କ୍ରମେ ଦୁର୍ବଳ ହୋଇ ଆସେ । ବେଳେ ବେଳେ ବାନ୍ତି ମଧ୍ୟ ହୁଏ ।

ହଇଜା ବା ବିସୂଚିକା (Cholera)

ଡାୟୋସିନ ହଜାର ହଜାର ହଇଜା ମଣିଷଙ୍କୁ ବଞ୍ଚାଇଛି । ଶରୀରର ଶକ୍ତି ବଢ଼ାଇବା ପାଇଁ ଏହାର ସାହାଯ୍ୟକାରୀ ରୂପେ ଭଇଟାଲ-ଏସେନସ ଓ ସେପଟୋଜର୍ମ ଦିଆଯାଏ । ପରିସ୍ରା କମ ହୋଇଆସିଲେ କିମ୍ବା ବନ୍ଦ ହୋଇଗଲେ ୨ ଗ୍ରେନ ବେଞ୍ଜୋ-ହରମୋନସ ପାଣିରେ ଗୋଳାଇ ଘଣ୍ଟାକ ଠାରୁ ଆରମ୍ଭ କରି ତିନି ତିନି ଘଣ୍ଟା ଅନ୍ତରରେ ଦିଅ । ମୂତ୍ରକୋଷ(kidney) ଓ ତାର ଆଖପାଖ ସ୍ଥାନରେ ସେକ ଦିଅ । ରୋଗୀର ଅବସ୍ଥା ଯଦି କ୍ରମେ ଖରାପ ହୋଇ ଆସୁଥାଏ ତେବେ ପାଣିରେ ଏକ କିମ୍ବା ୨ଗ୍ରେନ କର୍ପୂର ଗୋଳାଇ ଚାରି ଚାରି ଘଣ୍ଟା ଅନ୍ତରରେ ଦିଅ ।

ଲକ୍ଷଣ—ପ୍ରଥମାବସ୍ଥାରେ ରୋଗୀର ଖୁବ ଜୋରରେ ଅଇଁଠି ବାନ୍ତି ହୁଏ । ପେଟ ଗୋଳେଇ ଘାଣ୍ଟି ହୁଏ ଏବଂ ଖୁବ ତରଳ ଝାଡ଼ା ହୁଏ । ଝାଡ଼ା ପ୍ରଥମ କେତେଥର ପରେ ଚାଉଳଧୂଆ ପାଣି ପରି ଦେଖାଯାଏ । ଏହାପରେ ରୋଗୀର ଅବସ୍ଥା କ୍ରମେ ଖରାପ ହୋଇଆସେ—ତାର ତେଜ କମିଯାଏ, ପରିସ୍ରା ବନ୍ଦ ହୋଇଯାଏ । ଝାଡ଼ା ମଧ୍ୟ ବନ୍ଦ ହୋଇଆସେ । ରୋଗର ପ୍ରତିକ୍ରିୟା ଆରମ୍ଭ ହେଲେ ନାଡ଼ି ପୁଣି ଚାଲେ । ଦେହର ତାପ ବଢ଼ି ସାମାନ୍ୟ ଜ୍ୱର ଆସେ ଏବଂ ଅଳ୍ପ ଅଳ୍ପ ପରିସ୍ରା ମଧ୍ୟ ହୁଏ ।

ଆପେଣ୍ଡିସାଇଟିସ ବା ଉପାଙ୍ଗ ପ୍ରଦାହ (Appendicitis)

ଏହାର ଚିକିତ୍ସା ବିନା ଅସ୍ତ୍ରୋପଚାରରେ କରାଯାଇପାରେ । ଟେନାଟମ କୋ ଓ କେଞ୍ଜେଟେବ୍‌ଲ ସଲ୍ଟ ଗୋଟିକ ପରେ ଗୋଟିଏ କିମ୍ବା ଏକାଠି ମିଶାଇ ଦିଅ । ବେଶି ଜ୍ୱର ଥିଲେ, ଏହାର ସାହାଯ୍ୟକାରୀ ରୂପେ ସୁଲଫାସେନ ଦିଅ । କୋଷ୍ଠବଦ୍ଧତା ପାଇଁ ଏନିମା ଅଳ୍ପ ପରିମାଣରେ ଦିଅ । ଏକ ନାମଜାଦା ସର୍ଜନଙ୍କ ସ୍ତ୍ରୀ ଥରେ ଏହି ରୋଗରେ ପଡ଼ିଥିଲେ ଏବଂ ଆମର ଏହି ଔଷଧ ପ୍ରୟୋଗ କରି ବିନା ଅପରେସନରେ ଆରୋଗ୍ୟ ଲାଭ କରିଥିଲେ । ଏବେ ସେହି ସର୍ଜନ ଆପେଣ୍ଡିସାଇଟିସରେ ତାଙ୍କର ସମସ୍ତ ରୋଗୀଙ୍କୁ ଆମର ଏହି ଔଷଧ ବ୍ୟବହାର କରିବାକୁ ପରାମର୍ଶ ଦେଉଅଛନ୍ତି ।

Digitized by srujanika@gmail.com

ଲକ୍ଷଣ—ପ୍ରଥମେ ନାଭି ଗୁହ୍ୟଦେଶ ପୀଡ଼ା ଓ ଦରଜ ହୁଏ । ପରେ ତଳ ପେଟର ଡାହାଣ ପାଖ କଣରେ ସବୁ ଦରଜଯାକ ପୁଳ ହୋଇ ରହେ । ବାନ୍ତି ହୁଏ, ସାମାନ୍ୟ ଜ୍ୱର ହୁଏ ଏବଂ କୋଷ୍ଠବଦ୍ଧତା କିମ୍ବା ପତଳା ଝାଡ଼ା ମଧ୍ୟ ହୁଏ । ଆପେଣ୍ଡିକସ୍‌ର ଉପରୁ ପେଟ ମାଂସପେଶୀମାନ କେତେକ ନରମ ଜଣାପଡେ ଏବଂ ଅଳ୍ପ କେତେକ କଠିନ ବୋଧହୁଏ ।

ଗ୍ରହଣୀ [Sprue]

ଏହି ରୋଗରେ ଏକ ଗ୍ରେନ ସୁରାଗ-ସାଲଫସ, ଏକ ଗ୍ରେନ ପ୍ରିପେୟାର୍ଡ଼ ଅର୍ଥ ଓ ଅଧଗ୍ରେନ ସେପଟୋକର୍ମ ଏକାଠି ମିଶାଇ ଦିନକୁ ୩।୪ ଥର ଦିଅ । ପ୍ରତିଥର ଭୋଜନ ପରେ ପେପଟେମ୍‌ସିଡ୍‌ ଦିଅ । ତଳପେଟରେ କାକୁଆ ପୁଲଟିସ ଲଗାଇଲେ ରୋଗୀ ଶୀଘ୍ର ଆରୋଗ୍ୟ ଲାଭ କରେ । ଦୁଧ ଓ ଯଥେଷ୍ଟ ଫଳ ଖାଇଲେ ଅଧିକ ସଫଳତା ମିଳେ । ଅନ୍ନ, ଚିନି ବା ଶର୍କରା ଓ ସ୍ନେହଯୁକ୍ତ (Carbohydrates and Fats) ପଦାର୍ଥ ଖାଇବା ନିଷିଦ୍ଧ । ବ୍ରେନୋ-ପ୍ଲେକସ ମଧ୍ୟ ଏଥିରେ ଉପକାରୀ ।

ଲକ୍ଷଣ—ସକାଳେ ପତଳା ଝାଡ଼ା ବରାବର ପୁରୁଣା ହୋଇ ଲାଗି ରହୁଥାଏ । ମୁହଁ ଏବଂ ଜିଭରେ ଘା ହୁଏ । ତଳପେଟରେ ବାୟୁ ଜମି ଅଗ୍ନିମାନ୍ଦ୍ୟ ହୁଏ, ଶକ୍ତି କମି ଆସେ, ରକ୍ତ ଅଳ୍ପ ହୋଇଆସେ । ଝାଡ଼ାରେ ଭାରି ଦୁର୍ଗନ୍ଧ ହୁଏ । ତାର ରଙ୍ଗ ଧଳା ଦେଖାଯାଏ ଓ ଫେଣଫେଣିଆ ହୁଏ ।

ଅନ୍ତ୍ରଶୂଳ [Intestinal Colic]

ରୋଗୀକୁ ବିଛଣାରେ ଶୁଆଇ ରଖି ଗରମ ପାଣି ବୋତଲରେ ପୂରାଇ ତାର ପେଟକୁ ସେକ । ରୋଗୀ ଧୀରସ୍ଥିର ହୋଇ ଶୋଇ ରହୁ । କୌଣସି ଖାଦ୍ୟ ଦିଅନା । ରୋଗଟା ଠିକ୍ ଜଣାପଡ଼ି ଯାଇଲେ ଟିନ୍ୟୁମ-ଡୋ ଏବଂ ଡିଲଠାଲ୍‌ ଏସେନ୍‌ସ, ପ୍ରତ୍ୟେକରୁ ୩ଗ୍ରେନ ଲେଖାଏଁ ଗରମ ପାଣିରେ ଗୋଳାଇ ଖାଇବାକୁ ଦିଅ । ଗରମ ପାଣିରେ ସାଲଫୋସ ମିଶାଇ ଅଳ୍ପ ଅଳ୍ପ କରି ପିଇଲେ ପୀଡ଼ା କମିଆସେ । କୋଷ୍ଠବଦ୍ଧତା ଥିଲେ ତାପାଇଁ ଔଷଧ ଦିଅ ।

ଲକ୍ଷଣ—ଥଣ୍ଡା ଲାଗିଲେ-କିମ୍ବା କୋଷ୍ଠବଦ୍ଧତା ହେଲେ ଅଥବା ଖାଦ୍ୟ ହଜମ ନହୋଇ ପଚୁସଢ଼ା ଅବସ୍ଥାରେ ଜମିଗଲେ ଅନ୍ତ୍ରରେ ଏହି ଶୂଳ ଦେଖାଯାଏ । ଛୋଟ ଅନ୍ତ୍ରରେ ଏହି ଶୂଳ ହେଲେ ତାହା ଲମ୍ବିଯାଏ ଏବଂ ଅସହ୍ୟ ବେଦନା ହୁଏ । ମନେ ହୁଏ, ଯେମିତି ଶୂଳ ରହି ରହି ଉଠୁଛି ; ପେଟ ଉପରେ ଗୁପା ଦେଲେ ବା ପେଟକୁ ଚାପି ଧରିଲେ ଆରାମ ମିଳେ । ଏହା ସହିତ ବେଳେ ବେଳେ ଝାଡ଼ା ବନ୍ଦ ହୁଏ କିମ୍ବା ପତଳା ଝାଡ଼ା ହୁଏ ।

ମଳବିଷ [Auto-intoxication]

ଖାଦ୍ୟ ପଦାର୍ଥ ପେଟ ଭିତରେ ଠିକ୍ ଭାବରେ ହଜମ ନହେଲେ ଓ କୋଷ୍ଠବଦ୍ଧତା ହୋଇ ଝାଡ଼ା ପରିଷ୍କାର ନହେଲେ ଅନ୍ତ୍ର ଭିତରେ ମଳ ସଞ୍ଚିତ ହୋଇ ଏକପ୍ରକାର ବିଷ

Digitized by srujanika@gmail.com

ସନ୍ଧି ଉପରେ ଏବଂ ଯେଉଁ ସବୁ ଦେହଯାଗ ଚଢ଼ିଯାଇ ନାନା ଅନିଷ୍ଟ କରେ । ଏହାର ଫଳରେ ସ୍ୱାସ୍ଥ୍ୟ କ୍ରମଶଃ ଖରାପ ହୁଏ । ଏଥିପାଇଁ ଭୋଜନ ପରେ ପେଟ୍‌ଷ୍ଟୋହିଡ୍ ଏବଂ ରାତି ଭୋଜନର ୨ ଘଣ୍ଟା ଆଗରୁ ଷ୍ଟୋଲଣ୍ଡ୍ସ ଦିଅ ।

ଔଷଧୀ ଦ୍ରବ୍ୟର ବିଷ (Drug Poisoning)

ଔଷଧର ବିଷକୁ ଭେଜିଟେବଲ ସଲ୍ଟ୍ ନଷ୍ଟ କରେ । ମୂର୍ଖ ବୈଦ୍ୟଙ୍କ ହାତରେ ପଡ଼ି ବା ଲଗ ଲଗ ବହୁତ ଗୁଡ଼ିଏ ଡାକ୍ତରଙ୍କ ହାବୁଡ଼ରେ ପଡ଼ି, ଭୁଲ ଔଷଧ କିମ୍ବା ଗୋଟାକ ପରେ ଗୋଟାଏ ବହୁତ ଔଷଧ ଖାଇ ରୋଗୀ ଯେତେବେଳେ ଔଷଧର କୁପ୍ରଭାବରେ ଯନ୍ତ୍ରଣା ହେଉଥାଏ, ସେତେବେଳେ ଦିନେ କି ଦୁଇଦିନ ତାକୁ ଭେଜିଟେବଲ ସଲଟ ଖୁଆଇଲେ ଔଷଧର ବିଷଦୋଷ ଦୂର ହୋଇଯାଏ । ଗନ୍ଧକ ଏବଂ ଅନ୍ୟାନ୍ୟ ବିଷାକ୍ତ ଔଷଧର ବିଷକୁ ଅୟୋଡ଼ିନ ନଷ୍ଟ କରିଦିଏ । ପାରା ବିଷକୁ ଗାନ-ନାଇଟ୍ରେଟ ଶାନ୍ତ କରିଦିଏ । ଆଲବୋସାଙ୍ଗ ରୋଗୀର ଶକ୍ତି ବଢ଼ାଇ ତାର ସମସ୍ତ ଶରୀରକୁ ଶୁଦ୍ଧ କରିଦିଏ ।

କୃମିରୋଗ [Worm]–

ଷ୍ଟାଲଟଫାସ କୃମିରୋଗର ପ୍ରତିଶେଧକ । ଅନ୍ୟାନ୍ୟ ଅନେକ ରୋଗରେ କୃମିମାନଙ୍କ ଉପଦ୍ରବ ମଧ୍ୟ ଦେଖାଯାଏ । ବ୍ରୋଙ୍କାଇଟିସ, ବ୍ରଙ୍କୋନିଉମୋନିଆ ଓ ଟିଫଏଡ୍ ଜ୍ୱର ଆଦିରେ ମଧ୍ୟ ଆମେ କୃମିରୋଗର ଉପଦ୍ରବ ଦେଖିଛୁ । ଯେ କୌଣସି ରୋଗ ହୋଇଥାଉ ପଛକେ, ତହିଁରେ କୃମି ରୋଗର ଲକ୍ଷଣ ଯଦି ଉପସ୍ଥିତ ଥିବାର ଦେଖାଯାଏ, ତେବେ ପାନେ କି ଦିପାନ ସାଣ୍ଟୋନାଇନ-ଟେବ୍ଲେଟ ଦେଲେ ଚମତ୍କାର ଫଳ ମିଳେ ।

ସୂତାପରି ଦେଖାଯାଉଥିବା କୃମିପାଇଁ (Thread worm) ଏବଂ ଫିତା ପରି ଦେଖାଯାଉଥିବା (Tape worm) କୃମିପାଇଁ ରାତିରେ ଶୋଇଲାବେଳେ ଏକ ଗ୍ରାମ ବାଇବିଡ଼ଙ୍ଗ ଚୂନା, ପାଣି କିମ୍ବା ନଡ଼ିଆ ରସ, ନହେବା ଦୁଧରେ ଗୋଳାଇ ତିନି ରାତି ଖାଇଲେ ବେତେକ ସ୍ଥଳରେ ଭଲ ଫଳ ମିଳିବାର ଦେଖାଯାଏ । ବାଇବିଡ଼ଙ୍ଗ ମଞ୍ଜି ହାଟ ବଜାରରେ ଚେରମୂଳ ଦୋକାନ ମାନଙ୍କରେ ମିଳେ । ଏହାକୁ ଖାଇବାର ଠିକ ପରଦିନ ସକାଳେ ସୂତାକୃମି ବାହାରି ଆସିବାର ଦେଖାଯିବ ଏବଂ ଫିତାକୃମି ମଧ୍ୟ ଗୁଳିପିବ । ବଡ଼ମାନଙ୍କୁ ଦୁଇଗ୍ରାମ ବାଇବିଡ଼ଙ୍ଗ ମଞ୍ଜି ଚୂନା ଦିଆ ଯାଇପାରେ । ପିଲମାନଙ୍କୁ ସେମାନଙ୍କ ଅବସ୍ଥା ଓ ବୟସ ଅନୁପାତରେ କମାଇ ଦେବାକୁ ହେବ । ବାଇବିଡ଼ଙ୍ଗ କୌଣସି କ୍ଷତି କରେ ନା ।

ଲକ୍ଷଣ—କୃମିରୋଗରେ ପିଲାଙ୍କ ସ୍ୱଭାବ ଚିଡ଼ଚିଡ଼ା ହୁଏ । ରାତିରେ ଶୋଇଥିଲାବେଳେ ସେମାନେ ଦାନ୍ତ ରଗଡ଼ନ୍ତି, ନାକ କୁଣ୍ଡାଇ ହୁଅନ୍ତି, ବିନା କାରଣରେ ଖାଲି କାନ୍ଦନ୍ତି । ସେମାନଙ୍କ ପେଟ ଫୁଲି ଉଠେ, ଦେହରୁ ରକ୍ତ କମିଯାଏ, ଭୋକ ହୁଏନା, ସାମାନ୍ୟ ଜ୍ୱର ହୁଏ ।

Digitized by srujanika@gmail.com

କାମଳ (Jaundice)

ଶିଶୁମାନଙ୍କ ପାଇଁ ଚଉଠ ଗ୍ରେନ ଏବଂ ବଡ଼ମାନଙ୍କ ପାଇଁ ୨ ଗ୍ରେନ ଚାଇ-ନୋଫୋମାଇନ ତିନ ତିନ ଘଣ୍ଟାଠାରୁ ଚାରି ଚାରିଘଣ୍ଟା ଅନ୍ତରରେ ଦିଅ । ଦିନରେ ଥରେ କି ଦୁଥର, ଖାଇବାର ଅର୍ଦ୍ଧଘଣ୍ଟା ଆଗରୁ ମାଗ୍ନେସିଆ ଏବଂ ରାତିରେ ଶୋଇଲାବେଳେ ଏକ ପାନ ଫ୍ରୁଟସାଲ୍-ବିଟାର୍ସ ଦିଅ । ଚର୍ବିଯୁକ୍ତ ଖାଦ୍ୟ, ଘିଅ ଓ ତେଲ ଆଦି ଖାଇବା ନିଷିଦ୍ଧ । ଶ୍ୱେତସାର ଜାତୀୟ ଖାଦ୍ୟ ଅର୍ଥାତ୍ ଅନ୍ନ ଇତ୍ୟାଦି ଯେତେ କମ ଖିଆଯାଏ, ସେତେ ଭଲ । ଦୁଧ ମନଇଚ୍ଛା ଖାଅ । ସୋଡ଼ାପାଣି ମିଶାଇ ଦୁଧ ପିଇଲେ ଖୁବ୍ ଭଲଫଳ ମିଳେ । ଏହିପରି ୨।୩ ସପ୍ତାହ ଚିକିତ୍ସା କଲେ ରୋଗ ଭଲ ହୋଇଯାଏ ।

ଲକ୍ଷଣ—ରୋଗୀ ସକାଳୁ ଉଠିଲା ପରେ ତା ଦେହ ତାକୁ ଖରାପ ଲାଗେ, ମୁଣ୍ଡ ବିନ୍ଧୁଥାଏ ଏବଂ ଭୋକ ନଥାଏ । ତେଣୁ କୌଣସି ଜିନିଷ ଖାଇବାକୁ ଇଚ୍ଛା ହୁଏନା । ଦେହ ଆଉ ଆଖିର ଧଳା ଅଂଶ ହଳଦିଆ ଦେଖାଯାଏ । ଝାଡ଼ାର ରଙ୍ଗ ଚକଟା ମାଟି ରଙ୍ଗ ପରି ହୁଏ ଏବଂ ମୂତ୍ର ଗାଢ଼ ଓ ହଳଦିଆ-ଅଂଶିଆ ଦେଖାଯାଏ । ଝାଡ଼ା ଭଲ ଭାବରେ ନ ହୋଇ ହୁଏତ କୋଷ୍ଠବଦ୍ଧତା, ନଚେତ୍ ପତଳା ଝାଡ଼ା ହୁଏ । ନାଡ଼ୀର ଗତି ମନ୍ଦ ହୁଏ ଏବଂ ଆଖି ଗୋଡ଼େଇ ହୋଇ ଆସେ ଓ ଦେହ ଅଳସୁଆ ଲାଗେ । ପ୍ରଥମାବସ୍ଥାରେ ସାମାନ୍ୟ ଜ୍ୱର ମଧ୍ୟ ହୋଇପାରେ । ସବୁବେଳେ ଅସୁସ୍ଥ ବୋଧ ହୁଏ ଏବଂ ଯକୃତ୍ ପ୍ରଦେଶରେ ଗୋଟାଏ ଭାରି ବୋଝ ଲଦା ହେଲାପରି ଲାଗେ ।

କାନରୋଗ (Ear Diseases)—

ପେଟକୁ ଔଷଧ ଖାଇଲେ (ଅନ୍ତରିକ ଚିକିତ୍ସା) କାନବିନ୍ଧା, କାନ ଟଣା ଓ ଦାନ୍ତମୂଳ ଫୁଲା, ବିନ୍ଧା ଆଦି କାନ ଓ ଦାନ୍ତର ଯାବତୀୟ ପୀଡ଼ା ଭଲ ହୋଇଯାଏ । କେବଳ ଯେ ତୁରନ୍ତ ଆରାମ ମିଳେ, ତା ନୁହେଁ; ପରନ୍ତୁ ରୋଗର ଜଡ଼ ନଷ୍ଟ ହୋଇଯାଏ । କାନରୋଗ ପାଇଁ ପନ୍ଦର ପନ୍ଦର ମିନିଟଠାରୁ ଆରମ୍ଭ କରି ତିରିଶ ମିନିଟ ଅନ୍ତରରେ ଫେନୋବାଲସାଇନ୍ ଓ ଚିକିଅମ-କୋ ଅଳ୍ପ ଅଳ୍ପ ମାତ୍ରାରେ ପାଣିରେ ଗୋଳାଇ ରୋଗୀକୁ ପିଆଇ ଦିଅ । ଅଧିକାଂଶ ସ୍ଥଳରେ ଏହାର ଚମତ୍କାର ଫଳ ଦେଖାଯିବ । କେବେ କେବେ ସ୍ନାୟୁଗତ କାରଣରୁ ପୀଡ଼ା ମଧ୍ୟ ହୋଇଥାଏ । ସେଭଳି ଅବସ୍ଥାରେ ଭାଇଟାଲ ଏସେନ୍ସ ପୂର୍ବୋକ୍ତ ପ୍ରକାରରେ ରୋଗୀକୁ ଦିଅ । କାନରେ ଉ ଓ କୃ ଏବଂ ତେଷ୍ଟି ଅଏଲ କେତେ ବିନ୍ଦୁ ପକାଇଲେ ମଧ୍ୟ ପୀଡ଼ା ଉପଶମ ହୁଏ । କାନରୁ ପୂଜ ପଡ଼ୁଥିଲେ କାନ ଭିତରେ ହାଇଡ୍ରୋଜେନ ପେରକ୍ସାଇଡ୍ କରିଦିଅ ।

ଗଣ୍ଠିବାତ (Arthritis)—

ଗଣ୍ଠି ଫୁଲେ । ହାତ ମାରିଲେ ଉଷୁମ ଲାଗେ । ହଲଚଲ ହେଲେ କଷ୍ଟ ହୁଏ । ସାଧାରଣ ଅବସ୍ଥାରେ ଫର୍ମୋଫେରିନ୍ ବ୍ୟବହାର କଲେ ଯଥେଷ୍ଟ ହୁଏ । ଫୁଲା ଓ ଦରଜ ଥିବା ସ୍ଥାନ ଉପରେ କାମ୍ଫ୍ରୋ ଚେଷ୍ଟି ଅଏଲ ଆସ୍ତେ ଆସ୍ତେ ମାଲିସ କର ।

Digitized by srujanika@gmail.com

ରୋଗଟା ଖୁବ୍ ଉଗ୍ର ଅବସ୍ଥାରେ ଥିଲେ ୫ଗ୍ରେନ୍ ଠାରୁ ୧୦ଗ୍ରେନ୍ ପର୍ଯ୍ୟନ୍ତ ଇଉମୋରନ୍ ଗରମ ପାଣିରେ ଗୋଳାଇ ଦିନକୁ ୩।୪ ଥର ଖାଇବା ଦରକାର ହୋଇପାରେ। ପୁରୁଣା ଗଣ୍ଠିବାତରେ ପ୍ରତି ଅଠଦିନରେ ଅଭରାଟିନମ୍ ଇଂଜେକସନ୍ ଦେଲେ ଖୁବ୍ ଭଲ ଫଳ ମିଳେ। ଏକାଧିକ ଗଣ୍ଠି ଆକ୍ରାନ୍ତ ହୋଇଥିଲେ ଇଂଜେକସନ୍ ଦେବେ। ଉପରେ ଖାଇବା ପାଇଁ ଯେଉଁ ଔଷଧ କୁହାଗଲା, ତାର ମାତ୍ରା ହାଲୁକା କରି ଖୁଆଇବ। ଖାଦ୍ୟ ପଦାର୍ଥ ଯେମିତି ଭଲଭାବରେ ହଜମ ହୁଏ ଏବଂ ଝାଡ଼ା ପରିଷ୍କାର ହୁଏ, ତା ଉପରେ ଆଖି ରଖିବ।

ଗ୍ରନ୍ଥିଗତ ରୋଗ [Glands]—

ଗ୍ରନ୍ଥି ଫୁଲିଗଲେ ସେଥିପାଇଁ ସଲଫାସନ ଓ ହର୍ମୋପିରିନ୍ ଦିଅ। ଉପରେ ବାମ୍ ମାଲିସ କର ଏବଂ ସେକ ଚଢ଼ାଅ। ଯଦି ପୂଯ ହୋଇଆସେ, ତେବେ ବଥପରି ଚିକିତ୍ସା କର। କାଟିବା କିମ୍ବା ଫୋଡ଼ିବା ହୁଏତ ଦରକାର ହୋଇପାରେ। ତାହା ଯଦି ହୁଏ, ତେବେ କଟା କିମ୍ବା ଫୋଡ଼ା ପରେ ଷଡ ସ୍ଥାନରେ ବ୍ରେଉଡେଷ୍ଟା ଲଗାଇ ବାନ୍ଧିଦିଅ। ଯଦି ଶୀଘ୍ର ଭଲ ହୋଇ ନ ଆସେ, ତେବେ ତା ଉପରେ ହୁଲଂଡଙ୍କ ଛୁଇଁ। ଯକ୍ଷ୍ମା ଗ୍ରନ୍ଥି (Tuberculous Glands) ପାଇଁ ଅୟୋବିନ ଓ ଆଲ୍ବୋସାଙ୍ଗ ଦୁଧ ସହିତ ଦିଅ। ଯଥେଷ୍ଟ ବିଶ୍ରାମ, ବିଶୁଦ୍ଧ ବାୟୁ, ସୂର୍ଯ୍ୟ କିରଣ ଏବଂ ପୁଷ୍ଟିକର ଖାଦ୍ୟ ଚିକିତ୍ସାରେ ଖୁବ୍ ସହାୟତା କରେ।

ଗଳାରୋଗ [Throat Diseases]—

ଭୋଜନର ପାଚନ କ୍ରିୟା ସଙ୍ଗେ ଏହି ସବୁ ରୋଗର କାରଣ ଜଡ଼ିତ। ଗଳା ଗଲଗଲ ହେଲେ କିମ୍ବା ଫୁଲିଗଲେ ଫ. ଓ ଟି. ଏକ ଗ୍ଲାସ ଗରମ ପାଣିରେ ମିଶାଇ ଶୋଇଲାବେଳେ ୨।୩ ଥର କୁଳିକର। ଭଲ ଫଳ ମିଳିବ। ଏଥିପାଇଁ ମେଥିଲ୍ଓଡ଼୍ ବ୍ୟବହାର କଲେ ମଧ୍ୟ ଉତ୍ତମ ଫଳ ମିଳେ। ଖାଇବାପାଇଁ ଅର୍ଜଲିହୁଓସ କିମ୍ବା ୪ ନମ୍ବର ଔଷଧ ଦିଅ। ବିଶେଷ ଅବସ୍ଥାରେ ସ୍ପସ୍ଜେଣ୍ଟ ଓ କ୍ରୋମାଇନ ମିଶାଇ ଦିଅ। ଗଳା ଯେତେବେଳେ ଫୁଲି ଲାଲ ପଡ଼ିଯାଇ ଥିବ, ସେତେବେଳେ ସ୍ପସଜେଣ୍ଟ ଦେବ; ନ ହେଲେ ଯଦି ଗରମି [ଉପଦଂଶ] ଦୋଷରୁ ଗଳା ଫୁଲି ଲାଲ ପଡ଼ିଥିବ, ତେବେ କ୍ରୋମାଇନ ଦେବ। ଗରମି ଦୋଷରୁ ସେପରି ହୋଇଥିବାର ସ୍ପଷ୍ଟ ଜଣାପଡ଼ିଲେ, ଅକଟିୟୁମ ବ୍ୟବହାରରେ ସର୍ବୋତ୍କୃଷ୍ଟ ଫଳ ମିଳେ।

ଟନସିଲ ବଢ଼ିବା [Tonsilitis]—

ଦିନରେ ଦୁଇଥର ଅୟୋବିନ ଏବଂ ଥରେ ଆଲ୍ବୋସାଙ୍ଗ ଦିଅ। ଟନସିଲ ବଢ଼ିବା ଦୂର ହୋଇଗଲା ପରେମଧ୍ୟ କେତେମାସ ଯାଏ ଏହି ଔଷଧକୁ ଚାଲୁ ରଖ। ଦରଜ ଓ ଫୁଲା ଯଦି ରହିଥାଏ, ତେବେ ଦିନକୁ ୩ଥର ଲେଗାଏ ଫେନୋକାଲସାଇନ ଏବଂ ସଲଫାସନ ମିଶାଇ ଖାଅ ଏବଂ ଫ: ଓ ଟି କିମ୍ବା ମେଥିଲଓଡ଼ ଗରମ ପାଣିରେ ଗୋଳାଇ ସେହି ପାଣିରେ କୁଳିକର। ବେକ ଓ ଗଳା ଉପରେ ବାମ୍ ମାଲିସ କଲେ ଗଳା ଫୁଲା ଦରଜରେ ମଧ୍ୟ ବେଶ ଉପକାର ମିଳେ।

Digitized by srujanika@gmail.com

ଲକ୍ଷଣ—ଟନସିଲ ବଢ଼ି ଫୁଲିଗଲେ ଖାଦ୍ୟ ପଦାର୍ଥ ଗିଳିଲାବେଳେ ବଡ଼ କଷ୍ଟ ହୁଏ, ଜିଭ ମଇଳା ରହେ, ମୁହଁରୁ ଖରାପ ଗନ୍ଧ ବାହାରେ ଏବଂ ପାଟିତଳେ ଥିବା ଗ୍ରନ୍ଥିମାନ ଫୁଲିଯାଏ ଓ ବଡ଼ କଷ୍ଟ ଅନୁଭୂତ ହୁଏ। ଦେହ ତାତି ଯାଇ ଜ୍ୱର ମଧ୍ୟ ହୁଏ।

ଗଳଗଣ୍ଡ [Goitre]—

ସକାଳ ଓ ସନ୍ଧ୍ୟାରେ ହାଲୁକା ମାତ୍ରାରେ ଅୟୋଡ଼ିନ ବ୍ୟବହାର କର। ଗଳଗଣ୍ଡ ରୋଗ ଉପରେ ଅୟୋଡ଼ିନର ପ୍ରଭାବ କେତେଦୂର, ତାହା ହୋମିଓପ୍ୟାଥିରେ ପ୍ରଥମେ ଆବିଷ୍କାର କରାଯାଇଥିଲା ଏବଂ ଅତି ସୂକ୍ଷ୍ମ ମାତ୍ରାରେ ପ୍ରୟୋଗ କରାଯାଇଥିଲା। ଜଣେ ଏଲୋପାଥିକ ବଡ଼ ଡାକ୍ତର ବହୁ ଗବେଷଣା କଲା ପରେ ଗଳଗଣ୍ଡ ଉପରେ ଅୟୋଡ଼ାଇନର ଉପଯୋଗିତା ସଂପର୍କରେ ଗୋଟିଏ ବଡ଼ ବହି ଲେଖିଛନ୍ତି ଏବଂ ତହିଁରେ କହିଛନ୍ତି ଯେ, ଅତି ସୂକ୍ଷ୍ମ ମାତ୍ରାରେ ପ୍ରୟୋଗ କଲେ ଏହା ଗଳଗଣ୍ଡ ରୋଗରେ ଭାରି ଉପକାର କରେ। ଅୟୋଡ଼ିନରେ ଏହି ଅଇଓ-ଡାଇନ ଅତି ସୂକ୍ଷ୍ମ ମାତ୍ରାରେ ସନ୍ନିବିଷ୍ଟ ଅଛି।

ଲକ୍ଷଣ—ଗଳଗଣ୍ଡରେ ଗଳାର ଥାଇରଏଡ ଗ୍ରନ୍ଥି ଅଳ୍ପେ ଅଳ୍ପେ ଫୁଲି ବଢ଼ିଯାଏ। ଏହା ଫଳରେ ଶ୍ୱାସନଳୀ ଉପରେ ଚୂପା ପଡ଼େ ଏବଂ ନିଃଶ୍ୱାସ ନେବାରେ କଷ୍ଟ ହୁଏ।

ଚର୍ମରୋଗ [Skin Affection]—

ଭିତରେ ଥିବା ରୋଗ ବାହାରେ ଚର୍ମରୋଗ ରୂପେ ପଦାକୁ ଫୁଟେ। ତେଣୁ ଚର୍ମରୋଗର ଚିକିତ୍ସାରେ ପେଟକୁ ଔଷଧ ଖାଇ ଭିତରର ଗୋଳମାଳକୁ ଠିକ କରିନେବା ପ୍ରଥମ କାମ। ତା ସଙ୍ଗେ ସଙ୍ଗେ ବାହ୍ୟ ଚିକିତ୍ସା ମଧ୍ୟ ଦରକାର। ହୋମିଓପ୍ୟାଥି ବିଜ୍ଞାନରେ ପ୍ରଥମେ ବାହାର ଚିକିତ୍ସାକୁ ଆଦୌ ସ୍ୱୀକାର କରା ଯାଉ ନ ଥିଲା। ଏବେ କିନ୍ତୁ ହୋମିଓପ୍ୟାଥମାନେ ସେ କଥା ମାନିଲେଣି। ଅୟୋଡ଼ିନ ଉତ୍ତମ ରକ୍ତ ଶୋଧକ ଔଷଧ। ମାଲବୋସାଙ୍ଗ ରକ୍ତ ବଢ଼ାଏ। କ୍ରୋମାଇନ ଅନେକ ଗୁଡ଼ଏ ଚର୍ମରୋଗକୁ ଭଲ କରିଦିଏ। ଜହର-କୋ ଅନେକ ପୁରୁଣା ଚର୍ମରୋଗର ବିଷ ନଷ୍ଟ କରିଦିଏ। ରିପେଣ୍ଟୋ ବାହାରେ ଲଗାଇଲେ ଦେହର ଚମ କର୍କଶ ନ ହୋଇ ମୁଲାୟମ ହୁଏ ଏବଂ ପୁରୁଣା ଦାଗ ଓ ଚକ୍ତାସବୁ, ଏପରିକି ଏକଜିମା ଚକ୍ତା ପର୍ଯ୍ୟନ୍ତ ସବୁ ଲିଭିଯାଏ। ଏବେ ପରୀକ୍ଷା କରି ଦେଖା ଯାଇଛି ଯେ, ଅର୍କଟିସ୍ୟୁମ ଓ ଅୟୋଡ଼ିନର ଇଞ୍ଜେକସନ ଯୋଗେ ବହୁ ଚର୍ମରୋଗ ଭଲ ହୋଇ ଯାଉଛି।

ଏକଜିମା [Eczema]—

ଏ ରୋଗରେ ସବୁଠାରୁ ଭଲ ଖାଇବା ଔଷଧ ହେଉଛି ଅୟୋଡ଼ିନ। ବାହାରେ ଚମ ଉପରେ ମାଲିସ କରିବା ପାଇଁ ରିପେଣ୍ଟୋ। ଯଦି ରିପେଣ୍ଟୋରେ ଶୀଘ୍ର ଆରୋଗ୍ୟ ନ ମିଳେ, ତେବେ ଅଏଣ୍ଟମେଣ୍ଟ ଲଗାଅ। ଯଦି ଫୁଲା ଥାଏ ଏବଂ

Digitized by srujanika@gmail.com

ପୂଯ ବେଗେଯାଏ, ତେବେ ତେଲ, ଲହୁଣୀ କିମ୍ବା ଘିଅରେ ହ୍ୱାଲ୍‌ଟଅଟ ଓ ମେଥି-ଲିଓଡ଼ର ମଲମ ତିଆରି କରି ସକାଳେ ଓ ସନ୍ଧ୍ୟା ବେଳେ ଘା ଉପରେ ମାଲିସ କର । ୩୦ ନମ୍ବର ଔଷଧର ମଲମ ବି କାମ ଦିଏ । କିନ୍ତୁ ମେଥିଲଓଡ଼ ମଲମର ଗୁଣ ବେଶି ।

ଲକ୍ଷଣ—ଏକଜାଗାରେ ପହିଲେ ଚମ ଫୁଲି ଲାଲ ହୋଇଯାଏ ଏବଂ ପରେ ସେ ଜାଗାରେ ବରବର ହୋଇ ଦାନା ଫୁଟିଲା ପରି ଉପରକୁ ବାହାରେ । ଏହି ଦାନାଗୁଡ଼ିକ ଭିତରେ ପାଣି ହୁଏ ଏବଂ ଫାଟେ; ପୁଣି ପାଣି ହୁଏ । ଗଲ ଗଲ ହୁଏ, କୁଣ୍ଡେଇଲେ ରୋଗ ବଢ଼େ । ପୂଯ ହୋଇଯାଏ । ପୂଯ ପାଣି ଶୁଖିଗଲେ ଶେଷରେ ଚମ ଉପରେ ବର ବର ହୋଇ ଦାଗ ଓ ଫାଟ ପଡ଼ିଯାଏ ।

ଅମ୍ଳପିତ୍ତ ରୋଗ [Urticaria]—

ଭୋଜନ ସହିତ ଅଲ୍‌ବୋସାଙ୍ଗ ଏବଂ କାଇନୋଟୋମାଇନ * ଗ୍ରେନ ଲେଖାଏଁ ଦିନକୁ ୩।୪ ଥର ଖାଇଲେ ଅମ୍ଳପିତ୍ତ ରୋଗରେ ଭଲ ଫଳ ମିଳିବାର ଆମେ ପରୀକ୍ଷା କରି ଦେଖିଛୁ । ଏଥିରେ ଯଦି ଫଳ ନ ମିଳେ, ତେବେ ଲଗ ଲଗ କେତେଦିନ ଯାଏ ଅଧପିଆଲା ଗରମ ପାଣିରେ ୩ ଗ୍ରେନ ସୁଲଫାସନ ଏବଂ ଚଉଠ ଚାମଚ ମଦ ଏକାଠି ମିଶାଇ ରୋଗୀକୁ ଦିଅ । ଖାଦ୍ୟ ହଜମ ହେବା ଏବଂ କୋଷ୍ଠ ପରିଷ୍କାର ହେବା ଉପରେ ନଜର ରଖ । ଏଥିପାଇଁ ପାନେ ଖଣ୍ଡେ ଟେକେସାଇନ କିମ୍ବା ଷ୍ଟୋଲକସ ଦରକାର ହୋଇପାରେ ।

ଯଦି ଏହି ରୋଗ ପୁରୁଣା ହୋଇଯାଇଥାଏ ଏବଂ ପୁନଃ ପୁନଃ ଏହା ହେଉଥାଏ, ତେବେ ତାର ମୂଳ କାରଣ ଅନୁସନ୍ଧାନ କର ଏବଂ ତାହା ଦୂରକର । ଅଣ୍ଡା ଓ କାଙ୍କଡ଼ାମାଛ ଆଦି ଖାଇଲେ ସାଧାରଣତଃ ଅମ୍ଳପିତ୍ତ ରୋଗ ବଢ଼ିଉଠେ । ରୋଗୀର ସ୍ୱାସ୍ଥ୍ୟ ଓ ଶକ୍ତିକୁ ଉନ୍ନତ କରିବା ପାଇଁ ଚେଷ୍ଟା କର । କ୍ଳାନ୍ତି ଓ ମାନସିକ ଉଦ୍‌ବେଗରୁ ତାକୁ ଦୂରରେ ରଖିବାକୁ ହେବ ।

କ୍ଷତ ଓ କଟାଘା (Wounds and Cuts)—

କ୍ଷତ ଓ କଟାଘା ଆଦି ହୋଇଥିବା ସ୍ଥାନରେ ରିପେଣ୍ଟୋ ଲଗାଅ । ଦର୍ଦ୍ଦ ନ ପାଚିବା ପାଇଁ ବା ବସାଇ ଦେବା ପାଇଁ ପାନେ ଗ୍ରିସଜେଣ୍ଟ ହେଲେ ଯଥେଷ୍ଟ । ନିହାତି ଆବଶ୍ୟକ ନ ହେଲେ କ୍ୱିଟାଯ୍ନ ପାନ ଦେବା ଦରକାର ନାହିଁ । ଦର୍ଦ୍ଦ ପାଚି ଯାଇଥିଲେ ତହିଁରୁ ଶୀଘ୍ର ପୂଯ ବାହାର କରି ଦେଇ ଶୁଖେଇ ଦେବା ପାଇଁ ତିନି ତିନି ଘଣ୍ଟା ଅନ୍ତରରେ ଗ୍ରିସଜେଣ୍ଟ ଦିଅ । ଘାଆକୁ ଶୁଖେଇବା ପାଇଁ ରିପେଣ୍ଟୋ ଏବଂ ୮ ନମ୍ବର ଔଷଧର ମଲମ ଲଗାଅ । ଦର୍ଦ୍ଦ ହେବା ସଙ୍ଗେ ସଙ୍ଗେ ଦେହରେ ଯଦି ଜ୍ୱର ଥାଏ, ତେବେ ଖାଇବାକୁ ସୁଲଫାସନ ଦିଅ ଏବଂ ସୁଲଫାସନର ଇଞ୍ଜେକସନ ମଧ୍ୟ ଦିଅ । ଉପଦଂଶ ଜନିତ ଘାଆ ଇତ୍ୟାଦି ପାଇଁ ସିକାଟ୍ରିନ ଏବଂ ତା ସାଙ୍ଗେ ସାଙ୍ଗେ ଖାଇବାକୁ ଅୟୋବିନ ଓ ଅଲବୋସାଙ୍ଗ ଦିଅ । ଘାଆ ଓ ଅନ୍ୟାନ୍ୟ କ୍ଷତ ପ୍ରଭୃତି ଧୋଇବା ପାଇଁ * ଗ୍ରେନ ମେଥିଲଓଡ଼କୁ ଏକ ପିଆଲା

Digitized by srujanika@gmail.com

ଗରମ ପାଣିରେ ଗୋଳାଇ ଧୁଅ । ଘାଆରେ ଉନ୍ନତ ଦେଖା ଯାଉଥିଲେହେଁ ଯଦି ଶୀଘ୍ର ନ ଶୁଖେ, ତେବେ ତା ଉପରେ ଦ୍ୱିଲଂଡସ୍ମ ଛୁଞ୍ଚ । ବିଷାକ୍ତ ହୋଇଥିବା ଘାଆ ପାଇଁ ଦୁଇ ଗ୍ରେନ ଲେଖାଏଁ ସୁଲଫାସନ ତିନିଥର ଗୁଣ୍ଡ ଖାଅ ।

କାଛୁକୁଣ୍ଡିଆ (Scabies)

ଭେସିଲିନରେ ୮ ନମ୍ବର ଔଷଧ କିମ୍ବା ଇପେଷ୍ଟୋ ମିଶାଇ (୧ଭାଗ ଔଷଧରେ ୧୦ଭାଗ ଭେସିଲିନ) ମଲମ ତିଆରିକରି ଲଗାଅ । ସକାଳେ ଏବଂ ସନ୍ଧ୍ୟାରେ ବ୍ରସଜେଣ୍ଟ ପେଟକୁ ଖାଅ । ରୋଗର ଉଗ୍ର ଅବସ୍ଥାରେ ଦରକାର ହେଲେ ଅଟୋହିମ ଇଞ୍ଜେକସନ ଦିଅ । ରୋଗୀକୁ ପରିଷ୍କୃତ ପରିଚ୍ଛନ୍ନ ରଖିବ ଏବଂ ତାର ସାଧାରଣ ସ୍ୱାସ୍ଥ୍ୟକୁ ଭଲ ରଖିବ । ଯାଦୁ ଓ ଗୋଡ଼ ଖଉଁ (Foot Itch) ଏବଂ ସୋରିଅସିସ ଆଦି ପାଇଁ ସ୍ୱଚ୍ଛନେ ସ୍କିନ୍‌ଟୋଣ୍ଟ ଲଗାଅ ଏବଂ ସକାଳେ ଧୁଅ ।

କାଛୁ କୁଣ୍ଡିଆ ଗୋଟିଏ ଅତି ସାଧାରଣ ଚର୍ମ ରୋଗ । ଶୀତବେଳେ ଏହି ରୋଗର ପ୍ରକୋପ ବେଶୀ ହୁଏ—ଭାରି ଗଲ ଗଲ ହୁଏ । ଘାଆଗୁଡ଼ିକ ଫୁଲି ଯିବାରେ ପୂଜ ଧରେ ଓ ଉପରେ ବକଲା ବାନ୍ଧେ । କ୍ରମେ କ୍ରମେ ଗୋଟିଏ ଯାଗାରୁ ଆଉ ଗୋଟିଏ ଯାଗାକୁ ବ୍ୟାପେ ।

ଅଧିକ ଝାଳ ବୋହିବା (Profuse Sweats) –

ସକାଳେ ଓ ସନ୍ଧ୍ୟାରେ ବ୍ରସଜେଣ୍ଟ ଖାଅ । ମୁହଁର ଶୋଥ (Erysipelas) ପାଇଁ ସୁଲଫାସନ ଓ ଇଅସଗାଇନ ଉଗ୍ର ଅବସ୍ଥାରେ ଥିଲେ ଡାକ୍ତର ଡାକ । ଅନ୍ୟ ଶୋଥ ଅର୍ଥାତ ପାଦ ଓ ପେଟ ଇତ୍ୟାଦି ଫୁଲିଥିଲେ ସୁଗନ୍ଧ ସୁଲଫାସ ଦିଅ ।

ଯାଦୁ (Ringworm)

ଶରୀରର ଯେ କୌଣସି ସ୍ଥାନରେ ହୋଇପାରେ । ଏହା ପଡ଼ିଲେ ଗୋଲ-ଗୋଲ ଦାଗ ଆକାରରେ ହୁଏ ଏବଂ କ୍ରମେ ବଢ଼େ । ଭାରି କୁଣ୍ଡାଇ ହୁଏ । ମୁଣ୍ଡରେ ଯାଦୁ ହେଲେ ସେ ଜାଗାରୁ ବାଳ ଉଠିଯାଏ କିମ୍ବା କମିଯାଏ । ମୁହଁର ଦାଢ଼ିରେ ଏବଂ କାଖତଳେ ମଧ୍ୟ ଏହି ରୋଗ ହୋଇପାରେ ।

ସୋରିଆସିସ (Psoriasis) –

ଗୋଟିଏ କୋଚଟିଆ ଚର୍ମରୋଗ । ଏଥିରେ ଦେହର ଯେ କୌଣସି ଅଂଶରେ ଚମ ଉପରେ ଧଳା ଧଳା ଛାଲପରି ଚକାଦାଗ ଦେଖାଯାଏ । ଅମ୍ଳପିତ୍ତ [Urticaria] ରୋଗରେ ଚମଡ଼ା ଉପରେ ଚକା ଚକା ଦାଗ ଉଠେ, ଭାରି କୁଣ୍ଡାଇ ହୋଇ ସେ ଯାଗା ଲାଲ ହୋଇଯାଏ । ଉଗ୍ର ଅବସ୍ଥାରେ ଖୁବ ଫୁଲିଯାଏ ଏବଂ ଫୁଟିବା ପରି ପଦାକୁ ବାହାରି ପଡ଼େ ।

ଛାତି ଓ ଫୁସ ଫୁସ ରୋଗ (Chest and Lungs Diseases)

ବର୍ତ୍ତମାନ ସମୟରେ ଏହି ଛାତି ଓ ଫୁସ୍ ଫୁସ୍ ରୋଗ ଘରେ ଘରେ ଦେଖା

Digitized by srujanika@gmail.com

ଦେଇ ପାରିବାରିକ ଶୁଶ୍ରୂଷାକୁ ନଷ୍ଟ କରୁଅଛନ୍ତି । ଏହି ସବୁ ରୋଗର ଅବସ୍ଥାରେ ରୋଗୀର ଜୀବନୀ ଶକ୍ତି ବଢ଼ାଇବା ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ ।

ବ୍ରୋଙ୍କାଇଟିସ୍ (Bronchitis)

ଏହି ରୋଗରେ ୫ ନମ୍ବର ଔଷଧ ଓ ହେମୀପିରିନ ଗୁରି ଗୁରି ଘଣ୍ଟା ଅନ୍ତରରେ ଦିଅ । ଜ୍ୱର ଯଦି ବେଶୀଥାଏ ଏବଂ ଦେହର ତାତି ବଢ଼ିଥାଏ, ତେବେ ପୂର୍ବ ଔଷଧ ସଙ୍ଗେ ସଲ୍‌ଫାସିନ ମିଶାଇ କରି ଦିଅ । ରୋଗୀକୁ ବିଛଣା ଉପରେ ଆରାମରେ ଶୁଆଇ ରଖ । ଟେର୍ପି ଅଏଲ ଓ ବାମ୍, ଛାତି ଓ ପିଠିରେ ମାଲିସ କଲେ ଶୀଘ୍ର ଆରୋଗ୍ୟ ହୁଏ । ଡାକ୍ତରମାନେ କହନ୍ତି, ଆମର ଟେର୍ପି-ଅଏଲ ଓ ବାମ୍ ଲଗାଇଲେ ସେକ ଦେବା କିମ୍ବା ପୁଲଟିସ ବାନ୍ଧିବା ଦରକାର ପଡ଼େନା । ରୋଗଟା ପୁରୁଣା ହୋଇଥିଲେ ମେଡ଼ୋକେଟେଡ୍‌-କାଲସିଅମ୍ ଦିଅ ।

ଲକ୍ଷଣ—ଆରମ୍ଭ ଅବସ୍ଥାରେ ରୋଗୀ ଅସୁସ୍ଥ ବୋଧ କରେ । ଛାତିର ସାମନା ଓ ଉପର ଅଂଶ ଟାଣ ହୋଇ ଆସୁଥିବା ପରି ଜଣାପଡ଼େ । କାଶ ପ୍ରଥମେ ଶୁଖିଲା ହୁଏ ଓ କଷ୍ଟ ଦିଏ, ପରେ ଦେହର ଉତ୍ତାପ ବଢ଼େ । ନିଃଶ୍ୱାସ ଚଞ୍ଚଳ ହୁଏ । କଫ ତରଳ ହୋଇ ବାହାରିଲେ କାଶିବାବେଳେ ହେଉଥିବା କଷ୍ଟ କିଛିଏ ଊଣା ପଡ଼େ । ଛାତି ଭିତରେ ନିଃଶ୍ୱାସ ମାରିବା ବେଳେ ଶବ୍ଦ ହୁଏ ।

ପ୍ଲୁରେସି (Pleurisy)

ଏ ରୋଗର ଆର୍ଜନହର୍ଓଷ୍ ପ୍ରଧାନ ଔଷଧ ଏବଂ ହମୌପିରିନ୍ ତାହାର ଅତି ଉତ୍ତମ ସହାୟକ ଅଟେ । ହମୌପିରିନ୍ ନଥିଲେ ତା ଜାଗାରେ ଫେନୋକାଲସାଇନ୍ ବ୍ୟବହାର କଲେ ମଧ୍ୟ ଭଲ ଫଳ ମିଳେ । ସକାଳ ଓ ସନ୍ଧ୍ୟାରେ ଟେର୍ପି ଅଏଲ ଛାତିରେ ମାଲିସ କଲେ ଦରଜ ଦୂର ହୁଏ । ଏହି ରୋଗରେ ଶରୀରର ଶକ୍ତିକୁ ଅତୁଟ ରଖିବାକୁ ଓ ବଢ଼ାଇବାକୁ ଅଲବୋସାଙ୍ଗ ସେବନ କରିବା ଆବଶ୍ୟକ ହୁଏ । ଏହାଫଳରେ ରୋଗଟା ସହଜେ ଭଲ ଆଡ଼କୁ ଆସେ ଓ ରୋଗୀ ତୁରନ୍ତ ଆରୋଗ୍ୟ ଲାଭ କରେ । ରୋଗଟା ବଢିଯାଇ ଛାତିର ଆବରଣ ତଳେ ପାଣି ଝମ୍ପିଗଲେ କିମ୍ବା ପୂଯ ହୋଇଗଲେ ରୋଗୀକୁ ଭଲ ସର୍ଜନ ପାଖକୁ ନେଇଯାଅ ।

ଲକ୍ଷଣ—ପ୍ଲୁରେସି ରୋଗ ମାନେ ଛାତି ଭିତର ଭୟଙ୍କର ଦରଜ ହୋଇଯାଏ । ନିଃଶ୍ୱାସ ନେଲାବେଳେ ଏବଂ କାଶିଲା ବେଳେ ଛାତି ଦରଜ ବଡ଼ କଷ୍ଟ ଦିଏ । ବେଳେ ବେଳେ ଦେହର ତାତି ୧୦୧ ଡିଗ୍ରୀଯାଏ ଉଠେ । ଛାତିର ଆବରଣ ତଳେ ପାଣି ହୋଇ ଗଲେ ଦରଜ କମିଆସେ; କିନ୍ତୁ ଦମାଉଠେ । କେବଳ ଜ୍ୱର ସବୁବେଳେ ରହେ ଏବଂ ସାମାନ୍ୟ କାଶ ହୁଏ । ଜ୍ୱର ଯଦି ସବୁବେଳେ ରହେ ଓ ଦେହରୁ ଖୁବ୍ ଝାଳ ବହେ, ତେବେ ପୂଯ ହେବାର ଆଶଙ୍କା ହୁଏ ।

ନିଉମୋନିଆ ବା ସାନ୍ନିପାତିକ ଜ୍ୱର—ଜ୍ୱର ପ୍ରକରଣ ଦେଖ ।

Digitized by srujanika@gmail.com

ଲହଡ଼ା କାଶ (Whooping Cough)

ସାଧାରଣତଃ ଶିଶୁ ଓ ପିଲ୍ଲମାନଙ୍କୁ ଏହି କାଶ ବେଶି ଧରିବାର ଦେଖାଯାଏ। ରୋଗୀକୁ ଅନ୍ୟମାନଙ୍କଠାରୁ ଅଲଗା କରି ରଖ। ଦେହରେ ଜ୍ୱର ଥିଲାବେଳେ ତାକୁ ବିଛଣାରେ ଶୁଆଇ ରଖ। ଘରଟିକି ଗରମ ରଖ ଏବଂ ଭଲ ପାଣି ଯେମିତି ମିଳେ ତା' ଉପରେ ନଜର ରଖ। ରୋଗୀର ଯଦି ବାନ୍ତି ବେଶି ହୁଏ, ତେବେ ଅନ୍ୟ କିଛି ପଥି ନଦେଇ କେବଳ ଦୁଧ ଦିଅ। ଏହି କାଶର ଚିକିତ୍ସା ଡେନଜାଇନ ଔଷଧ ଭଲେ ଦିଆଯାଇଛି। ସେ ଔଷଧ ଛଡ଼ା ଭାଇଚାଲ ଏସେନ୍ସ ଦିଆ ଯାଇପାରେ। ଚେଷ୍ଟା କଲେ ଧୀରେ ଧୀରେ ଛାତି ଉପରେ ମାଲିସ କଲେ କାଶର ପ୍ରକୋପ ଓ ଘନ ଘନ ଆକ୍ରମଣ କମିଆସେ। ଜ୍ୱର ଥିଲାବେଳେ ଫେନୋବାର୍ବିଟାଲ ଦିଅ। ପେଟରେ ବେଦନା ହେଲେ ପେଟକୁ ଗୁଡ଼ାଇ ବାନ୍ଧି ଦିଆଯାଇ ପାରେ।

ଏହି ଲହଡ଼ା କାଶ ପିଲାଙ୍କ ପକ୍ଷରେ ଏକ ସଂକ୍ରାମକ ରୋଗ। ସାମାନ୍ୟ ଜ୍ୱର ଓ କାଶ ହୋଇ ଏହା ଆରମ୍ଭ ହୁଏ। ଏହାର ପ୍ରଥମ ଅବସ୍ଥା ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ରହେ। ପିଲା କାଶିବା ବେଳେ କୁକୁର କାଶିବା ଭଳି ଶବ୍ଦ ହୁଏ। ଥରକ ପରେ ଥରେ କାଶ ଉଠେ ଏବଂ ଏହିପରି ଲହଡ଼େଇ ଲହଡ଼େଇ କେତେକ ସମୟ ଯାଏ ରୋଗୀ କାଶି କାଶି ହାଲିଆ ହୋଇପଡ଼େ। ବାନ୍ତି ହୋଇଗଲେ ଟିକିଏ ଆରାମ ବୋଧ ହୁଏ। ଶୋଇଲା ବେଳେ ରାତିରେ ଏବଂ ଖାଇବା ପରେ ଏହି କାଶର ପ୍ରକୋପ ବଢ଼େ। କାଶିଲାବେଳେ ଆଖି ଲାଲ ହୋଇଯାଏ ଏବଂ ଲେଉଟି ପଡ଼ିବା ପରି ଜଣାପଡ଼େ। ପିଲା ବେଦମ ହୋଇ ହାଲିଆ ହୋଇଯାଏ। ପେଟରେ ବେଦନା ହୁଏ ଏବଂ ଅନ୍ତ ଓହ୍ଲାଇ ହୋଇ ଆସିଲା ପରି ଜଣାପଡ଼େ।

ରାଜଯକ୍ଷ୍ମା (Consumption)

ରୋଗ ହେଲେ ତାର ଚିକିତ୍ସା କରିବା ଅପେକ୍ଷା ରୋଗ ଯେମିତି ନହେବ, ସେଥିପାଇଁ ଆଗରୁ ପ୍ରତିଶେଧକ ଉପାୟ ଖୋଜିବା ସବୁଠାରୁ ଭଲ। ଏହି ନୀତି ଅନୁସାରେ ରୋଗର ପ୍ରତିଶେଧକ ରୂପେ ଆଲବୋସାଙ୍ଗ ସର୍ବୋତ୍କୃଷ୍ଟ ମହୌଷଧ। ଏହା ଦେହକୁ ସୁସ୍ଥ ସବଳ ରଖି ରୋଗ ବୀଜାଣୁ ସଙ୍ଗେ ଲଢ଼ିବା ପାଇଁ ତାର ଶକ୍ତି ସାମର୍ଥ୍ୟକୁ ବଢ଼ାଇ ଦିଏ। ଏହି କାରଣରୁ ସାଧାରଣ ଭାବରେ ସବୁ ରୋଗ ଦାଉରୁ ଏବଂ ବିଶେଷ କରି ରାଜଯକ୍ଷ୍ମା ଦାଉରୁ ବର୍ତ୍ତି ଯିବାକୁ ହେଲେ ପ୍ରଥମ ଅବସ୍ଥାରେ ଆଲବୋସାଙ୍ଗ ଛଡ଼ା ଅନ୍ୟ ଔଷଧ ଦରକାର ପଡ଼େ ନାହିଁ। ଜର ନଛାଡ଼ିବା ଯାଏ ରୋଗୀକୁ ବିଛଣାରେ ଆରାମରେ ପକାଇ ରଖ। ରୋଗୀକୁ କୌଣସି ସ୍ୱାସ୍ଥ୍ୟ ନିବାସକୁ ଯଦି ପଠାଇ ନପାର, ତେବେ ତାକୁ ସ୍ୱତନ୍ତ୍ର ଗୋଟିଏ ଖୋଲା ଘରେ ରଖାଅ। ନହେବା ଘର ବାହାରେ ଥଣ୍ଡା ଲାଗୁ ନ ଥିବା ଗୋଟିଏ ବାରଣ୍ଡାରେ ମୁକ୍ତ ସ୍ଥାନରେ ରଖାଅ। ଯେପରି ମୁକ୍ତ ବିଶୁଦ୍ଧ ବାୟୁ ମିଳିବ। ଯଦି ବେଶି କାଶ ହେଉଥାଏ, ତେବେ ଅଲମାନାରେ ନେଓଦେଟେଡ଼ କାଲସିଅମ ଦିଅ। ଯଦି ଏଥିରେ ବିଶେଷ କିଛି ଲାଭ ଦେଖାନଯାଏ, ତେବେ ତିନ ଦିନଠାରୁ ଆରମ୍ଭ କରି ପନ୍ଦର ପନ୍ଦର ଦିନ ଅନ୍ତରରେ ରାତିରେ ଶୋଇଲାବେଳେ ଟି.ଏମ. ଏକ ଏକ ପାନ ଦିଅ। ଏଥିରେ

Digitized by srujanika@gmail.com

ଫଳ ନମିଳଲେ କି.ଏମ. ଦିଅ – ନିଶ୍ଚୟ ଫଳ ମିଳିବ । ରକ୍ତ ପଡ଼ୁଥିଲେ ଟ୍ରିନିୟମ- ହୋ ଏବଂ ଗ୍ଲଇଟାଲ ଏସେନସ ଦିଅ ।

ବେଶି ଜ୍ୱର ହେଉଥିଲେ ମେଡ଼ଡେଟେଡ଼ କାଲସିଅମ ସଙ୍ଗେ ମିଶାଇ ହ୍ରମୋପିରିନ ଦିଅ । ଦେହ କ୍ଷୀଣ ହୋଇଯାଇ ଓଜନ କମିଗଲେ ଦୁଧ ସାଙ୍ଗରେ ଅସ୍ୱୋରିନ ଦିଅ । ସ୍ୱାସ୍ଥ୍ୟଶକ୍ତିକୁ ଅଟୁଟ ରଖିବା ପାଇଁ ଫ୍ରକ୍ଟୋଜାଇମ ଦିଅ । ରୋଗ ଖୁବ୍ ଅଗେଇ ଯାଇଥିଲେ ଏବଂ ଏସବୁ ଔଷଧରେ କୌଣସି ଲାଭ ଦେଖାଯାଉ ନଥିଲେ, ଅଠେଦିନରୁ ଆରମ୍ଭ କରି ପ୍ରତି ପନ୍ଦର ପନ୍ଦର ଦିନ ଅନ୍ତରରେ ଅଜଗ୍ରଟିନମ ଇଞ୍ଜେକସନ ଦିଅ ।

ଲକ୍ଷଣ—ଯକ୍ଷ୍ମରୋଗର ଆରମ୍ଭ ଅବସ୍ଥାରେ ରୋଗୀ ଦୁର୍ବଳତା ଅନୁଭବ କରେ ଏବଂ ସାମାନ୍ୟ ପରିଶ୍ରମରେ କ୍ଳାନ୍ତ ହୋଇପଡ଼େ । ଦେହରୁ ତାର ଖୁବ୍ ଝାଳ ବହେ, ଭୋକ ହୁଏନା । ସାମାନ୍ୟ କାଶ ହେଲେ ଆରମ୍ଭ ହୁଏ । ରକ୍ତ ହୀନତା ଗୋଟିଏ ପ୍ରଧାନ ଲକ୍ଷଣ । ରୋଗ ଅଗେଇବା ସଙ୍ଗେ ସଙ୍ଗେ ପ୍ରତି ସନ୍ଧ୍ୟାରେ ଦେହର ତାତି ବଢ଼େ, ଟିକିଏ ଟିକିଏ ଜ୍ୱର ହୁଏ । କ୍ରମେ କାଶିବାରେ କଷ୍ଟ ଅନୁଭୂତ ହୁଏ ଏବଂ କଫ ସଙ୍ଗରେ ରକ୍ତ ପଡ଼େ ।

ଜ୍ୱର (Fevers)

ଜ୍ୱରରେ ସାଧାରଣ ଔଷଧ ହେଉଛି ଅଇଓନାଇଜଡ଼ କୁଇନାଇନ । ଏହା ବ୍ୟବହାର କଲେ ଜ୍ୱର ସାଘାତିକ ହୋଇପାରେନା । ଏହାକୁ ଖାଇବାର କେତେକ ସମୟ ପରେ ଯଦି ଜ୍ୱର ନଛାଡ଼େ ଏବଂ ତାତି ବଢ଼େ, ତେବେ ଫେନୋକାଲସାଇନ ଦିଅ । ପୁରୁଣା ଜ୍ୱରରେ ଦେହର ଉତ୍ତାପ ଯଦି ବେଶି ହେଉ ନଥାଏ, ତେବେ ଏହି ଫେନୋକାଲସାଇନ ଭଲ କାମ ଦିଏ । ଫ୍ଲୁ, ବ୍ରୋଙ୍କାଇଟିସ, ସନ୍ନିପାତ ଓ ପ୍ଲୁରେସି କିମ୍ବା କୌଣସି ବିଷାଣ ଦୋଷରୁ ଯଦି ଜର ହେଉଥାଏ, ତେବେ ସୁଲଫାସନ ଓ ହ୍ରମୋପିରିନ ଦିଅ । ଅଷ୍ଟିଓଗଣ୍ଠି ଅବା ବାତ ଦୋଷରୁ ଯଦି ଜ୍ୱର ହେଉଥାଏ, ତେବେ ଫେନୋକାଲସାଇନ ଅପେକ୍ଷା ହ୍ରମୋପିରିନ ବ୍ୟବହାର କଲେ ଭଲ ଫଳ ମିଳେ । ଯକ୍ଷ୍ମାରୋଗ ଜନିତ ଜ୍ୱର, ବିଶେଷତଃ ଟାଇଫଏଡ଼ରେ ଅର୍ଜେଲହ୍ୱର୍ଓସ ଓ ମେଥ୍ୟନ୍ଓଡ଼ ସଙ୍ଗେ ହ୍ରମୋପିରିନ ଖୁବ୍ ଭଲ ଫଳ ଦିଏ । ଅର୍ଜେଲହ୍ୱର୍ଓସ ଓ ମେଥ୍ୟନ୍ଓଡ଼ ଟାଇଫଏଡର ବିଶେଷ ଔଷଧ । ଶିଶୁ ଓ ପିଲାମାନଙ୍କ ଜ୍ୱରରେ ସାଧାରଣ ଔଷଧ କାମ ନଦେଖାଇଲେ ଟ୍ରିନିୟମ-ହୋ କିମ୍ବା ସ କ୍ଲୋନାଇନ-ହୋ ଦିଅ ।

ମାଲେରିଆ (Malaria)

ନୂଆ ମାଲେରିଆ ଜ୍ୱରରେ ଆଇଓନାଇଜଡ଼ କୁଇନାଇନ୍ ଏବଂ ପୁରୁଣା ମାଲେରିଆରେ ଓପୋ-କୁଇନ ଇନ୍ ଦିଅ । ବସନ୍ତ, ମିଳିମିଳା ଓ ହାଡ଼ଫୁଟି ଆଦିରେ ହେଉଥିବା ଜ୍ୱରପାଇଁ ଫେନୋକାଲସାଇନ୍ ଏବଂ କାନତଳେ ଥିବା ଗ୍ରନ୍ଥି Mums ଫୁଲି ଜ୍ୱର ହେଉଥିଲେ ହ୍ରମୋପିରିନ୍ ଦିଅ । ଯେତେବେଳେ ଜ୍ୱରର ପ୍ରକୋପ ଅଳ୍ପ ଥାଏ (Low fever), ମୂର୍ଚ୍ଛା ଲକ୍ଷଣ ଦେଖାଯାଏ, ଏବଂ ରୋଗୀର ଯକ୍ଷ୍ମାରୋଗର

Digitized by srujanika@gmail.com

ଲକ୍ଷଣମାନ ଫୁଟି ଉଠିଥିବାର ସନ୍ଦେହ କରାଯାଏ, ସେତେବେଳେ ୨ ଗ୍ରେନ୍ ହର୍ମୀଟିରନ୍‌କୁ ଅଧଗ୍ରେନ୍ ଅଟସ୍ଫାବିନ ସଙ୍ଗେ ମିଶାଇ ଦିନକୁ ୩ପାନ ଲେଖାଏ ଦିଅ ଏବଂ ଭୋଜନ ସଙ୍ଗରେ ରୋଗୀର ପୁଷ୍ଟି ବିଧାନ ପାଇଁ ଅଲବୋଷାଙ୍ଗ ଖୁଆଅ । ପ୍ରସବ ପରେ ସ୍ତ୍ରୀମାନଙ୍କୁ ଯେଉଁ ଜ୍ୱର ହୁଏ, ତହିଁରେ ଏହି ମିଶ୍ରିତ ଔଷଧ ସେମାନଙ୍କୁ ଖୁଆଇଲେ ଚମତ୍କାର ଫଳ ମିଳେ । ଅଲ୍ପ ପରିମାଣରେ ଯଦି ପ୍ରତିଦିନ ଜ୍ୱର ହେଉଥାଏ ଏବଂ ରୋଗୀ ତାହା ଜାଣିପାରୁ ନଥାଏ, ତେବେ ଅର୍ଜ୍ଞଲହର୍ଓସ ସେଭଳି ଜ୍ୱରର ଉତ୍କୃଷ୍ଟ ଔଷଧ । ପ୍ରସୂତି ଅବସ୍ଥାରେ ସ୍ତ୍ରୀଲୋକମାନଙ୍କୁ ଯେଉଁ ଦୁଧଜ୍ୱର (Milk fever) ହୁଏ, ତହିଁରେ ଚାଇନାସୁମ-କୋ କିମ୍ବା ହର୍ମୀପିରନ୍ ଦିଅ । ରୋଗୀ ଯଦି କ୍ରମାଗତ ହାଲୁକା ଜ୍ୱର ଭୋଗୁଥାଏ ଏବଂ ଜରଜରିଆ ବୋଧ କରୁଥାଏ, ତେବେ ସେଭଳି କ୍ଷେତ୍ରରେ ତାର ଶକ୍ତି ବଢାଇବାପାଇଁ ପହିଲେ ଅଲବୋଷାଙ୍ଗ ଦିଅ ଏବଂ ପରେ ଓଡୋ-କୁଇନାଇନ୍ ସଲଫାସନ, ଅର୍ଜ୍ଞଲହର୍ଓସ କିମ୍ବା ହର୍ମୀଫିରନ୍ ଦିଅ ।

ମେଲେରିଆ ଜ୍ୱରର ତିନୋଟି ଅବସ୍ଥା ଦେଖାଯାଏ । ପ୍ରଥମେ ଯେତେବେଳେ ଜ୍ୱର ଆସେ, ସେତେବେଳେ ରୋଗୀର ମୁଣ୍ଡ ଦରଜ ହୋଇ ବିନ୍ଧେ ବା ବଥାଏ, ହାତଗୋଡ଼ ଓ ପିଠିରେ ପୀଡ଼ା ଜଣାପଡ଼େ ଏବଂ କମ୍ପ ଆସେ । କ୍ଷଣେ କମ୍ପ ହେବା ଫଳରେ ଦାନ୍ତରେ ଦାନ୍ତ ବାଜେ ଏବଂ ରୋଗୀକୁ ଭାରି ଶୀତ ବୋଧ ହୁଏ । ଏହି ଅବସ୍ଥା ୧୫ ମିନିଟରୁ ୨ଘଣ୍ଟା ଯାଏ ରହେ । ଏହା ପରେ ଦ୍ୱିତୀୟ ଅବସ୍ଥା ଆସେ ଏବଂ ତାହା ୪ଘଣ୍ଟାଠାରୁ ୫ଘଣ୍ଟାଯାଏ ରହେ । ଜ୍ୱରର ପ୍ରକୋପ ବଢ଼େ । ରୋଗୀ ଏଣୁ ତେଣୁ ବକି ପ୍ରଳାପ କରେ । ତୃତୀୟ ଅବସ୍ଥାରେ ଦେହରୁ ଖୁବ୍ ଝାଳ ବହିଯାଏ, ତାତି କମିଆସେ ଏବଂ ଅସୁସ୍ଥତା ବୋଧ ହ୍ରାସ ପାଏ । ଏ ଅବସ୍ଥା ଘଣ୍ଟାକଠାରୁ ୨ଘଣ୍ଟା ଯାଏ ରହେ । ଏହିପରି କ୍ରମରେ ତିନୋଟି ଅବସ୍ଥା ଭିତର ଦେଇ ଜ୍ୱର ପ୍ରତିଦିନ ଆସିପାରେ, କିମ୍ବା ପ୍ରତି ୩,୪ ଦିନ ଅନ୍ତରରେ ଥରେ ଥରେ ଆସିପାରେ । ସେତେବେଳେ ଏହାକୁ ପାଳିଜର କୁହାଯାଏ ।

ବସନ୍ତ ବା ଠାକୁରାଣୀ (Small Pox)

ଠାକୁରାଣୀ ଜ୍ୱରରେ ପହିଲେ ମୁଣ୍ଡ ବଥାଏ । ଦେହରେ କମ୍ପ ଆସେ ଓ ପିଠି ପ୍ରଭୃତିରେ ଘୋଳା ବିନ୍ଧା ହୋଇ କ୍ରମେ ଜ୍ୱର ବଢ଼େ । ଏହିପରି ତିନିଦିନ ପରେ ମୁହଁ ଓ ହାତରେ ଛୋଟ ଛୋଟ ଦାନା ପରି ଫୋଟକାମାନ ବାହାରେ ଏବଂ କ୍ରମେ ଦେହସାରା ବ୍ୟାପେ । ଆଠ ଦିନ ବେଳକୁ ଏହି ସବୁ ଫୋଟକା ଭିତରେ ପୂଯ ହୋଇଯାଏ । ଏହା ଫଳରେ ଦେହର ଉତ୍ତାପ ଓ ତାତି ଅଧିକ ବଢ଼େ ।

ମିଳିମିଳା (Measles)

ରୋଗୀକୁ ଥଣ୍ଡାଲାଗି ଜ୍ୱର ହେଲାପରି ବୋଧହୁଏ । କାଶ ହୁଏ ଏବଂ ଆଖି ଓ ନାକ ଓହଳ ପଡ଼ିଲା ପରି ବୋଧହୁଏ । ମୁଣ୍ଡ ବଥାଏ । ଚତୁର୍ଥଦିନ ଦେହସାରା

Digitized by srujanika@gmail.com

ମିଳିମିଳା ବାହାରିପଡ଼େ —ପ୍ରଥମେ କପାଳରେ ବାହାରି କ୍ରମେ ସର୍ବାଙ୍ଗରେ ବ୍ୟାପିଯାଏ । ଗଳା ଆକ୍ରାନ୍ତ ହେବା ଫଳରେ କଣ୍ଠସ୍ୱର ବଦଳିଯାଏ ।

ହାଡ଼ଫୁଟି (Chicken Pox)

ମିଳିମିଳାରୁ ହାଡଫୁଟି ମଧ୍ୟ ହୁଏ । ମିଳିମିଳା ହେବା କେତେକ ଘଣ୍ଟା ପରେ ଜ୍ୱର ବଢ଼ିଯାଇ ମୁହଁ, ଛାତି, ପିଠି ଓ କେବେ କେବେ ହାତଗୋଡ଼ ପ୍ରଭୃତିରେ ଲାଲ ଲାଲ ଛୋଟ ଛୋଟ ଦାନା ଫୁଟିପଡ଼େ । ଅଳ୍ପ ସମୟ ଭିତରେ ଛୋଟ ଛୋଟ ଫୁଟିବା ପରି ସେଗୁଡ଼ିକ ଫୁଲି ଉପରକୁ ଉଠେ ଏବଂ ପ୍ରାୟ ୨୪ ଘଣ୍ଟା ଭିତରେ ପୂଜ ହୋଇଯାଏ ।

ଟାଇଫଏଡ଼ (ଆନ୍ତ୍ରିକ) ଜ୍ୱର (Typhoid)

ଏହି ଜ୍ୱରରେ ରୋଗୀକୁ ଦିନକେ ୪।୬ ଥର ଅକ୍ସିଲଡ୍ରିସ ଓ ମେଥିଲିଓଡ୍ ଦିଅ । ଜ୍ୱର ଖୁବ୍ ଉଚ୍ଚ ହୋଇ ଦେହର ଉତ୍ତାପ ବେଶି ହେଲେ ଫେନୋକାଲସାଇନ୍ ମିଶାଇ କରି ଦିଅ । ଜ୍ୱର ଛାଡ଼ି ନ ଯାଇ ଯଦି ବରାବର ଦେହରେ ରହେ ତେବେ ହାଇଡ୍ରୋମୋପିଡିନ ମଧ୍ୟ ଦିଆଯାଇ ପାରେ । ଦିନକୁ ୨ଥର ଲେଖାଏ ଅଲବୋସାଙ୍ଗ ଖୁଆଇ ରୋଗୀର ଶକ୍ତିକୁ ଅତୁଟ ରଖ । ୧୦୧ ଡ଼ିଗ୍ରିରୁ ଅଧିକ ଉତ୍ତାପ ହେଲେ ମୁଣ୍ଡ ଉପରେ ବରଫ୍ ବ୍ୟାଗ୍ ଥୋଇ କମ୍ବା ଥଣ୍ଡାପାଣି ପଟି ଧରାଇ ମୁଣ୍ଡକୁ ଥଣ୍ଡା ରଖ । ପ୍ରଳାପ ହେଲେ ଭାଇଟାଲ ଏସେନ୍ସ ଦିଅ । ରୋଗୀ ଖୁବ୍ ଦୁର୍ବଳ ହୋଇଗଲେ ସେପଟୋଜର୍ମ ଅଳ୍ପ ମାତ୍ରାରେ ଦିଅ । ପତଳା ଦାସ୍ତ ହେଲେ ସ୍ପରଜେଣ୍ଟ ଓ କ୍ରୋମାଇନ୍ ଦିଅ । ତୃତୀୟ ସପ୍ତାହରେ ଇଭର-କୋ ଦିଅ ।

ରୋଗୀର ଉପଚାର—ରୋଗୀକୁ ବିଛଣାରେ ଶୁଆଇ ରଖ । ଅଳ୍ପେ ଅଳ୍ପେ ତାର କଡ଼ ଲେଉଟାଇ ଦେଉଥିବ ; ତା ନ ହେଲେ ଗୋଟିଏ କଡ଼ ମାଡ଼ ପଡ଼ି ପଡ଼ି ପିଠି, ଛାତି ଓ ବେକ ଦରଜ ହୋଇଯିବ ଏବଂ ଫୁସ ଫୁସ୍ ଫୁଲିଯିବ । ରାତିରେ ଶୋଇଲା ବେଳେ ଏଥିପାଇଁ ଛାତିରେ ଟେକ୍ପି ଅଏଲ ମାଲିସ କରିବା ଉଚିତ । ପ୍ରତି ଦୁଇ ଦୁଇ ଘଣ୍ଟାରେ ଦୁଧ ଖାଇବାକୁ ଦେବ । ଫଳରସ ମଧ୍ୟ ବିନା ଆପତ୍ତିରେ ଦେବ ।

ଲକ୍ଷଣ—ଟାଇଫଏଡ଼ ଜ୍ୱରର ପ୍ରଥମାବସ୍ଥାରେ ହାତ ଗୋଡ଼ ବ୍ୟଥା ହୁଏ, ମୁଣ୍ଡ ବିନ୍ଧେ ଏବଂ ଦୁର୍ବଳତା ଅନୁଭୂତ ହୁଏ । ପ୍ରାୟ ପତଳା ଝାଡ଼ା ହୁଏ ; କିନ୍ତୁ ବେଳେ ବେଳେ କୋଷ୍ଠବଦ୍ଧତା ମଧ୍ୟ ଦେଖାଯାଏ । ପାଞ୍ଚଦିନ ଭିତରେ ଜ୍ୱରର ପ୍ରକୋପ ବଢ଼ି ଦେହର ଉତ୍ତାପ କ୍ରମେ ୧୦୪ ଡ଼ିଗ୍ରି ପର୍ଯ୍ୟନ୍ତ ଉଠେ । ଅନ୍ୟାନ୍ୟ ଜ୍ୱର ପରି ଏ ଜ୍ୱରରେ ନାଡ଼ିର ଗତି ସେତେ ଚଞ୍ଚଳ ହୁଏନା । ଜିଭର ଦୁଇ ଅଂଶ ଲାଲ ହୋଇଯାଏ ଏବଂ ତା ମଝିରେ ଏକ ଧଳା ଗୋଲେଇ ତାକୁ ଘେରିଲା ପରି ଦେଖାଯାଏ ; ତଳପେଟ

Digitized by srujanika@gmail.com

ଫୁଲେ ଏବଂ ନରମ ବୋଧହୁଏ । ସାଧାରଣ ଟାଇଫଏଡ଼ରେ ଜ୍ୱର ଦ୍ୱିତୀୟ ସପ୍ତାହ ପରେ ସାଧାରଣତଃ ଏକ ଅଧଡ଼ିଗ୍ରି ହିସାବରେ କମିବାକୁ ଆରମ୍ଭ କରେ ।

ନିଉମୋନିଆ (Pneumonia)

ଦୁଇ ଦୁଇ ଘଣ୍ଟା ଅନ୍ତରରେ ହେର୍ମୋପିରିନ ଏବଂ ସୋଡ଼ାସାଲିସିଲେଟ୍ କାଲସିଅମ୍ ଦିଅ । ଜ୍ୱରର ଉତ୍ତାପ (Temperature) ଅଧିକ ହୋଇଥିଲେ ସଲଫାଗ୍ୱନିଡ ଦିଅ । ଛାତିରେ, ପିଠିରେ ଓ ପୂର୍ବ ବକ୍ଷସ୍ଥଳ ଉପରେ ଆଗପଟ୍ଟ ଲଗାଇ ଟେମ୍ପି ଅଏଲ ସକାଳେ ଏ ସନ୍ଧ୍ୟାରେ ମାଲିସ କର । ଭଲ ପବନ ଯାଆସ କରୁଥିବା ଘରେ ରୋଗୀକୁ କମ୍ବଳରେ ବିଛଣାରେ ଶୁଆଇ ରଖ । ଜ୍ୱର ଛାଡ଼ି ନଯିବା ଯାଏ ରୋଗୀକୁ ଦୁଧପଥିରେ ରଖ । ନିଶ୍ୱାସ ପ୍ରଶ୍ୱାସ ନେବାରେ ରୋଗୀ କଷ୍ଟ ଅନୁଭବ କଲେ ଏବଂ ନାଡ଼ିର ଗତି ଶିଥିଳ ହୋଇ ଆସିଲେ ଗ୍ଲାଣ୍ଡ-କୋ, ଛାତି ଦରଜ ହେଲେ ଆଇଡୋଫସ, ରୋଗୀ ବକିଲେ ବା ପ୍ରଳାପ କଲେ ଏବଂ ଅସ୍ଥିରତା ଥିଲେ ହ୍ଵଇଟାଲ ଏସେନ୍ସ ଦିଅ ।

ଲକ୍ଷଣ—ନିଉମୋନିଆରେ ରୋଗୀକୁ ପହିଲେ ଭୟଙ୍କର ଶୀତ ଆସି ଜ୍ୱର ହୁଏ । ଦେହର ତାତି ୧୦୩ଡ଼ିଗ୍ରି ଯାଏ ବଢ଼ିଯାଏ । ଛାତିରେ ଏବଂ କେବେ କେବେ ପେଟରେ ଦରଜ ଅନୁଭୂତ ହୁଏ । ନିଶ୍ୱାସ ଖୁବ୍ ଖର ହୁଏ ଏବଂ କଷ୍ଟ ବୋଧହୁଏ । ନାଡ଼ିର ଗତି ଖୁବ ତୀବ୍ର ହୋଇ ଉଠେ । ରୋଗୀର ମୁହଁ ରଙ୍ଗା ପଡ଼ିଯାଏ ଏବଂ ବିଛଣା ଉପରେ ହଠାତ୍ ଉଠି ବସି ପଡ଼େ । କେତେ କେବେ କଷ୍ଟରେ ରୋଗୀ ମଧ କାଶେ, ସାମାନ୍ୟ ଲହୁଅ ଖଙ୍କାର ମଧ ବାହାରେ । ଦେହର ତାତି ବରାବର ଉଞ୍ଚା ରହେ । ରାତିରେ ରୋଗୀ ପ୍ରାୟଶଃ ପ୍ରଳାପ କରେ ।

ଇନ୍‌ଫ୍ଲୁଏଞ୍ଜା—(Influenza)

ଏଥିରେ ସାଧାରଣ ଔଷଧ ହେଉଛି ୪ନମ୍ବର ଔଷଧ । ଦେହର ଢୋଳା ବନ୍ଧା କମାଇବା ପାଇଁ ତା ସହିତ ଫେନୋବାଲସାଇନ ମିଶାଇ ସେବନ କରିପାରେ । ଯଦି ଫୁସ୍‌ଫୁସ୍ ଯାଏ ସର୍ଦ୍ଦି ଲାଗେ, ତେବେ ହେମୋପିରିନ ଖାଅ । ଲଘୁପାକ ଭୋଜନ ପଥ୍ୟ—ତା ସହିତ ଆଲବୋସାଙ୍ଗ । ଆରାମ ନିହାତି ଆବଶ୍ୟକ । ଦେହ ଭଲ ହୋଇଗଲା ପରେ ମଧ ଦୁର୍ବଳତା ରହେ । ତେଣୁ ଜଗିରହି ଚଳିବା ଆବଶ୍ୟକ ।

ଲକ୍ଷଣ—ହଠାତ୍ ରୋଗୀର ମୁଣ୍ଡ ଭିର ବନ୍ଧେ ଏବଂ ହାତ, ଗୋଡ଼ ଓ ପିଠିରେ ଢୋଳା ବନ୍ଧା ହୁଏ । ହଠାତ୍ ଦେହର ତାତି ବଢ଼ିଯାଏ । ରୋଗୀ ଭିର ଅସୁସ୍ଥତା ବୋଧ କରେ, ଅସ୍ଥିର ହୁଏ ଏବଂ କ୍ରମେ ଦୁର୍ବଳ ହୋଇପଡ଼େ । ୩।୪ ଦିନ ପରେ ସାଧାରଣତଃ ଦେହର ତାତି କମେ । କିନ୍ତୁ ହାତ ଗୋଡ଼ର ଢୋଳା ବନ୍ଧା ଚିତ୍ତ୍ଏ ପରେ କମେ । ମୁଣ୍ଡରେ ଥଣ୍ଡା ଲାଗି ସର୍ଦ୍ଦି ଧରିଥିଲେ ଇନଫ୍ଲୁଏନ୍‌ଜା ଚିକିତ୍ସା ପଦ୍ଧ

Digitized by srujanika@gmail.com

ଚିକିତ୍ସା କରିବ । କପାଳରେ ବାମ୍ ମାଲିସ କଲେ ମୁଣ୍ଡବିନ୍ଧା କମିଯାଏ । ଘଦ ହେବାର ଅଶଙ୍କା ଦେଖାଗଲେ ନାକପୁଡାରେ କିଛି ବାମ୍ ଭର୍ତ୍ତିକରି ଦିଅ । ତା ହେଲେ ସଦ ଅଦୌ ଧରିବ ନାହିଁ ।

ନାସିକା ରୋଗ—

ନାକରେ ଦିନକୁ ୨।୩ ଥର ଡ: ଓ: ୫ ର ୩।୪ ବୁନ୍ଦା ପକାଇଲେ ଅନେକ ରୋଗୀ ନାକ-ଅପରେସନରୁ ରକ୍ଷା ପାଇଥାନ୍ତି । ୨୫ ବର୍ଷ ବୟସର ଜଣେ ଯୁବକ କ୍ରମାଗତ ୨ ମାସ କାଳ ନାକରୋଗ ଓ ସର୍ଦ୍ଦି କାଶରେ କଷ୍ଟ ପାଉଥିଲା । ସ୍ୱତେ ଅବସ୍ଥା ଅତି ଖରାପ ହୁଏ ଏବଂ ରୋଗୀ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରେ । ଡାକ୍ତରମାନେ ରୋଗୀର ଏ ଅବସ୍ଥା ଦେଖି କହିଲେ—ବିନା ଅପରେଶନରେ ଭଲ ହେବ ନାହିଁ । ଆମେ କିନ୍ତୁ ତାକୁ ଡ: ଓ: ୫ ବ୍ୟବହାର କରିବାକୁ ବ୍ୟବସ୍ଥା ଦେଲୁ । ତିନି ଦିନ ପରେ ସେ ଆସି ଆମକୁ କହିଲା—ମୁଁ ପୁରାପୁରି ଭଲ ହୋଇ ଗଲିଣି । ଏହିଭଳି ଅନେକ ରୋଗୀ ଆସି ଆମକୁ କହିଛନ୍ତି । ନାକ ରୋଗ (Adenoid) ଆଦିରେ ସବୁବେଳେ ଡ: ଓ: ୫ ବ୍ୟବହାର କର । ପେଟକୁ ଖାଇବା ଔଷଧ ହେଉଛି କ୍ରୋମାଇନ । ଏହାକୁ ସେବନ କଲେ ତାର ସିଧାସଳଖ ପ୍ରଭାବ ନାକ ଉପରେ ପଡ଼େ । ଛିଙ୍କ ବେଶି ହେଉଥିଲେ ଅର୍ଜ୍ଜିଲହିର୍ଡ଼ସ ଦିଅ । ନାକ ଏବଂ ଗଳା ରୋଗରେ ୪ ନମ୍ବର ଔଷଧ ଭଲ କାମ ଦେଖାଏ ।

ନେତ୍ର ରୋଗ—

ସ୍ୱସଜେଣ୍ଟର ଗୁଣ ଓ ପ୍ରୟୋଗ ବିଧି ଦେଖ । ଆଖିରେ ରକ୍ତ ଜମି ଲାଲ ହୋଇଥିଲେ ସୁଗନ୍ଧା ସଲଫସ୍ ବ୍ୟବହାର କର । ପୀଡ଼ା ବେଶୀ ଥିଲେ ଇନଅମେକୋ ହାଲୁକା ମାତ୍ରାରେ ଅଳ୍ପ ଅଳ୍ପ ବ୍ୟବଧାନରେ ଦିଅ । ଫେନୋକାଲସାଇନ ଦେଲେ ବି ଚଳେ । ସିଦ୍ଧଜଳରେ କିମ୍ବା ଓଫ୍ଟିଲ୍‌ମିଡ଼ ଜଳରେ ସ୍ୱସଜେଣ୍ଟ ଗୋଳାଇ ଆଖିରେ ପକାଇଲେ କିଛିଦିନ ପାଇଁ ଆଖି ଭଲ ରହେ । ନେତ୍ରରୋଗ ପାଇଁ ଅଇଡ଼ୋଫସ୍ ଖାଇଲେ ମଧ୍ୟ ଭଲ ଫଳ ମିଳେ । ୩ମାସରୁ ୧୦ମାସ ଯାଏ ସ୍ୱସଜେଣ୍ଟ ଆଖିରେ ପକାଇଲେ ମୋତିଆବିନ୍ଦୁ ପର୍ଯ୍ୟନ୍ତ ଭଲ ହୋଇଯାଏ ।

ମୋତିଆ ବିନ୍ଦୁର ଲକ୍ଷଣ—ଦୃଷ୍ଟି ଶକ୍ତି କ୍ଷୀଣ ହୋଇ ଆସେ, କାରଣ ଚକ୍ଷୁ ତାରକା ଅସ୍ୱଚ୍ଛ ହୋଇ ଆସେ । ଖୁବ୍ ଉଜ୍ଜ୍ୱଳ ଜିନିଷ ଆଖିକୁ ଝଲସାଇ ଦିଏ । ଏହି ରୋଗ ବୃଦ୍ଧଲୋକମାନଙ୍କଠାରେ ହୋଇଥାଏ ।

ପକ୍ଷାଘାତ (Paralysis)—

ଏ ରୋଗର ମୁଖ୍ୟ ଔଷଧ ହେଉଛି ଅସ୍ୟୋବିନ, ଅର୍ଜ୍ଜିଲ ହିର୍ଡ଼ସ ଓ ଭାଇଟାଲ ଏସେନ୍‌ସ । ଟିକିଏ ବୁଦ୍ଧି ଖର୍ଚ୍ଚ କରି ଏହିସବୁ ଔଷଧ ପ୍ରୟୋଗ କଲେ ପକ୍ଷାଘାତ

Digitized by srujanika@gmail.com

ଭଲ ହୋଇଯାଏ । ସଲଫାସନର ସହଯୋଗରେ ଅନ୍ୟ ଔଷଧର କ୍ରିୟାଶକ୍ତି ବୃଦ୍ଧିପାଏ । ଦେହର ଶକ୍ତି ଓ ସାମର୍ଥ୍ୟ ବଢ଼ାଇବା ପାଇଁ ଅଲ୍‌ବୋସାଙ୍କ ଦିଅ । ୨.୩ ଗୁଣ ନଡ଼ିଆ ତେଲ କିମ୍ବା ଅନ୍ୟ କୌଣସି ତେଲ ସଙ୍ଗେ ଚେଷ୍ଟ ଅଏଲ ମିଶାଇ ଚାନ୍ଦ'ରେ ମାଲିସ କର । ଯଦି ପୀଡ଼ା ଥାଏ, ତେବେ ହର୍ମୋପିରିନ୍ କିମ୍ବା ଫେନୋ-ବାଲସାଇନ ଦିଅ । କୋଷ୍ଠବଦ୍ଧତା ଓ ମାନସିକ ଉଦ୍‌ବେଗ ରୋଗୀଠାରେ ଯେପରି ଦେଖା ନ ଯାଏ, ତା ଉପରେ କଡ଼ା ନଜର ରଖ । ଦୈନିକ ନର୍ଭୋଲ ମାଲିସ କରିବା ପକ୍ଷାଘାତ ରୋଗ ପକ୍ଷରେ ପରମ ଉପକାରୀ । ଚମର ଛିଦ୍ର ବାଟେ ଦେଇ ନର୍ଭୋଲ ରୋଗୀର ଦେହ ଭିତରକୁ ଭେଦେ ଏବଂ ତାର ସ୍ନାୟୁମଣ୍ଡଳୀକୁ ବଳଶାଳୀ କରେ ।

ପାଇଓରିଆ (Pyorrhoea)—

ଏହି ରୋଗରେ ଦାନ୍ତ ଓ ତାମୂଳ ମାଢ଼ିର ଯୋଡ଼ଯାଗା ଫୁଲିଯାଏ । ମାଢ଼ି କ୍ରମେ ଢାଳ ହୋଇ ଭିତରକୁ ପଶିଯାଏ ଓ ଦାନ୍ତମୂଳ ଦୁର୍ବଳ ହୋଇ ଯାଏ ମାଢ଼ି ଯତ୍ନ ପାଇ ଅସିବାରୁ ଦାନ୍ତମୂଳ ମଧ୍ୟ କ୍ରମେ ଦେଖାଯାଏ ଓ ଦାନ୍ତ ହଲେ । ମୁହଁରୁ ଦୁର୍ଗନ୍ଧ ବାହାରେ । ଦାନ୍ତ ଦୁର୍ବଳ ହୋଇ ହଲିଯିବା ଫଳରେ ପାଇଓରିଆ ରୋଗରେ ଖାଇବା ଜିନିଷ ଭଲ ଭାବରେ ଚୋବାଇ ହୁଏ ନାହିଁ ଏବଂ ଉଦର ଓ ଅନ୍ତ୍ରରେ ନାନା ରୋଗର ସୂତ୍ରପାତ ହୁଏ । ଖାଦ୍ୟ ସଙ୍ଗେ ଦାନ୍ତମୂଳର ପୂଜ ମଧ୍ୟ ପେଟ ଭିତରକୁ ଚାଲିଯାଏ ଏବଂ ସ୍ୱାସ୍ଥ୍ୟ ନଷ୍ଟ କରେ ।

ମେଡ଼ିକେଟେଡ ଟୁଥ୍ ପାଉଡ଼ର ପାଇଓରିଆକୁ ରୋକିବା ସଙ୍ଗେ ସଙ୍ଗେ ଭଲ ଠିକ୍ କରିଦିଏ । ସକାଳେ ଓ ରାତିରେ ଶୋଇଲା ବେଳେ ଏହାକୁ ଦାନ୍ତ ମୂଳେ ଘଷ । ମାଢ଼ି ଯଦି ବିଶେଷ ଭାବରେ ଫୁଲିଥାଏ, ତା ହେଲେ ପ୍ରତିଥର ଖାଇ ସାରିଲା ପରେ ବି ଏପରି ଘଷିଲେ ଭଲ ଫଳ ମିଳେ । ଓ: ଓ: ୪ ପାଇଓରିଆର ଅତି ଏକ ଭଲ ଔଷଧ । ରୋଗ ଖୁବ୍ ମାଡ଼ିଯାଇଥିଲେ ଏବଂ ମାଢ଼ି ଓ ଦାନ୍ତର ଅବସ୍ଥା ନିହାତି ଖରାପ ହୋଇଥିଲେ ରୋଗଗ୍ରସ୍ତ ଦାନ୍ତ ଓପାଡ଼ିବାକୁ ମଧ୍ୟ ହୁଏ । ଏହି ସବୁ ଚିକିତ୍ସା ସଙ୍ଗେ ପାଚନ କ୍ରିୟା ଓ ସାଧାରଣ ସ୍ୱାସ୍ଥ୍ୟ ଉପରେ ଠିକ୍ ଦୃଷ୍ଟି ରଖିବାକୁ ହେବ ।

ପ୍ଲେଗ (Plague)–

ପ୍ରତି ଘଣ୍ଟାଏ କିମ୍ବା ଦୁଇ ଦୁଇ ଘଣ୍ଟା ଅନ୍ତରରେ ଅଟ୍‌ସଲ୍‌ଟ ଓ ସଲଫାସନ ସମାନ ଭାଗରେ ମିଶାଇ ଦିଅ । ରୋଗୀର ଶକ୍ତି ଅତୁଟ ରଖିବା ପାଇଁ ଦୁଧ ସଙ୍ଗେ ଅଲବୋସାଙ୍କ ମିଶାଇ ଖୁଆଅ । ଗ୍ରନ୍ଥି ଫୁଲିଥିଲେ ସେହିସବୁ ଫୁଲାକୁ ସେକ ଏବଂ ତା ଉପରେ ବାମ ମାଲିସ କର । ସେହି ଫୁଲାଗୁଡ଼ିକ ଯଦି ପାଚେ, ତେବେ ତାକୁ ଚିରି ମୁହଁ କରିଦିଅ । ପ୍ଲେଗରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକ ରୂପେ ପ୍ରତି ସପ୍ତାହରେ ୨.୩ ଥର ରାତିରେ ଶୋଇଲା ବେଳେ ଅଟ୍‌ସଲ୍‌ଟ ଖାଅ ।

Digitized by srujanika@gmail.com

ଲକ୍ଷଣ—ପ୍ଲେଗ ରୋଗଟା ହଠାତ୍ ଧରେ । ଖୁବ ଜୋରରେ ମୁଣ୍ଡ ବିନ୍ଧେ ଓ ଦରଜ ହୁଏ, ମୁଣ୍ଡ ବୁଲାଏ, କମ୍ପ ଆସେ, ଜ୍ୱର ହୁଏ ଏବଂ ନାଡ଼ିର ଗତି ଚଞ୍ଚଳ ହୁଏ । ଚାଲିଲା ବେଳେ ରୋଗୀର ଗୋଡ଼ ଲଡ଼ବଡ଼ ହୋଇପଡ଼େ ଏବଂ କଥା ମଧ୍ୟ ମୁହଁରୁ ଠିକ ଭବରେ ବାହାରେ ନା । ରୋଗୀ ବେଳେ ବେଳେ ମୂର୍ଚ୍ଛିତ ହୋଇପଡ଼େ ଏବଂ ପ୍ରଲାପ ମଧ୍ୟ କରେ । ଦେହର ଭିନ୍ନ ଭିନ୍ନ ସ୍ଥାନରେ ଗ୍ରନ୍ଥିମାନ ଫୁଲିଯାଏ ଏବଂ ପାଚେ ।

ପୀଡ଼ା ଓ ଶୂଳ (Colic)—

ଏହାକୁ ଇଂରେଜୀରେ କଲିକ କହନ୍ତି । ଏଥିରେ ଅନ୍ତ୍ର, ଯକୃତ ବା ମୂତ୍ରନଳୀ ଆଦିରେ କୌଣସି କାରଣରୁ ହଠାତ୍ ଭୟଙ୍କର ଶୂଳ ମାରିବା ଆରମ୍ଭ ହୋଇଯାଏ । ଅନୁପଯୁକ୍ତ ଖାଦ୍ୟ ଖାଇଲେ କିମ୍ବା ଅଧିକ ପରିମାଣରେ ଜୁଲାପ ନେଲେ ଅନ୍ତ୍ରରେ ଶୂଳ ଦେଖାଦିଏ । ମୂତ୍ରକୋଷ ଶୂଳ [Renal Colic]ରେ ପଥର ମୂତ୍ରକୋଷରୁ ବାହାରି ମୂତ୍ରନଳୀ ବାଟେ ଯେତେବେଳେ ମୂତ୍ରାଶୟରେ ପହଞ୍ଚେ, ସେତେବେଳେ ଭୟଙ୍କର ବେଦନା ହୁଏ । ପେଟ ଭିତରେ ପୀଡ଼ା ବା ଦରଜ ହେଲେ ଖୁବ ସାବଧାନ ହୋଇ ତାର ଚିକିତ୍ସା କରିବା ଉଚିତ ।

୩ ଗ୍ରେନ୍ ଲେଖାଏ ଭାଇଟାଲ ଏସେନ୍ସ ଓ ଚିନାମୁମକୋ ଗରମ ପାଣିରେ ଗୋଳାଇ ରୋଗୀର ଆବଶ୍ୟକତାକୁ ଅନାଇ ତିନି ତିନି ଘଣ୍ଟା ଅନ୍ତରରେ ଦିଅ । ରୋଗୀକୁ ବିଛଣାରେ ଶୁଆଇ ରଖି ବିଶ୍ରାମ ଦିଅ ଏବଂ ଶୂଳ ହେଉଥିବା ସ୍ଥାନକୁ ଗରମ ରଖିବାକୁ ଦରଜ ସ୍ଥାନରେ ସେକ ଦିଅ । କେଉଁ କାରଣରୁ ପୀଡ଼ା ହେଉଛି, ତାର ମୂଳ ଠିକ କରି ତଦନୁସାରେ ଚିକିତ୍ସା କର ।

ପୁରୁଷ ରୋଗ (Male Complaints)—

ଏ ପ୍ରସଙ୍ଗରେ ରତିଜ ରୋଗର ଯାହା ଲେଖାଯାଇଛି, ସେ ସବୁ ମଧ୍ୟ ପଢ଼ । ଅଣ୍ଡକୋଷ ଛେଚି ହୋଇଗଲେ ଦିନକୁ ଦୁଇଥର ଲେଖାଏଁ ଅସ୍ୟୋବନ ଓ ଫକ୍ଟୋଲାଇମ ଦିଅ । ଅଣ୍ଡକୋଷ ବୃଦ୍ଧି ପାଉଥିଲେ, ସକାଳ ଓ ସନ୍ଧ୍ୟାରେ ସୁବାଙ୍ଗ ସଲଫର ଏବଂ ଦୁଇପହରେ ଓ ରାତିରେ ଅରୋରାଟିନମ ଦିଅ । ଅଣ୍ଡକୋଷ ଦରଜ ହେଲେ ଅରୋରାଟିନମ ଉପକାରୀ । ଅଣ୍ଡକୋଷ କଠିନ ହୋଇଆସିଲେ ସକାଳ ଓ ସନ୍ଧ୍ୟାରେ ଅରୋରାଟିନମ ୨ ଗ୍ରେନ୍ ଲେଖାଏଁ ଏବଂ ଖାଇବାର ଅଧଘଣ୍ଟା କି ଘଣ୍ଟାକ ଆଗରୁ କାଲକେରିଆ ଫ୍ଲୋରିକା (ବାୟୋ-କେମିକ—3x) ଦୁଇ ପହରେ ଓ ରାତିରେ ଶୋଇଲା ବେଳେ ୫ ଗ୍ରେନ୍ ଲେଖାଏଁ ସେବନ କର । ପ୍ରୋଷ୍ଟେଟ ଗ୍ରନ୍ଥିର ରୋଗ ହେଲେ ପ୍ରୋଷ୍ଟେଟ-କୋ ଦିଅ ।

ସ୍ୱପ୍ନଦୋଷ (Night emission)—

ରାତିରେ ସ୍ୱପ୍ନ-ଦୋଷ ଘଟିଲେ ଅନେକେ ଅତି ବେଶି ଉଦବିଗ୍ନ ହୋଇ ପଡ଼ନ୍ତି । ସପ୍ତାହରେ ଥରେ ଅଧେ ଯଦି ଶୋଇଥିଲା ବେଳେ ବୀର୍ଯ୍ୟ ସ୍ଖଳିତ ହୁଏ,

Digitized by srujanika@gmail.com

ତେବେ ତହିଁରେ ବିଶେଷ ଚିନ୍ତିତ ହେବା ଅନାବଶ୍ୟକ । ଏହା ପ୍ରକୃତିର ଉଚିତ ରକ୍ଷା ବିଧାନ । କିନ୍ତୁ ଯେଉଁ ପୁରୁଷ ବର୍ଷ ବର୍ଷ ଧରି ହସ୍ତମୈଥୁନ କରି ସ୍ୱାସ୍ଥ୍ୟକୁ ନଷ୍ଟ କରିଛି, ତା ପକ୍ଷରେ ରାତିର ଏପରି ବୀର୍ଯ୍ୟସ୍ଖଳନ ବା ସ୍ୱପ୍ନଦୋଷ ପ୍ରକୃତରେ ଗୋଟିଏ ରୋଗ । ତଥାପି ଏଭଳି ରୋଗୀର ମଧ୍ୟ ନିରାଶ ହେବାର କୌଣସି କାରଣ ନାହିଁ । ପ୍ରଥମେ ହସ୍ତମୈଥୁନ ଅଭ୍ୟାସ ଛାଡ଼ିଦେବାକୁ ହେବ । ଦ୍ୱିତୀୟରେ ନିଜର ଏହି ଭୁଲକୁ ମନରୁ ପୋଛି ପକାଇବାକୁ ହେବ ଓ ତୃତୀୟରେ ମନରେ ଉଚ୍ଚ ଚିନ୍ତାକୁ ସ୍ଥାନ ଦେଇ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ଆଶା ବାନ୍ଧିବାକୁ ହେବ । ଚିକିତ୍ସା ପାଇଁ ସକାଳେ ଦିନକୁ ଥରେ ହିସାବରେ ଅଲବୋସାଙ୍ଗ ଏବଂ ରାତିରେ ଶୋଇଲା ବେଳେ ଅଳ୍ପ ମାତ୍ରାରେ ଓ: ଏସ: ଏସ. ଖାଅ । ଅନ୍ୟ କୌଣସି ଔଷଧର ଆବଶ୍ୟକତା ପଡ଼ିବ ନାହିଁ । ତେବେ ଯଦି କୋଷ୍ଠବଦ୍ଧତା ଥାଏ ତେବେ ତାକୁ ଦୂର କରିବାପାଇଁ ସ୍ପୋଲ୍‌ଜିସ ବ୍ୟବହାର କରିବାକୁ ହେବ । ଯେଉଁମାନେ ମାନସିକ ପରିଶ୍ରମ କରନ୍ତି, ସେମାନେ ନିଜ ନିଜର ସ୍ନାୟୁମଣ୍ଡଳର ସହାୟତା ପାଇଁ ଭାଇଟାଲ ଏସେନ୍‌ସ୍ ସେବନ କରିବା ଆବଶ୍ୟକ । ଯଦି ବୀର୍ଯ୍ୟସ୍ଖଳନ ଘନ ଘନ ହେଉଥାଏ, ତେବେ ଖିଆ ପିଆରେ ସାବଧାନ ରହି ନିମ୍ନଲିଖିତମତେ ଔଷଧ ବ୍ୟବହାର କର—ଭାଇଟାଲ ଏସେନସ୍, ଫ୍ରକ୍ଟୋକାଇମ, ଆଇଡ୍ରୋଫସ—ପ୍ରତ୍ୟେକରୁ ଚଉଠ ଗ୍ରେନ୍ ଏକାଠି ମିଶାଇ ଦିନକୁ ଦୁଇଥର ଦିଅ ଏବଂ ତା ସାଙ୍ଗକୁ ରାତିରେ ଶୋଇଲା ବେଳେ ଅର୍ଦ୍ଧଗ୍ରେନ ଓ: ଏସ: ଏସ: ମଧ୍ୟ ଦିଅ । ଯେଉଁମାନଙ୍କ ପରିସ୍ରାରେ ଫସଫେଟ୍ ପଡ଼େ, ଅର୍ଥାତ୍ ଯେଉଁମାନଙ୍କ ପରିସ୍ରା ଶୁଖିଗଲା ପରେ ଭୂଇଁରେ ଧଳା ଜିନିଷ କିଛି ଜମିଯିବାର ଦେଖାଯାଏ ଏବଂ ସେହି କାରଣରୁ ଯେଉଁମାନଙ୍କ ଶରୀର କ୍ରମେ ଶୁଖି କୃଶ ଓ ଦୁର୍ବଳ ହୋଇଆସେ ସେମାନଙ୍କ ପକ୍ଷରେ ମଧ୍ୟ ଏହି ଉଲ୍ଲିଖିତ ଔଷଧ ଫଳଦାୟକ ଅଟେ । ଏହି ୩ଟା ଔଷଧକୁ ମିଶାଇ ଅଚ୍ଛା କରି ପେଷି ତହିଁରୁ ଏକ ଗ୍ରେନ କିମ୍ବା ୨ଗ୍ରେନ ହିସାବରେ ଦିନକୁ ୨ଥର ଖିଆଯାଇ ପାରେ । ଅତ୍ୟଧିକ ସ୍ୱପ୍ନଦୋଷ ବା ପ୍ରମେହ ହେତୁ ପୁରୁଷର କାମଶକ୍ତି କ୍ଷୀଣ ହୋଇ ଆସିଲେ ଅଳ୍ପ ଅଳ୍ପ ମାତ୍ରାରେ ସେପ୍ଟିନ ମଧ୍ୟ ସେବନ କରାଯାଇପାରେ ।

ନପୁଂସକତା ଓ କାମଶକ୍ତିର ହ୍ରାସ

(Sexual Insufficiency or Impotence)

ଶାରୀରିକ ଦୁର୍ବଳତା, ସ୍ନାୟୁବିକ ଦୁର୍ବଳତା ଏବଂ ମାନସିକ ଅବସ୍ଥା ହେତୁ କାମଶକ୍ତିର ହ୍ରାସ ଘଟିଥାଏ । ଶରୀର ସୁସ୍ଥ ସବଳ ହୋଇ ଆସିଲେ କାମ ଶକ୍ତି ଆପଣା ଛାଏଁ ସବଳ ହୋଇ ଆସିବ ଏବଂ ସ୍ୱତନ୍ତ୍ର ଭାବରେ ଅନ୍ୟ କୌଣସି ପ୍ରକାର ସାହାଯ୍ୟ ଆବଶ୍ୟକ ହେବ ନାହିଁ । କେବଳ ଶାରୀରିକ ଦୁର୍ବଳତା ହେତୁ ଯଦି କାମଶକ୍ତିର କ୍ଷୀଣତା ବା ନପୁଂସକତା ଆସିଥାଏ, ତେବେ ଉତ୍ତମ ସ୍ୱାସ୍ଥ୍ୟ ଲାଭ ପାଇଁ ଚେଷ୍ଟା କରିବା ଉଚିତ । ସ୍ନାୟୁ ଶକ୍ତିର ସବଳତା ଅନେକ କାରଣ ଉପରେ ବିଶେଷତଃ ମାନସିକ

Digitized by srujanika@gmail.com

ଶକ୍ତି ଉପରେ ନିର୍ଭର କରେ । ମନହିଁ ସ୍ନାୟୁମଣ୍ଡଳୀକୁ କମ୍ପିତ କରେ । ତେଣୁ ମାନସିକ ଶକ୍ତି ସବଳ ହେଲେ ସ୍ନାୟୁଶକ୍ତି ସ୍ୱତଃ ସବଳ ହୁଏ । କିନ୍ତୁ ମାନସିକ ଶକ୍ତି ଯଦି ଦୁର୍ବଳ ହୋଇ ପଡ଼େ, ତେବେ ବଡ଼ ଅସୁବିଧା ଘଟେ । ତେଣୁ ଏଠାରେ ପ୍ରଥମେ ଆମେ ଏହି ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆଲୋଚନା କରିବୁ ।

ଜୀବନର ଉଦ୍ଦେଶ୍ୟକୁ ଆମେ ଯେ ଭାବରେ ବୁଝୁଁ, ତାରି ଉପରେ ଆମ ମନର ଭଲମନ୍ଦ ପୁରାପୁରି ନିର୍ଭର କରେ । ପୁଣି ଜୀବନଟାକୁ ଯେ ଭାବରେ ବୁଝୁଁ, ତା ସହିତ ମୈଥୁନ ପ୍ରବୃତ୍ତିର ସଂପର୍କ ଅତି ନିବିଡ଼ । ଏହି ମୈଥୁନ ପ୍ରବୃତ୍ତି ଟିକି ପଶୁଙ୍କ ପରି ମନୁଷ୍ୟର ଏକ ସହଜାତ ପ୍ରବୃତ୍ତି । ତାର ଉଦ୍ଦେଶ୍ୟ ହେଉଛି, ସନ୍ତାନ ଉତ୍ପାଦନ କରିବା । ଏହି ସନ୍ତାନୋତ୍ପାଦନ ପାଇଁ ତାକୁ ବୈବାହିକ ଜୀବନ ଯାପନ କରିବାକୁ ହୁଏ । ବିବାହ ନ କରି ମୈଥୁନ ପ୍ରବୃତ୍ତିକୁ ଚରିତାର୍ଥ କରିବା ଯେପରି ଅନୁଚିତ ସେହିପରି ଅନୈତିକ ଏବଂ ଅସଭ୍ୟତା । ଯେ ପର୍ଯ୍ୟନ୍ତ ମନୁଷ୍ୟ ଗୁରୁତର ଭାବରେ ଏହି ସତ୍ୟଟିକୁ ଅନୁଭବ ନ କରିଛି, ସେ ପର୍ଯ୍ୟନ୍ତ ନର ଓ ନାରୀର ଜୀବନ ପଥ ସରଳ ହୋଇ ନ ପାରେ । ନୈତିକ ଶିକ୍ଷା ବିନା ଜୀବନର ଏ ସତ୍ୟ ଅନୁଭବ କରିବା ସହଜ ନୁହେଁ । ତେଣୁ ମାନବ ଶିଶୁର ଭଲମନ୍ଦ ଜ୍ଞାନ ଜାତ ହେବା ଦିନଠାରୁ ଏହି ସଦାଚାର ବା ନୈତିକ ଶିକ୍ଷା ତା ପକ୍ଷରେ ଏକାନ୍ତ ପ୍ରୟୋଜନୀୟ । ବାଲ୍ୟାବସ୍ଥାରୁ କଣ ଭଲ ଓ କଣ ମନ୍ଦ, କଣ ଉଚିତ ଓ କଣ ଅନୁଚିତ, ଏହି ଜ୍ଞାନ ତାର ଆସିବା ସଙ୍ଗେ ସଙ୍ଗେ ତାର ଏହି ନୈତିକ ଶିକ୍ଷା ଆରମ୍ଭ ହେବା ଉଚିତ । ଏହି ଶିକ୍ଷାର ଅଭାବରେ ମଣିଷଠାରେ କାମ ପ୍ରବୃତ୍ତି ଏତେ ପ୍ରବଳ ହୋଇଅଛି ଏବଂ ତା ଫଳରେ ସେ ଏତେ ଦୁଃଖକଷ୍ଟ ଭୋଗ କରୁଅଛି ।

ଅଧିକ ଏବଂ ଅପ୍ରାକୃତିକ ମୈଥୁନ ଯୋଗେ ମଣିଷ କେବଳ ଯେ ନପୁଂସକ ପାଲଟି ଯାଏ ତା ନୁହେଁ, ପରନ୍ତୁ ତା ଶରୀରର ସମସ୍ତ ସ୍ନାୟୁଜାଲ ନଷ୍ଟ ଭ୍ରଷ୍ଟ ହୋଇଯାଏ ଏବଂ ତାର ମାନସିକ ଶକ୍ତି ମଧ୍ୟ କ୍ଷୀଣ ଓ ଦୁର୍ବଳ ହୋଇଥାଏ । ଏହାର ପ୍ରଥମ ଚିକିତ୍ସା ହେଉଛି ଅତି ମୈଥୁନ ଓ ଅପ୍ରାକୃତିକ ମୈଥୁନକୁ ବନ୍ଦ କରିବା । ଦ୍ୱିତୀୟ ଚିକିତ୍ସା ହେଉଛି ମନକୁ ଦୃଢ଼କରି ଇଚ୍ଛା ଶକ୍ତିର ଶାଣବଢ଼ାଇବା । ଏହା ଫଳରେ ଜୀବନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ କଣ, ଆମେ ବୁଝିପାରି ତଦନୁସାରେ ଅଗ୍ରସର ହେବା । ଏହି ଦୁଇଟି କଥା ହେଉଛି ଅସଲ କଥା । ପହିଲେ ଏ ଦୁଇଟି କଥାକୁ ହାସଲ ନ କରି ଅନ୍ୟ ଉପାୟରେ ମାତିଲେ ଯେଉଁ ଫଳ ମିଳିବ, ତାହା ଯେତେ ଭଲ ହେଲେ ମଧ୍ୟ ସ୍ଥାୟୀ ହୋଇ ରହିବ ନାହିଁ ।

ଯେଉଁ ଚିକିତ୍ସକମାନେ ଏହି ବିଷୟରେ ଗଭୀର ଆଲୋଚନା କରିଅଛନ୍ତି, ସେମାନେ କହନ୍ତି, କେବଳ ଅତ୍ୟଧିକ ମୈଥୁନ ଯେ ହାନିକାରକ, ତା ନୁହେଁ,

Digitized by srujanika@gmail.com

ଯେ ସମ୍ପର୍କୀୟ ଚିନ୍ତା ମଧ୍ୟ ତାହାଠାରୁ ଅଧିକ ହାନିକର । ଯେଉଁମାନେ ଦୁର୍ବଳ, ସେମାନଙ୍କର କାମବାସନା ମନ ଭିତରେ ହିଁ ଉଠେ ଏବଂ ସେହି ମନେ ମନେ ହିଁ ତାଙ୍କର ସେ ବାସନା ଚରିତାର୍ଥ ହୁଏ, ସେମାନଙ୍କ ଶରୀର ସିନା ମୈଥୁନ ପାଇଁ ଅସମର୍ଥ; କିନ୍ତୁ ମନ ମୈଥୁନର ଆନନ୍ଦରେ ବୁଡ଼ି ସୁଖଭୋଗ କରେ । ଏହିଭଳି ଲୋକେ ବୀର୍ଯ୍ୟବର୍ଦ୍ଧକ ପୁଷ୍ଟିକାରକ ଔଷଧ ଖୋଜି ବୁଲନ୍ତି ଏବଂ ମନେ କରନ୍ତି ଯେ, ସେହିସବୁ ଔଷଧର ସହାୟତାରେ ସେମାନେ ଶରୀରକୁ ମନ ସଙ୍ଗେ ଅନୁକୂଳ ଆଚରଣ କରିବାକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ପାରିବେ । ମନୁଷ୍ୟର ପ୍ରାକୃତିକ ମୈଥୁନେଚ୍ଛା ପୂରଣ କଲେ କୌଣସି ଅନିଷ୍ଟ ଘଟେ ନା, ବରଂ ସ୍ତ୍ରୀ ଓ ପୁରୁଷ ଉଭୟଙ୍କର ସେଭଳି ବାସନା ପୂର୍ତ୍ତିରେ ହିତ ସାଧିତ ହୁଏ । କିନ୍ତୁ ଏହି ଯେଉଁ ମାନସିକ ମୈଥୁନ, ତାହା ଉଭୟଙ୍କର ହାନିକର । ତାକୁ ସଂଶୋଧନ ନକଲେ ସମସ୍ତ ଚିକିତ୍ସା ବ୍ୟର୍ଥ ହୁଏ । ନପୁଂସକତା ବା ଇନ୍ଦ୍ରିୟ ଶୈଥିଲ୍ୟ ପ୍ରକୃତି ଓ ବିଜ୍ଞାନର ସହାୟତାରେ ହିଁ ଦୂର କରିଯାଇ ପାରେ; ଅନ୍ୟଥା ନୁହେଁ ।

ଏହି ମାନସିକ ମୈଥୁନ ପ୍ରବୃତ୍ତି ଦୂର କରିବା ପାଇଁ ସଦାଚାର ଓ ନୈତିକ ଶିକ୍ଷା ଅବଶ୍ୟ ପ୍ରଥମ ଚିକିତ୍ସା । ତଥାପି ତା ସଙ୍ଗେ ସଙ୍ଗେ ଔଷଧ ସେବନ କରିବାର ଆବଶ୍ୟକତା ମଧ୍ୟ ଅଛି । ଭୋଗ ବିଳାସ ସମ୍ବନ୍ଧରେ ସବୁବେଳେ ଆଲୋଚନା ବା ଚିନ୍ତା କଲେ ବା ସେହି ସମ୍ପର୍କୀୟ ଦୃଶ୍ୟ ଦେଖିବା ବା ସାହିତ୍ୟ ପଢ଼ିବାରେ ବୁଡ଼ି ରହିଲେ ତହିଁରୁ ଗୋଟାଏ ନୈତିକ ଦୁର୍ବଳତା ଉପୁଜି ଶେଷରେ ତାହା ଗୋଟାଏ ରୋଗରେ ପରିଣତ ହୋଇଯାଏ ।

ସେଭଳି ଅବସ୍ଥାରେ ମସ୍ତିଷ୍କ ଓ ସ୍ନାୟୁମଣ୍ଡଳୀରେ ଯେଉଁ ଉଦ୍‌ବେଗ ଓ ଉତ୍ତେଜନା ଆସେ, ତାକୁ ଶାନ୍ତ କରିବା ନିହାତି ଆବଶ୍ୟକ ହୋଇ ଉଠେ । କିନ୍ତୁ ଏହି ଅବସ୍ଥାରେ ଲୋକେ ଅତି ଶଙ୍କିତ ହୋଇପଡ଼ି ବୀର୍ଯ୍ୟବର୍ଦ୍ଧକ, ପୁଷ୍ଟିକାରକ ଓ ଉତ୍ତେଜକ ଔଷଧମାନ ଖୋଜି ଲୋଡ଼ି ସେବନ କରିବାକୁ ମନ ବଳାଇଥାନ୍ତି । ଏହାଠାରୁ ବଳି ବଡ଼ ଭୁଲ ସେମାନଙ୍କ ପକ୍ଷରେ ଆଉ କିଛି ନାହିଁ । ପ୍ରଥମେ ଏହି ଭୁଲ ହାତରୁ ନିଜକୁ ରକ୍ଷା କରିବାକୁ ହେବ । ତା ପରେ ନିଜର ପୁରୁଣା କୁଅଭ୍ୟାସମାନ ଛାଡ଼ି ସୁମାର୍ଗରେ ଜୀବନକୁ ଚଳାଇବା ପାଇଁ ବ୍ରତ ଗ୍ରହଣ କରିବାକୁ ହେବ । ନଷ୍ଟ ସ୍ୱାସ୍ଥ୍ୟ ଫେରିପାଇବା ପାଇଁ ଏହା ହେଉଛି ପ୍ରଥମ କର୍ତ୍ତବ୍ୟ । ତା ପରେ ପ୍ରାକୃତିକ ଭାବରେ ବିଜ୍ଞାନର ନିୟମକୁ ମାନି ଜୀବନ ଯାପନ କଲେ ଧୀରେ ଧୀରେ କିନ୍ତୁ ନିଶ୍ଚିତ ଭାବରେ ସବୁ ନଷ୍ଟଶକ୍ତି ଫେରି ଆସିବ । ନପୁଂସକତା ଦୂର କରିବାର ଏହା ହେଉଛି ପ୍ରଧାନ ସହାୟକ ।

ଚିକିତ୍ସା—

କ୍ଷୀଣ କାମଶକ୍ତିକୁ ଉଦ୍ଦୀପିତ କରିବାକୁ ହେଲେ ପ୍ରଥମ ଉପାୟ ହେଉଛି, ମନକୁ ଧୀର ସ୍ଥିର ରଖିବାକୁ ହେବ ଏବଂ କେଉଁ କାରଣରୁ ତାହା ଘଟିଛି ଓ କିପରି କଲେ ତାହା ଦୂର ହେବ, ସେ ସମ୍ବନ୍ଧରେ ବିଚାରିବାକୁ ହେବ । ନିମ୍ନଲିଖିତ କାରଣ-

Digitized by srujanika@gmail.com

ମାନଙ୍କରୁ କାମଶକ୍ତି କ୍ଷୀଣ ହୋଇ ନପୁଂସକତା ସମ୍ଭବ ହୋଇପାରେ:—(୧) ମନ୍ଦାଗ୍ନି (Dyspepsia), (୨) ଯକୃତର ଶିଥିଳତା, (୩) ରତିଜ ରୋଗ (Venereal Disease). (୪) ଅତ୍ୟଧିକ ମୈଥୁନ, (୫) ଅପ୍ରାକୃତିକ ମୈଥୁନ । ଏହିସବୁ କାରଣ ଭିତରୁ କେଉଁ କାରଣରୁ ନପୁଂସକତା ବା କାମ ଶକ୍ତିର କ୍ଷୀଣତା ଘଟିଥିବ ତାହା ସ୍ଥିର କରି ସେହି କାରଣକୁ ପ୍ରଥମେ ଦୂର କରିବା ଉଚିତ । ତାହେଲେ ନପୁଂସକତା ଆପଣା ଛଏଁ ଦୂର ହୋଇଯିବ । ସେହି କାରଣ ଦୂର କରିବାପାଇଁ ଯେଉଁ ଚିକିତ୍ସା ସହାୟକ, ତାକୁ ପ୍ରୟୋଗ କର ଏବଂ ନିଜର ପ୍ରକୃତି ଅନୁସାରେ ଏହି ପରିଚ୍ଛେଦ ପୁସ୍ତିକାରେ କୁହା ଯାଇଥିବା ଔଷଧମାନ ବାଛିନିଅ । ଅନ୍ୟ ସବୁ ଯେଉଁ ଉପାୟ ଅଛି, ତାହା ତୁମକୁ ଭୁଲ ବାଟରେ ନେବ । କାରଣ ସେ ସବୁ ଉପାୟ ଅବଲମ୍ବନ କରି ବଜାର ଔଷଧ ସେବନ କଲେ ପ୍ରଥମେ ପ୍ରଥମେ କ୍ଷଣିକ ଉତ୍ତେଜନା ମିଳିବ ସତ, କିନ୍ତୁ ପରେ ତାର ଯେଉଁ ପ୍ରତିକ୍ରିୟା ଦେଖାଦେବ, ତାହା ଫଳରେ ତୁମର ଯେଉଁ ସାମାନ୍ୟ ଶକ୍ତି ନିଜର ଆଗରୁ ଥିବ, ତାହା ମଧ୍ୟ ଶେଷ ପାଇଯିବ ।

ନପୁଂସକତାର ପ୍ରଧାନ ଔଷଧ ହେଉଛି ସେକ୍ରିନ୍ । ଓ: ଏସ. ଏସ. ଭଳି ଏହାକୁ ଅଳ୍ପ ଅଳ୍ପ ମାତ୍ରାରେ ସେବନ କଲେ ଅସାଧାରଣ ମୈଥୁନେଚ୍ଛାକୁ ଏହା ନିୟମିତ କରେ । ୩ ଗ୍ରେନରୁ ୫ ଗ୍ରେନ୍ ଯାଏ କଡ଼ା ମାତ୍ରାରେ ସେବନ କଲେ ଏହା ସୁପ୍ତ କାମ ପ୍ରବୃତ୍ତିକୁ ଜାଗରିତ କରେ ଏବଂ ନଷ୍ଟଶକ୍ତିକୁ ଧୀରେ ଧୀରେ ଫେରାଇ ଆଣେ । କିନ୍ତୁ ମନେ ରଖିବାକୁ ହେବ ଯେ, ଗୋଦରି କୋଡ଼ିବା ସଙ୍ଗେ ସଙ୍ଗେ ମାଡ଼ିବା ପରି, ଔଷଧ ସେବନରେ ନଷ୍ଟଶକ୍ତି ଗୋଟାଏ ବାଟରେ ଫେରାଇ ଆଣିବା ସଙ୍ଗେ ସଙ୍ଗେ ଅନ୍ୟ ବାଟରେ ସେହି ଶକ୍ତିକୁ ନଷ୍ଟ କରିବା ବାଟ ଯେମିତି ଖୋଲା ନ ରହେ । ନପୁଂସକତାରେ ପ୍ରତି ଚାରି ଚାରି ଦିନକୁ ଆଠ ଆଠ ଦିନ ଅନ୍ତରରେ ସେକ୍ରିନ୍‌ର ଇଞ୍ଜେକ୍‌ସନ ନେଲେ ଏବଂ ଭୋଜନ ଆଗରୁ ଓ ରାତିରେ ଶୋଇଲାବେଳେ ୩ ଗ୍ରେନରୁ ୫ ଗ୍ରେନ୍ ଯାଏ ସେବନ କଲେ ଖୁବ ଭଲ ଫଳ ମିଳେ । କେତେକ ସ୍ଥଳରେ ଫସ୍‌ଫୋଜାଇମ୍ ଓ ଅଇଡୋଫସ୍ ଦେବା ମଧ୍ୟ ଆବଶ୍ୟକ ହୁଏ ।

ବାଲରୋଗ (Babies and children diseases)

ଶିଶୁ ଓ ପିଲାମାନଙ୍କୁ ରୋଗମୁକ୍ତ ଅବସ୍ଥାରେ ରଖିବା ଆମର ପ୍ରଥମ କର୍ତ୍ତବ୍ୟ । ପିଲାଙ୍କୁ ଶୀଘ୍ର ଯେମିତି ରୋଗ ଧରେ, ଶୀଘ୍ର ବି ସେମିତି ଛାଡ଼ିଯାଏ । କିନ୍ତୁ ରୋଗ ଧରିଥିବା ଅବସ୍ଥାରେ ଉପଯୁକ୍ତ ଯତ୍ନ ନିଆ ନଗଲେ ପିଲାମାନେ ଶୀଘ୍ର ବି ମରିଯାନ୍ତି । ଅଲବୋସାଙ୍ଗ, ସାଲଫୋସ ଓ ଟେକସାଇନ ଶିଶୁ ଓ ପିଲାମାନଙ୍କୁ ନିରୋଗ ରଖେ । ରୋଗ ବିରୁଦ୍ଧରେ ଯୁଝି ନିଜକୁ ରକ୍ଷା କରିବା ବିଷୟରେ ଅଲବୋସାଙ୍ଗ, ପାଚନ କ୍ରିୟାକୁ ଠିକ ରଖି ପେଟ ଗୋଳମାଳ ଦୂର କରିବା ବିଷୟରେ ସାଲଫୋସ, ଏବଂ କୋଷ୍ଠବଦ୍ଧତା ଦୂର କରିବା ବିଷୟରେ ଟେକସାଇନ୍ ସେମାନଙ୍କର ପରମ ଉପକାରୀ ବନ୍ଧୁ ।

Digitized by srujanika@gmail.com

ମର ମର ହୋଇଥିବା ଗୋଟିଏ ଶିଶୁର ଆତ୍ମାର ଶାନ୍ତି ନିମିତ୍ତ ପ୍ରାର୍ଥନା କରିବାକୁ ସବୁ ଦୁଆଠା ହୋଇଥିବା ଥରେ ଜଣେ ମାନ୍ୟ ସାହେବଙ୍କୁ ଡକାଗଲା । ପିଲାଟିର ପେଟ ଫୁଲିଯାଇ ଟାଣ ହୋଇ ଯାଇଥାଏ ଏବଂ ଅତି କଷ୍ଟରେ ସେ ନିଶ୍ୱାସ ନେଉଥାଏ । ତାର ଏ ଅବସ୍ଥା ଦେଖି ସମସ୍ତ ଘରବାଲା କାନ୍ଦୁଥାଆନ୍ତି । ସୌଭାଗ୍ୟ କ୍ରମେ ସେହି ମାନ୍ୟ ସାହେବଙ୍କ ପାଖରେ ଆମ ଔଷଧ ଥିଲା । ଗରମ ପାଣିରେ ସେ ୧୦ ଗ୍ରେନ ସାଲଫୋସ୍ ଗୋଳାଇ ପ୍ରତି ୧୫ ମିନିଟରୁ ତିରିଶ ତିରିଶ ମିନିଟ ଅନ୍ତରରେ ଗୋଟେ ଚାମଚ ଲେଖାଏଁ ତାକୁ ଖାଇବାକୁ ଦେଲେ । ୨ । ୩ ପାନ ଔଷଧ ଖାଇଲା ପରେ ପିଲାଟିର ଅବସ୍ଥା ଭଲ ଆଡ଼କୁ ଅଗ୍ରସର ହେବାର ଜଣାଗଲା ଏବଂ ସକାଳକୁ ପିଲାଟି ଏକାବେଳକେ ଭଲ ହୋଇଗଲା ।

ସାଲଫୋସ୍ ପିଲାଙ୍କର ହଜମ ଶକ୍ତିକୁ ଠିକ ବାଟରେ ଆଣେ ଏବଂ ସେମାନଙ୍କ ସ୍ୱାସ୍ଥ୍ୟକୁ ଭଲ ଆଡ଼କୁ ନେଇଯାଏ । କିନ୍ତୁ ଅତି ଶିଶୁମାନଙ୍କ (Babies) ନିମନ୍ତେ ଆମେ ବାଇର୍ଓସଲ୍ ନାମରେ ଅନ୍ୟ ଗୋଟିଏ ଔଷଧ ପ୍ରସ୍ତୁତ କରିଅଛୁ । ଏଥିରେ ସାଲଫୋସର ଉପାଦାନମାନ ନିହିତ ଅଛି । ଶିଶୁମାନେ ଏହାକୁ ଅତି ଆଗ୍ରହ ସହିତ ସେବନ କରିଥାଆନ୍ତି । ଡାକ୍ତରମାନେ ମଧ୍ୟ ଏହାର ଖୁବ ପ୍ରଶଂସା କରିଅଛନ୍ତି ଏବଂ ଗ୍ରାଇପ୍ ଓ୍ୟାଟର ବଦଳରେ ବାଇର୍ଓସଲ୍ ବ୍ୟବହାର କରିବାକୁ କହିଅଛନ୍ତି ।

ପିଲାବାଲା ମାଆମାନଙ୍କୁ ଔଷଧ ଦେଲେ ସେହି ଔଷଧର ଗୁଣ ମା ଦୁଧ ଦ୍ୱାରା ପିଲାଙ୍କ ଦେହରେ ପହଞ୍ଚେ । ପିଲାମାନେ ସାଧାରଣତଃ ଯକୃତ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଏ ରୋଗ ପିଲାଙ୍କ ପକ୍ଷରେ ବଡ଼ ଭୟଙ୍କର । ନିମ୍ନଲିଖିତମତେ ତାର ଚିକିତ୍ସା କର :– ଏକ କମ୍ପା ଦୁଇଗ୍ରେନ୍ ଯାଏ ଓପୋ-କୁଇନାଇନ୍ ଓ ଅଳ୍ପ ବୋଷାଇ ପାଣି କମ୍ପା ଦୁଧରେ ମିଶାଇ ଦିନକୁ ୨।୩ ବାର ପିଲାଙ୍କୁ ପିଆଅ । ଅଧିକାଂଶ କ୍ଷେତ୍ରରେ ଏହା ସହିତ ଟେଡ୍ସାଇନ୍ ମିଶାଇ ଖୁଆଇଲେ ମଧ୍ୟ ଭଲ ଫଳ ମିଳେ । ୩ ମାସରୁ ୬ ମାସ ଯାଏ ଏହି ପ୍ରଣାଳୀରେ ଚିକିତ୍ସା କଲେ ଯକୃତ ଦୋଷରୁ ଉପୁଜିଥିବା ବାଳରୋଗ ଦୂର ହୋଇଯାଏ । ଆରୋଗ୍ୟ ହେବାରେ ଯଦି ବିଳମ୍ବ ଘଟେ, ତେବେ ପ୍ରତି ୨।୩ ଦିନ ଅନ୍ତରରେ ରାତିରେ ଏକମାତ୍ରା ଆଇଡୋଫସ୍ ଦିଅ ।

ଦାନ୍ତଉଠା (Dentition)

ଦାନ୍ତ ଉଠିବା ସମୟଟା ଶିଶୁମାନଙ୍କ ପକ୍ଷରେ ବଡ଼ ଦୁଃଖଦାୟକ । ଏହି ସମୟରେ ସେମାନେ ନାନା ରୋଗରେ ଆକ୍ରାନ୍ତ ହୁଅନ୍ତି । ଏହି ସମୟରେ ସଲଫୋସ୍ ଖୁବ୍ ଉପକାରରେ ଆସେ । ପୀଡ଼ା ଦୂର କରିବା ପାଇଁ ଚଉଠା ଗ୍ରେନ୍ ଫେନୋକାଲ୍ ସାଇନ୍ ଦିଆଯାଇପାରେ । ପିଲାର ଦେହ ଅତିଶୟ ଖରାପ ହେଲେ ଭାଇଟାଲ୍ ଏସେନ୍ସ୍ ଦିଅ ।

ପ୍ରାପ୍ତବୟସ୍କମାନଙ୍କ ରୋଗରେ ସାଧାରଣତଃ ଯେଉଁସବୁ ଔଷଧ ବ୍ୟବହାର କରାଯାଏ ବାଳରୋଗରେ ପିଲାମାନଙ୍କ ପାଇଁ ମଧ୍ୟ ସେହିସବୁ ଔଷଧ ପ୍ରୟୋଗ କରାଯାଏ ।

Digitized by srujanika@gmail.com

ବନ୍ଧୁ ଶିଶୁମାନଙ୍କ ପାଇଁ ସେସବୁ ଔଷଧ ଛଡ଼ା କେତେଗୁଡ଼ିଏ ସ୍ୱତନ୍ତ୍ର ଔଷଧ ମଧ୍ୟ ଅଛି । ଅଗର-କୋ ସେହିଭଳି ଏକ ସ୍ୱତନ୍ତ୍ର ଔଷଧ । ପିଲାଏ ଦୁଧ ବାନ୍ତି କଲେ ଏହା ଦିଆଯାଏ । ଜ୍ୱର, ଝାଡ଼ା, ନାଳବନ୍ତି ଝାଡ଼ା ଏବଂ ବିଶେଷ କରି ପେଟର କୌଣସି ରୋଗରେ ପିଲାମାନେ ଆକ୍ରାନ୍ତ ହୋଇ ପଡ଼ିଲେ ଚନାଅମ୍ କୋ ଖୁବ୍ କାମରେ ଆସେ । ସାଣ୍ଟୋନାଇନ୍-କୋ ମଧ୍ୟ ପିଲାଙ୍କପାଇଁ ଗୋଟିଏ ଭଲ ଔଷଧ । ପିଲାଙ୍କ କୃମିରୋଗରେ ଏହା ଖୁବ୍ ଉପକାରୀ । ତା ଛଡ଼ା ଅନ୍ୟାନ୍ୟ ରୋଗରେ ଯେତେବେଳେ ଅନ୍ୟ ଔଷଧସବୁ କାମ ଦିଏ ନା, ସେତେବେଳେ ସାଣ୍ଟୋନାଇନ୍ କୋ ଭଲ ଫଳ ଦିଏ ।

ଶୁଖାରୋଗ (Rickets)

ଏହି ରୋଗରେ ପିଲାମାନଙ୍କୁ ଦିନରେ ଦୁଇଥର ଅଲ୍‌ବୋସାଙ୍ଗ ଭିଟକା ଦୁଧ ସହିତ ମିଶାଇ ଖୁଆଅ । ରୋଗର ଉଗ୍ର ଅବସ୍ଥାରେ ତୁରନ୍ତ ଆରୋଗ୍ୟଲାଭ ପାଇଁ ୩।୪ ଦିନେ ଥରେ ଲେଖାଏ ଅଇଡୋ଼ଫସ୍ ପିନେ ପାନେ ଦିଆଯାଇ ପାରେ । ସମ୍ଭାଳି ପାରୁଥିବାଯାଏ ପିଲାକୁ ଅଧିକ ସମୟ ସୂର୍ଯ୍ୟାଲୋକରେ ରଖ । ତା ହାଡ଼ ଶକ୍ତ ଓ ମଜବୁତ ନ ହେବାଯାଏ ତାକୁ ଚାଲିବ ଦେବ ନାହିଁ କି ହାମୁଡ଼ାଇ ଦେବ ନାହିଁ । ଶୁଖାରୋଗରେ ପିଲାକୁ ବାହାରର ଟିଣାଦୁଧ ନ ଦେଇ ମା ଦୁଧ ଖୁଆଇବା ନିହାତି ଆବଶ୍ୟକ । ଯେଉଁ ପିଲାକୁ ବାହାରର ଟିଣାଦୁଧ ଦିଆଯାଉଥାଏ, ତାକୁ ସେ ଦୁଧ ସଙ୍ଗେ ଅଲ୍‌ବୋସାଙ୍ଗ୍ ମିଶାଇ ଖୁଆଇଲେ ଶୁଖାରୋଗ ହୁଏ ନାହିଁ ।

ଶୁଖାରୋଗ ଆରମ୍ଭ ହେଲାବେଳେ ରାତିରେ ପିଲାମାନେ ଅସ୍ଥିର ହୋଇ କନ୍ଦାକଟା କରନ୍ତି । ସେମାନଙ୍କ ମୁଣ୍ଡରୁ ଏତେ ଝାଳ ବହେ ଯେ ତକିଆ ପର୍ଯ୍ୟନ୍ତ ଓଦା ହୋଇଯାଏ । ସେମାନଙ୍କ ସ୍ୱଭାବ ଚିଡ଼ଚିଡ଼ା ହୁଏ । ହାତର ଅଗ୍ର ବା ଶେଷଭାଗ ମୋଟା ହୋଇଯାଏ । ପିଲା ମୋଟା ଓ ପୁଷ୍ଟ ଥିବାର ଜଣାପଡ଼େ । ଦାନ୍ତ ଉଠିବାରେ ଡେରି । ପେଟ ବାହାରି ପଡ଼େ । ଡେରିରେ ପିଲା ଚାଲି ଶିଖେ । ଯଦିବା ଚାଲିବା ଆରମ୍ଭ କରିଥାଏ, ମଝିରେ ତାହା ପୁଣି ବନ୍ଦ ହୋଇଯାଏ । ଗୋଡ଼ର ହାଡ଼ ବଙ୍କା ତେଢ଼ା ହୋଇଯାଏ ।

ବାନ୍ତି (Vomiting)—

ଯେଉଁ କାରଣରୁ ବାନ୍ତି ହେଉଥିବ, ତା ଉପରେ ଆଖି ରଖି ଚିକିତ୍ସା କରିବାକୁ ହେବ । ଉତ୍ତେଜକ ବା ଅନୁପଯୁକ୍ତ ଖାଦ୍ୟ ପାନୀୟ ଯୋଗୁ ଯଦି ବାନ୍ତି ହେଉଥିବ, ତେବେ ଯଥେଷ୍ଟ ଗରମ ପାଣି ପିଆଇ ବାନ୍ତି କରାଇ ଦେବ । ଯଦି ପାକସ୍ଥଳୀ ବା ଅମାଶୟରେ ଘାଆ ବା ବାଥ ଆଦି ହେତୁ ବାନ୍ତି ହେଉଥିବ, ତେବେ ତରଳ ଖାଦ୍ୟ ବା ଦୁଧ ଆଦି ଦେଇ ଏବଂ ଗରମ ପାଣିରେ ଗୋଳାଇ ମାଗ୍‌ନାଇନ୍ ଟିକେ ଟିକେ କରି ଖାଇବାକୁ ଦିଅ । ପିଲାଙ୍କୁ ରହି ରହି ବାନ୍ତି ହେଉଥିଲେ ଉଇଟାଲ୍ ଏସେନ୍ସ ଦେଲେ ବନ୍ଦ ହୋଇଯାଏ । ଉତ୍କଟ ଅବସ୍ଥାରେ ମାଗ୍‌ନାଇନ୍ ମଧ୍ୟ ଦିଆଯାଇ ପାରେ ।

Digitized by srujanika@gmail.com

ବିଷାକ୍ତ ଜନ୍ତୁ ଦଂଶନ [Bites]

ସାପ, ବିଛା ଓ ଅତି ଅନ୍ୟ କୀଟ କାମୁଡ଼ିଲେ ଦଂଶିତ ବ୍ୟକ୍ତି ଘଡ଼ କଷ୍ଟ ପାଏ ଏବଂ କେତେକ ସ୍ଥାନରେ ମରିଯାଏ । କଦ୍ଦର-ଟକା ଏକୋଣାଇ ମାତ୍ର ସେବନ କଲେ ବିଛା କାମୁଡ଼ାର ବିଷ ଓହ୍ଲାଇ ଯାଏ ଓ ରୋଗୀ ଶୀଘ୍ର ଭଲ ହୋଇଯାଏ । ଉଥିସ୍ପାଇନ୍ ପ୍ରୟୋଗ କରି କେତେକ ଲୋକ ବିଛାକାମୁଡ଼ାରେ ଚମତ୍କାର ଫଳ ପାଇବା କଥା ଆମକୁ ମଧ୍ୟ ଜଣାଇ ଅଛନ୍ତି । ସାପକାମୁଡ଼ାରେ କଦ୍ଦର-ଟକା ଇଞ୍ଜେକ୍ସନ ଦିଅ ।

ଭଗନ୍ଦର (Fistula)—

ମଳଦ୍ୱାର ପାଖରେ ଗୋଟିଏ ଛୋଟ ମୁହଁ ହୋଇ ସେହି ବାଟେ ଏ ରୋଗରେ ପୂଯ ବାହାରେ । ଏହାକୁ କେହି କେହି ମଳକଣ୍ଟକ ବଥ ବୋଲି ମଧ୍ୟ କହନ୍ତି । ଏ ରୋଗରେ ନିମ୍ନମତେ ଚିକିତ୍ସା କଲେ ଭଲ ଫଳ ମିଳେ । ୧୦ ଗ୍ରେନ ପରିମିତ ଅରବୁଟିନମ୍ ସଙ୍ଗେ ୩ ଏକ୍ସ ଶକ୍ତି । (3x) [ଡେସିମେଲ୍] ଯୁକ୍ତ କାଲ୍‌କେରିଆ ସଲଫ୍ ମିଶାଇ ଅଚ୍ଛା କରି ଖଲରେ ଖଲିଦିଅ । ପୁଣି ଆଉ ୧୦ ଗ୍ରେନ ପରିମିତ ଅରବୁଟିନମ୍ ସଙ୍ଗେ ୨ଅଭନ୍ସ ପରିମିତ ୩ ଏକ୍ସ (3X) ଶକ୍ତି ବିଶିଷ୍ଟ ସାଇଲିସିଆ [ପୋଟେନ୍ସି] ମିଶାଇ ଅଚ୍ଛା କରି ଖଲରେ ଖଲିଦିଅ । ପ୍ରଥମ ମିଶ୍ରିତ ଔଷଧରୁ (ଏ.ସି) ୫ ଗ୍ରେନ୍ ଲେଖାଏଁ ସକାଳ ଓ ସନ୍ଧ୍ୟାରେ ଏବଂ ଦ୍ୱିତୀୟ ମିଶ୍ରିତ ଔଷଧରୁ (ଏ. ଏସ୍.) ୫ଗ୍ରେନ ଲେଖାଏଁ ଦୁଇ ପହରେ ଓ ରାତିରେ ଶୋଇଲାବେଳେ ରୋଗୀକୁ ଦିଅ । ଏ ଦୁଇଟି ଯାକ ମିଶ୍ରିତ ଔଷଧ ଏ- ସି. ଓ ଏ- ଏସ୍ ଏହି ନାମରେ ପରିଚିତ ଏବଂ ଏହି ନାମରେ କିଣିବାକୁ ମିଳେ । ଦାନ୍ତରେ ଏହି ରୋଗ ହେଲେ [Dental Fistula] ଓ ଓ ଟୁ ବ୍ୟବହାର କର । ବେଳେ ବେଳେ ଏ ରୋଗ ଅଳ୍ପ କେତୋଟି ସପ୍ତାହରେ ଭଲ ହୋଇଯାଏ; କିନ୍ତୁ ଯେ କୌଣସି ଅବସ୍ଥାରେ ଭଲ ହେବାକୁ ତିନି ମାସରୁ ଅଧିକ ସମୟ ଲାଗେ ନା । ଶରୀରରେ କାଲ୍‌ସିଅମ୍ ଅଭାବ ଥିଲେ ଅଲ୍‌ବୋସାଙ୍ଗ କମ୍ପାନୀ ସାଲ୍‌ଫୋସ୍ ବ୍ୟବହାର କଲେ ତୁରନ୍ତ ସେ ଅଭାବ ଦୂର ହୁଏ ଏବଂ ରୋଗୀ ସୁସ୍ଥ ହେବାକୁ ଅଳ୍ପ ସମୟ ଲାଗେ । ବାସ୍ତବ ଅଭିଜ୍ଞତାରୁ ଜଣା ପଡ଼ୁଛି ଯେ, ଦିନକୁ ଗୁରୁଥର ପ୍ଲମ୍ବମ୍ ୨ ଗ୍ରେନ ହିସାବରେ ଖାଇଲେ ଭଗନ୍ଦର ଭଲ ହୋଇଯାଏ । ତେଣୁ ଉପରେ ଯେଉଁ ଦୁଇଟି ମିଶ୍ରିତ ଔଷଧ କଥା କୁହାଗଲା, ତହିଁରେ ଯଦି ଆଶାନୁରୂପ ଫଳ ନ ମିଳେ, ତେବେ ରୋଗୀ ବିଶେଷରେ ଏହି ପ୍ଲମ୍ବମ୍ ଦେଲେ ଭଲ ଫଳ ମିଳିବ । ଭଗନ୍ଦରର ଗୁରୁପଟେ ଏହାକୁ ମାଲିସ-କଲେ ଦରଜ ଓ ଫୁଲା ମଧ୍ୟ କମିଯାଏ ।

ମସ୍ତିଷ୍କ ଓ ସ୍ନାୟୁଗତ ରୋଗ (Brain and Nerves Diseases)—

"ସର୍ବାଙ୍ଗୀନ ଚିକିତ୍ସା ପ୍ରଣାଳୀ" ପଢ଼ିଲେ ଜଣାପିବ ଯେ, ରୋଗର ଚିକିତ୍ସାରେ" ସ୍ନାୟୁ ମଣ୍ଡଳ ଉପରେ ସାବଧାନ ହୋଇ ଦୃଷ୍ଟି ଦେବାକୁ ହେବ । ଏହି ସ୍ନାୟୁ ବିକାରରୁ

Digitized by srujanika@gmail.com

ଅନ୍ୟାନ୍ୟ ବହୁ ରୋଗର ସୂତ୍ରପାତ ହୁଏ; ତେଣୁ ସ୍ନାୟୁମଣ୍ଡଳକୁ ସୁସ୍ଥ ସବଳ ରଖିବା ନିତାନ୍ତ ଆବଶ୍ୟକ। ଅନେକ ସାହେବ ମଧ୍ୟ କହୁଛନ୍ତି ଯେ, ଆଜିକାଲି ଏମିତି ରୋଗ ନାହିଁ, ଯହିଁରେ ଭାଇଟାଲ ଏସେନ୍ସ ଆବଶ୍ୟକ ନ ହେବ। ତଳେ ମସ୍ତିଷ୍କ ଓ ସ୍ନାୟୁଗତ ଅନ୍ୟାନ୍ୟ କେତେକ ରୋଗର କଥା ଲେଖା ଯାଉଛି।

ପ୍ରଳାପ (Delirium)—

ଯେଉଁ ସବୁ ଔଷଧରେ ଜ୍ୱର ଛାଡ଼ିଯାଏ, ସେହିସବୁ ଔଷଧ ଏଥିପାଇଁ ମଧ୍ୟ ଉପଯୋଗୀ। ତେବେ ଏଥିପାଇଁ ବିଶେଷ ଔଷଧ ହେଉଛି, ଭାଇଟାଲ ଏସେନ୍ସ। ଯେତେବେଳେ ରୋଗୀ ଅଶାନ୍ତ ଅବସ୍ଥାରେ ପଡ଼ିଥାଇ ପ୍ରଳାପ ବକୁଥିବ, ସେତେବେଳେ ଏ ଔଷଧ ଦେଲେ ସେ ଧୀରସ୍ଥିର ଓ ଶାନ୍ତ ଅବସ୍ଥାକୁ ଫେରିଆସେ। ରୋଗୀ ଯଦି ବୁଦ୍ଧିଜୀବୀ, ଶିକ୍ଷିତ ଓ ଚତୁର ହୋଇଥାଏ, ଅଥଚ ଭାରି ଦୁର୍ବଳ ହୋଇଥାଏ, ତେବେ ସେ ଭଳି କ୍ଷେତ୍ରରେ ଫସ୍ଫୋରାଇମ୍ ଦିଅ। ଟାଇଫଏଡ଼ ଜ୍ୱରରେ ପ୍ରଳାପ ଅବସ୍ଥା ଆସିଥିଲେ ଅର୍କଲହର୍ଓସ୍ ଦେଲେ ଭଲ ଫଳ ମିଳେ। ପିଲାଙ୍କ ପାଇଁ ଟାନଅମ୍-ଭୋ।

ପିହୁଳା (Convulsion)—

ପ୍ରଳାପ ପାଇଁ ଯେଉଁ ଔଷଧ, ପିହୁଳା ପାଇଁ ମଧ୍ୟ ସେହି ଔଷଧ। କିନ୍ତୁ ଆଗର-ଭୋ ଏହାର ବିଶେଷ ଔଷଧ।

ଉନ୍ମାଦ [Insanity]—

ଏଥିପାଇଁ ଫସ୍ଫୋରାଇମ୍ ଓ ଭାଇଟାଲ ଏସେନ୍ସ ଉଭୟେ ଉପକାରୀ। ନିଦ୍ରାହୀନତା (Insomania) ଥିଲେ ଭାଇଟାଲ ଏସେନସ ଉପଯୋଗୀ। ଏହା ସବୁ ବାଧା ଦୂର କରି ସ୍ନାୟୁମଣ୍ଡଳୀକୁ ଶାନ୍ତ ଅବସ୍ଥାକୁ ଘେନିଆସେ। ପାଚନକ୍ରିୟା ଉପରେ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ।

ମୂର୍ଚ୍ଛା (Prostration)

ସ୍ନାୟୁମଣ୍ଡଳୀର ଉତ୍ତେଜନା ଫଳରେ ଯେଉଁ ଅବସ୍ଥା ସୃଷ୍ଟି ହୁଏ, ଏଥିରେ ଠିକ୍ ତାର ବିପରୀତ ଅବସ୍ଥା ଦେଖାଯାଏ। ରୋଗୀ ଏକାବେଳକେ ଶକ୍ତିହୀନ ହୋଇ ନିସ୍ତବ୍ଧ ଅବସ୍ଥାରେ ପଡ଼ିରହେ। ହାତ ଗୋଡ଼ ହଲଚଲ କରିପାରେ ନାହିଁ। ଗାଢ଼-ନିଦ୍ରାରେ ଶୋଇପଡ଼େ। ଭାଇଟାଲ୍ ଏସେନ୍ସ ଏହାର ଉପଯୁକ୍ତ ଔଷଧ।

ମୁଣ୍ଡଘୁରିବା (Vertigo Giddiness)

ପାଚନ ସମ୍ବନ୍ଧୀୟ କୌଣସି ରୋଗ ଥିଲେ ସେହି କାରଣରୁ ମୁଣ୍ଡ ବୁଲାଇ-ପାରେ। କିମ୍ବା ଅତ୍ୟଧିକ ରକ୍ତଚାପ (High Blood Pressure) ହେଲେ ମଧ୍ୟ ମୁଣ୍ଡ ବୁଲାଇଥାଏ। ତେଣୁ ଯେଉଁ ସବୁ ଔଷଧ ସେହିସବୁ ରୋଗକୁ ଆରୋଗ୍ୟ କରି ପାରେ, ସେହିସବୁ ଔଷଧରେ ମୁଣ୍ଡ ବୁଲାଇବା ମଧ୍ୟ ଭଲ ହୁଏ। ଆଇଓଡ଼ୋଫସ୍ ମୁଣ୍ଡ ବୁଲାର ବିଶେଷ ଔଷଧ।

Digitized by srujanika@gmail.com

ଅନିଦ୍ରା (Sleeplessness)

ଭାଇଟାଲ ଏସେନସ୍ ସେବନରେ ଭଲ ଗାଢ଼ ନିଦ୍ରା ହୁଏ । ରାତି ଭୋଜନ ପୂର୍ବରୁ ପାନେ ଏବଂ ଶୋଇଲାବେଳେ ପାନେ ଖାଇଲେ ମନୋମତ ଫଳ ମିଳେ । ପାନେ ଭାଇଟାଲ୍ ଏସେନସ୍ ଖାଇଦେଲେ କ୍ଳାନ୍ତି, ଅବସାଦ, ଦୁର୍ବଳତା ଦୂର ହୋଇ-ଯାଏ । ଆଜିକାଲି ବଜାରରେ ଏଥିପାଇଁ ଯେଉଁସବୁ ଟାଣୁଆ ଉତ୍ତେଜକ ଔଷଧ ମିଳୁଛି, ସେ ସବୁକୁ ଖାଇଲେ ପହିଲେ କାହିଁ କାହିଁ ଶକ୍ତି ମାଡ଼ିଆସେ, କିନ୍ତୁ ପରେ ପୂର୍ବରୁ ଶରୀର ଯେଉଁ ଶକ୍ତି ଥିଲା, ତାକୁ ମଧ୍ୟ କୁଆଡ଼େ ହରାଇଦିଏ । ସ୍ନାୟୁଶୂଳ (Neuralgia) ପାଇଁ ପ୍ରଧାନ ଔଷଧ ହେଉଛି ଭାଇଟାଲ ଏସେନସ୍ ।

ହିଷ୍ଟିରିଆ (Hysteria)

ଏହା ଏକ ମାନସିକ ରୋଗ । ଏଥିରେ ମନ ଉପରେ ଏତେ ଉଦ୍‌ବେଗରେ ଦୃଷ୍ଟି ପଡ଼େ ଯେ, ରୋଗର ଲକ୍ଷଣ ଶରୀର ଉପରେ ପ୍ରତିକ୍ରିୟା ସୃଷ୍ଟି କରେ, କିନ୍ତୁ ଶରୀରରେ ଏଭଳି କୌଣସି ଦୋଷ ଦେଖାଯାଏ ନା, ଯାହାକୁ ରୋଗର କାରଣ ବୋଲି ଧରାଯାଇ ପାରିବ । ଶରୀର ଖୁବ୍ ସୁସ୍ଥ ଥିଲାପରି ଜଣାପଡ଼େ, ଅଥଚ ଏହି ରୋଗର ଆକ୍ରମଣରୁ ଲୋକକୁ ରକ୍ଷା କରି ହୁଏ ନା । ଅତ୍ୟଧିକ ମାନସିକ ଉଦ୍‌ବେଗକୁ ଲୁଚାଇ ରଖିଲେ କିମ୍ବା ଦବାଇ ରଖିଲେ ଏହି ରୋଗ ଦେଖା ଦେଇ-ଥାଏ ।

ମନୋବିଜ୍ଞାନ ଉପରେ ଦୃଷ୍ଟିରଖି ଏହି ରୋଗର ଚିକିତ୍ସା କରିବାକୁ ହୁଏ । ନିଜର ଅଭିଳାଷ ଓ ମାନସିକ ଉଦ୍‌ବେଗକୁ ରୋଗୀ ଯେପରି ଭଲ ଭାବରେ ବୁଝି ସମଝି ପାରିବ ଏବଂ ତାକୁ ମାନିନେବ, ସେଥିପାଇଁ ତାକୁ ଉପଯୁକ୍ତ ଶିକ୍ଷା ଓ ଅବସର ଦେଇ ତାଲିମ କର । ରୋଗୀକୁ ସବୁବେଳେ କାର୍ଯ୍ୟବ୍ୟସ୍ତ ରଖ ଏବଂ ତାର ସାଧାରଣ ସ୍ୱାସ୍ଥ୍ୟ ଯେପରି ଭଲ ରହେ, ତତ୍ପ୍ରତି ଦୃଷ୍ଟି ଦିଅ । ଉପଯୁକ୍ତ ଓ ନିୟମିତ ଆହାର, ବିହାର, ଶୟନ, କ୍ରୀଡ଼ାକୌତୁକ ଓ କାମରେ ରୋଗୀର ନିତିଦିନିଆ ଜୀବନ ଯେମିତି କଟେ, ତାର ଯୋଗାଡ଼ କର । ଔଷଧ ପ୍ରୟୋଗ କରି ଚିକିତ୍ସା କରିବାକୁ ହେଲେ ସକାଳେ ଏବଂ ରାତିରେ ଶୋଇଲା ବେଳେ କିମ୍ବା ଭୋଜନର ଅଧଘଣ୍ଟା ଆଗରୁ ଆଗର-କୋ ଦିଅ, ଭୋଜନ ପରେ ଫ୍ରୁକ୍‌ଟୋଜାଇମ୍ ଦିଅ । ଦରକାର ପଡ଼ିଲେ ଭାଇଟାଲ୍ ଏସେନ୍‌ସ୍ ବି ଏହା ସହିତ ମିଶାଇ ଦିଆଯାଇ ପାରେ । ଏହାଛଡ଼ା ଦିନକୁ ଦୁଇବାର ଅଲ୍‌ବୋସାଙ୍ଗ ଶୁଆଅ ।

ମୃଗୀ (Epilepsy)

ଦିନକୁ ତିନିବାର ଭାଇଟାଲ୍ ଏସେନ୍‌ସ୍ ଦିଅ । ସକାଳେ ଏବଂ ରାତିରେ ଶୋଇଲା ବେଳେ କିମ୍ବା ଭୋଜନର ଅଧଘଣ୍ଟା ଆଗରୁ ଆଗର-କୋ ଦିଅ । କେତେକ ରୋଗୀ, ବିଶେଷତଃ ପ୍ରାପ୍ତବୟସ୍କମାନଙ୍କ ପକ୍ଷରେ ଫ୍ରୁକ୍‌ଟୋଜାଇମ ମଧ୍ୟ ଆବଶ୍ୟକ ହୁଏ । ଏହି

Digitized by srujanika@gmail.com

ଚିକିତ୍ସା ଅନେକ ଦିନଯାଏ ଚାଲୁ ରଖ । ରୋଗୀର ସାଧାରଣ ସ୍ୱାସ୍ଥ୍ୟ ଯେପରି ଭଲ ରହେ ତା ଉପରେ ବରାବର ଦୃଷ୍ଟି ରଖ ଏବଂ ସେଥିପାଇଁ ରୋଗୀକୁ ଆଲ୍‌ବୋସାଙ୍ଗ ଖୁଆଅ ।

ଗାଧୋଇବା ଆଗରୁ ମୁଣ୍ଡରେ ନର୍ଭୋଲ୍ ମାଲିସ କଲେ ଖୁବ ଉପକାର ହୁଏ ରୋଗ ଆକ୍ରମଣର ପୂର୍ବ ଲକ୍ଷଣ ପ୍ରକାଶ ପାଇଲାମାତେ ଆମିଗଲିଅ ପ୍ରୟୋଗ କଲେ ଆକ୍ରମଣ ଦବିଯାଏ । ବିପଦସଙ୍କୁଳ ସ୍ଥାନ, ବିଶେଷତଃ ନିଆଁ ଓ ପାଣି ପାଖକୁ ରୋଗ ଯେପରି ନ ଯାଏ, ତତ୍ପ୍ରତି ଦୃଷ୍ଟି ରଖ । ତା ନ ହେଲେ ମୂର୍ଚ୍ଛିତ ଅବସ୍ଥାରେ ରୋଗ ନିଆଁରେ ପୋଡ଼ି ମରିବ କିମ୍ବା ପାଣିରେ ବୁଡ଼ିମରିବ । ମୂର୍ଚ୍ଛାବେଳେ ରୋଗୀର ଦାନ୍ତ ମଝିରେ ରୁମାଲ କିମ୍ବା ଲୁଗାକାନି ଭର୍ତ୍ତି କରି ରଖ । ତା ନ ହେଲେ ନିଜର ଜିଭ ରୋଗୀ ନିଜେ କାମୁଡ଼ି ଖଣ୍ଡିଆ କରି ପକାଇବ ।

ମୃଗୀରୋଗ ସାଧାରଣତଃ ପିଲା ଅବସ୍ଥାରେ ଆରମ୍ଭ ହୁଏ । କିଛି ନୂଆତେ ଦ ଥାଏ, ହଠାତ୍ ରୋଗୀ ମୂର୍ଚ୍ଛିତ ହୋଇପଡ଼େ । ବଡ଼ ଧରଣର ମୂର୍ଚ୍ଛା ଆରମ୍ଭ ହେବା ଆଗରୁ ରୋଗୀ ଚିତେଇ ଉଠେ ଏବଂ ହଠାତ୍ ମୂର୍ଚ୍ଛିତ ଅବସ୍ଥାରେ କାଠଖଣ୍ଡପରି ଭୂଇଁରେ ଜଗୁଡ଼ି ହୋଇ ପଡ଼ିଯାଏ । ଏଭଳି ଜଗୁଡ଼ି ହୋଇ ପଡ଼ିବାରେ ତାର ନି ଦେହ କ୍ଷତ ବିକ୍ଷତ ହୁଏ । ମାଂସପେଶୀ ସବୁ ଶିଥିଳ ହୋଇଆସେ । ମୁହଁ ପହିଲେ ଶେତା ଦେଖାଯାଏ; ପରେ କଳା ପଡ଼ିଯାଏ । କେତେକ ସେକେଣ୍ଡ ପରେ ମାଂସପେଶୀ ମାନ ଥରି ଥରି ନାଚିଉଠେ, ଆଖିଡ଼ୋଳା ଏଣେତେଣେ ହଲଚଲ ହୁଏ; ପାଟି ବ ହୋଇଯାଏ ଓ ପୁଣି ଖୋଲିଯାଏ । ରୋଗୀ ଜିଭକୁ କାମୁଡ଼ି ପକାଇ ଖଣ୍ଡିଆ କରିଦିଏ ରୋଗୀର ମୂତ୍ର ଏବଂ ଝାଡ଼ା ହୋଇଯାଏ । ଅଳ୍ପେ ଅଳ୍ପେ ରୋଗୀକୁ ତନ୍ଦ୍ରା ଘାରେ ଏବ ତନ୍ଦ୍ରାରୁ ନିଦ ଗୋଟିଆସେ । କେତେକ ଘଣ୍ଟା ନିଦ୍ରିତ ଅବସ୍ଥାରେ ଶୋଇ ରହିବ ପରେ ରୋଗୀ ପୁଣି ଯେତେବେଳେ ଉଠେ, ସେତେବେଳେ ସେ ଘାବରେଇଲା ପ ଜଣାପଡ଼େ ।

ମଧୁମେହ (Diabetes) ବା ବହୁମୂତ୍ର—

ଶରୀର ଭିତରେ ଦୋଷଯୁକ୍ତ ରାସାୟନିକ ପରିବର୍ତ୍ତନରୁ ଏହି ରୋଗର ଉତ୍ପ ହୁଏ ଏବଂ ପାଚନ କ୍ରିୟା ସଙ୍ଗେ ଏହାର ସମ୍ପର୍କ ଥାଏ । ଯେଉଁ ରୀତିରେ ଖାଦ ପରିପାକ ହେବାର କଥା, ତାହା ନ ହେଲେ ଏବଂ ପାକଯନ୍ତ୍ରରେ ବିଶୃଙ୍ଖଳା ଘଟିଲେ ପରିସ୍ରାରେ ଚିନି ପଡ଼େ । ତେଣୁ ଏ ରୋଗର ଚିକିତ୍ସାରେ ପ୍ରଥମେ ପାଚନକ୍ରିୟା ଉପରେ ନଜର ଦେଇ ଠିକ କରିବାକୁ ହୁଏ । ଆମର ହୋମିଓପାଥିକ ସର୍ବାଙ୍ଗୀ ଚିକିତ୍ସାରେ (Constitutional Treatment) ପାଚନ କ୍ରିୟାକୁ ଅଟୁଟ ରଖିବ ପାଇଁ ଯେଉଁ ବିଧିବିଧାନମାନଙ୍କ କଥା କୁହାଯାଇଛି ତାହା ପଢ଼ି ତଦନୁସାରେ ଅଗ୍ରସ ହେବା ଉଚିତ । ତେବେ ମଧୁମେହର ପ୍ରଧାନ ଔଷଧ ହେଉଛି ଡ଼: ବି: । ଦିନକୁ ଥରେ କିମ୍ବା ଦୁଇଥର ଲେଖାଏଁ ସେବନ କଲେ ଯଥେଷ୍ଟ ହୁଏ । ପରିସ୍ରାରେ ଚି ପଡ଼ିବା ବନ୍ଦ ହୋଇଗଲା ପରେ ମଧ୍ୟ ତେଣିକି ୨।୪ ଦିନରେ ଏହି ଔଷଧର ପାଦେ ଲେଖାଏଁ କିଛିଦିନ ଖାଇବାକୁ ହୁଏ । ଏହା ସଙ୍ଗେ ସଙ୍ଗେ ଜି, ଆଇ, ହରମୋନ୍

Digitized by srujanika@gmail.com

ବା ଗ୍ୟାଷ୍ଟ୍ରିକ୍ ଜୋନ୍ ଏବଂ କିଛି ଅସୁବିଧା ନ ହେଲେ ଅଲ୍‌କୋହୋଲ (ବଟିକା ଆକାରରେ) ମଧ୍ୟ ଦିନକୁ ଥରେ ଲେଖାଏଁ ସେବନ କରିବା ଆବଶ୍ୟକ । କେତେ ବର୍ଷ ତଳେ ଯେଉଁମାନେ ଏହି ରୋଗରେ ଜୀବନର ଆଶା ଛାଡ଼ି ମରଣର ସମ୍ମୁଖୀନ ହୋଇଥିଲେ ସେମାନେ ଆମର ଏହି ଡ଼. ବି: ଏବଂ ଅଲ୍‌କୋହୋଲ ସେବନ କରି ଏ ପର୍ଯ୍ୟନ୍ତ ବଞ୍ଚି ରହିଛନ୍ତି । ମଧୁମେହର ଚିକିତ୍ସା କଲାବେଳେ ରୋଗୀର ସ୍ନାୟୁମଣ୍ଡଳ ଉପରେ ମଧ୍ୟ ଦୃଷ୍ଟି ରଖିବା କର୍ତ୍ତବ୍ୟ । ଏଥିପାଇଁ ଭାଇଟାଲ୍ ଏସେନ୍ସ ଓ ଡ଼: ବି: ଏକାଠି ମିଶାଇ ସେବନ କରିବାକୁ ଆମେ ପରାମର୍ଶ ଦେଉଛୁ । ପ୍ରତି ସପ୍ତାହରେ ଥରେ ଲେଖାଏ ଡ: ବି:ର ଇଞ୍ଜେକ୍‌ସନ ନେଲେ ଇନ୍‌ସୁଲିନ ଅପେକ୍ଷା ଅଧିକ ଭଲ ଫଳ ମିଳେ ।

ଲକ୍ଷଣ—ରୋଗର ପ୍ରାଥମିକ ଅବସ୍ଥାରେ ରୋଗୀର ତୃଷା ଅଳ୍ପେ ଅଳ୍ପେ ବଢ଼େ । ତେଣୁ ସେ ବେଶି ପାଣି ପିଏ ଏବଂ ବହୁବାର ବହୁ ପରିମାଣରେ ପରିସ୍ରା କରେ । ରୋଗୀର ଭୋକ ଖୁବ୍ ବଢ଼ିଯାଏ । ସେ ବହୁତ ଖାଏ, କିନ୍ତୁ ଦିନକୁ ଦିନ କ୍ଷୀଣ ହୋଇ ଯାଉଥାଏ । ତାର ମାଂସପେଶୀ ସବୁ ଦୁର୍ବଳ ହୋଇଯାଏ ଏବଂ ସ୍ୱଭାବ ଚିଡ଼-ଚିଡ଼ା ହୁଏ । ଦେହର ଚମ, ମୁଖ ଓ ଓଷ୍ଠ ଶୁଖିଲା ଦେଖାଯାଏ । ମୂତ୍ର ପରୀକ୍ଷା କଲେ ଉହିରେ ଚିନି ଥିବାର ଦେଖାଯାଏ ।

ମୁଖ, ଜିହ୍ୱା ଓ ଦନ୍ତରୋଗ (Mouth, Tongue & Teeth Disease)

ମୁଖ ରୋଗ ସାଧାରଣତଃ ପେଟ ଦୋଷରୁ ଜାତ ହୁଏ, ଅର୍ଥାତ୍ ଖାଦ୍ୟ ଉତ୍ତମରୂପେ ପରିପାକ ନ ହେଲେ ଏହା ଉପୁଜେ । ମୁହଁରେ ଘା କିମ୍ବା କ୍ଷତ ଆଦି ହେଲେ ମେଥିଲ୍‌ଓ୍ୱାଟରରେ କୁଳି କର । ପିଲାଙ୍କ ମୁହଁପାଇଁ ମେଥିଲ୍‌ଓ୍ୱାଟର ସହିତ ଚିନି ମିଶାଇ କୁଳି କର । ଜିଭରେ ଘା ହେଲେ ଏବଂ ପାକସ୍ଥଳୀରେ ସେହିପରି କିଛି (Stomatitis) ହେଲେ ଅର୍ଗାନିକ୍ ଓ ଅଲ୍‌କୋହୋଲ୍ ପେଟକୁ ଖାଅ ଏବଂ ମେଥିଲ୍‌ଓ୍ୱାଟରରେ କୁଳି କର । ଜିଭ ଘାଆରେ ମଧ୍ୟ ଏହି ଚିକିତ୍ସା ଭଲ ଫଳ ଦିଏ । ଭୋଜନ ପରେ ବ୍ରାନୋ-ଫେକ୍ସ ଦିଅ ଏବଂ ରୋଗଗ୍ରସ୍ତ ଦାନ୍ତର ଚିକିତ୍ସା କର । ଦାନ୍ତ ଓ ଦାନ୍ତମୂଳ ମାଢ଼ି ଆକ୍ରାନ୍ତ ହେଲେ ପାଚନକ୍ରିୟା ଉପରେ ଅଳ୍ପ ଅଧେ ଏବଂ ଖାଦ୍ୟ ପରିପାକରେ ବାଧା ଆସି ରୋଗ ଉପୁଜେ । ତେଣୁ ଦାନ୍ତ ଓ ଦାନ୍ତମୂଳ ମାଢ଼ିକୁ ରୋଗ ମୁକ୍ତ କରିବାପାଇଁ ଆମର ମେଡ଼ିକେଟେଡ୍ ଟୁଥ ପାଉଡର (ଦନ୍ତମଞ୍ଜନ) ଓ ଡ, ଓ, ଟି ବ୍ୟବହାର କର । ତା ହେଲେ ଆପଣଙ୍କୁ ଯେ ଟିଏ ହେଲେ ଦାନ୍ତ ଓପାଡିବାକୁ ପଡ଼ିବ ନାହିଁ ଓ ଯେଉଁସବୁ ଦାନ୍ତ ହଲୁଥିବ, ସେଗୁଡିକ ମଧ୍ୟ ବସିଯିବ । ସୁଦକ୍ଷ ଦନ୍ତ ଚିକିତ୍ସକ ଆମର ଲୋଡ଼ା, ଦାନ୍ତ ଓପାଡିବାକୁ ନୁହେ ପରନ୍ତୁ ଦାନ୍ତକୁ କିପରି ସୁରକ୍ଷିତ କରି ରଖାଯିବ, ଏବଂ ସେଥିପାଇଁ ଲୋକଙ୍କୁ ଉପଦେଶ ଓ ପରାମର୍ଶ ଦେବା ନିମନ୍ତେ ।

Digitized by srujanika@gmail.com

ଦାନ୍ତମୂଳ ଫୁଲା ଓ ଧରା [Toothache & Gum-Boil]—

ପୀଡ଼ିତ ଦାନ୍ତରେ କିଛି ଫେନୋକାଲ୍ ସାଇନ୍ ଭର୍ତ୍ତି କରି ଦିଅ ଓ ଲଗାଇ ଦିଅ । ପ୍ରତି ଅଧଘଣ୍ଟା କିମ୍ବା ଘଣ୍ଟାକ ଅନ୍ତରରେ ଏହିପରି ଲଗାଉଥାଅ । ପୀଡ଼ା ଓ ଫୁଲା ଏଥିରେ ଅତିଶୀଘ୍ର ଦୂର ହୋଇଯିବ । ଯଦି ଏଥିରେ ତୁରନ୍ତ ଫଳ ନ ମିଳେ ତେବେ ଭଇଁସାଲ ଏସେନ୍ସ ଲଗାଅ । ଦାନ୍ତମୂଳ ଫୁଲିଥିଲେ କିମ୍ବା ଧରିଥିଲେ, ସେଥିପାଇଁ ବଟିକା ଔଷଧ ବ୍ୟବହାର କରିବା ସୁବିଧାଜନକ, କାରଣ ପୀଡ଼ିତ ସ୍ଥାନରେ ବଟିକାକୁ କେତେକ ସମୟ ପାଏ ମାତ୍ର ଧରିବା ସହଜ ହୁଏ । ତେଣୁ ବଟିକା ବ୍ୟବହାରରେ ଶୀଘ୍ର ଆରାମ ମିଳେ ଏବଂ ପୀଡ଼ା ଓ ଫୁଲା ମଧ୍ୟ ଶୀଘ୍ର ଦୂର ହୋଇଯାଏ । ଅଳ୍ପ କେତେକ ଗ୍ରେନ୍ ଫେନୋକାଲ୍ ସାଇନ୍ ଅଳ୍ପ ଗରମ ପାଣିରେ ଗୋଳାଇ କୁଳି କଲେ ମଧ୍ୟ ଭଲ ଫଳ ମିଳେ । ଖାଦ୍ୟ ପରିପାକ ନ ପାଇଲେ ଅଜୀର୍ଣ୍ଣ ହୁଏ, ସେଥିଯୋଗୁଁ ମୁହଁରୁ ସାଧାରଣତଃ ଦୁର୍ଗନ୍ଧ ବାହାରେ । କୋଷ୍ଠବଦ୍ଧତା ଦୂର କରାଇ ପାଚନ କ୍ରିୟାକୁ ଠିକ୍ ବାଟକୁ ଆଣି ସକାଳେ ଓ ଶୋଇଲାବେଳେ ମେଡ଼-କେଟେଡ୍ ଟୁଥ୍ ପାଉଡ଼ର ଯୋଗେ ଦାନ୍ତକୁ ସଫା କର । ପାଇଓରିଆର ଚିକିତ୍ସା ସ୍ୱତନ୍ତ୍ର ଭାବରେ ଅନ୍ୟତ୍ର ଦିଆଯାଇଛି ।

ମୁଣ୍ଡବଥା [Headache] —

ବିଭିନ୍ନ ରୋଗର ଲକ୍ଷଣରୂପେ ମୁଣ୍ଡ ବଥାଇ ପାରେ । ଜ୍ୱର ସମ୍ବନ୍ଧୀୟ ନାନା ରୋଗର ପ୍ରାରମ୍ଭ ଅବସ୍ଥାରେ ଅତି ଉଗ୍ର ଭାବରେ ମୁଣ୍ଡ ବଥାଇବାର ଦେଖାଯାଏ । ସାଧାରଣ ସର୍ଦ୍ଦିରେ ମଧ୍ୟ ମୁଣ୍ଡ ବିନ୍ଧେ । ଏହାଛଡ଼ା ଅନ୍ୟାନ୍ୟ ଯେଉଁ ସବୁ କାରଣରୁ ମୁଣ୍ଡ ବଥାଏ, ସେମାନଙ୍କ ମଧ୍ୟରେ ରକ୍ତହୀନତା, କୋଷ୍ଠବଦ୍ଧତା, ଆଖି ଉପରେ ଅତ୍ୟଧିକ ଜୋର ଦେଇ ଦେଖିବା ଅଭ୍ୟାସ, ଉତ୍କଣ୍ଠା, ସ୍ନାୟୁରୋଗ [Neurosis], ଅଧକପାଳୀ [Migraine] ରୋଗ, ରକ୍ତଚାପ ବୃଦ୍ଧି [High Blood Pressure], ପୁରୁଣା ମୂତ୍ରାଶୟ ରୋଗ ଏବଂ ନାକ, ଦାନ୍ତ ଓ କାନ ରୋଗ ଆଦି ପ୍ରଧାନ ।

ତେଣୁ ମୁଣ୍ଡବଥାର ଚିକିତ୍ସା କରିବାକୁ ହେଲେ ପ୍ରଥମତଃ ଯେଉଁ କାରଣରୁ ମୁଣ୍ଡ ବିନ୍ଧୁଛି, ତାହା ଠିକ୍ କରି ବୁଝି ତଦନୁସାରେ ଚିକିତ୍ସାରେ ଅଗ୍ରସର ହେବାକୁ ହେବ । ମୁଣ୍ଡବଥାର ସାଧାରଣ ଔଷଧ ହେଉଛି ଫେନୋକାଲ୍ ସାଇନ୍ । ବିନ୍ଧା ଅତି ଉଗ୍ର ହେଉଥିଲେ ଡର୍ମୋପିରିନ୍ ଦିଅ । କପାଳରେ ବାମ୍ ମାଲିସ କଲେ ମଧ୍ୟ ଆରାମ ମିଳେ । ମୁଣ୍ଡବଥା ଲାଗି ରହିଥିଲେ ଭଇଁସାଲ୍ ଏସେନ୍ସ ପ୍ରୟୋଗ କର ଏବଂ ଆବଶ୍ୟକ ହେଲେ ତା ସହିତ ଆଇଡ଼ୋଫସ୍ ମଧ୍ୟ ଦିଅ । ପୁରୁଣା ମୁଣ୍ଡବଥାରେ ନର୍ଭୋପ୍ଲେକ୍ସ ଆଉ ଏକ ଉପଯୋଗୀ ଔଷଧ । ବିଶେଷତଃ ସ୍ନାୟୁଗତ ରୋଗ ସଙ୍ଗେ ପାକସ୍ଥଳୀ ଓ ଅନ୍ତ୍ରଗତ ରୋଗ ଥାଇ ମୁଣ୍ଡ ବିନ୍ଧୁଥିଲେ ଏହି ନର୍ଭୋପ୍ଲେକ୍ସ ଚମତ୍କାର

Digitized by srujanika@gmail.com

ଭାମ ଦେଖାଏ । ଉକ୍ତ ମୁଣ୍ଡବଥାରେ ମୂର୍ଚ୍ଛା ଲକ୍ଷ ପଡ଼ଯାଇଥିଲେ ଅମନିଆ ଦଅ । ଯେଉଁ ସବୁ ରୋଗ ମୁଣ୍ଡବଥାର କାରଣ ବୋଲି ଉପରେ ଲୁହାଯାଇଛି, ସେହୁସବୁ ରୋଗର ଚକିତ୍ସା ପ୍ରକରଣ ଦେଖ ।

ଅଧାକପାଳୀ ବନ୍ଧା (Migraine)—

ଅଧାକପାଳୀ ବନ୍ଧା ଆରମ୍ଭ ହେଲମାତ୍ରେ ଫେନୋବାଲସାଇନ୍ ଓ ଭ୍ରଇଟାଲ୍ ଏସେନ୍ସ ଖୁବ୍ ଅଧିକ ମାତ୍ରାରେ ଗରମ ପାଣିରେ ଗୋଳାଇ ଅଳ୍ପ ଅଳ୍ପ ସମୟ ଅନ୍ତରରେ ଦିଅ । କପାଳରେ ବାମ୍ ମାଲିସ କର । ଅତି ଉକ୍ତ ବନ୍ଧାରେ ରୋଗୀକୁ ଗୋଟାଏ ଅନ୍ଧାରିଆ ଘରେ ବିଛଣାରେ ଶୁଆଇ ରଖ । ବନ୍ଧା ଆରମ୍ଭ ହେବା ଆଗରୁ ଅମନିଆ ଅଧିକ ମାତ୍ରାରେ ଗରମ ପାଣିରେ ଗୋଳାଇ ରୋଗୀକୁ ପିଆଇ ଦେଲେ ବନ୍ଧା ରୋକ ହୋଇଯାଏ ।

ବନ୍ଧା ମଝିରେ ଭାଇଟାଲ୍ ଏସେନ୍ସ ଓ ଫେଟ୍ରୋସିଡ୍ ତିନି ତିନି ଗ୍ରେନ୍ ପରିମିତ ମାତ୍ରାରେ ଦିନକୁ ତିନିବାର ଦିଅ । ନର୍ଭୋଫ୍ଲେକ୍ସ ଏକ ଉତ୍ତମ ସହାୟକ ଔଷଧ । କୌଣସି କୌଣସି ପୁରୁଣା ରୋଗୀଙ୍କ ପକ୍ଷରେ ହିକାଲ ବଟିକା ନିୟମିତ ଭାବରେ ସେବନ କଲେ ଅଧାକପାଳୀ ବନ୍ଧା ବନ୍ଦ ହୋଇଯାଏ । କୋଷ୍ଠବଦ୍ଧତା ଯେପରି ନ ହୁଏ ଏବଂ ପାଚନକ୍ରିୟା ସେପରି ଠିକ୍ ଭାବରେ ହୁଏ, ତା ଉପରେ ବିଶେଷ ନଜର ରଖିବା ଆବଶ୍ୟକ । ମାନସିକ ତଥା ଶାରୀରିକ ପରିଶ୍ରମ ଅଧିକ କରିବା ଅନୁଚିତ । ଘିଅ, ତେଲ ଓ ଅନ୍ୟାନ୍ୟ ଚର୍ବିଯୁକ୍ତ ଖାଦ୍ୟ କମାଇ ଖାଅ । ଆଖିରେ ଯଦି କିଛି ଦୋଷ ଥାଏ, ତେବେ ଖାଲି ଆଖିରେ କାମ ନ କରି ଚଷମା ବ୍ୟବହାର କର ।

ଲକ୍ଷଣ—ଆଖିର ଜ୍ୟୋତି କମିଆସିବା, ଅଇ ଉଠାଇବା ଓ ବାନ୍ତି ହେବା ଆଦି ଅଧାକପାଳୀ ବନ୍ଧାର ଲକ୍ଷଣ । ମୁଣ୍ଡ ବା କପାଳର ଗୋଟାଏ ଯାଗାରେ ଖୁବ୍ ଜୋରରେ ପୀଡ଼ା ହୁଏ ଓ ରହେ ଏବଂ ପରେ ରୋଗଟା ବଢ଼ିଲେ ମୁଣ୍ଡର ବା କପାଳର ଦୁଇ ପଟକୁ ଧରେ । ମୁଣ୍ଡ ବିନ୍ଧିବା ଆରମ୍ଭ ହେବା ପରେ ଶୋଇ ପଡ଼ିଲେ ତାହା ବନ୍ଦ ହୋଇଯିବା ଅନେକ ରୋଗୀଙ୍କ ଠାରେ ମଧ୍ୟ ଦେଖାଯାଏ ।

ମୁଣ୍ଡ ଚନ୍ଦା [Falling of Hair and Alopecia]—

ମୁଣ୍ଡ ଚନ୍ଦା ହୋଇ ବାଳ ଉପୁଡ଼ି ଯାଉଥିଲେ ତାହା କୌଣସି ଅଭ୍ୟନ୍ତରୀଣ ରୋଗରୁ ଘଟୁଛି ବୋଲି ବୁଝିବାକୁ ହେବ ଏବଂ ସେଥିପାଇଁ ଅଲ୍‌ବୋସାଙ୍ଗ ସେବନ କଲେ ଯଥେଷ୍ଟ ହେବ ଓ ତଦ୍ଦ୍ୱାରା ବାଳ ଉପୁଡ଼ିବା ବନ୍ଦ ହୋଇଯିବ । ମେଞ୍ଚାକୁ ମେଞ୍ଚା ବାଳ ମୁଣ୍ଡର ଗୋଟିଏ ଗୋଟିଏ ଯାଗାରୁ ଉପୁଡ଼ିଯାଇ ମୁଣ୍ଡ ଚନ୍ଦା ହେଉଥିଲେ କାଇନୋଟୋମାଇନ୍ ମଲମ ଲଗାଅ । (ଏଥିପାଇଁ କାଇନୋଟୋମାଇନ ଔଷଧ ପ୍ରକରଣ ପଢ଼ ।) ନର୍ଭୋଲିନ୍ ମାଲିସ କଲେ ମୁଣ୍ଡରେ ନୂଆ ବାଳ ଗଜାଏ

Digitized by srujanika@gmail.com

ଏବଂ ବାଳ ବଢ଼େ । ତେଣୁ ପ୍ରତିଦିନ ମୁଣ୍ଡରେ ନର୍ଭେ'ଲ୍ ମାଲିସ୍ କର । ନଡ଼ିଆତେଲ ସଙ୍ଗେ ଏହାକୁ ମିଶାଇ ମୁଣ୍ଡରେ ଲଗାଯାଇ ପାରେ ।

ମେଦବୃଦ୍ଧି [Corpulence]—

ଯେଉଁମାନେ ଅସମ୍ଭବ ରକମର ମୋଟା ହୋଇ ଯାଇଥିବେ, ସେମାନେ ସାଲଫୋସ୍ ସେବନ କଲେ ୩ମାସରୁ ୬ମାସ ଭିତରେ ମେଦବୃଦ୍ଧିରୁ ରକ୍ଷା ପାଇ ପିବେ । ଚର୍ବି ବଢ଼ିଥିଲେ ଅଲ୍ ଭୋମାଇ୍ଗ ସେବନରେ ମଧ୍ୟ କମିଯାଏ । ଅଧିକ ମିଠା ଓ ଚର୍ବିଯୁକ୍ତ (Fats) ଖାଦ୍ୟ ଖାଇବା ବନ୍ଦ କର । ନିୟମିତ ଭାବରେ ଫ୍ଲେସ୍କ୍ସ ବ୍ୟବହାର କଲେ ମଧ୍ୟ କେତେକ କ୍ଷେତ୍ରରେ ଏହାଦ୍ୱାରା ଉପକାର ମିଳେ ।

ଯକୃତ୍ ଓ ପ୍ଳୀହା ରୋଗ [Liver & Spleen]—

ଆମ ଶରୀରରେ ଯେତେ ବିତରଣ କେନ୍ଦ୍ର ଅଛି, ଯକୃତ୍ ସେମାନଙ୍କ ଭିତରେ ଗୋଟିଏ ସର୍ବଶ୍ରେଷ୍ଠ କେନ୍ଦ୍ର । ଆମ ଶରୀର ପକ୍ଷରେ ପ୍ଳୀହାର ଉପଯୋଗିତା କେତେ-ଦୂର, ତାହା ଏ ପର୍ଯ୍ୟନ୍ତ ସଠିକ୍ ଭାବରେ ଅବଗତ ହୋଇପାରି ନାହିଁ, ତଥାପି ଏ କଥା ସତ ଯେ, ଆମ ରକ୍ତର ବିଶୁଦ୍ଧତା ଓ ପ୍ରାଚୁର୍ଯ୍ୟ ଏହି ପ୍ଳୀହା ଉପରେ ନିର୍ଭର କରେ । ଅନେକ ଲୋକଙ୍କର ବେଳେବେଳେ ଯକୃତ୍ର କ୍ରିୟା କ୍ଷୀଣ ହୋଇଆସେ ଏବଂ ଯକୃତ୍ ମଧ୍ୟ ବଢ଼ିଯାଏ । ଏପରି ହେବାର ପ୍ରଧାନ କାରଣ ହେଉଛି, ଖିଆପିଆରେ ଅଯତ୍ନ । ତେଣୁ ଯକୃତ୍ର କ୍ରିୟା ଶିଥିଳ ହୋଇ ଆସିଲେ, ତାର ପ୍ରଥମ ପ୍ରତିକାର ହେଉଛି, ଖିଆପିଆରେ ସଯତ୍ନ ହେବା ।

ଯକୃତ୍ର କ୍ରିୟା ଶିଥିଳ ହୋଇ ଆସିଲେ ନିମ୍ନ ଲକ୍ଷଣମାନ ପ୍ରକାଶ ପାଏ:— ସକାଳୁ ଉଠିଲେ ପରେ ପାଟିଟା ଖରାପ ବୋଧହୁଏ । ମିଠା ଖାଇଲେ ପାକସ୍ଥଳୀ ବିଗିଡ଼ିଯାଏ । ବିନା କାରଣରେ ମଝିରେ ମଝିରେ ପିତ୍ତୋଦ୍ରେକ ହୁଏ । ଜିଭ ମଇଳା ରହେ । ଭୁହାକୁ ଭୁହା ମୁଣ୍ଡ ବଥାଏ, ନିୟମିତ ଭାବରେ ଝାଡ଼ା ହୁଏ ନା ଓ କୋଷ୍ଠବଦ୍ଧତା ହୁଏ ।

ଅନିୟମିତ ଓ ଅପରିମିତ ପାନାହାର ଫଳରେ ଯକୃତ୍ ବିଗିଡ଼ିଯାଏ । ତେଣୁ ଖିଆପିଆ ଉପରେ ଦୃଷ୍ଟି ରଖିବା ହେଉଛି ପ୍ରଥମ କର୍ତ୍ତବ୍ୟ । ଖାଦ୍ୟ ଯେପରି ଉତ୍ତମରୂପେ ପରିପାକ ପାଏ ଏବଂ କୋଷ୍ଠବଦ୍ଧତା ନ ହୁଏ, ତା ଉପରେ ମଧ୍ୟ ଦୃଷ୍ଟି ଦେବାକୁ ହେବ । ଯେଉଁସବୁ ଔଷଧ ଯକୃତ୍ ଉପରେ ସିଧା ସଳଖ ପ୍ରଭାବ ପକାଏ, ସେମାନଙ୍କ ମଧ୍ୟରେ ସାଲ୍ ଫୋସ୍, ଜି. ଅଇ. ହରମୋନ୍ସ, ଟେକସାଇନ୍ ଓ ହର୍ବାଲ୍ ବଟର୍ସ ହେଉଛି ପ୍ରଧାନ । ଯକୃତ୍ ଫୁଲି ଯାଇଥିଲେ, ଯୁସ୍ ଜେଷ୍ଟ ହେଉଛି ତାର ପ୍ରଧାନ ଔଷଧ । ବିଶେଷ କରି ମାଲେରିଆ ପରେ ଯକୃତ୍ ଓ ପ୍ଳୀହା ଆକ୍ରାନ୍ତ ହୋଇଥିଲେ ଓଫୋ-କୁଇନାଇନ୍ ହେଉଛି ତାର ପ୍ରାଥମିକ ଔଷଧ । ଶିଶୁ ଓ ପିଲାମାନଙ୍କ ଯକୃତ୍ ରୋଗରେ ମଧ ଏହି ଔଷଧମାନ ବିଶେଷ ଉପକାରୀ । ତରଳ

Digitized by srujanika@gmail.com

ଖାଦ୍ୟ ସଙ୍ଗରେ ଅଲ୍‌ବୋସାଙ୍ଗ ମିଶାଇ ଖୁଆଇଲେ ଶୀଘ୍ର ଆରୋଗ୍ୟଲାଭ ହୁଏ । ଜଳୋଦର (Ascites) ରୋଗରେ ୨ ଗ୍ରେନ୍ ଲେଖାଏଁ ବେଞ୍ଜୋ-ହରମୋନ୍‌ସ ଦିନକୁ ୩ଥର ପେଟକୁ ଖାଇବାକୁ ଦିଅ ଏବଂ ଗୃହଦିନକୁ ଥରେ ଦିନ ଅନ୍ତରରେ ବେଞ୍ଜୋ-ହରମୋନ୍‌ସର (ବା ବେଞ୍ଜୋଟମୋନ୍‌ସର) ୧ ସି. ସି. ଇଂଜେକ୍‌ସନ ଦିଅ । ଉଥାସ୍‌ପାଇନ୍ ମଧ୍ୟ ଖାଇବାକୁ ଦିଅ ।

ମୂତ୍ରକୋଷଗତ ରୋଗ [Kidneys]—

ଏହି ରୋଗରେ ଭୁବାଇ-କୋ ହେଉଛି ବିଶେଷ ଔଷଧ । ପରିସ୍ରାରେ ଏଲ୍‌ବୁମେନ ଥିଲେ ଭୁବାଇ କୋ ଅତ୍ୟନ୍ତ ଉପକାରୀ । ଷ୍ଟୋମାକ୍‌ସ ଓ ଷ୍ଟୋମାଗ୍ ସେବନ କଲେ ମୂତ୍ରସ୍ଥଳୀ ପରିଷ୍କାର ହୋଇଯାଏ । ପରିସ୍ରା ଅଳ୍ପ ହେଲେ ଏବଂ ଅଣ୍ଟା ଓ ପିଠିରେ ପୀଡ଼ା ହେଲେ ମୂତ୍ରକୋଷ ବିଗିଡ଼ି ଥିବାର ଜଣାପଡ଼େ । ସେଭଳି ଅବସ୍ଥାରେ ହର୍ମୋପିରିନ୍ ଓ ଭୁବାଇ-କୋ ଗୋଟିକ ପରେ ଗୋଟିଏ ସେବନ କର ଏବଂ ପୀଡ଼ା ହୋଇଥିବା ସ୍ଥାନ ଉପରେ ବାମ୍ ମାଲିସ କର । ବେଞ୍ଜୋ ହରମୋନ୍‌ସ (ବେଞ୍ଜୋ-ମୋନ୍‌ସ) ମଧ୍ୟ ମୂତ୍ରକୋଷଗତ ରୋଗରେ ବିଶେଷ ଉପକାରୀ ଏବଂ ଏହାକୁ ବ୍ୟବହାର କଲେ ପରିସ୍ରା ଶୀଘ୍ର ସଫାହୁଏ ।

ଲକ୍ଷଣ—ସକାଳେ ଆଖିତଳ ଫୁଲିଲା ପରି ଦିଶେ । ଗୋଇଠିଗଣ୍ଠି [Ankles] ଫୁଲେ, ଅଳ୍ପ ପରିସ୍ରା ହୁଏ ଓ କେତେକ କ୍ଷେତ୍ରରେ ବହୁତ ପରିସ୍ରା ମଧ୍ୟ ହୁଏ । ମୂତ୍ରରେ ଏଲ୍‌ବୁମେନ୍ ଥାଏ । ଦେହରୁ ରକ୍ତ କମିଆସେ, ଅଣ୍ଟା, ପିଠି ଓ ମୁଣ୍ଡରେ ବ୍ୟଥା ହୁଏ ଏବଂ କ୍ଷୁଧା କମିଆସେ ।

ମୂତ୍ରଶୂଳ [Renal Colic] —

ଛୋଟ ଛୋଟ ପଥର ମୂତ୍ରନଳୀବାଟେ ଅସି ସହଜେ ପଦାକୁ ବାହାରି ଯାଏ । କିନ୍ତୁ ବଡ ବଡ଼ ପଥର ମୂତ୍ରନଳୀରେ ଅଟକିଯାଏ । ଏପରି ହେଲେ ରୋଗୀ ଅସହ୍ୟ ଯନ୍ତ୍ରଣା ଅନୁଭବ କରେ । ରୋଗୀ ଏ ଅବସ୍ଥାରେ ପହଞ୍ଚିବା ଆଗରୁ ତା ଅଣ୍ଟାକୁ ଦୁଇ ପାଖରେ ଡରଜ ଅନୁଭବ କରେ ଏବଂ ଆଉ କେବେ କେବେ ମୂତ୍ରକୋଷରେ ଶୂଳ ମଧ୍ୟ ଉଠେ ଏବଂ ବାରମ୍ବାର ପରିସ୍ରା ହେଉଥାଏ । ପରିସ୍ରାରେ ରକ୍ତ ମିଶିଥାଏ । ମୂତ୍ରନଳୀବାଟେ ପଥର ଯେତେବେଳେ ଖସି ଖସି ତଳକୁ ଆସେ, ସେତେବେଳେ ଅସହ୍ୟ ଯନ୍ତ୍ରଣା ହୁଏ । ରୋଗୀ ବାଉଳେଇ କରୁଡ଼ ହୋଇ ଭୁଇଁରେ ଲୋଟିଯାଏ । ତାର ମୁହଁ ବିବର୍ଣ୍ଣ ଦିଶେ, ଦେହ ଥଣ୍ଡା ଜଣାପଡ଼େ ଓ ଗମାଗମ ଝାଳ ବହେ ଏବଂ ନାଡ଼ିର ଗତି ଚଞ୍ଚଳ ହୁଏ । ଏହିଭଳି କେତେକ ସମୟ ରୋଗୀ କଷ୍ଟ ପାଇଲା ପରେ ହଠାତ୍ ପଥର ପଦାକୁ ବାହାରି ଆସେ ଏବଂ ଯନ୍ତ୍ରଣାର ଅବସାନ ହୁଏ ।

ମୂତ୍ରଶୂଳ ଆରମ୍ଭ ହେଲାମାତ୍ରେ ରୋଗୀକୁ ବିଛଣାରେ ଶୁଆଇ ରଖ । ଚିକିତ୍ସା ପାଇଁ 'ପୀଡ଼ା ଓ ଶୂଳ' ଚିକିତ୍ସା ତଳେ ଯେପରି ଲେଖାଯାଇଛି, ସେହିପରି କର ।

Digitized by srujanika@gmail.com

ଏକ୍ସ-ରେ ଦ୍ୱାରା ବଡ଼ ପଥର ମୂତ୍ରନଳୀରେ ଅଟକି ଥିବାର ଯଦି ଜଣା ପଡ଼େ, ତେବେ ଅସ୍ତ୍ର ଚିକିତ୍ସକଙ୍କ ଦ୍ୱାରା ରୋଗୀର ଚିକିତ୍ସା କରାଅ ।

ମୂତ୍ରଦୋଷ (Urinary Troubles)—

ଏଥିପାଇଁ ମୂତ୍ରକୋଷଗତ [Kidneys] ରୋଗର ଚିକିତ୍ସା ଦେଖ । ବହୁମୂତ୍ର ରୋଗରେ କମ୍ପା ସ୍ନାୟବିକ ଦୁର୍ବଳତାରେ ଅଧିକ ପରିସ୍ରା ହୋଇପାରେ । ବହୁମୂତ୍ର ପାଇଁ ଓ: ବ: ଏବଂ ସ୍ନାୟବିକ ଦୁର୍ବଳତା ପାଇଁ ଫ୍ରକ୍ଟୋ-ଲାଇମ୍ ଏବଂ ଓ. ଏସ୍. ଏସ୍. ଦିଅ । ପରିସ୍ରା ବନ୍ଦ କରିବା ପାଇଁ ଟନିଅମ୍-କୋ ଦିଅ ଓ ସେକ ଦିଅ । ଟୋପା ଟୋପା ହୋଇ ପରିସ୍ରା ପଡ଼ୁଥିଲେ ଭୁସଇ-କୋ ପ୍ରୟୋଗ କର । ପରିସ୍ରା କଲେ କଷ୍ଟ ହେଉଥିଲେ ଭୁସଇ-କୋ ଓ ଟନିଗ୍ରୁମ-କୋ ଗୋଟାକ ପରେ ଗୋଟାଏ ଦିଅ । ପରିସ୍ରା ବେଳେ ଜଳାପୋଡ଼ା ହେଉଥିଲେ, ବିଶେଷ କରି ଗନୋରିଆ ରୋଗ ଥିଲେ, ଅର୍ଜନହର୍ତ୍ତସ୍ ଓ ବେଞ୍ଜୋ ହରମୋନସ୍ ବ୍ୟବହାର କର । ପରିସ୍ରାରେ ରକ୍ତ ପଡ଼ୁଥିଲେ ଘାନି ନାଇଟ୍ରେଟ୍ ଦିଅ । ଷ୍ଟୋଲିକ୍ସ ସେବନକଲେ ପରିସ୍ରା ସୁରୁଖୁରୁରେ ସଫା ହୁଏ । ପରିସ୍ରାରେ ଶୁକ୍ର ସ୍ଖଳିତ ହୋଇ ଆସୁଥିଲେ ସେକ୍ରିନ୍ ବ୍ୟବହାର କର । ଅଲ୍‌ବୋସାଙ୍ଗ ମଧ୍ୟ ଏଥିରେ ଉପକାର କରେ । କୋଷ୍ଠବଦ୍ଧତା ଉପରେ ଅଗ୍ନି ରଖ । ପରିସ୍ରାରେ ଫସଫେଟ ଥିଲେ ଅଲ୍‌ବୋସାଙ୍ଗ ଓ ଫ୍ରକ୍ଟୋଲାଇମ୍ ଦିଅ । ପିଲାଏ ରାତିରେ ଶୋଇଲାବେଳେ ବିଛଣାରେ ମୂତ୍ର ପକାଉଥିଲେ ଭାଇଟାଲ୍ ଏସେନ୍ସ ଏବଂ ଓ: ଏସ୍: ଏସ୍. ଦିଅ । ପ୍ରସ୍ରାବରେ ଏଲବୁମେନ ବାହାରୁଥିଲେ, ଭୁସଇ-କୋ ଉପକାରୀ । ଅଳ୍ପ ପରିସ୍ରା ହେଉଥିଲେ, ବେଞ୍ଜୋ-ହରମୋନସ୍ ଦିଅ । ଏ ସମ୍ବନ୍ଧରେ ଆଉ ଅଧିକ କଥା ଜାଣିବାକୁ ହେଲେ, ବୃକ୍କଜ ରୋଗର ଚିକିତ୍ସା ପ୍ରକରଣ ପଢ଼ ।

ପିତ୍ତଶୂଳ (Biliary Colic)—

ବେଳେବେଳେ ପିତ୍ତକୋଷ ଭିତରେ ଥିବା ପଥର [Gall Stone] ଏତେ ଛୋଟ ହୋଇଥାଏ ଯେ, ସହଜରେ ପିତ୍ତପ୍ରଣାଳୀ ବାଟେ ବାହାରି ଅସି ଛୋଟ ଅନ୍ତ ଭିତରେ ପଡ଼େ, ଆଉ ବେଳେବେଳେ ସେହି ପଥର ଗୁଡ଼ିକ ବଡ଼ ହୋଇଥିବା ହେତୁ ପିତ୍ତପ୍ରଣାଳୀବାଟେ ବଡ଼ କଷ୍ଟରେ ଆସେ ଏବଂ ତା ଫଳରେ ଅସହ୍ୟ ବେଦନା ହୁଏ । ଏହି ବେଦନାକୁ ପିତ୍ତଶୂଳ ବୋଲାଯାଏ । ଏହି ଶୂଳ ହଠାତ୍ ଡାହାଣ ପଞ୍ଜରାର ତଳେ ତଳେ ଉଠେ । ଏତେ କଷ୍ଟ ହୁଏ ଯେ ରୋଗୀ କଳା ପଡ଼ିଯାଇ ବିବର୍ଣ୍ଣ ଦେଖାଯାଏ, କପାଳରେ ଗାଧୋଇ ପଡ଼େ ଏବଂ ତା ନାଡ଼ିର ଗତିବେଗ ତୀବ୍ର ହୋଇଉଠେ ଓ କ୍ଷୀଣ ହୁଏ । ସାଧାରଣତଃ ବାନ୍ତି ହୁଏ । ପଥର ଯଦି ପିତ୍ତ ପ୍ରଣାଳୀରେ ଅଧିକ ସମୟ ଅଟକି ରହେ, ତେବେ ଅସହ୍ୟ ବେଦନା ହେବା ସଙ୍ଗେ ସଙ୍ଗେ ଦେହର ଚମ କଳା ପଡ଼ିଯାଏ ଏବଂ ଆଖିର ଧଳା ଅଂଶ ହଳଦିଆ ଦେଖାଯାଏ । ଅଟକି ଯାଇଥିବା

Digitized by srujanika@gmail.com

ପଥର ହେଁଚ ଅନ୍ତ୍ରରେ ପଡ଼ିଯାଇ ଗଲେ ଏହି ଶୂଳ ସାଧାରଣତଃ ବନ୍ଦ ହୋଇଯାଏ । ଏହାର ଚିକିତ୍ସା କଥା 'ପୀଡ଼ା ଓ (Colic) ଶୂଳ' ତଳେ ଦେଖ ।

ଖିଆପିଆ ସାବଧାନ ହୋଇ କର । କୋଷ୍ଠବଦ୍ଧତା ଥିଲେ ଜୁଲାବ୍ ବାହାର ସେବନ କର । ଦିନ ଭିତରେ ଯଥେଷ୍ଟ ପାଣି ପିଅ । ଅତିରିକ୍ତ ଭୋଜନ ବର୍ଜନୀୟ । ଷ୍ଟେହ ଓ ଚର୍ବିଯୁକ୍ତ ଖାଦ୍ୟ ପରିହାର କରିବା ଉଚିତ । ଫଳ ଓ ଶାକସବଜି ଯଥେଷ୍ଟ ଖାଅ । ଯକୃତ୍‌କୁ କର୍ମଠ ଅବସ୍ଥାରେ ରଖିବା ପାଇଁ ବ୍ୟାୟାମ ଓ ଭ୍ରମଣ କରିବା ନିହାତି ଆବଶ୍ୟକ ।

ରତିଜ ରୋଗ (Venereal Diseases) —

ଏହା ଜନନେନ୍ଦ୍ରିୟଗତ ରୋଗ । ଏ ରୋଗ ହେଲେ ରୋଗୀ ଲଜ୍ଜିତ ହୋଇ ରହେ । ରୋଗୀର ଅବସ୍ଥା ଏତେ ଖରାପ ହୁଏ ଯେ, ଅନ୍ୟମାନେ ତାହା ଦେଖି ଭୟଭୀତ ହୋଇ ଯାଆନ୍ତି । ଏ ରୋଗ କେବଳ ଯେ ରୋଗୀର ଜୀବନକୁ ନଷ୍ଟ କରେ, ତା ନୁହେଁ; ପରନ୍ତୁ ବଂଶ ପରଂପରାକ୍ରମେ ତା ବଂଶର ନିର୍ଦ୍ଦୋଷ ଲୋକମାନଙ୍କ ଜୀବନକୁ ବି ନଷ୍ଟ କରେ । ସଦାଚାର ଓ ନୈତିକ ଶିକ୍ଷାର ଅଭାବରେ ଏହି ରୋଗ ମନୁଷ୍ୟ ସମାଜରେ ବ୍ୟାପେ । ଦେଶୀୟ ଓ ଫୌଜଦାରୀ ଦଣ୍ଡବିଧି ଆଇନରେ ମଣିଷକୁ ଅନ୍ୟାୟ ଓ ଅନୀତିର ଭୁଲ ବାଟରୁ ଠିକ ବାଟକୁ ଆଣିବା ପାଇଁ ନାନା ବିଧାନ ଅବଶ୍ୟ ଖଞ୍ଜାଯାଇଛି; କିନ୍ତୁ କେବଳ ନୈତିକ ଶିକ୍ଷାହିଁ ତାକୁ ଭୁଲ ବାଟରୁ ଆଣିବାରେ ସମର୍ଥ ହେଉଛି ।

ମେହ (Gonorrhoea)—

ଉଗ୍ର ଅବସ୍ଥାରେ ରୋଗୀକୁ ବିଛଣାରେ ଶୁଆଇ ରଖ ଏବଂ ଖାଇବାକୁ ଦୁଧ ଆଦି ତରଳ ଖାଦ୍ୟ ଦିଅ । ପରିସ୍ରା ବେଳେ ଜ୍ୱାଳାପୋଡ଼ା ହେଲେ ପ୍ରତି ଚାରି ଘଣ୍ଟାରେ ୨ ଗ୍ରେନ୍ ଲେଖାଏଁ ଆର୍କେଲିହର୍ଓସ ଓ ୩ ଗ୍ରେନ୍ ଲେଖାଏ ସୁଲଫାସିନ ମିଶାଇ କରି ଦିଅ । ଦିନକୁ ୨,୩ ଥର ଗୋଟିଏ ଚାମଚରେ ଏକ ଚାମଚ ଶ୍ଲେଲ୍ସକ୍ସ ଯଥେଷ୍ଟ ପାଣିରେ ଗୋଳାଇ ଖୁଆଅ । ଏହିଭଳି ଚିକିତ୍ସାରେ ରୋଗର ଉଗ୍ରରୂପ ଶୀଘ୍ର ଦୂର ହୋଇଯାଏ । ରୋଗ ନୂଆ ହୋଇଥାଉ ବା ପୁରୁଣା ହୋଇଥାଉ, ବେଣ୍ଟୋ-ହରମୋନ୍ସ ପେଟକୁ ଖୁଆଇ ସେହି ବେଣ୍ଟୋ-ହରମୋନ୍‌ରେ ଇଞ୍ଜେକ୍-ସନ୍ ଦେଲେ ଯଥେଷ୍ଟ ଉପକାର ମିଳେ । ମେଥିଲ୍ଓଡ଼ ବି ଖାଇବାକୁ ଦିଅ । ରୋଗ ପୁରୁଣା ହୋଇଥିଲେ ସେହି ମେଥିଲ୍ଓଡ଼୍‌ରେ ମୂତ୍ରନଳୀକୁ ଧୋଇଲେ ଭଲ ଫଳ ମିଳେ । ପୀଡ଼ା ଦୂର କରିବା ବିଷୟରେ ମ୍ୟାଗନାଇନ ଏକ ଉତ୍ତମ ହୋମିଓ ଔଷଧ ।

ଅଧିକାଂଶ ସ୍ଥଳରେ ଏତିକମାତ୍ର ଚିକିତ୍ସାହିଁ ରୋଗୀ ପକ୍ଷରେ ପର୍ଯ୍ୟାପ୍ତ ହୁଏ । କିନ୍ତୁ ପୂଜ ପଡ଼ିବା ବନ୍ଦ ହୋଇଗଲେ ରୋଗ ଭଲ ହୋଇଗଲା ବୋଲି ବିଚାରିବା ଠିକ୍ ନୁହେଁ । ଥରେ ଏ ରୋଗ ହେଲେ ରୋଗୀର ସାରା ଶରୀରରେ ତାର ବିଷ

ସଞ୍ଚିତହୁଏ ଏବଂ ତା ଫଳରେ ସାରା ଶରୀର ଗୋଟାଏ ବିଷ ଭଣ୍ଡାରରେ ପରିଣତ ହୁଏ । ଏହି ବିଷକୁ ନଷ୍ଟ କରିବାପାଇଁ ସକାଳ ଓ ସନ୍ଧ୍ୟାରେ ୨ ଗ୍ରେନ ଲେଖାଏ ଅମ୍ବୋବିନ ବଟେର୍ କିମ୍ବା ଚୂର୍ଣ୍ଣକର୍ ବ୍ୟବହାର କରିବାକୁ ହେବ । ରୋଗର ଜଡ଼ ମାରିଦେବା ପାଇଁ ଅଲବୌସାଙ୍ଗ ଖାଇଲେ ଭଲ ଫଳ ମିଳେ । ରକ୍ତକୁ ବିଶୁଦ୍ଧ କରିବାକୁ ହେବ ଏବଂ ରୋଗ ଯେପରି ପୁଣି ନ ଲେଉଟେ, ସେଥିପାଇଁ ବ୍ୟବସ୍ଥା କରିବାକୁ ହେବ । ରକ୍ତଶୁଦ୍ଧି ପାଇଁ ଉପଯୁକ୍ତ ବ୍ୟବସ୍ଥା କରା ନ ଗଲେ ରତିଜ ବିଷ ଦେହରେ ଲୁଚି ରହେ ଏବଂ ରୋଗୀର ଟିକିଏ ଶକ୍ତି କମିଗଲେ ନୂଆ ନୂଆ ରୋଗର ଆବିର୍ଭାବ ହୁଏ । ଉପରେ ଯେପରି କୁହାଗଲା, ସେହିପରି ଯଦି ତୁରନ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଏ, ତେବେ ମେହ ରୋଗର ଉଗ୍ରତା ଓ ବେଗ ଶୀଘ୍ର ନଷ୍ଟ ହୋଇଯାଏ । କିନ୍ତୁ ଅବହେଳା ହେତୁ ରୋଗଟା ଯଦି ପୁରୁଣା ହୋଇ ଯାଇଥାଏ କିମ୍ବା ଅତି କଠିନ ଅବସ୍ଥାରେ ପହଞ୍ଚିଥାଏ, ତେବେ ଅନ୍ୟ ଔଷଧ ସେବନ କରିବା ଦରକାର ହୁଏ । ପୂଜ ଯଦି ଖୁବ୍ ଗାଢ଼ ହୋଇ ସକାଳକୁ ଲିଙ୍ଗ ମୁହଁରେ ଜମି ଯାଉଥାଏ, କିମ୍ବା ପୂଜ ଯଦି ଗାଢ଼ ହୋଇ ହଳଦିଆ କିମ୍ବା ଶାଗୁଆ ଦେଖାଯାଏ, ତେବେ ସ୍ୱସକେଣ୍ଟି ଦିଅ । ଏଥିରେ ଯଦି ତୁରନ୍ତ ଫଳ ନ ମିଳେ, ତେବେ କ୍ରୋମାଇନ୍ ଦିଅ । ମେଥିଲ୍ଓଡ଼ରେ ମୂତ୍ରନଳୀ ଭିତରକୁ ଧୋଇବା ଗୁଲ୍ଲବଶ । ତଦ୍ଵାରା ଶୀଘ୍ର ଆରୋଗ୍ୟ ମିଳେ । ମେହ ଖୁବ୍ ପୁରୁଣା ହୋଇଗଲେ ଇଂରେଜୀରେ ତାକୁ ଗ୍ଲିଟ୍ (Gleet) କୁହାଯାଏ । ସେଭଳି ଅବସ୍ଥାରେ ସକାଳ ଓ ସନ୍ଧ୍ୟାରେ ସୁର୍ଗ୍ଣା ସଲଫସ୍ ଏବଂ ଦୁଇ ପହରେ ଓ ରାତିରେ ଶୋଇଲା ବେଳେ ବ୍ରାହ୍ମୀମ୍ଡ଼ାଇନ ଦିଅ । ରୋଗର ଉଗ୍ର (acute) ଅବସ୍ଥାରେ ରୋଗୀକୁ ଲଘୁପାକ ଆହାର ଦିଅ ଏବଂ ତାହିଁରେ ଅଧ ଚାମଚ ଅଲ୍‌ବୋସାଙ୍ଗ ମିଶାଅ । ସାଧାରଣ ଭାବରେ ସବୁ ମେହରୋଗୀଙ୍କ ପ୍ରତି ଏ ନିୟମ । ଭିନ୍ନ ଭିନ୍ନ କ୍ଷେତ୍ରରେ ରୋଗୀର ଅବସ୍ଥା ଓ ଆବଶ୍ୟକତାକୁ ଜାଣି ବ୍ୟବସ୍ଥା କରିବାକୁ ହେବ । ମୂତ୍ରନଳୀ ଗଲଗଲ ହେଉଥିଲେ କ୍ରୋମାଇନ ପ୍ରୟୋଗ କର ।

ସ୍ତ୍ରୀଲୋକମାନଙ୍କୁ ଏହି ରୋଗ ହେଲେ ବିଶେଷ ବାହାର (External) ଚିକିତ୍ସାର ଆବଶ୍ୟକ ହୁଏ । ଦିନକୁ ଦୁଇବାର ମେଥିଲ୍ଓର୍ଡ଼ରେ ଯୋନିକୁ ଧୋଇ ସଫାକର, ସକାଳ ଓ ସନ୍ଧ୍ୟାରେ ଅର୍ଜିଲହର୍ଓସ ଓ ବେଞ୍ଜୋ-ହମୋନିସ୍ (ବେଞ୍ଜୋ-ମୋନିସ) ଏବଂ ଦୁଇପହରେ ଓ ରାତିରେ ଶୋଇଲାବେଳେ ଦୁଇ ଗ୍ରେନ୍ ଅମ୍ବୋବିନ୍ ଖାଇବାକୁ ଦିଅ । ରୋଗୀର ଅବସ୍ଥା ଭଲ ଆଡ଼କୁ ଆସିବା ସଙ୍ଗେ ସଙ୍ଗେ ଔଷଧର ମାତ୍ରା ପରିମାଣ କମାଇବାକୁ ଓ ସେବନର ବ୍ୟବଧାନ ସମୟ ବଢ଼ାଇବାକୁ ହୁଏ । ରକ୍ତଶୁଦ୍ଧି ପାଇଁ ପୁରୁଷଙ୍କ ପକ୍ଷରେ ଯାହା କରଣୀୟ, ସ୍ତ୍ରୀଲୋକମାନଙ୍କପକ୍ଷରେ ମଧ୍ୟ ସେଇଆ କରଣୀୟ ।

ଲକ୍ଷଣ—ପରିସ୍ରା ନଳୀ ଫୁଲିଯାଏ ଏବଂ ପରିସ୍ରା କଲାବେଳେ ଅସହ୍ୟ ଯନ୍ତ୍ରଣା ହୁଏ । ପ୍ରଥମେ ପତଳା ପାଣିପରି ପୂଜ ଆସେ, ପରେ ତାହା ଗାଢ଼ ହୋଇଯାଏ

Digitized by srujanika@gmail.com

ସେହିର କୀଟାଣୁ ରକ୍ତରେ ପଶି ସାରା ଶରୀରର ସମସ୍ତ ରକ୍ତକୁ ଦୂଷିତ ଓ ବିଷାକ୍ତ କରିଦିଏ । ଏହି କୀଟାଣୁ ସ୍ତ୍ରୀଲୋକମାନଙ୍କ ଗର୍ଭାଶୟରେ ପହଞ୍ଚି ଡିମ୍ବବାହୀ ନାଳି [Fallopian tube] ଭିତରେ ମଧ୍ୟ ରୋଗ ଉତ୍ପାଦନ କରନ୍ତି ।

ଉପଦଂଶ [Syphilis]

ଏହାର ବିଶେଷ ଔଷଧ ହେଉଛି ଅକଟିଅମ । ଇଞ୍ଜେକସନ ରୂପେ ଏହାକୁ ବ୍ୟବହାର କରାଯାଇ ପାରେ, ଟେସ୍‌କୁ ଖିଆଯାଇ ପାରେ ଏବଂ ମଲମ ରୂପେ ବାହାରେ ମାଲିସ କରାଯାଇ ପାରେ । ଏହି ତିନିପ୍ରକାର ବ୍ୟବହାର ପ୍ରଣାଳୀରୁ ଯେ କୌଣସି ଦୁଇ ପ୍ରକାର ପ୍ରଣାଳୀ ଅବଲମ୍ବନ କଲେ ବେଶ ଭଲ ଫଳ ମିଳେ । ଅକଟିଅମକୁ ଇଞ୍ଜେକସନ ରୂପେ ବ୍ୟବହାର କଲେ ପ୍ରତି ଚାରି ଚାରି ଦିନରୁ ସାତ ସାତ ଦିନ ଅନ୍ତରରେ ଥରେ ଲେଖାଏଁ ଦିଆଯାଇ ପାରେ । ଉପଦଂଶ ଜନିତ ଘାଆ ଉପରେ ଅକଟିଅମର ମଲମ ମାଲିସ କର ଏବଂ ଏକ ଗ୍ରେନରୁ ୨ ଗ୍ରେନ ଯାଏ ଦିନକୁ ୩।୪ ଥର ଖାଇବାକୁ ଦିଅ । ରୋଗର ଉଗ୍ର ଅବସ୍ଥା ଓ ପ୍ରତ୍ୟକ୍ଷ ଲକ୍ଷଣ ଦୂର ହୋଇଗଲା ପରେ ବ ଦିନକୁ ଦୁଇଥର ଲେଖାଏଁ ଅକଟିଅମ ଦିଅ ଏବଂ ଏହାର କିଛିଦିନ ପରେ ରକ୍ତଶୁଦ୍ଧି ପାଇଁ ଅୟୋଡିନ ଦିଅ । ପ୍ରଥମାବସ୍ଥାରେ ଉପଦଂଶ ଯେତେବେଳେ ଉଗ୍ରରୂପରେ ଦେଖା ଦେଉଥାଏ ସେତେବେଳେ ଯେ କେବଳ ଅକଟିଅମ ଉପକାରୀ, ତା ନୁହେଁ, ରୋଗଟା ପୁରୁଣା ଓ ବଂଶଗତ ହୋଇଯାଇଥିଲେ ମଧ୍ୟ ତାହା ଖୁବ କାମ ଦେଖାଏ । ଉପଦଂଶର ଦ୍ୱିତୀୟ ଅବସ୍ଥାରେ ଦେହରେ ଯେତେବେଳେ ଘା ଫୁଟିପଡ଼େ ସେତେବେଳେ ମଧ୍ୟ ଅକଟିଅମ ଭଲ କାମ ଦିଏ । ଉପଦଂଶ ରୋଗର ଚିକିତ୍ସାରେ ଅଉରାଟିନମ ଓ ଅୟୋଡିନ ଦର୍ଓଟିଯାଇ ପରସ୍ପରର ସହାୟକ ଔଷଧ ଏବଂ ସେମାନଙ୍କ ସହିତ ଅକଟିଅମ ମିଶାଇ ଚିକିତ୍ସା କରାଗଲେ ଉପଦଂଶ ରୋଗର ଅତି ସନ୍ତୋଷଜନକ ଚିକିତ୍ସା ହୁଏ ଏବଂ ରୋଗ ସମୂଳେ ଦୂର ହୋଇଯାଏ ।

ଲକ୍ଷଣ—ଉପଦଂଶର କୀଟାଣୁ ପ୍ରବେଶ କଲାମାତ୍ରେ ପ୍ରବେଶ ସ୍ଥାନଟି ଲାଲ ହୋଇଯାଏ ଏବଂ ସେଠାରେ ଘା ବାହାରେ । ସେ ଘା କ୍ରମେ ବଢ଼େ ଏବଂ କଠିନ ମାଲୁମ ହୁଏ । ତା ନିକଟରେ ଥିବା ଗ୍ରନ୍ଥି ଗୁଡ଼ିକ ମଧ୍ୟ ଟାଣ ଓ କଠିନ ଜଣାପଡ଼େ, କିନ୍ତୁ ଫୁଲେ ନା । ଏହା ରୋଗର ପ୍ରାଥମିକ ଅବସ୍ଥା । ଏହାର * ସପ୍ତାହଠାରୁ ୮ ସପ୍ତାହ ପରେ ରୋଗର ଦ୍ୱିତୀୟ ଅବସ୍ଥା ଦେଖାଯାଏ । ଏ ଅବସ୍ଥାରେ ଦେହସାରା ଘାଆ ଫୁଟିପଡ଼େ । ଗ୍ରନ୍ଥିମାନ ଫୁଲି ବଢ଼ିଯାଏ । କଣ୍ଠସ୍ୱର ବସିଯାଏ, ଅଳ୍ପ ଅଳ୍ପ ଜ୍ୱର ହୁଏ, ଭାରି ଖରାପ ଲାଗେ, ବାଳ ଉପୁଡ଼େ ଏବଂ ଦେହରୁ ରକ୍ତ କମିଯାଏ । ତୃତୀୟ ଅବସ୍ଥାରେ ଏହିସବୁ ଲକ୍ଷଣ ବଢ଼ିଯାଇ ଅଧିକ ସୁସ୍ପଷ୍ଟ ହୁଏ ଏବଂ ସ୍ନାୟୁମଣ୍ଡଳୀ ଉପରେ ମଧ୍ୟ ପ୍ରଭାବ ବିସ୍ତାର କରେ ।

Digitized by srujanika@gmail.com

ବିଶେଷ କଥା—

ନିତିଜ ରୋଗର ବିଷଯୋଗେ ରକ୍ତ ଦୂଷିତ ହୋଇଯାଇଥିଲେ ତାକୁ ବିଶୁଦ୍ଧ କରିବା ପାଇଁ ଆଲ୍‌ବୋସାଙ୍ଗ, କି: ଆଇ: ହରମୋନ୍‌ସ୍‌, ସାଲଫୋସ୍‌, ଫେଫ୍‌ଟୋସିଡ୍‌ ଏବଂ ସେପ୍‌ଟୋଜାର୍ମ ଅତ୍ୟନ୍ତ ଉପଯୋଗୀ କିନ୍ତୁ ଅକ୍ଟିଯୁମ ଓ ଅଯୋଗିବନ ଦୂଷିତ ରକ୍ତର ପ୍ରତ୍ୟକ୍ଷ ଲକ୍ଷଣ ଗୁଡ଼ିକ ଉପରେ ସିଧା ସଳଖ ପ୍ରଭାବ ପକାଇ ତୁରନ୍ତ କାମ ଦେଖାଏ । ପ୍ରତ୍ୟକ୍ଷ ଲକ୍ଷଣମାନ ଦୂର ହୋଇଗଲେ ଉପରେ ଯେଉଁ ଔଷଧଗୁଡ଼ିକର ନାମୋଲ୍ଲେଖ କରାଯାଇଅଛି, ସେଗୁଡିକ ରକ୍ତଶୁଦ୍ଧି ପାଇଁ ଗର୍ଯ୍ୟାପ୍ତ ହୁଏ, ତେଣୁ ଅକ୍ଟିଯୁମ ଓ ଅଯୋଗିବନ ବ୍ୟବହାର ଏକାବେଳକେ ବନ୍ଦ କରି ଦିଆଯାଇପାରେ କିମ୍ବା ଅଳ୍ପ ଅଳ୍ପ ମାତ୍ରାରେ ବ୍ୟବହାର କରାଯାଇ ପାରେ ।

ରକ୍ତଗତ ରୋଗ (Blood Diseases)

ଆଲ୍‌ବୋସାଙ୍ଗ ସେବନରେ ରକ୍ତ ବିଶୁଦ୍ଧ ହୁଏ ଏବଂ ତାର ଉତ୍ତମତା ମଧ୍ୟ ବଢ଼େ । ରକ୍ତଚାପ ବୃଦ୍ଧି ପାଇଥିଲେ (High Blood Pressure) ଦିନକୁ ଥରେ କିମ୍ବା ଦୁଇଥର ଅଲ୍‌ବୋସାଙ୍ଗ ଦିଅ ଏବଂ ସକାଳେ ଓ ରାତିରେ ଶୋଇଲାବେଳେ ଅଭରାଟିନମ୍ ଦିଅ । କିନ୍ତୁ ଏ ସମସ୍ତ ଆଗରୁ କୋଷ୍ଠବଦ୍ଧତା ଥିଲେ ତାକୁ ଆଗ ଦୂର କର ଏବଂ ଏଥିପାଇଁ ଡ୍ରୋଲ୍ଲିକ୍‌ସ ଦିଅ । ରକ୍ତଚାପ କମିଯାଇଥିଲେ ଅଲ୍‌ବୋସାଙ୍ଗ ତାକୁ ବଢ଼ାଇ ନିଯ୍ମିତ ଅବସ୍ଥାକୁ ଆଣେ ଏବଂ ବଢ଼ିଯାଇଥିଲେ କମାଇ ଦିଏ । ରକ୍ତଚାପ ବୃଦ୍ଧିପାଇ ମୁଣ୍ଡ ବୁଲାଉଥିଲେ ଅମ୍ପିଗ୍ଲିଆ ଓ ଅଇଡ୍ରୋଫସ ଅତୀବ ଉପଯୋଗୀ ଏବଂ ଅଭରାଟିନମ୍ ସଙ୍ଗେ ଏ ଦୁଇ ଔଷଧକୁ ମିଶାଇ ସେବନ କରି ଯାଇପାରେ । ରକ୍ତଚାପ ବୃଦ୍ଧିରେ ତୁରନ୍ତ ଫଳଲାଭ ପାଇଁ ପ୍ରତି ଦୁଇ ଦୁଇ ଘଣ୍ଟା ଅନ୍ତରରେ ଅମ୍ପିଗ୍ଲିଆ ଦିଅ ଏବଂ ଲକ୍ଷଣମାନ ଦୂର ହେଲେ ବନ୍ଦ କର । ଭୋଜନ ପରେ ନିତପ୍ରତି ଯଦି ସ ଲଫାସ ନିଯ୍ମିତ ଭାବରେ ସେବନ କରାଯାଏ, ତେବେ ରକ୍ତଚାପ ବୃଦ୍ଧି ହେବ ନାହିଁ । ଖାଇଲା ବେଳେ ବେଶୀ ଗୁଡ଼ାଏ ନ ଖାଇ ସାଧାରଣ ଭାବରେ ତୁମର ନିଯ୍ମିତ ଖାଦ୍ୟ ଖାଅ । ମାଂସ, ଚୁହା ଓ ତମାଖୁ ଆଦି ଖାଇବା କମାଇ ଅଣ । ଅଧିକ ପରିଶ୍ରମ କରନାହିଁ, ଆରାମରେ ରୁହ । ଉତ୍ତେଜନା ଅସଲଭଳ ଚୌଣସି ଚିନ୍ତା, କାର୍ଯ୍ୟ ବା ଦୃଶ୍ୟ ଦେଖନା ଏବଂ ଦୁଶ୍ଚିନ୍ତା ହାତରୁ ନିଜକୁ ବଞ୍ଚାଅ ।

ଲକ୍ଷଣ—ପ୍ରୌଢ଼ ଅବସ୍ଥା ବା ମଝି ଉମରରେ ଏବଂ ବୃଦ୍ଧ ବୟସରେ ରକ୍ତଚାପ ବୃଦ୍ଧି (High Blood Pressure) ଏକ ବିଷମ ଯନ୍ତ୍ରଣାଦାୟକ ରୋଗ । ଏହା ଫଳରେ ମୁଣ୍ଡ ବିନ୍ଧେ, ମୁଣ୍ଡ ବୁଲାଏ, କାନରେ ଭୋ ଭୋ ଶବ୍ଦ ଶୁଭେଯାଏ । ଟିକିଏ କ୍ଲାନ୍ତ ହେଲେ ଅଣନିଶ୍ୱାସୀ ହୋଇଗଲା ପରି ବୋଧହୁଏ ଏବଂ ଛାତି ଧଡ଼ ଧଡ଼ ହୁଏ । ରାତିରେ ନିଦ ହୁଏ ନାହିଁ ଏବଂ ଚିଡ଼ଚିଡ଼ା ସ୍ୱଭାବ ହୁଏ । ରୋଗଟା ଖୁବ୍ ବଢ଼ିଗଲେ ନାକ ଓ କାନରୁ ରକ୍ତ ପଡ଼େ, ହାତ ଗୋଡ଼ ଆଦି ଅଙ୍ଗ ପ୍ରତ୍ୟଙ୍ଗ ଥଣ୍ଡା ହୋଇଥାସେ ଓ ଆଖିର ଜ୍ୟୋତି ମଧ୍ୟ କମିଅସି କିଛି ସମୟ ପାଇଁ ଦେଖ ଯାଏ ନା ।

Digitized by srujanika@gmail.com

ରକ୍ତସ୍ରାବ (Bleeding or Haemorrhage)—

ରକ୍ତ ବାହାରିବା ବନ୍ଦ କରିବାକୁ ହାମାମେଲିସ୍ ପ୍ରଧାନ ଔଷଧ। ରକ୍ତ ବାହାରିବା ହେତୁ ରୋଗୀ ଯେତେବେଳେ ଖୁବ୍ ଦୁର୍ବଳ ହୋଇପଡ଼େ, ସେତେବେଳେ ଟିଂଚର୍ ଚାଇନା, ଓ ଫସ୍ଫରସ୍, ଏହିସବୁ ଔଷଧରୂପେ ଦିଅ। ଅର୍ଶ, ଋତୁସ୍ରାବ ଓ ରାଜଯକ୍ଷ୍ମା ଆଦି ବିଶେଷ ବିଶେଷ ରୋଗରେ ରକ୍ତ ପଡ଼ିବା ବନ୍ଦ ହେଉ ନ ଥିଲେ କିପରି ଚିକିତ୍ସା କରାଯିବ, ସେଥିପାଇଁ ସେହି ସେହି ରୋଗ ମାନଙ୍କର ଚିକିତ୍ସା ପ୍ରଣାଳୀ ଏବଂ ସ୍ତ୍ରୀ ରୋଗ ପଢ଼।

ରକ୍ତହୀନତା (Anaemia)—

ଦିନକୁ ଦୁଇ ବାର ଆଲ୍‌ବୋସାଙ୍ଗ୍ ଦିଅ। ଅବସ୍ଥା କ୍ରମାଗତ ଖରାପ ହୋଇ ଓଜନ କମିଯାଉଥିଲେ ଏକଗ୍ରେନ୍ ପରିମିତ ଅଗ୍ମୋବିନ୍ ସଙ୍ଗେ ଅଧଗ୍ରେନ୍ ପରିମିତ ଅଇଡ୍ରୋଫସ୍ ମିଶାଇ ମଧ୍ୟାହ୍ନ ଭୋଜନର ଏକଘଣ୍ଟା ପୂର୍ବରୁ ଏବଂ ରାତିରେ ଶୋଇଲା ବେଳେ ଏକ ଗ୍ଲାସ ଦୁଧ ସହିତ ଦିଅ। ଯେଉଁ କାରଣରୁ ରକ୍ତହୀନତା ଉପୁଜିଥିବ, ତାହା ଜଣା ଥିଲେ, ତାର ଚିକିତ୍ସା କର। କେତେକ ପ୍ରକାରର ରକ୍ତହୀନତାରେ ସେମ୍‌ଟୋଜନ୍ ବ୍ୟବହାର କଲେ ମଧ୍ୟ ଭଲ ଫଳ ମିଳେ। ଏହାକୁ ଖାଇବା ସଙ୍ଗେ ସଙ୍ଗେ ଇଞ୍ଜେକ୍‌ସନ୍‌ରୂପେ ମଧ୍ୟ ବ୍ୟବହାର କରାଯାଇ ପାରେ।

ଲକ୍ଷଣ—ଦେହର ଚମ, ଓଠ ଓ ଆଖିପତାର ଭିତର ଅଂଶ ବିବର୍ଣ୍ଣ ହୋଇ ଶେତା ଦେଖାଯାଏ। ଛାତି ଧଡ଼ ଧଡ଼ ହୁଏ ଓ ନିଃଶ୍ୱାସ ବନ୍ଦ ହୋଇ ଆସୁଥିଲା ପରି ଜଣାପଡ଼େ। ଭୋକ ହୁଏ ନା ଏବଂ ବଦ ହଜମ ହୁଏ।

ଶଲ୍ୟ ଚିକିତ୍ସାଗତ ରୋଗ (Surgical Cases)—

ଯେଉଁ ସବୁ ରୋଗକୁ କାଟାକଟି କରି ଭଲ କରିବାକୁ ହୁଏ, ଏଠାରେ ସେହି ସବୁ ରୋଗକଥା କୁହା ଯାଉଛି। ଜଣେ ବଡ଼ ଡାକ୍ତର କହୁଛନ୍ତି—ଆଜିକାଲିକା ଚିକିତ୍ସାର ଗୋଟାଏ ଫେସନ ହୋଇଛି। ଟନସିଲ ଯଦି ବଢ଼ିଲା, ତେବେ ତାକୁ କାଟି କାଢ଼ିଦିଅ; ଦାନ୍ତମୂଳ ବା ଦାନ୍ତ ଯଦି ଦରଜ ହେଲା, କି ହଲିଲା ତେବେ ତାକୁ ଉପାଡ଼ି ପକାଅ; ଆପେଣ୍ଡିକ୍ସରେ ଯଦି ରୋଗ ହେଲା, ତେବେ ତାକୁ କାଟି ବାହାର କରିଦିଅ। ଏହା ଅବଶ୍ୟ ସତ ଯେ, କେତେକ ଅବସ୍ଥାରେ ଏଭଳି କାଟାକଟି ନ କଲେ ରୋଗୀର ଜୀବନ ପାଇବା କଷ୍ଟକର। କିନ୍ତୁ ଏହା ବୋଲି ଯେ, ଯେଉଁ ରୋଗରେ ଡାକ୍ତରମାନେ ବର୍ତ୍ତମାନ କାଟାକଟି କରୁଛନ୍ତି, ସେଗୁଡ଼ିକ ଔଷଧ ସେବନରେ ଆରୋଗ୍ୟ ନ ହେବ, ତାହା କୁହାଯାଇ ନ ପାରେ। କାଟାକଟି ନ କରି କେବଳ ଔଷଧ ସେବନରେ ରୋଗ ଭଲ ହେବ ନାହିଁ, ଏହା କହିବା ଗୋଟାଏ ଭୁଲ କଥା। ଦାନ୍ତକୁ ନ ଉପାଡ଼ି, ଟନସିଲକୁ ନ କାଟି ଉପଯୁକ୍ତ ଚିକିତ୍ସା କଲେ

Digitized by srujanika@gmail.com

ଏସବୁର ଅପେକ୍ଷାକୃତ ମଧ୍ୟ ଚୋଖଣ୍ଡି କରିବାର କୌଣସି ପ୍ରୟୋଜନ ପଡ଼ିବ ନାହିଁ । ଏହିସବୁ ଉଦର, ଅନ୍ତ୍ର ଓ ଗର୍ଭାଶୟର ଅଧିକାଂଶ କଠିନ ଓ ଦୁଃସାଧ୍ୟ ରୋଗ କେବଳ ଔଷଧ ସେବନରେ ଆରୋଗ୍ୟ ହୋଇପାରେ । ତେଣୁ ହଠାତ୍ ଡାକ୍ତରର ଛୁରୀ ହାତରେ ରୋଗୀକୁ ଟେକି ନ ଦେଇ ପ୍ରଥମେ ଔଷଧ ସେବନ କରି ଆଭ୍ୟନ୍ତରୀଣ ଚିକିତ୍ସାକୁ ପରୀକ୍ଷା କରିବା ଉଚିତ ।

ଶକ୍ତିକ୍ଷୀଣକାରୀ ରୋଗ (Wasting Diseases)—

କେତେକ ରୋଗ ଅଛି, ଯହିଁରେ ଶରୀର ଶୀଘ୍ର କ୍ଷୀଣ ଓ ଦୁର୍ବଳ ହୋଇ ଯାଏ ଏବଂ ଆଉ କେତେକରେ ଧୀରେ ଧୀରେ କ୍ଷୀଣ ଓ ଦୁର୍ବଳ ହୋଇଯାଏ । ଏହିସବୁ ରୋଗ ମଧ୍ୟରେ ରାଜଯକ୍ଷ୍ମା ଓ ବହୁମୂତ୍ର ପ୍ରଧାନ । ଏ ଦୁଇଟିଯାକ ରୋଗ ହେବା ଆଗରୁ ରୋକିଦେଇ ହେବ । ରୋଗର ବାଟରୁ ଆଗରୁ ରୋକିଦେବା ସହଜ । କିନ୍ତୁ ରୋଗ ହୋଇଗଲେ ତାର ଚିକିତ୍ସା ସେପରି ସହଜ ନୁହେଁ । ରାଜଯକ୍ଷ୍ମା ଆଦି କ୍ଷୟରୋଗର ପ୍ରଥମ ପ୍ରତିଷେଧକ ହେଉଛି ସଂଯମ ଅଭ୍ୟାସ । ଇନ୍ଦ୍ରିୟ ପରତନ୍ତ୍ର ନ ହୋଇ ଭୋଗ ବିଳାସଠାରୁ ଦୂରରେ ରହିଲେ ଏ ରୋଗର ଆକ୍ରମଣରୁ ବର୍ତ୍ତିଯିବା ଖୁବ ସହଜ । ଏ ରୋଗର ଅବଶ୍ୟ ଅନ୍ୟାନ୍ୟ କାରଣ ଅଛି, ତଥାପି ସେସବୁର ମୂଳରେ ଅସଂଯମ, ଅତ୍ୟଧିକ ଇନ୍ଦ୍ରିୟ ପରତନ୍ତ୍ରତା ଓ ବାହ୍ୟସୁଖଭୋଗ ରହିଥାଏ । ତେଣୁ କି ସ୍ତ୍ରୀ, କି ପୁରୁଷ, କି ବାଳକ, କି ବାଳିକା, କି ଯୁବକ, କି ଯୁବତୀ, କି ବୃଦ୍ଧ ସମସ୍ତେ ନିଜ ନିଜର ବୀର୍ଯ୍ୟରକ୍ଷା ଓ ଚିନ୍ତାକୁ ପବିତ୍ର ରଖି ସଂଯମ ସାଧନା ଶିକ୍ଷା କରିବା ଉଚିତ । ଭୋଗବିଳାସରେ ଆମେ ଆମର ସର୍ବସ୍ୱ ଅଜାଡ଼ି ଦେଉଅଛୁ । ଚିକିତ୍ସକ, ଶିକ୍ଷକ, ଅଧ୍ୟାପକ ଓ ପିତାମାତା ସମସ୍ତଙ୍କୁ ଆମର ନିବେଦନ, ସେମାନେ ନବଯୁବକ ଓ ଯୁବତୀମାନଙ୍କୁ ଅସତ୍ ଚିନ୍ତାର କୁପରିଣାମ ବିଷୟରେ ସାବଧାନ କରି ଦିଅନ୍ତୁ । ପାପଚିନ୍ତା ଓ ଅସଂଯମର ପରିଣତିରେ ଭୟାବହ କୁପ୍ରବୃତ୍ତିମାନ ଜନ୍ମଲାଭ କରେ ଏବଂ ତାର ଫଳରେ ଯୁବକ ଯୁବତୀ କୁକର୍ମରେ ମାତି ରୋଗଗ୍ରସ୍ତ ହୋଇ ପଡ଼ନ୍ତି । ରୋଗ ହେଲେ ତାର ଚିକିତ୍ସା କରିବା ଅପେକ୍ଷା ରୋଗ ଯେପରି ନ ହେବ, ତାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ସହସ୍ର ଗୁଣରେ ଭଲ । ଶକ୍ତିକୁ କ୍ଷୟ କରୁଥିବା ରୋଗର ବିରୁଦ୍ଧରେ ଯୁଝିବାକୁ ହେଲେ ଅଲ୍‌କୋହଲ ହେଉଛି ଗୋଟିଏ କାର୍ଯ୍ୟକାରୀ ଅସ୍ତ୍ର ସ୍ୱରୂପ । ତା ଛଡ଼ା ଅବସ୍ଥା ଓ କ୍ଷେତ୍ର ଭେଦରେ ଅୟୋଡିନ୍, ସେପ୍‌ଟୋଜର୍ମ ଓ ଫ୍ରକ୍‌ଟୋଜାଇମ୍ ମଧ୍ୟ ଗୋଟିଏ ଗୋଟିଏ ଜଡିବୋଟୀର ଅଦ୍ଭୁତ କାର୍ଯ୍ୟ କରେ । ଏଗୁଡ଼ିକୁ ଭୋଜନ ସଙ୍ଗେ ପାନକରେ ଅଣ୍ଡେଳକୁ ସଂଗ୍ରହ ଯାଏ ଦିଆଯାଇ ପାରେ ।

ଶୋଥ (Dropsy)—

ଏହି ରୋଗରେ ରକ୍ତରେ ଥିବା ଜଳୀୟ ଅଂଶ ଚମତଳେ ଏବଂ ଦେହର ଗହ୍ୱରରେ ସଞ୍ଚିତ ହୋଇ ରହେ । ମୂତ୍ରାଶୟ ସଲ୍‌ଫସ୍ ସବୁ ପ୍ରକାର ଶୋଥଜନିତ

Digitized by srujanika@gmail.com

ଫୁଲିବୁ ଦୂର କରିବ । ରୋଗର ଉଗ୍ର ଅବସ୍ଥାରେ ଉଅସ୍‌ମାଇନ୍‌ ଓ ତାହା ଅଭାବରେ ହୋଇପାରେ । मूत्राशय (kidneys) ଯଦି ଆକ୍ରାନ୍ତ ହୋଇଥାଏ, ତେବେ ଭୂରାଇ-ଟୋ ଏବଂ ହୃଦୟ ଯଦି ଅକ୍ରାନ୍ତ ହୋଇଥାଏ, ତେବେ ଗ୍ଲୋଣ୍ଡି-ହୋ ପ୍ରୟୋଗ କର । ଯକୃତରେ ଏହି ରୋଗ ହେଲେ ଓପୋକୁଇନାଇନ ଦିଅ । ଏହି ରୋଗରେ ରୋଗୀ ପକ୍ଷରେ ଲୁଣ ଖାଇବା ଏକାବେଳକେ ନିଷିଦ୍ଧ । ତେଣୁ ଶାରୀରିକ ଶକ୍ତିବୃଦ୍ଧି ପାଇଁ ଅଲ୍‌ଡୋମାଙ୍ଗ ବଦଳରେ କି: ଅଇ: ହରମୋନ୍‌ସ ବ୍ୟବହାର କରିବା ଉଚିତ । ପରିସ୍ରା ଅଳ୍ପ ହେଉଥିଲେ ବେଣ୍ଟୋ-ହରମୋନସ ଦିଅ ।

ଶ୍ୱାସ ବା ଦମା (Asthma)—

ଏ ରୋଗରେ ବ୍ରାହ୍ମୀ ଅତି ଉପଯୋଗୀ ଔଷଧ । ଉଗ୍ର ଅବସ୍ଥାରେ ଅତି ଉତ୍କଟ ଦମା ହେଉଥିଲେ ସ୍ବଚ୍ଛାରୁ ଆରମ୍ଭ କରି ବେନ୍ଟୋ-ହରମୋନସର ଇନ୍‌ଜେକ୍‌ସନ ଦିଅ । ମୋଟାମୋଟି ୬ଟି ଇନଜେକ୍‌ସନ୍‌ ହେଲେ ଯଥେଷ୍ଟ ହୁଏ । କେତେ ମାସ ଯାଏ ଦିନକୁ ଦୁଇଥର କରି ବ୍ରାହ୍ମୀ ଖାଅ । ଦମା ଉଠୁଥିବା ବେଳେ କେବଳ ଅଗ୍ନିମୁଖ ସେବନ କଲେ ତୁରନ୍ତ ଫଳ ମିଳେ । ୬ନମ୍ବର ଓ ୭ନମ୍ବର ଔଷଧ ଗରମ ପାଣିରେ ଗୋଳାଇ ସେବନ କଲେ ଦମା ମଧ୍ୟ ଶୀଘ୍ର ଶାନ୍ତ ପଡ଼ିଯାଏ । ଯାହା ଖାଇଲେ ବା ଯେଉଁଭଳି ଆଚରଣ କଲେ ଦମା ଉଠିବ, ତାହାରୁ ବିରତ ହୁଅ । ପୁରୁଣା ଶ୍ୱାସରେ ବେନ୍ଟୋ-ହରମୋନ୍‌ସର ଇନ୍‌ଜେକ୍‌ସନ୍‌ ନେବା ସଙ୍ଗେ ସଙ୍ଗେ ଆଜମା-ହୋ ବ୍ୟବହାର କର । ନିଜର ସ୍ୱାସ୍ଥ୍ୟ ଉପରେ ଦୃଷ୍ଟି ରଖିଲେ ଦମା ଉଠିବା ଆପଣା ଛାଏଁ ବନ୍ଦ ହୋଇଯିବ । କ୍ଳାନ୍ତି ଯେପରି ଅନୁଭବ ନ କର ଓ କୋଷ୍ଠବଦ୍ଧତା ଯେପରି ନ ହୁଏ, ତା ଉପରେ ଆଖି ରଖ । ଗୁରୁପାକ ଖାଦ୍ୟ କିମ୍ବା ପେଟଭରି ଖାଦ୍ୟ ଖାଅ ନା । ଅଲ୍‌ବୋମାଙ୍ଗ ଓ ଟେଷ୍ଟିଅଏଲ ଉତ୍ତମ ସହାୟକ ଔଷଧ ।

ଲକ୍ଷଣ—ରହି ରହି କାଶ ଉଠେ, ଦମା ପେଲେ, ନିଃଶ୍ୱାସ ବନ୍ଦ ହୋଇଅସି ଦମ୍‌ ଛୁଟିଗଲା ପରି ରୋଗୀକୁ ବୋଧହୁଏ । ରୋଗୀ ଅଣନିଃଶ୍ୱାସୀ ହୋଇଯାଏ । ଛାତି ଗଳା ଓ ଶୁଷ୍କ ଟାଣ ବୋଧହୁଏ । ରାତିରେ ସାଧାରଣତଃ ବେଶୀ ଦମା ଉଠେ ଏବଂ ରୋଗୀ ଅଣନିଃଶ୍ୱାସୀ ହୋଇଯାଇ ବିଛଣାରୁ ଉଠେ ଓ ନିଃଶ୍ୱାସ ନେବାକୁ ପବନ ଖୋଜେ । ତାକୁ ଏତେ କଷ୍ଟ ବୋଧହୁଏ ଯେ, ସେ ବେଶୀ ପବନ ପାଇବା ପାଇଁ ଘରର ଝରକା ଖିଡ଼କି ଆଦି ଖୋଲି ମୁହଁ ଦେଖାଏ । ପ୍ରଥମାବସ୍ଥାରେ ଶୁଷ୍କ କାଶ ଥାଏ; ପରେ କଫ ଝରି ଓ ଘଷାହୋଇ ପ୍ରଶ୍ୱାସ ବାହାରେ ଏବଂ ତା ସଙ୍ଗେ ସଙ୍ଗେ ଖୁବ ଜୋରରେ ସାଁ ସାଁ ଶବ୍ଦ ମଧ୍ୟ ହୁଏ ।

ଶ୍ୱେତ କୁଷ୍ଠ (Leucoderma)—

ନିମ୍ନମତେ ଚିକିତ୍ସା କଲେ ସନ୍ତୋଷଜନକ ଫଳ ମିଳେ:—ତିନି ସପ୍ତାହରେ ଥରେ ଅମ୍ବୋବିନ୍‌ର ଇନ୍‌ଜେକ୍‌ସନ ଦିଅ ଏବଂ ଅମ୍ବୋବିନ୍‌, ସାଲ୍‌ଫସ୍‌ ଓ ସେପ୍‌ଟୋ-ଜର୍ମ—ଏ ତିନି ଔଷଧରୁ ପ୍ରତ୍ୟେକରୁ ଏକଦ୍ରେନ ହିସାବରେ ଏକାଠି ମିଶାଇ ଦିନକୁ

Digitized by srujanika@gmail.com

ଚିକିତ୍ସା ଦ୍ୱାରାରେ ରୋଗୀକୁ ଖୁଆଅ । ଉପରେ ମାଲିସ କରିବା ପାଇଁ ଏକ ଡ୍ରାମ ଅକ୍ସିଡ୍ ସଙ୍ଗେ ୧ ଡ୍ରାମ ଭେସେଲିନ୍ ମିଶାଇ ମଲମ ତିଆରି କରିନିଅ । ପ୍ରାରମ୍ଭିକ ଅବସ୍ଥାରେ ଛଅଟି ଅଟୋକ୍ଲାଭିକ ଇଞ୍ଜେକସନ ନେଲେ ରୋଗଟି ଭଲ ହୋଇଯାଏ । ପୁରୁଣା ହୋଇଥିଲେ କିମ୍ବା ଧଳା ଦାଗ ଦେହର ବହୁ ଯାଗାରେ ମାଡ଼ି ଯାଇଥିଲେ ବହୁ ଦିନ ଯାଏ ଚିକିତ୍ସା ଚାଲୁ ରଖ ।

ସ୍ତ୍ରୀ ରୋଗ (Female complaints)—

ଯୌବନର ଆରମ୍ଭରେ (୧୪।୧୫ବର୍ଷ ବୟସ ବେଳେ) ଏବଂ ରଜୋ-ନିବୃତ୍ତି (Menopause) ସମୟରେ ଅର୍ଥାତ୍ ୪୦।୫୦ବର୍ଷ ବୟସରେ ସ୍ତ୍ରୀ ଲୋକ-ମାନଙ୍କଠାରେ ଯେଉଁସବୁ ରୋଗ ଦେଖା ଯାଏ, ତାହାକୁ ସାଧାରଣ ଭାବରେ ସ୍ତ୍ରୀ ରୋଗ ଆଖ୍ୟା ଦିଆଯାଏ । ବାଳିକା ରଜୋବତୀ ହେଲା ପରେ ଏବଂ ୪୦।୫୦ ବର୍ଷ ଭିତରେ ନାରୀର ରଜୋନିବୃତ୍ତି ଘଟିଲେ ସେମାନଙ୍କ ସ୍ନାୟୁମଣ୍ଡଳରେ ନାନା ପରିବର୍ତ୍ତନ ଘଟେ । ଯୌବନର ଆରମ୍ଭରେ ଅଲବୋସାଙ୍ଗ ଓ ଭାଇଟାଲ ଏସେନ୍ସ ଏବଂ ରଜୋନିବୃତ୍ତି ସମୟରେ ଜଡ଼ର-କୋ ସେମାନଙ୍କ ପକ୍ଷରେ ପରମ ଉପକାରୀ । ମାସିକ ଋତୁ ଅନିୟମିତ ହେଲେ ବ୍ରାହ୍ମମଡ଼ାଇନ ଓ ଅକ୍ସିଟିନମ୍ ଏଥିପାଇଁ ସାଧାରଣ ଔଷଧ ।

ପ୍ରଦର (Leucorrhoea Whites)—

ଦୁର୍ବଳତା ଓ କ୍ଷୀଣ ଜୀବନୀ ଶକ୍ତି ହେତୁ ପ୍ରଦର ହୋଇଥିଲେ କେବଳ ଅଲ୍‌ବୋସାଙ୍ଗ ସେବନରେ ଆଶାନୁରୂପ ଫଳ ମିଳେ । କିନ୍ତୁ ପ୍ରଦରର ମୁଖ୍ୟ ଔଷଧ ହେଉଛି ବ୍ରାହ୍ମମଡ଼ାଇନ । ପୁରୁଣା ପ୍ରଦରରେ ମୁମୋନ୍ ଅତ୍ୟନ୍ତ ଉପଯୋଗୀ । ଏହାର ସେବନ ବିଧି ଉକ୍ତ ଔଷଧର ବିବରଣୀରେ ଦିଆଯାଇଛି । ସାଧାରଣ ପ୍ରଦରରେ ବ୍ରାହ୍ମମଡ଼ାଇନ୍, ଅକ୍ସିଟିନମ୍ ଏବଂ ଚିନାଅମକୋ ଦେଇ ଚିକିତ୍ସା କର । ରକ୍ତାଳ୍ପତା ହେତୁ ଯଦି ସ୍ରାବ ହେଉଥାଏ, ତେବେ ବ୍ରାହ୍ମମଡ଼ାଇନ୍ ସେବନରେ ଫଳ ନ ମିଳିଲେ ଅଟୋକ୍ଲାଭିକ କିମ୍ବା ଅକ୍ସିଡ୍ ଦିଅ ।

କଷ୍ଟକର ଋତୁସ୍ରାବ (Dysmenorrhoea)—

ଏହାର ଚିକିତ୍ସା ବ୍ରାହ୍ମମଡ଼ାଇନ ଔଷଧର ବିବରଣ ଭିତରେ ଦିଆଯାଇଛି । ତୁରନ୍ତ ଆରାମ ପାଇବା ପାଇଁ ୩ ଗ୍ରେନ ଲେଖାଏଁ ଭାଇଟାଲ ଏସେନ୍ସ ପ୍ରତି ତିନି ଚାରି ଘଣ୍ଟା ଅନ୍ତରରେ ଦିଅ । ଅବସ୍ଥା ଗୁରୁତର ହୋଇ ଉତ୍କଟ ପୀଡ଼ା ହେଉଥିଲେ ୨ ଗ୍ରେନ ଚିନାଅମ-କୋ ତା ସହିତ ମିଶାଇ ଦିଆଯାଇ ପାରେ । ଅମ୍ବିଗ୍ଲିଅ ସେବନରେ ମଧ୍ୟ ତୁରନ୍ତ ଫଳ ମିଳେ । ଅଧିକାଂଶ ସ୍ଥଳରେ ରୋଗୀର ସାଧାରଣ ସ୍ୱାସ୍ଥ୍ୟ ଉପରେ ଦୃଷ୍ଟି ରଖିଲେ ଆରାମ ମିଳେ । ନିୟମିତ ବ୍ୟାୟାମ ଓ ପରିଶ୍ରମ ଚିକିତ୍ସାରେ ସହାୟତା କରେ । ରକ୍ତହୀନତା ଓ କୋଷ୍ଠବଦ୍ଧତା ଥିଲେ ତାର ଚିକିତ୍ସା କର ।

Digitized by srujanika@gmail.com

ଗର୍ଭାଶୟଗତ ରୋଗ (Uterine affections)—

ଗର୍ଭାଶୟଗତ ରୋଗପାଇଁ ଅଷ୍ଟଗ୍ଲସିନମ୍ ଏକ ବିଶେଷ ଔଷଧ । ସ୍ରାବ ଅଳ୍ପ ବା ଅଧିକ ହେଉଥିଲେ; ଅନିୟମିତ ହେଉଥିଲେ ବା ଏକାବେଳେକେ ବର୍ଷ ବର୍ଷ ଧରି ବନ୍ଦ ରହୁଥିଲେ (Amenorrhoea) ସେଭଳି ଅବସ୍ଥାରେ ଅଷ୍ଟଗ୍ଲସିନମ୍ ଦିଅ । ସ୍ରାବର ପରିମାଣ ଅଧିକ ହେଉଥିଲେ କିମ୍ବା ସ୍ରାବ ବହୁଦିନ ଯାଏ ହେଉଥିଲେ ଟାନଅମକୋ ତାର ଠିକଣା ଔଷଧ । ଯୁଦ୍ଧମୋନ ତାର ସହାୟକ ଔଷଧ—୨.୩ ଗ୍ରେନ୍ ହିସାବରେ ତିନ ଘଣ୍ଟା ଅନ୍ତରରେ ଦିଅ । ଟାନିୟମ-କୋ ପ୍ରୟୋଗରେ ସନ୍ତୋଷଜନକ ଫଳ ନମିଳିଲେ ଷ୍ଟାନ-ନାଇଟ୍ରେଟ୍ ବ୍ୟବହାର କର । ତଳପେଟ ଫୁଲିବାରୁ ପୀଡ଼ା ହୋଇଥିଲେ ରୋଗୀକୁ ଟାନଅମ-କୋ ଦିଅ ଏବଂ ଉପରେ ବାମ ମାଲିସ କର । ଯଦି ଅବଶ୍ୟକ ବୋଲି ବିବେଚିତ ହୁଏ, ତେବେ ଷ୍ଟର୍ମିପିରିନ ଦିଅ । ଓମ୍ବକୋତ ଅକ୍ରାନ୍ତ ହୋଇ ଛୁଞ୍ଚି ଫୋଡ଼ିଲା ପରି ପୀଡ଼ା ଅନୁଭୂତ ହେଉଥିଲେ, ସେଭଳି ଅବସ୍ଥାରେ କଅସପାଇନ ଚମତ୍କାର କାମ ଦିଏ ।

ନୋଟ:— ଗର୍ଭାଶୟଗତ ରୋଗ ଅନେକ କାରଣରୁ ହୋଇଥାଏ । ତେଣୁ ତାର ଚିକିତ୍ସା କଲାବେଳେ ପାଚନ କ୍ରିୟା, କୋଷ୍ଠବଦ୍ଧତା ଓ ସ୍ନାୟୁମଣ୍ଡଳ ଉପରେ ବିଶେଷ ଦୃଷ୍ଟି ରଖ । ବେଳେ ବେଳେ ସେସବୁ କାରଣରୁ ମଧ୍ୟ ଏହି ରୋଗ ହୋଇଥାଏ ।

ଗର୍ଭାଶୟରେ ଟିଉମର (Tumour)—

ଗର୍ଭାଶୟରେ ଟିଉମର (Tumour) ବା ଗଣ୍ଠି ହେଲେ ସେଥିପାଇଁ ବିଶେଷ ଔଷଧ ହେଉଛି ଅୟୋଡିନ୍ । ସକାଳେ ଓ ରାତିରେ ଶୋଇଲାବେଳେ ଦିନକୁ ଦୁଇଥର ଅୟୋଡିନ୍ ଏକ ଗ୍ରେନ କିମ୍ବା ୨ ଗ୍ରେନ ହିସାବରେ ଗୁମଚେ କିମ୍ବା ଦୁଇ ଗୁମଚ ଦୁଧ ସଙ୍ଗେ ଦିଅ ଓ ଅଲବୋସାଙ୍ଗ ଦିନକୁ ପାନେ ଲେଖାଏଁ ବ୍ୟବହାର କର । ଏହିପରି ବର୍ଷେ କିମ୍ବା ତହିଁରୁ ଅଧିକ ସମୟ ଏହି ଔଷଧକୁ ବ୍ୟବହାର କଲେ ଟିଉମର ଭଲ ହୋଇଯାଏ । ଅବିବାହିତ ସ୍ତ୍ରୀ ଏବଂ ଯୁବତୀ ବିଧବାମାନଙ୍କ ରୋଗ ସାଧାରଣତଃ ସ୍ନାୟୁଗତ କାରଣରୁ ହୋଇଥାଏ । ତେଣୁ ସେମାନଙ୍କୁ ଅଲବୋସାଙ୍ଗ ବଦଳରେ ଫ୍ରୁଲୁଟୋଜାଇମ ଦେଲେ ଭଲ ଫଳ ମିଳେ । ବର୍ତ୍ତମାନ ବିବାହିତ ସ୍ତ୍ରୀଲୋକମାନଙ୍କ ରୋଗ ସମ୍ବନ୍ଧରେ ବିଚାର କରାଯାଉ ।

ବନ୍ଧ୍ୟାଦୋଷ ଓ ତାର ନିରାକରଣ (Conception, Abortion etc.)

ସକାଳେ ଓ ରାତିରେ ଶୋଇଲା ବେଳେ ଅଷ୍ଟଗ୍ଲସିନମ୍ ନିୟମିତ ଭାବରେ ୬ ମାସ ଠାରୁ ଏକବର୍ଷ ଯାଏ ସେବନ କଲେ ବନ୍ଧ୍ୟା ନାରୀର ବି ଗର୍ଭ ସଞ୍ଚାର ହୁଏ । ମାସିକ ଋତୁସ୍ରାବ କଷ୍ଟଦାୟକ ହେବା ଫଳରେ ଯଦି ଗର୍ଭ ସଞ୍ଚାର ହେଉ ନ ଥାଏ, ତେବେ ଗ୍ଲାଡ୍ରାମଡ଼ାଇନ୍ ଔଷଧର ବିବରଣ, ତଳେ ଯେଉଁ ଚିକିତ୍ସା ବିଧାନ ଲେଖା

Digitized by srujanika@gmail.com

ଯାଉଛି, ତାହାକୁ ଅନୁସରଣ କର । ଅନେକ ଦିନ ଧରି ବନ୍ଦ ହୋଇ ଯାଇଥିବା ମାସିକ ଋତୁସ୍ରାବକୁ ନିୟମିତ କରି ଗର୍ଭ ସଞ୍ଚାର କରିବାରେ ଅବ୍ରଟିନମ୍ ଚମତ୍କାର ଔଷଧ । ଏହା ଅଭ୍ୟାସୀ ଗର୍ଭପାତ (Abortion) କରିଊ ଦିଏ ନାହିଁ । ଗର୍ଭପାତ ବନ୍ଦ କରିଇବା ପାଇଁ ଏକ ଗ୍ରେନ ଫ୍ରକ୍‌ଟୋଜାଇମ୍, ଚଉଠଗ୍ରେନ୍ ମେଡ଼କେଟେଡ୍ କାଲସିଅମ୍ ସଙ୍ଗେ ମିଶାଇ ଦିନକୁ ପାନେ କିମ୍ବା ଦୁଇ ଥର ଦିଅ । ଏହିପରି ପାଇଁ ଅମ ପାଖକୁ ଏଭଳି କେତେ ଗୁଡ଼ିଏ ସ୍ତ୍ରୀଲୋକ ଅସିଥିଲେ, ଯେଉଁମାନଙ୍କର ତିନ ମାସ, ଚାରି ମାସ, ଏପରି କି ପାଞ୍ଚ ମାସରେ ମୁଦ୍ଧା ଗର୍ଭପାତ ହୋଇଯାଉଥିଲା । ଅମେ ସେମାନଙ୍କୁ ଏହି ଫ୍ରକ୍‌ଟୋଜାଇମ୍ ଓ ମେଡ଼ିକେଟେଡ଼ କାଲସିଅମ ମିଶାଇ ଗର୍ଭ ସଞ୍ଚାରର ମାସେ କିମ୍ବା ୨ ମାସଠାରୁ ଖୁଆଇବା ଫଳରେ ସୁସ୍ଥ ସବଳ ସୁନ୍ଦର ଶିଶୁ ସେମାନେ ଜନ୍ମ କଲେ । ଗର୍ଭାବସ୍ଥାରେ ସ୍ତ୍ରୀଲୋକମାନଙ୍କୁ ଅଲ୍‌ବୋସାଙ୍ଗ ଦେଲେ ଗର୍ଭବତୀ ଏବଂ ଗର୍ଭସ୍ଥ ଭ୍ରୂଣ ଉଭୟଙ୍କର ଉପକାର ହୁଏ । ପ୍ରସବ ପରେ ପ୍ରସୂତି-ମାନଙ୍କୁ ଅଲ୍‌ବୋସାଙ୍ଗ୍ ଖୁଆଇଲେ ପ୍ରସୂତିର ପ୍ରଚୁର ଦୁଧ ହୁଏ ଏବଂ ସେହି ଦୁଧବାଟେ ଔଷଧର ଗୁଣ ଶିଶୁ ଦେହକୁ ମଧ୍ୟ ସଂକ୍ରମିତ ହୋଇ ପିଲାର ଉପକାର କରେ ।

ପ୍ରସବ (Delivery)

ପ୍ରକୃତି ନିଜର କାମ ସୁରୁଖୁରୁରେ କରେ । କିନ୍ତୁ ଡାକ୍ତରମାନେ ଯେତେ-ବେଳେ ପ୍ରକୃତିର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି, ସେତେବେଳେ ଯାହା କିଛି ଯନ୍ତ୍ରଣା ବା କଷ୍ଟ ଦେଖାଦିଏ । ଅବ୍ରଟିନମ୍ ସେବନରେ ପ୍ରାକୃତିକ ଭାବରେ ପ୍ରସବ ବିନା ଦୁଃଖଯନ୍ତ୍ରଣାରେ ହୁଏ । ପ୍ରସବକାଳୀନ ବେଦନା ବା ଶୂଳ ଯଦି ବନ୍ଦ ହୋଇଯାଏ, ତେବେ ଅବ୍ରଟିନମ୍ ପ୍ରୟୋଗ କଲେ ଶୂଳ ପୁଣି ଦେଖାଦିଏ । ବିନା ଦୁଃଖ ଯନ୍ତ୍ରଣାରେ ସୁଖରେ ସନ୍ତାନ ପ୍ରସବ କରିବା ପାଇଁ ଗର୍ଭବତୀମାନେ ସମସ୍ତେ କାମନା କରନ୍ତି । ଏହି ସୁଖପ୍ରସବ ପାଇଁ ଗର୍ଭସଞ୍ଚାର ସାତ ମାସ କିମ୍ବା ଅଠମାସଠାରୁ ଗର୍ଭିଣୀମାନେ ସକାଳେ ଅବ୍ରଟିନମ, ସନ୍ଧ୍ୟାରେ ଟନିଅମ-ଫୋ ଏବଂ ରାତିରେ ଶୋଇଲା ବେଳେ ମେଜିନେସିଅମ ସଲ୍‌ଫ ସେବନ କରିବା ଉଚିତ । ଶେଷରେ ଏ କଥା ମନେ ରଖିବାକୁ ହେବ ଯେ, ପ୍ରସବ ପରେ ଯେ କୌଣସି ବିଷାକ୍ତ ଦୋଷ (Septic condition) ନାଶ କରିବା ପାଇଁ ସଲଫାସନ୍ ଓ ସେପ୍‌ଟୋଜାଇମ ଅତ୍ୟନ୍ତ ଉପଯୋଗୀ ।

ପ୍ରସବ ସମୟରେ ଭାଇଟାଲ୍ ଏସେନ୍ସ ଅତ୍ୟନ୍ତ ଉପଯୋଗୀ । ଜଣେ ସ୍ତ୍ରୀଲୋକ ଘଣ୍ଟା ଘଣ୍ଟା ଧରି ପ୍ରସବ ପୀଡ଼ା ଅନୁଭବ କରି କଷ୍ଟ ପାଉଥିଲେ ମୁଦ୍ଧା ପିଲା ତଳେ ପଡ଼ୁନାହିଁ । ଏଭଳି ଅବସ୍ଥାରେ ପ୍ରସବ ପୀଡ଼ା ଆରମ୍ଭ ହେଲାମାତ୍ରେ ପ୍ରତି ଅଧଘଣ୍ଟାରୁ ଏକ ଘଣ୍ଟା ଅନ୍ତରରେ ଭାଇଟାଲ୍ ଏସେନ୍ସ ଦେଲେ ସୁରୁଖୁରୁରେ ପ୍ରସବକ୍ରିୟା ସମାହିତ ହୁଏ । ପ୍ରସବ ବେଦନା କମି ଅସିଲେ କିମ୍ବା ବନ୍ଦ ହୋଇଗଲେ ଅବ୍ରଟିନମ୍ ଦିଅ । ପ୍ରସବରେ ବିଳମ୍ବ ଘଟିବା ଫଳରେ ପ୍ରସୂତି କ୍ଳାନ୍ତ ହୋଇପଡ଼ି ବ୍ୟସ୍ତ ହେଉଥିଲେ ଭାଇଟାଲ ଏସେନ୍ସ ଦିଅ । ଦୁଇଟି ଔଷଧ ଭିତରେ ପ୍ରୟୋଗର

Digitized by srujanika@gmail.com

ଉପାଡ଼େ ତା ଭୂର୍ଣ୍ଣି ରଖିବା ଉଚିତ । ପ୍ରସବପୀଡ଼ା ହେଉଥିବ, ଅଥଚ ପିଲ୍ଲ ତଳେ ପଡ଼ିବାରେ ବିଳମ୍ବ ଘଟୁଥିବ, ସେଉଳି ଅବସ୍ଥାରେ ହିଁ ଭାଇନାଲ ଏସେନ୍ସ ଦେବା ଆବଶ୍ୟକ । କିନ୍ତୁ ଯେତେବେଳେ ପ୍ରସବପୀଡ଼ା ଅଳ୍ପ ହେଉଥିବ ବା ବମି ଆସୁଥିବ କିମ୍ବା ଏକାବେଳକେ ବନ୍ଦ ହୋଇଯାଇଥିବ, ସେତେବେଳେ ଅରବୃଟିନମ୍ ଦେବାକୁ ହେବ । ପ୍ରସବ ପରେ ଅତ୍ୟଧିକ ରକ୍ତସ୍ରାବ ହେଲେ ଚାଇନାଅମ୍-ହୋ ଦିଅ । ପ୍ରସବର ୨ୟ ବା ୩ୟ ଦିନରେ ପ୍ରସୂତିମାନଙ୍କୁ ଯେଉଁ ଦୁଗ୍ଧଜ୍ୱର ହୁଏ, ସେଥିରେ ମଧ୍ୟ ଏହି ଚାଇନାଅମ୍-ହୋ ବିଶେଷ ଉପକାରୀ । ସ୍ତନପୀଡ଼ା ବା ଥନଘାଅ (Breast abscess) ହେଲେ ଗ୍ରସ୍‌ଜେଣ୍ଟ ଏକଫାନ ଦିଅ ଏବଂ ଉପରେ ଡ. ଓ. ଟ୍ର.ର ପଟି ବାନ୍ଧ । ଯଦି କୌଣସି ଉନ୍ନତି ଦେଖା ନ ଯାଏ, ତେବେ ୪ ଘଣ୍ଟାରୁ ୮ ଘଣ୍ଟା ଅନ୍ତରରେ ଗ୍ରସ୍‌ଜେଣ୍ଟର ତ୍ରିତୀୟ ପାନ ଦିଅ । ପ୍ରସବ ପରେ ମୃଦୁଜ୍ୱର (Low fever) ହେଲେ ଶୀଘ୍ର ତାର ପ୍ରତିକାର କର । ତା ନ ହେଲେ ପରେ ତାହା ସୂତିକାରେ ପରିଣତ ହୋଇଯାଇ ପାରେ । ଏଥିପାଇଁ ଜ୍ୱର ରୋଗର ବିବରଣ ତଳେ ଯାହା ଲେଖା ଯାଇଛି, ତାହା ପଢ଼ି ତଦନୁସାରେ ଚିକିତ୍ସା କର ।

ହୃଦ୍ ରୋଗ (Heart Disease)—

ନାଡ଼ୀର ଗତି ଧୀର ଓ ଦୁର୍ବଳ (Feeble), ନିଃଶ୍ୱାସ ନେବାରେ ରୋଗୀର କଷ୍ଟ ଅନୁଭବ, ଶୀଘ୍ର କ୍ଲାନ୍ତ ହେବା, ସାମାନ୍ୟ ପରିଶ୍ରମରେ ବେଦମ ହୋଇଯିବା, ଗଳା ରୁଦ୍ଧ ହେବା, ଛାତି ଧଡ଼ ଧଡ଼ ଓ ଚଲାବୁଲାରେ ଗଣ୍ଡ ଫୁଲ୍ଲ ରୋଗୀକୁ ଗ୍ରାଣ୍ଡେଲୋ ଦିଅ । ମୈଥୁନ ବା ସହବାସ ପରେ କ୍ଲାନ୍ତ ଆସିଲେ ଅଗର-ହୋ ବ୍ୟବହାର କର । ପାଚନକ୍ରିୟାରେ ବିଶୃଙ୍ଖଳା ଘଟି ଅଗ୍ନିମାନ୍ଦ୍ୟ ହେଲେ, କୋଷ୍ଠବଦ୍ଧତା ଯୋଗୁ ପେଟରେ ବାୟୁ ଜାତ ହେଲେ, ହୃଦୟ ଉପରେ ଆଞ୍ଚ ଲାଗେ । ଯେଉଁମାନେ ସାମାନ୍ୟ ପରିଶ୍ରମରେ ହାଲିଆ ହୋଇ ସଁ ସଁ ହୁଅନ୍ତି ଓ ଘନ ନିଃଶ୍ୱାସୀ ହୋଇ ଯାଆନ୍ତି ସେମାନଙ୍କ ପକ୍ଷରେ ମଝିରେ ମଝିରେ ବରାବର ଗ୍ରାଣ୍ଡେଲୋ ବ୍ୟବହାର କରିବା ଉଚିତ । ହୃଦ୍‌ଯନ୍ତ୍ରରେ ବିଶୃଙ୍ଖଳା ଘଟି ତାହା ଦୁର୍ବଳ ହୋଇଗଲେ ଜହର-ହୋ ପ୍ରୟୋଗ କର ।

ହିକ୍କା (Hicoough)—

ପେଟ ଆଉ ଛାତି ମଝିରେ ଗୋଟିଏ ପର୍ଦ୍ଦା ଅଛି । ପାଚନକ୍ରିୟାରେ କୌଣସି ବିଶୃଙ୍ଖଳା ଘଟିଲେ ଏହି ପର୍ଦ୍ଦାରେ ତାର ପ୍ରତିକ୍ରିୟା ସ୍ୱରୂପ ଉତ୍ତେଜନା ସୃଷ୍ଟି ହୁଏ ଏବଂ ତାହା ଫଳରେ ହିକ୍କା ଆରମ୍ଭ ହୁଏ । ବେଳେ ବେଳେ ଏହା ଅତି ଗୁରୁତର ଅବସ୍ଥା ଧାରଣ କରେ ଏବଂ ବିନା ଚିକିତ୍ସାରେ ଭଲ ହୁଏ ନାହିଁ ।

ଗରମ ପାଣିରେ ସାଲଫୋସ କିମ୍ବା ମାଗ୍‌ନାଇନ୍ ଗୋଳାଇ ସେବନ କଲେ ସାଧାରଣ ହିକ୍କା ବନ୍ଦ ହୋଇଯାଏ । ପେଟ ଭିତରେ ବାୟୁ ପୂର୍ଣ୍ଣ କରି ବାହାରକୁ ମୁହଁମୁହଁ ଛାଡ଼ ଦେବ ଏବଂ ତା ପରେ ଆଉ ନିଃଶ୍ୱାସ ନ ନେଇ କିଛି ସମୟ ବାହାରର

Digitized by srujanika@gmail.com

ବାୟୁକୁ ବେଗ ରଖିଲେ ମଧ୍ୟ ହକ୍କା ବନ୍ଦ ହୁଏ । ଏହା ଏକ ପ୍ରାଚୀନ ଉପଚାର । ଆଗକୁ ଫୁଙ୍କି ପଡ଼ ଗିଲାସରେ ଗରମ ପାଣି ଭର୍ତ୍ତିକରି ଓଠ ପାଖରୁ ଦୂରରେ ଥିବା ଗିଲାସର ଧାର ଧାରରୁ ଫୁଙ୍କି ଫୁଙ୍କି ପାଣି ପିଇଲେ ମଧ୍ୟ ହକ୍କା ଚାଲିଯାଏ । ଏହା ଆଉ ଏକ ପୁରୁଣା ଉପଚାର ।

ଫୁଲା ଓ ରକ୍ତ ଜମିବା (Inflamation & congestion)—

ଦେହର କୌଣସି ଅଂଶ ଫୁଲିଗଲେ ତାହା ଲାଲ ଦିଶେ । ହାତ ମାରିଲେ ଗରମ ଲାଗେ ଏବଂ ପୀଡ଼ା ଥାଏ । ଫେରୋକାଲଫାଇଜ ଫୁଲାର ସାଧାରଣ ଔଷଧ । ଫୁଲା ସଙ୍ଗରେ ଜ୍ୱର ଥିଲେ ସଲଫାସନ ଓ ହମୌପିରିନ ତାର ବିଶେଷ ଔଷଧ । ପୂଯ ହେଉଥିବାର ଲକ୍ଷଣ ଜଣାପଡ଼ିଲେ ଗ୍ରମଜେଣ୍ଟ ପ୍ରୟୋଗ କର । ଫୁଲା ଜାଗା ଉପରେ ଡ: ଓ: ତ୍ରୁଃଖ ପଟି ବାନ୍ଧି ଦେଲେ ତାହା ଶୀଘ୍ର ପାଚି ଫାଟେ । ରକ୍ତ ଜମିଥିଲେ ସୁରାଙ୍ଗ ସାଲଫସ ଦିଅ ।

ବାତଜ୍ୱର (Filariasis)—

ଓ: ଏସ୍. ଏସ୍:, ଅୟୋଡିନ ଏବଂ ଅୟୋନାଇଜ୍ଡ଼ କୁଇନାଇନ—ଏ ତିନି ଔଷଧକୁ ପ୍ରତ୍ୟେକରୁ ଏକ ଗ୍ରେନ ଲେଖାଏଁ ମିଶାଇ ଦିନକୁ ତିନିପାନ ହିସାବରେ ସେବନ କଲେ ବାତଜ୍ୱରରେ ଚମତ୍କାର ଫଳ ମିଳେ ।

ଅର୍ଶ (Piles)—

ଅଧିକାଂଶ ଯାଗାରେ ଷ୍ଟୋଲିନ୍ସ ବ୍ୟବହାରରେ ତୁରନ୍ତ ଫଳ ମିଳେ ଏବଂ ଅଳ୍ପେ ଅଳ୍ପେ ସବୁ ଯନ୍ତ୍ରଣା ଦୂର ହୋଇଯାଏ । ପାଚନ କ୍ରିୟା ଉପରେ ଦୃଷ୍ଟି ରଖ । ଅତିରିକ୍ତ ଗୁଡ଼ାଏ ଖାଅ ନାହିଁ । ରକ୍ତ ସ୍ରାବ ଥିଲେ ଦିନକୁ ଦୁଇପାନ ଲେଖାଏଁ ଟନାନ୍ଦ୍ରମଡୋ ଏବଂ ସଞ୍ଜରେ ଶୋଇଲା ବେଳେ ଭେଜିଟେବଲ ସଲ୍ଟ ଦିଅ । ଶୋଇଲାବେଳେ ହପେଣ୍ଟୋ ଲଗାଅ ଏବଂ ମଳ ତ୍ୟାଗ ପରେ ଅଙ୍ଗୁଳି ସାହାଯ୍ୟରେ ମଳଦ୍ୱାର ଭିତରେ ସେଥିରୁ କିଛି ଲଗାଅ । ଏପରି କଲେ ଯନ୍ତ୍ରଣା କମି ଆସିବ ଏବଂ ରକ୍ତ ସ୍ରାବୁଥିଲେ ବନ୍ଦ ହୋଇଯିବ । ଅଠ ନମ୍ବର ଔଷଧ ଖାଇଲେ ପୋଡ଼ା ଜ୍ୱଳା ଯନ୍ତ୍ରଣା ମଧ୍ୟ ଦୂର ହୁଏ ଏବଂ ରକ୍ତ ସ୍ରାବ ବନ୍ଦ ହୁଏ । ପତଳା ଦାସ୍ତ ହେଉଥିଲେ ସୁଦ୍ଧା ଯଦି ରକ୍ତ ପଡ଼େ, ତେବେ ସେପରି ଅବସ୍ଥାରେ ଘାନାନାଇଟ୍ରେଟ ବିଶେଷ ଉପଯୋଗୀ ।

ଅର୍ଶ ଭଳି ବାହାରେ ଓ ଭିତରେ ଦୁଇଆଡ଼େ ବାହାରି ପାରେ । ଭିତରେ ବାହାରିବାକୁ ଅନ୍ତର୍ବଳି ଅର୍ଶ ଓ ବାହାରେ ବାହାରିବାକୁ ବହିର୍ବଳି ଅର୍ଶ କୁହାଯାଏ । ମଳଦ୍ୱାରର ଠିକ ବାହାର ଗୁହ୍ୟପଟେ ବହିର୍ବଳିମାନ ବାହାରେ । ଖୁବ ପୋଡ଼ା ଜ୍ୱଳା ହୁଏ । ଟ୍ରମ୍ବୋଇସ (Thrombois) ହେଲେ ଏହି ଅର୍ଶ ଫୁଲିଯାଇ ନରମ ବୋଧ ହୁଏ ଏବଂ ଅତ୍ୟନ୍ତ ଯନ୍ତ୍ରଣା ଦିଏ । ଅନ୍ତର୍ବଳି ମଳଦ୍ୱାର ଭିତରେ ହୁଏ । ମଳ ଆସିଲା ବେଳେ ବଡ଼ ଯନ୍ତ୍ରଣା ହୁଏ । ଏତେ ରକ୍ତ ସ୍ରାବ ହୁଏ ଯେ, ତା ଫଳରେ ରୋଗୀଠାରେ କେବେ କେବେ ରକ୍ତହୀନତା ଦେଖାଯାଏ ।

Digitized by srujanika@gmail.com

ବ୍ରଣ (Pimples)—

ସକାଳେ ଓ ସନ୍ଧ୍ୟାରେ ଏକ ଗ୍ରେନ ଲେଖାଏଁ ଗ୍ରସ୍‌ଫେଣ୍ଟ ବ୍ୟବହାର କଲେ ଯଥେଷ୍ଟ ହୁଏ । ଆବଶ୍ୟକ ହେଲେ ଅଲ୍‌ବୋସଗ୍ଲ୍ ମଧ୍ୟ ସେବନ କରାଯାଇ ପାରେ । ବଥ ପାଇଁ ଗ୍ରସଫେଣ୍ଟ ଓ ଅଲ୍‌ବୋସାଙ୍ଗ ସଙ୍ଗେ ଅକ୍ଟିଅମ ମିଶାଇ ଭୋଜନ ପରେ ଦିଅ । ବଥ ପାଚି ଫାଟିଲେ ଘା ଶୁଖିବା ପାଇଁ ହ୍ୟାଲଂଡିଷ୍ଟ ସହ ଉପେଣ୍ଟୋ ଲଗାଅ । ଗୁରୁତର ଅବସ୍ଥାରେ ଦରକାର ହେଲେ ଅକ୍ଟିଅମ ଇଞ୍ଜେକସନ ମଧ୍ୟ ଦିଆଯାଇ ପାରେ ।

ପଦ୍ମ ଖସିବା (Prolapsus Ani) –

ଉପୋଣ୍ଟୋ ଲଗାଇ, ଖସି ପଡ଼ିଥିବା ପଦ୍ମକୁ ଧୀରେ ଧୀରେ ଠେଲି ଦେଇ ଭିତରକୁ ଯଥାସ୍ଥାନକୁ ନିଅ । ମଳତ୍ୟାଗ ପରେ ଏବଂ ରାତ୍ରରେ ଶୋଇଲା ବେଳେ ସେଠାରେ ଉପେଣ୍ଟୋ ମାଲିସ କର । ଦିନକୁ ପାନେ କିମ୍ବା ଦୁଇପାନ ହିସାବରେ ସ୍ପୋଲ୍ଲାଜ୍‌ସ ସେବନ କର । ବେଳେ ବେଳେ ମଳଦ୍ୱାର ଛିଣ୍ଡିଯାଏ ବା କଟିଯାଏ । ସେଭଳି ଅବସ୍ଥାରେ ଆହତ ସ୍ଥାନରେ ଦିନକୁ ଦୁଇବାର କରି ଉପେଣ୍ଟୋ ଲଗାଅ । କୋଷ୍ଠବଦ୍ଧତା ଯେପରି ନ ହୁଏ, ତା ଉପରେ ଆଖି ରଖ ।

ଉପସଂହାର—

ସ୍ୱାସ୍ଥ୍ୟ ଓ ତାର ସୁରକ୍ଷା ନିମିତ୍ତ ଆମେ ଉପରେ ଯେଉଁ ସବୁ ବ୍ୟାଖ୍ୟାନ ଦେଲୁ ତାହା ଏତେ ଜଟିଳ ଓ ସୂକ୍ଷ୍ମ ଯେ, ପାଠକମାନେ ବାବରା ହୋଇଯାଇ ପାରନ୍ତି; କିନ୍ତୁ ତାହାର କିଛି ଆବଶ୍ୟକତା ନାହିଁ । ସବୁ ଗୋଳମାଳ ତୁଟିଯିବ ମନକୁ ସରଳ କଲେ । ପ୍ରକୃତି ଆମ ପ୍ରତି ଯେମିତି ଉଦାର ସେମିତି ସଦାସ୍ତୁ ଆମ ପାଇଁ ପ୍ରସ୍ତୁତ ରାଜ୍ୟରେ କୌଣସି ଜିନିଷର ଅଭାବ ନାହିଁ । ମଣିଷ ନିଜେ ମଣିଷର ଶତ୍ରୁ, ଦୁଃଖ ଦୁର୍ଦ୍ଦଶାକୁ ବରଣ କରି ଆସୁଛି । ମନର ଆନନ୍ଦ ଓ ପ୍ରଫୁଲ୍ଲତା, ଯେ କୌଣସି ରୋଗ ହେଉ ପଛକେ ସର୍ବୋତ୍କୃଷ୍ଟ ଔଷଧ ପରି କାମ କରେ । ଆମଅଡ଼ୁ ଆମେ ଏତିକ କଲେ ପ୍ରକୃତି ତା କାମ କରିବ ; ତେଣିକି ବାକିତକ ଈଶ୍ୱରଙ୍କ ହାତରେ ।

Digitized by srujanika@gmail.com

ଜଟିଳ ରୋଗମାନଙ୍କ ପାଇଁ ସରଳ ଚିକିତ୍ସା
ପୁରାତନ ରୋଗମାନଙ୍କ ପାଇଁ
ନୂତନ ଔଷଧ

କୋଷ ଲବଣ (Cell salts)—ହୋମିଓପାଥି ଓ ବାଇୋକେମି ଚିକିତ୍ସାରେ ଅଧିକତର ଜ୍ଞାନ ଚିକିତ୍ସା ବିଜ୍ଞାନରେ ବିପ୍ଳବ ଆଣିଛି । ଆମମାନଙ୍କର ୭ ବର୍ଷର ନୂତନ ଗବେଷଣା ଦ୍ୱାରା ଆମ୍ଭେମାନେ ଜାଣି ପାରିଅଛୁ ଯେ ପ୍ରାୟ ସମସ୍ତ ବୁଦ୍ଧିଜୀବୀ ଏବଂ ବିଶେଷତଃ ମାର୍ଜିତ ସ୍ୱଭାବର ବ୍ୟକ୍ତିମାନେ ଆମମାନଙ୍କର ଅଧୁନା ପ୍ରସ୍ତୁତ ଉନ୍ନତ ଔଷଧ ଦରକାର କରନ୍ତି । ଏହାକୁ ଆମ୍ଭେମାନେ ଗବେଷଣାଗାରରେ ପରୀକ୍ଷିତ ପଦାର୍ଥମାନଙ୍କ ସହିତ ପୁରାତନ ଯୌଗିକ ପଦାର୍ଥମାନଙ୍କୁ ମିଶାଇ ପ୍ରସ୍ତୁତ କରିଅଛୁ । ଉତ୍ତମ ସ୍ୱାସ୍ଥ୍ୟର ନିମ୍ନଲିଖିତ ମୂଳତତ୍ତ୍ୱାନୁଯାୟୀ ଏହି ନୂତନ ଯୌଗିକ ପଦାର୍ଥମାନଙ୍କର ଉଦ୍ଭବ ହୋଇଅଛି ।

ପ୍ରଥମତଃ ପ୍ରତ୍ୟେକ ରୋଗ ଶରୀରର ଦୋଷଯୁକ୍ତ ପୁଷ୍ଟି ଓ ଖାଦ୍ୟରୁ ଜାତ ହୁଏ । ଯେହେତୁ ମନୁଷ୍ୟର ଖାଦ୍ୟ ତା ପାଇଁ ପ୍ରକୃତିର ପ୍ରଥମ ଔଷଧ ସ୍ୱରୂପ । ତେଣୁ ଅସ୍ୱାଭାବିକ ପୁଷ୍ଟି ଓ ପରିପାକ ମନ୍ଦ ସ୍ୱାସ୍ଥ୍ୟର ପ୍ରଥମ କାରଣ ଅଟେ ।

ଦ୍ୱିତୀୟତଃ ଅନିୟମିତ ପାନାହାର, ଚିନ୍ତା ଓ କର୍ମ ଜନିତ ସ୍ନାୟବିକ ଉତ୍ତେଜନା ଓ ବିକୃତ ଭାବପ୍ରବଣତା ଶରୀରକୁ ତେଜସ୍କର ଔଷଧ ପ୍ରତି ଏତେ କ୍ରିୟାଶୀଳ କରେ ଯେ ରୋଗୀମାନେ ପ୍ରାୟ ମହୁରଗକୁ ଯାଇ ଡାକ୍ତରରେ ପଡ଼ନ୍ତି ।

ତୃତୀୟତଃ ବିକ୍ଷିପ୍ତ ମାନସିକ ଉତ୍ତେଜନା ସର୍ବଦା ପ୍ରକୃତିଗତ ଦୋଷ ନୁହେଁ ବରଂ ମନ୍ଦ ସ୍ୱାସ୍ଥ୍ୟର ଫଳ ଅଟେ । ବିଶିଷ୍ଟ ଗବେଷକମାନଙ୍କ ଦ୍ୱାରା ବର୍ତ୍ତମାନ ମାନବ ମସ୍ତିଷ୍କର ଗବେଷଣା ହେଉଛି । ଶରୀରର ଅନ୍ୟାନ୍ୟ ଅଂଶର ବିଶେଷତଃ ପାକଯନ୍ତ୍ରର ଗଣ୍ଡଗୋଳ ମସ୍ତିଷ୍କ ଉପରେ ଆଘାତ ଆଣିଲେ ପୁଣି ଏହାର ମଧ୍ୟ ନିଜର ଯନ୍ତ୍ର ଅଛି ଯାହାକି ଖରାପ ହେଲେ ଯଥାର୍ଥ ଔଷଧ ପ୍ରୟୋଗ ଦ୍ୱାରା ସଜାଡ଼ା ହୋଇ ପାରିବ ।

ମୁଖ୍ୟ ସୂଚନା:—ଚୂର୍ଣ୍ଣ ଔଷଧକୁ ଜିଭ ଉପରେ ମିଳାଇ ଖାଇ ଦେବ । ବଟିକାକୁ ଗୁଣ୍ଡାଇ ପାଣିରେ ମିଳାଇ ଖାଇବ । ଔଷଧସବୁ ପ୍ରକୃତିର ସାହାଯ୍ୟକାରୀ ହୋଇଥିବାରୁ ଆପଣଙ୍କର ମନେରଖିବା ଉଚିତ ଯେ ପ୍ରକୃତି କେବଳ ଆରୋଗ୍ୟ କରେ—ଔଷଧ ନୁହେଁ ଏବଂ ସେହିହେତୁ ଆମମାନଙ୍କର ଦୈନନ୍ଦିନ ଜୀବନରେ କଠୋର ଶୃଙ୍ଖଳା ରଖିବା ନିତାନ୍ତ ଦରକାର । ପ୍ରତ୍ୟେକ କ୍ଷେତ୍ରରେ ଶରୀରର ପୁଷ୍ଟିସାଧନକୁ ନିୟନ୍ତ୍ରଣ କରିବା ସବୁଠାରୁ ମୁଖ୍ୟତମ ବିଷୟ । "ନଷ୍ଟ ସ୍ୱାସ୍ଥ୍ୟର ପୁନରୁଦ୍ଧାର" ଶୀର୍ଷକ-

Digitized by srujanika@gmail.com

ଆମ୍ଭର ପୁସ୍ତିକାରେ (ମୂଲ୍ୟ ୫ ଅଣା) ଏହା ବର୍ଣ୍ଣନା ହୋଇଅଛି ଏବଂ ଏହାହିଁ କେବଳ ଅର୍ଦ୍ଧାଧିକ ଆରୋଗ୍ୟ ପ୍ରଦାନ କରେ । ପୁସ୍ତିକାରେ ବର୍ଣ୍ଣିତ ହୋଇଥିବା ପୁଷ୍ଟିସାଧନ ବିଷୟରେ ମୌଳିକ ତତ୍ତ୍ୱସବୁ ହୃଦୟଙ୍ଗମ କର ଏବଂ ତତ୍ପରେ ତାହାକୁ ସ୍ୱୀୟ ପ୍ରୟୋଜନ ଉପଯୋଗୀ କାର୍ଯ୍ୟରେ ଲଗାଅ ।

୨ୟ ମୁଖ୍ୟ ବିଷୟ ହେଉଛି ଯେ ପ୍ରକୃତିକୁ ଜବରଦସ୍ତ କରାଯାଇ ପାରିବ ନାହିଁ ଏହା ଧୀର ମନ୍ଥର ଗତିରେ କାର୍ଯ୍ୟକରେ । ସୁତରାଂ ତୁମ୍ଭର ଧୈର୍ଯ୍ୟ ଦରକାର । ଯଦି ଆମ୍ଭେମାନେ ପ୍ରକୃତିର ବିରୁଦ୍ଧାଚରଣ କରିଥାଉ କିମ୍ବା ଅସ୍ୱାଭାବିକ ଭାବରେ ଜୀବନ ଧାରଣ କରିଥାଉ ତେବେ ଆମ୍ଭମାନଙ୍କ ସଂଶୋଧନ ଏବଂ ସେହି ମାର୍ଗରେ ପ୍ରତ୍ୟାବର୍ତ୍ତନ ଆବଶ୍ୟକ ଏବଂ ତାର ଅର୍ଥ ହେଉଛି ଯେ ସ୍ୱାସ୍ଥ୍ୟର ପୁନରୁଦ୍ଧାର ପାଇଁ ଆମ୍ଭେମାନେ ଜାଣି ଶୁଣି ଯେତେଦିନଯାଏ ପ୍ରକୃତିର ବିରୁଦ୍ଧାଚରଣ କରିଥିବୁ ସେତେଦିନ ଆବଶ୍ୟକ ।

ଆମ୍ଭେମାନେ ଆପଣମାନଙ୍କୁ କେବଳ ଔଷଧ ବିକ୍ରିବାକୁ ଯେ ବସିଅଛୁଁ ତାହା ନୁହେଁ । ଆପଣମାନଙ୍କର ସ୍ୱାସ୍ଥ୍ୟୋନ୍ନତିରେ ସାହାଯ୍ୟ କରିବା ଆମ୍ଭମାନଙ୍କର ଇଚ୍ଛା—ଏଣୁ ଆମ୍ଭେମାନେ ଆପଣମାନଙ୍କୁ ସ୍ୱାସ୍ଥ୍ୟର ନିୟମମାନ ଉତ୍ତମରୂପେ ବୁଝାଇ ଦେଉଅଛୁ । ସୁଚିନ୍ତା ଉପରେ ସୁଖମୟ ଜୀବନ ନିର୍ଭର କରେ ଏବଂ ମନୁଷ୍ୟର ମୂଲ୍ୟ ତାର ମାନସିକ କ୍ରିୟା ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ । ମନର ଉନ୍ନତି ବିନା ଆମ୍ଭେମାନେ କେବେହେଁ ଈଶ୍ୱର ପ୍ରଦତ୍ତ ସ୍ଥାନର ଦାୟିତ୍ୱ ହୃଦୟଙ୍ଗମ କରିପାରିବା ନାହିଁ ଏବଂ ଏହି ଦାୟିତ୍ୱକୁ ବୁଝିଇ ନ ପାରିଲେ ଆମ୍ଭମାନଙ୍କ ଜୀବନ ମୂଲ୍ୟହୀନ ହୋଇପଡ଼ିବ । ସେଥିପାଇଁ ଆମ୍ଭମାନଙ୍କୁ ସତର୍କ ରହିବାକୁ ହେବ ।

କ୍ୟାଲସିଓମାଇନ:—ଗୋଟିଏ ଶକ୍ତିଶାଳୀ ପୁନର୍ଗଠନକାରୀ, ପାକକ୍ରିୟା ନିୟନ୍ତ୍ରଣକାରୀ ଏବଂ ପୁଷ୍ଟିବର୍ଦ୍ଧକ ଔଷଧ ।

ଉପାଦାନ—ଅଲବୋ-ସାଙ୍ଗ୍, ହଇଥାଲ ଏସେନ୍ସ; (ଗାଇଡ ଦେଖ) ଏବଂ ଡହ୍କା କାରିକା ପଦ୍ଧତି ଦ୍ୱାରା ପ୍ରସ୍ତୁତ କାଲସିଅମ୍ ଫସଫେଟ ।

ଯେତେବେଳେ ଅଲବୋସାଙ୍ଗ ଧୀରେ ଧୀରେ କାର୍ଯ୍ୟକରେ କିମ୍ବା ତୁରନ୍ତ ଫଳଦାୟକ ନହୁଏ ସେତେବେଳେ କାଲସିଓମାଇନ୍, ବିଶେଷତଃ ବାଳାସ୍ଥି ବିକୃତି [ରିକେଟ]-ରୋଗରେ ଏବଂ ସାଧାରଣତଃ ଶୈଶବ ଓ ତରୁଣାବସ୍ଥାର ରକ୍ତହୀନତାରେ ବ୍ୟବହୃତ ହୁଏ । ଆମ୍ଭେମାନେ ବାଳାସ୍ଥିବିକୃତି ରୋଗରେ ଏହାଦ୍ୱାରା ଉତ୍କୃଷ୍ଟ ଫଳ ପାଇଅଛୁ । ଶିଶୁ ରୋଗୀମାନଙ୍କର ଶିଘ୍ର ସ୍ୱାସ୍ଥ୍ୟୋନ୍ନତି ହୁଏ ଏବଂ ସେମାନେ ୨।୪ ମାସ ମଧ୍ୟରେ ସୁସ୍ଥ ଏବଂ ସ୍ଥୂଳ ହୋଇ ଯାଆନ୍ତି । ଏହି ରୋଗରେ କାଲସିଓମାଇନ ଦିଅନ୍ତୁ ଏବଂ ଶୋଇବା ବେଳେ ଶିଶୁର ଦେହକୁ "ନାରକେଲ" ଦ୍ୱାରା ମର୍ଦ୍ଦନ କରି ପ୍ରାତଃକାଳରେ ସ୍ନାନ କରାଇ ଦିଅନ୍ତୁ । ୨୦ଠାରୁ ୩୦ ଦିନ ଯାଏ ପ୍ରତ୍ୟହ ଏବଂ ତତ୍ପରେ ପ୍ରତ୍ୟେକ ୨।୩ ଦିନରେ ଥରେ ଲେଖାଏଁ ମର୍ଦ୍ଦନ କରନ୍ତୁ । ପୁନର୍ବାର ଆମ୍ଭେମାନେ ଜୋର ସହିତ କହୁଅଛୁ ଯେ କାଲସିଓମାଇନ ଶିଶୁ ଓ ଯୁବକମାନଙ୍କ ପାଇଁ ଗୋଟିଏ ନିର୍ଭର ଯୋଗ୍ୟ ସଂଗଠନକାରୀ ଔଷଧ ।

Digitized by srujanika@gmail.com

ପ୍ରୟୋଗବିଧି:—ଶିଶୁମାନଙ୍କ ପାଇଁ—ଗୋଟିଏ ବଟିକାର ଚଉଠାରୁ ଅଧା ପର୍ଯ୍ୟନ୍ତ । ପିଲ୍ଲମାନଙ୍କ ପାଇଁ ଅଧାରୁ ଗୋଟିଏ ଟିକା ପର୍ଯ୍ୟନ୍ତ । ପ୍ରାପ୍ତବୟସ୍କଙ୍କ ପାଇଁ ୧ଠାରୁ ୩ଟି ବଟିକା ଖାଇବାର ଘଣ୍ଟାଏ କିମ୍ବା ଅଧ ଘଣ୍ଟା ପୂର୍ବରୁ କିମ୍ବା ଖାଇବାର ଘଣ୍ଟାଏ ବା ଦୁଇ ଘଣ୍ଟା ପରେ ସେବ୍ୟ । ପ୍ରତ୍ୟେକ ବଟିକା ପ୍ରାୟ ୩ ଗ୍ରେନ ।

ଏହି ପ୍ରଚାର-ପତ୍ରର ପୂର୍ବ ସଂସ୍କରଣରେ ବର୍ଣ୍ଣିତ ଏନ୍‌ଜୋଫସ୍, ଏହି ସଂସ୍କରଣରେ ସପ୍ରେ-ଫସ ନାମରେ ବର୍ଣ୍ଣନା କରା ହୋଇଛି ।

ମିଥିଓଡ଼୍ୟୁମ ଏବଂ କାରଓଡ଼୍ୟୁମ —ବହୁମୂତ୍ର ରୋଗ, ମନ୍ଦ ପରିପାକ ଓ ଗ୍ରାହ୍ୟ ଶକ୍ତିର ଅଭାବରେ ଏହି ଦୁଇଟି ଔଷଧ ବ୍ୟବହାର୍ଯ୍ୟ ।

ନିୟମିତ ଖାଦ୍ୟ ଓ ଇନ୍‌ସୁଲିନ୍ ଇନ୍‌ଜେକସନ୍ ଜନିତ ବହୁତ ଅସୁବିଧା ଭୋଗ କରିଥିବା ଓ ଖର୍ଚ୍ଚାନ୍ତ ହୋଇଥିବା ବହୁମୂତ୍ର ରୋଗୀମାନଙ୍କ ପକ୍ଷରେ ଏହି ଔଷଧ ଦୁଇଟି ଉପକାରୀ । "ନଷ୍ଟ ସ୍ୱାସ୍ଥ୍ୟ ଉଦ୍ଧାର" ପୁସ୍ତିକାରେ ଲିଖିତ ପାନାହାରରେ ଯଦି କଠୋର ଶୃଙ୍ଖଳା ଅବଲମ୍ବନ କରାଯାଏ ତେବେ କୌଣସି ଇଞ୍ଜେକ୍‌ସନ୍ କିମ୍ବା ଖାଦ୍ୟ ନିୟନ୍ତ୍ରଣ ବିନା ମିଥିଓଡ଼୍ୟୁମ୍ ଓ କାରଓଡ଼୍ୟୁମ ଦ୍ୱାରା ମନୁଷ୍ୟ ଶର୍କରାରୁ ମୁକ୍ତ ହୋଇ ପାରିବ ।

ଉପାଦାନ:—ମିଥିଓଡ଼୍ୟୁମ—କାରିକା ପପେୟା, ଅଇଓଡ଼ାଇଜଡ୍ ଓ ମେଥିଲନ-ଏଟେଡ ଏଲ୍‌ବୁମେନ ଓ ସୋଡ଼୍ୟୁମ ଏବଂ ଫେନୁଗ୍ରୀକ୍ ମଞ୍ଜି ଦ୍ୱାରା ପ୍ରସ୍ତୁତ ।

କାରଓଡ଼୍ୟୁମ—ଅନିଲିନ୍ ରଙ୍ଗ ସହିତ ପ୍ରସ୍ତୁତ ଅଇଓଡାଇଜଡ୍ ସୋଡ଼୍ୟୁମ୍, ଏଲ୍‌ବୁମେନ ଏବଂ ସେନଛାଇନ (ଗାଇଡ଼ ଦେଖ) କାର୍ଯ୍ୟକାରୀ ଉପାଦାନ ଦ୍ୱାରା ପ୍ରସ୍ତୁତ କରା ହୋଇଅଛି ।

ପ୍ରୟୋଗ ବିଧି —ମିଥିଓଡ଼୍ୟୁମ ବଟିକାରୁ ଗୋଟିଏ ବା ଦୁଇଟି ଖାଇବାର ଅର୍ଦ୍ଧ ଘଣ୍ଟା ବା ଘଣ୍ଟାକ ପୂର୍ବରୁ ଏବଂ କାରଓଡ଼ିଅମ ବଟିକାରୁ ଗୋଟିଏ ବା ଦୁଇଟି ଖାଇବାର ଘଣ୍ଟାଏ ବା ଦୁଇ ଘଣ୍ଟା ପରେ ସେବ୍ୟ ।

ଦ୍ରଷ୍ଟବ୍ୟ—ବହୁମୂତ୍ର ଅବସ୍ଥାରେ ପରିସ୍ରାରେ ଶର୍କରା ନଥିବା ପ୍ରଥମ ଓ ପ୍ରଧାନ ବିଷୟ ନୁହେଁ । ଯେତେବେଳେ ରୋଗୀ ସାଧାରଣ ସ୍ୱାସ୍ଥ୍ୟୋନ୍ନତି ଅନୁଭବ କରେ ଏବଂ ତାହାର କ୍ଳାନ୍ତି, କ୍ଷୟ, ତୃଷା ଓ ବାରମ୍ବାର ମୂତ୍ରତ୍ୟାଗ ପ୍ରଭୃତି ରୋଗର ଅନ୍ୟାନ୍ୟ ଲକ୍ଷଣମାନ ଲୋପ ପାଏ, ସେତେବେଳେ ରୋଗୀ ଯେ କେବେହେଁ ବହୁମୂତ୍ର ରୋଗରେ ମରିବ ନାହିଁ ଏ ବିଷୟରେ ନିଶ୍ଚିନ୍ତ ରହି ପାରିବ । ଏଗୁଡ଼ିକ ପ୍ରଥମ ଲକ୍ଷଣ । ଯେତେ-ବେଳେ ଏହି ସୁଲକ୍ଷଣମାନ ଦେଖାଯିବ ସେତେବେଳେ ପରିସ୍ରାରେ ଶର୍କରା ବିଷୟ ନେଇ କେବେହେଁ ମୁଣ୍ଡ ଖେଳାଇବ ନାହିଁ । କାହାର କାହାର ଏହା ସପ୍ତାହକ ମଧ୍ୟରେ, କାହାର କାହାର କେତେମାସ ଏବଂ କାହାରି କାହାରି ବା ବର୍ଷେ ଦେଢ଼ବର୍ଷ ମଧ୍ୟରେ ଧୀରେ ଧୀରେ ଲୋପ ପାଏ । ପ୍ରଧାନ ସାହାଯ୍ୟକାରୀ ଔଷଧ ବ୍ରାନୋଫେ୍ଲକ୍ସ (ପ୍ରାକୃତିକ ଭିଟାମିନ ଖ ଏବଂ ଗ) ଗୃହା ମ୍ୟେଦରେ ଚାମଚାରୁ ଏକ ଚାମଚ ଆହାର ପରେ ସେବ୍ୟ । ଝାଡ଼ାର ଗତି ଅନୁସାରେ ଏହାର ମାତ୍ରାକୁ ବଢ଼ାଇବ କିମ୍ବା କମାଇବ । ବ୍ରାନୋଫେ୍ଲକ୍ସ ଝାଡ଼ା କରାଇବା

Digitized by srujanika@gmail.com

ଔଷଧ ନୁହେଁ, କେବଳ ପ୍ରାକୃତିକ ପ୍ରଣାଳୀରେ କୋଷ୍ଠ ନିଷ୍କାସନ କରାଏ । "ନକ୍ସ ସ୍ୱାସ୍ଥ୍ୟାଗାର" ପୁସ୍ତିକାରେ ବର୍ଣ୍ଣିତ ନିୟମାନୁସାରେ ଖାଦ୍ୟ ଓ ସ୍ୱଭାବକୁ ନିୟନ୍ତ୍ରିତ କରେ । ବହୁମୂତ୍ର ରୋଗୀ ଏହି ନିୟମାନୁସାରେ ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରନ୍ତି ଏବଂ ୨,୩ ମାସ ମଧ୍ୟରେ ପ୍ରଫୁଲ୍ଲ ଏବଂ ଯୁବକ ସଦୃଶ ଦେଖା ଯାଆନ୍ତି ।

ଆଭରୋ-ଫସ—ସ୍ନାୟବିକ ଦୌର୍ବଲ୍ୟ ଓ ମସ୍ତିଷ୍କ ବିକୃତି ପାଇଁ ।

ଉପାଦାନ—ଅଭଗ୍ରଟିନମ, ଫ୍ରକ୍‌ଟୋଜାଇମ (ଗାଇଡ଼ ଦେଖନ୍ତୁ) ପୋଟାସିଅମ ଫସଫେଟ ସହ ସୁଗାର ଅଫ୍ ମିଲ୍‌କ ମିଶାଇ ଅଣୁକୃତ କରା ହୋଇଛି ।

କେଉଁ ରୋଗରେ ପ୍ରଯୁଜ୍ୟ—ସମସ୍ତ ପ୍ରକାର ସ୍ନାୟବିକ ଦୌର୍ବଲ୍ୟ ଓ ମସ୍ତିଷ୍କ ବିକୃତିରେ । ସୁଖମୟ ଦାମ୍ପତ୍ୟ ଜୀବନ ଅତିବାହିତ କରୁଥିବା ଏବଂ ଦୁଇଟି ସନ୍ତାନର ଜନନୀ ହୋଇଥିବା ଗୋଟିଏ ଯୁବତୀ ହଠାତ୍ ଦିନେ ତାର ସ୍ୱାମୀକୁ ଗାଳି ଦେବାକୁ ଲାଗିଲା ଏବଂ କହିଲା ଯେ, ସେ ତ ତାକୁ ପ୍ରେମ କରୁନାହାନ୍ତି, ଇତ୍ୟାଦି । ଏଥିରେ ଘରର ଲୋକେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । କେତେ ପାନ ଅଭରୋ-ଫସ ଦ୍ୱାରା ସମସ୍ତ ଅଶାନ୍ତି ଦୂର ହୋଇଯାଇ ଯୁବତୀଟି ପୂର୍ଣ୍ଣ ପ୍ରକୃତିସ୍ଥ ହୋଇଥିଲା । ଏହିପରି ଘଟଣା ଭିନ୍ନ ଭିନ୍ନ ପ୍ରକାରରେ ପ୍ରାୟ ଘଟିଥାଏ ଏବଂ ରୋଗୀର ଲୋକମାନେ ଏହାକୁ ଠିକ୍ ଭାବରେ ବୁଝି ପାରନ୍ତି ନାହିଁ । ତୁରନ୍ତ ଚିକିତ୍ସା କରାଗଲେ ଅଧିକାଂଶ ରୋଗୀ ୨ ଠାରୁ ୬ ସପ୍ତାହ ମଧ୍ୟରେ ଆରୋଗ୍ୟ ଲାଭ କରନ୍ତି ।

ମାତ୍ରା—ଆମର ଗ୍ରେନ୍ ଚାମଚରେ ୩ ଠାରୁ ୫ ଗ୍ରେନ୍ ପର୍ଯ୍ୟନ୍ତ । ଶିଶୁମାନଙ୍କ ପାଇଁ ଏହି ଅନୁସାରେ ମାତ୍ରା ନିୟନ୍ତ୍ରଣ କରିବ । ପ୍ରତି ୩,୪ ଘଣ୍ଟା ଅନ୍ତରରେ ଥରେ ଲେଖାଏଁ ଅଭରୋଫସ ଜିଭ ଉପରେ ପକାଇ ମିଳାଇ ଖାଇବ ।

ଅଗରଫସ—ମୂର୍ଚ୍ଛା (Hysteria) ଏବଂ ଅପସ୍ମାର ପାଇଁ ।

ଉପାଦାନ—ଅଗର-କୋ, ଫ୍ରକ୍‌ଟୋଜାଇମ୍ (ଗାଇଡ ଦେଖନ୍ତୁ) ଏବଂ ପୋଟାସିଅମ ଫସଫେଟକୁ ସୁଗାର ଅଫ୍ ମିଲ୍‌କ ସହିତ ମିଶାଇ ଅଣୁକୃତ କରା ହୋଇଛି ।

କେଉଁ ରୋଗରେ ପ୍ରଯୁଜ୍ୟ—ମୂର୍ଚ୍ଛା ଏବଂ ଅପସ୍ମାର ରୋଗରେ । ମସ୍ତିଷ୍କ ବିକୃତିରେ ଯେତେବେଳେ ଅଭରୋ-ଫସ କାର୍ଯ୍ୟ ନ କରେ ସେତେବେଳେ ଅଭରୋ-ଫସ ସହିତ ଏହି ଅଗର-ଫସ ପର୍ଯ୍ୟାୟକ୍ରମେ ବ୍ୟବହାର କରିବ ।

ମାତ୍ରା—ପ୍ରାପ୍ତବୟସ୍କମାନଙ୍କ ପାଇଁ ୩ ଠାରୁ ୫ ଗ୍ରେନ୍ ପର୍ଯ୍ୟନ୍ତ ଏବଂ ତଦନୁଯାୟୀ ପିଲାମାନଙ୍କ ପାଇଁ ମାତ୍ରା ନିୟନ୍ତ୍ରଣ କରିବ । ମୂର୍ଚ୍ଛା ରୋଗରେ ଅଲ୍‌ବୋସାଙ୍ଗ ଓ ଭାଲସିଓମାଇନ୍ ସହିତ ଏହାକୁ ଦୈନିକ ୩,୪ ଥର ଖାଇବା ପରେ ଖାଇବାକୁ ଦେବ । ଯଦି ମୂର୍ଚ୍ଛାରୋଗ ପାରିବାରିକ ଅଶାନ୍ତି, ଉଦ୍‌ବେଗ କିମ୍ବା ଦୁଃଖ ପାଇଁ ହୋଇଥାଏ ତେବେ ଅଭରୋ-ଫସ ଅଧିକ ଫଳଦାୟକ ହେବ କିମ୍ବା ଉଭୟକୁ ପର୍ଯ୍ୟାୟକ୍ରମେ ବ୍ୟବହାର କରିବାକୁ ଦେବ । ଅପସ୍ମାର ରୋଗରେ ଦୈନିକ ୩,୪ଥର ଦିଅନ୍ତୁ । ରାତିରେ ଶୋଇବାବେଳେ ୧ ରୁ ୨ ଗ୍ରେନ୍ ଅଗର-କୋ ଦିଅନ୍ତୁ । ରାତିରେ ଶୋଇଲାବେଳେ ଟିକେ ନର୍ଗୋଲ ଦୁଇ କାନରେ ପକାଇବ ଏବଂ ମୁଣ୍ଡ ତାଳୁରେ ଲଗାଇବ । ଶରୀର ପୁଷ୍ଟି ପାଇଁ

Digitized by srujanika@gmail.com

ପ୍ରତିଥର ଖାଇବା ପରେ ଅଲ୍‌ବୋମାଇଁ କିମ୍ବା କାଲ୍‌ସିର୍ଓମ ଇନ୍ ଦଅନ୍ତୁ । ଅପସ୍ମାର ବାତ ଆରୋଗ୍ୟ ହେବା ପରେ ମଧ୍ୟ ଖୁବ୍ କମରେ ୬ ମାସ ପର୍ଯ୍ୟନ୍ତ ଚିକିତ୍ସା ଚାଲୁ ରଖିବା ଉଚିତ ।

ବ୍ରାଟୋଫସ—ଶ୍ୱାସ, ଛାଙ୍କିବା ଏବଂ ବାରମ୍ବାର ହେଉଥିବା ସର୍ଦ୍ଦି ପାଇଁ ।

ଉପାଦାନ—ବ୍ରାଟା, ଡଇହାଲ ଏସେଟସ, ବେଞ୍ଜୋମୋନସ, ସଲଫର ଏବଂ ପୋଟାସିଅମ୍ ଫସଫେଟ ଓ ସୁଗାର ଅଫ୍ ମିଲ୍‌କ ସହିତ ଅନୁକୂଳ କରା ହୋଇଅଛି ।

ଯେଉଁ ରୋଗରେ ପ୍ରଯୁଜ୍ୟ—ଶ୍ୱାସ, କଫଡ଼ା କାଶ, ଛାଙ୍କ ଏବଂ ସର୍ଦ୍ଦିରେ ଏହି ଔଷଧ ବ୍ୟବହାର କରି ଆଶାତୀତ ଫଳ ଲାଭ କରାଯାଇଛି ।

ଚିକିତ୍ସା—ଶ୍ୱାସରେ ବ୍ରାଟୋଫସ ୩ ଠାରୁ ୫ ଗ୍ରେନ୍ ଦୈନିକ ୩,୪ ଥର ଦଅନ୍ତୁ ଏବଂ ଶୋଇଲାବେଳେ ଦୈନିକ ୧ ଠାରୁ ୨ ଗ୍ରେନ୍ ବ୍ରାଟା ଦଅନ୍ତୁ (ଗାଇଡ଼ ଦେଖନ୍ତୁ) । ଏହି ଅନୁସାରେ ପିଲାମାନଙ୍କ ପାଇଁ ମାତ୍ରା ନିୟନ୍ତ୍ରଣ କରନ୍ତୁ । ରୋଗର ପ୍ରକୋପ ବେଳେ ପ୍ରତି ଅଧଘଣ୍ଟାରେ ୩ ଗ୍ରେନ୍ କରି ବ୍ରାଟୋଫସ ଦେଲେ ଖୁବ ଶୀଘ୍ର ଫଳ ମିଳେ । ଦୈନିକ ଥରେ କିମ୍ବା ଦୁଇଥର କେତେ ବୁନ୍ଦା ଓ ନ୍ଦ୍ର ନାକରେ ପକାଇବ ଏବଂ ଅଲବୋମାଇଁ କିମ୍ବା କାଲସିର୍ଓମାଇନ୍ ଟାବଲେଟ ପ୍ରତ୍ୟେକ ଖାଇବା ପରେ ବ୍ୟବହାର କରାଯାଇ ପାରେ । ଶ୍ୱାସରେ ପଥ୍ୟହିଁ ସବୁଠାରୁ ମୁଖ୍ୟ କଥା । ରୋଗୀ ରାତିରେ ପେଟ ପୂରାଇ ଖାଇବ ନାହିଁ । ସୂର୍ଯ୍ୟାସ୍ତର ଘଣ୍ଟାଏ ପୂର୍ବରୁ ଶେଷ ଭୋଜନ ହେବା ଉଚିତ । ଛାଙ୍କ ଓ ସର୍ଦ୍ଦିରେ ବ୍ରାଟୋ-ଫସ ୩,୪ ଥର ଏବଂ ଓ. ଓ ନ୍ଦ୍ର ବୁନ୍ଦା ବ୍ୟବହାର କରିବ ।

ସେରିବ୍ରିନ—ମସ୍ତିଷ୍କର ସାଧାରଣ ଅବସ୍ଥା ଫେରାଇ ଆଣିବା ପାଇଁ । ଏହା

ଗୋଟିଏ ଗୁଳ୍ମଜାତୀୟ କ୍ଷୁଦ୍ର ଉଦ୍ଭିଦ । ଏହାର ଶାସ୍ତ୍ରୀୟ(ଲାଟିନ) ନାମ ଜଣାଯାଇ ନାହିଁ । ଏହା ପୁରାତନ କାଳରୁ ଏବଂ ପଥର ଖୋଲରେ ଜନ୍ମେ । ଧ୍ୟାନ ଧାରଣାରେ ସାହାଯ୍ୟ କରିବା ଲାଗି ପୁରାତନ ଋଷିମାନେ ଏହାକୁ ବ୍ୟବହାର କରୁଥିଲେ । ଆମ୍ଭେମାନେ ଏହାକୁ ପୋଟାସିଅମ୍ ଏବଂ କାଲ୍‌ସିଅମ ଫସ୍‌ଫେଟ୍ ଦ୍ୱାରା ଅଧିକ କାର୍ଯ୍ୟକାରୀ ଏବଂ ସୁଗାର ଅଫ୍ ମିଲ୍‌କ ଦ୍ୱାରା ଶକ୍ତିସମ୍ପନ୍ନ କରିଅଛୁ । ଏହା ନିମ୍ନଲିଖିତ ରୋଗରେ ସୁଫଳ ଦେବ ବୋଲି ଆମେ ପରୀକ୍ଷା ଦ୍ୱାରା ସିଦ୍ଧାନ୍ତ କରିଛୁ ।

ଚିଡ଼ଚିଡ଼ା ସ୍ୱଭାବ, ସବୁ ବିଷୟରେ ବିରକ୍ତି, ଚିନ୍ତାଗ୍ରସ୍ତତା ଯୋଗୁଁ ଅନିଦ୍ରା, କ୍ଷଣଭଙ୍ଗୁର ନିଦ୍ରା, କୌଣସି ବିଷୟରେ ଅଧିକ କ୍ଷଣ ମନୋନିବେଶ କରି ନ ପାରିବା, ସାମାନ୍ୟ ମାନସିକ ପରିଶ୍ରମରେ କାତର ହୋଇ ପଡ଼ିବା, କୌଣସି କୌଣସି ବିଷୟରେ ଚିନ୍ତା ନ କରି ରହି ନ ପାରିବା ଓ କ୍ଷୀଣ ମନୋବଳ ଇତ୍ୟାଦି ସେରିବ୍ରିନ ଦ୍ୱାରା ଆରୋଗ୍ୟ ହୁଏ ।

ଏହା ବିଶେଷ ଭାବରେ ଲକ୍ଷ୍ୟ କରିବାକୁ ହେବ ଯେ, ମସ୍ତିଷ୍କର ଅସାଧାରଣ ଅବସ୍ଥା ପାଇଁ କେବଳ ସେରିବ୍ରିନ ଏବଂ ମାନସିକ ବିକୃତି ପାଇଁ କେବଳ ଅଭରୋ-ଫସ ପ୍ରଯୁଜ୍ୟ ।

Digitized by srujanika@gmail.com

ମାତ୍ରା—ଶିଶୁମାନଙ୍କ ପାଇଁ ଏକ ଗ୍ରେନ୍ ଓ ବୟସ୍କମାନଙ୍କ ପାଇଁ ୫ଗ୍ରେନ୍ ଦୈନିକ ଆବଶ୍ୟକାନୁଯାୟୀ ବହୁବାର ଦିଆଯାଇ ପାରେ । ସେରିବ୍ରୋନ ଅମ୍ଳଦୋଷ ନିବାରକ । ସେଥିଯୋଗୁ ଆମ୍ଭେମାନେ ଅମ୍ଳରୋଗୀମାନଙ୍କୁ ପ୍ରତ୍ୟହ ଖାଇ ସାରିବା ପରେ ଏହାକୁ ଖାଇବାକୁ ନିର୍ଦ୍ଦେଶ ଦେଇଥାଉଁ । ଅଲକୋ-ସାଙ୍ଗ କିମ୍ବା ବ୍ରୋମୋ-ଫ୍ଲେକ୍ସକୁ ଖାଇବା ପରେ ବ୍ୟବହାର କରୁଥିବା ବ୍ୟକ୍ତିମାନେ ୧୫ ମିନିଟ ପରେ କେତେକ ଗ୍ରେନ୍ ସେରିବ୍ରୋନ ଜିଭ ଉପରେ ରଖି ଖାଇ ପାରନ୍ତି ।

ସ୍ନାୟବିକ ରୋଗ ଆଜିକାଲି ବିଶେଷ ଖଣ୍ଡି କରୁଅଛି ଏବଂ ଅଜମା ବା ଶ୍ୱାସ-ରୋଗ ଏହା ମଧ୍ୟରେ ଅନ୍ୟତମ । ଅମ୍ଳ ନିବାରଣ ପାଇଁ ଆମ୍ଭେମାନେ ନୂତନ ଔଷଧ ପ୍ରସ୍ତୁତ କରିଅଛୁ । ଏହିସବୁ ରୋଗକୁ ଖୁବ ସାବଧାନତା ସହକାରେ ଚିକିତ୍ସା କରିବା ଉଚିତ । ଉଗ୍ର ଔଷଧ ଖାଇବା ଦ୍ୱାରା ଏ ଗୁଡ଼ିକ ଅଧିକ ଖରାପ ଆଡ଼କୁ ଗତିକରେ । ତେଣୁ ଅକ୍ସେ-ଫସ, ଅମର-ଫସ, ବ୍ରୋମୋଫସ ଏବଂ ସେରିବ୍ରୋନ୍ ସମ୍ବନ୍ଧରେ ବିଶେଷ ଭାବରେ ପଢ଼ନ୍ତୁ ଏବଂ ଏଗୁଡ଼ିକୁ ବୁଦ୍ଧିମତାର ସହିତ ପ୍ରୟୋଗ କରନ୍ତୁ । ଦୁର୍ବଳସ୍ନାୟୁ ରୋଗୀଙ୍କ ଚିକିତ୍ସା ପାଇଁ ଏସବୁ ବ୍ୟବହୃତ ହୋଇପାରେ । ନୂତନ ଗବେଷଣା ଦ୍ୱାରା ଉନ୍ନତ ହୋଇଥିବା ଅମୃତ ନର୍ଭୋଫ୍ଲେକ୍ସ ଏବଂ ସେନ୍ଜାଇନ୍ ସ୍ନାୟବିକ ଦୌର୍ବଲ୍ୟ ପାଇଁ ଅବ୍ୟର୍ଥ ଔଷଧ । (ଗାଇଡ଼ ଦେଖ)

ସିରୋ-ଫସ—ଅତ୍ୟଧିକ ଅମ୍ଳ ପାଇଁ । ଏହା ଅତ୍ୟଧିକ ଅମ୍ଳତା ନଷ୍ଟ କରେ । ଦୁଇବାର ଭୋଜନର ବ୍ୟବଧାନରେ ଶିଶୁମାନଙ୍କ ପାଇଁ ୨ଗ୍ରେନ୍ ଓ ବୟସ୍କ-ମାନଙ୍କ ପାଇଁ ୫ଗ୍ରେନ୍ ଆବଶ୍ୟକାନୁଯାୟୀ ବହୁତ ଥର ବ୍ୟବହାର କରାଯାଇ ପାରେ । ଏହା ବ୍ୟବହାର କଲେ ଛାତି ପୋଡ଼ା, ପେଟଫମ୍ପା ଏବଂ ନାନା ପ୍ରକାର ଅସ୍ୱସ୍ତି ବୋଧ ଦୂର ହୁଏ । ଏହା ସଦ୍ୟ ଫଳପ୍ରଦ ଏବଂ କିଛି ଦିନ ବ୍ୟବହାର କଲେ ରୋଗ ସମୂଳେ ବିନଷ୍ଟ ହୁଏ । ଅମ୍ଳରୋଗୀ ଖାଇବା ପରେ ସେରିବ୍ରୋନ ଖାଇପାରନ୍ତି ଏବଂ ସିରୋଫସ ଭୋଜନର ବ୍ୟବଧାନରେ ଅବା ଦିନରେ ବା ରାତିରେ ଯେ କୌଣସି ସମୟରେ ବ୍ୟବହାର କରି ପାରନ୍ତି । ଏହି ଅମ୍ଳରୋଗ ପାଇଁ ଆମର ମାଗ୍ନାଇନ [ଗାଇଡ୍ ଦେଖନ୍ତୁ] ଅଛି । କିନ୍ତୁ ଦୁର୍ବଳମନା ଲୋକମାନଙ୍କ ପାଇଁ ସିରୋଫସ ଅଧିକ ଉପଯୋଗୀ । ମାଗନାଇନ [ଗାଇଡ଼ ଦେଖନ୍ତୁ] କେବଳ ଉପଶମ କରାଏ କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ କାରକ ନୁହେଁ; କିନ୍ତୁ ସିରୋଫସ ସଦ୍ୟ ଉପଶମକାରୀ ଓ ଆରୋଗ୍ୟକାରୀ । ସିରୋଫସରେ ସୋଡ଼ିୟମ ଫସଫେଟ ଅଛି ଏବଂ ତାହାକୁ ସେରିବ୍ରୋନ୍ ସହିତ ମିଶାଇ ଅଣୁକୃତ କରା ହୋଇଅଛି ।

Digitized by srujanika@gmail.com

ଇଞ୍ଜେକ୍‌ଟେବଲ୍‌ସ

ପ୍ରତ୍ୟେକ ଇଞ୍ଜେକସନ୍‌ର ମାତ୍ରା ଶିଶୁମାନଙ୍କ ପାଇଁ ୧/୪ ସି:ସି: ଠାରୁ ବୟସ୍କମାନଙ୍କ ପାଇଁ ୧ ସି:ସି: ପର୍ଯ୍ୟନ୍ତ । ଜରୁର ଅବସ୍ଥା ଥିଲେ ଦୈନିକ ଏହି ଇଞ୍ଜେକସନ ଦେବ । ଏବଂ ଅନ୍ୟାନ୍ୟ କ୍ଷେତ୍ରରୁ ପ୍ରତି ୪୮ ଘଣ୍ଟାରେ କିମ୍ବା ୭୨ ଘଣ୍ଟାରେ ଥରେ ଚମର ତଳେ [subcutaneous] ଦେବ । ଇଞ୍ଜେକସନ ଗୁଡ଼ିକ ବେଦନା ଶୂନ୍ୟ ଏବଂ କୌଣସି କୁପ୍ରତିକ୍ରିୟା କରେ ନାହିଁ । ଏହି ଇଞ୍ଜେକସନ ସବୁ ଅଦ୍ଭୁତ ଗତିରେ କାର୍ଯ୍ୟ କରନ୍ତି । ଏଗୁଡ଼ିକ ସାମାନ୍ୟ ଧାତବ ପଦାର୍ଥ ଦ୍ୱାରା ମିଶ୍ରିତ କେତେକ ସତେଜ ଚେର ମୂଳିକା ଔଷଧ । ଏହା ଏପରି ଭାବରେ ଜୈବିକ କ୍ରିୟାବର୍ଦ୍ଧକ ଓ ରକ୍ତର ଛବିକୁ ପରିବର୍ତ୍ତନ କରି ଦିଏ ଯେ ଡାକ୍ତରମାନେ, ତାହା ଦେଖି ଏହି ଔଷଧ ରୋଗ ଆରୋଗ୍ୟ କରେ ନାହିଁ; କିନ୍ତୁ ଏହି ଔଷଧ ଦ୍ୱାରା ରୋଗୀର ଶକ୍ତି ଉତ୍ତେଜିତ ହୋଇ ଉଠେ ବୋଲି ଅନୁଭବ କରନ୍ତି । ସମସ୍ତ ଉପାଦାନ ଓ ଅନ୍ୟ ଜ୍ଞାତବ୍ୟ ବିଷୟମାନ ଗାଇଡ଼ରେ ଓ ପୃଥକ ପ୍ରଚାର ପତ୍ରରେ ବର୍ଣ୍ଣିତ ହୋଇଅଛି ।

ଆର୍କ୍‌ଟିଆମ—ଏହା ବିଶେଷ ଭାବରେ ସିଫିଲିସ ବା ଉପଦଂଶ ଏବଂ କାହୁ ଓ ଅନ୍ୟାନ୍ୟ ଚର୍ମରୋଗ ପାଇଁ ବ୍ୟବହୃତ ହୁଏ । ଏହାର ସୁନାମ ଉତ୍ତରୋତ୍ତର ବୃଦ୍ଧି ପାଇଅଛି । ଅଇଓଡିନ ଆର୍କ୍‌ଟିଅମର ସାହାଯ୍ୟକାରୀ ଏବଂ ବିଶେଷ ଭାବରେ ଏହାକୁ ଆର୍କ୍‌ଟିଅମ ବଦଳରେ ଦେଲେ ଚମତ୍କାର ଫଳ ମିଳେ ।

ଅଭ୍ରବିଟିନମ—ଆର୍କ୍‌ଟିଅମ ଓ ଅୟୋଡିନର କ୍ରିୟାକୁ ବୃଦ୍ଧି କରାଏ ବିଶେଷତଃ ପୁରାତନ ରୋଗରେ ।

ଅଗର କୋ—ଅପସ୍ମାର, ଶିଶୁ ଓ ବାଳକମାନଙ୍କର ଝାଡ଼, ପୁରୁଷ ଓ ସ୍ତ୍ରୀମାନଙ୍କର ମୂର୍ଚ୍ଛାରୋଗ ପାଇଁ ପ୍ରଯୁଜ୍ୟ । ଅପସ୍ମାରରେ ଶରୀରର ପୁଷ୍ଟି ବଢ଼ାଏ, ଦିନରେ କୋଇଟାଲ ଏସେନ୍‌ସ କିମ୍ବା ପ୍ରତ୍‌ଟୋଜାଇମ (କିମ୍ବା ଉଭୟ) ପ୍ରୟୋଗ କରନ୍ତୁ ଏବଂ ରାତିରେ ଶୋଇଲାବେଳେ ଅଗର କୋ ଦିଅନ୍ତୁ । ଏହିପରି ଭାବରେ ବର୍ଷେ କିମ୍ବା ତଦୁର୍ଦ୍ଧ୍ୱ ଚିକିତ୍ସା ଚଳାନ୍ତୁ । ମୂର୍ଚ୍ଛା ରୋଗରେ ଏହିପରି ଭାବରେ ମଧ୍ୟ ଚିକିତ୍ସା କରନ୍ତୁ । ଅଗର କୋ ଖାଇ ଯଦି ସୁଫଳ ନମିଳେ ତେବେ ଏହାକୁ ଇଞ୍ଜେକସନ ଦ୍ୱାରା ଦେବା ଉଚିତ ।

ଅରଗ୍ଭିଟିନମ—ଯେଉଁ ସବୁ ରୋଗରେ ସ୍ୱତନ୍ତ୍ର ପ୍ରୟୋଗ ଦରକାର ସେସବୁ ରୋଗରେ ଅରବାଇଟିନମ ଦିଆଯାଏ । ଋତୁ ବନ୍ଦ ଏବଂ ଅନିୟମିତ ଋତୁ, ଯକ୍ଷ୍ମା, ଗଣ୍ଡି

Digitized by srujanika@gmail.com

ବାତ ଏବଂ ଯାବତୀୟ ଦୂଷିତ ରକ୍ତରେ ଏହା ପ୍ରଯୁଜ୍ୟ । ସପ୍ତାହରେ ଥରେ ଅଭରାଟିନମ୍ ଇଞ୍ଜେକସନ ଏବଂ ଅନ୍ୟ ସମୟରେ ଅଲବୋସାଙ୍ଗ ଓ ଅନ୍ୟାନ୍ୟ ଉପଯୁକ୍ତ ଔଷଧ ଖାଇବାକୁ ଦେଲେ ଯକ୍ଷ୍ମା ବା କ୍ଷୟରୋଗରେ ଅଦ୍ଭୁତ ଫଳ ଦିଏ । ଅଭରାଟିନମ ସୁରୁ ରକ୍ତସ୍ରୋତରେ ମିଶିଯାଏ । ଅଭରାଟିନମରେ ଥିବା ସ୍ୱତନ୍ତ୍ର ତେଲ ମୂଳର ରସ ସହିତ ସଂଯୁକ୍ତ ହୋଇ ଗଭୀର କାର୍ଯ୍ୟ କରାଏ ଏବଂ ଏକାକୀ ସ୍ୱର୍ଣ୍ଣ ଦ୍ୱାରା ହେଉଥିବା କ୍ରିୟାଠାରୁ ଅଧିକ ସନ୍ତୁଷ୍ଟ ଫଳ ଦିଏ ।

ବେଞ୍ଜୋହରମୋନସ୍ ବା ବେଞ୍ଜୋମୋନସ୍ (ଶ୍ୱାସ) — ଅଜମା ।

ଓ ଗନୋରିଆରେ ପ୍ରଯୁଜ୍ୟ । ଆଜମାର ପ୍ରକୋପ ବେଳେ ଗୋଟିଏ ମାତ୍ର ଇଞ୍ଜେକସନ କେତେକ ମୁହୂର୍ତ୍ତ ମଧ୍ୟରେ ସମ୍ପୂର୍ଣ୍ଣ ଉପଶମ ଆଣିଦିଏ । ପ୍ରତି ୪।୮ ଦିନରେ ଗୋଟିଏ ଲେଖାଏ ଇଞ୍ଜେକସନ (ଦୁଇଟାରୁ ତେଇଶଟା ଇଞ୍ଜେକ୍ସନ ପର୍ଯ୍ୟନ୍ତ) ଦେଇ ଦୁଇ ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଏହି ରୋଗରୁ ରକ୍ଷା କରାଯାଇଅଛି । ଦୈନିକ ତିନଥର ଅଜମା କମ୍ପାଉଣ୍ଡରୁ ୫।୧୦ ଗ୍ରେନ ପର୍ଯ୍ୟନ୍ତ ଖାଇବାକୁ ଦେବେ । ଶରୀର ପୁଷ୍ଟି ପାଇଁ ଅଲବୋସାଙ୍ଗ ଦୈନିକ ଥରେ ଦେବେ । ବେଞ୍ଜୋ-ହର୍ମୋନସରୁ ଦୁଇଗ୍ରେନ ଦୈନିକ ୩।୪ଥର ଖାଇବାକୁ ଏବଂ ୪।୮ ଦିନରେ ଥରେ ଏହାର ଇଞ୍ଜେକ୍ସନ ଦେଲେ ଜଳୋଦରୀରେ ଏହା ଶୀଘ୍ର ସନ୍ତୋଷଜନକ ଫଳ ଦିଏ । ବେଞ୍ଜୋହରମୋନସ ଗୋଟିଏ ଉପାଦେୟ ପ୍ରସ୍ରାବ କାରକ । ପ୍ରଥମ ଦୁଇମାତ୍ରା ଖାଇବା ପରେ ପରିସ୍ରା ଖୋଲସା ହୁଏ ।

ମେହ (ଗନୋରିଆ)ରେ ବେଞ୍ଜୋହରମୋନସ ସନ୍ତୋଷଜନକ ଫଳ ଦେଖାଇ ଅଛି । ରୋଗର ପ୍ରଥମାବସ୍ଥାରେ ବେଞ୍ଜୋହରମୋନସ୍ ସଙ୍ଗେ ସଲଫାସେନ ଖାଇବାକୁ ଦିଆଯିବା ଉଚିତ । ପୁରାତନ ମେହରୋଗର (ଗନୋରିଆ) ଚିକିତ୍ସା ଅମ୍ଭମାନଙ୍କ ଗାଇଡ଼ରେ ବିଶେଷ ଭାବରେ ବର୍ଣ୍ଣିତ ହୋଇଅଛି ।

ଡ଼ି-ବି—ବହୁମୂତ୍ର ପାଇଁ ଡ଼ି:ବି: । ଖବରରୁ ଜଣାଯାଏ ଡ଼ି:ବି ର ଇଞ୍ଜେକ୍ସନ ଇନସୁଲିନ ପରି କାର୍ଯ୍ୟ କରେ । ତେଣୁ ଏହା ବାରମ୍ବାର ପ୍ରୟୋଗ କରିବା ଉଚିତ ନୁହେ । ଯଦି ହଜମରେ ଗଣ୍ଡଗୋଳ ଥାଏ ତେବେ ଡ଼ି.ବି ଏବଂ ସାହାଯ୍ୟକାରୀ ରୂପେ ଜି:ଏଇ: ହର୍ମୋନସ୍ ଖାଇବାକୁ ଦେବେ । ଡ଼ି:ବି: ଦ୍ୱାରା ସର୍କରା ଶୀଘ୍ର ଲୋପ ପାଏ ।

ଡାୟୁାସିନ—ଡାଇରିଆ ନାଳରକ୍ତ (Dysentery) ଏବଂ କଲେରାରେ ପ୍ରଯୁଜ୍ୟ । କଲେରାରେ ଚୂର୍ଣ୍ଣକ କିମ୍ବା ବଟିକା ରୂପେ ଖାଇବାକୁ ଦେଲେ ଯଥେଷ୍ଟ । ସାଙ୍ଘାତିକ ଅବସ୍ଥାରେ ଇଞ୍ଜେକ୍ସନ ଦିଆଯାଇପାରେ । ଡାଇରିଆରେ ସାଲଫୋସ ହଜମକାରକ ହିସାବରେ ଗୋଟିଏ ଭଲ ଔଷଧ । ନମ୍ବର ଔଷଧ ମଧ୍ୟରୁ ଡାଇୟୁାସିନ ଅମ୍ଭ ଔଷଧ ବାକ୍ସର ନମ୍ବର ଔଷଧ । ଏହି ବାକ୍ସ ମଫସଲ ଅଞ୍ଚଳରେ ଚିକିତ୍ସା କରିବାରେ ବିଶେଷ ସାହାଯ୍ୟ କରୁଅଛି । ସମ୍ପୂର୍ଣ୍ଣ ବିବରଣୀ ପାଇଁ ଉକ୍ତ ଚିକିତ୍ସା ପୁସ୍ତକ ଦେଖନ୍ତୁ ।

Digitized by srujanika@gmail.com

ଏର୍ କିଉ:— (ହର୍ମୋ କୁଇନାଇନ୍) ମେଲେରିଆ ପାଇଁ ପ୍ରଯୁଜ୍ୟ । ରୋଗର ସବୁ ଅବସ୍ଥାରେ ଏହା ଦିଆଯାଇପାରେ । ଆଇର୍ଓନାଇଜଡ୍ କୁଇନାଇନ ଖାଇବାକୁ ଦିଅ । ଯେତେବେଳେ ଏର୍: କିଉ: ଧୀରେ ଧୀରେ କାର୍ଯ୍ୟକରେ ସେତେ-ବେଳେ ଶରୀରର ଶକ୍ତି ବୃଦ୍ଧି କରିବାକୁ ଏର୍: କିଉ: ଏବଂ ଆଇର୍ୟୋନାଇଜଡ୍ କୁଇନାଇନକୁ ସାହାଯ୍ୟ କରିବା ନିମନ୍ତେ ସେପ୍‌ଟୋଜିମ ବ୍ୟବହାର କର । ପୁରାତନ ମେଲେରିଆରେ ଓପୋକୁଇନାଇନ ପ୍ରତି ୮ ଦିନରେ ଥରେ ଇଞ୍ଜେକ୍‌ସନ ରୂପେ ଏବଂ ମଧ୍ୟବର୍ତ୍ତୀ ସମୟରେ ଓପୋକୁଇନାଇନ ଖାଇବାକୁ ଦିଆଯାଇ ପାରେ । ଶରୀର ପୁଷ୍ଟି ପାଇଁ ଆଲବୋସାଙ୍ଗ ଦୈନିକ ଥରେ ଦେବେ । ଏହି ପାଞ୍ଚୋଟି ଔଷଧର କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟାନ୍ୟ ବ୍ୟୟସାପେକ୍ଷ୍ୟ ଓ ଜଟିଳ ଔଷଧମାନଙ୍କ ଅପେକ୍ଷା ଅଧିକ ମେଲେରିଆ ରୋଗୀ ଆରୋଗ୍ୟ କରି ପାରିବ ।

ହେମୋ-ପ୍ଲେକ୍‌ସ— ଏହା ସ୍ନାୟବିକ ଓ ପରିପାକ କ୍ରିୟା ସହିତ ସମ୍ପୃକ୍ତ । ଜଟିଳ ଦୂଷିତ ରକ୍ତରେ ଜୀବାଣୁ ନାଶକ, ବିଷ ନାଶକ ଏବଂ ପ୍ରତିଷେଧକ ରୂପେ ବ୍ୟବହାର କରାଯାଏ । ବାଥ, ଘା, ଟନସିଲପ୍ରଦାହ ପ୍ରଭୃତି ପଚନଶୀଳ ରୋଗରେ ଏହା ବ୍ୟବହାର କରାଯାଏ, ହେମୋପ୍ଲେକ୍ସ ମଧ୍ୟ ଏକଜିମାରେ ବ୍ୟବହାର କରାଯାଏ । ପ୍ରଚୁର ପଥ ଦେଖନ୍ତୁ ।

ଆଇୟୋବିନ — ଉପଦଂଶ (ସିଫିଲିସ) ଚର୍ମରୋଗ, ଗ୍ରନ୍ଥିରୋଗ, ଟନସିଲ ପ୍ରଦାହ, ଯକ୍ଷ୍ମାରୋଗ, ସର୍ବପ୍ରକାର ଧାତୁଗତରୋଗ ଏବଂ ଆୟୋବିନ ଦରକାର କରୁ-ଥିବା ରୋଗମାନଙ୍କରେ ଆକସିଅମର ସାହାଯ୍ୟକାରୀ ରୂପେ ବ୍ୟବହୃତ ହୁଏ । ଆଇୟୋବିନ ଧବଳ [ଠିଲାଛିଉ] ବଇଞ୍ଚି ଏବଂ ଅମ ବାତ ରୋଗରେ ଦରକାରୀ । ହଠାତ୍ ସର୍ଦ୍ଦି ହୋଇ ଯାଉ ଥିବା ଲୋକମାନଙ୍କର ଏହା ବିଶେଷ ଉପକାରୀ । ଏହା ରକ୍ତହୀନତା ଏବଂ ଶରୀରର ଓଜନ ହ୍ରାସରେ ମଧ୍ୟ ଦିଆଯାଏ ।

ନର୍ଭୋ-ପ୍ଲେକ୍‌ସ— ବିକୃତ ଭାବପ୍ରବଣତା ଏବଂ ମାନସିକ ଉତ୍ତେଜନାରୁ ଉତ୍ପନ୍ନ ସ୍ନାୟବିକ ଜଟିଳତା, ଯାହାକି ପାକାଶୟର ଗଣ୍ଡଗୋଳ ସହିତ ସଂପୃକ୍ତ ଏବଂ ବଦହଜମି ହେତୁ—ଶ୍ରେଷ୍ଠମଭାବେ ପ୍ରଯୁଜ୍ୟ । ସ୍ନାୟବିକ ଦୁର୍ବଳତା, ଅନିଦ୍ରା ଏବଂ ପାଗଳାମି ପ୍ରଭୃତିରେ ନର୍ଭୋପ୍ଲେକ୍‌ସ ଦରକାରୀ ।

ଓପୋ କୁଇନାଇନ— ପୁରାତନ ମ୍ୟାଲେରିଆ ରୋଗରେ ଏହା ପ୍ରଯୁଜ୍ୟ । ଏଥିରେ ଆଇର୍ଓନାଇଜଡ୍ କୁଇନାଇନ ଏବଂ ଏହିସବୁ ରୋଗରେ ବିଶେଷ ଭାବରେ ଆକ୍ରାନ୍ତ ହେଉଥିବା ଗ୍ରନ୍ଥିମାନଙ୍କର ରହାଲଗି ଅନ୍ୟ କେତେକ ଉପାଦାନ ଅଛି । ଶରୀର ପୁଷ୍ଟି ପାଇଁ ଦୈନିକ ଥରେ ଆଲବୋସାଙ୍ଗ ବ୍ୟବହାର କରିବା ଉଚିତ । ପ୍ଲିହା ଏବଂ ଯକୃତ ରୋଗରେ ଓପୋ-କୁଇନାଇନ ମଧ୍ୟ ଦିଆଯାଏ ।

Digitized by srujanika@gmail.com

ରଉମୋରନ—ନୂତନ ଓ ପୁରାତନ ଆମ୍ବବାତ, ଵାତବାତ, ଗଣ୍ଠିବାତ ଗୃଧ୍ରସି ବା ସାଇଟିକା ଏବଂ ସ୍ନାୟୁଶୂଳରେ ଏହା ପ୍ରଯୁଜ୍ୟ । ମୂତ୍ରବ୍ୟଥା ଏବଂ ଶରୀରର ଯେ କୌଣସି ବ୍ୟଥାରେ ଏହା ମଧ୍ୟ ଦରକାରୀ । ରଉମୋରନ ଗୋଟିଏ ଶକ୍ତିଶାଳୀ ବାତଘ୍ନ ଔଷଧ ଏବଂ ଏହା ପୃଥକ ପ୍ରଗ୍ରର ପତ୍ରରେ ବର୍ଣ୍ଣିତ ହୋଇଥିବା ସାଙ୍କେତିକ ଉପାଦାନର ସମଷ୍ଟି । ଇନ୍‌ଜେକସନ ନେବା ସମୟରେ ଔଷଧ ରଉମୋରନ ଚୂର୍ଣ୍ଣ ଖାଇବାକୁ ଦିଆ ଯାଇପାରେ ।

ସେଞ୍ଜିନ—ପୁରୁଷମାନଙ୍କର ଧ୍ବଜଭଙ୍ଗ, ଧାତୁଦୌର୍ବଲ୍ୟ, କୁଅଭ୍ୟାସର ଫଳ ଏବଂ ଅଜୀର୍ଣ୍ଣ ପାଇଁ ପ୍ରଯୁଜ୍ୟ । ସେଞ୍ଜିନ ପ୍ରଧାନତଃ ଶାରୀରିକ ଓ ମାନସିକ ଦୁର୍ବଳତାରେ ବ୍ୟବହୃତ ହୁଏ । ଧ୍ବଜଭଙ୍ଗରେ ପ୍ରତି ୪।୮ ଦିନରେ ଥରେ ଲେଖାଏ ଇଞ୍ଜେକସନ ଏବଂ ଦୈନିକ ତିନଥର କରି ୩୦ରୁ ୬୦ଗ୍ରେନ ପର୍ଯ୍ୟନ୍ତ ଚୂର୍ଣ୍ଣ ଔଷଧ ଅଧାପେଟରେ ଖାଇବାକୁ ଦେଲେ ଚମତ୍କାର ଫଳ ଦିଏ ।

ସେପ୍‌ଟୋଜର୍ମ—ଶରୀରର ପ୍ରତିରୋଧ ଶକ୍ତି ବଢ଼ାଇବା ପାଇଁ । ପଚନାବସ୍ଥା (ସେପ୍‌ଟିକ) ଅନ୍ତ୍ରରୋଗ, ଆମବାତ, ଲିଭର ଏକ୍‌ସ୍ତ୍ରାକ୍ଟ ଦରକାର କରୁଥିବା ରୋଗସବୁ ପାଇଁ ପ୍ରଯୁଜ୍ୟ । ସତେଜ ଯକୃତ୍ ଏବଂ ପ୍ଳିହାରସ ସେପ୍‌ଟୋଜର୍ମର ପ୍ରଧାନ ଉପାଦାନ । ଉଭୟେ ପାରା ଏବଂ ଶଙ୍ଖିଆ (ଆର୍ସେନିକ) ପରି ଅତି ଅଦ୍ଭୁତ ଭାବରେ କାର୍ଯ୍ୟ କରନ୍ତି । ଏବଂ ସେହି ହେତୁ ଏହା ଅସଂଖ୍ୟ ରୋଗରେ ଦିଆଯାଇପାରେ ଏବଂ ଡାକ୍ତରଙ୍କୁ ଅନେକ ଅଜ୍ଞ ଓ ଜଟିଳ ରୋଗରେ ସାହାଯ୍ୟ କରେ । ତେଣୁ ଏହା ବିଭିନ୍ନ ରୋଗରେ ସାହାଯ୍ୟ କରେ । ତେଣୁ ଏହା ବିଭିନ୍ନ ରୋଗରେ ଅନ୍ୟାନ୍ୟ ଔଷଧମାନଙ୍କ ସହିତ ଓଲଟପାଲଟ କରି ଦିଆ ଯାଇପାରେ । ସେପ୍‌ଟୋଜର୍ମ ବିଶେଷତଃ ରକ୍ତହୀନତାରେ ଦିଆଯାଏ । ଗୋଟିଏ ମାତ୍ର ଇଞ୍ଜେକ୍‌ସନରେ ରକ୍ତର ଛବି ବଦଳି ଯାଏ । ଯଥାର୍ଥ ଔଷଧ ପ୍ରୟୋଗ ପରେ ସୁଫଳ ନ ମିଳିବା, ହ୍ରାସ ଜୀବନୀଶକ୍ତିର ଅଭାବରେ ଏହା ମଧ୍ୟ ପ୍ରଯୁଜ୍ୟ ।

ସଲଫାସିନ—ବିଶେଷତଃ ପଚନ ଜ୍ଵର ଏବଂ ସଲଫୋନାମାଇଡ଼ ବ୍ୟବହୃତ ହେଉଥିବା ସମସ୍ତ ରୋଗରେ ଏହା ବ୍ୟବହୃତ ହୁଏ । ଏହା ଆଇଓଡିନ ଓ ଆର୍ସେନିକ ଗୁଣଯୁକ୍ତ ସଲଫୋନାମାଇଡ଼ ଅଟେ । ଏହା ଅନ୍ୟାନ୍ୟ ଔଷଧମାନଙ୍କର ଗୁଣବର୍ଦ୍ଧକ ଏବଂ ପଚନ ସଙ୍ଗେ ଜ୍ଵରାବସ୍ଥାରେ ଏହାର ବିଶେଷ ଉପକାର ପରିଲକ୍ଷିତ ହୁଏ । ସେପ୍‌ଟୋଜର୍ମ ବ୍ୟବହାର କରୁଥିବା ସମୟରେ ଆଇସୋବିନ ଖାଇବାକୁ ଦିଅଗଲେ ସଲଫାସିନର କ୍ରିୟାକୁ ସାହାଯ୍ୟ କରେ ।

ଜେ ଏଣ୍ଡ ଜେ ଡେଚନ
ରେସିଡେନ୍ସି ରୋଡ଼ ହାଇଦ୍ରାବାଦ
ଡେକାନ

Digitized by srujanika@gmail.com

ସୂଚୀ

ପଞ୍ଚମ ଭାଗ

ବର୍ଣ୍ଣାନୁକ୍ରମିକ

(* ଔଷଧର ନାମ ଗୁଡ଼ିକରେ ତାର୍କା ଚିହ୍ନ ଦିଆ ଯାଇଅଛି ।)

— ଅ —

ଅନୁପାନ ୨୩
ଅବ୍‌ସଲଠ୍* ୩୨
ଅଗରଭୋ* ୩୪
ଅଚଳ ଖାଦ୍ୟକୁ ଚଳାଇବା ୮୫
ଅଢ଼ାଙ୍କୁଳି ୯୦
ଅନ୍ତଭିତରେ ଘାଆର ଲକ୍ଷଣ ୯୩
ଅନ୍ତ୍ରକୂଳି ୯୫
ଅମ୍ଳପିତ୍ତ ୧୦୦
ଅର୍ଶ ୧୩୮
ଅଧିକ ଝାଳ ବୋହିବା ୧୦୨
ଅନିଦ୍ରା ୧୧୯
ଅଧାକପାଳୀ-ବିନ୍ଧା ୨୨୩

— ଆ —

ଆକ୍ଟିଅମ ୩୨
ଆଲକୋହଲର ଉପଯୋଗ ୩୫
ଆଭ୍ରଟିନମ୍* ୩୮
ଆଭ୍ୟନ୍ତରୀଣ ଚିକିତ୍ସା ୨୮
ଆଲ୍‌ବୋ-ସାଙ୍ଗ* ୩୪
ଆମିଗ୍ଲିଅ* ୩୭
ଆର୍ଜେଲ୍ ଦୁର୍ଗସ* ୩୭
ଆକ୍ମା କମ୍ପାଉଣ୍ଡ* ୩୮
ଆସ୍ପୋବନ୍* ୫୪

ଅଇଡୋଫର୍ମ* ୫୫
ଅଇଓନାଇଜଡ଼ ବୁଇନାଇନ୍* ୫୭
ଅଠ ନମ୍ବର ଔଷଧ* ୬୮
ଅଡସ୍ଥିକ ବ୍ୟାଧି ୯୦
ଅର୍ସେନ ବାହାର୍ସ* ୩୭
ଅଣ୍ଡଗ୍ରନ୍ଥି ବାତ, ସ୍ନାୟୁବାତ ଓ ମେରୁଦଣ୍ଡୀୟ ବାତ ୯୦
ଅପେଣ୍ଡିସାଇଟିସ୍ ୯୪
ଅମାଶୟ ବା ନାଳରକ୍ତ ଝାଡ଼ା ୯୪

— ଇ —

ଇଂଜେକ୍ସନ୍ ୩୦
" ତିଆର କରିବା ବିଧି ୩୦
ଇଉମୋନ୍* ୭୭
ଇନ୍‌ଫ୍ଲୁଏନ୍‌ଜା ୧୦୭

— ଉ —

ଉଆସ୍‌ପାଇନ୍* ୮୦
ଉଦର ଓ ଅନ୍ତ୍ରଗତ ରୋଗ ୯୨
ଉନ୍ମାଦ ୧୧୮
ଉପଦଂଶ ୧୨୯
ଉପସ୍ୱାର ୧୩୯

— ଏ —

ଏକ୍‌ଜିମା ୯୯

Digitized by srujanika@gmail.com

ଏ-ପି.❊ ୧୧୬
ଏ-ଏସ୍.❊ ୧୧୬

—ଓ—

ଓ-ଏସ୍-ଏସ୍.❊ ୬୩
ଓପୋଲୁଇନାଇନ❊ ୬୩

—ଔ—

ଔଷଧର ପତ୍ରବର୍ତ୍ତନ ୭୪
ଔଷଧର ଶକ୍ତି ୭୭
ଔଷଧ ମାତ୍ରା ୭୭
,, ସାଇତ ରଖିବା ୭୭
,, କପଡ଼ ବାନ୍ଧିବ ୮୮
ଔଷଧୀ ଦ୍ରବ୍ୟର ବଳ ୯୬

—କ—

କାମ୍ଫୁକଲ ବା ପୁନର୍ଜୀବନ ଲାଭ ୧୭
କୋଷ୍ଠକାଠିନ୍ୟ ୧୯
କଫଦୋଷ ୭୦
କ୍ରୋମାଇନ୍ ❊ ୪୪
କାଇନୋନେମୋଇନ ❊ ୫୬
କାମଳ ୯୬
କେଉଁ ରୋଗରେ କେଉଁ ଔଷଧ ୮୮
କୁମି ରୋଗ ୯୬
କାନ ରୋଗ ୯୭
କ୍ଷତ ଓ ଜଠାଘା ୧୦୦
କାଛୁ କୁଣ୍ଡିଆ ୧୦୧
କଷ୍ଟକର ଋତୁସ୍ରାବ ୧୩୪

—ଖ—

ଖାଦ୍ୟ ପଥ୍ୟପାକ ୯୮

—ଗ—

ଗରମି ରୋଗରେ ବଳ ୭୧
ଗ୍ରହଣୀ ୯୫
ଗାଣ୍ଡ୍ରୋ ❊ ୪୯
ଗ୍ରାହ୍ୟ ଶକ୍ତି ୮୫
ଗଣ୍ଡିବାତ ୯୬
ଗଳ୍ପିଗଲ ରୋଗ ୯୮
ଗଳାରୋଗ ୯୮
ଗଲଗଣ୍ଡ ୯୯
ଗର୍ଭାଶୟଗତ ରୋଗ ୧୩୫
ଗର୍ଭାଶୟରେ ଟିଉମର ୧୩୫

—ଘ—

ଘାନନଇନ୍ତ୍ରେଟି ❊ ୪୮

—ଚ—

ଚୁଲନମ୍ବର ଔଷଧ ୬୮
ଚେଷ୍ଟଅଏଲ ❊ ୪୩
ଚଇଅମ-କୋ ❊ ୪୩
ଚର୍ମରୋଗ ୯୯
ଛାତ ଓ ଫୁସ୍ ଫୁସ୍ ରୋଗ ୧୦୧

—ଜ—

ଜି-ଅଇ-ହରମୋନ୍ସ ବା
ଗେଷ୍ଟ୍ରୋମୋନ ❊ ୪୮
ଜି-ଏମ୍, ❊ ୪୯
ଇନ୍ଦ୍ରବ-କୋ ❊ ୮୦
ଜ୍ୱର ୧୦୪
ଜୀବନୀ ଶକ୍ତି ୧୪

—ଟ—

ଟୁରାଇ-କୋ❊ ୭୭
ଟେକ୍ସାଇନ୍ ❊ ୭୫
ଟେକ୍ସାଇନ୍ ଷ୍ଟ୍ରଂ❊ ୭୬
ଟି, ଏମ୍, ❊ ୭୬
ଟନ୍ସିଲ ବଢ଼ିବା ୯୮
ଟାଇଫଏଡ଼ ୧୦୬
ଟିଉମର ୧୩୫

Digitized by srujanika@gmail.com

— ଡ —

ଡେନ୍‌ଜାଇନ୍ ❊ ୪୪
ଡ, ବ, ❊ ୪୫
ଡାୟୁସିନ୍ ❊ ୪୬
ଡ, ଓ ଟି, ❊ ୪୭

— ତ —

ତୃତୀୟ ପ୍ରକାର ଭୋଜନ ୮୪
ତରଳ ଝାଡ଼ା ୯୩

— ଥ —

ଥଣ୍ଡା ଓ ଗରମ ଔଷଧମାନ ୬୮
ଥ୍ରମ୍ବୋଇସ୍ ୧୩୮

— ଦ —

ଦାନ୍ତମୂଳ ଫୁଲ ୧୨୨
ଦ୍ୱିତୀୟ ପ୍ରକାର ଭୋଜନ ୮୪
ଦାନ୍ତଉଠା ୧୧୫
ଦାନ୍ତପୀଡ଼ା ୧୨୨

— ନ —

ନଉମୋନିଆ ୧୦୬
ନଭୋଲ୍ ❊ ୬୧
ନଭୋ'ପେନ୍‌ସ ❊ ୬୧
ନମ୍ବରୀ ଔଷଧ ❊ ୬୭
ନଉମୋନିଆ ବା ସାନ୍ନିପାତିକ ଜ୍ୱର ୧୦୬
ନାସିକା ରୋଗ ୧୦୮
ନେତ୍ରରୋଗ ୧୦୮
ନପୁଂସକତା ଓ କାମଶକ୍ତିର ହ୍ରାସ ୧୧୧
ନାକ ଓ ଗଳାରୋଗ ୪୭

— ପ —

ପୁଷ୍ଟିକର ଖାଦ୍ୟ ୧୭
ପୁରୁଣା ମେଲେରିଆ ଜ୍ୱର ୭୨
ପୁଷ୍ଟିକାରକ ଓ
ରୋଗ ନିବାରକ ଔଷଧମାନ ୭୩
ପେପ୍‌ଟୋସିକ୍ ❊ ୬୪
ପ୍ରିସ୍କ୍ରୋଡ଼ ଅର୍ଥ ❊ ୬୬
ପ୍ରୋଷ୍ଟେଟ୍ କୋ ❊ ୬୭
ପାଞ୍ଚ ନମ୍ବର ଔଷଧ ❊ ୬୮
ପ୍ରସବ ୧୩୬
ପ୍ରଥମ ପ୍ରକାର ଭୋଜନ ୮୪
ପଥ୍ୟାପଥ୍ୟ ୮୫
ପିଣ୍ଡଶୂଳ ୧୨୬
ପେଟ ଦରଜ ୯୧
ପେଟଫମ୍ପା ୯୬
ପାକସ୍ଥଳୀରେ ଘା ୯୬
,, ଘା'ର ଲକ୍ଷଣ ୯୬
,, ଫୁଲ୍ଲ ୯୩
ପ୍ଲୁରେସି ୧୦୬
ପଦ୍ମଖସିବା ୧୩୯
ପକ୍ଷାଘାତ ୧୧୮
ପାଇଓରିଆ ୧୦୯
ପ୍ଲେଗ ୧୦୯
ପୀଡ଼ା ଓ ଶୂଳ ୧୧୦
ପୁରୁଷରୋଗ ୧୧୦
ପ୍ରଳାପ ୧୧୮
ପିତ୍ତଳା ୧୪୮
ପ୍ରଦର ୧୩୪

— ଫ —

ଫୋମେଣ୍ଟ ବା ସେକ ୭୯
ଫ୍ରକ୍‌ଟୋ କାଇମ୍ ❊ ୪୭
ଫେନୋକାଲ୍ ସାଇନ୍ ❊ ୬୫
ଫୁଲ୍ଲ ଓ ରକ୍ତ ଜମିବା ୧୩୮
ଫୁଲ୍ଲ କାମ୍ପା ବଥରେ ୪୭

— ବ —

ବାତଦୋଷ ୧୯
ବଟିକା ଔଷଧର ମିଶ୍ରଣ ୭୫

Digitized by srujanika@gmail.com

ବାମ୍ * ୩୯
ବେଞ୍ଜୋ-ହ୍ୱରମୋନ୍ୀ୍ ବା } ୩୯
ବେଞ୍ଜୋମୋନ୍ସ }
ବାଇଓସାଲ୍ * ୪୦
ବ୍ଲାଟା * ୪୧
ବ୍ରାହ୍ମ୍ ଡାଇନ * ୪୧
ବ୍ରାନେ-ଫ୍ଲେକ୍ସ * ୪୨
ବ୍ରୋଙ୍କାଇଟିସ ୧୦୨
ବସନ୍ତ ୧୦୫
ବାଳରୋଗ ୧୧୪
ବାନ୍ତି ୧୧୭
ବିଷାକ୍ତ ଜନ୍ତୁ ଦଂଶନ ୧୧୭
ବନ୍ଧ୍ୟା ଦୋଷ ୧୩୫
ବାତଜ୍ୱର ୧୩୮
ବ୍ରଣ ୧୩୯

— ଭ —

ଭାଇଟୋଜେଲ * ୭୯
ଭେଜିଟେବଲ୍ ସଲ୍ଟ୍ * ୭୮
ଭାଇଟାଲ୍ ଏସେନ୍ସ * ୭୮
ଭଟୋ ଫ୍ଡ୍ * ୭୯
ଭୋକ ନ ହେବା ୯୧
ଭଗନ୍ଦର ୧୧୭

— ମ —

ମିଶ୍ରଣ ୨୪
ମାଟିର ପଟି ୨୮
ମଲମ ୨୯
ମ୍ୟାଗ୍ନାଇନ * ୫୮
ମେଡ଼ିକେଟେଡ୍ କାଲସିଅମ୍ * ୫୯
ମେଡ଼ିକେଟେଡ୍ ଟୁଥ ପାଉଡର * ୫୯
ମେଥିଲ୍ଓଡ଼ * ୬୦
ମଳନିଃସ୍ରାସନ ୮୫
ମାନସିକ ଓ ସ୍ନାୟୁମଣ୍ଡଳର } ୮୬
ବିକାର ବା ବାତଦୋଷ }
ମନ୍ଦାଗ୍ନି ୯୨
ମଳବନ୍ଧ ୯୫
ମ୍ୟାଲେରିଆ ୧୦୪
ମିଳିମିଳା ୧୦୫
ମସ୍ତିଷ୍କ ଓ ସ୍ନାୟୁଗତ ରୋଗ ୧୧୭
ମୂର୍ଚ୍ଛା ୧୧୮
ମୁଣ୍ଡ ଘୂରିବା ୧୧୮
ମୃଗୀ ୧୧୯
ମଧୁମେହ ବା ବହୁମୂତ୍ର ୧୨୦
ମୁଖ, ଜିହ୍ୱା ଓ ଦନ୍ତରୋଗ ୧୨୧
ମୁଣ୍ଡ ବ୍ୟଥା ୧୨୨
ମେଦବୃଦ୍ଧି ୧୨୪
ମୁଣ୍ଡଚନ୍ଦା ୧୨୩
ମୂତ୍ରର ବାଲି ଇତ୍ୟାଦି ୫୮
ମୂତ୍ରକୋଷଗତ ରୋଗ ୧୨୫
ମୂତ୍ରଶୂଳ ୧୨୫
ମୂତ୍ରଦୋଷ ୧୨୬
ମେହ ୧୨୭

— ଯ —

ଯୋନିକ ଔଷଧ ତାଲିକା ୬
ଯାଦୁ ୧୦୧
ଯକୃତ୍ ଓ ପ୍ଳୀହାରୋଗ ୧୨୪

— ର —

ରକ୍ତର ଅଲ୍ପତା ବା
ଅଶୁଦ୍ଧି କଫଦୋଷ ୨୦
ରୋଗ ହାତରୁ ରକ୍ଷାପାଇବା ଉପାୟ ୧୧
ରୋଗକୁ ଦୂର କରିବା ଉପାୟ ୧୩
ରସକ୍ଲେଣ୍ଟ * ୬୭
ରହମୋଇନ୍ * ୬୮
ରପେଣ୍ଟୋ * ୬୯
ରକ୍ତବିକାର ବା ରକ୍ତ ଦୁଷ୍ଟି ୮୬
ରାଜଯକ୍ଷ୍ମା ୬୨

Digitized by srujanika@gmail.com

ରକ୍ତଜ ରୋଗ ୧୨୭
ରକ୍ତଗତ ରୋଗ ୧୩୦
ରକ୍ତସ୍ରାବ ୧୩୨
ରକ୍ତହୀନତା ୧୩୨

— ଲ —

ଲହଡ଼ା କାଶ ବା ହୁପିଂ କାଫ ୧୦୩

— ଶ —

ଶୁଖା ରୋଗ ୧୨୬
ଶଙ୍ଖଚକ୍ରାଗତ ରୋଗ ୧୩୨
ଶକ୍ତିକ୍ଷୀଣକାରୀ ରୋଗ ୧୩୨
ଶୋଥ ୧୩୨
ଶ୍ୱାସ ବା ଦମା ୧୩୩
ଶ୍ୱେତକୁଷ୍ଠ ୧୩୩

— ସ —

ସୂକ୍ଷ୍ମୀକୃତ ଔଷଧର ତୁରନ୍ତ ପ୍ରଭାବ ୮
ସ୍ୱାସ୍ଥ୍ୟରକ୍ଷାର ସାଧାରଣ ନିୟମ ୧୦
ସାଧାରଣ ସୂଚନା ୨୨
ସୁପ୍ ଓ ପଥ୍ୟାପଥ୍ୟ ୨୫
ସିଭାଟ୍ରିନ୍ ✱ ୪୪
ସାଲଫୋସ ✱ ୬୯
ସାଣ୍ଟୋନାଇନ୍-ଡୋ ✱ ୭୦
ସେଲ୍‌ଜିନ୍ ✱ ୩୨
ସେପ୍ଟୋଜର୍ମ ✱ ୭୨
ସ୍କିନ୍‌ପେଣ୍ଟ ✱ ୭୨
ଷ୍ଟୋଲ୍‌କସ ✱ ୭୨
ଷ୍ଟୋମାଗ ✱ ୭୩
ସଲଫାସେନ୍ ✱ ୭୩
ସୁବର୍ଣ୍ଣ ସଲଫାସ ✱ ୭୪
ସର୍ବାଙ୍ଗୀନ ବିଦୋଷନାଶକ ଚିକିତ୍ସା ୮୩
ସ୍ନାୟବିକ ବିକାର ବା ବାତଦୋଷ ୯୯
ସାତ୍ତ୍ୱିକ ଆହାର ବା ପୁଷ୍ଟି ୮୩
ସ୍ନାୟୁସମ୍ବନ୍ଧୀୟ ମନ୍ଦାଗ୍ନି ୯୨
ସୋରିଆସିସ ୧୦୨
ସ୍ୱପ୍ନଦୋଷ ୧୨୦
ସ୍ତ୍ରୀ ରୋଗ ୧୩୪

— ହ —

ହିଂଓଷ୍ଟ୍ର ✱ ୪୯
ହେମୋପେନ୍‌କସ ✱ ୫୦
ହର୍ବାଲ ବିଟର୍ସ ✱ ୫୨
ହମୋପିରିନ୍ ✱ ୫୩
ହଇଜା ବା ବିସୂଚିକା ୯୪
ହାଡ଼ଫୁଟି ୧୦୬
ହର୍ପିସ୍ ୧୧୯
ହୃଦରୋଗ ୧୩୬
ହିକ୍କା ୧୩୬

ପୁରାତନ ରୋଗକୁ ନୂତନ ଔଷଧ

କୋଷ ଲବଣ ୧୪୦
କେଲସିଓମାଇନ ✱ ୧୪୨
ମିଥିଓଡ୍ୟୁମ ଓ କାର୍ଡ୍ୟୁମ ✱ ୧୪୨
ଅବ୍ରୋଫସ ✱ ୧୪୩
ଅଗରଫସ ✱ ୧୪୩
ବ୍ରାଠାଫସ ✱ ୧୪୪
ସେରିବ୍ରିନ ✱ ୧୪୪
ସିରୋଫସ ✱ ୧୪୫

Digitized by srujanika@gmail.com

ଇଟେଞ୍ଜିକସନ୍ସ

ଅକଟିଅମ୍ ୧୪୭
ଆଉଗଟିନମ ୧୪୭
ଅଗର ଢୋ ୧୪୭
ବେଞ୍ଜୋ ହରମୋନସ୍ ୧୪୭
ଓ:ବ ୧୪୭
ଡାୟୁହିନ ୧୪୭
ଏଚ୍: ଜଭ. ୧୪୮
ହେଡମା ଟ୍ରେଭ୍‌ସ ୧୪୮
ଅଇସ୍ନୋବନ ୧୪୮
ନର୍ଭେଣ୍ଟ୍ରେଭସ୍ ୧୪୮
ଓପୋ-ହୁଙ୍ଗନାଇନ ୧୪୮
ଷଡ ମୋହନ ୧୪୯
ସେଞ୍ଜିନ ୧୪୯
ସେଟ୍ଫୋଜର୍ମ ୧୪୯
ସଲଫାସେନ ୧୪୯

ବିଜ୍ଞାପନ

ନିମ୍ନଲିଖିତ ଠିକଣାରେ ପତ୍ରଦ୍ୱାରା ନାମ ରେଜିଷ୍ଟ୍ରି କରାଇଲେ ଅମ୍ଭେମାନେ ଅମ୍ଭମାନଙ୍କର ଚକିତ୍ସା ବିଷୟକ ପୁସ୍ତକ ଓ ବୁଲେଟିନ ଇତ୍ୟାଦି ନିୟମିତ ଭାବରେ ପଠାଇଥାଉ । ପତ୍ର ଲେଖିଲେ ସମସ୍ତ ନୂଆ ନୂଆ ସମ୍ବାଦମାନ ମଧ୍ୟ ଜଣାଇ ଥାଉଁ ।

ଜେ, ଏଣ୍ଡ ଜେ ଓଟେନ
ରେସିଡେନ୍ସି ରୋଡ୍
ହାଇଦ୍ରାବାଦ—ଦାକ୍ଷିଣାତ୍ୟ
ଭାରତବର୍ଷ

Digitized by srujanika@gmail.com

ପ୍ରତ୍ୟେକ ଔଷଧ କି କି ମିଶ୍ରଣରେ ହୋଇଅଛି ତାହାର ତାଲିକା

ଅବ୍‌ସଲ୍ଟ (**Absalt**)—Arsen Bitters, Vegetable Salt and Septogerm.

ଅକ୍‌ଟିଅମ (**Actiam**):—(Composition) Arsenic, Antimony Anacardium, Hydrargyrum, Perchloridum, Iodum, fresh liver, spleen and fresh plants, Argemone, Ficus, Calatropis, Ashwagandha, Myrabolam, Methi, seeds and Magnesium carbonate.

ଅଗର୍‌-କୋ (**Agar-Co**)—Contains Agaricus, Cicuta, Aethusa, Lutmul and Lactose.

ଆଲ୍‌ବୋ-ସାଙ୍ଗ (**Albo-sang**)— (Composition) —fresh blood, fresh eggs, fresh bile, fresh fruit and fresh vegetables including tomato, green chillies, kotmir etc., fresh liver, spleen, testes and brain, to re-inforce the constructive value. This groop is then absorbed into a second group consisting of Calcium, Potassium, Magnesium, Sodium Iron and Silica, in appropriate proportions, all prepared in iodized acids—phosphoric, formic, lactic and glycerine with magnesium carbonate and specially prepared asvagandha, all then atomized into sucrose, ALBO-SANG contains vitamins A-B-C-D, vegetable and animal substances, Cell salts and vegetable hormones.

ଅମିଗ୍ଲିଅ (*Amyglia*)—Contains Amyl Nitras Glonoinum, Lilium and Lactose,

Digitized by srujanika@gmail.com

ଅର୍ଗେଲ୍ ହ୍ୟୋସ୍ (*Argelhyos*)—Contains Baptisia, Rhus, Arnica, Gelsemium, Hyoscyamus, Turai and prepared Cell Salts, Arsenic and Hydrargyrum.

ଅର୍ସେନ ବିଟାର୍ସ (*Arsen Bitters*) —Composition:— Arsenic, Nux Vomica, Capsicum, Cloves, Gell, triple calcium. carbo animalis, Hydrofluoric, Sulphuric, Nitric acids, Ignatia, antimony, Lutmul and phosphorus.

ଅଜମା କମ୍ପାଉଣ୍ଡ (*Asthama Compound*) —Contains Blatta, Benzomones, Vital-Essence, Iobine, Remedy No.5

ଅରୁଟିନମ (*Auratinum.*)— Composition — Reduced gold, sodium, pulsatilla, cicuta, thuja and Fructozyme.

ବାମ (*Balm*).—Contains—Belladona, Salicylic Acid, Chest Oil, and Ripanto.

ବେଞ୍ଜୋ ହରମୋନସ୍ ବା ବେଞ୍ଜୋମୋନସ୍— (*Benzo-hormones or Benzo-mones*) Composition—fresh Myaka, Mingulu, Ficus, Magnifera, Argemone, Curcuma, Alumina, Trigonella, Withania, Terminalia Cherbula, Benzoic Acid and Potassium compound.

ବ୍ଲାଟା (*Blatta*)— Composition — Blatta with a small proportion of medicated Calcium and Extracts of herbs.

ବ୍ରାହ୍ମଡ଼ାଇନ (*Brahamdine*)— Composition.—Reduced Stannum, calcined aerial minerals with chromate of Potassium ground in Brahamadandi, Pulsatilla and Hydrastis.

ବ୍ରାନୋ ପ୍ଲେକ୍ସ (**Brano-plex**)— Composition—concentrated atomized and activated bran and husks (Vitamin B Complex with A. C. D. from activating and reinforcing agents), enzymes, fresh carica papaya, spleen, bile, corotenes, cellsalts.

ଚେଷ୍ଟ ଅଏଲ୍ (*Chest Oil*)— Contains Iodine, Croton, Cinnamon, Turpentine, Menohol and Camphor with bland oil

Digitized by srujanika@gmail.com

ଚିନିଅମ-କୋ (*Chinium-Co*) — Composition:— Quinine, Potass Bichromate, Sodium, Ipecac, Rheum, triple calcium, Cinchona, Belladona, Surong and Nai.

କ୍ରୋମାଇନ୍ (*Chromine*)—Composition:—Silver, Gold, Pot. Bich, Soda Sulphas, Mineral Oil with Mezereum.

ସିକାଟ୍ରିନ୍(*Cicatryn*)-Composition:—Hydrargyrum, Copper, Salts, gum resins, silk dust, borax, all atomized with starch.

ଡେଙ୍ଗାଇନ୍ (*Dangine*)- Composition:-Cuprum, Alumen, Conium, Amyglia and Blatta.

ଡି. ବି. (*D..B*)—Composition:—Reduced Gold, Uranium with Iodized Guaiacum, O. S. S., Herbal extracts, Septo-Germ, and Fructo-Zyme.

ଡାୟାସିନ୍ (*Diasyn*) —Composition:—Antimony, Arsenic Tin Oxide, Quinine, Barium carb, Helleborus, Cinnamon Egg shell burnt, Copper Acetate, Charcoal, Calcium Surong [indigenous], Ajwan, Curcuma, Nux vomica, Anacardium, Belladona, Garlic, Creosotum, Iodine sucrose and Kaolin.

ଡି-ଓ-୨ D.O.2 Contains —Josminium, Anona, Calendula atomized into an emulsion.

ଫ୍ରକ୍ଟୋଜାଇମ [*Fructo-Zyme*]-Composition: – Fresh orchic substances, Cerebrum, Ovum, Milk, Greens, Cell Salts, O. S. S. and Vital Essence.

ଘାନ୍ନି ନାଇଟ୍ରେଟ [*Ghanne Nitrate*] – Composition:—Ghanne with Nitric Acid.

ଜି-ଆଇ-ହରମୋନସ୍ ବା ଗେଷ୍ଟ୍ରୋମୋନସ୍ (*G.I. Hormones or Gastromones*) Composition:— Sodium and Magnesium carbonates, fresh bile, Juice of green papaya, uranium N, Fresh liver, spleen, whole blood, milk, fruit, greens (natural vitamins). vegetable acids, Calcium, Iron, tissue salts, Iodine, Arsenic, Hydrg. Perchlor and methiseeds.

Digitized by srujanika@gmail.com

ଗ୍ରାଣ୍ଡିକୋ—(*Grandi-Co*)—Composition :— Cactus, Digitalis, Convallaria, Aconite and Dextrose.

ହିଲିଂ ଡଷ୍ଟ—(*Healing Dust*)—Composition:— Prepared Sodium, Iodoform, Silk dust, Alum and Turmeric.

ହେମୋ-ପ୍ଲେକ୍ସ—(*Hemoplex*)— Composition— Calatropis, Argemone, Datura, Coriandrum, Sulphonamide, Arsenic, Hydrargyrum, Antimonium, Iodum, Sodium, Magnesium and Potassium.

ହର୍ବାଲ୍-ବିଟର୍ସ—(*Herbal Bitiers*)—Composition:—Taxine, Vital Essence, Chireta and Senna.

ହର୍ମୋପିରିନ୍— (*Hormopirin*)—Composition;—Antimony, Iodine, Aspirin, Fresh liver, Spleen, Myaka, Akdda, Tulsi and Gaunsurong and natural vitamins.

ଆଇଓବାଇନ—(*Iobine*)—Composition—Iodised minerals, Calcium, Salts, Arsenicum, Antimonium, Aurum with Cuprum and natural vitamins.

ଆଇଓନାଇଜଡ୍ କୁଇନାଇନ—(*Ionized Quinine*)—Composition:—Quinine, Arsenic, Antimony, Alum, Hydrargyrum perchloridum, Methylene, Blue fresh Neem, Calatropis, Occimum, Coculus, Chiretta, Iodized and Phosphorated Calcium, Iron and other Cell Salts.

ମ୍ୟାଗନାଇନ୍—(*Magnine*) —Composition:—Asafoetida, Charcoal, Garlic, Potassium, Bichromate, Extract of Belladona, Magnesium carbonate, Alumina Silicas and Bile.

ମେଡିକେଟେଡ୍ କାଲ୍‌ସିଅମ୍— (*Medicated Calcium*)—Composition —Aurum, Argentum, Triple Calcium, Guaiacium, Iodum and Creosote.

ମେଥିଲିଓଡ୍— (**Methiliod**)—Composition:— Methylene Blue, Alumen, Iodum and EX, Ghanne.

ନର୍ଭୋପ୍ଲେକ୍ସ—(**Nervo-plex**).—Composition:—Eclipta. Caesalpinia, Datura, Phenobarbitonum, Nux Moschata,

Digitized by srujanika@gmail.com

fresh Brain and Orchic substance, Phosphates of Calcium, Sodium, Magnesium, Potassium, Gold and Uranium.

ଓପୋକୁଇନାଇନ୍— **(Opo-Quinine)**—Composition — Ionized Quinine, Cell Salts, Natural vitamins, fresh liver, spleen, eggs Bile etc.

ଓ. ଏସ୍. ଏସ୍ —(O. S. S.)—Composition:—Occimum-Abrus Opium-phosphorus, Lictose, Vital Essence and Fructo-zyme.

ପେପଟୋସିଡ୍ —(**Peptocid**)—Composition – Pepsin, fresh liver, Spleen, Blood, Eggs, Milk, Bile, Greens, Mistletoe, Ashwagandh, Formic, Phosphoric and Lactic Acids.

ଫେନୋକାଲସାଇନ୍— **(Phenocalcine)**.—Composition—Phenacetin, Caffeine, Quinine, Phosphate and Formate of Cell Salts, Ignatia of Ionzoed Quinine, Magnesium, Sucrose, Aconite, Gelsemium, Surong and Methylene.

ପ୍ରୋଷ୍ଟେଟ-କୋ—(**Prostate-co**) – Composition—Glandular substances with Asvagandha.

ରାସଜେଣ୍ଟ— **(Rasgent)** - Composition:— Extract of Cuscuta, Hydrarg Perchlor, Argentum Nitricum & Sucrose.

ନମ୍ବର ଔଷଧ ନଂ ୪—**(Remedy No. 4.)** – Composition—Arsenic, Hydrgo,Perchlor, Hyosciamus,Bryonia,Ignatia, Pipli, Cloves, Curcum, Turai, Calcium, Tissue Salts, Acid Phosphoric and Lactic, Phenocalcine, Vital Essence and Kaiphal.

ନମ୍ବର ଔଷଧ ୫ (**Remedy No.5.**)—Composition—Guaiacium, Tin and Zinc, Calcium, Cell Salts, Iodum, Creosote, Anacardium, Hyosciamus, Ashwagandha, Adhatoda Vasika.

Digitized by srujanika@gmail.com

ନମ୍ବର ଔଷଧ ନଂ ୮ (**Remedy No. 8.**)—Composition:— Copper Sulphate, Hydrargyrum, fresh blood and Bile, Magnesium Carbonate, Cell salts, Sulphur, Curcuma, Methylene, Alum, Iodum, Sucrose and Kaolin—Red.

For Remedy No 1-2-3-6-and 7 consult the medicines. No. 1 Sal-Phos, No. 2 Ionized-Quinine, No. 3 Diasyn, No. 6 Phenocalcine, No. 7 Vital Essence.

ରିଉମୋରିନ— (**Rheumorin**)—Composition —Hormopirin, Phenocalcine, Iobine & Septo-Germ,

ସାଲ୍‌ଫୋସ—(**Sal Phos**)—Composition:— Calcium, Potassium, Sodium, Iron, Silicia, Phosphoric, Lactic, Formic, Muratic acids and indigenous herbs.

ସାଣ୍ଟୋନାଇନ-କୋ— (**Santonine-Co**)—Composition:— Santonine Bryonia Chammomile and Kutki.

ସେନଜିନ— (**Senzine**)—Composition.—Aswagandha Occimum, Abrus, Opium, Indigenous herbal extracts, Yeast,Iodized,acidulated Calcium,Iron,Potassium, Sodium, Vitamins, Damiana and Organo-therapeutic substances.

ସେପ୍ଟୋଜର୍ମ—(**Septo Germ**)—composition:— Fresh Liver and Spleen, fruit & greens; Quinine, Arsenic, Barium,Carbo Vegetabilis,Sulphur,fresh Bile Magnesium and Alumina Silicate.

ସ୍କିନମେଣ୍ଟ—(**Skinment**)—Composition:— Chrysarobin, Benzoic acid, Salicylic acid, Surong Ichthyol and indigenous herbal extracts.

ସ୍ପୋଲକ୍ସ (**Spolax**)— Composition :— Spogel seeds, Senna, Bile, Magnesium, indigenous herbs. Phenolpohthalein, Aswagandha, Phosphoric, Lactic, Formic acids, Cell salts and Potass Bromide.

ସ୍ପୋମାଗ୍—(**Spo-Mag**)—Composition:— Magnine and powdered mucilaginous seeds.

Digitized by srujanika@gmail.com

ସଲ୍‌ଫାସେନ—(**Sulfasen**)—Composition:— **Sulphonamide**, Iodum, Arsenic, Hydrargyrum, Antimonium, Sodium Magnesium, and Potassium.

ସୁରଙ୍ଗ ସଲ୍‌ଫାସ (**Surong Sulphas**)— Contains :—Surong and Sulphur.

ଟେକ୍ସାଇନ୍ (**Taxine**)—Composition – Cascara Sagrada, Senna, Phenolphthalein, Kaladana, Chiretta and indigenous herbs

ଟୁରଇ-କୋ (**Turai-Co**)--Composition: – Turai, Benzoin, Turpentine, Cantharidis.

ଉମୋନ (**Umone**)---Composition:—Hormones,Ascplepiadea, Ericaeae, Leguminosae, Salicylic Acid, Boric Acid, Alumina, Curcuma, Uranium.

ଭେଜିଟେବ୍‌ଲ୍ ସଲ୍ଟ୍ (**Vegetable salt**) — Composition: – Nuxvomica; Anacardium, Nux Moschatta, Carbo Vegetablis, Potass Carb, Triple Calcium, Podophyllum, Aloes, Ammonia, Magnesia, Benzoin, Bismuth, Milk of Papai, Capsicum, Tulsi and Mint.

କାଇନୋଟୋ ମଇନ୍ (**Kynotomine**)— Contains Kynodine & Vegetomine.

ଭାଇଟାଲ୍ ଏସେନ୍ସ (**Vital Essence**)— Composition :— Bromide, Ferri Phosphas, Aconite, Belladona, Gelsimium, Ignatia, Anacardium, Lactose, Magnesium Carbonate.

ୱାସ୍‌ପାଇନ (**Waspin**)—Contains wasp and scorpion poison.

ବାଇଓସଲ୍ (**Biosal**)— Contains— Phosphate of calcium, Sodium and Potassium, oil Anethi, Spirit Rectified, Syrup Simplex, Aqua Distilled.

Printed by N. Mahapatra at the Dagaro Press, Cuttack-1952

Digitized by srujanika@gmail.com